ମନୁଆ

ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର

Digitized by srujanika@gmail.com

ମନୁଆ

ଆତ୍ମ ଜୀବନୀ

ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର

Digitized by srujanika@gmail.com

- ସୂଚୀପତ୍ର -

କ୍ର.ନ.	ବିଷୟବସ୍ତୁ	ପୃଷ୍ଠା
୧.	ସ୍ମୃତିରଗହଳି	୧
୨.	ପିଲାଦିନ ପାଠ	୨୯
୩.	ୟୁନିର୍ଭାସିଟି ପାଠ	୪୩
୪.	ମୋର ପିତା ମାତା	୫୧
୫.	ଅନୁଦ୍‌ବିଗ୍ନମନାଃ	୫୮
୬.	ଜୀବିକା	୭୯
୭.	ଚାକିରୀର ବକ୍ର ଗତି	୮୪
୮.	ଓମ୍	୯୦
୯.	ଉଚ୍ଚାକାଂକ୍ଷା	୯୬
୧୦.	ପିଲାଦିନ ମଉଜ	୯୭
୧୧.	ମୋନା-ବିନୁଙ୍କ ଘର	୧୦୧
୧୨.	ପୁଲିସ୍ ସାହେବ ଶ୍ରୀ ଶ୍ରୀକୃଷ୍ଣ ମହାପାତ୍ର	୧୧୧
୧୩.	ବେସ୍	୧୧୪
୧୪.	ବିବାହ ଓ ସଂସାର ଯାତ୍ରା	୧୨୦
୧୫.	ଆମଜାଦ୍-ଦା'	୧୩୫
୧୬.	ପରିଚୟର ପରିସର	୧୪୭
୧୭.	ଅନୁବାଦର ଆନନ୍ଦ	୧୫୨
୧୮.	ପିଲାଦିନ ସ୍ମୃତି - ବ୍ରାହ୍ମ ସମାଜ	୧୬୩
୧୯.	ବାର୍ଦ୍ଧକ୍ୟରେ ଲୋଡ଼ା - ସେବାଯତ୍ନ	୧୬୮
୨୦.	ପଡ଼ିଶା	୧୭୧

Digitized by srujanika@gmail.com

ମନୁଆ

ଲେଖକ : ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର

ଅକ୍ଷରସଜ୍ଜା : ହୃଷିକେଶ ତ୍ରିପାଠୀ

ମୁଦ୍ରଣ : ଶିବା କମ୍ପ୍ୟୁଟର
ଶହୀଦନଗର, ଭୁବନେଶ୍ୱର-୭

ସଂସ୍କରଣ : ୧ମ ସଂସ୍କରଣ - ୨୦୦୯ (ନଭେମ୍ବର)

MANUA

Author : Jyotirindramohan Joardar

DTP Hrusikesh Tripathy

Printed at Siva Computer
Sahid Nagar, Bhubaneswar-7

1st Edition November - 2009

Digitized by srujanika@gmail.com

ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର

Digitized by srujanika@gmail.com

(୧)

ସ୍ମୃତିର ଗହଳି

ମୋ ଜାଣିବାରେ ମୁଁ ମୋର ପ୍ରଥମ ମିଛ କହିଥିଲି ଚାରି କି ପାଞ୍ଚ ବର୍ଷ ହୋଇଥିଲା ବେଳେ । କଲିକତାରେ କ'ଉ ଗଳିକନ୍ଦି ଭିତରେ ଆମର ଛୋଟିଆ ଦୁଇ ମହଲା ବସା ଘର । ବାପା ବୋଧହୁଏ ସେତେବେଳକୁ *Brahmo Boys' School* ରେ ଆସିଷ୍ଟାଣ୍ଟ ହେଡମାଷ୍ଟର । ମୁଁ କାହିଁକି ବଜାର ଆଡ଼େ ଯାଇଥିଲି ଏକୁଟିଆ । ଘରର ଏକମାତ୍ର ସନ୍ତାନ (ଶରଧାରେ ଖୋକନ୍ ବୋଲି ଡକା ହେଉଥିଲା) ହିସାବରେ ଏଇଟା ବୋଧହୁଏ ବିଶ୍ୱାସ ହେବା ଟିକିଏ କଷ୍ଟ - ପୁଣି ବ୍ରାହ୍ମ ଘରର । କିନ୍ତୁ ମୁଁ ବୋଧହୁଏ ଏମିତି କେବେ କେବେ ଯାଉଥିଲି । ଅତି ପିଲା ବୟସର ସ୍ମୃତି, ସ୍ୱପ୍ନ ବି ହୋଇପାରେ । ମନେପଡ଼େ ଥରେ ଏମିତି ଯାଇ, ଦୋକାନରୁ 'ପାନ୍ତୁଆ' ଧରି ଘରକୁ ଫେରୁଥିଲି (ତା ହେଲେ ହୁଏତ ସାଙ୍ଗରେ ଆଉ କିଏ ଥିବେ, ମନେପଡୁ ନାହିଁ) । ଗୋଟିଏ ଚିଲ ଝାମ୍ପିପଡ଼ି ସେ ପାନ୍ତୁଆଟାର ଅଧେ ତା' ନଖରେ ଛିଣ୍ଡାଇ ନେଇଗଲା । ସେ ଯା ହେଉ ଏଥର ଅବଶ୍ୟ ମୁଁ ଏକୁଟିଆ ଯାଉଥିଲି । ରାସ୍ତାରେ ଗୋଟିଏ ଲମ୍ବା ଚଉଡ଼ା ଚେହେରାର ଗେରୁଆ-ପିନ୍ଧା, ପ୍ରକାଣ୍ଡ ଏକ ଚୁମୁଟାଧାରୀ ବାବାଜୀ କୁଆଡୁ ଆସି ବଙ୍ଗଳାରେ ପଚାରିଲେ, 'ତୋମାର ଦୁଷ୍ଟ ବୁଦ୍ଧି ଆଛେ ?' ମୁଁ ଭୟଭୀତ ହୋଇ କହିଲି, 'ନା' । ବେଶ୍ ଜାଣି ପାରିଲି ମୁଁ ମିଛ କହିଲି ।

ଅବଶ୍ୟ ସେତେବେଳକୁ ଚାରି କି ପାଞ୍ଚ ବର୍ଷ ବୟସରେ (ମୋ ଜନ୍ମ ୧୪ ଜୁନ, ୧୯୧୪) ସତ-ମିଛ ବୋଲି ଦିଓଟି ଶବ୍ଦ ଜାଣିଥିଲି କି ନାହିଁ ଏଥିରେ ବର୍ତ୍ତମାନ ମୋର ନିଜର ସନ୍ଦେହ ହେଉଛି, କିନ୍ତୁ ସତ-ମିଛର ଧାରଣାଟା କେମିତି ହୋଇ ଯାଇଥିଲା । ଘରେ ମୋତେ ସେ ସମୟରେ ବା ଆଉ କେଉଁ ସମୟରେ କେବେହେଲେ ସତ-ମିଛ ସମ୍ବନ୍ଧରେ କିଛି କୁହା ହୋଇନାହିଁ, ଅନ୍ତତଃ ମୋର ତ ମନେ ନାହିଁ, କିନ୍ତୁ ମୁଁ ସତହିଁ କହୁଥିଲି, କାରଣ ବୋଧହୁଏ ଆଉ କିଛି ନୁହେଁ ସତ କହିବାଟାହିଁ ମଣିଷ ପାଇଁ ସ୍ୱାଭାବିକ । ଖେଳ ବେଳେ 'ଏଇ, ତୁ ମିଛ କହୁଛୁ !' ଇତ୍ୟାଦି ଭଳି ତର୍ଜନ କେତେଥର ଶୁଣିବା ପରେ ହିଁ ଯାଇ ବୋଧହୁଏ ମୁଣ୍ଡକୁ ଆସେ ଯେ ମିଛ ବି କହି ହେବ । ଏବଂ ସେଭଳି ତର୍ଜନ ମଣିଷକୁ ପିଲାଦିନେହିଁ ଶୁଣିବାକୁ

Digitized by srujanika@gmail.com

ମିଳେ । ପିଲାଦିନେ ମୁଣ୍ଡକୁ କିଛି ଆସିଗଲେ ସେଇଟା ସହଜରେ ଅଭ୍ୟାସରେ ପରିଣତ ହୁଏ । ମୋର ଅବଶ୍ୟ ଖେଳିବା ପାଇଁ ସାଙ୍ଗ କେହି ନ ଥିଲେ । ଭୟ ବା ନିତାନ୍ତ ପ୍ରୟୋଜନରେ ମିଛ କହିବା ଏକ, କେବଳ ମିଛ କହିବା ପାଇଁ ମିଛ କହିବା ଆଉ ଏକ । ଏ ଦ୍ୱିତୀୟ ପ୍ରକାରଟା ବୋଧହୁଏ ସେଇ ତର୍ଜନରୁ ଜନ୍ମିଥାଏ ଯାହା ମୋତେ କେବେ ହେଲେ ଶୁଣିବାକୁ ପଡ଼ିନାହିଁ । ନିତାନ୍ତ ପ୍ରୟୋଜନର ଗୋଟିଏ ଉଦାହରଣ :ସ୍ୱନାମଧନ୍ୟ ଇଂରାଜ ଦାର୍ଶନିକ, ଗାଣିତିକ ଓ ସମାଜତତ୍ତ୍ୱବିଦ୍ ବାର୍ଟ୍ରାଣ୍ଡ ରାସେଲ (**Bertrand Russell, 1872-1970**), ଯେ କି ୧୯୫୦ ସାଲରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ, ଦିନେ ବସିଛନ୍ତି, ଜଣେ ହନ୍ତସନ୍ତ ହୋଇ ଆସି ପଚାରିଲା, ଗୋଟିଏ କୋକିଶିଆଳ ଏଇ ବାଟେ ପଳାଇବାର ଦେଖିଛନ୍ତି କି ? ସେ ସମୟରେ ବିଲାତର ଲର୍ଡବଂଶ ପୁରୁଷମାନଙ୍କର ଫକ୍ସ-ହାଣ୍ଟିଂ ଗୋଟାଏ ପ୍ରିୟ 'ସ୍ପୋର୍ଟ' ଥିଲା । ପଲେ କୁକୁର ଧରି ଘୋଡ଼ାରେ ଚଢ଼ି ସେମାନେ ଏଥିରେ ବାହାରି ପଡୁଥିଲେ । ଲର୍ଡ ରାସେଲ୍ ନିଜେ ଲର୍ଡ ବଂଶର ଲୋକ ହୋଇ କିନ୍ତୁ ଏହାକୁ ଘୃଣା କରୁଥିଲେ । କୋକିଶିଆଳଟି ଯେଉଁ ଦିଗରେ ପଳାଇଥିବା ସେ ଦେଖିଥିଲେ ତା'ର ଠିକ୍ ଓଲଟା ଦିଗକୁ ଦେଖାଇ ଦେଲେ, ଲୋକଟି ସେହି ଆଡ଼େ ଦୌଡ଼ିଲା । ତାଙ୍କ ସ୍ମୃତିଚାରଣ ପୁସ୍ତକରେ ସେ ଲେଖିଛନ୍ତି ଏ ମିଥ୍ୟା କହିଥିବା ଯୋଗେ ସେ ତିଳେମାତ୍ର ଅନୁତପ୍ତ ନୁହନ୍ତି ।

ବାବାଜୀ ଭେଟ ବେଳକୁ ମୋର ଅକ୍ଷର ପରିଚୟ ହୋଇ ନଥାଏ । ତେଣୁ ଗଳ୍ପବହି ପଢ଼ି ନଥାଏ - ଯେଉଁଥିରେ ଅସୁର ରାକ୍ଷସ ଆଦିର ଗଳ୍ପ ଥାଏ । ପୁଣି ନିତାନ୍ତ ଏକୁଟିଆ ଥିଲି, ଭୂତ ପ୍ରେତ ଆଦି ଗଳ୍ପ କହିବା ଲୋକ କେହି ନଥିଲେ । ମା ମୋର ତ ସେ ଭଳିଆ ଗଳ୍ପ କହିବେ ନାହିଁ- ବ୍ରାହ୍ମ ଘର । ତେଣୁ ସେ ପ୍ରକାର ଭୟ ନଥିଲା ସିନା, କିନ୍ତୁ ଅନ୍ଧାରକୁ ଗୋଟାଏ ସ୍ୱାଭାବିକ ଭୟ ଥାଏ । ସନ୍ଧ୍ୟାବେଳେ ବାପା ଘରେ ନଥାନ୍ତି । ରାତି ହୋଇଯିବା ପରେ ବୋଧହୁଏ ଆଠଟା ସରିକି ମା ମୋତେ ଖାଇବାର ଦେଇସାରି କହି ଦେଉଥିଲେ ଦୋମହଲାକୁ ଯାଇ ଶୋଇ ପଡ଼ିବାକୁ । ସେ ପୁଣି ଏମିତିଆ ମା ନଥିଲେ ଯା'ଙ୍କ ପାଖରେ ଅଳି କରିହେବ । ସେମିତି ଗୋଟିଏ ମୋତେ ଅତି ଗେହ୍ଲା କରିବାର ବି ମୋର ମନେ ପଡ଼େ ନାହିଁ । ତାଙ୍କ କଥା ମାନି ମୁଁ ଗୋଟି ଗୋଟି ସିଡ଼ି ଉଠି ଡରି ଡରି ଅନ୍ଧାରରେ ମୋ ବିଛଣାରେ ଯାଇ ଶୋଇ

Digitized by srujanika@gmail.com

ପଡୁଥିଲି । ଘରେ ଗୋଟିଏ ମାତ୍ର ଲଣ୍ଠଣ, ସେ ରୋଷେଇ ଘରେ ମା'ଙ୍କ ପାଖରେ ରହିଥାଏ ।

ଏଇଠି କହିରଖେ ଯେ ମୋ ଆଗରୁ ନା ମୋ ପରେ କେହି ହେଲେ ଭାଇ କି ଭଉଣୀ ଜନ୍ମ ହେଇ ନାହାନ୍ତି । ମୁଁ ବରାବର ବାପା-ମାଙ୍କର ଏକମାତ୍ର ସନ୍ତାନ ।

ଆମର ଏ ବସାଘର ଦୋମହଲା ହେଲେ ବି ସବା ଉପର ଛାତ ଉପରକୁ ଯିବାକୁ ବାଟ ନଥାଏ । ଅଗଣା ମଧ ଅତି ସାନ, ଦୋମହଲା କାନ୍ଥ ଦେହରେ ଦୃଷ୍ଟି ଅଟକି ଯାଏ । ବାପା କେମିତି ଟିକିଏ କବି ପ୍ରକୃତିର ହୋଇଥାନ୍ତି (ଏ ବିଚାର ଅବଶ୍ୟ ମୋର ବହୁ ପରର), ଦିନେ ଘରବାଲା ବୃଦ୍ଧ ଲୋକଟିକୁ ('ବୁଡ଼ୋ') ସେ କହିଲେ, ଏଠୁ ଟିକିଏ ଆକାଶ ଦେଖି ହୁଏ ନାହିଁ । 'ବୁଡ଼ୋ' ବିରକ୍ତ ହୋଇ ଛିଗୁଲେଇ ହେବା ପରି କହିଲେ (ବଙ୍ଗଳାରେ) "କ୍ୟାନୋ, ଆକାଶେ କି 'ଭିଉ' (view) ଉଠେଛେ ?" ଏ ଘଟଣାଟା ଅବଶ୍ୟ ମୋ ସାମନାରେ ଘଟି ନଥିଲା, ପରେ ବାପା କେତେବେଳେ ମୋ ଆଗରେ ମୋ ମାଙ୍କୁ କହିଲାବେଳକୁ ମୁଁ ଶୁଣିଥିଲି । କାହିଁକି କେଜାଣି 'ବୁଡ଼ୋ'ଙ୍କ ସେଇ ଉତ୍ତରର ପ୍ରତ୍ୟେକ ଶବ୍ଦ ମୁଁ ନିଜେ ଶୁଣିଥିଲି ବୋଲି ଆଜି ପର୍ଯ୍ୟନ୍ତ ମୋର ମନେ ହୁଏ । ଗଳ୍ପ କଥା କହିବାକୁ କେହି ନଥିଲେ ବୋଲି କହିଛି । ତେବେ ମୋର ଜଣେ 'ବିଭାତି ମାସୀ' ଥିଲେ ସେତେବେଳେ, ଅଳ୍ପ ବୟସୀ, ହେଲେ ମୋ ବୟସର ତିନି ଚାରଗୁଣା ହେବ ତାଙ୍କ ବୟସ । ତାଙ୍କୁ ମୁଁ ଏତେ ଭୟଙ୍କର ଭଲ ପାଉଥିଲି ଯେ ତାଙ୍କୁ କହୁଥିଲି 'ତୁମକୁ ମାରି ପକାଇବି !' ('ତୋମାଏ ମେରେ ଫେଲବୋ') ଉତ୍ତରରେ ସେ ଯେମିତି ଅତି ଅସହାୟ ଭାବରେ କହୁଥିଲେ 'ପକାଅ' ('ଫ୍ୟାଲୋ') । କିନ୍ତୁ ତା'ପରେ ଆଉ କଣ କରାଯିବ ତା' ଭାବି ପାରୁ ନଥିଲି । ସେ କିନ୍ତୁ ମୋତେ କିଛି ଗଳ୍ପ କଥା କହୁ ନଥିଲେ । ଏତେ ଅଳ୍ପ ବୟସରେ ସେ କଅଣ ବା କଥା ହେରିକା ଜାଣିଥିବେ । ସେତେବେଳେ ଆମେ ବୋଧହୁଏ ଯାଇ ଆଉ ଗୋଟିଏ ବସାରେ ରହୁଥିଲୁ । 'ବିଭାତି ମାସୀ' ବୋଧହୁଏ ସେ ଘରେ ଆଉ ଜଣେ ଭଡ଼ାଟିଆଙ୍କ ପରିବାର ଲୋକ । ମୋ ଜାଣିବାରେ ଏହାହିଁ ମୋର ପ୍ରଥମ ପ୍ରେମ ! ଗଳ୍ପ କଥା କି କାହାଣୀ ଶୁଣିବା ନ ହେଉ, ପଢ଼ିବାକୁ ଯଥେଷ୍ଟ ମିଳି ପାରିଲା ବୋଧହୁଏ ପ୍ରାୟ ଦୁଇ ତିନି ବର୍ଷ ପରେ, ସାତ ବର୍ଷ ସରିକି ବୟସରେ । ସେତେବେଳେ ଆମେ କଲିକତା

Digitized by srujanika@gmail.com

ଛାଡ଼ି ଆସି କଟକରେ, କାଠଯୋଡ଼ି ନଈ କୂଳରେ 'ବିମଳ କୁଟୀର'(ବଙ୍ଗଳା) ନାମକ ଆମ ପ୍ରଥମ ବସାଘରେ (ଯେଉଁଠି ଆମେ ୧୯ବର୍ଷ କାଳ ରହିଥିଲୁ) ଦୁଇ ବର୍ଷ ଖଣ୍ଡେ ରହି ସାରିଲୁଣି । ୧୯୧୯ ଅଗଷ୍ଟରେ ବାପା କିଶୋରୀମୋହନ ଜୋଆରଦାର ମୋର ମା' ରମଲା ଆଉ ମୋତେ ଧରି କଟକ ଆସିଥିଲେ - *ଟାଉନ୍ ଭିକ୍ଟୋରିଆ ହାଇ ଇଂଲିଶ ସ୍କୁଲ* ରେ (ପରବର୍ତ୍ତୀ କାଳରେ *ଭକ୍ତମଧୁ ବିଦ୍ୟାପୀଠ*) ହେଡମାଷ୍ଟର ହୋଇ । ସେତେବେଳେ ମୋତେ କେବଳ ପାଞ୍ଚ ବର୍ଷ ପୂରି ପ୍ରାୟ ଦୁଇମାସ ହୋଇଥାଏ । ଆମ ନଈ କୂଳ ବସା ପାଖରେ ଗଳି ଭିତରେ ଆଉ ଗୋଟିଏ ବ୍ରାହ୍ମ ପରିବାର ଥାଆନ୍ତି ସେତେବେଳେ । ତାଙ୍କ ଘରର ଗୋଟିଏ ଝିଅ- ମୋ ଠାରୁ ପ୍ରାୟ ଦି ବର୍ଷ ବଡ଼ - ମୋର ଖେଳ ସାଥୀ ହେଲା । ମୋର ଭାଇ ଭଉଣୀ ନଥିଲେ, ମୁଁ ବରାବର ପିତାମାତାଙ୍କର ଏକମାତ୍ର ସନ୍ତାନ । ମୋର ଖେଳଣା କରେଇ ଇତ୍ୟାଦି ବାସନରେ ମୁଁ କେବଳ ଧୂଳି ଆଉ ବାଲି ରାନ୍ଧୁଥିଲି, ସେ ମୋତେ ପାଣିର ବ୍ୟବହାର ଶିଖାଇଲେ ! ତାର ନାଁ 'ଟପ୍‌ସି', ଭଲ ନାମ କରୁଣା । ପରେ ଆମେ ଟିକେ ବଡ଼ ହୋଇଗଲା ବେଳକୁ ତା ପାଖରୁ ଶୁଣିଲି ଯେ ମୁଁ ପ୍ରଥମେ କେବଳ ଚାଳିଶ ପର୍ଯ୍ୟନ୍ତ ଗଣି ପାରୁଥିଲି, ସେ ମୋତେ ଶହେ ଯାଏ ଗଣିବାକୁ ଶିଖାଇଥିଲା । କ୍ରମେ ପଢ଼ିବାକୁ ଶିଖିଲି - ଅବଶ୍ୟ ବଙ୍ଗଳା, ମୋର ମାତୃଭାଷା । ମୋର ଅକ୍ଷର ପରିଚୟ ବହିର ନାମ 'ପଡ଼ାଶୁଣା, ପ୍ରଥମ ଭାଗ', ସୁଖଲତା ରାୟ ପ୍ରଣୀତ । (ସେ ପରେ ଭକ୍ତମଧୁଙ୍କ ଜ୍ୟେଷ୍ଠ ପୁତ୍ର ଡାକ୍ତର ଜୟନ୍ତ ରାଓଙ୍କୁ ବିଭା ହୋଇ ସୁଖଲତା ରାଓ ହୋଇଗଲେ ।) ଅନ୍ୟାନ୍ୟ ବହିଠାରୁ ଏହାର ବିଶେଷତ୍ୱ ଏଇଥିପାଇଁ ଯେ ଏଥିରେ ପଢ଼ା ସହିତ ଲେଖା ମଧ ଶିଖାଇବାର ସୂଚନା ଦିଆ ଯାଇଥିଲା : ଗୋଟାଏ ଗୋଟାଏ ଅକ୍ଷରକୁ କେଉଁଠୁ ଲେଖା ଆରମ୍ଭ କରିବ କେଉଁଠି ଛାଡ଼ିବ ତାହା ଦର୍ଶାଯାଇଥିଲା । ସେଥିରେ କବିତା ଗୋଟିଏ ମାତ୍ର ଥିଲା ପରି ମନେ ପଡୁଛି :-

"ମଏରାର ବଡ଼ ମଜା,
ଖାଜା ଗଜା ସରଭାଜା
ଖାଏ ଆର ହଏ ତାଜା ।"

'ମଏରା' ଅର୍ଥ ଗୁଡ଼ିଆ । 'ସରଭାଜା' ଗୋଟାଏ ମିଠା ଖାଇବା ଜିନିଷ, କ୍ଷୀରରୁ ତିଆରି ।

Digitized by srujanika@gmail.com

ଏହା ପରେ ଏହାଠୁ ସାମାନ୍ୟ ଉଚ୍ଚ ଶ୍ରେଣୀର, କି ସାମାନ୍ୟ କଷ୍ଟିଆ କଉ ବହି ପଢ଼ିଲି ବା ସେମିତି କିଛି ପଢ଼ିଲି କି ନାହିଁ କହି ପାରିବି ନାହିଁ । ଯାହା ମନେଅଛି, ଜଳ ଜଳ ହୋଇ ଚିରକାଳ ମନେ ପଡୁଛି, ମୋର ପୁଅମାନଙ୍କ, ନାତି- ନାତୁଣୀଙ୍କୁ ମଧ ଯାହା ପଢ଼ିବାକୁ ଦେଇଛି ତା'ହେଲା ସେଇ ସୁଖଲତା ରାୟଙ୍କ ପିତା ଉପେନ୍ଦ୍ରକିଶୋର ରାୟଚୌଧୁରୀଙ୍କର ଲେଖା *ଛେଲେଦେର ରାମାୟଣ* ଏବଂ *ଛେଲେଦେର ମହାଭାରତ* । ସେ କାଳର ପ୍ରଥମ ବ୍ରାହ୍ମମାନଙ୍କ ମଧ୍ୟମଣି ଉପେନ୍ଦ୍ରକିଶୋର, ଭକ୍ତକବି ମଧୁସୂଦନ ଏଇମାନେ; ଘୋର ପ୍ରତିମା ପୂଜା ବିରୋଧୀ, ଏକ ଈଶ୍ୱର- ବିଶ୍ୱାସୀ । ତଥାପି ନାନା ଦେବଦେବୀପୂଜକ ହିନ୍ଦୁଙ୍କ ଧର୍ମଶାସ୍ତ୍ରସ୍ୱରୂପ ଏହି ବହି ଦୁଇଖଣ୍ଡ ପିଲାଙ୍କ ପାଇଁ ସଂକ୍ଷେପ କରି ଲେଖିଲେ ଉପେନ୍ଦ୍ରକିଶୋର, ବ୍ରାହ୍ମ ପିତାମାତା ତାହା ହୃଷ୍ଟ ଚିତ୍ତରେ ତାଙ୍କ ପିଲାପିଲିଙ୍କୁ ପଢ଼ିବାକୁ ଦେଲେ । ସେ ବହି ଦି'ଖଣ୍ଡ ମୋର ମୁଖସ୍ଥ ଭଳିଆ ହୋଇଯାଇ ଥିଲା । ରାମାୟଣ ପଢ଼ି ମା'ଙ୍କୁ କହିଲି, ରାମ ତାଙ୍କ ବାପାଙ୍କୁ 'ଆପଣ' ବୋଲି କହୁଥିଲେ, ମୁଁ ବି ସେଇଆ କହିବି । ସେଇ ସମୟରୁ ବରାବର ମୁଁ ବାପାଙ୍କୁ 'ଆପଣ' ସମ୍ବୋଧନ କରି ଆସିଛି । ମହାଭାରତରେ ପଢ଼ିଲି ଭୀଷ୍ମ, ଦ୍ରୋଣ ଏମାନେ ହାସ୍ୟଛଳରେ ମଧ ମିଥ୍ୟା କହନ୍ତି ନାହିଁ । ସତ କହିବା ପ୍ରତି ମୋର ସ୍ୱାଭାବିକ ଶ୍ରଦ୍ଧା ଉପରେ ଯେମିତି ଆଉ ଗୋଟିଏ ପରସ୍ତ ମଡ଼ାଣ ପଡ଼ିଲା । ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଓଡ଼ିଶାର ସୁବିଖ୍ୟାତ ପଣ୍ଡିତ କଲିକତା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ, ଦାର୍ଶନିକ ଓ ସ୍ୱାଧୀନତା ସଂଗ୍ରାମୀ ପଦ୍ମଭୂଷଣ ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭) ମଧ *ପିଲାଙ୍କ ମହାଭାରତ* ପ୍ରଣୟନ କରିଥିଲେ ।

ମନେପଡ଼େ ସେତେବେଳେ ମୋର ଆହୁରି ଗୋଟାଏ ବହି ଥିଲା : ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ *କଥାମାଲା* (ବଙ୍ଗଳାରେ 'ଳ' ନାହିଁ), ଇଂରାଜୀ ***Aesop's Fables*** ରୁ ବଙ୍ଗଳା କରା ହୋଇଥିବା କଥାମାନ ଯାହା ବୋଧହୁଏ ପରେ ଓଡ଼ିଆରେ *କଥାବଳୀ* ହୋଇ ବାହାରିଥିଲା । ବଙ୍ଗଳା କରିଥିଲେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର । କିନ୍ତୁ ମୋର ବଙ୍ଗଳାର ମୂଳଦୁଆ ପଡ଼ିଥିଲା ଉପେନ୍ଦ୍ରକିଶୋରଙ୍କ ସେହି ଦୁଇଟି ବହିରୁ ଯାହା ପାଇଥିଲି ତାହାକୁ ନେଇ । ପରେ ତାହା ଉପରେ ଯୋଡ଼େଇ ଉଠିଲା ତାଙ୍କରି ପୁଅ, ସୁଖଲତାଙ୍କର ଠିକ୍ ତଳ ଭାଇ ସୁକୁମାର ରାୟଙ୍କ ଅଦ୍ଭୁତ

Digitized by srujanika@gmail.com

'ଖେୟାଲ୍ ରସେର ବଇ' (ସୁକୁମାର) *ଆବୋଲ ତାବୋଲ* (ପଦ୍ୟ) ଓ *ହଯବରଲ* (ଗଦ୍ୟ) ଦେହରୁ ମସଲା ନେଇ । ହଁ, ଇଏ ସେଇ ସୁକୁମାର ରାୟ ଯାହାଙ୍କ ବିଷୟରେ ମୋର ବାଲ୍ୟବନ୍ଧୁ'ବୁଲୁ' ଆଜୀବନ ସ୍ୱାଧୀନତା ସଂଗ୍ରାମୀ ବହୁମୁଖୀ ପ୍ରତିଭାସମ୍ପନ୍ନ ସାରଳା ପୁରସ୍କାର ସମ୍ମାନିତ ପରଲୋକଗତ ମନମୋହନ ଚୌଧୁରୀ ତାଙ୍କର ବହୁସମାଦୃତ ବହି *ହାଟବଜାରର ବ୍ରହ୍ମଜ୍ଞାନ*-ରେ ଲେଖିଥିଲେ, ସୁକୁମାର ରାୟ ଆମ ଘରର friend, philosopher and guide! ଯଦିଚ ଆମେ କେବେହେଲେ ତାଙ୍କୁ ଦେଖି ନଥିଲୁ, ଆମର ଆଠ ନଅ ବର୍ଷ ବୟସ ବେଳକୁ ୧୯୨୩ ମସିହାରେ ମାତ୍ର ୩୬ ବର୍ଷରେ ତାଙ୍କର ମୃତ୍ୟୁ ହୋଇଥିଲା ।

କିନ୍ତୁ ମୋ 'ବିଭାତି ମାସୀ'ଙ୍କ ପାଖରେ ଗୋଟାଏ ଖିଅ ଛାଡ଼ି ଆସିଛି । ତାଙ୍କ ସହିତ ଚିହ୍ନା ପରିଚୟ ହେବା ଭିତରେ ଗୋଟାଏ ଘଟଣା ହେଇଥିଲା ଯାହା ଆଜି ପର୍ଯ୍ୟନ୍ତ ମୋ ଆଖି ଆଗରେ ଭାସୁଛି । ଦି ପହରକୁ ଦୋମହଲାରେ ଶୋଇ ପଡ଼ିଥିଲି, ରାସ୍ତାରେ ଗୋଟାଏ ହୋ-ହାରେ ନିଦ ଭାଜିଗଲା । ଝରକା ବାଟେ ତଳକୁ ଅନାଇ ଦେଖିଲି ଅନେକ ଲୋକ ରୁଣ୍ଡ ହୋଇ ପାଟିଗୋଳ କରୁଛନ୍ତି । ତଳକୁ ଓହ୍ଲାଇ ଯାଇ ରାସ୍ତାକୁ ବାହାରି ଦେଖିଲି ଲୋକେ ଗୋଲ ହୋଇ ଛିଡ଼ା ହୋଇଛନ୍ତି । ମୁଁ ସାନଟିଏ ବୋଲି ସହଜରେ ଭିତରେ ଗଳି ପଶି ସମସ୍ତଙ୍କ ସାମନାରେ ଛିଡ଼ା ହୋଇଗଲି । ଦେଖିଲି ଗୋଟିଏ ମୂଷାକୁ ସମସ୍ତେ ଘେରିଛନ୍ତି, ସେ ବଡ଼ ବ୍ୟାକୁଳ ହେଇ ବାହାରିବାକୁ ଯଉଆଡ଼େ ଯାଉଛି ତା' ଉପରକୁ ଟେକା-ପଥର ଫୋପଡ଼ା ଯାଉଛି । ଭେଁ କିନା କାନ୍ଦି ପକାଇଲି ।

ତା'ପରେ ତ ଜୀବନଯାକ ଅସୁମାରି ଦିନ ଯାଇଛି ମୁଁ ମହାନନ୍ଦରେ ମାଛ ଖାଇଛି ମାଂସ ଖାଇଛି କିନ୍ତୁ ଭାବି ନାଇ ତାହା ପାଇଁ କେତେ ଅସହାୟ ଜୀବ ସେଇ ମୂଷାଟି ଭଳିଆ ବଳି ପଡ଼ିଛନ୍ତି, କ୍ୱଚିତ୍ ମନେ ପଡ଼ିଲେ ଦବାଇ ଦେଇଛି । କିନ୍ତୁ ଶେଷକୁ ଆଉ ଦବାଇ ପାରି ନାହିଁ, ଅଶି ପୂରିଲା ବେଳକୁ ଏକଥା ମୋତେ ଏପରି ଘାରିଲା ଯେ ବାଧ ହୋଇ ମାଛ ଓ ମାଂସ ଛାଡ଼ି ଦେଇଛି, କେବଳ ଅଣ୍ଡା ଖାଉଛି ।

ଅବଶ୍ୟ ଏବେବି ଘରେ ମାଛ ଭଜା ବା ମାଂସ ତରକାରି ହେଲାବେଳେ ସେ ବାସନା ମୋତେ ଭାରି ଭଲ ଲାଗେ ! ମୋ ମନ ଭିତରର ଅସଲ କଥାଟା

Digitized by srujanika@gmail.com

ହେଲା: ମାରି ପାର, କିନ୍ତୁ ଅଯଥା କଷ୍ଟ ବା ଯନ୍ତ୍ରଣା ଦିଅ ନାହିଁ । ବନବାସରେ ରାମଚନ୍ଦ୍ର ମୃଗ ଛଡ଼ା ବନ୍ୟ କୁକ୍କୁଟ ବି ଖାଉଥିଲେ, ମାତ୍ର ସାଇକଲ ଦେହରେ ତାକୁ ମୁଣ୍ଡ ତଳକୁ କରି ଝୁଲାଇକରି ଆଣୁ ନଥିଲେ । ହରିଣକୁ ଧନୁଶରରେ ତତ୍‌କ୍ଷଣାତ୍ ବଧ କରୁଥିଲେ । ଆଜିର ମାଂସବ୍ୟବସାୟୀ ବାଧ ହେଉଛି କେତେଗୁଡ଼ିଏ ଛେଳି ବା ମେଣ୍ଢାକୁ ଏକାସାଙ୍ଗରେ ବାନ୍ଧି ଦୂରବାଟ ଗାଡ଼ିରେ ବୋହି ନେବାକୁ । ଏବେ ସେ ମୂକ୍ଷା କଥା ମନେ ପକାଇଲେ ପରବର୍ତ୍ତୀ କାଳର ଗୋଟିଏ ଘଟନା କଥା ମନେ ପଡ଼େ । ରେଭେନ୍‌ଶ କଲେଜର ସଂସ୍କୃତ ଅଧାପକ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ *ଉତ୍କଳ ସଂଗୀତ ସମାଜ* ଦ୍ୱାରା ଆହୂତ ବାର୍ଷିକ ମ୍ୟୁଜିକ୍ କନ୍‌ଫାରେନସ୍ ଚାଲିଥାଏ, ବୋଧହୁଏ ୩୦ ଦଶନ୍ଧିର ଶେଷ ଆଡ଼ର କଥା । ଆହମେଦାବାଦ୍‌ରୁ ଚିମନଲାଲ ଶେଠ୍ ବୋଲି ଜଣେ ନବୀନ ବୟସୀ ଗୁଜୁରାଟୀ ନୃତ୍ୟକଳାବିଦ୍ ସେଥିରେ ଆମନ୍ତ୍ରିତ ହେଇ ଆସିଥାନ୍ତି । ଦିନେ ତାଙ୍କୁ ସାଥିରେ ଧରି ମୁଁ *କ୍ୟାପିଟାଲ ସିନେମା* ର ସନ୍ଧ୍ୟା 'ଶୋ'କୁ ଗଲି । ସିନେମା ହତା ଭିତରେ ଦୁଇ ତିନୋଟି ପାନ-ସିଗାରେଟ୍-ସୋଡା-ଲେମନେଡ୍ ଦୋକାନ ଥାଏ । ସିନେମା ଚାଲିଥିବା ବେଳେ ହଠାତ୍ କିଏ ଜଣେ ଗୁଣ୍ଡା ସିନେମା 'ହଲ୍' ଭିତରକୁ ପଶି ଆସି ଭୀଷଣ ପାଟିଗୋଳ ଆରମ୍ଭ କଲା । ଲୋକେ ସନ୍ତ୍ରସ୍ତ ହେଲେ । ଶୁଣିଲି ସେ ସେଇ ଦିନ ଜେଲ୍‌ରୁ ଖଲାସ ହେଇଛି । ଏବେ ମଦ ଖାଇ ପାନ ଦୋକାନରୁ ଗଣ୍ଡାଏ ପାଞ୍ଚଟା ସୋଡା-ଲେମନେଡ୍ ବୋତଲ କାଖରେ ଜାକିଥାଏ । ମୁଁ ପଛକୁ ଫେରିପଡ଼ି ତାକୁ କିଛି କହିବାକୁ ଯାଉଛି ଦେଖି ଚିମନ୍‌ଲାଲ୍ ବ୍ୟସ୍ତହୋଇ ଚାପା ଗଳାରେ ମୋତେ କହୁଥାନ୍ତି- ଜୋଆର୍ଦ୍ଦାର, ଡୋଣ୍ଟ ସେ ଏନିଥିଙ୍ଗ । କିନ୍ତୁ ମୁଁ ତା'କୁ କହି ପକାଇଲି - ଆପ୍ ବଇଠ୍ ଯାଇଏ, ସିନେମା ଦେଖିଏ । ସେ ସାଙ୍ଗେ ସାଙ୍ଗେ ଗୋଟାଏ ବୋତଲ ମୋତେ ଲାଖ କରି ଫୋପାଡ଼ିଲା । ମୁଁ ଚଟ୍ କିନା ନଇଁ ପଡ଼ି ରକ୍ଷା ପାଇଲି । ବୋତଲ ଯାଇ ସାମ୍ନାରେ ତଳେ ବସିଥିବା ଲୋକଙ୍କ ଉପରେ ପଡ଼ିଲା । 'ହଲ୍' ଟା ଗୋଟାଏ ଅସ୍ଥାୟୀ ଛାଉଣୀ ମାତ୍ର, ଦର୍ଶକମାନେ ସମସ୍ତେ ଉଠିକି ବାହାରକୁ ପଳାଇଲେ । ବାହାରକୁ ଯାଇ ଦେଖିଲି, ସେ ଗୁଣ୍ଡା ଇଆ ଭିତରେ ପାନ ଦୋକାନ ଝାମ୍ପରୁ ଗୋଟାଏ ବାଡ଼ି ଖୋଲି ନେଇ ମାରପିଟ୍ ଆରମ୍ଭ କରିଥିଲା, କିନ୍ତୁ ସମସ୍ତେ ମିଶିଯାଇ ତାକୁ ଧରି ପକାଇ ତା'ଉପରେ ନିସ୍ଥୁକ ମାଡ଼ ଚଢ଼ାଉଛନ୍ତି । ବିଚରା ମଦ ନିଶାରେ ଯାହା କରିଥିଲା,

Digitized by srujanika@gmail.com

ଏତେବେଳକୁ ତା' ଅବସ୍ଥା ସେଇ ମୂଷା ଭଳିଆ । ଲୋକେ ମଧ ଏହି ସୁଯୋଗରେ ଟିକେ 'ହାତସୁଖ' କରି ନେଉଛନ୍ତି ।

ହଁ, କହୁଥିଲି ମୋ ବଙ୍ଗଳା ପାଠ କଥା ଓ ସେହି ସୂତ୍ରେ ସୁକୁମାର ରାୟଙ୍କ ଅଦ୍ଭୁତ କବିତା ବହି *ଆବୋଲ ତାବୋଲ* କଥା - ଯାହାକୁ ଲେଖକ ସ୍ୱୟଂ ତାଙ୍କର ଅତିଶୟ ସଂକ୍ଷିପ୍ତ ଭୂମିକା 'କୈଫିୟତ୍'ରେ କହିଛନ୍ତି "ଇହା ଖେଆଲ ରସେର ବଇ" । ଆଉ ଟିକିଏ ବିଶଦ କରି କହିଛନ୍ତି ଯେ ଯାହା 'ଆଜଗବି, ଯାହା ଉଭଟ, ଯାହା ଅସମ୍ଭବ' ତାହାକୁ ହିଁ ଘେନି ଏ ପୁସ୍ତକର କାରବାର; ତେଣୁ ସେ ରସ ଯେଉଁମାନେ ଉପଭୋଗ କରି ପାରନ୍ତି ନାହିଁ ଏ ପୁସ୍ତକ ସେମାନଙ୍କ ପାଇଁ ନୁହେଁ । କିନ୍ତୁ ମଜା କଥା ଏଇ ଯେ ଏ ବହିର ଅଧିକାଂଶ କବିତା ଓ ତାଙ୍କରି ଅଙ୍କା ଛବିଗୁଡ଼ିକ (ରେଖାଚିତ୍ର) ପୂର୍ବେ ପିଲାଙ୍କ ମାସିକପତ୍ର *ସନ୍ଦେଶ*-ରେ ପ୍ରକାଶ ପାଇଥିଲା । ପ୍ରକୃତରେ ନିତାନ୍ତ ଅସମ୍ଭବ, ଦୁନିଆ-ବାହାର କବିତା ସେ ସବୁ । ତଥାପି ଆମେ ପିଲାଦିନେ ପଢ଼ି ହସି ହସି ତଳେ ଗଡ଼ି ଯାଉଥିଲୁ । ଭାବୁଥିଲୁ 'କୈଫିୟତ'-ରେ ଯେ ଲେଖା ହୋଇଛି 'ଏ ରସ ଯେଉଁମାନେ ଉପଭୋଗ କରିପାରନ୍ତି ନାହିଁ' ଏମିତି ଲୋକ କଣ ଅଛନ୍ତି ?

କିନ୍ତୁ ଅଛନ୍ତି । ବଡ଼ ହୋଇ ଜାଣିଲି । ଏବଂ ଜାଣିଲି *ଆବୋଲ ତାବୋଲ* ର ଗୋଟିଏ କବିତା *'ରାମ ଗରୁଡ଼େର ଛାନା'*- ର ପ୍ରକୃତ ମର୍ମ । ବୋଧହୁଏ *'ଆବୋଲ ତାବୋଲ'* ଭାବରେ ଭାବିତ ହୋଇଥିଲେ ଆମର ସାମାଜିକ ଓ ରାଜନୈତିକ ଆକାଶ ଢେର ନିର୍ମଳ ରହିଥାନ୍ତା, ତଥାକଥିତ 'ପଲିଟିକ୍ସ' 'ପାର୍ଟି' ଜାତି ଧର୍ମ ନାଁରେ ଲୋକେ ବାଉଳା ହେଲା ପରି ହେଉ ନଥାନ୍ତେ ।

ଆଡିଶନାଲ ଚୀଫ୍ ଏନ୍‌ଜିନିଅର ହେଇ ରିଟାୟାର କରିଥିବା ତ୍ରିଭାଷା-ପ୍ରବୀଣ ଲେଖକ ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ଗୁପ୍ତ (ଆମ ଅନେକଙ୍କ 'ଗୋବିନ୍ଦ-ଦା') *ଆବୋଲ ତାବୋଲ* ଓଡ଼ିଆରେ ଅନୁବାଦ ନ କରି ରହି ପାରିଲେ ନାହିଁ, ନାମ ଦେଲେ *ଅଗଡ଼ ବଗଡ଼* । 'ବୁଲୁ' (ମନମୋହନ ଚୌଧୁରୀ) ଆମେରିକାରେ ବଢୁଥିବା ତାଙ୍କର ହଠାତ୍ ପିତୃହୀନ ହେଇଥିବା ଦୁଇଟି ପୌତ୍ର ପାଇଁ *ଆବୋଲ ତାବୋଲ*-ର କେତେକ କବିତା ଇଂରାଜୀରେ ହିଁ ଅନୁବାଦ କଲେ । ସୁକୁମାରଙ୍କ ବିଶ୍ୱବିଖ୍ୟାତ ପୁତ୍ର ସିନେମା ଡିରେକ୍ଟର ସତ୍ୟଜିତ୍ ରାୟ ମଧ କେତୋଟି କବିତାର ଇଂରାଜୀ କରିଛନ୍ତି ।

Digitized by srujanika@gmail.com

ପୁଣି ଯାଦବପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧାପକ ସୁକାନ୍ତ ଚୌଧୁରୀ ମଧ ତା' କରିଛନ୍ତି । କି ଓଡ଼ିଆ କି ଇଂରାଜୀ ଏ ସବୁ ଅନୁବାଦକମାନେ ବରାବର ଜାଣିଥିଲେ ଯେ *ଆବୋଲ ତାବୋଲ*-ର କବିତା ଅନୁବାଦ କରି ହୁଏ ନାହିଁ, ତଥାପି କରିଥିଲେ । ଏ ପ୍ରସଙ୍ଗରେ ଉଲ୍ଲେଖ୍ୟ ଯେ ସୁକୁମାରଙ୍କ ଅନ୍ୟାନ୍ୟ ବହୁ ଲେଖା ମଧ୍ୟ ଅଛି । ତା ଭିତରେ ବେଶି ମନେପଡ଼େ 'ଲକ୍ଷ୍ମଣେର ଶକ୍ତିଶେଲ' ବୋଲି ଗୋଟିଏ ପିଲାଙ୍କ ନାଟକ ଆଉ 'ହେସୋରାମ ହୁଶିଆରେର ଡାଏରି' ।

'ବୁଲୁ' ଘରକୁ ଦୁଇଟା ବଙ୍ଗଳା ଓ ଗୋଟିଏ ଇଂରାଜୀ ପିଲାଙ୍କ ମାସିକପତ୍ର ଆସୁଥିଲା - କଲିକତାରୁ *ସନ୍ଦେଶ* ଓ *ମୌଚାକ୍* - ଏବଂ ଇଂଲଣ୍ଡରୁ ***Boys' Own Paper (BOP)*** । ସେ ସମୟରେ ଆମର ଚଉଦ କି ପନ୍ଦର କି ଷୋଳ ବର୍ଷ ବୟସରେ ଆମେ ସେ ସବୁକୁ ପଢ଼ିବାକୁ ଭଲ ପାଉଥିଲୁ । ଏଇଠି ଉଲ୍ଲେଖଯୋଗ୍ୟ ଯେ ବୁଲୁ ଓ ମୁଁ କଥା ହେଉଥିଲୁ ବଙ୍ଗଳାରେ । ବୁଲୁ କିଛି ମନ୍ଦ ବଙ୍ଗଳା କହୁନଥିଲା । ଗୋପବନ୍ଧୁ ବାବୁ ନବକୃଷ୍ଣ ବାବୁ ଦୁହେଁ ତ ରୀତିମତ ଭଲ ବଙ୍ଗଳା କହୁଥିଲେ । ବଙ୍ଗ ଦେଶ, ଓଡ଼ିଶାର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ବ୍ରିଟିଶଙ୍କ ଅଧୀନକୁ ଆସିବା ଦ୍ୱାରା ଭଲ ବଙ୍ଗଳା ବହି ଛାପା ଆକାରରେ ମିଳୁଥିଲା । ଅପର ପକ୍ଷେ ପ୍ରାୟ ୧୮୭୦ ପର୍ଯ୍ୟନ୍ତ ଓଡ଼ିଆ ବହି ଲେଖା ହେଉନଥିଲା ଏବଂ ଓଡ଼ିଆ ପ୍ରାଚୀନ ସାହିତ୍ୟ କେବଳ ପୋଥିମାନଙ୍କରେ ଏବଂ କେତେକ ବିଦଗ୍ଧ ସାହିତ୍ୟ ରସିକଙ୍କ ମୁହେଁ ମୁହେଁ ଥିଲା ।

BOP- ରେ ବେଳେ ବେଳେ ବାହାରୁଥିଲା କୌଣସି ଖେଳନା ନିଜ ହାତରେ କେମିତି ତିଆରି କରାଯାଇ ପାରିବ । ତାକୁ ପଢ଼ି ତା ନିର୍ଦ୍ଦେଶ ଅନୁସାରେ 'ବୁଲୁ' ଗୋଟାଏ ଏରୋପ୍ଲେନ୍ ବନାଇଥିଲା । ତା'ର ପ୍ରପେଲର୍ ବନେଇବାକୁ ପଡ଼ିଥିଲା ଗୋଟାଏ ଛୋଟ କାଠ ଟୁକୁରା ଦେହରୁ, ଯାହା ପାଇଁ ଯେମିତି ନୈପୁଣ୍ୟ ସେମିତି ଧୈର୍ଯ୍ୟ ମଧ ଦରକାର । 'ବୁଲୁ'ର ଏରୋପ୍ଲେନ୍ ନିଜ ଶକ୍ତିରେ ତଳୁ ଉଠି କିଛି ବାଟ ଉଡ଼ି ଯାଇ ପାରୁଥିଲା ! ଶକ୍ତିଟା ଆସୁଥିଲା ଅନେକ ପେଚ ଦିଆ ହୋଇ ମୋଡ଼ା ଯାଇଥିବା ରବର ଫିତାରୁ । ପ୍ରତ୍ୟେକ ଉଡ଼ାଣ ପାଇଁ ଏହିପରି ପେଚ ଦେବାକୁ ପଡୁଥିଲା, ଏତିକି ଥିଲା ତାର ଅସୁବିଧା ।

Digitized by srujanika@gmail.com

ପରବର୍ତ୍ତୀ ଜୀବନରେ 'ବୁଲୁ' ପୁରାପୁରି ନିଜ ହାତରେ ଗୋଟାଏ ଦୂରବୀକ୍ଷଣ ତିଆରି କରିଥିଲା । ଘର ଛାତ ଉପରେ ଗୋଟାଏ ବିଶେଷ ଯାନ୍ତ୍ରିକ ବ୍ୟବସ୍ଥା କରି ମଧ ତାକୁ ବସାଇଥିଲା- ଯେପରିକି ଲକ୍ଷ କରାଯାଉଥିବା ନକ୍ଷତ୍ର ଧୀରେ ଧୀରେ ପୂର୍ବରୁ ପଶ୍ଚିମକୁ ଯାଉଥିଲା ବେଳକୁ ଦୂରବୀକ୍ଷଣ ମଧ ଠିକ୍ ସେହିପରି ଗତିରେ ଉପରକୁ ଉଠି ପାରିବ ଓ ତଳକୁ ଖସି ବି ପାରିବ - ଯେମିତି ମାନମନ୍ଦିରମାନଙ୍କରେ ଥାଏ । ଆମେ ସେଥିରେ ଶନିଗ୍ରହର ବଳୟଗୁଡ଼ିକୁ ଦେଖିଥିଲୁ । ଗତ ଶତାବ୍ଦୀର ଶେଷ ଆଡ଼କୁ - ବୋଧହୁଏ ୧୯୯୪ରେ - ଗୋଟାଏ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିଲା ଯେଉଁଥିରେ ତାର ଗତିପଥ ଥିଲା - ଭାରତର ଉତ୍ତର-ପଶ୍ଚିମ କୋଣରୁ କଲିକତାର ଡାୟାମଣ୍ଡ୍ ହାରବର୍ ପର୍ଯ୍ୟନ୍ତ, ତାପରେ ସେ ଯାଇ ପଡ଼ିଥିଲା ସମୁଦ୍ରରେ । ବୁଲୁ ତାର ସେଇ ଅଶି ପାଖାପାଖି ବୟସରେ ତା'ର ସେଇ ଦୂରବୀକ୍ଷଣ ଧରି ବିଭିନ୍ନ ସ୍ଥାନରେ ଏବଂ ଶେଷରେ ଡାୟାମଣ୍ଡ ହାରବର୍‌ରେ ତାର ଅନେକ ଗୁଡ଼ିଏ ଫୋଟୋ ଉଠାଇଥିଲା । ସେଇଥିରୁ କେତୋଟି ଭୁବନେଶ୍ୱର *'ପଠାଣି ସାମନ୍ତ ପ୍ଲାନେଟେରିୟମ୍'*ରେ ରଖା ଯାଇଛି । 'ବୁଲୁ'ର ଆତ୍ମଜୀବନୀ *କସ୍ତୁରୀ ମୃଗ ସମ* - ରେ ଏସବୁ କଥାର ଉଲ୍ଲେଖ ନାହିଁ । କାରଣ ବହିଟି ଲେଖା ହୋଇଥିଲା ତାର ବହୁ ପୂର୍ବରୁ, ମୁଖ୍ୟତଃ ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କର 'ଜରୁରୀକାଳୀନ ଅବସ୍ଥା' ଘୋଷଣାର ପ୍ରତିବାଦ କରି ଜେଲ ଯାଇଥିବା ସମୟରେ । ଦୂରବୀକ୍ଷଣ ଧରି ରାହୁଗ୍ରସ୍ତ ସୂର୍ଯ୍ୟଙ୍କର ପଶ୍ଚାଦ୍ଧାବନ ତା'ର ଅନେକ ପରର ଘଟଣା ।

ସନ୍ଦେଶ - ରେ ବାହାରିଥିଲା ସୁକୁମାରଙ୍କ ପିଲାଙ୍କ ନାଟକ *ଲକ୍ଷ୍ମଣେର ଶକ୍ତିଶେଲ୍* (ବଙ୍ଗଳାରେ 'ଳ' ନାହିଁ)। ଅଦ୍ଭୁତ ହାସ୍ୟରସାତ୍ମକ ସୃଷ୍ଟି ଏହି ନାଟକ, ମାତ୍ର ପୌରାଣିକ ଚରିତ୍ରମାନଙ୍କର ପୁରାପୁରି ସମ୍ମାନ ଦିଆହେଇ ଏହା ରଚିତ । ଏଥିରେ ହନୁମାନ ଚରିତ୍ର ତ ମୋର ଏକ ପ୍ରିୟ ଚରିତ୍ର ହୋଇଯାଇଥିଲା । ବୁଲୁ ଆଉ ମୁଁ ମାତ୍ର ଦୁଇଜଣ ମିଶି ଏହାର ଗୋଟିଏ ଗୋଟିଏ ଅଂଶ ଅଭିନୟ କରୁଥିଲୁ କେବଳ ଆମକୁ ଏତେ ଭଲ ଲାଗୁଥିଲା ବୋଲି ! ଉପର ଓଳି 'ବୁଲୁ'ଙ୍କ ଘର ବଗିଚାରେ ଖେଳିବା ବେଳେ ତାହା କରୁଥିଲୁ । କେତେବେଳେ 'ବୁଲୁ' ରାମ ମୁଁ ରାବଣ, କେତେବେଳେ ଏହାର ବିପରୀତ । ବହୁ ବର୍ଷ ପରେ ସୁଲେଖକ ବାମାଚରଣ ମିତ୍ର ନୟାଗଡ଼ରେ ଏସ୍.ଡି.ଓ. ଥିବା ବେଳେ ଏହାର ଓଡ଼ିଆ ଅନୁବାଦ କରି ସେଠାର

Digitized by srujanika@gmail.com

ପିଲାମାନଙ୍କ ଦ୍ୱାରା ଅଭିନୟ କରାଇଥିଲେ। କିନ୍ତୁ ତାଙ୍କର ସେ ଅନୁବାଦ ପରେ କଉଠି ରହିଗଲା ଆଉ ମିଳିଲା ନାହିଁ । ଆଉ କେତେ ବର୍ଷ ପରେ ବୁଲୁ ନିଜେ ପୁଣି ଏହାର ଓଡ଼ିଆ ଅନୁବାଦ କରି କଟକରେ ଅଭିନୟ କରାଇଥିଲା । ମୋର ନିଜର ଏ ସବୁ ଅଭିନୟ ଦେଖିବାର ସୌଭାଗ୍ୟ ହୋଇ ନାହିଁ, ସେତେବେଳକୁ ମୋ କର୍ମସ୍ଥଳ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥାଏ । ସୁକୁମାରଙ୍କ ଏହିପରି ଆହୁରି କେତୋଟି ପିଲାଙ୍କ ପାଇଁ ହସ ନାଟକ ମଧ ଅଛି, ସେଗୁଡ଼ିକ ପୌରାଣିକ ନୁହେଁ। ତାଙ୍କର ସମସ୍ତ ଲେଖାରେ ଥିବା ହାସ୍ୟରସ ସମ୍ବନ୍ଧରେ ବିଶେଷ କଥା ଏହି ଯେ ପିଲାଦିନେ ତାକୁ ପଢ଼ି ପ୍ରଚଣ୍ଡ ହସ ମାଡ଼େ । ବଡ଼ ବେଳେ ସେ ହସ ମୁଲାଏମ ହୋଇ ମାଡ଼େ ମନଭିତରକୁ, ଗଭୀର ଭାବରେ - ବାହାର ଦୁନିଆ ସହିତ ତାର ଗୂଢ଼ ସମ୍ପର୍କକୁ ଲକ୍ଷ୍ୟ କରି। 'ବୁଢ଼ା ଦିନେ ହସି ହସି ତାକୁ ଅନ୍ୟମାନଙ୍କୁ ପଢ଼ି ଶୁଣାଇବାକୁ ଇଚ୍ଛା ହୁଏ। Edward Lear (1812-1888) - ଙ୍କ 'nonsense verse' ସହିତ ଏହାର ତୁଳନା କରାଯାଇଛି, ମାତ୍ର ସୁକୁମାରଙ୍କ 'ନନ୍‌ସେନ୍ସ' ବୋଧହୁଏ ଟିକିଏ ଅଲଗା ପ୍ରକାର । ସେହିପରି ତାଙ୍କର ଆଉ ଗୋଟିଏ ବହି *ହଯବରଲ* କୁ Lewis Carrol (ପ୍ରକୃତ ନାମ Charles Dodgson, 1832-1898)-ଙ୍କ *Alice in Wonderland* ସହିତ ତୁଳନା କରାଯାଇଥାଏ । Carrol ସମ୍ବନ୍ଧରେ ଗୋଟିଏ ବିଷୟ ନିତାନ୍ତ ଉଲ୍ଲେଖନୀୟ। ବଡ଼ ଇଂରାଜୀ ଅଭିଧାନରେ ଦେଖୁଛି, ସେ ଥିଲେ ଜଣେ ବିଶିଷ୍ଟ ଗାଣିତିକ ! *ହଯବରଲ* ନାମରେ ଲକ୍ଷଣୀୟ ଯେ ଏହା ଆମେ ଜାଣିଥିବା ଯରଲବହ ଅନୁକ୍ରମର ଏକ ଚୂଡ଼ାନ୍ତ ବିପର୍ଯ୍ୟୟ ।

ଆଗରୁ କହିଛି ସୁକୁମାରଙ୍କ ବଡ଼ ଭଉଣୀ ସୁଖଲତା ହିଁ ଥିଲେ ମୋର ପିଲାଦିନର ସେଇ *ପଢ଼ାଶୁନା*-ର ଲେଖିକା। ପିଲାଙ୍କ ପାଇଁ ଅନେକ ଗଳ୍ପ ମଧ ସେ ଇଂରାଜୀରୁ ବଙ୍ଗଳାରେ ଉପଯୋଗୀ କରି ଲେଖିଛନ୍ତି । ଆଗରୁ ବି କହିଛି ତାଙ୍କ ସହିତ ବିବାହ ହୋଇଥିଲା ଭକ୍ତକବି ମଧୁସୂଦନଙ୍କ ଜ୍ୟେଷ୍ଠପୁତ୍ର ଡାକ୍ତର ଜୟନ୍ତ ରାଓଙ୍କର । ସେ ସମୟର ସେଇ ପ୍ରଥମ ବ୍ରାହ୍ମମାନଙ୍କର ସନ୍ତାନଙ୍କର ବ୍ରାହ୍ମ ଖୋଜି ଖୋଜି ବିବାହ ଦିଆ ହେଉଥିଲା । ମଧୁସୂଦନଙ୍କ ମଧମା କନ୍ୟା ଅବନ୍ତୀ ଦେବୀଙ୍କ ବିବାହ ହୋଇଥିଲା ବଙ୍ଗଳାର ବିଖ୍ୟାତ ବ୍ରାହ୍ମ ସମାଜସେବୀ ଆଦର୍ଶଚରିତ୍ର ପଣ୍ଡିତ ଶିବନାଥ ଶାସ୍ତ୍ରୀ (ଭଟ୍ଟାଚାର୍ଯ୍ୟ)-ଙ୍କ ପୁତ୍ର ପ୍ରିୟନାଥ ଭଟ୍ଟାଚାର୍ଯ୍ୟଙ୍କ ସହିତ। ସେହିପରି ଓଡ଼ିଶାର

Digitized by srujanika@gmail.com

ଅନ୍ୟତମ ବ୍ରାହ୍ମ, ବିଖ୍ୟାତ ମାସିକ ପତ୍ର *ଉତ୍କଳ ସାହିତ୍ୟ*ର ପ୍ରତିଷ୍ଠାତା ଓ ସୁଯୋଗ୍ୟ ସଂପାଦକ ବିଶ୍ୱନାଥ କରଙ୍କ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାଙ୍କ ବିବାହ ହୋଇଥିଲା ବଙ୍ଗାଳୀ ବ୍ରାହ୍ମମାନଙ୍କ ସାଙ୍ଗରେ । ଆଉ ଦୁଇ କନ୍ୟାଙ୍କ ବିବାହ ହୋଇନଥିଲା ।

ପିତା ମଧୁସୂଦନଙ୍କ ପରି ଓଡ଼ିଆ ବଙ୍ଗଳା ଉଭୟ ଭାଷାରେ ପାରଦର୍ଶୀ ଅବନ୍ତୀ ଦେବୀ କଲିକତାରେ ଶ୍ୱଶୁର ଘରେ ଥାଇ ଓଡ଼ିଆରେ ଲେଖା ଛପେଇବା ଅସୁବିଧା ଦେଖି ବଙ୍ଗଳାରେ ହିଁ ଲେଖିଲେ ପିତାଙ୍କ ଜୀବନୀ : *ଭକ୍ତକବି ମଧୁସୂଦନ ରାଓ ଓ ଉତ୍କଳେ ନବଯୁଗ* । ସେତେବେଳେ କଲିକତାରେ ଅନ୍ନଦାଶଙ୍କର ରାୟ ତାଙ୍କର ସାହିତ୍ୟିକ ଜୀବନର ମଧ ଗଗନରେ । ସେ ଲେଖିଦେଲେ ବହିଟିର 'ଭୂମିକା' । ବିଶ୍ୱନାଥ କରଙ୍କ ଦୌହିତ୍ର, କଲିକତାରେ ସୁପଣ୍ଡିତ ଇତିହାସ ଅଧ୍ୟାପକ ଦିଲୀପକୁମାର ବିଶ୍ୱାସ ସେ ବହିର ଗୋଟିଏ 'ଐତିହାସିକ ପଟଭୂମିକା' ଲେଖି ଦେଲେ । ଏହିପରି ସେ ହିରଣ୍ୟଗର୍ଭ ଗ୍ରନ୍ଥ କଲିକତାରୁ ପ୍ରକାଶ ପାଇଲା ୧୯୬୩ ସାଲରେ । ତାଙ୍କ 'ନିବେଦନ'ରେ ଅବନ୍ତୀ ଦେବୀ ଲେଖିଥିଲେ ଯେ ତାଙ୍କର କକା (ମଧୁସୂଦନଙ୍କ ବୈମାତ୍ର ଭ୍ରାତା) ରାୟ ସାହେବ ରଘୁନାଥ ରାଓଙ୍କ ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ସୁଶୀଳା ମିତ୍ର ବହିଟିର ଓଡ଼ିଆ ଅନୁବାଦ କରିବେ । ସୁଶୀଳା ଦେବୀ ମଧ ଅନୁବାଦ କରିଥିଲେ ଏବଂ 'ଭକ୍ତମଧୁ ବିଦ୍ୟାପୀଠ'କୁ ତାହା ଛାପିବାକୁ ଅନୁମତି ଦେଇଥିଲେ । ଏପରି କରିବାର କାରଣ ଏହି ଯେ ଏହାର ବହୁ ପୂର୍ବରୁ ୧୯୩୪ ସାଲରେ ବିଶ୍ୱନାଥ କର ଇହଲୋକ ତ୍ୟାଗ କରିଥିଲେ ଏବଂ ତାର ପ୍ରାୟ ଦଶ ବର୍ଷ ପରେ *ଉତ୍କଳ ସାହିତ୍ୟ* ବନ୍ଦ ହୋଇ ଓଡ଼ିଆ ସାହିତ୍ୟ କ୍ଷେତ୍ରର ପ୍ରଭୂତ କ୍ଷତି ହୋଇ ସାରିଥିଲା । ନଚେତ୍ ସେଇଥିରେ ସେ ଅନୁବାଦ ପ୍ରକାଶିତ ହୋଇ ପାରିଥାନ୍ତା । ଏଣେ ବର୍ଷ ପରେ ବର୍ଷ ଗଡ଼ି ଯାଉଥାଏ *ଭକ୍ତମଧୁ ବିଦ୍ୟାପୀଠ* ଏହାକୁ ଛାପି ପାରୁ ନଥାନ୍ତି କି ତା'ର ସ୍ୱତ୍ୱ ଆଉ କାହାକୁ ଛାଡ଼ି ଦେବାକୁ ଇଚ୍ଛା କରୁ ନଥାନ୍ତି । ମଧୁସୂଦନଙ୍କ ସମୟରେ ଦେଶର ଶିକ୍ଷା, ସାହିତ୍ୟ ଓ ସମାଜର ଅବସ୍ଥା ବିଷୟରେ କୌତୂହଳୀ ଗବେଷକ କେହି କେହି ସେଇ ବଙ୍ଗଳା ବହିକୁ ଖୋଜୁଥାନ୍ତି, କିନ୍ତୁ ତା' ଆଉ ଛପା ଆକାରରେ ନଥିବାରୁ ପାଇ ପାରୁ ନଥାନ୍ତି । ସେତେବେଳେ ଭୁବନେଶ୍ୱରରେ ମୁଁ ଅବସରରେ । ଏହିପରି ଗବେଷକ ଜଣଙ୍କ ଲାଗି ଆମ ଘରେ ଥିବା ବହି ଖଣ୍ଡକ ସେ 'ଜୀରକ୍ସ' କପି କରି ନେବା ପାଇଁ ତାଙ୍କୁ ଦେବାକୁ ପଡ଼ିଲା । ସେ ଖଣ୍ଡ ଅବନ୍ତୀ ଦେବୀ ମୋର ମାଆଙ୍କୁ

Digitized by srujanika@gmail.com

ଉପହାର ଦେଇଥିଲେ । ଏହାର ଆଉ କିଛି ଦିନ ପରେ ଜଣେ ମୁଗ୍ଧ ପାଠକ ମୋର ବିଶେଷ ବନ୍ଧୁ ଅବସରପ୍ରାପ୍ତ ଚୀଫ ଇଞ୍ଜିନିଅର ଶ୍ରୀ ବିଶ୍ୱନାଥ ମିଶ୍ର (୧୯୧୭-୨୦୦୫) ୧୯୯୫ ସାଲରେ *ଭକ୍ତମଧୁ ବିଦ୍ୟାପୀଠ* ଠାରୁ ଅତି କଷ୍ଟେ ଓଡ଼ିଆ ଅନୁବାଦର ପାଣ୍ଡୁଲିପି ନେଇ ଆସି ନିଜ ବ୍ୟୟରେ ପାଞ୍ଚଶହ କପି ଛପାଇ ବିଦ୍ୟାପୀଠକୁ ଦେଇଦେଲେ - ତା'ର ବିକ୍ରୟଲବ୍ଧ ଅର୍ଥରେ ସେମାନେ ତାଙ୍କ ଲାଇବ୍ରେରି ପାଇଁ ବହି କିଣନ୍ତୁ ବୋଲି । *ଭକ୍ତମଧୁ ବିଦ୍ୟାପୀଠ* ପ୍ରତି ତାଙ୍କର ଗୋଟାଏ ବିଶେଷ ଶ୍ରଦ୍ଧା ଥାଏ, କାରଣ ତାଙ୍କର ଜ୍ୟେଷ୍ଠ ଭ୍ରାତା ପରଲୋକଗତ ହରିହର ମିଶ୍ର (ପ୍ରାକ୍ତନ ଜଏଣ୍ଟ ଡି.ପି.ଆଇ.) ୧୯୨୧ ମସିହାରେ ସେହି ବିଦ୍ୟାଳୟର ଛାତ୍ର ଥିଲେ । ସେତେବେଳେ ତା'ର ନାମ ଥିଲା ଟାଉନ ଭିକ୍ଟୋରିଆ ହାଇସ୍କୁଲ ।

ପ୍ରସଙ୍ଗତଃ ଏଇଠି କହି ଦେଉଥାଏ ଯେ ସେ ସମୟରେ (୧୯୧୯ ରୁ ୧୯୨୪) ମୋର ବାପା ଥିଲେ ଭିକ୍ଟୋରିଆ ସ୍କୁଲର ହେଡମାଷ୍ଟର । ହରିହର ମିଶ୍ର ତାଙ୍କର ଛାତ୍ର ଥିବାରୁ ଆମ ଘରକୁ ଆସୁଥିଲେ ଓ ମୁଁ ତାଙ୍କୁ ହରିହରଦା' କହୁଥିଲି । ଆମମାନଙ୍କ ସହିତ ଘନିଷ୍ଠତା ହୋଇଥିଲା । କେତେ ବର୍ଷ ପରେ (୧୯୨୯-୩୨) ମୁଁ *ରେଭେନ୍ସା କଲେଜରେ* ପଢୁଥିବା ବେଳକୁ ସେ ବିଲାତ - ଫେରନ୍ତା ହୋଇ ଆସି ସେଠି ଇଂରାଜୀ ଅଧ୍ୟାପକ ହେଲେ । ଆମର ଇଂରାଜୀ ଅଧ୍ୟାପକ ଥିଲେ ଅନ୍ୟମାନେ, କିନ୍ତୁ ମୁଁ ତାଙ୍କର ଫରାସୀ ଭାଷା କ୍ଲାସକୁ ଯାଉଥିଲି, ସେଇଭଳି ହରିହରଦା' କହୁଥିଲି । ତା'ପରେ ମୁଁ କଲିକତାରେ B.Sc ପଢ଼ିଲି । ତାଙ୍କ ସଂସର୍ଗରେ ପୁଣି ଆସିଲି ଭୁବନେଶ୍ୱରରେ ମୁଁ ଚାକିରିରୁ ଅବସର ନେଇ ସାରିବା ପରେ - ୧୯୬୯ କି ୧୯୭୦ ମସିହାରେ । ସେ ବି ଭୁବନେଶ୍ୱରରେ ଘର କରିଥାନ୍ତି । ମୋ ପ୍ରତି ତାଙ୍କର ସ୍ନେହ ସେମିତି ଥାଏ । ସେତେବେଳକୁ ଅନେକ ଦିନ ହେବ ମୋର ବାପା ଆଉ ଇହଜଗତରେ ନଥାନ୍ତି । ହରିହରଦା' ଥରେ ଆସିଲେ ମୋର ମାଆଙ୍କୁ ଦେଖିବା ପାଇଁ । ଏମିତି ମୋର ଆହୁରି ଦାଦା (ସଂକ୍ଷେପରେ ଦା', ବଙ୍ଗଳାରେ) ଥିଲେ ।

ମୋର ଜଣେ ପ୍ରାକ୍ତନ ହେଡମାଷ୍ଟରଙ୍କ ପୁଅ ଅବସରପ୍ରାପ୍ତ ଆଡିଶନାଲ୍ ଚୀଫ ଇଞ୍ଜିନିଅର ଗୋବିନ୍ଦ ଗୁପ୍ତଙ୍କୁ ମୁଁ ସେଇଭଳି ଗୋବିନ୍ଦଦା' କହୁଥିଲି । ତାଙ୍କ କଥା

Digitized by srujanika@gmail.com

ଆଗରୁ କହିଛି - ସୁକୁମାର ରାୟ ପ୍ରସଙ୍ଗରେ । ମୁଁ ରିଟାୟାର କରି ଘର କରି ରହିଲା ବେଳକୁ ସେ ବି ଆଗରୁ ଘର କରି ରହିଥାନ୍ତି । ଆଗରୁ କହିଛି *ସେ ଆବୋଲ ତାବୋଲ* - ର ଓଡ଼ିଆ କରିଥାନ୍ତି - *ଅଗଡ଼ ବଗଡ଼* । ନିଜ ଖର୍ଚ୍ଚରେ ଛପାଇଥାନ୍ତି ମଧ । ସେ ପୁଣି *'ଦେଶର ଡାକ'* ଲେଖକ ବାଲେଶ୍ୱରର ହରିଶ୍ଚନ୍ଦ୍ର ବଡ଼ାଲଙ୍କ *'ଲୀଳାସଙ୍ଗିନୀ'* ନାମକ ଓଡ଼ିଆ କାବ୍ୟର ଇଂରାଜୀ ଅନୁବାଦ କଲେ : *Belle Amie* (ଫରାସୀ ଭାଷାରେ ଯାହା ଅର୍ଥ 'ସୁନ୍ଦରୀ ବାନ୍ଧବୀ' । ପୁଣି ବଙ୍ଗଳାରେ ଲେଖିଲେ *ତାଙ୍କ ଜୀବନର ବହୁ କୌତୁକକର କଥା (ବଙ୍ଗଳାରେ) 'ଜୀବନେର ମଜଲିସ୍'* ଏବଂ ଆତ୍ମକଥା ଲେଖିଲେ ଇଂରାଜୀରେ *Just One of Those* । ସେହିପରି ମୋର ଆର ଚୀଫ ଇଞ୍ଜିନିଅର ବନ୍ଧୁ ବିଶ୍ୱନାଥ ମିଶ୍ର ମଧ ଲେଖକ, ଏଗାର ଖଣ୍ଡ ବଙ୍ଗଳା ବହିର ଓଡ଼ିଆ ଅନୁବାଦ କରିଛନ୍ତି । ତା ଭିତରେ ବିଶେଷ ଉଲ୍ଲେଖନୀୟ ଟିକିଏ ପୁରୁଣା 'ବନଫୁଲ' (ବଲାଇଚାଁଦ ମୁଖୋପାଧାୟ)ଙ୍କ 'ଅଗ୍ନୀଶ୍ୱର' ଏବଂ ଏକବାର ଆଧୁନିକ ସୁଚିତ୍ରା ଭଟ୍ଟାଚାର୍ଯ୍ୟଙ୍କର *'ଦହନ'* । ତା'ଛଡ଼ା ଗୋଟିଏ ଜୀବନ ଚରିତ ଓ ଗୋଟିଏ ପ୍ରବନ୍ଧ ପୁସ୍ତକ ମଧ୍ୟ ଅଛି ।

ମୋର ଏଇ 'ଦାଦା'ମାନଙ୍କ ମଧରେ ବେଶି ମନେ ପଡ଼େ ବାପାଙ୍କ ପ୍ରିୟ ଛାତ୍ର କଟକର ଶରତ୍‌ଚନ୍ଦ୍ର ମୁଖାର୍ଜି (ଯେ କି ମୋ ବାପାଙ୍କୁ ବାପା ଓ ମୋର ମା'ଙ୍କୁ ମା ବୋଲି ଡାକୁଥିଲେ) ଓ ତାଙ୍କର କଲେଜ ସାଙ୍ଗ ଢେଙ୍କାନାଳ ସ୍କୁଲରୁ ଆସିଥିବା ଭବିଷ୍ୟତ ଖ୍ୟାତନାମା ସାହିତ୍ୟିକ ଓ ଗ୍ରନ୍ଥକାର ଅନ୍ନଦାଶଙ୍କର ରାୟ (ଯେ କି ସେହି ଛାତ୍ରାବସ୍ଥାରେ ସାଙ୍ଗମାନଙ୍କ ସହିତ ମିଶି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ସବୁଜ ସାହିତ୍ୟ ସମିତି' ବୋଲି ନିଜେ ଗୋଟିଏ ଲେଖକ ଗୋଷ୍ଠୀ ଗଢ଼ିଥିଲେ ଓ ପରେ ଏକ ସୁବିଖ୍ୟାତ ବଙ୍ଗଳା ସାହିତ୍ୟିକ ହୋଇ ପାରିଥିଲେ) । ମନେ ପଡ଼େ ମଧ ଭିକ୍ଟୋରିଆ ସ୍କୁଲ ଛାତ୍ର ରଘୁଦା'ଙ୍କୁ (ରଘୁନାଥ ମହାନ୍ତି) ସମାଜର ନିତାନ୍ତ ତଳ ପାହିଆରେ ଯାହାଙ୍କ ଜନ୍ମ, ସଦା ସଂଗ୍ରାମମୟ ଯାହାଙ୍କ ଜୀବନ, ତା'ରି ଭିତରେ ଗଣିତରେ ଏମ୍.ଏ.,ଏକ ପ୍ରେମରେ ବ୍ୟର୍ଥ, ପରେ ଅନ୍ୟତ୍ର ଅତି ରୋମାଣ୍ଟିକ୍ ବିବାହ, ରବୀନ୍ଦ୍ର-କାବ୍ୟର ବିଶେଷ ଭକ୍ତ, ଅପରାଜିତ ଯାହାଙ୍କ ଚିତ୍ତ । ଗୋଟିଏ ଭାଇକୁ ସୁଶିକ୍ଷିତ କରି ଡାକ୍ତର ମଧ କରାଇ ବିବାହ ଦେଇଥିଲେ । ପରେ ନିଜର ପୁତ୍ର-କନ୍ୟାଗଣଙ୍କୁ ବି ସେହିପରି ସୁଶିକ୍ଷିତ କରିପାରିଥିଲେ । ତାଙ୍କର ଖାଣ୍ଟି ଓଡ଼ିଆ ସ୍ତ୍ରୀଙ୍କୁ ମୁଁ 'ବଉଦି' ବୋଲି ବଙ୍ଗଳା

Digitized by srujanika@gmail.com

ଠାଣିରେ ସମ୍ବୋଧନ କରୁଥିଲି ଯଦିଚ କଥା କହୁଥିଲି ଓଡ଼ିଆରେ । ତାଙ୍କ ଠାରେ ଗୋଟାଏ ଶାନ୍ତ ସୌନ୍ଦର୍ଯ୍ୟ ଥିଲା ଯେଉଁ ପରି ମୁଁ ଆଉ କାହାଠାରେ ଦେଖିଛି କି ନା ହଠାଠ୍ ମନେ ପକାଇ ପାରୁନାହିଁ । ସେ କବିତା ମଧ ଲେଖୁଥିଲେ । ରଘୁଦା' 'ବଦ୍ରଦି'ଙ୍କର କେତେଗୁଡିଏ କବିତା ପୁସ୍ତକ ଆକାରରେ ଛପାଇ ବାହାର କରିଥିଲେ । ଆଗରୁ କହି ନାଇଁ ମୋ ସହିତ ବରାବର ପରିଷ୍କାର ବଙ୍ଗଳାରେ କଥା କହୁଥିଲେ ରଘୁଦା' ।

ଶରତଦା' ଅନ୍ନଦାଦା', ହରିଶ୍ଚନ୍ଦ୍ର ବଡ଼ାଲ, ନବକୃଷ୍ଣ ଚୌଧୁରୀ ଏମାନଙ୍କ ମଧରେ ଆଜୀବନ ସଖ୍ୟତା ଥିଲା । ହରିଶ୍ଚନ୍ଦ୍ରଙ୍କ ସହିତ ମୋର ପରିଚୟ ହୋଇଥିଲା ଏକବାରେ ତାଙ୍କର ଶେଷ ବୟସରେ । ତା'ର କିଛି ଦିନ ପରେ ସେ ମସ୍ତିଷ୍କରେ 'ଷ୍ଟ୍ରୋକ' ହେଇ ହଠାତ୍ ପକ୍ଷାଘାତରେ ନିତାନ୍ତ ଅଶକ୍ତ ହୋଇ ପଡ଼ିଲେ । ସେତେବେଳେ କେବେ କେମିତି ଅନ୍ନଦାଦା'ଙ୍କୁ ତାଙ୍କର କିଛି ବିଶେଷ କଥା କହିବାକୁ ଥିଲେ ମୁଁ ହିଁ ତାହାକୁ ଅନ୍ନଦାଦା'ଙ୍କ ପାଖକୁ ଲେଖୁଥିଲି । ସେମାନେ ସମସ୍ତେ ମୋ ଠାରୁ ବୟସରେ ପ୍ରାୟ ୯/୧୦ ବର୍ଷ ବଡ଼, ନବ ବାବୁ ୧୩ ବର୍ଷ ବଡ଼ ଥିଲେ ।

ଆମେରିକା ଯୁକ୍ତରାଷ୍ଟ୍ର ଟେକ୍ସାସ୍ ରାଜ୍ୟର **El Peso** ନାମକ ଗୋଟିଏ ସହରରୁ ଭାରତ ବିଷୟରେ ନାନା ଶୈଳ୍ପିକ କୌତୂହଳକୁ ଧରି ଭାରତକୁ ବୁଲି ଆସିଥିଲେ **Miss Alice Virginia Orndorff** (ମିସ୍ ଆଲିସ୍ ଭର୍ଜିନିଆ ଅର୍ନଡର୍ଫ୍) । ତାଙ୍କ ସହିତ ଅନ୍ନଦାଦାଙ୍କ ପରିଚୟ ଓ ହଠାତ୍ ପ୍ରେମ ହେଲା, କିନ୍ତୁ ଅତିଶୟ ହଠାତ୍ ବିବାହ କେମିତି କାହିଁକି ହେଲା ସେ କଥା ବିଶଦରେ ଲେଖିଛନ୍ତି ଅନ୍ନଦାଶଙ୍କର ତାଙ୍କର *'ନବ୍ବଇ ପେରିୟେ'* (ନବେ ପାରେଇ) ପୁସ୍ତକରେ । (ନିଜ ହାତରେ ଲେଖି ନଥିଲେ, ଡାକି ଦେଇଥିଲେ । ବୟସ ବେଶି ହେଲା ପରେ ସେ ଆଉ ଲେଖିପାରୁ ନଥିଲେ, ସେ ଡାକି ଦେଉଥିଲେ ଅନ୍ୟ କେହି ଜଣେ ଲେଖି ଦେଉଥିଲେ) । ଭାରତରେ ଆମେରିକାର କନସାଲ୍-ଜେନେରାଲ ଏବଂ ସେତେବେଳର (୧୯୩୦) ପ୍ରଖ୍ୟାତ ଡିଟେକ୍ଟିଭ୍ କଲିକତାର ପୁଲିସ କମିଶନର୍ ମିଃ ଚାର୍ଲସ୍ ଟେଗାର୍ଟ (ପରେ 'ସାର୍') ଏବଂ ବୋଧହୁଏ କୌଣସି ଏକ ବିଶେଷ ପରିସ୍ଥିତି ଏଇ ସମସ୍ତେ ମିଶିକରି ହିଁ ଥିଲେ ଏ ଆକସ୍ମିକ ବିବାହର ଘଟକ ! ମିସ୍ ଅର୍ନଡର୍ଫ୍

Digitized by srujanika@gmail.com

ସେତେବେଳେ ରାଞ୍ଚି (ବିହାର, ବର୍ତ୍ତମାନ ଛତିଶଗଡ଼) ଯାଇଥିଲେ ଅନ୍ନଦାଶଙ୍କରଙ୍କ ସେଇ ବନ୍ଧୁ ଶରତ୍ ମୁଖାର୍ଜିଙ୍କୁ ଭେଟିବା ପାଇଁ - ଯେ କି ସେତେବେଳେ ବିହାର-ଓଡ଼ିଶା ସରକାରଙ୍କ ଜଣେ ଉଚ୍ଚ ପାହ୍ୟାର ଅଫିସର ହିସାବରେ ସେଇଠି କର୍ମରତ ଥିଲେ । ତିନି ଦିନ ଭିତରେ ବିବାହ ସମ୍ପନ୍ନ କରିବାକୁ ପଡ଼ିବ, ନଚେତ୍ ବିଦେଶୀ ହିସାବରେ ତାଙ୍କୁ ଆମେରିକା ଫେରସ୍ତ ପଠାଇ ଦିଆଯିବ- ଏମିତି ଥିଲା ପରିସ୍ଥିତି । ଶରତ୍ ମୁଖାର୍ଜି ତାଙ୍କ ପଦବୀର ବିଶେଷ କ୍ଷମତା ବଳରେ ତାହା କରାଇ ପାରିଥିଲେ । ହରିଶ୍ଚନ୍ଦ୍ର ସେତେବେଳେ ରେଳଓଏର ଉଚ୍ଚ ପଦବୀରେ ସସ୍ତ୍ରୀକ ବମ୍ବେରେ ଥାନ୍ତି । ବିବାହ ପରେ ଦୁହେଁ ସେଇମାନଙ୍କ ପାଖକୁ ବୁଲିବା ପାଇଁ ଗଲେ । ଭାର୍ଜିନିଆ ଅର୍ନ୍ଡର୍ଫ୍ ବିବାହ ପରେ 'ଲୀଳା ରାୟ' ହୋଇ ଅନେକ ବଙ୍ଗଳା ଗଳ୍ପ ଓ ଉପନ୍ୟାସ ଇଂରାଜୀରେ ଅନୁବାଦ କରିଥିଲେ । ମୁଁ 'ଲୀଳା ବଉଦି'ଙ୍କ ପାଖରୁ ଅନୁବାଦ ପାଇଁ ସଦୁପଦେଶ ପାଇ ଉପକୃତ ହୋଇଛି ।

ଏତକ ଲେଖୁ ଲେଖୁ ବାରଂବାର *ଆବୋଲ ତାବୋଲ* ଓ ସୁକୁମାରଙ୍କ ଉଲ୍ଲେଖ କରିବାକୁ ପଡ଼ିଛି, ସେଥିପାଇଁ ବାରଂବାର ବନ୍ଧୁ ବାମାଚରଣ ମିତ୍ର (୧୯୧୫-୭୫) ବା 'ବାଉଲ' ମନେ ପଡ଼ିଛନ୍ତି, କାରଣ ସେ ଯେ କେବଳ ସୁକୁମାରଙ୍କ ପିଲାଙ୍କ- ନାଟକ *'ଲକ୍ଷ୍ନେର୍ ଶକ୍ତିଶେଲ୍'*କୁ ଓଡ଼ିଆରେ ଅନୁବାଦ କରିଥିଲେ ତାହା ନୁହେଁ, ସେ ଥିଲେ ମନମୋହନ ଚୌଧୁରୀଙ୍କ ପରି ସୁକୁମାରଙ୍କ ବଡ଼ ଭକ୍ତ । ଯେ କୌଣସିଠାରେ ହାସ୍ୟରସ ପାଇଲେ ସେ ତାର ଭକ୍ତ ହୋଇ ପଡ଼ନ୍ତି - ଯେମିତି ରାଜଶେଖର ବସୁଙ୍କର (୧୮୮୦-୧୯୬୦) 'ପରଶୁରାମ' ଛଦ୍ମନାମରେ ଲେଖା ଗଳ୍ପ ଗୁଡ଼ିକ । ନାନା ଗମ୍ଭୀର ବିଷୟ ନେଇ ରାଜଶେଖରଙ୍କ ନିଜ ନାମରେ ଲେଖା ପ୍ରବନ୍ଧ ଗୁଡ଼ିକ ମଧ ପଢୁଥିଲେ ବାମାଚରଣ । ଏହି ସବୁ ଲେଖାରେ ରାଜଶେଖରଙ୍କ ସ୍ୱଳ୍ପବ୍ୟକ୍ତ, ଅଦମ୍ୟ ଗମ୍ଭୀର ନିମ୍ନସ୍ୱରର ହାସ୍ୟରସ କେବେ କେବେ ହଠାତ୍ ବିଜୁଳି ପରି ଚମକି ଯାଇଛି । ସେ ଅବଶ୍ୟ କହୁଥିଲେ, ମୁଁ ସାହିତ୍ୟିକ ନୁହେଁ, ସେ ନାମର ମୁଁ ଯୋଗ୍ୟ ମଧ ନୁହେଁ, ମୋର କାମ ବେଙ୍ଗଲ କେମିକାଲ ଓ ଫର୍ମାସିଉଟିକାଲ କମ୍ପାନୀର କାମ । ସେ ଥିଲେ ପ୍ରଥମେ ଏହାର କେମିଷ୍ଟ (ରସାୟନବିଦ୍ ବିଶେଷ କର୍ମଚାରୀ), ପରେ ଅନ୍ୟତମ ଡିରେକ୍ଟର - ଆମୃତ୍ୟୁ । ଭାରତରେ ଇଣ୍ଡଷ୍ଟ୍ରିୟାଲ କେମିଷ୍ଟ୍ରିର ସେ ଜଣେ ପ୍ରାମାଣିକ ବ୍ୟକ୍ତି ଥିଲେ । ଏଣେ ପୁଣି

Digitized by srujanika@gmail.com

ସେ ଏକକ ଭାବରେ *ଚଳନ୍ତିକା* (ବଙ୍ଗଳାରେ 'ଳ' ନାହିଁ) ବୋଲି ଏପରି ସୁନ୍ଦର, ବଡ଼ କାମିକା ଗୋଟିଏ ବଙ୍ଗଳା ନାତିବୃହତ୍ ଅଭିଧାନ ପ୍ରଣୟନ କଲେ ଯେପରି ପରିକଳ୍ପନା ତାଙ୍କ ପୂର୍ବରୁ କେହି କରି ନଥିଲେ । ତା'ପରେ ମୂଳ ସଂସ୍କୃତରୁ ରାମାୟଣ ଓ ମହାଭାରତର 'ସାରାନୁବାଦ' ମଧ କଲେ । ତାଙ୍କର *ଭଗବଦ୍ଗୀତା* ଅନୁବାଦ ତାଙ୍କ ମୃତ୍ୟୁ ପରେ ବାହାରିଥିଲା । ତେଣେ ବରାବର ବେଙ୍ଗଲ କେମିକାଲ୍‌ର କାମ ମଧ ଚାଲୁଥାଏ !

'ବାଉଲ' ପରେ ସିନା ପ୍ରଖ୍ୟାତ ଓଡ଼ିଆ ଲେଖକ ହେଲା, କୋଡ଼ିଏ ଏପାଖ ସେପାଖ ବୟସରେ ସେ ଓ ମୁଁ ଥିଲୁ କଟକ କାଠଯୋଡ଼ିରେ ପରସ୍ପରର ପହଁରାଳି ସାଙ୍ଗ । ଅନ୍ୟ ଆଉ କେତେ ଜଣ ମିଶି ବଢ଼ି ବେଳେ ନଈ ପହଁରାରେ ମାତୁଥିଲୁ । 'ଗହ୍ମାପୁନେଇ ବଢ଼ି' 'ଚିତୋଉ ଅମେଇସା ବଢ଼ି' ଇତ୍ୟାଦି ବଢ଼ି ବେଳକୁ ଆମ ଆନନ୍ଦ ଅଧିକ ହେଉଥିଲା - ଦେଶ ପଛକେ ଭାସିଯାଉ ! ସେତେବେଳେ ହୀରାକୁଦ ବନ୍ଧ ହୋଇନଥାଏ, ବଢ଼ି ପାଣି ନିର୍ଦ୍ଵନ୍ଦ୍ଵରେ ମାଡ଼ି ଆସୁଥିଲା, କେତେବେଳେ କଉ ହଣା ହୋଇ ଶୁଖି ଯାଇଥିବା ଗଛକୁ ସାଥିରେ ନେଇ, କେତେବେଳେ ପଶୁର ମୁର୍ଦାର ଅଥବା ଘର ଚାଳକୁ ନେଇ ମଧ । ସେଇଭଳି ଶୁଖିଲା ଗଛ, ବଡ଼ କାଠଗଣ୍ଡି ଦେଖିଲେ କେତେକ କେଉଟ ଉରୁ ସନ୍ଧିରେ ସୋଲ-ଟିପେଇ ଦୁଇ ବଡ଼ା ଗଳାଇ ପାଣିକୁ ଡେଇଁ ପଡୁଥିଲେ, ଦୁଇ ତିନି ଜଣ ମିଶି ବହୁତ ଦୂରରୁ ସେ ଗଛକୁ ଭିଡ଼ି ଆଣୁଥିଲେ ପହଁରି ପହଁରି । ସେଭଳି ବଢ଼ିରେ ପାଣି ବଢ଼ି ବଢ଼ି ହୋଇ ଯାଉଥିଲା ୨୦ ଫୁଟ, ୨୨ଫୁଟ, ୨୪,୨୫ଫୁଟ । 'ଶ୍ରାଦ୍ଧଘାଟ'ରେ ୨୭ଫୁଟ ୩ଇଞ୍ଚ ପର୍ଯ୍ୟନ୍ତ ବଢ଼ି ଆସିବାର ମୁଁ ଦେଖିଛି ସେତେବେଳେ । ଅନ୍ତତଃ ୨୨/୨୩ ଫୁଟ ପାଣି ନ ଆସିଲେ ଆମ ମନ ସନ୍ତୋଷ ହେଉ ନଥାଏ ! ନଈ ବନ୍ଧ କଡ଼େ କଡ଼େ ଟେଲିଗ୍ରାଫ ତାର ଦେହରେ ଦକ୍ଷିଣ ପବନର ଅବିଶ୍ରାନ୍ତ ସନ୍ ସନ୍ ଶବ୍ଦ ଯେମିତି ବଢ଼ିର ତୋଡ଼ ଘୋଷଣା କରୁଥାଏ । ବେଳ ସାଢ଼େ ଆଠଟା ନ'ଟା ହେଲେ ଗୋଳି-ପାଣି ରଙ୍ଗ ହୋଇ ଯାଇଥିବା ଲୁଗାକୁ ଭିଡ଼ି ଅଣ୍ଟାରେ ଗାମୁଛାଟାକୁ କସିକରି ବାନ୍ଧି ଆମେ ଗାଧୋଇ ବାହାରୁ, ଦଳଟାଏ ମିଶି ଚାଲି ଯାଉ 'ହନୁମାନ ଘାଟ' ପାଖକୁ । ସେଇଠି ପାଣିରେ ପଡୁ । ନଈ ଭିତରକୁ ଖଣ୍ଡେ ବାଟ, ଅନେକଟା ଦୂର ପର୍ଯ୍ୟନ୍ତ ପହଁରିକି ଚାଲିଯାଉ, ଯାହାର ଯେଉଁ ପର୍ଯ୍ୟନ୍ତ ସାହାସ ଅଣ୍ଟୁଥାଏ । 'ବାଉଲ' ମୁଁ କହି ପ୍ରାୟ

Digitized by srujanika@gmail.com

ବେଶି ଦୂରକୁ ଚାଲିଯାଉ । ନଈ ଭିତରକୁ ତ ଭଉଁରି ନଥାଏ, ଥାଏ ଗୋଟାଏ ଗୋଟାଏ 'ମଳମଳା', ହଠାତ୍ ଭୁସ୍‌କିନା ଉଠେ ପାଣି ଭିତରୁ ପାଣି, ବେଶ୍ ଥୋଡ଼ାଏ ଜାଗା ନେଇ ! ଠିକ୍ ଆମରି ପାଖରେ ଉଠିଲେ ଆମକୁ ବି ଟେକିଦିଏ, କିନ୍ତୁ ତା କଡ଼କୁ ଚାଲିଗଲେ ଆମକୁ ପାଣି ଭିତରକୁ ମାଡ଼ିଦିଏ । ସେତେବେଳେ ସେ ଗୋଳି ପାଣିର ଅନ୍ଧାର ଭିତରେ ହଠାତ୍ ହତାଶ ଲାଗେ, ଉପରକୁ ମଧ ଉଠି ହୁଏ ନାହିଁ । ସେତେବେଳେ ବୁଡ଼ା ପହଁରାରେ ଥୋଡ଼ାଏ ବାଟ ଘୁଞ୍ଚି ଯିବାକୁ ପଡ଼େ । ସେ ବି ମାଡ଼ିଦେଲେ ମଧ ଘୁଞ୍ଚି ଯିବାକୁ ଟିକେ ସାହାଯ୍ୟ କରେ । ଏମିତି ପହଁରୁ ପହଁରୁ ଏଣେ ସୁଅ ଆମକୁ ଭସାଇ ନେଇ ଯାଉଥାଏ 'ତଳ'କୁ, 'ବଡ଼ ବୁରୁଜ' ଆଡ଼କୁ - ଯେଉଁଠୁ 'ପୁରୀଘାଟ' ଥାଏ ଆହୁରି ଅନେକଟା ତଳକୁ । 'ବଡ଼ ବୁରୁଜ'ରେ ଥାଏ ବଡ଼ ଭଉଁରି, ଯାହାକୁ ସମସ୍ତେ ଡରନ୍ତି ! ତେଣୁ ଆମେ ସୁଅରେ ଭାସି ଆଉ ଥୋଡ଼ାଏ ତଳକୁ ପଳାଉ, ତା'ପରେ ଯାଇ କୂଳକୁ ଲାଗୁ । କିନ୍ତୁ ଆମ ଗାଧୁଆ ଏତିକିରେ ସରି ନଥାଏ । ଆମେ ପୁଣି ଚାଲି ଚାଲି ଯାଉ 'ଉପର'କୁ ନଈ ଉଜାଣି ଆଡ଼କୁ । କିନ୍ତୁ ଆଉ 'ହନୁମାନ ଘାଟ' ପର୍ଯ୍ୟନ୍ତ ନଯାଇ 'ଶ୍ରାଦ୍ଧଘାଟ'ରେ ରହିଯାଉ - ସେଇଠି ନଈକୁ ଡେଇଁବାର ସୁବିଧା ଥାଏ ବୋଲି । ଆମର ସେ ଡିଆଁ diving କରିବା ଡିଆଁ ନୁହେଁ, 'ବୀର ବଜରଙ୍ଗ୍' (ବଜ୍ରାଙ୍ଗ, ଶ୍ରୀହନୁମାନ) ଡିଆଁ - ଯେଉଁଥିରେ ବେଶ୍ ଗୁମ୍ କିନା ଶବ୍ଦ ହେବ ଏବଂ ପାଣି ଉଚ୍ଚକୁ ଛିଡ଼ିକି ଉଠିବ । କାହା ଡିଆଁରେ କେତେ ଉଚ୍ଚକୁ ପାଣି ଛିଟିକି ଉଠୁଛି ଦେଖା ହେଉଥିଲା । ବେଳେବେଳେ ପୁଣି ସିଧା ଠିଆ ହେବା ଭଙ୍ଗିରେ ଡେଇଁ ପଡୁଥିଲୁ, ଗଳି ପଡୁଥିଲୁ ଗୁବ୍ କିନା ପାଣି ଭିତରକୁ, ଅନେକଟା ଗଭୀର ପର୍ଯ୍ୟନ୍ତ ।

ଏସବୁ ଛଡ଼ା ବାଉଲ ଆଉ ମୋର ଗୋଟାଏ ବିଶେଷ ଫୁର୍ତ୍ତିର ଜିନିଷ ଥିଲା ଦିନେ ଦିନେ 'ବଡ଼ ବୁରୁଜ'ର ବଡ଼ ଭଉଁରିରେ ପହଁରିବା । ଆମେ ଅବଶ୍ୟ ପ୍ରକୃତରେ ଭଉଁରି ମଝିକୁ ଯାଉ ନଥିଲୁ, ତା କଡ଼େ କଡ଼େ ତାର ଘୂର୍ଣ୍ଣୀ ତୋଡ଼ରେ ତିନି ଚାରି ଥର ବୁଲି ସେଠୁ ବାହାରି ଯାଉଥିଲୁ । 'ବୁରୁଜ' ଉପରୁ ଲୋକେ ଦେଖୁକି ଭୟ ପାଉଥିଲେ, ଆମେ ଆତ୍ମପ୍ରସାଦ ଲାଭ କରୁଥିଲୁ । କେବେ କେମିତି ତା ଭିତରେ ପଡ଼ି ବୁଡ଼ନ ନ ଖାଇଛୁ ଏମିତି ବି ନୁହେଁ । ଥରେ ତ ମୁଁ ଏକୁଟିଆ ସେଇଠି ପହଁରୁ ଥିଲା ବେଳେ ହଠାତ୍ ତା ମଝିରେ ପଡ଼ିଯାଇ ବୁଡ଼ିଗଲି । ଗୋଳି ପାଣି, ବୁଡ଼ିଲା ମାତ୍ରେ ତା

Digitized by srujanika@gmail.com

ଭିତର ଅନ୍ଧକାର, କେତେ ତଳକୁ ଟାଣି ନେଇଛି ବୁଝିପାରୁ ନଥାଏ । ହଠାତ୍ ପଛରୁ ଆସି ମୋତେ ବୁଡ଼ାଇ ଦେଇଛି, ଥରେ ଦମ୍ ବି ନେଇପାରି ନାହିଁ । ଉପରକୁ ଉଠିବାକୁ ଚେଷ୍ଟା କଲି, ହେଲାନାହିଁ । ସେଇ ପାଣି ତଳେ ଥାଇ ଭଉଁରିଠୁ ଟିକେ ଦୂରକୁ ଘୁଞ୍ଚି ଯିବାକୁ ଚେଷ୍ଟା କଲି ତା ବି ସେ ମୋତେ ଛାଡ଼ିଲା ନାହିଁ । ଏସବୁ ଚେଷ୍ଟା ଫଳରେ ଦମ୍ ଆହୁରି ଶୀଘ୍ର ଚାଲିଯାଉଥାଏ, ପ୍ରାୟ ଫାଟିବା ଅବସ୍ଥା । ବୋଧହୁଏ ଆଉ ଉଠି ପାରିବି ନାହିଁ ମନେ ହେଲା । ବୁଡ଼ିଗଲା ବେଳେ ଜୀବନର ସମୁଦାୟ କଥା କୁଆଡ଼େ ମୁହୂର୍ତ୍ତକ ମଧ୍ୟେ ଥରେ ଦେଖା ଯାଇଥାଏ ବୋଲି କହନ୍ତି, କିନ୍ତୁ ମୁଁ କିଛି ଦେଖିନାହିଁ । ନିଶ୍ଚଳ ନିଶ୍ଚେଷ୍ଟ ହୋଇ ଭଉଁରି ଭାଙ୍ଗିବାକୁ ଅପେକ୍ଷା କଲି । - ଆଉ ଦମ୍ ନାହିଁ, ମନେହେଲା ଅଚେତା ହେଇଯିବି - ଠିକ୍ ଏଇ ସମୟରେ ଭଉଁରି ଭାଙ୍ଗିଗଲା, ମୁଁ ଭାସି ଉଠିଲି ଉପରକୁ । ଗୋଟାଏ ଦମ୍ ନେଲି - ପୂରା କରି । ଥରଟିଏ ନିଃଶ୍ୱାସ ନେବାରେ ଏତେ ସୁଖ, ଏତେ ଆରାମ! ସାଙ୍ଗେ ସାଙ୍ଗେ ଆଉ ଗୋଟାଏ ଭଉଁରି ଆସି ମୋତେ ବୁଡ଼ାଇ ଦେଲା ! କିନ୍ତୁ ଆଉ ଭୟ ନଥାଏ, ଗୋଟାଏ ଦମ୍ ନେଇଛି ପୁରା କରି ।

'ବୁରୁଜ'ରେ ଧକ୍କା ଖାଇ ବଡ଼ ସୁଅଟା ଚାଲିଯାଏ ଟିକେ ନଈ ଭିତର ଆଡ଼କୁ । ଗୋଟିଏ ସାନ ସୁଅ, 'ମଳମଳା'-ମୟ ହୋଇଥିଲେ ମଧ ବୁଲି ଫେରିଆସେ 'ବୁରୁଜ' ସେପାଖର ନିରାପଦ କୋଣକୁ । ଭଉଁରି ଭାଙ୍ଗିଯିବା ପରେ ସେଇ ସୁଅରେ ଫେରି ଆସିଲି, ଅଣ୍ଟାରୁ ଗାମୁଛା ଫିଟାଇ ଦେହ ଘଷି ହେଲି, ମୋର ଧଇଁସଇଁ ଅଣନିଃଶ୍ୱାସିଆ ଅବସ୍ଥାକୁ ଲୁଚାଇ ମୋର ଗୁମର ବଜାଏ ରଖିଲି !

ଥରେ ଆମେ ପହଁରିକରି ନଈ ପାରି ହୋଇଥିଲୁ ୨୨ଫୁଟ ପାଣିରେ, ଭାଦ୍ର ମାସର ଅନନ୍ତ ଚତୁର୍ଦ୍ଦଶୀ ପରଦିନ ପୂର୍ଣ୍ଣିମାରେ । ସେ ଦିନ ଥିଲା ୨୩ ସେପ୍ଟେମ୍ବର ୧୯୩୪ । ମୁଁ ସେଇ ବର୍ଷ ବି.ଏସ୍-ସି. ପାସ୍ କରିଥାଏ । 'ବାଉଲ୍' ବି.ଏ. ପଢୁଥାଏ । ଆମେ ତିନିଜଣ ଥିଲୁ, 'ବାଉଲ', 'ଫନେଇ' (ସୈୟଦ ଆହମଦ୍ ହୋସେନ୍-ଚେରମୂଳ ଦୋକାନଦାର, କିଞ୍ଚିତ କୁଖ୍ୟାତିସମ୍ପନ୍ନ - ଗୁଣ୍ଡା ବୋଲି) ଓ ମୁଁ । ଆମ ପୂର୍ବରୁ କିଛିଦିନ ତଳେ ଆଉ ଦି'ଜଣ ଟୋକା ପହଁରିକି ପାରି ହୋଇଥିଲେ ତାଙ୍କୁ କଲେକ୍ଟର ସାହେବ କୁଆଡ଼େ ୧୫ଟଙ୍କା ଲେଖାଏ ଜୋରିମାନା କରିଥିଲେ -

Digitized by srujanika@gmail.com

ପୁଲିସ୍‌ର **attempted suicide** ଅଭିଯୋଗରେ । ଆମେ ତେଣୁ ସାଙ୍ଗରେ ଗୋଟାଏ 'କାଠୁଆ' ଡଙ୍ଗା ନେଇଥାଉ । ପାରି ହେଉ ହେଉ ସୁଅ ତ ଆମକୁ ତଡ଼ି ନେବ ରେଳ ପୋଲ ପାଖକୁ । ତାର ସେ ପାଖକୁ ଚାଲିଗଲେ ବିପଦର ସମ୍ଭାବନା, ତାର ପାହିଆ ଗୁଡ଼ିକ ପ୍ରାୟ ଗୋଟିଏ ଗୋଟିଏ 'ବଡ଼ ବୁରୁଜ' । ତେଣୁ ଯେମିତି ହେଲେ ପୋଲ ଏପାଖରେ ଲାଗିବାକୁ ପଡ଼ିବ - ଆଉ ପାରିରେ ପହଞ୍ଚିଲା ବେଳକୁ । ଆମେ ସେଇପାଇଁ ପାଣିକି ପଡ଼ିଲୁ ବେଶ୍ ଗୁଡ଼ାଏ ଉପରକୁ ଯାଇ, ଡଗରପଡ଼ା ହଡ଼ହଡ଼ିଆ ଘାଟରୁ । ବନ୍ଧ ଉପରୁ ନଈ ଆରପାଖ ମନେ ହେଉଥିଲା ମାଇଲେ ଭିତରେ ହେବ । ପାଣିକି ଓହ୍ଲାଇଲା ବେଳକୁ ସେ ଦୂରତା ଯେମିତି ଅକଳନ ଜଣାପଡ଼ିଲା !

କିଛି ସମୟ ପରେ ଆମେ ଅନେକଟା ଅଲଗା ଅଲଗା ହୋଇଗଲୁ । 'ବାଉଲ' ସବୁଥିରେ ତରବରିଆ, ବରଫ ଦିଆ ଥଣ୍ଡା ସରବତ ହେଉ ବା ପ୍ରାୟ ଫୁଟନ୍ତା ଗରମ ଚାହା ହେଉ ସେ ଏକା ନିଃଶ୍ୱାସେ ପିଇ ଦେଇ ଗିଲାସଟା ଠାକଉ କିନା ଥୋଇ ଦବ ! ସେ ଚାଲି ଯାଇଥାଏ ଥୋଡ଼ାଏ ଆଗକୁ । ମୁଁ ଦମ୍ ରଖି ପହଁରୁ ଥାଏ, 'ଫନେଇ' ଧୀର ପହଁରାଳି, ଥୋଡ଼ାଏ ପଛକୁ ପଡ଼ି ଯାଇଥାଏ । ନାଆ - ଆମର ସେଇ 'କାଠୁଆ' - ଛାଡ଼ିଲା ନଈର ଥୋଡ଼ାଏ ତଳୁ - 'କଚେରି ଘାଟ'ରୁ, ସେ ଆସି ରହିଥାଏ ଫନେଇ ପାଖରେ । ଗୁଡ଼ାଏ ବାଟ ଆସିଲେଣୁ ମନେ ହେଉଥାଏ, କିନ୍ତୁ ସେପାରି ଗଛଗୁଡ଼ା ପ୍ରାୟ ଯେମିତି ଥିଲା ସେମିତି !

ଆଉ କିଛି ସମୟ ପରେ ଗଛଗୁଡ଼ା ଯେମିତି ଥୋଡ଼ାଏ ବଡ଼ ଦିଶିଲା । ମଝି ନଈ ପାର ହୋଇ ଆସିଲେଣୁ ବୋଧହୁଏ । 'ବାଉଲ' ଆହୁରି ଦୂରରେ, ଫନେଇ ଆହୁରି ପଛରେ । ଗୋଡ଼ରେ କ'ଣ ବାଜିଲା ! କୁମ୍ଭିର ? ଓଃ ନା, ଖଣ୍ଡେ ବୁଡ଼ନ୍ତା କାଠଗଡ଼, ପାଣି ପିଇ ପିଇ ଓଜନିଆ ହୋଇଯାଇଛି, ରକ୍ଷା ! କୁମ୍ଭିର ତ ଏମିତି ସୁଅ ପାଣିରେ ନ ଥାନ୍ତି । କିନ୍ତୁ ରେଳ ପୋଲ ଅନେକ ବଡ଼ ଦିଶୁଛି । 'ବାଉଲ' ଅବଶ୍ୟ ପ୍ରାୟ କୂଳ ପାଖାପାଖି ହେଇ ଗଲାଣି । ମୁଁ କାଇଁକି ଛେପ ଢୋକି ପାରୁନାହିଁ ? 'ବାଉଲ'ର ଟିକେ ପାଖ ହେବା ପାଇଁ ଜୋର ଦେଇଥିଲି ବୋଲି । ଅନେକ କଷ୍ଟେ ଢୋକିଲି, ଯେମିତି ଟିକେ ଦମ୍ ପାଇଲି । ଚାଲିଛି । ହେଇ 'ବାଉଲ' କୂଳରେ

Digitized by srujanika@gmail.com

ଲାଗିଲାଣି, ଆଣ୍ଠୁଏ ପାଣିରେ ଠିଆ ହେଇ ଆମକୁ ଅନେଇଛି । ଅଳ୍ପ ସମୟ ପରେ ମୁଁ ଲାଗିଲି । ଆଉ କେତେକ୍ଷଣ ପରେ ଆଉ ଟିକିଏ ତଳକୁ ଆସି ଲାଗିଲେ ଫନେଇ ଆଉ ସେ କାଠୁଆ ଡଙ୍ଗା । ରେଳ ପୋଲ ଆଉ ଶହେ କି ଦି'ଶ ଗଜ ଅଛି । ଆନନ୍ଦ !

ସେ ତ ୭୪ ବର୍ଷ ଉର୍ଦ୍ଧ୍ୱ କଥା, ସେତେବେଳେ ସଡ଼କ-ପୋଲ (road bridge) କାହିଁ ? ଆମେ ରେଳ ପୋଲ ବାଟେ ଫେରି ଆସିଲୁ ଏ ପାରିକୁ, ଖାନ୍‌ନଗରଠେଇଁ । ସେଠି ଦଳେ ଲୋକ ରୁଣ୍ଡ ହୋଇ ଯାଇଥାନ୍ତି ଆମକୁ ଦେଖିବା ପାଇଁ । ତା'ରି ଭିତରୁ ଜଣେ ବୟସ୍କ ଭଦ୍ରଲୋକ ହଠାତ୍ ପାଖକୁ ଲାଗି ଆସି 'ବାଉଳ'କୁ କିଛି ବିଧା ଚାପୁଡ଼ା ପୁରସ୍କାର ଦେଇଦେଲେ ! ଅବଶ୍ୟ ତା'ର ବାପା, କୃଷ୍ଣପ୍ରସାଦ ବାବୁ । ଏହାର କାରଣ ବହୁ ବର୍ଷ ପରେ ମୁଁ ଯାହା ଅନୁମାନ କରିଛି ତାହା ଏଇ ଯେ ତାଙ୍କର ତିନି ପୁଅଙ୍କ ମଧ୍ୟରୁ ମଝିଆ ଏଇ ବାମାଚରଣଙ୍କୁ ସେ ଓ ଆଉ ସମସ୍ତେ 'ବାଉଳ' 'ବାୟା' ପ୍ରଭୃତି ନାଁରେ ଡାକିବା ସତ୍ତ୍ୱେ ତାରି ଉପରେ ତାଙ୍କର ଆଶା ଥିଲା ବେଶୀ । ବୋଧହୁଏ ତାଙ୍କର ସୂକ୍ଷ୍ମ ବୋଧ-ଶକ୍ତିରୁ ସେ ଜାଣି ପାରିଥିଲେ ଏଇ ସବୁ ନାମକରଣର ପ୍ରକୃତ କାରଣ ଆଉ କିଛି ନୁହେଁ, 'ବାୟା'ର ଅତି ଅଳ୍ପ ବୟସରୁ ହିଁ ଏକ ପ୍ରକାର ହାସ୍ୟକର ବିଚାରମନ୍ତପଣିଆ ! ବାସ୍ତବିକ ପରବର୍ତ୍ତୀ ଜୀବନରେ ଦେଖା ଯାଇଛି ପିଲାଦିନର ସେଇ ବିଚାରମନ୍ତ 'ବାୟା' 'ବାଉଳ'-ର ପୂର୍ଣ୍ଣ ବିକାଶ ହୋଇଛି ବିଚାରବନ୍ତ ବାମାଚରଣରେ - କି ବିଚାରାଳୟରେ ଟ୍ରାଇଂ ମାଜିଷ୍ଟ୍ରେଟ୍ ଆସନରେ, କି ତାର ଗଳ୍ପ ଓ ପ୍ରବନ୍ଧ ଗୁଡ଼ିକ ଭିତରେ ଲେଖକ ହିସାବରେ । ତା'ର କ୍ଷୁଦ୍ର ଗଳ୍ପ 'ମହାଯୁଦ୍ଧ'ରେ ଦେଖୁଁ, ତାର ନାୟକ ଦୁର୍ଗାପଦ "କ୍ରମେ କ୍ରମେ ବଢ଼ି ଉଠିଲା ପିତାଙ୍କ ଅସୀମ ଆଶାର ତାଡ଼ନାରେ ।" ।

ମୁଁ ପିତାମାତାଙ୍କ ଏକମାତ୍ର ସନ୍ତାନ ହୋଇଥିବା ସତ୍ତ୍ୱେ କିନ୍ତୁ ମୋ ବାପା ବଡ଼ ଖୁସି ହେଲେ ମୋର ନଈ ପାରି ପହଁରାରେ, ବନ୍ଧୁ ମହଲରେ କହିଲେ (ବଙ୍ଗଳାରେ) ".......ମାନେ, ଏମାନଙ୍କ ଏ ବୟସରେ ବଳ ଏତେ ବଳି ପଡୁଛି ଯେ ତାକୁ ନେଇ ସେମାନେ କଅଣ କରିବେ ଭାବି ପାରୁନାହାନ୍ତି ।"

ମୋ ପିତାମାତାଙ୍କୁ ମୋର ପ୍ରଣାମ ଏମିତି ଦୁଇଟା ବିଷୟ ଲାଗି । ଏକ ତ ଏଇଭଳି ମୋତେ କେବେ ଅତି ସାବଧାନତାରେ ପୀଡ଼ିତ ନ କରିବା; ଦୁଇରେ,

Digitized by srujanika@gmail.com

ମୋତେ କେବେହେଲେ ସତ୍ୟ କଥା କହିବା ଉପଦେଶ ନ ଦେବା । ମୋର ବିଶ୍ୱାସ - ଯାହାକୁ ମୁଁ ଆଗରୁ ଥରେ କହିଛି- ଯେ କଥା କଥାକେ 'ଏଇ, ମିଛ କହୁଛୁ' କହି ତାଡ଼ନା କରିବା ହିଁ ମିଥ୍ୟା କଥା କହିବାକୁ ପ୍ରରୋଚନା ଦେଇଥାଏ ।

ଶୀତ ଦିନରେ ନଈ ହୋଇଯାଏ କାଠଯୋଡ଼ି ନାମକ ମରୁଭୂମି । କେବଳ ଗୋଟିଏ ସ୍ୱଚ୍ଛତୋୟା କ୍ଷୀଣ ଧାରା, କୌଣସି ମତେ ବହି ଚାଲୁଥାଏ - କେଉଁଠି ବହୁ ଦୂରରେ ନଈ ଆର ପାଖଦେଇ, ପୁଣି ବୁଲି ପଡ଼ି ସୁପ୍ରାଚୀନ ଏଇ କଟକର ମରକତକେଶରୀ ବନ୍ଧ ପାଖ ଦେଇ । ସେ ଧାର ଆସି ପଡ଼େ ସେଇ 'ବଡ଼ ବୁରୁଜ' ପାଖ ଗଣ୍ଡରେ, ପୁଣି ସେଠୁ ବାହାରି ଧୀର ଗତିରେ ଯାତ୍ରା କରେ ଆହୁରି ତଳ ଆଡ଼କୁ - ଆଉ ଥରେ ପ୍ରାୟ ଆର ପାରି ଆଡ଼କୁ ମୁହେଁଇ । ପୁରୀଘାଟରୁ ଫେଆର-ଓଏଦାର ରୋଡ ପଡ଼େ, ସେଇ ଧାର ଉପରେ ସଙ୍ଗ ତିଆରି ହୁଏ ।

ହଁ, ବଢ଼ିବେଳେ 'ବଡ଼ ବୁରୁଜ' ଠେଇଁ ଯଉ ପ୍ରଚଣ୍ଡ ଘୂର୍ଣ୍ଣାବର୍ତ୍ତ ହଉଥାଏ କେତେ ମାସ ଧରି ତାରି ପାଇଁ ସେ ଗଣ୍ଡଟା ହୁଏ । ନଈ ଶୁଖିଗଲା ବେଳକୁ ସେଇ 'ବୁରୁଜ' ଗଣ୍ଡଠେଇଁ ଆମେ ଦଳଟା ଗା ଧୋଉ, ପହଁରୁ । ପରିଷ୍କାର ବାଲି ଉପର ଦେଇ ଅତି ଅଗଭୀର ଅଚ୍ଛୋଦ ଧାରା ବହି ଆସି ପଡ଼େ ଗଣ୍ଡର ସୁଗଭୀର କାଚ-ସବୁଜ ପାଣିରେ । ଅଗଭୀର ସ୍ଥାନର କିନାରାଟା ହଠାତ୍ ଢାଲୁ ହୋଇ ଓହ୍ଲାଇ ଯାଇଥାଏ କଉଠି ଅନେକ ତଳକୁ । ଗଣ୍ଡରେ ପହଁରି ସାରି ଆମେ ଆସି ପାଣି ଭିତରର ସେଇ ଢାଲୁ ବାଲିରେ ଗାଧୋଉ । ଲୋକେ କେହି କେହି ସେଇ ଢାଲୁ ବାଲି କଡ଼କୁ ଅଳ୍ପ ପାଣିରେ ଛିଡ଼ା ହୋଇ ଗଭୀର ପାଣିରେ ବନ୍ଛି ପକାଇ ମାଛ ଧରନ୍ତି । ପହଁରି ଆସୁନଥିବା ଲୋକ ସେଠି ଗାଧୋଇବା ଉଚିତ ନୁହେଁ, କାରଣ ଟିକିଏ ମାତ୍ର ଗୋଡ଼ ଖସିଗଲେ ଏକବାର ଗଭୀର ଜଳ । ପୁଣି ସାମାନ୍ୟ ସୁଅ ବି ଥାଏ, ତା ନ ଥିଲେ ଅବା କୌଣସି ମତେ ହାତଗୋଡ଼ ଛାଟିଲେ କେଜାଣେ ଫେରି ଆସି ବି ହୁଅନ୍ତା, କିନ୍ତୁ ସୁଅ ଥିବାରୁ ତା ମଧ ସମ୍ଭବ ହୁଏ ନାହିଁ । କେବେ କେମିତି ବୁଡ଼ି ଯାଉଥିବା ଲୋକକୁ ଆମେ ସେଠୁ ଉଠାଇଛୁ । ମୁଁ ଥରେ ତା'ରି ପାଖରେ ବୁଡ଼ା ପହଁରା ଦେଉଥିଲି, ମାଛ ଧରାଳି କାହାର ବନ୍ଛି କଣ୍ଟା ମୋ କାନ୍ଧରେ ଲାଖିଗଲା । ସେ ଭାବିଲା ବଡ଼ ମାଛଟାଏ କେମିତି ଚାଲି ଆସିଛି । ମୋ ମୁଣ୍ଡ ପାଣି ଭିତରେ ଦେଖା

Digitized by srujanika@gmail.com

ଗଲାଠୁ ଭାବିଲା, ନା, ମାଛ ନୁହେଁ କଇଁଛ ! ପ୍ରକୃତରେ ସେଠି ଅନେକ କଇଁଛ ବି ଥାନ୍ତି, କିନ୍ତୁ ମଣିଷ ପାଖକୁ ଆସନ୍ତି ନାହିଁ ।

ତଳ ଆଡ଼କୁ ଅର୍ଥାତ୍ ପୁରୀଘାଟ ଆଡ଼କୁ, ଏ ଗଣ୍ଡ ଟିକିଏ କମ୍ ଗଭୀର, କିନ୍ତୁ ପ୍ରାୟ ୫୦ ଗଜ ଚଉଡ଼ା । ପ୍ରାୟ ଦେଢ଼ ପୁରୁଷ ପାଣି । ଥରେ ସେଠୁ ଜଣେ ବୁଡ଼ି ଯାଇଥିବା ଲୋକର ମୃତ ଦେହକୁ ଉଠାଇବା ଲାଗି ଆମେ ଦଳଟା - ୫/୬ ଜଣ, କି ୭ଜଣ- ଧାଡ଼ି ହେଇ ବୁଡ଼ିଲୁ ଏବଂ ତଳେ ତଳେ କିଛି ବାଟ ଯାଇ ଫେର ଦମ୍ ନେବା ପାଇଁ ଭାସି ଉଠିଲୁ । ପୁଣି ବୁଡ଼ି ସେଇପରି ତଳେ ତଳେ ଆଗେଇଲୁ । ଜଣକ ହାତରେ ବାଜିଲା ମୃତକର ଦେହ । ଉଠାଇବା ପାଇଁ ମୋତେ ଡାକିଲାରୁ ମୁଁ ଯାଇ ଉଠାଇଲି, ଦୁହେଁ ମିଶି କୂଳକୁ ନେଇ ଆସିଲୁ । ତାର ଗୋଟିଏ ହାତରେ ତା ଦେହର ପଇତା ଗୁଡ଼େଇ ହେଇଥାଏ, ବୋଧହୁଏ ଅନ୍ତିମ ସମୟରେ ଇଷ୍ଟନାମ ଜପୁଥିଲା ।

ମଝିରେ ମୁଁ ଦୁଇ ବର୍ଷ କଟକ ଛାଡ଼ି କଲିକତା ଯାଇଥିଲି **B.Sc.** ପଢ଼ିବାକୁ । ଥରେ ଛୁଟିରେ ବା ଏକବାର ଫାଇନାଲ ପରୀକ୍ଷା ଦେଇ ସାରି କଟକ ଆସି ବାମା ପାଖରୁ ଶୁଣିଲି ବିଜୁ ପଟ୍ଟନାୟକ (ଓଡ଼ିଶାର ଭବିଷ୍ୟତ ମୁଖ୍ୟମନ୍ତ୍ରୀ) ଥରେ ସେଠି ଆସିଥିଲା । ସେ ଥିଲା ବାମାର ('ବାଉଲ') କ୍ଲାସ-ମେଟ୍ । ସେମାନେ ମୋର ୨ବର୍ଷ ଜୁନିଅର । ବାମା କହିବା ମତେ ବିଜୁ ଯଉକ୍ଷଣି ଦେଖିଲା ବାମା ହେରିକା ସେଇଠି ପହଁରୁଛନ୍ତି ତାକୁ ଅଧୈର୍ଯ୍ୟ ଲାଗିଲା । ସେ ନିଜେ କାହାରିଠୁ ଉଣା ଏ ଚିନ୍ତା ତାକୁ ଅସହ୍ୟ । ପହଁରା ଜାଣିଥାଏ କି ନାହିଁ ପାଣିକୁ ଡେଇଁ ପଡ଼ିଲା ଏବଂ ପଥରଟି ଭଳିଆ ତଳକୁ ଚାଲିଗଲା ! ଫେର ବାମା ତାକୁ ଉଠାଇଲା । ସବୁବେଳେ ସେ ଥିଲା ଏହିପରି ଅସମସାହସିକ । ଦିନେ ଉପରଓଳା ବାମା ଆଉ କିଏ କିଏ ଓ ମୁଁ ନଈ କୂଳରେ ଗଣେଶଘାଟରେ ଠିଆହୋଇ ଗପସପ ହେଉଛୁ, ବିଜୁ ଗୋଟାଏ ମୋଟରଗାଡ଼ି ଚଳାଇ କଉଠୁ ଆସି ପହଞ୍ଚିଲା । ତା'ଘର ଅବଶ୍ୟ ମହାନଦୀ କୂଳ ପାଖରେ ତୁଳସୀପୁରରେ । କଉଠୁ ଆସିଲା ପଚାରିଲାରୁ କହିଲା ରାଞ୍ଚିରୁ ! ଏକ ନମ୍ବର ଡହରା ଥିଲା ସେ, କିନ୍ତୁ ହେଇଥିବ ଯାହା କହୁଛି, ଆମେ ଭାବିଲୁ । ସେ କହିଲା, ଆସ, ଗାଡ଼ିରେ ତୁମକୁ ବୁଲେଇ ନେଇ ଆସିବି । ଆମେ ସମସ୍ତେ ବସିଲୁ । ସେ ଧୀରେ ଧୀରେ ଚଳାଉଥାଏ ଯଉଟା ତା'ପକ୍ଷରେ ଟିକେ ଅସ୍ୱାଭାବିକ । 'ବଡ଼ ବୁରୁଜ' ଉପରେ

Digitized by srujanika@gmail.com

ଗୋଟାଏ ପ୍ରକାଣ୍ଡ ବରଗଛ ଥାଏ, ଥରେ କିନା ଯାଇ ତାରି ଦେହରେ ଗାଡ଼ିଟାକୁ ଅଟକେଇଲା । ଏହାର କାରଣ ? 'ହେଁ ହେଁ, ବ୍ରେକ୍ ନାହିଁ ।' ଏହିପରି ଅବସ୍ଥାରେ ସେ ଆସିଛି ରାଞ୍ଚିରୁ ? ଏଇଟା କେବର ଘଟଣା ମୁଁ ଠିକ୍ ମନେ ପକାଇ ପାରୁ ନାହିଁ, ବୋଧହୁଏ, ୧୯୩୫ କି ୩୬ ଭଳି, ତାକୁ ବୋଧହୁଏ ୧୯ କି ୨୦ ।

ଆଉ ଥରେ ଆମେ ଶୁଣିଲୁ ସେ ପାଇଲଟ୍ ଟ୍ରେନିଂ ନେଲାବେଳେ ଏରୋପ୍ଲେନରେ ବସି ପକେଟରୁ ଚକୋଲେଟ କାଢୁଥିବା ବେଳେ ଏରୋପ୍ଲେନ ଖସି ପଡ଼ିଲା ! ସେ କେମିତି ରକ୍ଷା ପାଇ ଯାଇଛି କିନ୍ତୁ ପ୍ଲେନଟା ବିଶେଷ କ୍ଷତିଗ୍ରସ୍ତ ହୋଇଛି, ତା'ର ବାପାଙ୍କୁ ପୁଳାଏ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିଛି । ପରବର୍ତ୍ତୀ ଜୀବନରେ (୧୯୪୮ କି ୧୯୪୯) ଇଣ୍ଡୋନେଶିଆର ସ୍ୱାଧୀନତା ସଂଗ୍ରାମର ପୁରୋଧା, ଭବିଷ୍ୟତ ରାଷ୍ଟ୍ରପତି ଆହମେଦ୍ ସୁକାର୍ନୋ (Sukarno)ଙ୍କୁ ବିପଦ ବେଳେ ତାଙ୍କୁ ଧରି ପ୍ଲେନ୍‌ରେ ଭାରତକୁ ପଳାଇ ଆସିଥିବା କଥା ଆଜି ସମସ୍ତଙ୍କୁ ଜଣା - ଯେଉଁଥି ପାଇଁ ଇଣ୍ଡୋନେଶିଆ ସରକାର ବିଜୁ ପଟ୍ଟନାୟକଙ୍କୁ ସେ ଦେଶର 'ଭୂମିପୁତ୍ର' ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲେ । ବିଜୁର ପିତା ✓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଥିଲେ ସେକାଳର ଅନ୍ୟତମ ପ୍ରଥମ ବ୍ରାହ୍ମ, ତାଙ୍କର ବିବାହ ହୋଇଥିଲା ସେତେବେଳର ଅବିଭକ୍ତ ବଙ୍ଗଦେଶର ସୁଦୂର ପୂର୍ବ ଅଞ୍ଚଳରେ ଚଟ୍ଟଗ୍ରାମ ସହରର ଏକ ବ୍ରାହ୍ମ ପରିବାରରେ । ସେ ଅଞ୍ଚଳର ଲୋକେ ପ୍ରାୟ ଅସମସାହସୀ ହୋଇଥାନ୍ତି । ବିଜୁର ମାତାଙ୍କ ଭାଇ (ସହୋଦର ନା ଖୁଡ଼ତୁତ୍ - ବା ଜେଠାପୁଅ ଭାଇ ତା ମୋର ଏବେ ଆଉ ଠିକ୍ ମନେ ପଡୁ ନାହିଁ) ଆନନ୍ଦ ଗୁପ୍ତ, ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ (୧୯୨୯) Chittagong Armoury Raid ସହିତ ସମ୍ପୃକ୍ତ ଥିଲେ ଏବଂ ସେଥିପାଇଁ କେତେ ବର୍ଷ ଆନ୍ଦାମାନରେ ଜେଲ ଦଣ୍ଡ ଭୋଗିଥିଲେ । *ଚଟ୍ଟଗ୍ରାମ ବିଦ୍ରୋହେର କାହିନୀ* ଓ *ମାଷ୍ଟାରଦା* (ସୂର୍ଯ୍ୟ ସେନ୍) ନାମକ ଦୁଇଟି ବଙ୍ଗଳା ବହିର ସେ ଲେଖକ ।

କହିବାକୁ ଭୁଲିଗଲି, ନଈବଢ଼ି ଛାଡ଼ି ଯାଉଥିବା ବେଳେ କେବେ ବା ଗୋଟାଏ ଗୋଟାଏ କୁମ୍ଭୀର ଚାଲିଆସେ, ଦିନେ ଦି'ଦିନ ରହି ତଳ ଆଡ଼କୁ ପଳାଏ,

Digitized by srujanika@gmail.com

ଅନେକ ମାଇଲ ତଳକୁ - ଯେଉଁଠି କାଠଯୋଡ଼ିର ନାଁ ଦେବୀ ନଦୀ । କାରଣ ସେଠି ପାଣି ଥିବା ଜାଗାରେ କାଠଯୋଡ଼ି ଭଳି ପଥରବନ୍ଧ ନାହିଁ, ଅଛି ସାଧାରଣ ମାଟିବନ୍ଧ ଯାହା ଦେହରେ ପାଣିଠୁ ଥୋଡ଼ାଏ ଉଚ୍ଚରେ କୋରଡ଼ ଖୋଳି ସେଠି ଅଣ୍ଡା ଦେଇ ପାରିବ । ଆମ କଟକ ନଈରେ ଥରେ ଗୋଟାଏ ସାନ କୁମ୍ଭୀର, ବୋଧହୁଏ ଛୁଆ ଟିକିଏ ବଡ଼ ହୋଇ ଯାଇଛି, ପାଣି ଛାଡ଼ି ଯାଉଥିବା ବେଳକୁ ଦୁଇ ଦିନ ଖଣ୍ଡେ ରହି ଯାଇଥିଲା ବନ୍ଧପାଖ ଧାରରେ । ସେପଟେ ବାଲିରେ ଉଠି ସେ ଖରା ପୁଉଁଥିଲା ବେଳେ ଆମେ ଦୁଇ ଚାରି ଜଣ ପହଁରି ସେପଟକୁ ଯାଇ ବାଲି ଉପରେ ଧୀରେ ଧୀରେ ଯାଇ ତାକୁ ପାଖେଇଲୁ, କିନ୍ତୁ ସେ ଜାଣି ପାରି ସଡ଼ ସଡ଼ କିନା ପାଣି ଭିତରକୁ ପଶିଗଲା । କିମ୍ଭୀର ଛୁଆକୁ କୋଳରେ ଧରିବା ଆମର ଆଉ ହେଇପାରିଲା ନାହିଁ !

ଖାଲି କଣ ଗା-ଧୁଆ ଆଉ ପହଁରା ? କଟକ କାଠଯୋଡ଼ି ନଦୀ କୂଳ ବନ୍ଧ ସାଙ୍ଗରେ ଆମର ସମ୍ପର୍କ ନିବିଡ଼ । ଏବେ ସେ ବନ୍ଧକୁ ପୁରାପୁରି ରାସ୍ତାରେ ପରିଣତ (ନା ପର୍ଯ୍ୟବସିତ ?) କରାଯାଇଛି ସିନା, ସେତେବେଳେ ସେ ଥାଏ ଅଲଗା, ସ୍ୱତନ୍ତ୍ର, ରାସ୍ତଠାରୁ ଉଚ୍ଚ ହୋଇ । ରାସ୍ତା ଥିଲା ତା କଡ଼େ କଡ଼େ, ତଳେ । ସେ ନଈ ବନ୍ଧେ ବନ୍ଧେ ଆମେ ବୁଲି ଯାଉଥିଲୁ ସକାଳ-ସଞ୍ଜ, ଟୋକାଏ, ବୁଢ଼ାଏ, ମାଇପି ଲୋକେ ସମସ୍ତେ । ବଡ଼ି ଭୋରରୁ 'ବୁଲୁ' ସହିତ ବୁଲିଯିବା କଥା ମନେପଡ଼େ - ବିଶେଷ, ଶୀତ ଦିନରେ । ତାର ବାପା ମହାସଂଗ୍ରାମୀ, ଯୁକ୍ତିବାଦୀ ଗୋପବନ୍ଧୁ ଚୌଧୁରୀ ଥିଲେ **nature cure**-ବାଦୀ ମଧ । ଶୀତ ଦିନରେ ସକାଳ ଉଠି ଘର ସମସ୍ତଙ୍କୁ ଗୋଟି ଗୋଟି **bath-tub**ରେ ବସି **hydropathy** ଅର୍ଥାତ୍ ଅଣ୍ଟା ଓ ପେଟ ପାଣିରେ ବୁଡ଼ାଇ ଗାମୁଛାରେ ଧୀରେ ଧୀରେ ପେଟ ଘଷିବାକୁ ପଡୁଥିଲା । ମୁଁ ବନ୍ଧ ଉପରେ ଠିଆ ହୋଇ 'ବୁଲୋ' 'ବୁଲୋ' ଚିହ୍ନାର ଛାଡୁଥାଏ । ବୁଲୁ ସେଇଠୁ ହାଇଡ୍ରୋପାଥି କରି ଗାଧୋଇ ସାରି ଶୀତରେ ଥରି ଥରିକା ଆସେ । ପରିଧାନରେ କେବଳ ଖଦଡ଼ ଜାମା, ଗୋଟାକ ଉପରେ ଆଉ ଗୋଟାଏ ଥାଏ କି ନାଇ ମୁଁ ଲକ୍ଷ୍ୟ କରେ ନା । କେବଳ ଏବେ ଲେଖିଲା ବେଳେ ଆଜି ସେ କଥା ଚିନ୍ତା କରୁଛି ! ମୁଁ ଫତେଇ ଉପରେ ବୋଧହୁଏ ବାପାଙ୍କର ଗୋଟାଏ ପୁରୁଣା ଗରମ କୋଟ ପିନ୍ଧିଥାଏ, ସେଇଟା ମୋତେ ଏକରକମ ଓଭାର- କୋଟ ଭଳିଆ ହେଉଥିଲା । ଖାନ୍-ନଗର ଶ୍ମଶାନ ପର୍ଯ୍ୟନ୍ତ ଆମେ ବୁଲି

Digitized by srujanika@gmail.com

ଯାଉ । ବୋଧହୁଏ କେବେ କେବେ ତାକୁ ଟପି ରେଳପୋଲ ପର୍ଯ୍ୟନ୍ତ ମଧ୍ୟ । ଉପରଓଳା ହୁଏତ ଆଉ କାହାରି ସଙ୍ଗେ । ସେ ଶ୍ମଶାନ ସଙ୍ଗେରେ ଯେପରି ମୋର ବେଶ୍ ସମ୍ପର୍କ ଥିବାର ମନେହୁଏ, ଶବଦାହ ପାଇଁ ନୁହେଁ, କୌଣସି ଦୁଃଖଦାୟକ ସ୍ମୃତି ପାଇଁ ନୁହେଁ, କେବଳ ବୁଲିଯିବା, ସେଠି ଗଛ ଉପରେ ବସିବା । ଥରେ ସନ୍ଧ୍ୟାବେଳେ ଏମିତି ବସିଥିଲି, ସେଇ ବାଟେ ଯିବା ଲୋକ ଜଣେ ମୋତେ ଦେଖି ଚିନ୍ତିତ ହୋଇ କହିଲେ, ଏମିତି ସନ୍ଧ୍ୟାବେଳେ ସେଠି ଗଛ ଉପରେ ବସିଲେ ଘରକୁ ଫେରିବା ପରେ ରକ୍ତବାନ୍ତି ହୋଇ ମରିଯିବ । କିନ୍ତୁ ମୁଁ ଚିନ୍ତିତ ହେଲି ନାଇଁ । ତଥାକଥିତ ପ୍ରେତଭୂମି ଘେନି ଯେଉଁସବୁ ଭୀତିକର ସଂସ୍କାର ଅଛି ସେ ସବୁ ମୋ ପିଲାଦିନେ ମୋ ଆଖପାଖରେ କେବେ କେହି କୁହାକୁହି ହେବାର ଶୁଣି ନଥିବାରୁ ମୁଁ ସେଥିରୁ ମୁକ୍ତ ଥିଲି । ଅନେକ ବର୍ଷ ପର କଥା, ସେତେବେଳେ ମୁଁ ବି.ଏସ୍-ସି. ପାସ କରି ସାରିଛି, ଦିନେ ସନ୍ଧ୍ୟାବେଳେ ଟ୍ୟୁଇଶନରେ ବାହାରି ଥାଏ, ମନେହେଲା ଟିକେ ବେଶି ଶୀଘ୍ର ବାହାରି ପଡ଼ିଛି । ଶ୍ମଶାନ ପାଖରେ ହେଲା ବେଳକୁ ସମ୍ପୂର୍ଣ୍ଣ ନିର୍ଜନ ସ୍ଥାନ ଦେଖି ମନ ହେଲା ସେଇଠି ଟିକେ ବସିଯାଏ । ସାଇକଲଟା ଗୋଟାଏ ସମାଧି ଦେହରେ ଡେରି ଦେଇ ବସିଲି । ବସୁ ବସୁ ଶୋଇଲି । ସୁଲୁ ସୁଲୁ ପବନରେ କେତେବେଳେ ନିଦ ହୋଇ ଯାଇଛି ଜାଣେନା । ହଠାତ୍ ନିଦ ଭାଙ୍ଗିଗଲା । ଦେଖିଲି କେତୁଟା କୁକୁର ଆସି ମୋ ପାଖରେ ବୁଲୁଛନ୍ତି । ଅନ୍ଧାର ବି ଘୋଟିଗଲାଣି । ଟ୍ୟୁଇଶନକୁ ପଳାଇଲି । ହଁ ପିଲାଦିନେ ବନ୍ଧରେ ବୁଲିବା କଥା କହୁଥିଲି । ମୋର ବାପା ମଧ୍ୟ ବନ୍ଧ ଉପରେ ବୁଲି ଯାଉଥିଲେ, ଆହୁରି ଅନେକ ଓକିଲ ମଧ୍ୟ । ସେମାନଙ୍କର ମଧ୍ୟ ଆମ ପିଲାଙ୍କ ଭଳି ସାଙ୍ଗମେଳ ଥାଏ ।

କେବଳ ସେତିକି ନୁହେଁ, ବନ୍ଧ ଉପରେ ଗୋଟାଏ ଗୋଟାଏ ଜାଗାରେ ସିମେଣ୍ଟ ତିଆରି ବେଞ୍ଚ ମଧ୍ୟ ଥାଏ, କେଉଁଠି ଗୋଟାଏ, କେଉଁଠି ଅବା ପାଖକୁ ପାଖ ଲାଗି ଦି'ଟା । 'ବଡ଼ ବୁରୁଜ' ଉପରେ ଅଳ୍ପ ଅଳ୍ପ ଛଡ଼ାରେଏମିତି କେତୁଟା ଥାଏ । ବେଞ୍ଚମାନଙ୍କରେ ଲୋକେ ବସନ୍ତି, ଗପ-ସପ ହୁଅନ୍ତି । ଆମେ ଟୋକାଦଳ 'ଆଡ୍ଡା' ଦେଉ । ଏ ଅଭ୍ୟାସଟି ଆମ୍ଭମାନଙ୍କର ସ୍କୁଲ ଉଚ୍ଚ କ୍ଲାସରୁ ଆରମ୍ଭ ହୋଇ କର୍ମ ଜୀବନରେ ମଧ୍ୟ ଗତି କରିଥାଏ ! ଆମ ଘର (ଭଡ଼ା ଘର) ତ ଥିଲା ନଈକୂଳେ, କିନ୍ତୁ

Digitized by srujanika@gmail.com

ସହର ଭିତର ଆଡ଼କୁ ରହିବା କେତେକ ମଧ ଆମ ଆଡ଼ତାର ଆଡ଼ତାଧାରୀ ଥିଲେ । ମୋ ଯୌବନର କେତୋଟି ଅତି ସୁକୁମାର, ବିରଳ ମୁହୂର୍ତ୍ତର ସୁଖ ସ୍ମୃତି ମଧ ଏଇ ବେଞ୍ଚ ସହିତ ଜଡ଼ିତ, ନଦୀ କୂଳର ନିକଟସ୍ଥ ପଡ଼ିଆରେ ମଧ ପ୍ରସାରିତ । ସେ ସ୍ମୃତିର ସଙ୍ଗିନୀ ମୋକକ ଜୀବନ ପ୍ରାଙ୍ଗଣରେ ବହୁବିଚରଣ କରି ମଧ ମୋର ଜୀବନ ସଙ୍ଗିନୀ ହୋଇନଥିଲେ । କିନ୍ତୁ ତାହା ମୋର ସେ ସ୍ମୃତିକୁ ମ୍ଳାନ କରି ନାହିଁ । ଅନିତ୍ୟ ଜୀବନରେ, ଏହା ଏକ ନିତ୍ୟ ବିସ୍ମୟ ହୋଇ ରହିଛି ।

ବନ୍ଧ ଧାର ବରାବର, 'କଚେରି ଘାଟ'ରୁ ଆରମ୍ଭ କରି 'ପୁରୀଘାଟ' ପାଖାପାଖି ପର୍ଯ୍ୟନ୍ତ (କେବଳ 'ବଡ଼ବୁରୁଜ'କୁ ଛାଡ଼ି, ମାଙ୍କଡ଼ା ପଥରର ଗୋଟାଏ ଲାଇନିଂ ପଡ଼ିଥାଏ - ବୋଧହୁଏ ବ୍ରିଟିଶ ଅମଳର । ତା' ଉପରେ ଆମେ ବସୁ, କେତେବେଳେ ରାସ୍ତାକୁ ମୁହେଁଇ, କେତେବେଳେ ନଈକୁ ମୁହେଁଇ ଗୋଡ଼କୁ ଝୁଲେଇ । କେତେବେଳେ ଅବା ତା'ରି ଉପରେ ଲମ୍ବହୋଇ ଶୋଉ । କେବେ ରାତିରେ ତା'ଉପରେ ଏମିତି ଶୋଉ ଶୋଉ ନିଦ ବି ଆସି ଯାଇଛି ପଡ଼ିଗଲେ ପଡ଼ିବାକୁ ହେବ ଅନେକ ତଳେ ପଥର ଉପରେ । ଖରାଦିନେ କେତେବେଳେ ପୁଣି ଗରମରେ ଅସ୍ଥିର ହେଇ ଘରୁ ବାହାରି ଆସି ଜାଣି ଜାଣିକି ସେଇ ଲାଇନିଂ ଉପରେ ହିଁ ଶୋଇ ପଡ଼ିଛି ଟିକିଏ ନିଦ ପାଇଁ, କାରଣ ବନ୍ଧଟା କଙ୍କର-ବିଛା । ସେଇ ଲାଇନିଂ ମୋର ସେ ନିଶ୍ଚିନ୍ତ ବିଶ୍ୱାସ କେବେ ଭଙ୍ଗ କରିନାହିଁ ।

ନଈ ବନ୍ଧ ପାଖ ବରାବର ଯେଉଁ ରାସ୍ତା ସେଇଟା ଥିଲା ନାଲି ଗୋଡ଼ିର ('ମୋରମ୍') (ପରେ ଅବଶ୍ୟ ସେଇଟା ପିଚ୍ ରାସ୍ତା ହୋଇଥିଲା), ବନ୍ଧ ଅପେକ୍ଷା କେତେକ ନିମ୍ନ ଲେଭଲ୍‌ରେ । ରାସ୍ତା ଓ ବନ୍ଧ ମଝି ବରାବର ଚାଲିଥାଏ ଟେଲିଗ୍ରାଫ୍ ଖୁଣ୍ଟ । ରାସ୍ତା ଏପାଖରେ ଲୋକଙ୍କ ଘର । ଗୋପବନ୍ଧୁ ଚୌଧୁରୀଙ୍କ ଘର ପରେ ପୂର୍ବକୁ ପ୍ରକାଣ୍ଡ ପଡ଼ିଆ - 'ସନ୍‌ଶାଇନ୍ ଗ୍ରାଉଣ୍ଡ' ସେଇଟା ଜିଲା ସ୍କୁଲ (*ରେଭେନ୍‌ଶ' କଲିଜିଏଟ୍ ସ୍କୁଲ*)-ର ଖେଳ ପଡ଼ିଆ । ସେ ପଡ଼ିଆ ସାମନା ହେଲା ବେଳକୁ ବନ୍ଧରେ ଥାଏ 'ହାତୀ-ଗଡ଼ା ଘାଟ' । ରେଭେନ୍ସ୍ୟୁ କମିଶନାର ସାହେବଙ୍କ ଦୁଇଟା ହାତୀ ପ୍ରତିଦିନ ସେ ବାଟେ ଗଡ଼ି ଶୁଖିଲା ନଈର ବାଲୁଚର ଓ କ୍ଷୀଣ ଧାର ପାରି ହୋଇ

Digitized by srujanika@gmail.com

ଯାଏ ବହୁତ ଗଛବୃକ୍ଷ ଥିବା ନଈ ଆର ପାରିକୁ - ଭୋଜନ ଲାଗି । ହାତୀ-ଗଡ଼ା ଘାଟଠାରୁ ବନ୍ଧେ ବନ୍ଧେ ଆଉ ଥୋଡ଼ାଏ ଗଲେ 'ବଡ଼ ବୁରୁଜ' ହାତୀ-ଗଡ଼ା-ର ଆର ଦିଗକୁ ନଈର ଅନେକଟା ଉପରକୁ ବା ଉଜାଣିକୁ ହନୁମାନ ଘାଟ, ସେହିଠାରୁ ତଳକୁ ଏଇ 'ବଡ଼ ବୁରୁଜ' ମଧରେ ସେଇ ସୁପ୍ରାଚୀନ ପଥର ବନ୍ଧ ଅର୍ଦ୍ଧଚନ୍ଦ୍ରାକାର ହୋଇ ଆସିଛି ବଢ଼ିର ତୋଡ଼କୁ ସମ୍ଭାଳି ତା'ପରେ 'ବଡ଼ ବୁରୁଜ' ଦ୍ୱାରା ତାହାକୁ ପ୍ରତିହତ କରି ଦୂରକୁ ହଟାଇ ଦେବା ପାଇଁ । କେଉଁ ପ୍ରାଚୀନ ପୂର୍ତ୍ତବିଦ୍ ଏହାର ନିର୍ମାତା କେହି ମନେ ରଖି ନାହାନ୍ତି କି ତା' କେଉଁଠି ଲିପିବଦ୍ଧ ହେଇକରି ନାହିଁ ! ତେବେ ବନ୍ଧର ଏଇ ଅର୍ଦ୍ଧଚନ୍ଦ୍ର ଗତି ପାଇଁ 'ବୁରୁଜ' ଆଡ଼କୁ ରାସ୍ତା ଓ ବନ୍ଧ ମଧରେ ପରିସରଟା କ୍ରମେ ବଢ଼ି ଯାଇଛି । ସେଇ ପରିସର ଭିତରେ ଆମ ଦେଖିବାରେ ତିଆରି ହୋଇଥିଲା ଏକ 'Lady Hawthorne Lewis Ladies' Park, ଲୋକମୁଖେ କେବଳ 'ଲେଡିଜ୍ ପାର୍କ' । ଏବେ ଖାନ୍-ନଗରଠାରୁ ଆରମ୍ଭ କରି ନଈକୂଳ ବରାବର ଏକଦମ୍ ମହାନଦୀରୁ କାଠଯୋଡ଼ି ବାହାରିଥିବା ସ୍ଥାନ ପର୍ଯ୍ୟନ୍ତ ଏବଂ ତା'ପରେ ଉତ୍ତରକୁ ବୁଲି ମହାନଦୀର କୂଳେକୂଳେ ଯାଇ ସମୁଦାୟ କଟକ ସହରକୁ ବେଢ଼ି ଯେଉଁ ବିରାଟ Ring Road ହୋଇଛି ତାହା ଦି'ମୁହାଁ ଚଳାଚଳ (two-way traffic) ପାଇଁ ନିର୍ମାଣ କରିବାକୁ ଯାଇ କାଠଯୋଡ଼ି ବନ୍ଧ ଉପର ଦେଇ ରାସ୍ତା ତିଆରି କରିବାକୁ ପଡ଼ିଛି । ଫଳରେ ସେଇ ପ୍ରାଚୀନ ହାତୀ-ଗଡ଼ା ଘାଟ ଏବଂ ତା ସହିତ ଏହି ଅର୍ବାଚୀନ 'ଲେଡିଜ୍ ପାର୍କ' ସେ ରାସ୍ତାର ଗର୍ଭସ୍ଥ ହୋଇ ନିଶ୍ଚିହ୍ନ ହୋଇ ଯାଇଛନ୍ତି ।

ମୋର ଶେଷ ଜୀବନ ଯେ କାଠଯୋଡ଼ି ଓ ତାର ବିଚିତ୍ର ରୂପ, ବିସ୍ତୀର୍ଣ୍ଣ ବାଲୁଚର ଓ ସଦାବେଳେ ହାତ ଠାରୁଥିବା ତାର ଆର ପାରିଠାରୁ ଦୂରରେ ଏଇ ଭୁବନେଶ୍ୱରରେ ଥାଇ କଟିବ ଏହା ସତରେ ମୁଁ କେବେ କଳ୍ପନା କରି ନଥିଲି । ପାଣି ଓ ପବନ ପରି ସେମାନେ ବି ଅଛନ୍ତି ଓ ରହିବେ ବୋଲି ମୋ ଅନ୍ତର ତା' ଅଜାଣତରେ ଧରି ନେଇଥିଲା ।

◆◆◆

Digitized by srujanika@gmail.com

(୨)

ପିଲାଦିନ ପାଠ

ଏକବାର ପିଲାଦିନରୁ ବାବା ମୋତେ Rowe and Webbଙ୍କ ଇଂରାଜୀ Grammar ଓ ପ୍ୟାରୀଚରଣ ସରକାରଙ୍କ *First Book of Reading, Second Book of Reading* ଇତ୍ୟାଦି ପଢ଼ାଉଥିଲେ । ମିଶାଣ ଫେଡ଼ାଣ ଗୁଣନ ହରଣ ପ୍ରଭୃତିରେ ମଧ ଅକ୍ଲେଶରେ ଗତି କରୁଥିଲି । କିନ୍ତୁ ନିତାନ୍ତ କ୍ଲେଶ ଉପୁଜିଲା କଡ଼ା ଗଣ୍ଡା ପଣ ପ୍ରଭୃତି ବେଳକୁ । ବାବାଙ୍କ ପାଖରେ ପଢ଼ି ବସି ଅଶ୍ରୁ ବିସର୍ଜନ କରିବା ବେଶ୍ ମନେ ପଡୁଛି ! ପ୍ରକୃତରେ ମଧ ସେଗୁଡ଼ା ଆଉ ଦରକାର ନାହିଁ ବୋଲି ବିଚାରି ବାବା ଅବଶେଷରେ ତାକୁ ଛାଡ଼ି ଦେଲେ । ମୋତେ ସ୍କୁଲରେ ଭର୍ତ୍ତି କରା ଯାଇ ନଥାଏ । ଘରକୁ ଜଣେ ଆସୁଥିଲେ ଜ୍ୟାମିତି ପଢ଼ାଇବା ପାଇଁ । ସେତେବେଳେ ମୋର ଜ୍ୟାମିତି ମାନେ ଥିଲା କେବଳ ଯନ୍ତ୍ରବାକ୍ସ ବ୍ୟବହାର ଶିଖିବା । ତେଣୁ ଅଳ୍ପଦିନ ପରେ ଆଉ ତାଙ୍କର ଆସିବା ଦରକାର ପଡ଼ିଲା ନାହିଁ । କିନ୍ତୁ ଇତିହାସ ଆଉ ଭୂଗୋଳ କାହିଁକି ଘରେ ମୋଟେ ପଢ଼ା ହେଉନଥିଲା । ବାବା ନିଜେ ଇତିହାସରେ M.A., ତଥାପି କାହିଁକି ମୋତେ ଇତିହାସ ପଢ଼ାଇ ନାହାନ୍ତି । ଖାଲି ଇଂଲଣ୍ଡ ଓ ଭାରତ ଇତିହାସର ଦୁଇଖଣ୍ଡ ବଙ୍ଗଳା ବହି ମୋତେ ଦେଇଥିଲେ । ମୁଁ ସେ ବହି ପଢୁଥିଲି ସତ, କିନ୍ତୁ ମୋର ରାମାୟଣ ମହାଭାରତ ଓ ଆଉ ସବୁ ବହି ପରି ସେଗୁଡ଼ାକ କାହିଁକି ମୋର ମୋଟେ ମନେ ରହୁନଥାଏ । ପରେ ସ୍କୁଲକୁ ଯେତେବେଳେ ଗଲି ସେହି ଅବସ୍ଥା ହିଁ ଚାଲିଲା । ଏସବୁ ଅତି ସାଧାରଣ କଥା । ବରଂ ଉଲ୍ଲେଖ୍ୟ ଯେ ପଢ଼ାପଢ଼ି କଥା ଘେନି ମୋତେ କେବେହେଲେ ମାଡ଼ ଦିଆ ହେଇନାହିଁ । ବୋଧହୁଏ ଏ ବିଷୟରେ ମୁଁ ବେଶ ବାଧ ପିଲା ଥିଲି । କିନ୍ତୁ ମୋଟ ଉପରେ ମୁଁ ଥିଲି ମନୁଆ । ଯାହା ଭଲ ଲାଗୁଥିଲା ପଢୁଥିଲି, ଯାହା ଭଲ ଲାଗୁନଥିଲା ପଢୁନଥିଲି । ମୋ ଜୀବନଯାକରେ ମୋର ମନୁଆପଣିଆ ପରିସ୍ଫୁଟ ।

Digitized by srujanika@gmail.com

ପ୍ରାଚୀନ ଇତିହାସରେ ଗୋଟିଏ ବଡ଼ ଭାବର ଦିଗ ଅଛି, ସେଇଟା ହିଁ ବାବାଙ୍କ ମନକୁ ଉଦ୍‌ବେଳ କରୁଥିଲା । କେବେ ସେ ଏକାକୀ ଥରେ ବାରବାଟି କିଲ୍ଲା ଭିତରେ ଯାଇ ବସିଥିଲେ । ଓଡ଼ିଶାର ପ୍ରାଚୀନ ଇତିହାସ ମନେ ମନେ ଆଲୋଚନା କରି ସେ ଭାବ-ବିହ୍ୱଳ ହୋଇ ହଠାତ୍ 'ଆହା' ବୋଲି ରାବି ଉଠିଲେ, ସଙ୍ଗେ ସଙ୍ଗେ ସେ ବିରାଟ ନିସ୍ତବ୍ଧତା ଭଙ୍ଗକରି ଚାରିଆଡୁ ହା ହା ଶବ୍ଦରେ ପ୍ରତିଧ୍ୱନି ଉଠିଲା । ବାବା ହଠାତ୍ ଡରି ଗଲେ ! ଘରକୁ ଫେରି ଆମ୍ଭମାନଙ୍କୁ ଅର୍ଥାତ୍ ମୋର ମାଙ୍କୁ ଓ ମୋତେ ଏକଥା କହିଲେ । ଏପରି ନିର୍ଜ୍ଜନ ସ୍ଥାନରେ ଏକୁଟିଆ ବସିବାକୁ ତାଙ୍କୁ ବେଳ ହେଉଥିଲା ମାନେ ବୋଧହୁଏ ସେତେବେଳେ ସେ ଓକିଲାତି ଆରମ୍ଭ କରିନାହାନ୍ତି, ହେଡମାଷ୍ଟର ଥିଲେ । ଅର୍ଥାତ୍ ୧୯୨୪ ମସିହା ପୂର୍ବରୁ । ତା ଯଦି ହୋଇଥିବ ତାହେଲେ ମୋତେ ଦଶ ବର୍ଷ ହେବା ପୂର୍ବରୁ, କାରଣ ମୋର ଜନ୍ମ ୧୯୧୪ ଜୁନ ମାସରେ । ଏଇଟା ହେଲା ବିଶ୍ଳେଷଣ, ସେମିତିରେ ମୋର କେବଳ ମନେଅଛି ଯେ ମୁଁ ପିଲା ଥିଲି । ବାବା ବୋଧହୁଏ ଭାବୁଥିବେ ଏଭଳି ଭାବ ଉପୁଜିବା ଏବଂ ଇତିହାସ ଜୀବନ୍ତ ହେଇ ଉଠିବା ବୟସ ଯାକୁ ହୋଇନାହିଁ ତାକୁ ଇତିହାସ ପଢ଼ାଇବା ନିରର୍ଥକ, ତେଣୁ ମୋତେ ସେତେବେଳେ ଇତିହାସ ପଢ଼ାଉ ନଥିଲେ । ଦେଶଭ୍ରମଣ ଘେନି ମଧ ତାଙ୍କର ଏହିଭଳି ଧାରଣା ଥିଲା । ପରେ ମୁଁ ଯେତେବେଳେ କଲିକତାରେ ମୋର ବଡ଼ ମାଈଙ୍କ ପାଖରେ ରହି B.Sc. ପଢୁଥିଲି ସେତେବେଳେ ଥରେ ଗ୍ରୀଷ୍ମ ଛୁଟିରେ ତାଙ୍କ ସଙ୍ଗରେ ଆସାମର ଶିଲଂ (ବର୍ତ୍ତମାନ ମେଘାଳୟରେ) ପର୍ଯ୍ୟନ୍ତ ନାନା ସ୍ଥାନ ବୁଲିବାକୁ ଯିବାର ସୁଯୋଗ ମିଳିଲା । ମୁଁ ଛୁଟିରେ ତେଣୁ କଟକ ନଆସି ତାଙ୍କ ସଙ୍ଗରେ ବୁଲି ଯିବାକୁ ସ୍ଥିର କରି ବାବାଙ୍କୁ ଚିଠି ଲେଖିଲି । (ପ୍ରସଙ୍ଗତଃ ବାବାଙ୍କ ସଙ୍ଗେ ପତ୍ରାଳାପ ଇଂରାଜୀରେ ହେଉଥିଲା ।) ବାବା ଲେଖିଲେ କେଉଁଠିକି ବୁଲିବାକୁ ଗଲେ ସେ ଜାଗାର ଐତିହାସିକ ଅନୁଷଙ୍ଗ ଆଗେ ଜାଣିବା ଦରକାର, ତା ନହେଲେ ଭ୍ରମଣର ଆନନ୍ଦ ପୂରା ହୁଏ ନାହିଁ । ମୁଁ କିନ୍ତୁ ଅମାନିଆ ହୋଇ ଲେଖିଲି, ବର୍ତ୍ତମାନ (୧୯ବର୍ଷ) ମୋର ଆନନ୍ଦ ପାଇବାର ଯେ ଶକ୍ତି ଅଛି ଭବିଷ୍ୟତରେ ପୁଣି କେବେ ଏ ଭ୍ରମଣର ସୁଯୋଗ ପାଇବି ସେତେବେଳକୁ ଏପରି ନଥାଇ ପାରେ, ତେଣୁ ମୁଁ ଯିବି । ବାବା ଆଉ କିଛି ଆପତ୍ତି କଲେ ନାହିଁ ।

Digitized by srujanika@gmail.com

ପିଲାଦିନେ ହସ୍ତାକ୍ଷର ଲେଖିବା ପାଇଁ ପ୍ରଥମେ ମୋତେ ପର (ପକ୍ଷୀର କ୍ଷୁଦ୍ର ପକ୍ଷ) କଲମ ଦିଆ ହୋଇଥିଲା । ସେଥିରେ ଇଚ୍ଛା ଅନୁସାରେ ସରୁ ମୋଟା ଲେଖା ଯାଇ ପାରୁଥିଲା । ଇଂରାଜୀ ହସ୍ତାକ୍ଷର ପାଇଁ ତେଣୁ ସେଇଟା ବିଶେଷ ସୁବିଧା ହେଉଥିଲା, ବିଶେଷତଃ **capital** ବା ବଡ଼ ଅକ୍ଷର ଲେଖିଲା ବେଳେ । ଏବେ କେବେ କେମିତି ଇଂରାଜୀ ନିମନ୍ତ୍ରଣ ପତ୍ର ସେହିପରି ଅକ୍ଷରରେ ଛପାଯାଏ । କିନ୍ତୁ ହାତ ଲେଖାରେ ସେ ଭଳିଆ **capital** ଆଜିକାଲି ଉଠି ଗଲାଣି, ତେଣୁ ପର କଲମ ନେଇ ଲେଖିବା କଥା ମୁଁ ଯାହା କହିଲି ତା' ପ୍ରାୟ କାହାରି ବୋଧଗମ୍ୟ ହେବନାହିଁ । ବର୍ଷେ ଖଣ୍ଡେ ପରକଲମରେ ହସ୍ତାକ୍ଷର ଲେଖିବା ପରେ **nib** ବା ଧାତବ କଲମରେ ଲେଖିବାକୁ ଦିଆ ଯାଉଥିଲା । ସେ **nib** ଥିଲା ଦୁଇ କି ତିନି ରକମର । ଯାହାର ଯେଉଁଭଳି ଲେଖିବା ଢଙ୍ଗ ସେ ସେହି ଅନୁଯାୟୀ ନିବ୍ ବ୍ୟବହାର କରୁଥିଲା - ସାରା ଜୀବନ । ଅବଶ୍ୟ ତା ସାଙ୍ଗକୁ ଫାଉନ୍‌ଟେନ୍ ପେନ୍-ରେ ମଧ ଲେଖା ଯାଉଥିଲା । ତେବେ ସ୍କୁଲ-କଲେଜ ପରୀକ୍ଷାରେ ଦୁଆତ ଦିଆଯାଉ ଥିଲା ସାଧାରଣ କଲମରେ ଲେଖିବା ପାଇଁ ଯଦିଓ କେହି କେହି ଫାଉନ୍‌ଟେନ୍ ପେନ୍‌ରେ ଲେଖୁଥିଲେ । ସ୍କୁଲରେ କେତେକ ପିଲାଙ୍କ ଗୋଟାଏ ଆନନ୍ଦ ଥିଲା ପରୀକ୍ଷା ଶେଷ ଦିନ ଦୁଆତକୁ କ୍ଲାସଘର କାନ୍ଥକୁ ଫୋପାଡ଼ି ତାକୁ ଚିତ୍ର ବିଚିତ୍ର କରିବା !

ସ୍କୁଲରେ ଭର୍ତ୍ତି ହେଲି ଡେରିରେ, ଏକବାର ନବମ ଶ୍ରେଣୀରେ । ସେତେବେଳେ ଏକାଦଶ ଥିଲା ସର୍ବୋଚ୍ଚ ଶ୍ରେଣୀ, ତା'ପରେ ମାଟ୍ରିକୁଲେଶନ୍ ପରୀକ୍ଷା । ଭର୍ତ୍ତି ହେଲାବେଳକୁ ମୋତେ ସାଢ଼େଏଗାର ବର୍ଷ । ଆଜିକାଲିର **M.I.L. (Modern Indian Language)** କୁ ସେତେବେଳେ **Vernacular** ବୋଲି କୁହା ହେଉଥିଲା । ଶାସକ ଜାତିର ତାଚ୍ଛଲ୍ୟ ଯେପରି ଗୋଟାଏ ସୂକ୍ଷ୍ମ ଆବରଣ ଆଢୁଆଳରେ ପ୍ରକାଶ ପାଉଥିଲା ସେଇ ଶବ୍ଦଟିରେ । ଯାହାହେଉ, ଓଡ଼ିଆ ଭଲ ଭାବରେ ପଢ଼ା ହେଉଥିଲା । ମୋର 'ଭର୍ନାକ୍ୟୁଲର' ବଙ୍ଗଳା ପାଇଁ ମଧ ସ୍ୱତନ୍ତ୍ର କ୍ଲାସ ଥିଲା । ଆମେ ପ୍ରାୟ ୮/୧୦ ଜଣ ବଙ୍ଗାଳୀ ପିଲା ଥିଲୁ ସେ କ୍ଲାସରେ । ତାହା ପାଇଁ ଯୋଗ୍ୟ ଶିକ୍ଷକ କିନ୍ତୁ ନଥାନ୍ତି । ଆମେ ଘରେ ନିଜେ ନିଜେ ଲାଗି ପଡ଼ି ପଢ଼ି ନେଉଥିଲୁ, କାରଣ ତା ନହେଲେ ଓଡ଼ିଆ ପିଲାମାନଙ୍କଠୁ ହଟିଯିବୁ ପରୀକ୍ଷା ପ୍ରତିଯୋଗିତାରେ । ସେତେବେଳେ ଅବଶ୍ୟ

Digitized by srujanika@gmail.com

କି ଓଡ଼ିଆ ପିଲା କି ବଙ୍ଗାଳୀ ପିଲା ସମସ୍ତଙ୍କର ନିଜ ଭାଷା ପ୍ରତି ଗୋଟାଏ ବିଶେଷ ଶ୍ରଦ୍ଧା ଓ ତାହା ନେଇ ଗୋଟାଏ ଗର୍ବବୋଧ ଥିଲା । ଏବର ପିଲାମାନେ, କି ଓଡ଼ିଆ କି ବଙ୍ଗାଳୀ ଏହାକୁ ପଢ଼ି (ଯଦି ପଢ଼ନ୍ତି !) ବିସ୍ମିତ ହେବେ, ହୁଏତ ଏ ବାକ୍ୟଟିର ଅର୍ଥବୋଧ ମଧ ହେବନାହିଁ । କାରଣ ଭାଷା ଓ ସାହିତ୍ୟ ପ୍ରତି କେବଳ ପିଲାଙ୍କର ନୁହେଁ, ଜନସାଧାରଣଙ୍କର ମଧ କୌଣସି ଆଗ୍ରହ ନାହିଁ- ଯେଉଁ କାରଣରୁ ହେଉ । ସାହିତ୍ୟ କାଳ୍ପନିକ (କିଂବା ବାସ୍ତବ) ନରନାରୀର କାଳ୍ପନିକ (ବା ବାସ୍ତବ) ସୁଖଦୁଃଖରେ ଆମର ସହାନୁଭୂତି ଏପରିକି ସମାନୁଭୂତି ସୃଷ୍ଟି କରି ଉପଭୋଗ ସଙ୍ଗେ ସଙ୍ଗେ ଆମ ହୃଦୟର ପ୍ରସାର ଘଟାଇଥାଏ । ଏବେ ସାହିତ୍ୟର ସ୍ଥାନ ବୋଧହୁଏ ନେଲାଣି ବା ନେବାକୁ ବସିଲାଣି ଇଣ୍ଟର-ନେଟ୍, ଉପଭୋଗ ଯଥେଷ୍ଟ ପରିମାଣରେ ହେଉଛି । ଆଶା କରାଯାଏ ଅଚିରେ ସେ ହୃଦୟର ପ୍ରସାର ମଧ ଘଟାଇବାକୁ ସକ୍ଷମ ହେବ, କାରଣ ଅମୋଘ ପ୍ରାକୃତିକ ନିୟମ ରହିଛି ତାହାରି ପଟେ । ସେ ନିୟମଟି ହେଲା ହୃଦୟ ଯେମିତି ହେଲେ ତା' ପ୍ରସାର ଖୋଜିବ ଏବଂ ପାଇବ । କେବଳ ଏହି ଖୋଜିବା ଓ ପାଇବାର ରକମଟା କାଳକୁ କାଳ ବଦଳି ଯାଉଥାଏ ଜୀବନ ଧାରଣର ପଦ୍ଧତିଟା ବଦଳିବା ସଙ୍ଗେ ସଙ୍ଗେ ।

ଡ୍ରିଲ୍ କ୍ଲାସ ବେଶ କଡ଼ା ଭାବରେ ହେଉଥାଏ । ମୋତେ ଡ୍ରିଲ ଭଲ ଲାଗୁଥାଏ । କିନ୍ତୁ ଅନେକ ପିଲାଙ୍କ, ବୋଧହୁଏ ଅଧିକାଂଶ ପିଲାଙ୍କ, ଧାରଣା ଥାଏ ଯେ ଏଇଟା ଗୋଟାଏ ଅତି ଅଦରକାରୀ ଜିନିଷ, ଆମକୁ ଏଥିରେ ବାଧ କରାଯାଉଛି । କ୍ୱଚିତ୍ କେହି ବା ଡ୍ରିଲ-ମାଷ୍ଟରଙ୍କ ସହିତ ଅଟା ଟାପରା ହେବାକୁ ଚେଷ୍ଟା କରୁଥିଲେ- ବୋଧହୁଏ ଏଇ ମନୋଭାବ ପାଇଁ । ଆମ ସ୍କୁଲର (କଟକର ରେଭେନ୍‌ଶ କଲିଜିଏଟ୍ ସ୍କୁଲ) ଡ୍ରିଲ କ୍ଲାସଟି ବେଶ ବଡ଼ ଥିଲା । ଉଚ୍ଚ କରୁଗେଟେଡ୍ ଆଇରନ୍‌ର ଛାତ ତଳେ ଥିବା ଲୁହା କଡ଼ିରୁ ଟ୍ରାପିଜ୍ (trapeze) ଓ ରିଙ୍ଗ (ring) ଓହଳା ହୋଇଥାଏ । ତଳେ ବାଲି ବିଛା ଯାଇଥାଏ । ସେଥିରେ ପାରେଲାଲ ବାର ଓ ହରାଇଜଣ୍ଟାଲ୍ ବାର ମଧ ଥାଏ । କିନ୍ତୁ ସେଗୁଡ଼ିକ ବିଶେଷ ବ୍ୟବହାର ହେବାର ଦେଖୁନଥିଲି । ବାହାରେ ଗୋଟିଏ କୁସ୍ତି ପାଇଁ 'ଫୁଲୁକା' ଥିଲା । ସେଇଟା ଆଉ ସବୁ ଜିନିଷ ପରି ସରକାର ତରଫରୁ ହୋଇଥିଲା କି ସ୍କୁଲ ସଂଲଗ୍ନ ହଷ୍ଟେଲ୍‌ରେ ଥିବା ପିଲାମାନେ କରାଇଥିଲେ

Digitized by srujanika@gmail.com

କେବେ ଭାବି ନାହିଁ । କେବଳ ମନେ ପଡୁଛି ହଷ୍ଟେଲରେ ରହୁଥିବା ଫାର୍ଷ୍ଟ କ୍ଲାସର (ଅର୍ଥାତ୍ ଉଚ୍ଚତମ ବା ସେତେବେଳର ୧୧ଶ ଶ୍ରେଣୀର) ଛାତ୍ର ବ୍ରଜବାବୁ ଓ ଜଣେ ଖୁବ୍ ନାସ ନେଉଥିବା ବଙ୍ଗାଳୀ ଛାତ୍ର ସୁଖେନ୍ ବାବୁ ପ୍ରାୟ ସେଠି କୁସ୍ତି କରୁଥିଲେ । ସେତେବେଳେ ମୁଁ ବି ସେଇ କ୍ଲାସରେ (୧୯୨୮) କିନ୍ତୁ ସବୁଠାରୁ ସାନ ପିଲା, ଚଉଦ ଚାଲିଥାଏ, ସେଥିରେ ପୁଣି ଗେଡ଼ା । ଏ ଦୁହିଁଙ୍କର କେହ ଅବଶ୍ୟ ପିଲା ବୟସର ନଥିଲେ, ଚେହେରା ମଧ ଦୁହିଁଙ୍କର ଭାରି ଜବରଦସ୍ତ ଥିଲା । ବ୍ରଜବାବୁ ଟିକିଏ ମୋଟା ଥିଲେ । ସୁଖେନ୍ ବାବୁଙ୍କ ଦୈହିକ ଗଠନ ତାଙ୍କ ଅପେକ୍ଷା ଅଧିକ ସୌଷ୍ଠବପୂର୍ଣ୍ଣ ଥିଲା । କିନ୍ତୁ କୁସ୍ତିରେ ପ୍ରାୟ ବ୍ରଜବାବୁ ଜିଣୁଥିଲେ । ସରସ୍ୱତୀ ପୂଜା କି ଆଉ କଉ ଉପଲକ୍ଷ୍ୟେ ହେଉଥିବା 'ଥିଏଟର'ରେ ବ୍ରଜବାବୁ ରାଜା ହେଉଥିଲେ, ମନ୍ତ୍ରୀ ନା ଚର କାହାକୁ ଭାରି ଗମ୍ଭୀର ଭାବରେ କହୁଥିଲେ - "ଆଚ୍ଛା, କହିଲ ଭଲା....." ଏତିକି ମନେ ପଡ଼େ ! କାରଣ ଓଡ଼ିଆରେ ମୋର ସେପରି ପ୍ରବେଶ ନଥାଏ ।

ସେ ଦୁଇଜଣଙ୍କ ଭଳି 'ବଢ଼ିଆଳ ପିଲା' ଆଉ ବୋଧହୁଏ ଦୁଇଜଣ ଥିଲେ, ତାଙ୍କ ଭିତରୁ ଜଣେ ରୀତିମତ ଲମ୍ବା ଚଉଡ଼ା ଓ ତଦୁପଯୁକ୍ତ ଗୁମ୍ଫ-ବିଶିଷ୍ଟ । ସେ ପିଲାର ବାପ ବୋଲି ଶୁଣିଥିଲି ! ଏଇମାନେ କେହି ହେଲେ ପାଠରେ ଆଗୁଆ ନଥାନ୍ତି । ମୁଁ ନିଜେ ବିଶେଷ ଆଗୁଆ ନଥିଲି, କେବଳ "Above the average" ବୋଲି ମୋ Progress Report-ରେ ଲେଖା ଯାଉଥିଲା । ଆଗୁଆଙ୍କ ଭିତରେ ବିଶେଷ ଭାବରେ ମନେପଡ଼େ ଦୁଇ ଜଣଙ୍କ କଥା: ଦାମୋଦର ମିଶ୍ର ଓ ସୋମନାଥ ମିଶ୍ର । ସୋମନାଥ ଓ ମୁଁ ଗଣିତରେ ସମସ୍ତଙ୍କଠୁ ବେଶି ନମ୍ବର ପାଉଥିଲୁ । ଭବିଷ୍ୟତରେ ସୋମନାଥ ତାଙ୍କ କର୍ମ ଜୀବନରେ ଖୁବ୍ ଉଚ୍ଚ ସରକାରୀ ପାହ୍ୟାକୁ ଉଠିଥିଲେ କିନ୍ତୁ ନିର୍ମଳ ଚରିତ୍ର ବୋଲି ଶୁଣା ଯାଉ ନଥିଲେ - ଦୁର୍ନୀତିକୁ ଘେନି ଦାମୋଦର ବିଷୟରେ ଶୁଣିଛି ସେ ଭୁବନେଶ୍ୱର ବି.ଜେ.ବି. କଲେଜର ଅଧକ୍ଷ ଥିଲାବେଳେ କୌଣସି ପିଲାର ଦୁଷ୍ଟାମୀକୁ ନେଇ ମିନିଷ୍ଟରଙ୍କ ପ୍ରଶ୍ରୟସୂଚକ ଅନ୍ୟାୟ ଟେଲିଫୋନ୍‌ରେ ଅଟଳ ରହୁଥିଲେ । ଏହା ମଧ ଶୁଣିଛି ଯେ ତାଙ୍କର ଏ ନ୍ୟାୟନିଷ୍ଠତା ତାଙ୍କର କର୍ମକ୍ଷେତ୍ରରେ ଉନ୍ନତି ପଥରେ ବାଧା ସ୍ୱରୂପ ହେଇଥିଲା ।

Digitized by srujanika@gmail.com

ସ୍କୁଲରେ ତାଙ୍କୁ ଦେଖିଛି ଶାନ୍ତ, ଧୀର, ସଲ୍ପବାକ୍ । ଆମେ ଏତେଗୁଡ଼ିଏ ଏତେପ୍ରକାର ପିଲାଙ୍କ ମଧ୍ୟରେ ଜୀବନରେ ତାଙ୍କୁଇ ଦେଖିଲି ପ୍ରକୃତ ଚରିତ୍ରବାନ୍ । ଚରିତ୍ର ଏପରି ବିରଳ ବସ୍ତୁ ।

ଆମ କ୍ଲାସର ଆଉ ଜଣେ, ବ୍ରଜବାବୁ ହେରିକାଙ୍କ ପରି ଶରୀର ଚର୍ଚ୍ଚାରେ ଆଗ୍ରହୀ ଥିବଲେ - ସେ ମୋର ପଡ଼ୋଶୀ ବନ୍ଧୁ ସଚ୍ଚିଦାନନ୍ଦ ମହାପାତ୍ର, ସଚ୍ଚି ବା କୁନ । ସଚ୍ଚି ପରେ ଡାକ୍ତର ହୋଇଥିଲେ । ମୋଠାରୁ ବର୍ଷେ କି ଦି'ବର୍ଷ ବଡ଼ । ତାର ପିତା ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର ବୋଧହୁଏ ରେଭିନ୍ୟୁ କମିଶନାର ଅଫିସ୍‌ରେ **Translator** ପଦବୀରେ ଥିଲେ । ତାଙ୍କ ଘରେ ରୀତିମତ ବିଦ୍ୟାର ଚର୍ଚ୍ଚା ଥିଲା । ଘରେ ସଚ୍ଚି ହେରିକା ଅନେକ ଗୁଡ଼ିଏ ଭାଇ ଭଉଣୀ । ସବା ବଡ଼ ଭାଇ କମଳାକାନ୍ତ ରୀତିମତ ବୟୋଜ୍ୟେଷ୍ଠ ଏବଂ ଜ୍ଞାନୀ ଜଣାପଡ଼ନ୍ତି । ମୋର ବାବା ତାଙ୍କର ବଡ଼ ପ୍ରଶଂସକ ଥିଲେ । ସେ ବିବାହ ହେଇଥିଲେ ଜଣେ ବ୍ରାହ୍ମ ମହିଳାଙ୍କୁ, ମୁଁ ତାଙ୍କୁ 'କନକ ବଉଦି' କହୁଥିଲି । କମଳାକାନ୍ତଙ୍କ ତଳ ଭାଇ ଥିଲେ ବ୍ରହ୍ମାନନ୍ଦ । ସେ ଟେନିସ୍ ଖେଳୁଥିଲେ, ଏବଂ ଜଣେ ଜବରଦସ୍ତ ଫୁଟବଲ ବ୍ୟାକ୍ ମଧ୍ୟ ଥିଲେ ରେଭେନ୍‌ଶ' କଲେଜର । ପରେ ସେ ମଧ୍ୟ ବ୍ରାହ୍ମ ବିବାହ ହେଇଥିଲେ - ଖ୍ୟାତନାମା ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ କନ୍ୟା ସୁକୃତିଙ୍କୁ । ଉପର ଭାଇ ଜର୍ଜ୍ଜ ପ୍ରସାଦାନନ୍ଦ (୧୯୧୧ରେ ସମ୍ରାଟ୍ ୫ମ ଜର୍ଜ୍ଜଙ୍କ ସିଂହାସନାରୋହନ ସମୟରେ ତାଙ୍କର ଜନ୍ମ ବୋଲି) ଥିଲେ ରେଭେନ୍‌ଶ କଲେଜର ଜବରଦସ୍ତ **cycle racer** ଓ ପରେ ଦନ୍ତ ଚିକିତ୍ସକ । ତଳ ଭାଇ ବିଜୁ (ବିଜୟାନନ୍ଦ, ଭବିଷ୍ୟତ୍ ମୁଖ୍ୟମନ୍ତ୍ରୀ) ଓ ସିଜୁ (ଶ୍ରୀଜୟାନନ୍ଦ, ପରେ ଏରୋପ୍ଲେନ ପାଇଲଟ ହିସାବରେ କର୍ମ କରୁଥିଲେ, ଏରୋପ୍ଲେନ ଦୁର୍ଘଟଣାରେ ସେ ମୃତ୍ୟୁ ବରଣ କରିଥିଲେ) ।

କିନ୍ତୁ ମୁଁ କହୁଥିଲି ସଚିର ଶରୀର ଚର୍ଚ୍ଚାରେ ଆଗ୍ରହ କଥା । ସେମାନେ ସେତେବେଳେ ରହୁଥିଲେ ନଈ କୂଳେ ଗୋପବନ୍ଧୁ ଚୌଧୁରୀଙ୍କ ବିଶାଳ କୋଠାର ଏକମହଲା ଅଂଶ ଦେହରେ । ପାଖରେ ପୂର୍ବ ଦିଗକୁ ଥିଲା ବିରାଟ 'ସନ୍‌ଶାଇନ୍ ଫିଲ୍ଡ୍' । ଅନେକ ପରେ ତା'ଚାରିପଟେ ପ୍ରାଚୀର ଦିଆହୋଇଛି, ସେତେବେଳେ ତା ନଥାଏ । ସେଇଥିରେ ଗୋଟାଏ ଜାଗାକୁ ଖୋଳି ଟିକେ ଗାଡ଼ କରି ସଚ୍ଚି କଉଆଡୁ

Digitized by srujanika@gmail.com

ଖୁବ୍ ସରୁ, ଚିକଣ, ନରମ ମାଟି ଆଣି ସେଇଠି ପକାଇ କୁସ୍ତି ପାଇଁ 'ଫୁଲକା' ବନେଇଲା । ବୋଧହୁଏ ଫୁଲ ପରି ନରମ ହୁଏ ବୋଲି ଏହାକୁ ଫୁଲକା କହୁଥିବେ । ଗୋଟାଏ ଭାରି କାଠଗଡ଼ ବି ଆଣି ପକାଇଲା ଭାରୋତ୍ତୋଳନ ଅଭ୍ୟାସ ପାଇଁ । ତାକୁ ଉଠାଇବା ଲାଗି ହାତରେ ଧରିବା ପାଇଁ ଜାଗା ମଧ ଥାଏ ତା ଦେହରେ । ସେ ଫୁଲକାରେ ସଜି ଆଉ କିଏ କିଏ କୁସ୍ତି କରନ୍ତି । ମୁଁ କେବଳ ବୟସରେ ସାନ ନୁହେଁ, ବେଜାଏ ପତଳା ଓ ହାଲୁକା । ମୁଁ ଖାଲି ସେଇ କାଠଗଡ଼କୁ ଉଠାଏ ଆଉ ଘରେ କିଛି ଦଣ୍ଡ-ବୈଠକ ମାରେ । ସ୍କୁଲରେ ଡ୍ରିଲ କ୍ଲାସରେ ପାରେଲାଲ ବାର ମୋ ପାଇଁ ବହୁତ ବେଶି ଉଞ୍ଚଥାଏ, ମୁଁ ଖାଲି ଟ୍ରାପିଜ୍ (trapeze) ରେ ଝୁଲେ କିମ୍ବା ରିଂ (ring) ରେ ଟିକିଏ ବ୍ୟାୟାମ କରେ ଏବଂ ସେଥିରେ 'ଟି-ଫିଗାର' (T-figure) କରିବା ପାଇଁ ଚେଷ୍ଟା କରେ । ବରାବର ମୁଁ କିଛି ବ୍ୟାୟାମ କରିଛି - ଦଣ୍ଡ-ବୈଠକ, ସେ ସମୟର ଜର୍ମାନ୍ ବ୍ୟାୟାମବିଦ୍ ଜେ.ପି.ମୁଲାରଙ୍କ '୧୫-ମିନିଟ ସିଷ୍ଟେମ୍', '୫-ମିନିଟ ସିଷ୍ଟେମ' ସବୁ କରିଛି ବେଶ୍ କିଛିଦିନ ପର୍ଯ୍ୟନ୍ତ । ତାଙ୍କ ପୂର୍ବରୁ ଜର୍ମାନୀରେ ଆଉ ଜଣେ ବ୍ୟାୟାମବିଦ୍ ଅଧିକ ପ୍ରସିଦ୍ଧି ଲାଭ କରିଥିଲେ, ତାଙ୍କ ନାମ ଇଉଜୀନ୍ ସ୍ୟାଣ୍ଡୋ । ତାଙ୍କର ଉଦ୍ଭାବିତ ସ୍ପ୍ରିଂ-ବାଲା ବ୍ୟାୟାମ ଯନ୍ତ୍ର 'ଡାମ୍-ବେଲ୍' (dumb-bell) ହାତରେ ଧରି ବ୍ୟାୟାମ କରିବାକୁ ପଡ଼େ, ଦୁଇ ହାତରେ ଦୁଇଟି । ବେଳେବେଳେ ତାକୁ ମୁଠାରେ ଚାପିବାକୁ ପଡ଼େ, ପୁରା ଚାପି ପାରିଲେ ଟୁଂ କିନା ବେଲ୍ ବାଜିଉଠେ । ବାବାଙ୍କର ଥିଲା, ଯଦିଚ ସେ କେବେ ନିୟମିତ ସେ ବ୍ୟାୟାମ କରୁନଥିଲେ । ମୁଁ କେବେ କେବେ ତାକୁ ନେଇ ହାତରେ ଚାପୁଥିଲି ମାତ୍ର । ମୋ ପିଲା-ଦିନେ ବ୍ୟାୟାମକୁ ଘେନି ଚାରିଆଡ଼େ ଗୋଟାଏ ଉତ୍ସାହ ଦେଖା ଯାଇଥିଲା । ଦକ୍ଷିଣ ଭାରତର ବିଖ୍ୟାତ ବ୍ୟାୟାମବିଦ୍ ରାମମୂର୍ତ୍ତି ନାଇଡୁ କଟକକୁ ଆସି ଟାଉନ୍-ହଲରେ ବକ୍ତୃତା କରିଥିଲେ ମୋର ସ୍ପଷ୍ଟ ମନେ ପଡ଼େ । ବକ୍ତୃତାର ଭାଷା ଇଂରାଜୀ ଥିଲା । ସେହିଦିନ ନା ଅନ୍ୟ ଦିନ ମୋର ମନେନାଇ ସେ ମୋଟର ଅଟକାଇବା ଖେଳ ଦେଖାଇଥିଲେ । ସେ ମୋଟର ଚକକୁ ଖୁବ୍ କଷିକିଧରିବା ପରେ ମୋଟରରେ ଷ୍ଟାର୍ଟ ଦିଆହେଲା, ଏବଂ କ୍ରମେ ଜୋର ଦିଆଗଲା, କିନ୍ତୁ ସେ ଅଟକେଇ ରଖିଲେ । ମୋର ଯେମିତି ମନେ ପଡୁଛି ମୋଟରଟା ଟିକେ ହାଲୁକା ଗଢ଼ଣର ଥିଲା, ରାମମୂର୍ତ୍ତି ଚକକୁ

Digitized by srujanika@gmail.com

ଧରି ସେଇ ପଟଟା ତଳୁ ଟିକେ ଉଠାଇ ଧରିଥିଲେ ମଧ । ଅବଶ୍ୟ ଖୁବ୍ ଅଳ୍ପ ସମୟ ପାଇଁ ଥିଲା ଏ ଖେଳ ।

ବାବାଙ୍କ ସ୍କୁଲର ଜଣେ ପ୍ରାକ୍ତନ ଛାତ୍ର ଶ୍ରୀ ରାଧାଶ୍ୟାମ ଦାସ (ମୋର ରାଧାଶ୍ୟାମ-ଦା') ନିଜେ ଗୋଟିଏ ବ୍ୟାୟାମ ତନ୍ତ୍ର (system) ଉଦ୍ଭାବନ କରିଥିଲେ, ସେଥିରେ ଥାଏ ୧୨ଟି ଅବସ୍ଥାନ ବା position ଯାହାକୁ ସେ Daily Dozen ବୋଲି ନାମ ଦେଇଥିଲେ । ମୋର ଆଉ କିଛି ମନେ ନାହିଁ, ସେ ତନ୍ତ୍ରଟି ସୂର୍ଯ୍ୟ ନମସ୍କାର ଭଳି ଗୋଟିଏ ବ୍ୟାୟାମ-ତନ୍ତ୍ର କିନା ତା' ଏବେ କହି ପାରିବି ନାହିଁ । ସେଇ ପିଲାଦିନେ ମୁଁ ସୂର୍ଯ୍ୟ ନମସ୍କାରର ନାମ-ଗନ୍ଧ ଶୁଣିନଥିଲି ମଧ । ପରେ ବି ଶୁଣି ନଥିଲି ଏକବାର ସେ ବିଷୟରେ ଗୋଟିଏ ବହିକୁ ନ ହାବୁଡ଼ିବା ପର୍ଯ୍ୟନ୍ତ, ଯାହା କି ବହୁତ ପର ମୋ ଚାକିରି କରିବା ସମୟର ଘଟଣା । ରାଧାଶ୍ୟାମ-ଦା' ସେଇ ୧୨ଟି ଅବସ୍ଥାନର ଫୋଟୋ-ସମ୍ବଳିତ ଗୋଟାଏ 'ଚାର୍ଟ' (chart) ତିଆରି କରାଇଥିଲେ-ରାମମୂର୍ତ୍ତି ନାଇଡୁଙ୍କ ଭଳି, ବାବାଙ୍କୁ ସେଥିରୁ ଗୋଟିଏ ଦେଇଥିଲେ । ପରବର୍ତ୍ତୀ ଜୀବନରେ ଯେତେବେଳେ ମୁଁ ସପରିବାରରେ ଭୁବନଶ୍ୱରରେ ରହିଥାଏ ସେତେବେଳେ ରାଧାଶ୍ୟାମ-ଦା' ମଧ ଭୁବନେଶ୍ୱରରେ ଅଛନ୍ତି ଏକଥା ଜାଣିପାରି ମୁଁ ମା'ଙ୍କୁ ଧରି ତାଙ୍କ ଘରକୁ ଯାଇଥିଲି, ବଡ଼ ଆନନ୍ଦ ହେଇଥିଲା । ବାବା ସେତେବେଳେ ପରଲୋକରେ ।

ମୁଁ ଥୋଡ଼ାଏ ବଡ଼ ହୋଇଥିଲା ବେଳେ କଟକରେ ଜଣେ ଖୁବ୍ ବଳବାନ୍ ଓଡ଼ିଆ ଯୁବକ ବହୁତ ବ୍ୟାୟାମ ଅଭ୍ୟାସ କରି ନିଜକୁ 'ଉତ୍କଳ-ଭୀମ' ବୋଲି କହୁଥିଲେ । ଛାତିରେ ବଡ଼ ପଥର ରଖି କାହା ଦ୍ୱାରା ବଡ଼ ହାତୁଡ଼ାରେ ତାକୁ ଭଙ୍ଗେଇବାଠୁ ଆରମ୍ଭକରି ମୋଟର ଅଟକାଇବା ପର୍ଯ୍ୟନ୍ତ ନାନା ଖେଳ ମଧ ଦେଖାଉଥିଲେ । ସେ ସମୟରେ ବ୍ୟାୟାମ ଓ ଶରୀର ଚର୍ଚ୍ଚା ଘେନି ଉତ୍ସାହର ଏ ମଧ ଜଣେ ଦୃଷ୍ଟାନ୍ତ ।

ନିଜ କଥା କହୁଥିଲି । ମୁଁ ଅବଶେଷରେ ୨୪/୨୫ ବର୍ଷ ବୟସରେ ଦୈବାତ୍ 'ସୂର୍ଯ୍ୟନମସ୍କାର' ନାମକ ଆସନକେନ୍ଦ୍ରିକ ବ୍ୟାୟାମକୁ ହାବୁଡ଼ିବା ପରେ

Digitized by srujanika@gmail.com

କେବଳ ତାକୁଇ ଅଭ୍ୟାସ କରିଛି- ଯାହା ଫଳରେ ମୋର ନବତିପର ବୟସରେ ବି ମୋ ଦେହରେ କୌଣସିଠି କିଛି ପରାସ ନାହିଁ । ମାତ୍ର ଦୁର୍ଭାଗ୍ୟବଶତଃ ମୋର ଡାହାଣ କାନର ଅନ୍ତଃ-କର୍ଣ୍ଣ ଭିତରେ କୌଣସି ପ୍ରକାର ସଂକ୍ରମଣ ଫଳରେ ସେଥିରେ **Meniere's Disease** ହେଇ ଭାରସାମ୍ୟ ଜ୍ଞାନର ବିଶେଷ କ୍ଷତି ହେଇଛି, ଗୋଟାଏ ଗୋଡ଼ରେ ଗୋଟାଏ ସେକେଣ୍ଡ ବି ଛିଡ଼ା ହେଇ ପାରେନା, ପାଦରେ ଯଥେଷ୍ଟ ବଳ ଥାଇ ମଧ ଧକ୍କା ବାଜିଲେ ବା ହଠାତ୍ ବୁଲି ପଡ଼ିଲେ ତଳେ ପଡ଼ି ଯିବା ପରି ହୁଏ । ପୁଣି ଅବିବେଚନା ବଶତଃ ମୁଁ ଯଥା ସମୟରେ ଏହାର ଚିକିତ୍ସା ପାଇଁ ଏଣ୍ଟିବାୟୋଟିକ୍ ଔଷଧ ଖାଇଲି ନାଇଁ, ଭାବିଲି ଏ ରୋଗ ନିତାନ୍ତ ବାର୍ଦ୍ଧକ୍ୟଜନିତ, ଆଉ ଔଷଧରେ ଫଳ ହେବ ନାଇଁ ।

'ସୂର୍ଯ୍ୟନମସ୍କାର' ବ୍ୟାୟାମ ଶିଖିବା ପାଇଁ ଉତ୍ତମ ଫୋଟୋ-ସଂବଳିତ ଇଂରାଜୀ ପୁସ୍ତକ **Orient Longman**ଙ୍କ ପାଖରେ କିମ୍ବା ବଡ଼ ବହି ଦୋକାନରେ ମିଳେ । ବ୍ୟାୟାମ ସହିତ ଓଁ ହ୍ରୀଂ ଫଟ୍ ପ୍ରଭୃତି ଧ୍ୱନି ବା ମନ୍ତ୍ର ବି ଅଛି, ଯେ ଇଚ୍ଛା କରିବ ସେଗୁଡ଼ିକ ମଧ ଶିଖି ପାରିବ । କିନ୍ତୁ ଅସଲ ଜିନିଷ ହେଉଛି ବିଭିନ୍ନ ଅବସ୍ଥାନ ବା ଆସନ, ଏବଂ ଗୋଟିଏ ଆସନରୁ ତା'ପରବର୍ତ୍ତୀ ଆସନକୁ ଯିବା ବେଳକୁ ନିଃଶ୍ୱାସ-ପ୍ରଶ୍ୱାସ କିପରି ଭାବରେ ନିୟନ୍ତ୍ରିତ କରିବାକୁ ହେବ । ସେ ଧ୍ୱନି ବା ମନ୍ତ୍ର ନ ଶିଖିଲେ ନାହିଁ । ମୁଁ ନିଜେ ସେଗୁଡ଼ିକ ମୂଳରୁ ମୋଟେ ଶିଖିବା ଚେଷ୍ଟା କରିନାହିଁ, କେବଳ ଆସନ ଗୁଡ଼ିକ ଅଭ୍ୟାସ କରିଛି ।

ମୋ ସ୍କୁଲ ପାଠ କଥା କହୁ କହୁ ବ୍ୟାୟାମ ଶିକ୍ଷା ଆସି ଯାଇଛି । ବାବା ସେତେବେଳେ ଦୁଇ ବର୍ଷ ପାଖାପାଖି ଭିକ୍ଟୋରିଆ ସ୍କୁଲ ହେଡମାଷ୍ଟରି ଛାଡ଼ି ଓକିଲାତି ଧରିଥାନ୍ତି, ମୋତେ ସେ *ରେଭେନଶ' କଲିଜିଏଟ* ସ୍କୁଲର ନବମ ଶ୍ରେଣୀରେ ଭର୍ତ୍ତି କରିଦେଲେ ଏକଥା ଆଗରୁ କହିଛି । ସେତେବେଳକୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ମାଧମ ଥିଲା ଓଡ଼ିଆ । ଅନ୍ୟାନ୍ୟ ବିଷୟ ସହିତ ଇଂରାଜୀ ଥିଲା ଗୋଟାଏ ବିଷୟ ମାତ୍ର । କିନ୍ତୁ ୮ମ ଶ୍ରେଣୀରୁ ସର୍ବୋଚ୍ଚ ଅର୍ଥାତ୍ ୧୧ଶ ଶ୍ରେଣୀ (ମାଟ୍ରିକୁଲେଶନ କ୍ଲାସ) ପର୍ଯ୍ୟନ୍ତ ମାଧମ ଥିଲା ଇଂରାଜୀ - ମାତ୍ର ତା' କେବଳ 'ଏ' ସେକ୍ସନ୍‌ରେ, 'ବି'

Digitized by srujanika@gmail.com

ସେକ୍‌ଶନ୍‌ରେ ନୁହେଁ । ଉଭୟ ସେକ୍‌ଶନ୍‌ରେ ସବୁ ବିଷୟରେ ସେଇ ଏକା ଇଂରାଜୀ ବହିମାନ ପଢ଼ା ହେଉଥିଲେ ମଧ 'ବି' ସେକ୍‌ଶନ୍ ପିଲାଏ ଶ୍ରେଣୀ ଉଠିବା ବାର୍ଷିକ ପରୀକ୍ଷାରେ ପ୍ରଶ୍ନର ଉତ୍ତର ଦିଅନ୍ତି ଓଡ଼ିଆରେ । ସାଧାରଣତଃ ସହରିଆ ଓ ଅନ୍ୟାନ୍ୟ ଚଲାଖ ପିଲାଙ୍କୁ 'ଏ' ସେକ୍‌ଶନ୍‌ରେ ରଖା ଯାଉଥାଏ । 'ଏ' ସେକ୍‌ଶନ୍‌ବାଲା ପିଲାଏ ତେଣୁ 'ବି' ସେକ୍‌ଶନ୍ ପିଲାଙ୍କୁ ଥଟ୍ଟା କରନ୍ତି 'ଭାର୍ନାକୁଲାର' ବୋଲି ! ଏଇ ଶେଷ ଚାରି ବର୍ଷ ଇଂରାଜୀ 'ଗ୍ରାମାର' ନିଠେଇକି ପଢ଼ା ଯାଉଥିଲା । ଏଣେ ଇତିହାସ ଭୂଗୋଳ ବହି ମଧ ଇଂରାଜୀରେ । ତେଣୁ ଆମର ଇଂରାଜୀ **comprehension** ବା ବୁଝିବା ଶକ୍ତି ଭଲ ହେଉଥିଲା, ଯାହାକି ବର୍ତ୍ତମାନ ବି.ଏ. ପାସ୍ କରି ବି ହେଇ ପାରୁନାହିଁ । କିନ୍ତୁ ଇଂରାଜୀରେ କଥା କହିବାକୁ ବାଧ କରା ଯାଉ ନଥିଲା । ତେଣୁ ***Stuart School*** ରେ (ଯାହାକୁ ଲୋକେ ପ୍ରାୟ 'ଇଉରୋପିଆନ୍ ସ୍କୁଲ' ବୋଲି କହୁଥିଲେ) ଇଂରାଜୀ କହିବା ଆବଶ୍ୟକ (ବାଧତାମୂଳକ) ଥିଲା - ଯେମିତି ଏବେ ବି ଖ୍ରୀଷ୍ଟାନ ମିଶନରି ସ୍କୁଲମାନଙ୍କରେ ଅଛି ।

କିନ୍ତୁ ସେ ଷ୍ଟୁଆର୍ଟ ସ୍କୁଲରେ ଓଡ଼ିଆ ପଢ଼ା ହେଉଥିଲା ଯତ୍‌ସାମାନ୍ୟ । ଆଉ **Classics,** ଅର୍ଥାତ୍ ସଂସ୍କୃତ, ପାରଶୀ (ଫାର୍ସୀ) ପ୍ରଭୃତି, ଆଦ୍ୟରୁ ପଢ଼ା ହେଉନଥିଲା - ଯେମିତି ଏବେ ମଧ ମିଶନରି ସ୍କୁଲମାନଙ୍କରେ ହେଉନାହିଁ । ଅପର ପକ୍ଷେ ସରକାରୀ ଓ ଅନ୍ୟାନ୍ୟ ସାଧାରଣ ସ୍କୁଲରେ ମଧ ସଂସ୍କୃତ ପଢ଼ା ରୀତିମତ ହେଉଥିଲା । ପଢ଼ାଉଥିଲେ କାବ୍ୟତୀର୍ଥ ପ୍ରଭୃତି ଉପାଧିଧାରୀ ପଣ୍ଡିତମାନେ । ସଂସ୍କୃତ ବ୍ୟାକରଣ ପଢ଼ିବା ଫଳରେ ଓଡ଼ିଆ ଓ ବଙ୍ଗଳା ତତ୍ସମ ଶବ୍ଦର ବନାନରେ ଆମେ ପକ୍କା ହୋଇ ଯାଉଥିଲୁ । ଆଜିକାଲି ଲୋକେ "ତିନିଟା 'ସ'ର କି ଦରକାର ? ଇ-କାର ଈ-କାର ଖାଲି ପାଣ୍ଡିତ୍ୟ ପ୍ରକାଶ ଛଡ଼ା ଆଉ କିଛି ନୁହେଁ" ପ୍ରଭୃତି କହି ଯେଉଁ କ୍ଷୋଭ ପ୍ରକାଶ କରନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ ଲାଗେ । ତିନିଟା 'ସ' ଓ ଇ-କାର ଈ-କାର ଉଠାଇ ଦେଲେ ଯେ ଶବ୍ଦର ଅର୍ଥବିଭ୍ରାଟ ଘଟିବ ତାହା ଏମାନେ ଚିନ୍ତା କରନ୍ତି ନାହିଁ । ଆଉ ମଧ ବୁଝିପାରନ୍ତି ନାହିଁ ଯେ ଅନ୍ତତଃ, ମୋଟାମୋଟି ରକମର ସଂସ୍କୃତ ବ୍ୟାକରଣ ଜଣା ଥିଲେ ତାଙ୍କର ଏ ସମସ୍ୟାଗୁଡ଼ିକ ସମସ୍ୟା ବୋଲି ମନେ ହୁଅନ୍ତା ନାହିଁ ।

Digitized by srujanika@gmail.com

ସ୍କୁଲରେ ଶେଷ ପରୀକ୍ଷା ଥିଲା Matriculation । ଶେଷ ଦୁଇ ବର୍ଷ ନା ବର୍ଷେ ମୋର ଠିକ୍ ମନେ ପଡୁ ନାହିଁ Manual Training ବୋଲି ଗୋଟିଏ ବିଷୟ ପଢ଼ା ହେଉଥିଲା । ପ୍ରକୃତରେ ଏହା ପଢ଼ିବା ଜିନିଷ ସେତେ ନଥିଲା ଯେତେ ଥିଲା ହାତରେ କରିବା ଜିନିଷ । ଆମେ ଏଥିରେ ବଢ଼େଇ କାମ ଶିଖୁଥିଲୁ । ଯେଉଁମାନେ Classics (ସଂସ୍କୃତ, ଆରବୀ ଆଦି) ପଢ଼ିବାକୁ ଇଚ୍ଛା କରୁନଥିଲେ ସେମାନଙ୍କ ପାଇଁ ଆହୁରି ଅଧିକା Manual Training ଶିଖିବା ବନ୍ଦୋବସ୍ତ ଥିଲା- ଅନ୍ତତଃ ଆମର ସେଇ କଲିଜିଏଟ ସ୍କୁଲରେ, କାରଣ ସେଇଟା ଥିଲା ଜିଲ୍ଲା ସ୍କୁଲ, ଅତଏବ ସେଠି ସବୁ ବିଷୟ ଶିଖିବା ବ୍ୟବସ୍ଥା ଥିବା ଦରକାର । Classics ପୂରାପୂରି ବାଦ୍ ଦେଇ ଅଧିକା Manual Training ନେଇ ଶେଷ ପରୀକ୍ଷାର ନାମ ଥିଲା School Leaving Certificate ପରୀକ୍ଷା, ସଂକ୍ଷେପରେ S.L.C. ।

Classics ହିସାବରେ ସଂସ୍କୃତ, ଆରବୀ ଅଥବା ପାରଶୀ ମଧ ନିଆ ଯାଇ ପାରୁଥିଲା ଆମ ସ୍କୁଲରେ । ସେହିପରି ଐଚ୍ଛିକ ହିସାବରେ ଅଧିକା ସଂସ୍କୃତ, ଆରବୀ ବା ପାରଶୀ । ସାଧାରଣତଃ ମୁସଲମାନ ପିଲାମାନେ ଆରବୀ ଅଥବା ପାରଶୀ ନେଉଥିଲେ । ଘରେ ତାଙ୍କର କୋରାନ୍ ପାଠ ଅବଶ୍ୟକର୍ତ୍ତବ୍ୟ ହୋଇଥିବାରୁ ଆରବୀ ବା ପାରଶୀ ପଢ଼ିବା ସ୍ୱାଭାବିକ ଥିଲା, ମୁସଲମାନ ପିଲା S.L.C. ନେବାର ମୁଁ ଦେଖିନାହିଁ ।

ମୋଟ ଉପରେ ମୋର ବକ୍ତବ୍ୟ ଏତିକି ଯେ ଆମ ପିଲାଦିନେ (୧୯୩୦) ସ୍କୁଲର ଶେଷ ଚାରି ବର୍ଷ ଇଂରାଜୀ ମାଧ୍ୟମରେ ସବୁ ବିଷୟ ପଢ଼ା ହେଉଥିଲେ ବି ମାତୃଭାଷା ଓ ତା' ସହିତ ସଂସ୍କୃତରେ ମଧ ଦଖଲ ଆସିବାରେ କୌଣସି ବାଧା ହେଉ ନଥିଲା । କିନ୍ତୁ ଆଜିକାଲି ସେଭଳି ଦଖଲ ଆସୁନାହିଁ । ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟରୁ ଇଂରାଜୀ ମାଧ୍ୟମରେ ପାସ୍ କରିଥିବା ଜଣେ ମେଧାବୀ ଛାତ୍ରଙ୍କୁ - ଯେ କି ମୋର ଘରୋଇ ପାଠୁଆ ଥିଲା - କହିଲି ମୋର ଗୋଟିଏ ଇଂରାଜୀ ଲେଖାକୁ ଓଡ଼ିଆ କରିଦେବା ପାଇଁ । ସେ ନିହାତି କାକୁସ୍ଥ ହୋଇ କହିଲା, - ସାର୍, ମୁଁ ପାରିବି ନାହିଁ ! ପ୍ରାୟ ଦେଖୁଛି ଇଂରାଜୀ ମାଧ୍ୟମରେ ପାଠ ପଢୁଥିବା ପିଲାଙ୍କର କୌଣସି ଭାରତୀୟ

Digitized by srujanika@gmail.com

ଭାଷା ଉପରେ ସେପରି ଦଖଲ ଆସୁନାହିଁ । ଏଇଟା ଶିକ୍ଷାର ଦୋଷ କି ବର୍ତ୍ତମାନ କମ୍ପ୍ୟୁଟର ଓ ତତ୍ସଂଶ୍ଳିଷ୍ଟ ବିଷୟ ଉପରେ ଅଧିକ ଜୋର ଦିଆ ଯାଉଥିବାର ଫଳ ତା' କହି ପାରିବି ନାହିଁ । ଅବଶ୍ୟ ଅନର୍ଗଳ କହି ପାରୁଛନ୍ତି ବିକଳ୍ପ ଭାବରେ ଦୁଇଟାରୁ ଗୋଟିଏ ଭାଷା : ହିନ୍ଦୀ କିମ୍ବା ଇଂରାଜୀ, ଏବଂ ମାତୃଭାଷା - ଓଡ଼ିଆ, ବଙ୍ଗଳା, ତେଲେଗୁ, ଗୁଜୁରାତୀ ବା ମହାରାଷ୍ଟ୍ରୀୟ ଇତ୍ୟାଦି । କିନ୍ତୁ ସେଇ ଅନର୍ଗଳ ଭାବରେ ଯାହା କହୁଛନ୍ତି ତାକୁ ଲେଖି ପକାଇଲେ କେ ଜାଣେ କେତେ ଭୁଲ ବାହାରିବ ! ଏଇଠି ଗୋଟିଏ କଥା: ଆମେ ଇଂରାଜୀ ବ୍ୟାକରଣରେ ପାରଦର୍ଶୀ ହେଉଥିଲୁ ସତ, କିନ୍ତୁ ଇଂରାଜୀରେ କଥା କହି ପାରୁ ନଥିଲୁ, ଯାହା ଆଗରୁ କହିଛି ।

ମୋର ସ୍କୁଲ ସରକାରୀ ସ୍କୁଲ ହେଇଥିବାରୁ ସେଠି ପିଲାମାନଙ୍କୁ **Boy Scout** ଆନ୍ଦୋଳନରେ ଯୋଗ ଦେବାକୁ କୁହା ହେଉଥିଲା, ମାତ୍ର ବାଧ କରାଯାଉ ନଥିଲା । ଝିଅଙ୍କ ସ୍କୁଲରେ ସେହିପରି ଥିଲା **Girl Guide** । ଜିନିଷଟା ଭଲ । ସ୍କାଉଟ ଆନ୍ଦୋଳନଟା ଇଂଲଣ୍ଡରେ ୧୯୦୮ ମସିହାରୁ ଆରମ୍ଭ କରା ଯାଇଥିଲା ଇଂରାଜ ବାଳକମାନଙ୍କ ପାଇଁ । ଏଥିରେ ପିଲାମାନଙ୍କୁ ଠିକ୍ ଭାବରେ ସିଧା ହେଇ ଚାଲିବା, କଉଠି ଭରା ନ ଦେଇ ପରିଚ୍ଛନ୍ନ ଓ ପ୍ରାଣବନ୍ତ ଭାବରେ ଛିଡ଼ା ହେବ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ କାର୍ଯ୍ୟରେ ସ୍ଫୂର୍ତି ବୋଧ କରିବା ପ୍ରଭୃତି କେତେଗୁଡ଼ିଏ ବିଷୟ ଶିକ୍ଷା ଦିଆ ଯାଉଥାଏ । କିନ୍ତୁ ଏହାର ଭାରତବର୍ଷୀୟ ସଂସ୍କରଣରେ ତା'ସହିତ ଏଥିରେ ବ୍ରିଟିଶ୍ ପ୍ରତି ଆନୁଗତ୍ୟର ଭାବ ଥାଏ ଯେଉଁଟା ଅନ୍ତରରେ ଭାରତ-ସ୍ୱାଧୀନତା ଚିନ୍ତା ପୋଷଣ କରୁଥିବା ଲୋକଙ୍କୁ ଭଲ ଲାଗୁ ନଥାଏ । ମୋର ବାବା ସେହିପରି ଜଣେ ଥିଲେ, ତେଣୁ ମୋର ସ୍କାଉଟ ହେବା ନୋହିଲା । ବହୁପରେ ଜାଣି ପାରିଛି ଯେ ପ୍ରକୃତରେ ବୟ୍ ସ୍କାଉଟ ବା ଗାର୍ଲ ଗାଇଡ୍ ହେଲାବେଳେ ଗୋଟାଏ ଶପଥ ନେବାକୁ ପଡୁଥିଲା ଯେଉଁଥିରେ ରହୁଥିଲା ବ୍ରିଟିଶ ରାଜାନୁଗତ୍ୟର ପ୍ରତିଜ୍ଞା । ତେବେ ସେ ଯାହା ହେଉ ସମ୍ରାଟ ପଞ୍ଚମ ଜର୍ଜଙ୍କ ୧୯୧୧ ସାଲରେ ଦିଲ୍ଲୀ ଦରବାରର ସ୍ମରଣାରେ ପ୍ରତିବର୍ଷ ୧୨ ଡିସେମ୍ବର **Durbar Day** ଉପଲକ୍ଷ୍ୟେ **Scout Rally** ବା ସ୍କାଉଟ୍‌ମାନଙ୍କ ନାନା ପ୍ରକାର ଖେଳ କସରତ୍ ପ୍ରଭୃତି ହେଉଥିଲା ସାରାଦିନ ଧରି । କଉ ବର୍ଷ ତାଙ୍କର **Jamboree** (ଜ୍ୟାମ୍ବରୀ) ବି ହେଇଥିଲା,

Digitized by srujanika@gmail.com

ଅର୍ଥାତ୍ ବଡ଼ ରକମର ର୍‍ୟାଲି । ପ୍ରତିବର୍ଷ ସାଧାରଣ ର୍‍ୟାଲିରେ ଶେଷକୁ ସନ୍ଧ୍ୟାବେଳେ ହେଉଥିଲା 'କ୍ୟାମ୍ପ୍ ଫାୟାର': ସ୍କାଉଟ, ଅଣସ୍କାଉଟ୍ ସମସ୍ତେ ଗୋଲ ହେଇ ବସି ମଝିରେ ନିଆଁଟାଏ ଜାଳୁଥିଲେ । ହେଡ୍‌ମାଷ୍ଟର ଓ ଶିକ୍ଷା ବିଭାଗର କେତେ ଜଣ ସାହେବ-ମେମ୍ ଚେୟାରରେ ବସୁଥିଲେ ଏବଂ ତାଙ୍କ ଉପସ୍ଥିତିରେ କିଛି ଛୋଟିଆ ହାସ୍ୟନାଟିକା, କୌଣସି ଶିକ୍ଷକଙ୍କୁ ଉଦ୍ଦେଶ୍ୟକରି ବ୍ୟଙ୍ଗ କୌତୁକ ଓ ଶେଷକୁ କିଛି ମଜାଦାର କଥା ମଧ ହେଉଥିଲା - ସବୁ ଅବଶ୍ୟ ଇଂରାଜୀରେ । ଏ ବ୍ୟଙ୍ଗ କୌତୁକ ଏପରି ହେଉଥିଲା ଯେ ସେଥିରେ ଉଦ୍ଦିଷ୍ଟ ବ୍ୟକ୍ତି ମଧ ବିରକ୍ତ କି ମନଃକ୍ଷୁଣ୍ଣ ନ ହୋଇ ନିଜେ ବି ହସୁଥିଲେ । ଥରେ କିନ୍ତୁ ଏଇ ର୍‍ୟାଲି ବେଳକୁ ଆମ ହେଡ୍‌ମାଷ୍ଟର ବିରକ୍ତ ହେଲେ । ସେ ଥିଲେ ବଡ଼ ଶୃଙ୍ଖଳା- ଓ ନୀତିବାଦୀ ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ଦତ୍ତଗୁପ୍ତ ମହାଶୟ । 'କ୍ୟାମ୍ପ ଫାୟାର' ଶେଷକୁ ଦି'ପଦ କହିଲାବେଳେ ସେ ବ୍ୟଙ୍ଗ କୌତୁକ ପାଇଁ ଗୋଟିଏ ଦୁଇଟି ବାକ୍ୟରେ ଗମ୍ଭୀର ଭାବରେ ଭର୍ତ୍ସନା କଲେ । ସେଇଥିରୁ ମୁଁ **caricature** ଶବ୍ଦଟିର ଠିକ୍ ଉଚ୍ଚାରଣ ଶିଖିଲି- କ୍ୟାରିକେଚିଅର ।

ସ୍କୁଲରେ **Religious Instruction** ବୋଲି ଗୋଟିଏ କ୍ଲାସ ହେଉଥିଲା, ବୋଧହୁଏ ସପ୍ତାହକୁ ଗୋଟିଏ ପିରିଅଡ୍ ମାତ୍ର । ଥରେ ସେ କ୍ଲାସରେ ଶିକ୍ଷକ ବୁଝାଇଥାନ୍ତି ଭଗବାନ୍ ନିରାକାର, କିନ୍ତୁ ନିରାକାରର ଧାରଣା କରିବା ସହଜ ନୁହେଁ । ମଣିଷର ଯେ କୌଣସି ବିଷୟରେ ଚିନ୍ତା କୌଣସି ଆକାରକୁ ଆଶ୍ରୟ କରି ହେଇଥାଏ । ଧରା ଯାଉ କଳା ରଙ୍ଗ । କୌଣସି ଆକାର ନଥାଇ କେବଳ କଳା ରଙ୍ଗକୁ ଚିନ୍ତାକରି ପାରିବ ନାଇଁ । ଏମିତି ସେ ଆଉ କଣ କହିଲାବେଳକୁ ମୁଁ ଏଣେ ଆଖି ବୁଜି ନିରାକାର କଳା ରଙ୍ଗର ଚିନ୍ତା କରିବା ଚେଷ୍ଟା ଆରମ୍ଭ କରି ଦେଲିଣି । ପ୍ରକୃତରେ ମୁଁ ଥିଲି ଗୋଟିଏ ବଡ଼ ସରଳବିଶ୍ୱାସୀ ପିଲା । ଶିକ୍ଷକ ବିଶ୍ୱମ୍ଭର ବାବୁ ହଠାତ୍ ଲକ୍ଷ୍ୟ କଲେ ମୁଁ ଆଖି ମୁଦି ବସିଛି । କଣ ଭାବିଲେ କେ ଜାଣେ, ହଠାତ୍ ଡାକ ପକାଇଲେ - ବଙ୍ଗଳାରେ- କି ହେ, ତୋମାର କି ହୋଲୋ ? ସେ ସମୟରେ କେବେକେବେ ଶିକ୍ଷକମାନେ ବଙ୍ଗଳୀ ପିଲାଙ୍କ ସହିତ ବଙ୍ଗଳାରେ କଥାବାର୍ତ୍ତା କରୁଥିଲେ । ସେମାନେ ତ ସମସ୍ତେ ବଙ୍ଗଳା ପଢ଼ି ଜାଣୁଥିଲେ, ଛାତ୍ରମାନେ ମଧ ବଙ୍ଗଳା ପଢ଼ି ଶିଖୁଥିଲେ, ତାର ବିଶେଷ କାରଣ ବି ଥିଲା । ସ୍କୁଲର ଇଂରେଜୀ ପାଠ

Digitized by srujanika@gmail.com

ଭଲ କରି ଶିଖିବା ପାଇଁ ଇଂରାଜୀ Grammar ଓ Compositionର କିଛି କିଛି ବଙ୍ଗଳା ବହି ଥିଲା । ତା'ଛଡ଼ା ସଂସ୍କୃତ ବ୍ୟାକରଣ ପାଠ ପାଇଁ ବହି ତ ବଙ୍ଗଳାରେ : ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ *ଉପକ୍ରମଣିକା ଓ ବ୍ୟାକରଣ କୌମୁଦୀ* । ପୁଣି L.N. Mukherjee ଙ୍କର *Helps to the Study of Sanskrit* ରେ ବି ଉଦାହରଣ ଯାକ ସବୁ ବଙ୍ଗଳା ଅକ୍ଷରରେ ଲେଖା ହେଇଥାଏ । କିନ୍ତୁ ଏସବୁ ଅପେକ୍ଷା ବୋଧହୁଏ ଢେର ବଡ଼ କାରଣ ହେଉଛି ୧୯ଶ ଶତାବ୍ଦୀରେ ଓଡ଼ିଶାରେ ବ୍ରିଟିଶ୍ ଶାସନ ଆରମ୍ଭରେ ସ୍ୱଭାବତଃ ସବୁ ସରକାରୀ ଚାକିରିଆ ଥିଲେ ବଙ୍ଗାଳୀ - କାରଣ ଭାରତରେ ବ୍ରିଟିଶ୍ ଶାସନ ପ୍ରଥମ ହୋଇ ପ୍ରତିଷ୍ଠିତ ହୋଇଥିବା ଅଞ୍ଚଳମାନଙ୍କ ମଧ୍ୟରେ Bengal Presidency ଥିଲା ଅନ୍ୟତମ । ଏହା ପ୍ରଭାବରେ ସ୍ୱୟଂ ଫକୀରମୋହନ ବଙ୍ଗଳାରେ କବିତା ମଧ ଲେଖୁଥାନ୍ତି । ବଙ୍ଗଳା (ସେତେବେଳର) ଆଧୁନିକ ସାହିତ୍ୟରେ ତାଙ୍କର ଅଗାଧ ଜ୍ଞାନ ଥାଏ । ସେ ଅବଶ୍ୟ ଅଚିରେ ହୃଦୟଙ୍ଗମ କଲେ ଯେ ବଙ୍ଗଳାରେ ତାଙ୍କର ପ୍ରତିଭାର ଶ୍ରେଷ୍ଠ ପ୍ରକାଶ ସମ୍ଭବ ନୁହେଁ - ଯେହେତୁ ବଙ୍ଗଳା ତାଙ୍କର ମାତୃଭାଷା ନୁହେଁ । ତେଣୁ ଓଡ଼ିଆରେ ହିଁ ବେଶି ଲେଖିଲେ, ବା କେବଳ ଓଡ଼ିଆରେ ହିଁ ଲେଖିଲେ । ହାତୀ ପିଠିରେ ଯାଉ ଯାଉ ବି ସେ ଉତ୍କୃଷ୍ଟ କବିତା ଲେଖିଛନ୍ତି ।

ଶେଷକୁ ସ୍କୁଲ ଜୀବନର ଗୋଟିଏ ସମସ୍ୟା କଥା କହୁଛି ଯାହା ନେଇ ପିଲାଙ୍କ ପିତାମାତା ଅଥବା ଅଭିଭାବକମାନେ ତାଙ୍କ ପିଲାଙ୍କୁ ସ୍କୁଲରେ ଭର୍ତ୍ତିକଲା ବେଳକୁ ଚିନ୍ତାରେ ପଡ଼ନ୍ତି । ସେ ସମସ୍ୟା ହେଲା କୋ-ଏଡୁକେଶନ୍ ବା ସହଶିକ୍ଷା ନଥିବା ବାଳିକା-ବର୍ଜିତ ସ୍କୁଲରେ ବାଳକଙ୍କ ମଧ୍ୟରେ ସମକାମିତାର ସମ୍ଭାବନା ବିଶେଷତଃ ସାନପିଲା ବଡ଼ପିଲାଙ୍କ ସମକାମିତାର ପାତ୍ର ହେବା । ଅର୍ଥାତ୍ କ୍ଲାସରେ ଅପେକ୍ଷାକୃତ ସାନ ପିଲାଙ୍କ ପାଇଁ ସମସ୍ୟା । ଶିକ୍ଷକଙ୍କ ତୀକ୍ଷ୍ଣଦୃଷ୍ଟି ମଧ ଏହା ପାଇଁ ଯଥେଷ୍ଟ ନୁହେଁ, କାରଣ ସାଧାରଣତଃ ଏସବୁ ସ୍କୁଲ ସମୟ ପରେ ବା ଖେଳଛୁଟିରେ ଘଟିଥାଏ ।

◆◆◆

Digitized by srujanika@gmail.com

(୩)

ୟୁନିଭାର୍ସିଟି ପାଠ

ମୁଁ ମାଟ୍ରିକୁଲେଶନ୍ ପାସ୍ କଲି ୧୯୨୯ ମସିହାରେ, ସେକେଣ୍ଡ ଡିଭିଜନରେ । ସ୍କୁଲ ପରୀକ୍ଷାରେ ଇତିହାସ ଓ ଭୂଗୋଳରେ ତ କେବେ ପାସ୍ କରେ ନାହିଁ । ଭୂଗୋଳରେ ଗୋଟିଏ ଦିଓଟି ଅଙ୍କ ଥାଏ ଅକ୍ଷାଂଶ ଦ୍ରାଘିମା ନେଇ, କେବଳ ସେତିକି କରେ, ଆଉ ସମ୍ଭବ ହେଲେ ମାନଚିତ୍ର । ମାଟ୍ରିକ୍‌ରେ ଇତିହାସ ଆଉ ଭୂଗୋଳକୁ ମିଶାଇ ୨୦୦ ଭିତରେ ୬୦ ନମ୍ବର ରଖିଲେ ପାସ୍ । ଦେଖିଲି ମୋତେ ଠିକ୍ ସେତିକି ଦିଆ ହେଇଛି । ଅନ୍ୟାନ୍ୟ ବିଷୟରେ ବେଶ୍ ଭଲ ନମ୍ବର ଥାଏ, ବୋଧହୁଏ ସେଇଥିଲାଗି ୟୁନିଭାର୍ସିଟି - ପଟନା ୟୁନିଭାର୍ସିଟି- ଦୟାପରବଶ ହେଇ ମୋତେ ଇତିହାସ-ଭୂଗାଳରେ ପାସ୍ ନମ୍ବର ଦେଇ ଦେଇଥିଲେ ! ଏଇ ପ୍ରସଙ୍ଗରେ ଟିକେ ଅପ୍ରାସଙ୍ଗିକ ଭାବରେ କହି ଦେଇଥାଏ ଯେ ଆମ ଉତ୍କଳ ୟୁନିଭାର୍ସିଟି ହେଇଛି ଏହାର ଚଉଦ ବର୍ଷ ପରେ, ୧୯୪୩ ମସିହାରେ ।

ପଟନା ୟୁନିଭାର୍ସିଟି କିନ୍ତୁ ସାର୍ଟିଫିକେଟ୍‌ରେ ମୋର ନାଁଟି ଲେଖିଲେ ଭୁଲ ବନାନରେ: Jyotindra । ମାଟ୍ରିକ୍ ପରୀକ୍ଷାରେ ବଙ୍ଗଳାରେ ପ୍ରାୟ ପ୍ରଶ୍ନ ଆସୁଥିଲା "Correct ଜ୍ୟେତୀନ୍ଦ୍ର", ଯାହାର ଉତ୍ତର ହେଲା "ଜ୍ୟୋତିରିନ୍ଦ୍ର (ଜ୍ୟୋତିଃ+ଇନ୍ଦ୍ର) । କିନ୍ତୁ ବର୍ତ୍ତମାନ ୟୁନିଭାର୍ସିଟି ସ୍ୱୟଂ ସେଇ ଭୁଲଟି କଲେ । ପରେ ଆଇ.ଏସ୍-ସି. ସାର୍ଟିଫିକେଟ୍‌ରେ ମଧ ସେଇ ଭୁଲ କାଏମ ରହିଲା । ମୁଁ ବି ଆଗ ପରି ନୀରବ ରହିଲି । କିନ୍ତୁ ଏଗାର ବର୍ଷ ପରେ - ଯେତେବେଳେ ମୋର ସାତ ବର୍ଷ ଚାକିରି ହେଇ ସାରିଲାଣି - ମୋ ମୁଣ୍ଡରେ କ'ଣ ଢୁକିଲା, ବନାନ ସଂଶୋଧନ ଲାଗି ପଟନା ସାଙ୍ଗରେ ଲାଗିଲି । ସେମାନେ କହିଲେ, ଏତେ ବର୍ଷ ପରେ ସଂଶୋଧନ ହେଇ ପାରିବ ନାହଁ । ତିନି ବର୍ଷ ଏଇ ଭଳି ପତ୍ର ବ୍ୟବହାର ପରେ ମୁଁ ଅବଶେଷରେ ପଟନା ୟୁନିଭର୍ସିଟିର ସେତେବେଳର ଭାଇସ୍-ଚାନ୍ସେଲର ଖ୍ୟାତନାମା ସାର୍ ସଚ୍ଚିଦାନନ୍ଦ ସିନ୍‌ହାଙ୍କୁ ହିଁ ଗୋଟିଏ ଚିଠି ଲେଖିଲି । ଚିଠିଟା ୟୁନିଭର୍ସିଟି ଅଫିସ୍ ପ୍ରତି କିଞ୍ଚିତ୍ ବ୍ୟଙ୍ଗାତ୍ମକ ହେଇଥିଲା । ତାଙ୍କ ପାଖରୁ ଉତ୍ତର କିଛି ପାଇଲି ନାହିଁ, କିନ୍ତୁ

Digitized by srujanika@gmail.com

ଅଫିସ୍‌ରୁ ଚିଠି ଆସିଲା: ତୁମ ମାଟ୍ରିକ୍ ଓ ଆଇ.ଏସ୍-ସି. ସାର୍ଟିଫିକେଟ୍ ଦୁଇଖଣ୍ଡ ପଠାଇ ଦିଅ । ପଠାଇଲି, ଅବିଳମ୍ବେ ବନାନ ସଂଶୋଧନ ହୋଇ ଚାଲି ଆସିଲା । ହେଲେ କ'ଣ ହେବ, ଏ ନାମ ନେଇ ମୁଁ ବରାବର ଭୋଗିଲି । ଅଦ୍ୟାପି ମୋ ଖଜଣା ପାଉତିରେ ମୋର ନାମ 'ଜ୍ୟୋତୀନ୍ଦ୍ର' ହିଁ ରହିଛି । କାରଣ ବୋଧହୁଏ 'ଯତୀନ୍ଦ୍ର' ଓଡ଼ିଶାରେ ଏକ ଅତି ସୁପ୍ରଚଳିତ ନାମ ।

ରେଭେନ୍‌ଶ କଲେଜର ଆଇ.ଏସ୍-ସି. କ୍ଲାସରେ ଭର୍ତ୍ତି ହେଲି । ଆଇ.ଏ. କ୍ଲାସ୍‌ରେ କେତୋଟି ଝିଅ ଥାନ୍ତି, ଆଇ.ଏସ୍-ସି.ରେ କେହି ନଥିଲେ । ଝିଅମାନେ ବାରଣ୍ଡାରେ ଛିଡ଼ା ହୋଇଥାନ୍ତି, ଅଧ୍ୟାପକ ଆସିଲେ କ୍ଲାସ ଭିତରକୁ ଯାନ୍ତି । ସେତେବେଳେ ଆମ କଲେଜ ବୋଧହୁଏ ଓଡ଼ିଶାରେ ଏକମାତ୍ର କଲେଜ, ପିଲା ସଂଖ୍ୟା ଶୁଣିଲି ଛଅ ଶହ । ଭାବିଲି- ଓଃ, କେତେ ପିଲା !

ସ୍କୁଲରେ ଯାହାଙ୍କ ଜ୍ୟାମିତି ବହି ପଢ଼ିଥିଲି, କଲେଜକୁ ଆସି ଦେଖିଲି ସେଇ ପ୍ରଫେସର ସାରଦାଚରଣ ଗାଙ୍ଗୁଲି ଆମକୁ ଗଣିତ ପଢ଼ାଉଛନ୍ତି । ଅନ୍ୟ ପ୍ରଫେସର ବି ଥିଲେ । ଗଣିତର କୌଣସି ବିଷୟ ବିଶେଷଭାବରେ ବୁଝାଇବାକୁ ପଡ଼ିଲେ ସାରଦାବାବୁ ଫୁଟ୍‌ବଲକୁ ଆଶ୍ରା କରୁଥିଲେ । Uniform velocity କହିଲେ ବୁଝିବାକୁ ହୁଏ ଯେ a body covers equal distances in equal intervals of time, *however small.* ସାରଦାବାବୁ କହିଲେ- ତୁମ ବାପା ଅଫିସ୍ ବାହାରିଲା ବେଳେ ଦେଖିଲେ ତୁମେ ପାଠ ପଢୁଛ । କିନ୍ତୁ ସେ ବାହାରି ଯିବା ମାତ୍ରେ ତୁମେ ଫୁଟ୍‌ବଲ ଖେଳିବାକୁ ଆରମ୍ଭ କଲ ଏବଂ ବାପା ଫେରିବା ବେଳ ଜାଣି ଫେର ପଢ଼ିବାକୁ ବସି ଗଲ । ସେ ଭାବିଲେ ତୁମେ ବରାବର uniform ଭାବରେ ପଢୁଥିଲ ! ଏଇଟା ତାଙ୍କର ଭୁଲ ହେଲା, ବାରଂବାର ଆସି ଦେଖିବା ଦରକାର, ଏବଂ ଯେତେ ଥର ଆସି ପାରିବେ ସେତେ ଭଲ, ଅର୍ଥାତ୍ time interval ଯେତେ କମାଇ ପାରିବେ ସେତେ ଭଲ ।

ଆମେ ଆଶ୍ଚର୍ଯ୍ୟ ହେଉଥିଲୁ ପ୍ରଫେସର ଗିରିଜାଶଙ୍କର ରାୟଙ୍କର ସ୍ମୃତିଶକ୍ତି ଦେଖିକରି । ସେ Tennyson ଙ୍କ କାବ୍ୟ *The Passing of Arthur*

Digitized by srujanika@gmail.com

ପଢ଼ାଉଥିଲେ । ଆମେ କେହି ଯଦି ଆଉ କଉ ଦିନ ସେ କାବ୍ୟର କୌଣସି ଦି'ଟା କି ଚାରିଟା ପାଦ ଆଉ ଥରେ ବୁଝାଇ ଦେବା ପାଇଁ କହୁଥିଲୁ, ସେ ସାଙ୍ଗେ ସାଙ୍ଗେ ସମସ୍ତ କ୍ଲାସକୁ କହିବେ- "Open at page......" !

ଇଂରାଜୀର ଅନ୍ୟତମ ଅଧ୍ୟାପକ ପ୍ରଫେସର ନିରଞ୍ଜନ ନିୟୋଗୀ ଆମର English tutorial class ନେଉଥିଲେ । ସେ ପେଣ୍ଟ-କୋଟ ପିନ୍ଧୁ ନଥିଲେ, ଧୋତି ପଞ୍ଜାବି ଥିଲା ତାଙ୍କର ପୋଷାକ । ଗମ୍ଭୀର ଓ ଅତିଶୟ ମର୍ଯ୍ୟାଦାଶାଳୀ ଥିଲା ତାଙ୍କର ଚାଲି ଚଳଣ । ଏଭଳି ଲୋକଙ୍କୁ ବି କଉ ବା କେତେକ ପିଲା ଥରେ ବିବ୍ରତ କରିଥିଲେ । ପ୍ରଃ ନିୟୋଗୀ ଲେକ୍‌ଚର ଦେବା ପୂର୍ବରୁ lectern ଟାକୁ (ଉଚ୍ଚ ଟେବୁଲ) ଟିକେ ଘୁଞ୍ଚା ଘୁଞ୍ଚି କରି ଠିକ୍ କରି ଦିଅନ୍ତି, ଯେମିତି ଢକ ଢକ ନ ହବ । ପିଲାଏ ସେ lectern ଗୋଡ଼ ତଳେ କେତେ ଗୁଡ଼ିଏ ଚଡ଼ଚଡ଼ି ବାଣ ଖଞ୍ଜିଥିଲେ । ସେ ଗୁଡ଼ିକ ହଠାତ୍ ଫୁଟିଲା ବେଳକୁ ପ୍ରଃ ନିୟୋଗୀ ଟିକେ ଅପ୍ରତିଭ ହେଲାପରି ଦେଖାଗଲେ । କିନ୍ତୁ କିଛି ନକହି ଧୀର ଭାବରେ ତାଙ୍କର ଲେକ୍‌ଚର ଆରମ୍ଭ କଲେ ।

ମୋ ପଢ଼ାପଢ଼ି ବେଶ ଚାଲିଥାଏ, କିନ୍ତୁ ପର ବର୍ଷ ୧୯୩୦ ବେଳକୁ ଅସୁବିଧା ଉପୁଜିଲା । ମହାତ୍ମା ଗାନ୍ଧୀଙ୍କ ଆଇନ-ଅମାନ୍ୟ ଆନ୍ଦୋଳନରେ ଲୁଣ ମରା ଆରମ୍ଭ ହୋଇଥାଏ । ପୂର୍ବେ ୧୯୨୧ରେ ଅସହଯୋଗ ଆନ୍ଦୋଳନ ବେଳେ ବାବା ତ ହେଡ୍‌ମାଷ୍ଟର ଥାନ୍ତି । ତେଣୁ 'ଛାତ୍ରାଣାଂ ଅଧ୍ୟୟନଂ ତପଃ' କହି ପିଲାମାନଙ୍କ ଦ୍ୱାର ଦ୍ୱାର ବୁଲି ସେମାନଙ୍କୁ ସେଥିରୁ ନିବର୍ତ୍ତାଉଥାନ୍ତି । କିନ୍ତୁ ଏବେ ତ ସେ ହେଡମାଷ୍ଟର ନଥାନ୍ତି, ଓକିଲାତି କରୁଥାନ୍ତି, ଛାତ୍ରମାନଙ୍କ ଦାୟିତ୍ୱରୁ ମୁକ୍ତ । ତେଣୁ ସେ ହଠାତ୍ ଏ ଆନ୍ଦୋଳନରେ ଝାସ ଦେଇ କାଠଯୋଡ଼ି ନଈ ବାଲିରେ ଅନ୍ୟାନ୍ୟ ରାଜନୀତିକଙ୍କ ପରି ବକ୍ତୃତା ଦେଲେ, ବୋଧହୁଏ ଏକାଧିକ ଥର । ମୋର ମା ମଧ ସେ ସଭାରେ ଦେଶାତ୍ମବୋଧକ ଗୀତ ଗାହିଥିଲେ :-

"ବଲ ବଲ ବଲ ସବେ
ଶତ ବୀଣା ବେଣୁ ରବେ,
ଭାରତ ଆବାର ଜଗତ ସଭାଏ
ଶ୍ରେଷ୍ଠ ଆସନ ଲବେ ।" ଇତ୍ୟାଦି

Digitized by srujanika@gmail.com

ବାବା ଯେମିତି ଏକାବେଳକେ ଭୁଲି ଗଲେ ଯେ ଆମର କେଉଁଠି ହେଲେ ବି କିଛି ମାତ୍ର ସଞ୍ଚିତ ଧନ ନାହିଁ, ତଦ୍ରୂପରି ଓଡ଼ିଶାରେ ଆମର ଆତ୍ମୀୟବନ୍ଧୁ କେହି ନାହାନ୍ତି । କାଠଯୋଡ଼ି ନଈବାଲି ଲୁଣମରା-ବକ୍ତୃତା ଲାଗି ତାଙ୍କୁ ଦେଢ଼ ବର୍ଷର ସଶ୍ରମ କାରାଦଣ୍ଡ ହେଲା । ତାଙ୍କୁ ବିହାରର ହଜାରିବାଗ ଜେଲକୁ ପଠାଗଲା । ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ ଆଦି ଅନ୍ୟାନ୍ୟ ରାଜନୈତିକ ବନ୍ଦୀମାନେ ମଧ ସେଇଠିକି ପଠା ହୋଇଥାନ୍ତି । ମୁଁ ସେତେବେଳକୁ ଅଳ୍ପଦିନ ହେବ ସେକେଣ୍ଡ ଇୟରକୁ ଉଠିଥାଏ, ଆଉ କେତେ ମାସ ପରେ ୟୁନିଭାର୍ସିଟିର I.Sc. ପରୀକ୍ଷା । ଏଭଳି ସଙ୍କଟ ସମୟରେ ବାବାଙ୍କର ସମବ୍ୟବସାୟୀ ଓକିଲ ବନ୍ଧୁମାନେ ହିଁ ଆମମାନଙ୍କୁ ଚଳାଇ ନେଲେ । ପ୍ରକୃତରେ ସେଇଟା ଆମର ଏପରି ଏକ ସଙ୍କଟ ସମୟ ବୋଲି ମୁଁ ପ୍ରାୟ ଅନୁଭବ କରିନାହିଁ ମଧ - ସଂସାର ବିଷୟରେ ମୁଁ ଏଡ଼େ ଜ୍ଞାନହୀନ, ଅନ୍ଧ ଥାଏ । ମୋ ପଢ଼ାପଢ଼ି ସ୍ୱାଭାବିକ ଭାବରେ ଚାଲୁଥାଏ । ମୋର ମା ଅନେକ ସମୟରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଶି ମଦ ଦୋକାନରେ 'ପିକେଟିଂ' କରିବାକୁ ଯାଉଥିଲେ । ଏଣେ ମୁଁ ମୋର କଲେଜକୁ ଯାଉଥିଲି, ଦୁଆରରେ ଦୁହେଁ ଦୁଇଟି ତାଲା ପକାଉଥିଲୁ - ଗୋଟାକ ଭିତରେ ଆଉ ଗୋଟାକ ଗଳାଇ - ଯେପରିକି ଯେ ଆଗେ ଫେରିବ ସେ ତାଲା ଖୋଲି ଘର ଭିତରକୁ ପଶି ପାରିବ । ବାବାଙ୍କର ସେହି ହିତୈଷୀ ଓ ଉପକାରୀ ବନ୍ଧୁମାନଙ୍କ ଋଣ ଚିରକୃତଜ୍ଞ ଅନ୍ତରରେ ସ୍ମରଣ କରେଁ ।

୧୯୩୧ ମସିହାରେ 'ଗାନ୍ଧୀ-ଅରଉଇନ୍ ପ୍ୟାକ୍ଟ' (Gandhi Irwin Pact) ନାମରେ ଖ୍ୟାତ ଗାନ୍ଧୀ ଓ ତଦାନୀନ୍ତନ ବଡ଼ଲାଟ୍ ଲର୍ଡ ଅରଉଇନ୍‌ଙ୍କ (Irwin) ମଧରେ ଗୋଟିଏ ଚୁକ୍ତି ଫଳରେ ରାଜନୈତିକ ବନ୍ଦୀମାନେ ସମସ୍ତେ କାରାମୁକ୍ତ ହୋଇ ଘରକୁ ଫେରିଲେ । ବାବା ମଧ ଫେରିଲେ । ସେତେବେଳକୁ ତାଙ୍କର ଜେଲରେ ରହିବାର ଦଶମାସ ହୋଇଥାଏ । ପ୍ରାୟ ବର୍ଷେ ଖଣ୍ଡେ ଏମିତି ଓକିଲାତିରୁ ଅନ୍ତର ହୋଇ ରହିଥିବା ଫଳରେ ତାଙ୍କୁ ନୁଆ କରି ଓକିଲାତି ଆରମ୍ଭ କରିବାକୁ ପଡ଼ିଲା । ତେଣୁ ସ୍ୱାଧୀନତା ସଂଗ୍ରାମ ସହିତ ସକ୍ରିୟ ଯୋଗ ରଖିବା ଆଉ ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ।

ଆଇ.ଏସ୍-ସି. ପାସ୍ କରି ମୁଁ କଲିକତା ସିଟି କଲେଜରେ ବି.ଏସ୍.-ସି. ପଢ଼ିବାକୁ ଗଲି । ଏହା ପାଇଁ ମୋତେ ୟୁନିଭାର୍ସିଟି ପରିବର୍ତ୍ତନ କରିବାକୁ ପଡ଼ିଲା -

Digitized by srujanika@gmail.com

ପଟନାରୁ କଲିକତା ୟୁନିଭାର୍ସିଟି । ଏହାର ଫଳ ମୋ ପାଇଁ ଭଲ ହୋଇ ନାହିଁ - ଅନ୍ତତଃ ଚାକିରୀ କ୍ଷେତ୍ରରେ । କାରଣ ସେତେବେଳକୁ କଲିକତା ଅପେକ୍ଷା ପଟନା ୟୁନିଭାର୍ସିଟି ଗ୍ରାଜୁଏଟ୍‌ର ମର୍ଯ୍ୟାଦା ଅଧିକ ଥାଏ । ମୋର କଲିକତାରେ ପଢ଼ିବା ବାହାନାର ପ୍ରଧାନ କାରଣ ରେଭେନ୍‌ଶ' କଲେଜ ଉପରେ ମୋର ଗୋଟାଏ ପିଲାଳିଆ ରୁଷା ! ଘଟନାଟା କହୁଛି । ଆଇ.ଏସ୍-ସି. ପରୀକ୍ଷା ଚାଲିଥାଏ । ମୋର ସୀଟ୍ ପଡ଼ିଥାଏ ଆମରି କଲେଜ 'ହଲ୍'ରେ । ଅଳ୍ପଦୂରେ ବସିଥିବା ଗୋଟିଏ ସାଙ୍ଗ ପାଇଁ କେମିଷ୍ଟ୍ରି ଅଙ୍କଟିଏ ବ୍ଲଟିଂ ପେପରରେ କଷି ତା ଆଡ଼କୁ ପକାଇ ଦେଲି । ନଇଁ ପଡ଼ି ସେଟାକୁ ଗୋଟାଇଲା ବେଳକୁ ଇଂରାଜୀ ଅଧ୍ୟାପକ ପ୍ରଫେସର କେ.ପି.ସିହ୍ନାଙ୍କୁ ଦୂରରୁ ଦିଶିଗଲା । ସେ ମୋର ସେଇ ସାଙ୍ଗକୁ 'ହଲ୍'ରୁ ବାହାର କରି ଦେଲେ । ମୋତେ ଏହାପାଇଁ ସନ୍ଦେହ କଲେ, କିନ୍ତୁ ସୁନିଶ୍ଚିତ ହୋଇ ପାରିଲେ ନାହିଁ ବୋଲି ମୋତେ ବାହାର କଲେ ନାହିଁ । ମୁଁ ବାକୀ ସବୁଦିନ ସବୁ ପରୀକ୍ଷା ଦେଲି । କିନ୍ତୁ ପରିଶେଷରେ ୟୁନିଭାର୍ସିଟି ସେନେଟ୍‌ର ଆଦେଶ ଅନୁସାରେ ମୋ ସାଙ୍ଗ ଦୁଇ ବର୍ଷ ଓ ମୁଁ ବର୍ଷକ ଲାଗି **rusticate** (ଅଟକ) ହେଲୁ । ଏଇ ମୋର ରାଗ ହେଇଗଲା !

ଅତଏବ ବର୍ଷକ ପରେ ପୁଣି ପରୀକ୍ଷା ଦେଇ ସେକେଣ୍ଡ ଡିଭିଜନରେ ପାସ୍ କଲି । କିନ୍ତୁ ଆଗ ଥର ଗଣିତରେ ୨୦୦ରୁ ୧୬୮ ରହିଥିବା ସ୍ଥଳେ ଏଥର ମାତ୍ର ୧୫୦ ରହିଲା । ଯା ହଉ କଲିକତା **Amherst Street** *ସିଟି କଲେଜ*'ରେ ଭର୍ତ୍ତି ହେଲି । (ସେତେବେଳେ ଆଉ କଉଠି ତାର ଶାଖା ନଥିଲା, ପରେ ଏକାଧିକ ଶାଖା), ରହିଲି ମୋର ବିଧବା ବଡ଼ ମାଇଁଙ୍କ ପାଖରେ - *ଡେଫ୍ ଏଣ୍ଡ ଡାମ୍ ସ୍କୁଲ* ର ଅନତିଦୂରେ ଗଡ଼ପାର ରୋଡରେ । ସେ ରାସ୍ତାଟା ଅପର୍ ସର୍କୁଲର ରୋଡ (ବର୍ତ୍ତମାନ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରୋଡ)ରୁ ପୂର୍ବ ଆଡ଼କୁ ବାହାରିଛି । ତାଙ୍କ ଘରେ ଆଉ ଥିଲେ ତାଙ୍କରି ସାନ ଭାଇ 'ବାବୁଲ୍' (ଅମଲେନ୍ଦୁ ଘୋଷାଲ୍) - ତାଙ୍କଠୁ ଅଠର ବର୍ଷ ସାନ ଏବଂ ମୋରି ବୟସୀ- ତା ଛଡ଼ା ମୋର ସାନ ମାମୁଁ ଓ ମାଇଁ ତାଙ୍କର ଦୁଇଟି ନିତ୍ୟାନ୍ତ ଶିଶୁ କନ୍ୟାକୁ ଧରି । ମୋର ମଝିଆ ମାମୁଁ ସେତେବେଳେ ମୋର କଲେଜ ଫିସ୍ ହେରିକା ଦେଉଥାନ୍ତି ।

ମୋର ବଡ଼ ମାଇଁ ମିସେସ୍ ପୂର୍ଣ୍ଣିମା ବସାକ୍ ଥିଲେ ଏକ ଆଶ୍ଚର୍ଯ୍ୟ ଋଷିପ୍ରତିମ ମନୁଷ୍ୟ । ନଅ ବର୍ଷର ବିବାହିତ ଜୀବନ ପରେ ମାତ୍ର ତିରିଶ କି ଏକତିରିଶ ବର୍ଷ

Digitized by srujanika@gmail.com

ବୟସରେ ସ୍ୱାମୀଙ୍କୁ ହରାଇଥିଲେ । ସେ ପୁଣି ନିଃସନ୍ତାନ ଥିଲେ । ନାନା ଗୁଣ ସମ୍ପନ୍ନ ସର୍ବଜନପ୍ରିୟ ମୋର ବଡ଼ ମାମୁଁ କିନ୍ତୁ ସୁସ୍ୱାସ୍ଥ୍ୟର ଅଧିକାରୀ ନଥିଲେ । ମାତ୍ର ତେତିଶ ବର୍ଷ ବୟସରେ ତାଙ୍କର କାଳ ହୋଇ ଯାଇଥିଲା । ମାଇଁ ତାଙ୍କ ବିବାହ ପୂର୍ବରୁ ବି.ଏ. ପାସ୍ କରି ସାରିଥିଲେ, ବିବାହ ପରେ ବି.ଟି. ମଧ ପାସ୍ କରି *ବ୍ରାହ୍ମ ବାଳିକା ଶିକ୍ଷାଳୟ* ସହିତ ଯୁକ୍ତ *ଉଇମେନ୍‌ସ ଟ୍ରେନିଂ ଇନ୍‌ସଟିଚ୍ୟୁଶନ୍*‌ରେ Principal ହୋଇ କର୍ମ କରୁଥିଲେ । ମୋ ମାମୁଁଙ୍କ ମୃତ୍ୟୁ ପରେ ମାଇଁ ଗୋଟିଏ ବିଶେଷ ସ୍କଲାରଶିପ୍ ପାଇ ବିଲାତ ଗଲେ ଏବଂ ଲଣ୍ଡନ ୟୁନିଭାର୍ସିଟିରୁ ଡିପ୍ଲୋମା-ଇନ୍-ଏଡୁକେଶନ୍ ଉପାଧି ଆଣି ପୁନରାୟ ସେଇ *ଉଇମେନ୍ସ ଟ୍ରେନିଂ ଇନ୍‌ସଟିଚ୍ୟୁଶନ୍*‌ରେ Principal ହେଲେ । ସେ ସମୟରେ ଏଭଳି ଯୋଗ୍ୟତା ହାସଲ କରିଥିବା ମହିଳାଙ୍କର ଶିକ୍ଷା କ୍ଷେତ୍ରରେ ବିଶେଷ ଆଦର ଥିଲା । କିନ୍ତୁ ଖୁବ୍ ଉଚ୍ଚ ବେତନର ପ୍ରସ୍ତାବ ପାଇ ମଧ ମାଇଁ ସେ ଇନ୍‌ଷ୍ଟିଚ୍ୟୁଶନ୍ ଛାଡ଼ି ଯାଇ ନାହାନ୍ତି, କାରଣ ବିଧବାମାନେ ଅନେକ ସମୟରେ ସଂସାରରେ ବଡ଼ ଅସହାୟା ହୋଇଥାନ୍ତି, ସେତେବେଳେ ଟ୍ରେନିଂ ପରୀକ୍ଷା ପାସ୍ ହୋଇଥିଲେ ସେମାନେ କୌଣସି ସ୍କୁଲରେ କର୍ମ ନିଯୁକ୍ତି ପାଇ ଆତ୍ମନିର୍ଭର ହେଇ ପାରନ୍ତି । ବଡ଼ ମାଇଁ ସ୍ୱୟଂ ବିଧବା ବୋଲି ବିଧବାଙ୍କ ଦୁଃଖ ବୁଝୁଥିଲେ ।

ସକାଳେ ସେ ସାନ ମାଇଁଙ୍କ ସାଥିରେ ମିଶି ଘର ସମସ୍ତଙ୍କ ପାଇଁ ଚାହା-ଜଳଖିଆର ବନ୍ଦୋବସ୍ତ କରୁଥିଲେ । ତା'ପରେ ଇନ୍‌ଷ୍ଟିଚ୍ୟୁଶନ୍‌ର ଛାତ୍ରୀମାନଙ୍କର ଖାତାଦେଖା ଓ ଅନ୍ୟାନ୍ୟ କାମରେ ବ୍ୟାପୃତ ରହୁଥିଲେ, ରୋଷେଇବାସରେ ସାନ ମାଇଁଙ୍କୁ ବିଶେଷ ସାହାଯ୍ୟ କରିପାରୁ ନଥିଲେ । ତେଣୁ ରବିବାର ସେ ରୋଷେଇବାସରେ ଲାଗୁଥିଲେ । ଆଉ ସବୁ ଦିନ ସେ ଭାତ ଖାଇସାରି ଟ୍ରେନିଂ ସ୍କୁଲକୁ ଯିବା ପୂର୍ବରୁ ହାତ ଘଣ୍ଟାଟି ମୁଣ୍ଡ ପାଖରେ ଥୋଇ ପନ୍ଦର ମିନିଟ୍ ଶୋଇ ଯାଉଥିଲେ । ତା'ପରେ ଉଠି ବାହାରି ପଡୁଥିଲେ । ଥରେ ପଚାରିଲି ଏଇ ପନ୍ଦର ମିନିଟ୍ ଶୋଇ ଲାଭ କଣ । ବଡ଼ ମାଇଁ କହିଲେ, ଲାଭ ଏଇ ଯେ ସ୍କୁଲରେ ଆଉ ଢୁଳ ମାଡ଼ିବ ନାହିଁ ।

କଲିକତାରେ ଥିଲାବେଳେ ମୋର ବିଶେଷ ବନ୍ଧୁ ଥିଲା ବଡ଼ ମାଇଁଙ୍କ ସେଇ ସାନ ଭାଇ 'ବାବୁଲ୍' । ଅଠର ବର୍ଷର ସାନ ଭାଇ ହେଇ ଥିବାରୁ ସେ ଟିକେ ଅଳି - ଅଝଟ - ବିଦ୍ରୋହ କରେ, ଫଳରେ ମୋର ବି ଲାଭହୁଏ, ଯଥା- ଶନିବାର ଦିନ

Digitized by srujanika@gmail.com

ଆମେ କଲେଜରୁ ଫେରି ଜଳଖିଆ ଖାଇବୁ ନାଇଁ, ଚାରୋଟି ଲେଖାଏ ପଇସା ନେବୁ । ସେଇଆ ହେଲା । ସେତେବେଳେ ମାତ୍ର ତିନି ପଇସାରେ ଗୋଟାଏ ପୂରା ବଡ଼ ଚିଙ୍ଗୁଡ଼ି କଟ୍‌ଲେଟ୍ ମିଳୁଥିଲା । କ୍ରୀମ୍‌ରେ ଭର୍ତ୍ତି **Happy Boy** ଆଇସ୍-କ୍ରୀମ୍ ଚାରିଅଣା, ଗୋଟିକରେ ପୂରା ପେଟ ଭର୍ତ୍ତି ଜଳଖିଆ । ପରେ ବି.ଏସ୍-ସି. ପରୀକ୍ଷା ଦେବା ସମୟରେ ଗୋଟିଏ ପେପର ପରୀକ୍ଷା ଦେଇସାରି ଆଉ ଗୋଟାଏ ପେପର ପାଇଁ ବସିବା ପୂର୍ବରୁ ଗୋଟାଏ **Happy Boy** ହିଁ ଥିଲା ମୋର ଜଳଖିଆ ।

କଲିକତା ରାସ୍ତା ନିୟମ କାନୁନ୍ କି ରକମ ଥିଲା କହୁଛି । ସକାଳ ସଞ୍ଜ କଲିକତାର ବଡ଼ ରାସ୍ତା ଗୁଡ଼ିକ- ଯଥା ସେଇ ସର୍କୁଲର ରୋଡ୍ - ହୋଜ୍ ପାଇପ୍‌ରେ ଧୂଆ ହଉଥିଲା । ମୁଁ ବେଳେବେଳେ ଛୁଟି ଦିନରେ ସାଇକଲରେ ଦଶ ପନ୍ଦର ମାଇଲ ପର୍ଯ୍ୟନ୍ତ ବୁଲି ଚାଲି-ଯାଉଥିଲି । ଥରେ ସନ୍ଧ୍ୟାବେଳେ ହାଓଡ଼ା ପୋଲ ଉପରେ ଯାଉଥିଲା ବେଳେ ମୋର ସାଇକଲରେ ଲାଇଟ୍ ନଥିଲା ନା ଆଉ କଣ ଦୋଷ ହେଇଥିଲା ମନେ ନାହିଁ, ବ୍ରିଟିଶ୍ ରାଜର ସେଇ ଅତି ସୁସମୟରେ ରାସ୍ତାରେ ଜଗୁଥିବା ବିହାରୀ ଭୋଜପୁରୀ ପୁଲିସ, ସେମାନଙ୍କର କୁସ୍ତିଲଢ଼ା ହାତରେ ମୋ ବେକରେ ଏକ ରଢା ମାରି ସେ ମୋର ସାଇକେଲ ଛଡ଼େଇ ନେଇ କେସ୍ ଠୁକି ଦେଲା । ନିର୍ଦ୍ଦିଷ୍ଟ ଦିନରେ ବ୍ୟାଙ୍କଶାଲ **(Bankshall)** କୋର୍ଟ୍ ହତାରେ ପହଞ୍ଚିଲା ବେଳକୁ ଜଣେ ବ୍ୟବହାରଜୀର୍ଣ୍ଣ ପେଣ୍ଟକୋଟ୍ ପିନ୍ଧିଥିବା ବ୍ୟବହାରାଜୀବ ମୋ ପାଇଁ ଲଢ଼ିବେ ବୋଲି ଅତିଶୟ ଜିଗର କରି ମୋ ପାଖରୁ ଗୋଟିଏ ଟଙ୍କା ଆଗତୁରା ନେଇ ନେଲେ- ଏହି ସର୍ତ୍ତରେ ଯେ ମୋର ଜୋରିମାନା ହେଲେ ସେ ଟଙ୍କାଟି ସେ ମୋତେ ଫେରସ୍ତ ଦେବେ, କାରଣ ପୁଲିସ୍ ଅଫିସରୁ ମୋ ସାଇକେଲ ଆଣିବାକୁ ଯିବା ପାଇଁ ମୋର ଆଉ ବସ୍ ଭଡ଼ା ନାହିଁ । କେସ୍ ଡକରା ହେବା ମାତ୍ରେ ସେ ଉଠି 'ଇଓର ଅନାର୍ ସାର୍, ହି ଇଜ୍ ଏ ନିଉ - କମର୍, ସାର୍' କହୁ କହୁ ତେଣେ ଜୋରିମାନା ଅର୍ଡର ହେଇ ରସିଦ୍ ବି କଟା ସରିଲାଣି ! ପ୍ରକୃତରେ ଏଇଭଳି 'ପେଟି କେସ୍'ରେ ଅଦାଲତ କୌଣସି ରକମ ଓଜର ଆପତ୍ତି ଶୁଣନ୍ତି ନାହିଁ । ଓକିଲ ମୋର ଟଙ୍କାଟି ଫେରସ୍ତ ଦେଲେ । ତାଙ୍କ ମୁହଁକୁ ଚାହିଁ ମୋତେ ଦୁଃଖ ଲାଗିଲା, କିନ୍ତୁ ମୁଁ ନିରୁପାୟ ଥାଏ ।

କଲିକତା କର୍ଣ୍ଣୋଆଲିସ୍ ସ୍କୋୟାରରେ (ଏବେ ଅନ୍ୟ ନାମ) 'ହେଦୋ'ବୋଲି ଯେଉଁ ବଡ଼ ପୁଷ୍କରିଣୀ ଅଛି ତାର ଦି'ମୁଣ୍ଡରେ ଦି'ଟା ପହଁରାଳି କ୍ଲବ୍

Digitized by srujanika@gmail.com

ଥାନ୍ତି: Central Swimming Club ଏବଂ National Swimming Association । ମୁଁ ଏଇ ଦ୍ୱିତୀୟଟିରେ ଭର୍ତ୍ତି ହେଇଗଲି । ଉପରଓଳି ପ୍ରାୟ ସେଠି ପହଁରିବା ପାଇଁ ଯାଉଥିଲି, ପ୍ରତିଯୋଗିତାରେ ପ୍ରାଇଜ୍ ବି ପାଇଥିଲି । ସେତେବେଳେ ମୋର ଅଜାଣତ୍ ଭବିଷ୍ୟତ ପତ୍ନୀ ତାଙ୍କ ପିଲା ବୟସରେ ସେଇ 'ହେଦୋ'ରେ ପହଁରା ଶିଖୁଥିଲେ, କିନ୍ତୁ ସେଇ ଆର ମୁଣ୍ଡରେ, 'ସେଣ୍ଟ୍ରାଲ'ରେ । ପୋଖରୀଟା ବିଶାଳ, ତେଣୁ ଦେଖା ହେବା ସମ୍ଭାବନା କମ୍ । ଏକଥା ଅବଶ୍ୟ ମୁଁ ଜାଣିଲି ଚଉଦ ବର୍ଷ ପରେ ! କଟକରେ ବନ୍ୟାସ୍ଫୀତ କାଠଯୋଡ଼ିରେ ତାଙ୍କୁ ସାଥିରେ ନେଇ ପହଁରିଲି ସେତେବେଳେ ।

ମୋର ପିଲାଳିଆମି ବା ମନୁଆପଣ ବା ହାଲୁକାମିର ଆଉ ଗୋଟିଏ ଦୃଷ୍ଟାନ୍ତ - ଏବଂ ମୋ ପାଇଁ କ୍ଷତିକର ଦୃଷ୍ଟାନ୍ତ ହେଲା ବି.ଏସ୍-ସି ପରୀକ୍ଷା ବେଳକୁ ମୋର ଅନ୍ୟତମ ପାଠ୍ୟ ବିଷୟ ମାଥେମାଟିକ୍ସ ଅନର୍ସ୍‌ଟାକୁ ହଠାତ୍ ଛାଡ଼ିଦେବା । ଘଟଣା ଏଇ ଯେ ଅଧିକ 'ଆଡ଼୍‌ଡ଼ା ମାରିବା' ଫଳରେ ମୋର ଲେକ୍‌ଚର ପାର୍ସେଣ୍ଟେଜ୍ କମ୍ ପଡ଼ି ଯାଇଥିବାରୁ ମୋତେ 'ନନ୍-କଲିଜିଏଟ୍' ଗଣ୍ୟ କରାଗଲା ଏବଂ ପରୀକ୍ଷା ଫିସ୍ ଅଧିକ ଦଶ ଟଙ୍କା ଧାର୍ଯ୍ୟ କରାଗଲା । ତେଣେ ଅନର୍ସ ପରୀକ୍ଷା ପାଇଁ ମଧ ଅଧିକା ଫିସ୍ ଦଶ ଟଙ୍କା ଦେବାକୁ ପଡ଼ିବ । କଣ କରାଯିବ ? ମୁଁ ଏଥିରେ ପୂରା 'ଅନୁଦ୍‌ବିଗ୍ନମନାଃ' * ହେଇ ଅନର୍ସ୍‌ଟାକୁ ବାଦ୍ ଦେଇଦେଲି ! ବୟସ ଉଣେଇଶ ପୂରି କୋଡ଼ିଏ ଚାଲିଥାଏ, ବି.ଏସ୍-ସି. ପାସ୍‌ଟିଏ ହେଇମୋ ପାଠ ପଢ଼ା ସାରି ଦେଲି । ସେଥିରେ ଏପରି 'ବିଗତସ୍ପୃହ' * ଯେ ୧୯୩୪ର କାଲକାଟା ୟୁନିଭାର୍ସିଟି କନ୍‌ଭୋକେଶନ୍‌କୁ ମୋର ବି.ଏସ୍-ସି. ସାର୍ଟିଫିକେଟ୍ ଆଣିବା ପାଇଁ ମଧ ଗଲି ନାହିଁ । ମୋର କଲେଜ ପ୍ରିନ୍‌ସପାଲ ପ୍ରଃ ରଜନୀକାନ୍ତ ଗୁହ ମହାଶୟ କଲେଜ ତରଫରୁ ଯେଉଁ ପାସ୍ ସାର୍ଟିଫିକେଟ୍ ଦେଲେ ତାହା ହିଁ ମୋ ପାଇଁ ଯଥେଷ୍ଟ ହେଲା ।

◆◆◆

* ଦୁଃଖେଷୁ ଅନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥ - ଗୀତା ୨।୫୬

ଏହାକୁ ଦେଖି କେହି ଭାବନ୍ତୁ ନାହିଁ ମୁଁ ସେତେବେଳେ ଗୀତା ପଢୁଥିଲି ।

Digitized by srujanika@gmail.com

(୪)

ମୋର ପିତାମାତା

ମୋର ବାବା କିଶୋରୀମୋହନ ଥିଲେ ବୈଷ୍ଣବ ଘରର ପିଲା, ନିପଟ ମଫସଲର ଜମିଦାର ଘରର ପୁଅ, ମାତ୍ର ଜମିଦାରିର ସେତେବେଳେ ପଡ଼ନ୍ତ ଅବସ୍ଥା । ଗାଁ ନାଁ କର୍ଣ୍ଣପୁର, ପୂର୍ବ ବଙ୍ଗର ରାଜସାହି ଜିଲ୍ଲାରେ, ଆଠ ଭାଇଙ୍କ ଭିତରେ କେବଳ ସେ ଏବଂ ଠିକ୍ ଉପର ଭାଇ ଭବାନୀମୋହନ- ମୋର 'ରାଙ୍ଗା ଜେଠା ମହାଶୟ' - ରୀତିମତ ପଢ଼ାପଢ଼ି କରିଥିଲେ । ଏଥିରେ କେବଳ ଭବାନୀମୋହନଙ୍କର ହିଁ ଅଧିକା ଉତ୍ସାହ ଥିଲା ଏବଂ ସେ ହିଁ ମୋ ବାବାଙ୍କୁ ଏମ୍.ଏ., ବି.ଏଲ୍. ପର୍ଯ୍ୟନ୍ତ ପଢ଼ାଇ ଥିଲେ । କିନ୍ତୁ ଏହା ଏକାବେଳକେ କ୍ରମାଗତ ଭାବେ ହେଇ ପାରି ନଥିଲା । ଏସବୁ କଥା ମଧ ମୁଁ ନିତାନ୍ତ ଅସମ୍ପୂର୍ଣ୍ଣ ଭାବରେ ଖଣ୍ଡ ଖଣ୍ଡ ଆକାରରେ କେତେବେଳେ 'ରାଙ୍ଗା ଜେଠା ମଶାୟ'ଙ୍କ ଠାରୁ କେତେବେଳେ ବାବାଙ୍କ ଠାରୁ ଶୁଣିଛି ବା ବାବାଙ୍କର ମୃତ୍ୟୁ ପରେ ଜେଠା ମଶାୟଙ୍କ ଚିଠିରୁ ଜାଣି ପାରିଛି । ବାବା କହିଥିଲେ, "ରାଙ୍ଗାଦା' ନା ଥାକ୍‌ଲେ ଆମାର ପଡ଼ାଶୋନା ହୋତୋନା ।" ମନେହୁଏ ସେ ବେଶ୍ ଟିକେ ଖିଆଲୀ ପ୍ରକୃତିର ମଣିଷ ଥିଲେ, କେବେକେବେ ପଢ଼ାପଢ଼ି ଛାଡ଼ି ଆଉ କଣ କରୁଥିଲେ ବା ଉଦାସୀନ ଭଳି କଉଆଡ଼େ ଚାଲି ଯାଉଥିଲେ, ଥରେ ହିମାଳୟ ଆଡ଼କୁ ବାହାରିଥିଲେ ବୋଲି ଆମକୁ କହିଥିଲେ । ଏଭଳି ସମୟରେ ରାଙ୍ଗା ଜେଠା ମଶାୟ ଯାଇ ତାଙ୍କୁ ଧରି ଆଣୁଥିଲେ । ଏହିପରି ଏକ ସମୟରେ ବାବା ଉତ୍ତର ପ୍ରଦେଶରେ ଲଖନଉରେ ଏକ ଚାକିରୀ କରୁଥିଲେ । ସମ୍ଭବତଃ ସେହି ସମୟରେ ସେ ମୋର ଭବିଷ୍ୟତ 'ଦାଦା ମଶାୟ' (ଅଜା) ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ବସାକ୍ ମହାଶୟଙ୍କ ସଂସ୍ପର୍ଶରେ ଆସିଥିଲେ, ଯେକି ଥିଲେ ସେକାଳର ଜଣେ ଉତ୍ସାହୀ ବ୍ରାହ୍ମ । ସେତେବେଳେ ସେ *Advocate* ବୋଲି ଗୋଟାଏ ପତ୍ରିକାର ସମ୍ପାଦକ ଥିଲେ ବୋଲି ମୁ କେବେ ମୋ ମାଙ୍କ ପାଖରୁ ଶୁଣିଥିଲି । ପରେ ବସାକ୍ ମହାଶୟ ବିହାରର ଗିରିଡିରେ ରହୁଥିଲା ବେଳେ ବାବା ତାଙ୍କ ପାଖରୁ ବ୍ରାହ୍ମ ଧର୍ମ ଗ୍ରହଣ କଲେ ଏବଂ ତାଙ୍କର ପରଲୋକଗତ ପ୍ରଥମା ପତ୍ନୀଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ରମଳାଙ୍କୁ ବିବାହ କଲେ । ମୋର ବାବାଙ୍କ ପରଲୋକ ପରେ

Digitized by srujanika@gmail.com

ମୋର ରାଙ୍ଗା ଜେଠାମଶାୟ ମୋତେ ଯେଉଁ ଦୀର୍ଘ ପତ୍ର ଲେଖିଥିଲେ ସେଥିରେ ସେ ଦେଇଥିବା ତାରିଖ ଆଦି ଅନୁସାରେ ସେମାନଙ୍କ ପିତା- ମୋର 'ଠାକୁର ଦାଦା' - ଶ୍ରୀଯୁକ୍ତ ପ୍ୟାରୀମୋହନ ଜୋଆର୍ଦ୍ଦାର ଏ ବିବାହର ପ୍ରାୟ ସାତ ବର୍ଷ ପୂର୍ବରୁ ପରଲୋକ ଗମନ କରିଥିଲେ ।

ବିବାହର ଦୁଇ ବର୍ଷ ପରେ କଲିକତାରେ ୧୪ ଜୁନ୍, ୧୯୧୪ରେ ମୋର ଜନ୍ମ । ତାର କିଛିଦିନ ପରେ ମାଆଙ୍କର ଗୋଟାଏ hip-joint ଭିତରେ ଗୋଟାଏ abscess ହେଇଥିଲା । ଡାକ୍ତରଙ୍କ ପକ୍ଷେ ତା' ଜାଣିବା ଅବଶ୍ୟ ସହଜ ନଥିଲା । ତାର ଚିକିତ୍ସା ବେଳେ ଥରେ ଜଣେ ସାହେବ ଡାକ୍ତରଙ୍କୁ call ଦିଆ ହେଇଥିଲା । ସେ କୁଆଡ଼େ କହିଥିଲେ ଯେ ସେ ଆଉ ଗୋଟିଏ ମାତ୍ର ଏପରି case ଦେଖିଥିଲେ, ସେ ବଞ୍ଚି ନଥିଲା । ମୋର ମା ଯାହେଉ ବଞ୍ଚିଲେ, କିନ୍ତୁ ବହୁତ କଷ୍ଟ ପାଇଥିଲେ । ଯନ୍ତ୍ରଣାରେ ତାଙ୍କ ମଥା ଖରାପ ହେଇଥିଲା, ନିଜର ସମସ୍ତ (ବୋଧହୁଏ) ବାମ ଗୋଡ଼ଟାକୁ ତାଙ୍କର ମନେ ହେଉଥିଲା ଗୋଟାଏ ଅଲଗା ଖୁମ୍ବ ଭଳି କଅଣ ଗୋଟାଏ ତାଙ୍କ ଦେହକୁ ଲଗାଇ ଶୁଆଇ କରି ରଖା ହେଇଛି, କହୁଥିଲେ - "ଏଇଟାକୁ ନେଇ ପକେଇ ଦେଉନା କାହିଁକି !" ଏକଥା ଅବଶ୍ୟ ସେ କେତେ ବର୍ଷ ପରେ ମୋତେ କହିଥିଲେ । ଶେଷକୁ ଭଲ ହେଇ ଉଠିଲେ ସିନା, କିନ୍ତୁ ସେଇ ଗୋଡ଼ଟା ଟିକେ ଛୋଟ ହେଇ ଗଲା ଯାହା ଫଳରେ ସେ ଛୋଟା ହେଇଗଲେ । ଏହା ଛଡ଼ା ସେଇ ଗୋଟାଏ ପଟ hip-joint ଦୋଷରୁ ସେ ଆଉ ତଳେ ବସି ପାରୁ ନଥିଲେ, ଅନ୍ତତଃ ଗୋଟିଏ ଅଳ୍ପ ଉଞ୍ଚା ଟୁଲ୍ ଦରକାର ପଡୁଥିଲା । ସାନ ହେଇଯାଇ ଥିବା ସେଇ ଗୋଡ଼ ଜୋତାରେ ମଧ୍ୟ ଉଚ୍ଚ ହୀଲ୍ (heel) ବା ଗୋଇଠି ଲଗାଇବାକୁ ପଡୁଥିଲା । ଘରେ କୌଣସି ଦ୍ୱିତୀୟ ସ୍ତ୍ରୀଲୋକ ନଥିବାରୁ ମାଆଙ୍କ ସେଇ କଠିନ ରୋଗ ସମୟରେ ମୋର ମଧ୍ୟ ଠିକ୍ ମୁତାବକ ଯତ୍ନ ନିଆ ହେଇ ପାରି ନଥିଲା । ଗୌଡ଼ ଯେଉଁ ପାଣିମିଶା କ୍ଷୀର ଦେଉଥିଲା ତାକୁ ଖାଣ୍ଟି ବୋଲି ବିଚାରି ମୋ ଭଳି ଛୁଆ ହଜମ କରିବା ଲାଗି ସେଥିରେ ଆହୁରି ପାଣି ମିଶା ହେଉଥିଲା । ଏ କଥା ମୁଁ ବାବାଙ୍କ ପାଖରୁ ଶୁଣିଥିଲି ।

Digitized by srujanika@gmail.com

ପୁଣି ଏହାର କେତେକ ବର୍ଷ ପରେ ୧୯୧୮ରେ କଲିକତାରେ ବ୍ୟାପକ ଆକାରରେ ଇନ୍‌ଫ୍ଲୁଏଞ୍ଜା ହେଲାବେଳେ ବାବାଙ୍କୁ ମଧ ଇନ୍‌ଫ୍ଲୁଏଞ୍ଜା ଏବଂ ତା ପରେ ପରେ ଡବଲ ନ୍ୟୁମୋନିଆ ହେଲା । ସେତେବେଳେ ସେ ଏମ୍.ଏ. ପାସ୍ କରି କଲିକତା Brahmo Boys' Schoolରେ ଶିକ୍ଷକତା କରୁଥାନ୍ତି । ଭାଗ୍ୟକ୍ରମେ ଆରୋଗ୍ୟ ଲାଭ କରି ପର ବର୍ଷର୧୯୧୯ ଅଗଷ୍ଟ ମାସ କଟକରେ Town Victoria High English Schoolରେ ହେଡ୍‌ମାଷ୍ଟର ହେଇ ଆସିଲେ - ଭବିଷ୍ୟତରେ ଯେଉଁ ସ୍କୁଲର ନାମ ହେଇଛି 'ଭକ୍ତମଧୁ ବିଦ୍ୟାପୀଠ' ।

ସେକାଳର ପ୍ରଥମ ବ୍ରାହ୍ମମାନଙ୍କର ଅନ୍ୟତମ, 'ଭକ୍ତ କବି' ମଧୁସୂଦନ ରାଓ ୧୮୮୧ରେ ଏଇ ହାଇସ୍କୁଲ ସ୍ଥାପନ କରିଥିଲେ । ତାଙ୍କ ଇଚ୍ଛାନୁସାରେ ସ୍କୁଲରେ ବ୍ରାହ୍ମ ହେଡ୍‌ମାଷ୍ଟର ରହୁଥିଲେ । ଏହିସୂତ୍ରେ ମୋର ଅଜା ବସାକ୍ ମହାଶୟ ମଧ ମୋର ବାବାଙ୍କର କେତେକ ବର୍ଷ ପୂର୍ବେ ସେଠି ହେଡ୍‌ମାଷ୍ଟର ଥିଲେ । ବାବା-ମାଆଙ୍କ ସଙ୍ଗେ କଟକ ଆସିଥିଲା ବେଳେ ମୁଁ ଥିଲି ପାଞ୍ଚ ବର୍ଷର ପିଲା । ମୋର ପିଲା ବେଳର କଥା ଆଗରୁ 'ସ୍ମୃତିର ଗହଳି'ରେ ଲେଖି ସାରିଛି ।

ମୋର ମାଆ ତାଙ୍କ ନିଜ ମାଆ - ମୋର ନିଜ ଦିଦିମା - ବଞ୍ଚି ଥାଉ ଥାଉ ସ୍କୁଲରେ ଯେତିକି ଯାହା ପଢ଼ାପଢ଼ି କରିଥିଲେ; ତାଙ୍କ ପରଲୋକ ପରେ ଆଉ ପଢାପଢ଼ିର ସୁଯୋଗ ମିଳି ନଥିବ । କାରଣ ସେତେବେଳେ ତାଙ୍କ କାମ ଥିଲା ପଥର-କୋଇଲା ପୋଡ଼ି କୋକ୍ (coke) ବନାଇବା, ଯାହା କି ମୁଁ ମା'ଙ୍କ ପାଖରୁ ଶୁଣିଛି । ପରେ କ୍ରମଶଃ ବୈମାତ୍ର ଭାଇ ଭଉଣୀମାନଙ୍କ ଯତ୍ନ କରିବାକୁ ପଡ଼ିଲା ମଧ, କାରଣ ନିଜ ଭାଇ ଭଉଣୀମାନଙ୍କ ମଧରେ ମୋର ମାଆହିଁ ଥିଲେ ସବା ବଡ଼ । ତଥାପି ତାଙ୍କର ବଙ୍ଗଳା ଓ ଇଂରାଜୀ ହସ୍ତାକ୍ଷର ଅତି ପରିଷ୍କାର ଥିଲା ଏବଂ ବଙ୍ଗଳା ଭାଷା ଉପରେ ତାଙ୍କର ଗୋଟାଏ ସହଜ ଦଖଲ ଥିଲା । ତାଙ୍କ ନିଜର ଓ ବୈମାତ୍ର ଭାଇ ଭଉଣୀ ପ୍ରତ୍ୟେକଙ୍କ ଜନ୍ମ ତାରିଖ ଇଂରାଜୀ କାଲେଣ୍ଡର ଅନୁସାରେ ସେ ନିର୍ଭୁଲ ଭାବରେ ମନେ ରଖିଥିଲେ । ବ୍ୟାକରଣର କୋଡ଼ିଏଟି ଯାକ ଉପସର୍ଗ ମନେ ରଖିବା ପାଇଁ ବ୍ୟାକରଣରେ ଯେଉଁ ଶ୍ଳୋକଟି ଅଛି ତାକୁ ସେ ମୋତେ ଶିଖାଇଥିଲେ-:

Digitized by srujanika@gmail.com

ପ୍ରପରାପସମନ୍ୱବନିର୍ଦୁରଭି
ବ୍ୟଧିସୁଦତିନିପ୍ରତିପର୍ଯପୟ ।
ଉପଆଙ୍ଗଂତି ବିଂଶତିରେଷ ସଖେ
ଉପସର୍ଗ ବିଧିଃ କଥିତଃ କବିନା ।।

ଏଥିରୁ ଅନୁମାନ ହୁଏ ମୋର ମା ମୋର ଅଜାଙ୍କର ପ୍ରିୟ ସନ୍ତାନ ଥିଲେ ଯାହାକୁ ଅଜା ଯତ୍ନର ସହିତ ଶିକ୍ଷା ଦେଉଥିଲେ । ସେତେବେଳେ ତ ସ୍ତ୍ରୀ ଶିକ୍ଷାର ପ୍ରସାର ନଥିଲା । ଲଖନଉରେ, ଗିରିଡିରେ- ମୋଟ ଉପରେ ବିହାର ଉତ୍ତରଭାରତ ପ୍ରଭୃତିରେ ଦଶ ବର୍ଷ ବୟସ ହେଇ ଗଲେ ଝିଅ ପିଲାଏ ଆଉ ବାହାରକୁ ବାହାରୁ ନଥିଲେ ବୋଲି ମୁଁ ମାଙ୍କଠୁ ଶୁଣିଛି । ପୁଣି ତାଙ୍କୁ ୧୨/୧୩ ବର୍ଷ ହେଲା ବେଳକୁ ତାଙ୍କ ନିଜ ମାଆଙ୍କ ପରଲୋକ ହେଇ ଯାଇଥିଲା, ତଥାପି ସେ ହାର୍ମନିୟମ୍ ବଜାଇ ଗୀତ ଗାଇ ପାରୁଥିଲେ । ଅବଶ୍ୟ ଏହା ମୋ ଅଜାଙ୍କ ଇଚ୍ଛା କ୍ରମେ ହେଇଥିବ । ଅବଶ୍ୟ ଏଇଟା ମଧ ମୋର ଅନୁମାନ, ଅନୁମାନର କାରଣ ଏହି ଯେ ମୋର ପିଲାଦିନରେ ମୋର ୧୩/୧୪ ବର୍ଷ ବୟସରେ ସେ ମୋତେ କେତୋଟି ରବୀନ୍ଦ୍ର ସଙ୍ଗୀତ ଶିଖାଇଥିଲେ - 'ରବି ଠାକୁରେର ଲେଖା ଗାନ' ବୋଲି । ସେତେବେଳେ ରବି ଠାକୁର ଅଥବା ରବିବାବୁ ବୋଲି ତାଙ୍କର ଉଲ୍ଲେଖ କରା ଯାଉଥିଲା ।

ସେହିପରି ବୟସରେ ପୁଣି ଦେଖୁଛି ସିଲେଇ ପାଇଁ ଗୋଟିଏ ହାତ-କଳ (ଗୋଡ଼ ଅସଜ ବୋଲି) କିସ୍ତିରେ କିଣା ହେଇ ଆସିଲା । ଘନ ଘନ ବ୍ୟବହାର ହେଉଥାଏ । ତାଙ୍କ ନିଜ ମାଆଙ୍କ ପାଖରୁ ସିଲେଇ ଶିଖିଥିବା ହିଁ ସମ୍ଭବ । ରୀଲ୍‌ରୁ ବବିନ୍ ଦେହରେ ସୂତା ଗୁଡ଼ାଇଲା ବେଳକୁ ହିଁ ମୋର ଡକା ପଡୁଥିଲା ! କାରଣ ଏଥିରେ ମୁଁ ମଜା ପାଉଥିଲି ।

ଅଜା ମୋର ମାଆଙ୍କୁ 'ଖୁକୀ' ବୋଲି ଡାକୁଥିଲେ । ଥରେ କଟକରେ ଆମକୁ ଦେଖିବାକୁ ଆସିଥିଲେ ମୁଁ ଆଇ.ଏସ୍-ସି. ପଢ଼ିଲା ବେଳକୁ । ସେତେବେଳେ ମୋ ବାବା ବୋଧହୁଏ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ କାରାଦଣ୍ଡ

Digitized by srujanika@gmail.com

ଭୋଗୁଛନ୍ତି ହଜାରିବାଗ ଜେଲ୍‌ରେ ।

ମୋର ଠାକୁରଦା' (ଜେଜେ)ଙ୍କୁ ମୁଁ ଦେଖିନାଇଁ, ମୋ ଜନ୍ମର ବହୁ ପୂର୍ବରୁ ତାଙ୍କର ପରଲୋକ ହୋଇ ଯାଇଥିଲା । ଆମର ସାବକ ଘର ସେଇ କର୍ଣ୍ଣପୁର ଗାଁରେ ବୋଧହୁଏ ମୋର ତିନି ବର୍ଷ ହେଇଥିଲା ବେଳେ ବାବା ମୋର ମାଙ୍କ ସହିତ ମୋତେ ଥରେ ନେଇ ଯାଇ ଛାଡ଼ି ଦେଇ ଆସିଲେ । ସେତେବେଳେ ସେ କଲିକତା ବ୍ରାହ୍ମ ବଏଜ୍ ସ୍କୁଲରେ ପଢ଼ାଉଥିଲେ । ଗାଁ କଥା ଖାଲି ଅନୁମାନ କରି ଲେଖିବାକୁ ଯାଉଛି ପରବର୍ତ୍ତୀ କାଳରେ ମାଙ୍କ ପାଖରୁ ଯାହା ଟିକେ ଶୁଣିଛି ତା' ମୋର ଅନୁମାନରେ ଯାହା ହେଇଥିବ ।

ବୋଧହୁଏ ଆମକୁ ଦେଖିବା ପାଇଁ ମୋର କର୍ତ୍ତାମା (ଠାକୁରମା, ଅର୍ଥାତ୍ ଜେଜୀମା) ଓ ଘରର ଆଉ ବୋହୁମାନେ ନିତାନ୍ତ କୌତୁହଳୀ ହେଇଥିବେ, ବିଶେଷତଃ ବ୍ରାହ୍ମ ବୋହୁ କି ବସ୍ତୁ ଦେଖିବା ପାଇଁ । ସହର ଜାଗାରେ ମଧ ସେତେବେଳେ ଏହା ଲାଗି କୌତୂହଳ ଥିଲା, ଆଉ ଇଏ ତ ନିପଟ ପଡ଼ାଗାଆଁ । ବ୍ରାହ୍ମ ବୋଲି ଗୋଟିଏ ଶବ୍ଦ ମଧ ଶୁଣା ନଥିବ । ପୂର୍ବ ବଙ୍ଗରେ ସୁଦୂର ପଲ୍ଲୀ ଅଞ୍ଚଳରେ ଗୋଟିଏ ଗାଁ । ମୋର ମାଆଙ୍କ ଦେହରେ ଶେମିଜ୍, ବ୍ଲାଉଜ୍, ଗୋଟିଏ ନୂଆ ଢଙ୍ଗରେ ଶାଢ଼ୀ ପିନ୍ଧା, ପୁଣି ସ୍ତ୍ରୀଲୋକ ହେଇ ଗୋଡ଼ରେ ଜୋତା । ପୁଣି ଗୋଟିଏ ଗୋଡ଼ରେ ଏମିତି ଉଞ୍ଚ କିମ୍ଭୂତ ଜୋତା ଦେଖିକରି ସମସ୍ତେ କାବା ହେଇଥିବେ । ମାତ୍ର ମୋ କର୍ତ୍ତାମାଙ୍କ ହୃଦେରେ ଗୋଟାଏ ବିଶେଷ ସ୍ନେହ ଉପୁଜିଥିବ । ଏହାର ୪/୫ ବର୍ଷ ପରେ ସେ ଆସି କଟକରେ ଆମ ବସା ଘରେ ବହୁତ ଦିନ ପର୍ଯ୍ୟନ୍ତ ରହିଥିଲେ, ଯଦିଚ ଜଣେ ନିଷ୍ଠାବତୀ ହିନ୍ଦୁ ବିଧବା ହେଇଥିବାରୁ ଏ ବ୍ରାହ୍ମ ପରିବାର ସହିତ ସର୍ବ ପ୍ରକାର ସ୍ପର୍ଶଦୋଶ ସର୍ବମତେ ପରିହାର କରି ଚଳୁଥିଲେ । ମାତ୍ର ତାଙ୍କର ଏହି ନାତିଟି ସର୍ବ ପ୍ରକାର ଧାର୍ମିକ ଓ ସାମାଜିକ ନୀତି ନିୟମର ଉର୍ଦ୍ଧ୍ୱରେ ଥିଲା ଏବଂ ଦିନେ ଦିନେ ସନ୍ଧ୍ୟାବେଳେ ତାଙ୍କର ଆହାର ସମୟରେ ତାଙ୍କର କ୍ଷୀର-ଭାତ ଥିବା ଗିନାରେ ଚୁମୁକ ଲଗାଉଥିଲା ! କର୍ତ୍ତାମା ତାକୁ ବାଳକୃଷ୍ଣ ବୋଲି ଜ୍ଞାନ କରୁଥିବେ ।

Digitized by srujanika@gmail.com

ଆମ ସାବଜ ଘରୁ ଆଉ ଗୋଟିଏ ସ୍ନେହ ଡୋରି ଆସି ବାବାଙ୍କ ଓ ମୋତେ ଘେରିଥିଲା - ସେ ଫତୁ ସର୍ଦ୍ଦାର । ମୁଁ ଆଉ ଟିକେ ବଡ଼ ହେଲା ବେଳକୁ, ବୋଧହୁଏ ୧୯୨୫/୧୯୨୬ ଆଡ଼କୁ ବାବା ଓକିଲାତି କରୁଥିବା ବେଳେ ସେ କେମିତି ଉଣ୍ଡି ଉଣ୍ଡି କରି ଆସି ପହଞ୍ଚିଲା ଆମ କଟକ ନଈକୂଳ ବସା ସେଇ 'ବିମଳ କୁଟୀର' ଠେଇଁ ଯଉଠି ଆସି ପହଞ୍ଚିଥିଲେ ମୋର କର୍ତ୍ତାମା । ଗୋଟିଏ ନିପଟ କଳା, ବୁଢ଼ା ମୁସଲମାନ - ସେଇ ଫତୁ ସର୍ଦ୍ଦାର । ବୁଢ଼ା ହେଇଥିଲେ ବି ଶକତ ଶରୀର । ବାବାଙ୍କ ପାଖରୁ ଶୁଣିଲି ସେ ଥିଲା ମୋ ଠାକୁର୍ଦ୍ଦାଙ୍କ ଜଣେ ଓସ୍ତାଦ ଲାଠିଆଳ ବା 'ଲେଠେଲ୍' । ମୋ ବାବାଙ୍କୁ ପିଲାଦିନେ ସେ କୋଳରେ କରିଛି, ପିଠିରେ ବସାଇଛି । ଏବେ ଆମକୁ ଦେଖିବାକୁ ଆସିଛି ! ଓକିଲ 'ଗାଉନ୍' ପିନ୍ଧି ବାବା ଚିଆରରେ ବସିଲେ, ମା ତାଙ୍କ ଗୋଟିଏ ପାଖରେ ଛିଡ଼ା ହେଲେ, ମୋତେ ମୋର ଗୋଟାଏ **sailor's suit** ପିନ୍ଧାଇ ତାଙ୍କ ପାଖରେ ଛିଡ଼ା କରାଗଲା । ଫତୁ ସର୍ଦ୍ଦାର ନିଜେ ଆର ପାଖରେ ଛିଡ଼ା ହେଲା । ଫୋଟୋ ଉଠିଲା । ତାକୁ ନେଇ ଫତୁ ସର୍ଦ୍ଦାର କର୍ଣ୍ଣପୁର ଫେରିଲା ।

୭/୮ ବର୍ଷ ପରେ ଫତୁ ସର୍ଦ୍ଦାରକୁ ଆଉ ଥରେ ଦେଖିଲି । ମୁଁ କଲିକତାରେ ମୋର ବଡ଼ ମାଇଁଙ୍କ ପାଖରେ ରହି ବି.ଏସ୍‌-ସି. ପଢୁଥାଏ । ଫତୁ ସର୍ଦ୍ଦାର ୪/୧-ବି ଗଡ଼ପାର ରୋଡ ଉଣ୍ଡି ଉଣ୍ଡି ଯାଇ ପହଞ୍ଚିଲା । ଦେଖିଲି ସେ ଆହୁରି ବୁଢ଼ା ହେଇଛି, ଆଖି ତରା ଦୁଇଟା କେମିତି ଗୋଟାଏ ପ୍ରକାର ଦିଶୁଛି । ମୋତେ ଚାହିଁ କହିଲା ସେ ମକ୍କା ଯାଉଛି ହଜ୍ କରି । ଦୂର ବାଟ - ବୋଧହୁଏ ଆଉ ଫେରି ପାରିବ ନାଇଁ, ମୋତେ ଥରେ ଦେଖିବା ପାଇଁ ଆଇଲା । ଏତିକି କହି ସ୍ତିମିତ ଦୃଷ୍ଟିରେ ଦୂରକୁ ଚାହିଁ ସେ ଚାଲି ଗଲା ।

ମୋର ସେଇ ତିନି ବର୍ଷ ବେଳେ କର୍ଣ୍ଣପୁର ଯିବାପରେ ଆଉ ଥରେ ମାତ୍ର ସେଠିକି ଯାଇଛି- ମୋର ବିବାହ ପରେ, କିନ୍ତୁ ସସ୍ତ୍ରୀକ ନୁହେଁ । ମୋ ସାଙ୍ଗରେ ଯାଇଥିଲେ ମୋ-ବାବା ଏବଂ ଜଣେ କାକୀମା (ଖୁଡ଼ି), କଲିକତାରେ ରହୁଥିବା ମୋର କୁମୁଦ କକାଙ୍କ ସ୍ତ୍ରୀ । ସେତେବେଳକୁ ପୂର୍ବବଙ୍ଗ ସଦ୍ୟ ପୂର୍ବ ପାକିସ୍ତାନ ପାଲଟି ଥାଏ, ଅସ୍ଥିର ଅବସ୍ଥା ଥିବ ଭାବି ବାବା ମୋର ସ୍ତ୍ରୀକୁ ସାଙ୍ଗରେ ନେବାକୁ ଇଚ୍ଛା କଲେ ନାହିଁ । ଏଇଟା ମୋର ସ୍ତ୍ରୀଙ୍କର ବରାବର ପାଇଁ ଗୋଟାଏ ବିଶେଷ ଅବଶୋଷର ବିଷୟ

Digitized by srujanika@gmail.com

ଥିଲା । କିନ୍ତୁ ସେଇ କଲିକତା କାକୀମା ଥରେ ଗାଁକୁ ଯିବାଲାଗି ଏ ସୁଯୋଗ ଛାଡ଼ିଲେ ନାଇଁ ।

ମୁଁ ଏଥର କର୍ଣ୍ଣପୁର ଗଲି ସେଇ ପିଲାଦିନେ ଯାଇଥିବାର ତିରିଶ ବର୍ଷ ପରେ, ୧୯୪୭ ନଭେମ୍ବରରେ । ଯାଇ ଦେଖିଲି କଲିକତାରୁ ମୋର ସେଇ 'ରାଙ୍ଗା ଜେଠାମଶାୟ' ବି ଆସିଛନ୍ତି । ସେତେବେଳେ ତାଙ୍କୁ ସତୁରି ପାଖାପାଖି ବୟସ, କିନ୍ତୁ ଦିନେ ଦେଖିଲି ଗଛ ଉପରେ ଉଚ୍ଚ ଡାଳରେ ବସି ସେଇ ଡାଳର ଅଗକୁ ହାଣୁଛନ୍ତି - ଅନ୍ୟ କୌଣସି ଅବଲମ୍ବନକୁ ଆଶ୍ରା ନକରି ! ଏଇଠି ଉଲ୍ଲେଖନୀୟ ଯେ ସେ ବହୁଦିନ ପୂର୍ବରୁ ପୂର୍ବବଙ୍ଗର ପାବ୍‌ନା ସହରରେ ମୁକ୍ତିଆରି କରିବା ଛାଡ଼ି କଲିକତା ପୋର୍ଟ ଟ୍ରଷ୍ଟ (Calcutta Port Trust) ଅଧୀନରେ ଗୋଟାଏ ଇନ୍‌ଜିନିଅରିଂ ଚାକିରୀ କରୁଥିଲେ । ସେତେବେଳକୁ ସେଥିରୁ ଅବସର ଗ୍ରହଣ କରିଥାନ୍ତି । ଆଉ ଦେଖିଲି ଗାଆଁର ଶାନ୍ତ ପରିବେଶରେ 'ପୂର୍ବ ପାକିସ୍ତାନ ପାଲଟିଥିବା ହଠାତ୍ ଜଣା ପଡୁନାହିଁ ।

ଗାଆଁରେ ମୋର ଜଣେ ଦୂରସମ୍ପର୍କୀୟା ପିଉସୀ 'ମୁକ୍ତା ପିସୀମା'ଙ୍କୁ ଦେଖିଲି ୯୦ ବର୍ଷ ବୟସରେ ବି ତାଙ୍କର ସବୁ ଦାନ୍ତ ଅଛି, ଅତିଶୟ ଶକ୍ତ ଗାଉଁଲି ମିଠା 'ଚାଲେର ନାଡୁ' (ଗୁଡ଼ରେ ପାଗ ହେଇଥିବା ଚାଉଳ -ଲଡୁ) ଅକ୍ଳେଶରେ ଖାଉଥାନ୍ତି ।

ଗାଆଁରେ ଝୋଟ ବା ନଳିତା ଚାଷ ଯୋଗୁଁ ମାଲେରିଆ ବ୍ୟାପିଥାଏ । କଟକକୁ ଫେରିବା ପରେ କ୍ରମଶଃ ଜାଣି ପାରିଲି ଅଳ୍ପ ଦିନ ମଧରେ ବି ଗାଆଁ ମୋତେ ଯଥାବିଧି ତାର ଅଧିବାସୀ ବୋଲି ଗ୍ରହଣ କରିବାକୁ କୁଣ୍ଠାବୋଧ କରି ନାଇଁ । ବେଶ୍ କିଛି ଦିନ ପର୍ଯ୍ୟନ୍ତ ମୋତେ କୁଇନାଇନ୍ ଖାଇବାକୁ ପଡ଼ିଲା ।

କିନ୍ତୁ ରୋଗ, ଶୋକ, ମୃତ୍ୟୁ ଏ ତିନି ଅବଶ୍ୟମ୍ଭାବୀ ମଧରେ ବି ଜାଗି ରହେ ଆନନ୍ଦର ସ୍ମୃତି । ଗାଁଆର ସେହି ଶାନ୍ତ ପ୍ରକୃତି ଏହି ମେଟ୍ରପଲିସ୍‌ରେ ମୁହୂର୍ତ୍ତକରେ ଜାଗି ଉଠେ ତାର ପ୍ରଭାତ କପୋତ ରାବରେ ।

◆◆◆

Digitized by srujanika@gmail.com

(୫)

"ଅନୁଦ୍‌ବିଗ୍ନମନାଃ"

ଅନର୍ସ୍‌ଟା ରଖି ପରୀକ୍ଷା ଦେଇଥିଲେ ବା କେଜାଣେ ମାଥେମାଟିକ୍ସରେ ଏମ୍.ଏସ୍-ସି. ପଢ଼ିବା ପାଇଁ ସ୍ପୃହା ହୋଇଥାନ୍ତା, କିନ୍ତୁ ସେତେବେଳେ କାହିଁକି ପୂରା ପାଠପଢ଼ାରେ ହିଁ ବିଲକୁଲ୍ 'ବିଗତସ୍ପୃହ' ହେଇ ସାରିଥିଲି । ବାବା ମଧ ମୋତେ ଆହୁରି ପଢ଼ିବା ପାଇଁ ବାଧ କଲେ ନାହିଁ । ମୋ ଅନୁମାନ ତା ଲାଗି ସେତେବେଳେ ସଙ୍ଗତିର ଅଭାବ ଥିଲା । ସେ ଯେମିତି ଥିଲେ ଅତି ଉପଯୁକ୍ତ ଶିକ୍ଷକ ବୋଧହୁଏ ସେହିପରି ଥିଲେ ଓକିଲାତି ପାଇଁ ଅନୁପଯୁକ୍ତ । ପୂର୍ବବଙ୍ଗର ଗ୍ରାମ୍ୟ ଜମିଦାର ଘର ସନ୍ତାନ ସେ । ସମୟ ଥିଲା ଯେତେବେଳେ କୁଆଡ଼େ ସେ ଘର ଦୁଆରେ ହାତୀ ବନ୍ଧା ରହୁଥିଲା, ନାମ ଚଲନ୍‌ପିଆରୀ- ପିଲାଦିନେ କେବେ ଶୁଣିଥିଲି ମାଆଙ୍କ ପାଖରୁ । ସେ ନିଜେ ଅବଶ୍ୟ ସେ ହାତୀ ଦେଖି ନଥିଲେ, ତା ପୂର୍ବରୁ ତାର 'ଚଲନ୍' ହେଇ ଯାଇଥିଲା ଅନ୍ୟ ଜମିଦାର ଘରକୁ । ଏଇଟା ଅବଶ୍ୟ ଶୁଣିଥିଲି ବଡ଼ ହେଇ ରାଙ୍ଗା ଜେଠାମଶାୟଙ୍କ ପାଖରୁ: ଆମ ଘର ଅବସ୍ଥା ନିମ୍ନମୁଖୀ ହେଇଥିବା ବେଳେ 'ବିଶୀ' ବଂଶର କେଉଁ ଜମିଦାର 'ଚଲନ୍‌ପିଆରୀ'କୁ କିଣି ନେଇ ଯାଇଥିଲେ । ପରେ ମୋ ଜେଠାମଶାୟ ପୂର୍ବବଙ୍ଗର ପାବ୍‌ନା ସହରରେ ମୁକ୍ତିଆରି କଲା ବେଳେ ଚଲନ୍‌ପିଆରୀ ତାର ମାହୁନ୍ତଙ୍କୁ ପିଠିରେ ନେଇ କେବେ କେବେ କଚେରିକୁ ବୁଲି ଆସୁଥିଲା । ଜେଠାମଶାୟ ସେତେବେଳେ ସେରେ ଖଣ୍ଡେ ସନ୍ଦେଶ ନେଇ ପୂର୍ବପୁରୁଷଙ୍କ ହାତୀ ବୋଲି ତାକୁ ପ୍ରଣାମ ହେଇ ସନ୍ଦେଶତକ ତା ସାମନାରେ ଧରୁଥିଲେ ।

ସେ ଯାହା ହେଉ, ଏହିପରି ପରିବେଶରେ ପିଲାଦିନୁ ବଢ଼ି ମୋ ବାବା ଦୁନିଆଦାରିର ଦୁନିଆରେ ଚଳିବା ପାଇଁ ଯୋଗ୍ୟ ନଥିଲେ ପରା । ତା ସହିତ ସେ ପୁଣି ଥିଲେ ସାଂସାରିକ ବ୍ୟାପାରରେ ଯେପରି ଟିକିଏ ଉଦାସୀନ । ନିଜର ପାଉଣା ଗଣ୍ଡାକୁ ଆଦାୟ କରିବା ପାଇଁ ଯେତିକି କଠୋରତା ଆବଶ୍ୟକ ତା' ତାଙ୍କର ଆୟତ୍ତ ହେଇନଥିଲା । ମହକିଲ ସଙ୍ଗରେ ସେ କେବେ କେବେ ଶିକ୍ଷକଜନୋଚିତ କୌଣସି

Digitized by srujanika@gmail.com

ଆଲୋଚନା କିମ୍ବା ଧର୍ମାଲୋଚନାରେ ବ୍ୟାପୃତ ହେଇ ପଡୁଥିଲେ ! ଛାତ୍ରାବସ୍ଥାରେ ସେ ପାବ୍‌ନାରେ ଅନୁକୂଳଚନ୍ଦ୍ର ଚକ୍ରବର୍ତ୍ତୀ ଓ ତାଙ୍କ ଭାଇ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଘରେ ରହି ସେଠା ସ୍କୁଲରେ ପାଠ ପଢୁଥିଲେ । ଗାଁରେ ତ ସ୍କୁଲ ନଥିଲା, ତେଣୁ ତାଙ୍କର ରାଙ୍ଗାଦା' ତାଙ୍କୁ ସେଇଠି ରଖାଇ ଦେଇଥିଲେ । ସୁଦର୍ଶନ ଚକ୍ରବର୍ତ୍ତୀ ଥିଲେ ସେଠାକାର ପ୍ରସିଦ୍ଧ ଓକିଲ ଏବଂ ମୋ ବାବାଙ୍କ ଆବାଲ୍ୟ ଆଦର୍ଶ, ଯେଉଁଥି ପାଇଁ ସେ ଭବିଷ୍ୟତ ଜୀବନରେ ଲାଗି ପଡ଼ିକି ଓକିଲ ହେଲେ । କଟକରେ ହେଡ୍‌ମାଷ୍ଟର ହେଇ ଆସିବା ପୂର୍ବରୁ କେବେ ଆଇନ୍ ପଢ଼ିଥିଲେ, ଖାଲି ପରୀକ୍ଷା ଦେବା ବାକୀ ଥିଲା । କଟକରୁ ଥରକୁ ଥର କଲିକତା ଯାଇ ପରୀକ୍ଷା ଦେଇ ଆସୁଥିଲେ । ୧୯୨୪ରେ ହେଡମାଷ୍ଟରି ଛାଡ଼ି ଦେଇ ଓକିଲାତି ଆରମ୍ଭ କଲେ ।

କିନ୍ତୁ ଏସବୁ ପୁଣି ପୁରୁଣା ବିଷୟ । କହୁଥିଲି ମୋର ଯେମିତି ପାଠ ପଢ଼ାରୁ ମନ ଛାଡ଼ି ଯାଇଥାଏ ବାବା ମଧ ସେହିପରି ମୋତେ ଆହୁରି ପଢ଼ିବା ପାଇଁ ବାଧ କଲେ ନାହିଁ । ଅତଏବ ବି.ଏସ୍-ସି. ପରୀକ୍ଷାଟିଏ ପାସ୍ କରିବା ପରେ ମୁଁ କଟକକୁ ଫେରି ଆସି ନିରୁଦ୍‌ବେଗରେ ସାଙ୍ଗମେଳରେ 'ଆଡ୍‌ଡା ମାରିବା' ଓ କେରମ୍ ତାସ୍ ଆଦି ଖେଳି କାଳ କଟାଇବାରେ ରହିଲି । ତା ସହିତ ଗୋଟିଏ କି ଦିଓଟି ପିଲା ପଢ଼ାଇବା ମଧ ଚାଲିଥାଏ । ସେଇଟା ଥିଲା ବେଶ ଶସ୍ତା ଗଣ୍ଡା କାଳ, ପିଲା ପଢ଼ାଇ ମୁଁ କଣ ସାମାନ୍ୟ କୋଡ଼ିଏ ତିରିଶ ଟଙ୍କା ପାଉଥିଲି ସେଇଟା ସେତେବେଳେ ସେପରି ସାମାନ୍ୟ ନଥିଲା, ସେଥିରୁ ସଂସାରରେ କିଛି ସାହାଯ୍ୟ ମଧ ହେଉଥିଲା ।

ସ୍କୁଲ ଜୀବନରେ ମୋର ବଡ଼ ସାଙ୍ଗ ଥିଲା ମୋର ସହପାଠୀ ଶୁଭ୍ରାଂଶୁଶେଖର ସିଂହ (ସୁବୁ), ମୁଁ କଲିକତାରୁ ଫେରିଲାଠୁ ସେ ଆସି ଜୁଟିଲା । ଆଉ ଦିଜଣ ସାଙ୍ଗ ବି ଥିଲେ ମୁଁ କଟକରେ କଲେଜରେ ପଢ଼ିବା ସମୟରୁ - ପରିତୋଷ ଚୌଧୁରୀ ଓ ଶୁଭେନ୍ଦୁଶେଖର ରାୟ (ଦୁଲୁ) । ଆମେ କହୁଥିଲୁ ସୁବୁ, ପରିତୋଷ ଆଉ ମୁଁ ହେଲୁ 'ଥ୍ରୀ ମାସ୍କେଟିଆର୍ସ୍' ଏବଂ ସବା ସାନ ଦୁଲୁ ସେ ଡି' ଆର୍‌ଟାଗନାନ୍ ବା ଦାର୍‌ତାଗନାନ୍ ! ସମସ୍ତେ ଥିଲୁ ଭାରି ସେଣ୍ଟିମେଣ୍ଟାଲ୍, ବୟସ କୋଡ଼ିଏ ଏକୋଇଶ । ଦୁଲୁକୁ ଅଠର । ନୂତନ ବଙ୍ଗଳା ଉପନ୍ୟାସ କଣ ବାହାରିଲା ଆମେ ଜାଣି ପାରିଲେ

Digitized by srujanika@gmail.com

କଉଠୁ କେମିତି ଆଣି ପଢ଼ିବା ଚେଷ୍ଟା କରୁ । ସେଥିପାଇଁ ସୁବିଧା ଥିଲା ବଙ୍ଗୀୟ ସାହିତ୍ୟ ପରିଷତ୍‌ର ଗୋଟିଏ ଶାଖା ଥାଏ କଟକ ବାଖରାବାଦ୍‌ରେ, ସୁବିଦିତ ଓକିଲ ଶରତ୍‌ଚନ୍ଦ୍ର ପାଲଙ୍କ ଘରେ । ତାଙ୍କ ଜ୍ୟେଷ୍ଠ ପୁତ୍ର ଓକିଲ ବିମଳକୃଷ୍ଣ ପାଲ ଥାନ୍ତି ତାର ବ୍ୟବହର୍ତ୍ତା ବା ସେକ୍ରେଟାରୀ । ତାଙ୍କୁ 'ବିମଳଦା' କହୁଥିଲି । ସେ ବଙ୍ଗଳା ଓ ଓଡ଼ିଆ ସାହିତ୍ୟର ବିଶେଷ ଅନୁରାଗୀ ଥିଲେ । ଓକିଲାତିରେ ବ୍ୟସ୍ତ ଥାଇ ମଧ ସେ *ସ୍ୱଦେଶ ଓ ସଂସ୍କୃତି* ବୋଲି ଖଣ୍ଡେ ବହି ଲେଖିଥିଲେ । ପରେ ଆଉ ଖଣ୍ଡେ ଲେଖିଥିଲେ ଜଗନ୍ନାଥ ଧର୍ମ ସମ୍ବନ୍ଧରେ । ବୋଧହୁଏ ସେଇଠି ମୋର ପ୍ରଥମ ଚିହ୍ନା ପରିଚୟ ହେଇଥିଲା କ୍ଷିତୀଶଚନ୍ଦ୍ର ମୈତ୍ରଙ୍କ ସଙ୍ଗେ, ଯେ ବଙ୍ଗଳା ସାହିତ୍ୟରେ ସୁପଣ୍ଡିତ ଥିଲେ ଏବଂ ପରେ ହିନ୍ଦୁସ୍ଥାନୀ ସଙ୍ଗୀତରେ ମଧ ସୁପଣ୍ଡିତ ହେଇଥିଲେ ।

ସେଇ ବଙ୍ଗୀୟ ସାହିତ୍ୟ ପରିଷତ୍ ପରିସରରେ ସେ ସମୟରେ ସାହିତ୍ୟଖ୍ୟାତି ଲାଭ କରି ସାରିଥିବା ଅନ୍ନଦାଶଙ୍କର ରାୟ ଗୋଟିଏ 'talk' ଦେଇଥିଲେ ବାସ୍ତବବାଦୀ ବା 'realist' ସାହିତ୍ୟ ବିଷୟରେ । ଅତିଶୟ ସପ୍ରତିଭ ଥିଲା ତାଙ୍କର ହାବଭାବ । ସେ ୧୯୨୭ରେ I.C.S. ରେ ପ୍ରଥମ ସ୍ଥାନ ଅଧିକାର କରି ଖୁବ୍ ଉଚ୍ଚ ପାହ୍ୟାରେ ଚାକିରୀ ମଧ କରୁଥାନ୍ତି ସେତେବେଳେ । ମୁଁ ଅବଶ୍ୟ ଏତେ କଥା ସେତେବେଳକୁ ଜାଣି ନଥିଲି, କେବଳ ସେ ବଡ଼ ଲେଖକ ହେଇଥିବା କଥା ଛଡ଼ା ।

ବୋଧହୁଏ ୧୯୩୩-୩୪ ପରି ସମୟରେ କଟକ ରେଭେନ୍‌ଶ କଲେଜର ସଂସ୍କୃତ ଅଧାପକ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଚୌଧୁରୀ *ଉତ୍କଳ ସଙ୍ଗୀତ ସମାଜ* ସ୍ଥାପନ କରିଥିଲେ । ସଙ୍ଗୀତ ସମାଜର ଉଦ୍ଦେଶ୍ୟ ଥିଲା ହିନ୍ଦୁସ୍ଥାନୀ ରାଗ ସଙ୍ଗୀତର ପ୍ରଚାର । ଏଥିପାଇଁ କଟକ ଟାଉନ୍ ହଲ୍ ନିକଟରେ *ଉତ୍କଳ ସାହିତ୍ୟ ସମାଜ* କର୍ତ୍ତୃକ ପ୍ରତିଷ୍ଠିତ 'ଶ୍ରୀରାମଚନ୍ଦ୍ର ଭବନ'ରେ ରାଗ ସଙ୍ଗୀତ (କଣ୍ଠସଙ୍ଗୀତ ଓ ଯନ୍ତ୍ରସଙ୍ଗୀତ) ଶିକ୍ଷା ପାଇଁ କ୍ଲାସ୍ ମଧ ବସୁଥିଲା । ମୁଁ ସେଠି ସେତାର ଯନ୍ତ୍ର ଶିଖିବା ପାଇଁ ନାଁ ଲେଖାଇଲି । ସେତାର-ଶିକ୍ଷକ ଥିଲେ ପ୍ରାୟ ଷାଠିଏ ବର୍ଷ ବୟସ୍କ ବାଲେଶ୍ୱର-ନିବାସୀ ଶ୍ରୀଯୁକ୍ତ ଗୋପାଳପ୍ରସାଦ ଘୋଷ ମହାଶୟ । ତାଙ୍କ ଭଣଜା ମଧୁସୂଦନ ଘୋଷ ମଧ

Digitized by srujanika@gmail.com

ସେତେବେଳକୁ ଉତ୍ତମ ସେତାରବାଦକ ହେଇ ସାରିଥିଲେ ।

ଏଇଠି ଉଲ୍ଲେଖନୀୟ ଯେ ଲକ୍ଷ୍ମୀକାନ୍ତ ବାବୁ ଥିଲେ ବ୍ୟାସକବି ଫକୀରମୋହନଙ୍କ ପ୍ରଥମା ପତ୍ନୀ ଲୀଳାବତୀ (ପରିଡ଼ା)ଙ୍କ କନ୍ୟା ମହିଳାମଣିଙ୍କ ପୁତ୍ର, ଫକୀରମୋହନଙ୍କ ଦୌହିତ୍ର । ପିତା ରଘୁନାଥ ଚୌଧୁରୀ । ତାଙ୍କୁ ମୁଁ କାନ୍ତଭାଇ ବୋଲି ଡାକୁଥିଲି । କାରଣ ଫକୀରମୋହନଙ୍କ ପୁତ୍ର ପ୍ରଃ. ମୋହିନୀମୋହନ ସେନାପତିଙ୍କ ଝିଅମାନେ ମୋର ପିଲାଦିନର ଖେଳ ସାଥୀ ଥିଲେ - ସେମାନେ ତାଙ୍କୁ କାନ୍ତଭାଇ ବୋଲି ଡାକୁଥିଲେ ।

ଏଇ ହିନ୍ଦୁସ୍ଥାନୀ ରାଗ ସଙ୍ଗୀତ (ଯାହାକୁ ସାଧାରଣତଃ କ୍ଲାସିକାଲ ମ୍ୟୁଜିକ ବୋଲାଯାଏ) ପ୍ରତି ପୂର୍ବେ ମୋର ଅଶ୍ରଦ୍ଧା ଥିଲା- ଯନ୍ତ୍ରସଙ୍ଗୀତ ନୁହେଁ, କଣ୍ଠସଙ୍ଗୀତ ପ୍ରତି - ତାର ବାକ୍ୟହୀନ ଆ-ଆ-ଆ ବୋଲି 'ଆଳାପ' ଓ 'ତାନ' ଛଳରେ କଣ୍ଠସ୍ୱରର ସର୍କସ୍ ପାଇଁ । ଅର୍ଥାତ୍ ଯଥାର୍ଥ ସୂକ୍ଷ୍ମ ଓ ଶୁଦ୍ଧ ଭାବରେ ବୋଲା ଯାଉଥିବା ସ୍ୱରର ଗଭୀର ସୌନ୍ଦର୍ଯ୍ୟ ଓ ସ୍ୱରଗୁଡ଼ିକର ପରସ୍ପର ସହିତ ସମ୍ପର୍କର ଲାଳିତ୍ୟକୁ ଅନୁଭବ ଓ ହୃଦୟଙ୍ଗମ କରିବାର ଶକ୍ତି ସେତେବେଳେ ମୋର ନଥିଲା ।

ସାଧାରଣ ଭାବରେ ଅବଶ୍ୟ ମୁଁ ପିଲାଦିନୁ ଗୀତ ଗାଇ ପାରୁଥିଲି, ମୋର ମା ମୋତେ ଦି ତିନିଟା ରବୀନ୍ଦ୍ରସଙ୍ଗୀତ ଶିଖାଇଥିଲେ । ବାବା ଗାଉଥିବା ଗୋଟାଏ ଶ୍ୟାମାସଙ୍ଗୀତର ମୂଳ ଦିପଦ ମଧ ଶିଖି ଯାଇଥିଲି : ପ୍ରାଚୀନ କାଳର ସାଧକ ଗୀତିକାର ରାମପ୍ରସାଦ ସେନ୍ଙ୍କର-

ଜାଗୋ ଗୋ ଜାଗୋ ଜନନୀ (ଓମା ଶ୍ୟାମା)
ତୁଇ ନା ଜାଗିଲେ ଶ୍ୟାମା ଜାଗିବେନା କେଉ ଗୋ ମା
ତୁଇ ନା ନାଚିଲେ କାରୋ ନାଚିବେନା ଧମନୀ ।।

କଲିକତାରେ ବଡ଼ ମାଈଁଙ୍କ ପାଖରେ ରହି ପଢୁଥିବା ବେଳେ ପ୍ରତିଦିନ ସକାଳେ ଆମ ପଡ଼ିଶା ଘରେ ଜଣେ ବୃଦ୍ଧ ତାନପୁରା ଧରି କୌଣସି ପ୍ରାତଃକାଳୀନ ରାଗ ଧୀରେ ଧୀରେ ଆଳାପ କରିବାର ଶୁଣି ପାରୁଥାଏ । କଟକକୁ ଫେରି ଆସିବା

Digitized by srujanika@gmail.com

ପରେ କେବେ କେବେ ଯେପରି ସେଇ ତାନପୁରା ସହିତେ ରାଗ ଆଳାପ କରୁଥିବା ସେଇ ବୃଦ୍ଧଙ୍କ କଣ୍ଠ କାନେରେ ବାଜେ । ତାହାହିଁ ଧୀରେ ଧୀରେ ବୋଧହୁଏ ପରିଣତ ହେଲା କ୍ଲାସିକାଲ ମ୍ୟୁଜିକ ପ୍ରତି ଆଗ୍ରହରେ । ତାଛଡ଼ା କଲିକତାରେ କେବେ କେମିତି ସେତାର ମଧ ଶୁଣିଥିଲି, ବିଶେଷକରି ସେ ସମୟର ପୂର୍ବବଙ୍ଗର ନାଟୋର ବୋଲି ଗୋଟାଏ ବଡ଼ ଜମିଦାରିର ରାଜାଙ୍କ ସଭାବାଦକ ଉସ୍ତାଦ ସଫିକ୍‌ଉଲ୍ଲା ଖାଁଙ୍କ ସେତାର-ବାଦନ ଶୁଣିଥିଲି ଗୋଟାଏ ବିଭା ଘରେ: ୧୯୩୩-୩୪ ମସିହାର କଥା କହୁଛି । ଭାରି ଭଲ ଲାଗିଥିଲା । ବିଜ୍ଞାନର ଆତତି ବା **tension** ସହିତ **musical note** ବା ସା-ରେ-ଗା-ମା ଆଦି ସ୍ୱରର ସମ୍ପର୍କ ବାସ୍ତବରେ ସେତାରର ତାରରେ 'ମୀଡ଼୍' ଟାଣିବା ବେଳେ କେମିତି ବ୍ୟବହାର କରା ଯାଉଛି ତାହା ଦେଖି ବିଶେଷ ଆକୃଷ୍ଟ ହେଇଥିଲି ମଧ । ଏ ପର୍ଯ୍ୟନ୍ତ ବି କଣ୍ଠସଙ୍ଗୀତ ଯେତେ ଭଲ ଲାଗିଲେ ମଧ ଯନ୍ତ୍ରସଙ୍ଗୀତ ମୋର ଅଧିକ ପ୍ରିୟ । ଅବଶ୍ୟ ଇଆ ଭିତରେ ମୁଁ ସିଧା ବଂଶୀ ବଜାଇ ଶିଖି ଯାଇଥାଏ, ରବୀନ୍ଦ୍ର-ସଙ୍ଗୀତ ମଧ ସେଥିରେ ବଜାଇ ପାରୁଥିଲି ।

ଉତ୍କଳ ସଙ୍ଗୀତ ସମାଜ ପ୍ରତିବର୍ଷ ଶୀତ ଦିନରେ କଣ୍ଠ ଓ ଯନ୍ତ୍ର ସଙ୍ଗୀତରେ ଅଲଗା ଅଲଗା ପ୍ରତିଯୋଗିତା କରାଉଥିଲେ ଏବଂ ତା ସହିତ ସଙ୍ଗୀତ ସମ୍ମିଳନୀ ମଧ । ସେହି ଉପଲକ୍ଷେ ଓଡ଼ିଶା ବାହାରୁ ମଧ ଜଣେ କି ଦି ଜଣ ନାମଜାଦା ଗାୟକଙ୍କୁ ଓ କ୍ୱଚିତ୍ ନୃତ୍ୟଶିଳ୍ପୀଙ୍କୁ ମଧ ନିମନ୍ତ୍ରଣ କରି ଆଣୁଥିଲେ ।

ଏହି ପ୍ରସଙ୍ଗରେ ବିଶେଷ ଭାବେ ମନେ ପଡ଼େ କଟକର ଏକ ସଦାନନ୍ଦ ସଙ୍ଗୀତାଚାର୍ଯ୍ୟ ସ୍ୱର୍ଗତ କ୍ଷିତୀଶଚନ୍ଦ୍ର ମୈତ୍ର, ଆମ କନିଷ୍ଠମାନଙ୍କ 'ଖେତୁଦା'ଙ୍କ କଥା ଯେ କି ସତୁରି ବର୍ଷ ବୟସରେ ହାର୍ଟ-ଆଟାକ୍ ହୋଇ କିଛିଦିନ ହାସପାତାଲରେ ରହି ଫେରିଥିବା ପରେ ବି ସାଙ୍ଗରେ ସର୍‌ବିଟ୍ରେଟ୍ (ହାର୍ଟ ଔଷଧ) ଧରି ଆଗ ପରି କଟକ ରେଡିଓ ଷ୍ଟେସନରେ 'ଅଡିଶନ୍ କମିଟି'ରେ ରୀତିମତ ତାଙ୍କ କର୍ତ୍ତବ୍ୟ ପାଳନ କରି ପୁଣି କଟକ, ଏପରିକି ଭୁବନେଶ୍ୱରରେ ମଧ, ତାଙ୍କର ନାନା ଛାତ୍ର-ଛାତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେଇ ବୁଲୁଥିଲେ ! ତାଙ୍କର ବାହନ ପୁଣି ଥିଲା ସାଇକଲ - କଟକରେ ହେଉ ଅବା ଭୁବନେଶ୍ୱରରେ । କେବେ ତାଙ୍କୁ କହିବାର ଶୁଣା ଯାଇଛି- "ଆମାର ଗାନ

Digitized by srujanika@gmail.com

ଆମାଏ ବାଁଚିଏ ରେଖେଛେ" । କେବେ ବସ୍ ପାଇଁ କୋଉଠି ବସି ଅପେକ୍ଷା କରୁଛନ୍ତି, ସେଇଠି ହାତକୁ ହଲାଇ ରାଗ ଆଳାପ ଆରମ୍ଭ କରି ଦେଇଛନ୍ତି । ଗପ ଅଛି ସେ କେବେ ସାଇକଲରେ ଯାଉ ଯାଉ ଆଳାପରେ ମାତି ଆ-ଆ-ଆ କରୁ କରୁ ବୁଇଟି ଯାକ ହାତ ଛାଡ଼ି ଦେଇ ପଡ଼ି ଯାଇଥିଲେ ! ଗଳ୍ପ ମାତ୍ର, ହେଲେ ଏହା ତାଙ୍କ ଚରିତ୍ର ସହିତ ଖାପ ଖାଏ ।

ପିତାମାତାଙ୍କର ଏକମାତ୍ର ସନ୍ତାନ କ୍ଷିତୀଶଚନ୍ଦ୍ର ମାତ୍ର ତିନି ବର୍ଷ ବୟସରେ ପିତୃହୀନ ହେବା ପରେ ତାଙ୍କ ମାତାମହଙ୍କ ଘରେ ବଢ଼ିଥିଲେ । କିନ୍ତୁ ପିତା ବଞ୍ଚି ଥାଉ ଥାଉ ସେଇ ନିତାନ୍ତ ଶିଶୁ ବୟସରେ ହିଁ ପିତାଙ୍କ କୋଳରେ ବସି ତାଙ୍କ କଣ୍ଠରୁ ଗୀତ ଶୁଣି ଶୁଣି ତାଙ୍କ ମନରେ ଚିରଦିନ ପାଇଁ ଏକ ପ୍ରବଳ ସଙ୍ଗୀତାନୁରାଗ ଜନ୍ମ ନେଇଥିଲା - ସମ୍ଭବତଃ ତାଙ୍କ ପିତାଙ୍କର ସୁପ୍ତ ସଙ୍ଗୀତ ପ୍ରତିଭାର ଫଳ । କଟକରେ ଅଜାଙ୍କ ଘରେ ରହି ଦର୍ଶନ ଶାସ୍ତ୍ର ସହ ବି.ଏ. ପାସ୍ କରିବା ପରେ ଅଜା ତାଙ୍କୁ ପି.ଡବ୍ଲ୍ୟୁ.ଡି.ରେ ଚାକିରୀଟିଏ କରାଇ ଦେଇଥିଲେ । କିନ୍ତୁ କିଛିଦିନ ପରେ ସେଠିକାର ଦୁର୍ନୀତି ଚଳଣି କଥା ଜାଣି ପାରି ଏବଂ ଆଖି ଆଗରେ ତାହା ଦେଖି ସେ ଘୃଣାରେ ସେ ଚାକିରୀ ଛାଡ଼ି ଓକିଲାତି ପଢ଼ିଲେ, ପୁଣି ତା'ପରେ ଶିକ୍ଷକର କାର୍ଯ୍ୟ ହିଁ କେବଳ ବିଶୁଦ୍ଧ ଓ ନିର୍ମଳ ଜୀବିକା ବିଚାରି ୧୯୩୨ ମସିହାରେ ୨୬ ବର୍ଷ ବୟସରେ କଟକର ରାଧାନାଥ ଟ୍ରେନିଂ କଲେଜରୁ ଡିପ୍-ଇନ୍-ଏଡ୍ ପରୀକ୍ଷା ପାସ୍ କଲେ ।

ଏଣେ ତାଙ୍କର ବଂଶଗତ ସଙ୍ଗୀତାନୁରାଗ ତାଙ୍କୁ ଅଥୟ କରୁଥାଏ । ଛାତ୍ରାବସ୍ଥାରେ ଆଇ.ଏ. ପାସ୍ କରିବା ପରେ ହଠାତ୍ ଘର ଛାଡ଼ି ବାରାଣସୀ ଚାଲି ଯାଇଥିଲେ ସଙ୍ଗୀତ ଶିଖିବେ ବୋଲି, ମାତ୍ର ସଙ୍ଗତିର ଅଭାବ ଏକଥା ହୃଦୟଙ୍ଗମ କରି ପୁଣି ଫେରି ଆସିଥିଲେ । କିନ୍ତୁ ଟ୍ରେନିଂ ପାସ୍ କରିବା ପରେ ଶିକ୍ଷକତା ପାଇଁ ନିଜର ଯୋଗ୍ୟତା ଉପରେ ନିର୍ଭର କରି ସେ ଲଖନଉ ଚାଲି ଯାଇ ସେଠାର ମ୍ୟାରିସ୍ କଲେଜ ଅଭ୍ ମ୍ୟୁଜିକ୍ (*Marris College of Music*)ରେ ଭର୍ତ୍ତି ହେଇ ପଢ଼ିଲେ । ୧୯୩୩ରୁ ୧୯୩୮ ପର୍ଯ୍ୟନ୍ତ ସେଠି ରହି ପାସ୍ କରି ଫେରିଲେ, କିନ୍ତୁ ସେଠି ଯଥେଷ୍ଟ ଆଧାର ବିନା କଠୋରଭାବରେ ଗୀତାଭ୍ୟାସ କରିବା ଫଳରେ କଣ୍ଠରେ

Digitized by srujanika@gmail.com

ଫାରିନ୍‌ଜାଇଟିସ୍ (pharyngitis) ହୋଇ ତାହା ଏକପ୍ରକାର ସ୍ଥାୟୀ ରୋଗରେ ପରିଣତ ହେଲା ଯାହା ଫଳରେ ତାଙ୍କ କଣ୍ଠ 'ସୁରେଲା' ଥାଇ ମଧ କେତେକ ପରିମାଣରେ ତାର ଲାଳିତ୍ୟ ହରାଇ ବସିଲା । ଅବଶ୍ୟ ସେ ବିଭିନ୍ନ ସମୟରେ ବହୁ ବର୍ଷ ଧରି କଟକରେ ଉତ୍କଳ ସଙ୍ଗୀତ ସମାଜ, 'କଳା ବିକାଶ କେନ୍ଦ୍ର' ଓ ରେଡିଓ ଷ୍ଟେସନ୍‌ରେ ହିନ୍ଦୁସ୍ଥାନୀ ସଙ୍ଗୀତ ଶିକ୍ଷକ ପଦରେ ରହି କାର୍ଯ୍ୟ କରିଥିଲେ, ତାଙ୍କର ଅଗାଧ ପାଣ୍ଡିତ୍ୟ ପାଇଁ ସଙ୍ଗୀତଗୁରୁ ବୋଲି ପରିଚିତ ହୋଇଥିଲେ, କିନ୍ତୁ ସ୍ୱରଲାଳିତ୍ୟ ଅଭାବରୁ ଆସରରେ ଗାନ କରୁନଥିଲେ । ଏତିକି ଅଭାବ ଯୋଗୁଁ ସେ ସର୍ବଭାରତୀୟ କ୍ଷେତ୍ରରେ ପରିଚିତ ହୋଇ ପାରିନଥିଲେ । ତଥାପି ଅଶୀ ପାଖାପାଖି ବୟସରେ ଭୁବନେଶ୍ୱରରେ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କ ପାଇଁ ଆୟୋଜିତ ଏକକ ଆସରରେ ସେ ଗାଇଥିଲେ ଦୀର୍ଘ ସମୟ ଧରି, ତାଙ୍କର ସେ ଗାୟନର ଶାସ୍ତ୍ରୀୟ କଳାଚାତୁର୍ଯ୍ୟରେ ସଙ୍ଗୀତର ସମଝଦାରମାନେ ମୁଗ୍ଧ ହୋଇଥିଲେ । ସେ ଥିଲେ ପ୍ରକୃତ ଶିଳ୍ପୀ ମନର ଅଧିକାରୀ, ତାଙ୍କ ଗାୟନର ମୂଳକଥା ଥିଲା ଏଇ ଯେ ସେଇ କଳାଚାତୁର୍ଯ୍ୟ ଯେମିତି 'ସର୍କସ୍'ରେ ପରିଣତ ନ ହୁଏ, ସ୍ୱର - ବା 'ସୁର'ର - ପ୍ରାଧାନ୍ୟ ଯେପରି ବଜାୟ ରହେ, 'ସୁର' ଯଦି ଶ୍ରୋତାଙ୍କ ମନରେ ମୋହ ସୃଷ୍ଟି କରି ନ ପାରିଲା ତେବେ ଆଉ ସଙ୍ଗୀତ କଣ ହେଲା ? ଏଇଥି ପାଇଁ ସେ ଉସ୍ତାଦ ଫୈୟଜ୍ ଖାଁଙ୍କ ବଡ଼ ଭକ୍ତ ଥିଲେ । ଅନନୁକରଣୀୟ ଲେଖକ ବାମାଚରଣ ମିତ୍ର ଏହାର ବର୍ଣ୍ଣନା କରିଛନ୍ତି ତାଙ୍କର ରମ୍ୟରଚନା ପୁସ୍ତକ *ଏଣୁଷ୍ଟ ତେଣୁଷ୍ଟ*-ରେ । ସେ ଓ ଆମେ ଅଳ୍ପବୟସ୍କମାନେ ସମସ୍ତେ କ୍ଷିତୀଶଚନ୍ଦ୍ରଙ୍କୁ ଡାକୁଥିଲୁ 'ଖେତୁଦା' ବୋଲି । ଆଶ୍ଚର୍ଯ୍ୟ ହେଉଥିଲୁ ଯେତେବେଳେ 'ଖେତୁଦା' ଜର୍ମାନ୍ ଦାର୍ଶନିକ ଶୋପେନ୍‌ହାଉଆର୍ (Shopenhauer)ଙ୍କ ବହି ଖୋଲି ପଢ଼ନ୍ତି ନଭେଲ ଭଳି ।

ବଞ୍ଚିବା ପାଇଁ କି ସଦ୍‌ବୃତ୍ତି ଅବଲମ୍ବନ କରା ଯାଇ ପାରେ ତା'ର ଅନ୍ୱେଷଣ ଏବଂ ସଙ୍ଗୀତ ସରଣୀର ଅନୁସରଣ ଏଇଥିରେ ବ୍ୟାପୃତ ରହି 'ଖେତୁଦା' ଆଉ ବିବାହ ହେବା ପାଇଁ ସମୟ ପାଇ ନଥିଲେ, ତାର ଆୟୋଜନ କରି ପାରିବା ଭଳି ବୋଧହୁଏ ଏକମାତ୍ର ଗୁରୁଜନ ତାଙ୍କ ମାତାମହଙ୍କ ପରଲୋକ ମଧ ହୋଇଗଲା । କେବଳ

Digitized by srujanika@gmail.com

ସଙ୍ଗୀତକୁ ଅବଲମ୍ବନ କରି ରହି କ୍ଷିତୀଶଚନ୍ଦ୍ର ଶେଷ ଜୀବନରେ କହିଲେ 'ଆମାର ଗାନ ଆମାଏ ବାଁଚିଏ ରେଖେଛେ' । ସାଇକଲଟି ଧରି ନାନା ସ୍ଥାନରେ ସଙ୍ଗୀତ ଶିଖାଇବା ସେଇମିତି ଚାଲିଥାଏ ।

ଏହାରି ଭିତରେ ତାଙ୍କର ତେସ୍ତରି ବର୍ଷ ବୟସରେ ରାଜ୍ୟ ସଙ୍ଗୀତ ନାଟକ ଆକାଡେମୀ ତାଙ୍କର ଆନୁଷ୍ଠାନିକ ଉପାୟନରେ ତାଙ୍କୁ ଭୂଷିତ କଲେ । ଏହାପରେ ସେ 'ସାରଳା' ପୁରସ୍କାର ଆଦି ଅନ୍ୟାନ୍ୟ ଉପାୟନମାନଙ୍କରେ ବି ଭୂଷିତ ହୋଇଛନ୍ତି । ଏମିତି ଅଶୀ ବର୍ଷ ପୂର୍ଣ୍ଣ ହୋଇ ଏକାଶୀ ପଶିଲାବେଳକୁ ଦିନେ 'ଖେତୁଦା' ସାଇକଲରୁ ପଡ଼ିଗଲେ- ବୋଧହୁଏ ତାଙ୍କୁ ମୃଦୁ 'ଷ୍ଟ୍ରୋକ୍' ବା cerebral attack ହୋଇଥିବ । ଏହାର ମାତ୍ର ୫/୬ଦିନ ପରେ ୨୬-୧୦-୧୯୮୬ ଭୋର ବେଳକୁ କଟକ ବଡ଼ ଡାକ୍ତରଖାନାରେ ଏଇ ସଦାପ୍ରସନ୍ନ ଚିରକୁମାର ସଙ୍ଗୀତପ୍ରେମୀଙ୍କର ଜୀବନାବସାନ ହୋଇଗଲା ।

ସଙ୍ଗୀତ ଛଡ଼ା ସାହିତ୍ୟର ମଧ ଭକ୍ତ ଥିଲେ 'ଖେତୁଦା' । ପୂର୍ବରୁ କହିଥିବା ଶ୍ରୀଯୁକ୍ତ ଶରତ୍ ପାଲଙ୍କ ଘରେ ସାହିତ୍ୟ ପରିଷତ୍‌ରେ ଥରେ ପ୍ରବନ୍ଧ ପାଠ ମଧ କରିଥିଲେ । ଆମେ କନିଷ୍ଠମାନେ କଟକରେ *ରୁଇ ଲୋପେଜ୍* କ୍ଲବ (Ruy Lopez Club) ବୋଲି ଗୋଟାଏ ନ୍ୟାୟବଳ ବା ଚେସ୍ ଖେଳର କ୍ଲବ କରିଥିଲୁ ୧୯୪୨ ମସିହାରେ । ରୁଇ ଲୋପେଜ୍ ଥିଲେ ଷୋଡ଼ଶ ଶତାବ୍ଦୀର ଜଣେ ସୁବିଖ୍ୟାତ ସ୍ପେଇନ୍-ଦେଶୀୟ ଚେସ୍ ଖେଳାଳୀ ଯାହାଙ୍କର ବ୍ୟୁହ ବାନ୍ଧିବା ପ୍ରଣାଳୀ ଏଯାବତ୍ ମଧ ରୀତିମତ ଚାଲୁ ରହିଛି । ଆମର ସେ କ୍ଲବରେ ଅବଶ୍ୟ ଖେଳ ସହିତ କିଛି ସାହିତ୍ୟ ବା ସାହିତ୍ୟଗନ୍ଧୀ କଥାବାର୍ତ୍ତା, ତର୍କବିତର୍କ ଓ ପାଟିତୁଣ୍ଡ ବି ହେଉଥିଲା - ଯେଉଁଥିରେ ଆକୃଷ୍ଟ ହୋଇ ସେତେବେଳେ ସଦ୍ୟ ଲେଖକ-ଜୀବନକୁ ପ୍ରବେଶ କରୁଥିବା ସୁରେନ୍ଦ୍ର ମହାନ୍ତୀ ତା'ର ଗୋଟିଏ ମେମ୍ବର ହୋଇଥିଲେ, ଯଦିଚ ଚେସ୍ ଉଦ୍ଦେଶରେ ସେ କହୁଥିଲେ 'ଏ ଚାରୁକଳା ମୋ ଦେଇ ହବନାଇଁ' (ଯଦିଓ ପରବର୍ତ୍ତୀ କାଳରେ ତାଙ୍କ *ନୀଳ ଶୈଳ* ରେ 'ହାଫିଜ୍ କାଦ୍‌ର' ଓରଫ୍ ଶ୍ରୀ ରାମଚନ୍ଦ୍ର ଦେବ ଲୋଧୁ ମିଆଁଙ୍କ ସଙ୍ଗେ କିଛି କମ୍ 'ନ୍ୟାୟବଳ' ଖେଳି ନାହାନ୍ତି) । ଆଉ ଜଣେ ଭାବୀ ଲେଖକ ମଧ

Digitized by srujanika@gmail.com

ସେମିତି ମେମ୍ବର ହୋଇଥିଲେ ଏବଂ ଚେସ୍ ପ୍ରତିଯୋଗିତାରେ ଖେଳୁଥିଲେ ମଧ- ସେ ହେଲେ ବାମାଚରଣ ମିତ୍ର, ମୋର ସେଇ ଏକ ସମୟର ନଈ ପହଁରା ସାଙ୍ଗ ! ଲେଖକ ନ ହୋଇ କେବଳ ସାହିତ୍ୟାମୋଦୀ ମଧ କେହି କେହି ମେମ୍ବର ଥିଲେ । ସେମାନେ ପୁଣି କ୍ଲବର ବିଶେଷ ମଜ୍‌ଭୁତ ଚେସ୍ ଖେଳାଳୀ । ଏଇ ପରିବେଶ 'ଖେତୁଦା'ଙ୍କୁ ଭଲ ଲାଗିଲା, ସେ ବି ମେମ୍ବର ହେଲେ । ସେ ଅବଶ୍ୟ କେବେ ଦିନେ ହେଲେ ଚେସ୍ ଖେଳି ନାହାନ୍ତି, କେବଳ ସେଇ 'ପାଟିତୁଣ୍ଡ'ରେ ଯୋଗ ଦେଇଛନ୍ତି ଏବଂ ମଝିରେ ମଝିରେ ହଠାତ୍ ଦରବାରି କାନାଡ଼ା ବା ଶ୍ରୀ ବା ଭୈରୌଁ ଭଳିଆ କୌଣସି ରାଗ ଆଳାପରେ ମଗ୍ନ ହୋଇ ଯାଇଛନ୍ତି । କ୍ଲବକୁ ସେ ଗୋଟାଏ ଉପହାର ମଧ ଦେଇଥିଲେ ଗୋଟାଏ ରୁପାର ବଡ଼ ଚେସ୍ ଘୋଡ଼ା । ଭାରତର ଜଣେ ପରଲୋକଗତ ବଡ଼ ଖ୍ୟାତନାମା ଚେସ୍ ଖେଳବାଡ଼ ଥିଲେ ମହାରାଷ୍ଟ୍ରର ବିନାୟକ କାଶୀନାଥ ଖଡିଲ୍‌କର । ସେ ଘୋଡ଼ାଟିକୁ ଆମେ 'ଖଡିଲ୍‌କର ଟ୍ରୋଫି' ନାମ ଦେଇ ପ୍ରତିବର୍ଷ ରାନିଂ ଟ୍ରୋଫି ହିସାବରେ ଦେଉଥିଲୁ ।

କିନ୍ତୁ ମୁଁ କହୁଥିଲି ହିନ୍ଦୁସ୍ଥାନୀ ରାଗ ସଙ୍ଗୀତ ବା 'ଉସ୍ତାଦି ଗୀତ' ପାଇଁ ମୋର ଆଗ୍ରହ କଥା ଯାହାକି ମୋର ପୂର୍ବେ ନଥିଲା । ଏଣେ ମୁଁ ଆଗରୁ ଥିଲି ରବୀନ୍ଦ୍ରସଙ୍ଗୀତ ପ୍ରିୟ (ଆଜୀବନ ଅଛି ମଧ) । କେତୋଟି ଗୀତ ବି ଶିଖିଥିଲି- ମୋ ମା'ଙ୍କ ପାଖରୁ ଓ ପରେ ଅନ୍ୟାନ୍ୟଙ୍କଠୁ । ସାଧାରଣ ସିଧା ବଂଶୀ ମଧ ବଜାଇ ପାରୁଥିଲି ଆଗରୁ କହିଛି । କିନ୍ତୁ ମୋର ମନକୁ ପ୍ରକୃତରେ ମୁଗ୍ଧ କଲା ସେତାର, ଓସ୍ତାଦ ଗୋପାଳ ବାବୁଙ୍କର ସେତାରର ଆବାଜ । ପ୍ରକୃତରେ ମୋର ସବୁଦିନେ ହିଁ ବଂଶୀ, କ୍ଲାରିଓନେଟ୍, ସାହନାଇ ଇତ୍ୟାଦି ଶୁଷିର ବା ଛିଦ୍ରଯୁକ୍ତ ଫୁଙ୍କାଯନ୍ତ୍ର ଆବାଜ ଅପେକ୍ଷା ତାରଯନ୍ତ୍ରର ଆବାଜ(ଆୱାଜ) ହିଁ ଭଲଲାଗେ । ପୁଣି ତାରଯନ୍ତ୍ର ମଧରେ ଏସରାଜ ବେହେଲା (ଭାୟୋଲିନ୍) ପ୍ରଭୃତି ଛଡ଼ରେ ବଜାଇବା ଯନ୍ତ୍ର ଅପେକ୍ଷା ତାରରେ ଟଙ୍କାର ଦେଇ ବଜାଇବା ଯନ୍ତ୍ରର ଆବାଜ ବେଶୀ ଭଲ ଲାଗେ- ଯେପରି ସେତାର, ସରୋଦ, ସୁରବାହାର, ବୀଣା ପ୍ରଭୃତି । ଅବଶ୍ୟ ଏଇଟା ଗୋଟିଏ ମୋଟାଳିଆ କଥା, ଯେହେତୁ ମେନୁହିନଙ୍କ ଭାୟୋଲିନ୍, ବିସ୍‌ମିଲ୍ଲା ଖାଁଙ୍କ ସାନାଇ (ସାହ୍‌ନାଇ) ଶୁଣିଲେ ବି

Digitized by srujanika@gmail.com

✓ଆଲ୍ଲାଉଦ୍ଦିନ ଖାଁଙ୍କ ସରୋଦ ଅଥବା ✓ବିଲାୟେତ୍ ଖାଁଙ୍କ ସେତାର ଶୁଣିଲା ପରି ଆଉ ସବୁ କଥା ପାସୋରି ହୋଇଯିବ । ✓ଅବଦୁଲ କରିମ ଖାଁ, ସରସ୍ୱତୀ ବାଈ, ବା ଫୈୟଜ୍ ଖାଁଙ୍କ ଗୀତର ଗ୍ରାମୋଫୋନ ରେକର୍ଡ ମଧ ଆମେ କିଛି କମ୍ ଆଗ୍ରହର ସହିତ ଶୁଣୁ ନ ଥିଲୁ ।

ତେବେ ସେ ଯାହା ହେଉ ଆପାତତଃ ମୁଁ *ଉତ୍କଳ ସଙ୍ଗୀତ ସମାଜ*ରେ ଓସ୍ତାଦ ଶ୍ରୀଯୁକ୍ତ ଗୋପାଳ ପ୍ରସାଦ ଘୋଷଙ୍କ ପାଖରୁ ସେତାର ଶିଖିବାକୁ ଆରମ୍ଭ କଲି । ବର୍ଷେ ଗୋଟା ଭିତରେ 'ମୀଡ଼୍' ଓ 'ଗମକ୍' ଟାଣି ଟାଣି ବାଁ ହାତର ବିଶି ଆଙ୍ଗୁଠି ଓ ମଝି ଆଙ୍ଗୁଠିରେ ବିଣ୍ଡି ପଡ଼ି ତା ଦେହରେ ଦୁଇଟା ନାଳୀ ବା ଖାଲ ହେଇଗଲା (ଯାହା ଦ୍ୱାରା ତାରକୁ ଅକ୍ତିଆରରେ ରଖିବା ସୁବିଧା ହୁଏ) ଏବଂ ଡାହାଣ ହାତ ବିଶି ଆଙ୍ଗୁଠିରେ ଟଙ୍କାର ଦେବା ପାଇଁ ଲୁହାର ମିଜ୍‌ରାବ୍ ପିନ୍ଧିବା ଫଳରେ ଆଙ୍ଗୁଠି ଅଗର ଦି'ପଟେ ଦି'ଟା ବିଣ୍ଡି ପଡ଼ିଗଲା, ଠିକ୍ ଝିଟିପିଟି ଆଖି ଭଳିଆ, ଯେଉଁଥିରେ ମିଜ୍‌ରାବ୍‌ଟା ଆହୁରି ଶକ୍ତ ହୋଇ ବସି ପାରିବ, ଟଙ୍କାରରେ ଆହୁରି ଜୋର ଆସିବ । ଶୀତଦିନ ଭୋରରୁ ଉଠି ବାସି ପାଣିରେ ଦି'ହାତ କିଛିକ୍ଷଣ ବୁଡ଼ାଇ ରଖିବା ପରେ ସେତାରର ରୁମାଲ ବନ୍ଧା ତାରରୁ ଆବାଜ ବାହାର କରିବା ଚେଷ୍ଟା କରୁ କରୁ ସ୍ୱର ସାଧନ କରୁଥିଲି । ଏହିପରି ନିୟମିତ ରେଓ୍ୱାଜ(ଅଭ୍ୟାସ) କରୁଥିଲି । କେତୋଟି ରାଗର ଗୋଟିଏ ଗୋଟିଏ ଗତ ମଧ ଶିଖିଲି । କିନ୍ତୁ ଶିକ୍ଷାରେ ମୋର ଧୈର୍ଯ୍ୟ ଓ ନିଷ୍ଠାର ପରୀକ୍ଷା ସମ୍ପୂର୍ଣ୍ଣ ହେବା ବହୁ ପୂର୍ବରୁ ଜୁନ୍ ୧୯୩୯ରେ ମୋର ସେତାର ଗୁରୁଙ୍କ ହଠାତ୍ ଦେହାନ୍ତ ହୋଇଗଲା 'ହାର୍ଟ-ଆଟାକ୍'ରେ ।

ମୋର ସେତାର ଶିକ୍ଷା ଏହିପରି ହଠାତ୍ ଏକବାର ବନ୍ଦ ହୋଇଗଲା । କେବଳ ରହିଗଲା ମୋର ସଙ୍ଗୀତ ପ୍ରତି ଆଗ୍ରହ- ଓ ତା' ସହିତ ଅତି ଅସଙ୍ଗତ ଭାବରେ ମୋର ତାଳ ଜ୍ଞାନର ଏକାନ୍ତ ଅଭାବ । ଛନ୍ଦବୋଧ ସମସ୍ତଙ୍କର ଥାଏ, ମୋର ମଧ ଥିଲା କିନ୍ତୁ କଉଠି ୧୬ ମାତ୍ରା କଉଠି ୭ ମାତ୍ରାର ଆବର୍ତ୍ତ ପୂରା ବୁଲି ଆସି ଗଲା, ତା'ର ଖିଆଲ ନଥାଏ । ସ୍ୱରଜ୍ଞାନଟା ଥାଏ ଏବଂ ଥାଏ ବିଭିନ୍ନ ରାଗ ସମ୍ପର୍କରେ ଏକ ପିଲାଳିଆ କୌତୂହଳ । ଏଣୁତେଣୁ ବହିରୁ କିଛିକିଛି କୌତୂହଳର ମେଣ୍ଟଣ ହେଲା ।

Digitized by srujanika@gmail.com

ତା ଭିତରେ ଥାଏ ଗୋଟାଏ ପ୍ରକୃତ ଭଲ ବହି- ଭାତଖଣ୍ଡେଙ୍କର ସଂସ୍କୃତ ପୁସ୍ତକ *ଶ୍ରୀମଲ୍ଲକ୍ଷ୍ୟସଙ୍ଗୀତମ୍* । ଏବହି ଖଣ୍ଡିକ ଆଣିଥିଲି ଓଡ଼ିଶାର ଅନ୍ୟତମା ସ୍ୱନାମଧନ୍ୟା ସ୍ୱାଧୀନତାସଂଗ୍ରାମୀ ମାଳତୀ ଦେବୀ ଚୌଧୁରୀଙ୍କ ପାଖରୁ । ଶାନ୍ତିନିକେତନର ଛାତ୍ରୀ ଥିଲାବେଳେ ସେ ବୀଣାବାଦନ ଶିକ୍ଷାପାଇଁ ସେ ପୁସ୍ତକ ତାଙ୍କର ପାଠ୍ୟ ଥିଲା । ତାଛଡ଼ା ଦଶ 'ଠାଟ' ବା ଶ୍ରେଣୀର ପ୍ରତ୍ୟେକ 'ଠାଟ'ର ବିଭିନ୍ନ ରାଗର ଗୋଟିଏ କି ଯୋଡ଼ିଏ ଗତ ଲେଖାହୋଇ ତାଙ୍କର ଗୋଟିଏ ଖାତା ଥିଲା, ତାକୁ ମଧ ମୋତେ ଦେଇଥିଲେ ସେଗୁଡ଼ିକୁ ମୋ ଖାତାରେ ଉତାରି ନେବାପାଇଁ, ମୁଁ ମଧ ଉତାରି ନେଇଥିଲି । ତାଛଡ଼ା ମୁଁ ପୁରା *ଶ୍ରୀମଲ୍ଲକ୍ଷ୍ୟସଙ୍ଗୀତମ୍* ଟାକୁ ମଧ ଉତାରି ନେଇଥିଲି । ସେଇ ଗତ ଗୁଡ଼ିକ ବଂଶୀରେ ବଜାଇ ଓ ସେଇ ବହି ଖଣ୍ଡିକ ପଢ଼ି ମୁଁ ବିଭିନ୍ନ ରାଗ ସମ୍ବନ୍ଧରେ ଗୋଟାଏ ସ୍ଥୁଳ ଧାରଣା କରି ପାରିଥିଲି । ଏଣେ ପୂର୍ବୋକ୍ତ ଭାବୀ ସାହିତ୍ୟିକ ବାମାଚରଣ ('ବାଉଲ') ଓ ଆଉ କାହାକାହା ସହିତ ନଈ ପହଁରା ଚାଲିଥାଏ । ଫଳରେ କାହାରି କାହାରି ଧାରଣା ହୋଇଥାଏ ଆମେ (ଅର୍ଥାତ୍ ମୁଁ !) ଦୁଇଭାଇ , ଗୋଟିଏ ଭାଇ ପହଁରେ, ଆଉ ଗୋଟିଏ ଭାଇ ବଂଶୀ ବଜାଏ !

ଶ୍ରୀମଲ୍ଲକ୍ଷ୍ୟସଙ୍ଗୀତମ୍ ପୁସ୍ତକର ଏପରି ନାମ କାହିଁକି ଦିଆହେଇଛି ତାହା ଭାତଖଣ୍ଡେ କହିନାହାନ୍ତି । ତାଙ୍କର ପ୍ରଥମ ବୟସରେ ହିନ୍ଦୁସ୍ଥାନୀ ସଙ୍ଗୀତ ଗୋଟାଏ ଜଙ୍ଗଲରେ ପରିଣତ ହୋଇଥାଏ କହିଲେ ବୋଧହୁଏ ଚଳେ । ଆମେ ଶୁଣିଥିବା ପ୍ରାଚୀନ କାଳର ସେ 'ଛଅ ରାଗ ଛତିଶ ରାଗିଣୀ' କଉଆଡ଼େ ହଜି ଯାଇଥାନ୍ତି । ଅସଂଖ୍ୟ ରାଗ-ରାଗିଣୀ ଭିତରେ କଉଟା ରାଗ କଉଟା ବା ରାଗିଣୀ ଜାଣିବାର ଆଉ କୌଣସି ଉପାୟ ନଥିଲା । ରାଗ-ରାଗିଣୀର ନାମ ଗୁଡ଼ିକ ମଧ କାଳକ୍ରମେ ଏପରି ଅପଭ୍ରଷ୍ଟ ବା ବିକୃତ ହୋଇଯାଇଥାଏ ଯେ ମୂଳରେ ସେଇଟା କଅଣ ଥିଲା ଆଉ ଜାଣି ହେଉନଥାଏ । 'ଛଅ ରାଗ ଛତିଶ ରାଗିଣୀ' ଏଭଳି ନାମକରଣରେ ନିଶ୍ଚୟ ସେମାନଙ୍କ ମଧ୍ୟରେ କୌଣସି ସାଙ୍ଗୀତିକ ବା ସ୍ୱରଗତ ସମ୍ପର୍କର ସୂଚନା ଥିବ, କିନ୍ତୁ ତାକୁ ଜାଣିବା ଆଉ ସମ୍ଭବ ନଥିଲା । ତା ଉପରେ ପୁଣି ଗୋଟାଏ ଗୋଟାଏ ରାଗ ଉପରେ ଗାୟକ-ବାଦକଙ୍କର ଭିନ୍ନଭିନ୍ନ ମତ ! ଭାତଖଣ୍ଡେ ସାରା ଭାରତରେ ବୁଲି ବୁଲି ସଙ୍ଗୀତ ବିଷୟରେ ପୁରାତନ ପୋଥି ଯାହା କିଛି ପାଇଲେ ସଂଗ୍ରହ କଲେ । କଉ

Digitized by srujanika@gmail.com

ପୋଥି ପୁଣି ସିନ୍ଦୁର ବୋଳା ହୋଇ କଉଠି ପୂଜା ପାଉଥାଏ, ତାକୁ ଉଠାଇ ଆଣି ହେବ ନାହିଁ ! ବହୁ କଷ୍ଟେ ତାକୁ ଉତାରି ଆଣିଲେ । ଉସ୍ତାଦମାନଙ୍କ କଣ୍ଠରୁ ବା ଯନ୍ତ୍ରରୁ ସେ ସବୁ ଶ୍ରବଣ କଲେ- ବାର ବାର, ବହୁବାର । ତା'ପରେ 'ରାଗିଣୀ' ଶବ୍ଦଟାକୁ ବିସର୍ଜନ ଦେଇ ସମସ୍ତ ରାଗଗୁଡ଼ିକୁ ମୋଟ ଉପରେ କିଏ କାହା ସହିତ ମେଳ ଖାଉଛି ସେଇ ଅନୁସାରେ ଦଶଟି ଶ୍ରେଣୀରେ ବା 'ମେଳ'ରେ ବିଭକ୍ତ କଲେ । ଏଇ 'ମେଳ'ଗୁଡ଼ିକୁ ହିଁ କଥ୍ୟ ଭାଷାରେ କୁହା ଯାଏ 'ଠାଟ୍' । ଭାତଖଣ୍ଡେ ପ୍ରକୃତରେ ଆମର ପୂଜ୍ୟ, ନମସ୍ୟ, ପ୍ରାତଃସ୍ମରଣୀୟ । ପୁସ୍ତକର 'ଲକ୍ଷ୍ୟସଙ୍ଗୀତ' ନାମକରଣ ଦ୍ୱାରା ସେ ବୋଧହୁଏ କହିବାକୁ ଚାହିଁଛନ୍ତି ଯେ ରାଗମାନଙ୍କର ଏହିପରି ଶ୍ରେଣୀବିଭାଗ କରାଯାଇଥିବା ସଙ୍ଗୀତଶାସ୍ତ୍ର ହିଁ 'ସଙ୍ଗୀତଶିକ୍ଷାର୍ଥୀ'ର 'ଲକ୍ଷ୍ୟ' ବା ଆଦର୍ଶ ହେବା ଉଚିତ । ତେଣୁ ଶ୍ରୀମତ୍ ସନ୍ଧି ହେଇ ଶ୍ରୀମଲ୍ଲକ୍ଷ୍ୟସଙ୍ଗୀତମ୍ ସାଧାରଣତଃ ଏଇ ଶାସ୍ତ୍ରାନୁମୋଦିତ ସଙ୍ଗୀତକୁ ମାର୍ଗସଙ୍ଗୀତ ମଧ ବୋଲାଯାଏ ।

ଉତ୍କଳ ସଙ୍ଗୀତ ସମାଜ ମାର୍ଗସଙ୍ଗୀତ ନେଇ ବ୍ୟାପୃତ ଥିଲାବେଳେ ତେଣେ 'କବିଚନ୍ଦ୍ର ' କାଳୀଚରଣ ପଟ୍ଟନାୟକ ନାମକ ଜଣେ ଖ୍ୟାତନାମା ସାହିତ୍ୟ ଓ ସଙ୍ଗୀତପ୍ରେମୀ ଓଡ଼ିଶୀ ସଙ୍ଗୀତର ପୁନରୁତ୍‌ଥାନ୍ ଲାଗି ଆତ୍ମନିୟୋଗ କରିଥାଆନ୍ତି । ତାଙ୍କ ଚେଷ୍ଟାରେ ଓଡ଼ିଶୀ ସଙ୍ଗୀତ ପ୍ରକୃତରେ ବେଶ୍ ଲୋକପ୍ରିୟ ହୋଇ ଉଠିଲା, ପ୍ରାୟ ପାସୋରି ଯାଇଥିବା ଗୀତ ସବୁ ପୁଣି ଶୁଣାଯିବାକୁ ଲାଗିଲା । ଏଥିରେ ମାର୍ଗ ସଙ୍ଗୀତର ଅନୁରାଗୀ ବା ପୃଷ୍ଠପୋଷକମାନଙ୍କର କିଛି କହିବାକୁ ନଥିଲା, କିନ୍ତୁ 'କବିଚନ୍ଦ୍ର' ଧରି ବସିଲେ ଯେ ଓଡ଼ିଶୀକୁ ମାର୍ଗସଙ୍ଗୀତର ଅନ୍ତର୍ଗତ ବୋଲି ମାନିବାକୁ ହେବ । ସେତେବେଳେ ଗୁରୁ କେଳୁଚରଣ ବା ଗୁରୁ ପଙ୍କଜ ଏମାନଙ୍କ ନାମ ବା ଓଡ଼ିଶୀ ନୃତ୍ୟ କଥା ଶୁଣା ନଥିଲା, ଅନ୍ତତଃ ମୁଁ ଶୁଣିନଥିଲି କି ଜାଣି ନଥିଲି । ଓଡ଼ିଶୀ ସଙ୍ଗୀତ ବୋଲିଲେ 'କବିଚନ୍ଦ୍ର'- ଏହିପରି ଆମେ ବୁଝୁଥିଲୁ । ସେ ଯାହା ହେଉ 'କବିଚନ୍ଦ୍ର'ଙ୍କ ଏହି ଜିଗରରେ ମାର୍ଗସଙ୍ଗୀତର ପ୍ରଧାନମାନେ କେହି କେହି ବିଶେଷ ଅସନ୍ତୁଷ୍ଟ ବା ରୁଷ୍ଟ ହେଲେ । ଏ କଥାକୁ ଦେଖି କେଉଁଠି କେଉଁ ଟୋକା 'ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ' ଓଡ଼ିଶୀ ଗୀତର ପ୍ୟାରଡି (parody) କରି ଗାହିଲେ 'ପିତଳକୁ

Digitized by srujanika@gmail.com

ଆଲିଙ୍ଗନ କରି କଂସା ବାସନ' ! ତେବେ ଓଡ଼ିଶୀ ସଙ୍ଗୀତର ଯାହା ହେଉନା କାହିଁକି, ଓଡ଼ିଶୀ ନୃତ୍ୟ ଆଜି ପୃଥିବୀ ବ୍ୟାପିଲାଣି ବୋଲି ଏକପ୍ରକାର କହିହେବ ଏବଂ ସେହିପରି ଗୁରୁ କେଳୁଚରଣ ଆଦିଙ୍କର ନାମ ।

ଓଡ଼ିଶୀ ସଙ୍ଗୀତର ପୁନର୍ଜାଗରଣ ବ୍ୟତୀତ 'କବିଚନ୍ଦ୍ର' କାଳୀଚରଣଙ୍କ ଆଉ ଏକ କୀର୍ତ୍ତି ହେଲା ଓଡ଼ିଶାର ନାଗରିକ ସଂସ୍କୃତିକୁ ତାଙ୍କ ଅବଦାନ - ନାଟ୍ୟାଭିନୟ ଲାଗି କଟକ ବଙ୍ଗାବଜାରରେ ତାଙ୍କର *ଓଡ଼ିଶା ଥିଏଟର* ନାମକ ଅଭିନୟ ମଞ୍ଚ ସ୍ଥାପନ ।

ଏଇଠି ଉଲ୍ଲେଖନୀୟ ଯେ ଉତ୍କଳ ସଙ୍ଗୀତ ସମାଜର ବିଶେଷ ଦୁର୍ଭାଗ୍ୟ, ସେତାରୀ ଗୋପାଳ ବାବୁଙ୍କ ମୃତ୍ୟୁର ମାତ୍ର ସାତମାସ ପରେ ସମାଜର ସ୍ଥାପୟିତା ସ୍ୱୟଂ ଅଧାପକ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ନିତାନ୍ତ ଅକାଳମୃତ୍ୟୁ, ଜାନୁଆରୀ ୧୯୪୦ରେ । ଏହା ଆକସ୍ମିକ ମଧ । ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ସେ କଲିକତା ଗଲେ, ଅଳ୍ପଦିନ ପରେ ଫେରିଲେ ମେନିନ୍‌ଜାଇଟିସ୍ ନେଇ । ଏ କାଳ ରୋଗ ମସ୍ତିଷ୍କ ଆବରକ ଝିଲ୍ଲୀକୁ ଆକ୍ରମଣ କରିଥାଏ । ସେ ସମୟରେ ଏହାର ଉପଯୁକ୍ତ ଚିକିତ୍ସା ଥିଲା କି ନାହିଁ ମୁଁ ଜାଣେନା । ମୋର ସେ ସମୟର ଡାଏରୀରୁ ଦେଖି ଲେଖୁଛି । ଶେଷବେଳକୁ ହାସପାତାଲରେ ତାଙ୍କୁ ଅକ୍ସିଜେନ୍ ଦିଆ ହେଉଥିଲା, ଅକ୍‌ସିଜେନ୍ ଟିଉବ୍ ଧରି ବସିଥିଲା ମୋର ଡାକ୍ତର ବନ୍ଧୁ ଜଗଦୀଶ ଦତ୍ତ । ମୁଁ ପାଖରେ ଛିଡ଼ା ହୋଇ ତାଙ୍କ ପାଟିରୁ ବାରମ୍ବାର ବାହାରୁଥିବା ଫେଣକୁ ପୋଛି ପକାଉଥିଲି । ଥରେ ହିକ୍କା ଉଠିଲା, ଟିକେ ବେଶୀ ଫେଣ ମଧ ବାହାରିଲା । ଜଗଦୀଶ ଟିଉବ୍‌ଟା ମୋ ହାତକୁ ଦେଇ ବାହାରକୁ ଚାଲିଗଲା । ଆମର ପ୍ରିୟ 'କାନ୍ତ ଭାଇ'ଙ୍କ ଦେହର ସେ କି ଆପ୍ରାଣ ଲଢ଼େଇ ମୃତ୍ୟୁ ସହିତ ! ଟେମ୍ପେରେଚାର ୧୦୨°, ଶ୍ୱାସ ୧୮ସ୍ଥଳେ ୫୬, ପଲ୍‌ସ୍ ୭୨ସ୍ଥଳେ ୧୩୬ । ମୋ ମୁଣ୍ଡକୁ ଆସୁଥାଏ କେତେ କଣ ଯୁକ୍ତିହୀନ ଏଣୁତେଣୁ ଚିନ୍ତା । ତାଙ୍କ ସ୍ତ୍ରୀ କଣ ଗୋଟାଏ କିଛି ଅର୍ଥହୀନ ପ୍ରଶ୍ନ କଲେ, ମୁଁ ମଧ ସେମିତି ଅଜ୍ଞାନ ଭାବରେ ତାର କଣ ଗୋଟାଏ ଉତ୍ତର ଦେଲି । ହଠାତ୍ ନିଃଶ୍ୱାସ ଏକବାର ବନ୍ଦ୍ । ଦେହଯନ୍ତ୍ର ତଥାପି ଆଉ ଥରେ ଶେଷ ଚେଷ୍ଟା କଲା, ନିଃଶ୍ୱାସ ପୁଣି ଚାଲିଲା । କିନ୍ତୁ

Digitized by srujanika@gmail.com

ପୁଣି ସେୟା । ପୁଣି ପ୍ରାଣପଣ ଚେଷ୍ଟାରେ ତାଙ୍କର ସର୍ବଶରୀର ଆକୁଞ୍ଚିତ ହେଲା- କିନ୍ତୁ ଏଥର ସବୁ ବୃଥା ।

ସେତେବେଳକୁ 'କାନ୍ତଭାଇ'ଙ୍କର ଚାରୋଟି ଝିଅ, ସବା ବଡ଼ଟିକୁ ମାତ୍ର ଏଗାର ବର୍ଷ । ପୁଅ ତାଙ୍କର ନଥିଲା ।

ଉତ୍କଳ ସଙ୍ଗୀତ ସମାଜ କର୍ତ୍ତୃକ ପ୍ରତିବର୍ଷ ମ୍ୟୁଜିକ୍ କନ୍‌ଫାରେନ୍‌ସ ଡକା ହେଉଥିବା ସମୟରେ କ୍ଷିତୀଶ ମୈତ୍ରଙ୍କ (ଖେତୁଦା) ଭଳି ଆଉଜଣେ ସଙ୍ଗୀତ ପାଗଳଙ୍କୁ ଦେଖୁଥିଲି, ସେ ହେଲେ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ- 'ଗୋକୁଳି ବାବୁ' । ବୟସରେ ସେ ଥିଲେ 'ଖେତୁଦା'ଙ୍କ ଠାରୁ ବଡ଼ । ସଙ୍ଗୀତ ପାଇଁ 'ଖେତୁଦା' ଦରିଦ୍ର ରହିଗଲେ, ଅପରପକ୍ଷେ ଧନୀ 'ଗୋକୁଳିବାବୁ' ସଙ୍ଗୀତ ଲାଗି ସର୍ବସ୍ୱାନ୍ତ ହେଲେ, କିନ୍ତୁ ସେଥିପାଇଁ ତାଙ୍କ ମନରେ କୌଣସି ଖେଦ ଥିଲା ପରି ସେ କଦାପି ଜଣା ପଡୁ ନଥିଲେ । ଦିନେ ସେ ସଙ୍ଗୀତ ସମାଜର ସମସ୍ତଙ୍କୁ ଡାକି ନେଇଗଲେ- ମୋ ଭଳିଆ ବୟଃ- ଓ ସଙ୍ଗୀତ-କନିଷ୍ଠ ମଧ ସେମାନଙ୍କ ଭିତରୁ ଜଣେ - କାଠଯୋଡ଼ି ନଈକୂଳ ଗଣେଶ ଘାଟ ପାଖରେ ଗୋଟିଏ ଘରକୁ । କହିଲେ ଯେ ଗୋଟିଏ ଅତି ଅଳ୍ପବୟସ୍କ ବାଳକର ସଙ୍ଗୀତ ପ୍ରତିଭା ସେ ଆମକୁ ଦେଖାଇବେ । ଆମେ ମଧ ଦେଖିଲୁ ୧୨/୧୪ ବର୍ଷର ବାଳକଟି ଆଶ୍ଚର୍ଯ୍ୟ ନୈପୁଣ୍ୟ ସହ ମଧୁର କଣ୍ଠରେ ହିନ୍ଦୁସ୍ଥାନୀ ସଙ୍ଗୀତ ଓ ବୋଧହୁଏ ଗୋଟାଏ ଛାନ୍ଦ ମଧ ଗାଇଲା ! ଭବିଷ୍ୟତରେ ସେ ହୋଇଥିଲା କଟକ ରେଡିଓର ଉଜ୍ଜ୍ୱଳ ନକ୍ଷତ୍ର 'ସଙ୍ଗୀତ ସୁଧାକର' ବାଳକୃଷ୍ଣ ଦାସ । ଓଡ଼ିଶା ସଙ୍ଗୀତ ଜଗତର ବଡ଼ ଦୁର୍ଭାଗ୍ୟ ଯେ ସେ ସୁଧାକଣ୍ଠ ଆଜିକୁ କେତେବର୍ଷ ହେଲାଣି ଚିରକାଳ ଲାଗି ସ୍ତବ୍ଧ ହୋଇଯାଇଛି ।

ଉତ୍କଳ ସଙ୍ଗୀତ ସମାଜରେ ୧୯୩୪-୩୫ ଏହିପରି ସମୟରେ ମୁଁ ଗୋପାଳ ବାବୁଙ୍କ ପାଖରେ ନାଁ ଲେଖାଇଥିଲି । କିଛିଦିନ ପରେ ଗନ (ବା ଗନୋ)ର ସଉକ ହେଲା ସେ ବି ସେତାର ବଜାଇବ, ଗୋଟିଏ ସେତାର ମଧ ଯୋଗାଡ଼ କଲା । ପାଠକଙ୍କ ମନେଥିବ ସେ କଟକରେ ମୋର ପ୍ରଥମ ସାଙ୍ଗ - ଟପ୍‌ସିର ତଳ ଭାଇ, ମୋରି ବୟସ, ପୁରାନାମ ହରେନ୍ଦ୍ର ଚକ୍ରବର୍ତ୍ତୀ । ଆଉ ଅଳ୍ପ ଦିନ ମଧରେ ଆମେ ମନେ

Digitized by srujanika@gmail.com

ମନେ ଗୋଟାଏ ଗୋଟାଏ ସଙ୍ଗୀତର ସମଝଦାର ହେଇ ପଡ଼ିଲୁ ! ପ୍ରକୃତରେ ଆମେ ବିଶେଷ କିଛି ନ ବୁଝି ମଧ କ୍ଲାସିକାଲ୍ ମ୍ୟୁଜିକ୍‌ର ଭକ୍ତ ହେଇ ପଡ଼ିଥିଲୁ । ତେଣୁ ଯେତେବେଳେ ଶୁଣିଲୁ ୧୯୩୫ ଅକ୍ଟୋବରକୁ ଦୀପାବଳୀ ଛୁଟି ଭିତରେ ଏଲାହାବାଦ୍‌ରେ ନିଖିଳ ଭାରତ ସଙ୍ଗୀତ ସମ୍ମେଳନ All India Music Conference ହବ- ଖବର କାଗଜରେ ବଡ଼ ବଡ଼ 'ଉସ୍ତାଦ' ମାନଙ୍କର ନାମ ମଧ ବାହାରିଲା- ସେତେବେଳେ ଆମ ଦୁହିଁଙ୍କର ମନେହେଲା ସେ କନ୍‌ଫାରେନ୍‌ସ୍‌କୁ ନ ଯାଇ ପାରିଲେ ଜୀବନ ହିଁ ବୃଥା । ସେହିଭଳି ଜଣେ ବଡ଼ ଉସ୍ତାଦ୍ ଥିଲେ ଆଲାଉଦ୍ଦିନ ଖାଁ ସାହେବ, ବିଖ୍ୟାତ ସରୋଦିଆ । ତାଙ୍କ ବିଷୟ କିଛି ପଢ଼ିଥିଲି, ତାଛଡ଼ା ଗୋପାଳ ବାବୁ କହିଥିଲେ ଦୁହିଁଙ୍କର ହିଁ 'ଘରାନା' ଏକ - ଉଜୀର ଖାଁଙ୍କ 'ଘରାନା', ଯେକି ଶହେ କି ଦେଢ଼ଶହ ବର୍ଷ ତଳେ 'ମିଛି' ନେଇଥିବେ । ଏଥିରେ ଖାଁ ସାହେବଙ୍କ ବାଜଣା ପାଇଁ ଆଗ୍ରହ ବଢ଼ିଲା ।

ଅବଶେଷରେ ଆମେ ରମାନା ହେଇ ପଡ଼ିଲୁ । ଏଲାହାବାଦ୍‌ରେ କେଉଁଠି ରହିବୁ ତାହା ପାଇଁ 'ବୁଲୁ'ର ଖୁଡ଼ୀ ମାଳତୀ ଦେବୀଙ୍କ ପାଖରୁ ଏଲାହାବାଦ୍‌ର କଂଗ୍ରେସ ଅଫିସ୍‌ର ଜଣେ କର୍ତ୍ତା ଗୌତମ ବାବୁଙ୍କୁ ଲେଖିଥିବା ଚିଠି ସାଙ୍ଗରେ ନେଲୁ । ପଇସାପତ୍ର ବିଶେଷ ନ ଥାଏ । ମୁଁ ଗୋଟାଏ ଦୁଇଟା ଟ୍ୟୁଇଶନ କରୁଥିଲି, କିନ୍ତୁ ଗନ କଟକ ଇଂଜିନିୟରିଂ ସ୍କୁଲରେ ପଢୁଥାଏ, ଘରୁ ସାମାନ୍ୟ କିଛି ନେଇଥାଏ । ୨୪ ଅକ୍ଟୋବର ୧୯୩୫ ଏଲାହାବାଦ୍ ପହଁଞ୍ଚିଲୁ । E.I.R. ଲାଇନ୍‌ରେ ମୋର ଏ ପ୍ରଥମ ଭ୍ରମଣ । କଂଗ୍ରେସ ଅଫିସ୍‌ରେ ରହିବା ପାଇଁ ଦେଲେ ଗୌତମ ବାବୁ । ଗନ ଆଉ ମୋର ମିଳିତ ତହବିଲ ଯାହା ଥିଲା ସେଥିରେ ବି ଏକ୍କାରେ ବସିବା କଥା ନ ଥାଏ, ତେଣୁ ଆମେ ବାହାରିଲୁ ଚାଲି ଚାଲି ଯିବୁ ୟୁନିଭାର୍ସିଟିକୁ, ଗନ ପାଇଁ କନ୍‌ଫାରେନ୍‌ସ ଟିକଟ ଆଣିବୁ । ମୋ ଟିକଟ ମୁଁ ଆଗତୁରା ମଗାଇ ସାରିଥିଲି, ଗନ ପାଇଁ ମଗାଇ ନ ଥିଲି କାରଣ ତାର ଯିବାର ଠିକ୍ ନ ଥିଲା - ଟଙ୍କା ଅଭାବରୁ । ମୋର ଯାହାହେଉ ଟ୍ୟୁଇଶନ୍ ଟଙ୍କା ଥିଲା । କନ୍‌ଫାରେନ୍‌ସ ହବାକୁ ଥିଲା ଏଲାହାବାଦ୍ ୟୁନିଭାର୍ସିଟିରେ, ତାର ପ୍ରେସିଡେଣ୍ଟ ହେଇଥିଲେ ଡଃ. ଡି.ଆର. ଭଟ୍ଟାଚାର୍ଯ୍ୟ, ୟୁନିଭାର୍ସିଟିର ଜଣେ ବଡ଼ ପ୍ରଫେସର ନା ଏମିତି କ'ଣ । ଥୋଡ଼ାଏ ବାଟ ଯିବା ପରେ ଜଣେ ପ୍ରୌଢ଼

Digitized by srujanika@gmail.com

ଭଦ୍ରଲୋକଙ୍କୁ ଦେଖି ହିନ୍ଦୀରେ ପଚାରିଲୁ ୟୁନିଭାର୍ସିଟି କେତେ ବାଟ । ସେ ବଙ୍ଗଳାରେ କହିଲେ ଆପଣ ମାନେ କ'ଣ ସେତେ ବାଟ ଯାଇ ପାରିବେ ? ଏବେ ମୁଁ ବଙ୍ଗଳାରେ ପଚାରିଲି - କେତେ, ଦୁଇ ମାଇଲ ? ସେ କହିଲେ - ତା' ଠୁ ଟିକେ କମ । ମୁଁ କହିଲି - ତେବେ କାଇଁକି ପାରିବି ନାଇଁ ? ସେ କହିଲେ - ବଙ୍ଗଳୀ ପିଲା ତ, ସେଇ ପାଇଁ କହିଲି । ତାଙ୍କଠୁ ବୁଝିଲି ଟିକେଟ୍ ସବୁ ପ୍ରାୟ ସରିଲାଣି, ଏବେ ବେଶୀ ଦାମିକିଆ ଟିକଟ କେବଳ ଅଛି, ୨୫/୩୦ ଟଙ୍କା ଭଳି । ସେଠୁ ଆମେ ୟୁନିଭାର୍ସିଟି ଠାରୁ ଆହୁରି ଥୋଡ଼ାଏ ବାଟ ଚାଲି ଡଃ. ଡି.ଆର.ଭଟ୍ଟାଚାର୍ଯ୍ୟଙ୍କ ଘରକୁ ଯାଇ ତାଙ୍କୁ ଧରିଲୁ । ସେ କହିଲେ **Muir College** କୁ ଯାଇ ବୁଝନ୍ତୁ, କମ୍ ଦାମର କିଛି ଟିକଟ- ୧୧ଟଙ୍କାର ଫାର୍ଷ୍ଟକ୍ଲାସ୍‌ର - ଏବେ ବି ମିଳିବ । ଫେର ଚାଲି ଚାଲି **Muir College** କୁ ଗଲୁ । ଜଣାପଡ଼ିଲା ସେକେଣ୍ଡ କ୍ଲାସର ଟିକଟ ବି ଅଛି, ବୋଧେ (ଆଠ)ଟଙ୍କା । ଆଗରୁ ମୋର ଫାର୍ଷ୍ଟକ୍ଲାସ ଟିକଟ ହୋଇଥାଏ, ଗନ ପାଇଁ ଏବେ ଏଇ ସେକେଣ୍ଡ କ୍ଲାସ ଟିକଟ ହିଁ କରାଗଲା ।

ବର୍ତ୍ତମାନ ଆମ ଦୁହିଁଙ୍କ ଶରୀରର ଅନ୍ତଃସ୍ଥଳରୁ ସତେକି ଚୀତ୍କାର ଉଠୁଥାଏ - ଭାତ ! ଭାତ ! ସକାଳେ ଗୋଟାଏ ଦୋକାନରେ ସାମାନ୍ୟ ଜଳଖିଆ ଖାଇ ବାହାରିଥିଲୁ । ଇଏ ହେଲା ପୁରି-କଚୌଡ଼ି-ରାବିଡ଼ିର ଦେଶ, ଖୋଜି ଖୋଜି କଉ ଗଳିକନ୍ଦିରେ ଗୋଟିଏ ବଙ୍ଗାଳୀ ଦୋକାନ **Friends' Boarding** ମିଳିଲା । ଏତେ କ୍ଲାନ୍ତ ହେଇଥିଲୁ ଯେ ଭାତର ଅର୍ଡର ଦେଇ ଭାତ ଆସିଲା ବେଳକୁ ପ୍ରାୟ ଶୋଇ ପଡ଼ିଥିଲୁ । ମାତ୍ର ରୋଷେଇ ଚମତ୍କାର, ତୃପ୍ତି ସହିତ ଖାଇଲୁ । କିନ୍ତୁ ହେ ଭଗବାନ ଶୋଇଲା ବେଳକୁ ଯାଇ ଦେଖେଁ ତ ଗୌତମବାବୁଙ୍କ ଘରେ ତାଲା ! ପୁଣି ଚାଲି ଚାଲି ତାଙ୍କ ଅଫିସ୍‌କୁ ଗଲା ବେଳକୁ ସେଠି **Provincial Congress Committee**ର **meeting** ଚାଲିଛି । ଚାବି ପାଉ ପାଉ ପ୍ରାୟ ଚାରିଟା ବାଜିଲା । ଆଗ ଦୁଇ ରାତି ଟ୍ରେନ୍‌ରେ ଶୋଇନୁ, ଆଉ ଆଜି ଏଇ ଚାଲିବା, ଯାହାକି ଏକପ୍ରକାର ସହର ଚଷିବା । ସନ୍ଧ୍ୟା ୭ଟା ଯାଏଁ ଶୋଇପଡ଼ିଲୁ । ତା'ପରେ ଉଠି ବୁଲି ବାହାରିଲୁ । ସକାଳର ସେଇ ଭଦ୍ରଲୋକଙ୍କ ସଙ୍ଗେ ପୁଣି ଭେଟ ହେଲା- ସକାଳେ

Digitized by srujanika@gmail.com

ଯେଉଁଠି ଦେଖା ହେଇଥିଲା ସେଇଠି । ସେଇଟା ଗୋଟାଏ ଚାହା ଦୋକାନ, ସେଇ ଭଦ୍ରଲୋକଙ୍କ 'ଆଡ୍‌ଡା' ମାରିବା ଜାଗା । ଆମ ଦୁଇ ଜଣଙ୍କୁ ଦୁଇଟା ଚପ୍ ଆଉ ଦୁଇ କପ ଚାହା ଦେଲେ । ଗପ-ସପରୁ ମାଲୁମ ହେଲା ଭଦ୍ରଲୋକ ସଙ୍ଗୀତଜ୍ଞ ।

ତହିଁ ଆରଦିନ ୨୫ ଅକ୍ଟୋବରରୁ କନ୍‌ଫାରେନ୍‌ସ ଆରମ୍ଭ ହେଇଗଲା । ଗ୍ରାମୋଫୋନ ରେକର୍ଡ ଅଥବା ରେଡିଓରେ ଯେଉଁ 'ଉସ୍ତାଦ'ମାନଙ୍କର ଗାନ ବା ବାଜଣା ଶୁଣିଥିଲୁ ତାଙ୍କ ଭିତରୁ ଅନେକଙ୍କୁ ସ୍ୱଚକ୍ଷୁରେ ଦେଖିଲୁ, ତାଙ୍କ ଗାନ ବାଜଣାକୁ ସ୍ୱକର୍ଣ୍ଣେ ଶୁଣିଲୁ । ବିଶେଷ, ସ୍ୱୟଂ 'ଉସ୍ତାଦ' ଆଲାଉଦ୍ଦିନ ଖାଁ ସାହେବଙ୍କୁ ଭେଟ ହେଲୁ । ବଙ୍ଗାଳୀ ମୁସଲମାନ । ପୂର୍ବ ବଙ୍ଗରେ ଘର । ସାଦାସିଧା ଲୋକ । ଉତ୍କଳ ସଙ୍ଗୀତ ସମାଜର ବାର୍ଷିକ ରିପୋର୍ଟ ଦେଲୁ, ଆମମାନଙ୍କର ସେତାର-ଗୁରୁ ଗୋପାଳ (ଲ) ବାବୁଙ୍କ କଥା କହିଲୁ । ସେ ଅତି କୃତାର୍ଥ ହେଇ କହିଲେ - "ଗୋପାଲ ବାବୁ ଏଟା ଆମାଯେ **present** କୋରେଛେନ ?" ଆମେ ହଁ ଭରିଲୁ । ତାଙ୍କୁ କହିବାକୁ ଗଲେ ପ୍ରାୟ ଯେ କୌଣସି ଯନ୍ତ୍ର ଧରାଇ ଦେଲେ ବଜାଇ ଦେଇ ପାରିବେ । କନ୍‌ଫାରେନ୍ସରେ କେତେଥର ଆମେ ତାଙ୍କ ବାଜଣା ଶୁଣିଲୁ । ଆଉ କଲିକତାର ନାମଜାଦା ତବଲଚି ହୀରୁ ଗାଙ୍ଗୁଲିଙ୍କର ତବଲା - ତାଙ୍କ ସହିତ ଏବଂ ଅନ୍ୟାନ୍ୟ ଉସ୍ତାଦଙ୍କ ସହିତ, ସେ ଗୋଟାଏ ପ୍ରକାର 'ଯୁଗଳବନ୍ଦି' ! କି ସତେଜ ସେ ତବଲା ବାଜଣା ଆମେ ତ ତାଳ କି ତବଲାର କିଛି ବୋଲି କିଛି ବୁଝୁ ନଥିଲୁ, କିନ୍ତୁ ସେ 'ଯୁଗଳବନ୍ଦି' ବେଳେ ସମ୍ମୋହିତ ଭଳି ବସିଥିଲୁ ।

ଇଆ ଭିତରେ ଗନ କିଛି କିଛି ବୈଚିତ୍ର୍ୟ ବୋହି ଆଣୁଥିଲା । ଏବେର ଭାଷାରେ ଯାହାକୁ **accident-prone** ବୋଲାଯାଏ ଗନ ଥିଲା ସେୟା । ଦିନେ ଜଳଖିଆ ଦୋକାନରେ ତାର ପ୍ରିୟ ବାଡ଼ି ଖଣ୍ଡ ଛାଡ଼ିଆସି ଫେର୍ ଗୁଡ଼ାଏ ବାଟ ଚାଲିକରି ଯାଇ ତାକୁ ଆଣିବାକୁ ପଡ଼ିଲା । କନଫାରେନ୍ସ ଆରମ୍ଭର ବୋଧହୁଏ ପରଦିନହିଁ ସେ ତାର ଟିକଟ ହଜାଇ ଦେଲା । ପୁଣି ଡ:ଡି.ଆର. ଭଟ୍ଟାଚାର୍ଯ୍ୟଙ୍କ ଶରଣ ନେବାକୁ ପଡ଼ିଲା । ସେ ଯାହା ହେଉ ଗୋଟିଏ କାଗଜରେ ଲେଖି ଦେଲେ ତାକୁ ଭିତରକୁ ଛାଡ଼ିବା ପାଇଁ । ଆଉ ଗୋଟାଏ ଦିନ ଅଧିବେଶନ ସରିଲା ବେଳକୁ ଦେଖାଗଲା ଗନ ପିନ୍ଧିଥିବା ଧୋତିର କୁଞ୍ଚଟା ନାହିଁ । ତାର ପାଖ ସୀଟରେ ବସିଥିବା

Digitized by srujanika@gmail.com

ସଙ୍ଗୀତପ୍ରେମୀ ସଙ୍ଗୀତ ସୁଧା ପାନ କରୁଥିବା ବେଳେ ତାଙ୍କ ହାତରେ ଥିବା ବିଡ଼ି ନିଶବ୍ଦରେ ଗନର କୁଅଁକୁ ଭୋଜନ କରୁଥିଲା । ଭାଗ୍ୟକୁ କୌଣସି ଅଗ୍ନିକାଣ୍ଡ ଘଟିନାଇଁ ।

ଏଇ କେତୁଟା ଦିନ ରାତି ସାଢ଼େ ଗୋଟା ଦିଟା ଯାଏଁ ସେଇ କେତେଜଣଙ୍କ ପାଖରେ ବସିବା ଦ୍ୱାରା ଯେମିତି ସେମାନଙ୍କ ସଙ୍ଗେ ଗୋଟେ ଅଦୃଶ୍ୟ ସୂତ୍ରରେ ବନ୍ଧା ହେଇ ଯାଇଥିଲୁ । ଜଣାପଡୁ ନଥିଲା, ଆଜି କନ୍‌ଫାରେନ୍ସ ଭାଙ୍ଗିଲା ବେଳକୁ ଜଣା ପଡ଼ିଲା । କାହ କାହା ସହିତ ଆଳାପ ପରିଚୟ ମଧ ହେଇ ଯାଇଥିଲା । ତାଙ୍କ ଭିତରେ ଜଣେ ଥିଲେ ଶିଖ୍, **Dr. Baldev Singh Share, M.D., D.P.H.** ଇତ୍ୟାଦି । **New Zealand**ର ଅଧିବାସୀ, ସେଇଠି ଘର କରିକି ରହି ଯାଇଛନ୍ତି । ହେଲେ ଭାରତୀୟ ରାଗ-ସଙ୍ଗୀତ ନେଇ ଗୋଟାଏ ବହି ଲେଖିଛନ୍ତି, ଏଠି ତାରି ପାଇଁ ପ୍ରକାଶକ ଖୋଜୁଛନ୍ତି । ତାଙ୍କ ବହିରେ ସବୁ ରାଗ ବା ରାଗିଣୀର ପ୍ରାୟ ୫୦୦ଟି ତାଙ୍କ ନିଜର ଲେଖା ଗୀତ ଅଛି । ପ୍ରତ୍ୟେକ ରାଗ ବା ରାଗିଣୀ ସମ୍ବନ୍ଧରେ ଯେତେ ବିଭିନ୍ନ ମତ ଅଛି ତା ମଧ୍ୟ ତାଙ୍କ ବହିରେ ଅଛି । ଦୀପକ ରାଗ ଗାଇଲେ ନିଆଁ କିମ୍ବା ନିର୍ବାପିତ ଆଲୋକ ଆଉଥରେ ଜଳି ଉଠେ ବୋଲି ଯେ କଥା ଅଛି ସେଇ କୌତୁହଳରୁ ତାଙ୍କ ପାଖରୁ ଦୀପକ ରାଗର ଆଳାପ ମାଗିଲି, ସେ ବି ତାଙ୍କ ବହିରୁ ବାହାର କରି ମୋତେ ଦେଲେ ! ଆଉ ଜଣଙ୍କ ସହିତ ପରିଚୟ ହେଲା, **Mr. Paranjpe,** ବନାରସର କୌଣସି ସ୍କୁଲର ସଙ୍ଗୀତ - ଶିକ୍ଷକ, ବଡ଼ ଅମାୟିକ ଭଦ୍ରଲୋକ ।

ସବୁଦିନ ଦିଥର ଲେଖାଏଁ ଅଧିବେଶନ ହେଉଥିଲା - ୟୁନିଭାର୍ସିଟି ସେନେଟ - ହାଉସ୍‌ରେ, ଆମେ ରହୁଥିବା ଜାଗାରୁ ତିନି ମାଇଲ ଦୂରରେ, ତେଣୁ ଆମକୁ ପ୍ରତିଦିନ ୧୨ ମାଇଲ ଚାଲିବାକୁ ପଡୁଥିଲା । ଶେଷଦିନ ପ୍ରଥମ ଅଧିବେଶନରୁ ଫେରିବା ପରେ ଆମେ ଦୁଇ ଖଣ୍ଡ ସାଇକେଲ ଭଡ଼ା ଆଣିଲୁ - ୨ୟ ଅଧିବେଶନକୁ ଯିବା ପାଇଁ କିନ୍ତୁ ଫେର ଗନର **accident** ! ମୁଁ ଆଗେ, ଗନ ପଛେ ପଛେ ଏମିତି ଯାଉଥାଉ । ହଠାତ୍ କେମିତି ମୋର ପଛ ଚକରେ ଗନର ଆଗ ଚକ ଟିକେ ବାଜିଗଲା । ଫଳରେ ତାର ପଛ ଚକ ସେଇଠି ଥିବା ଗୋବର ଉପରେ ଦେଢ଼ ହାତ

Digitized by srujanika@gmail.com

ଖଣ୍ଡେ ଖସଡ଼ି ଗଲା । ଗନ ତେଙ୍ଗ ପଡ଼ିଲା, ସାଇକେଲଟା ରହିଗଲା ପଛେ ପଛେ ଆସୁଥିବା ଗୋଟିଏ ଏକ୍‌କାର ଚକ ତଳେ ! ପୁଣି ଗୋଟାଏ ସାଇକେଲ ମରାମତି ଦୋକାନରେ ସାଇକେଲକୁ ରଖିଦେଇ ଆମେ ଦୁହେଁ ଗୋଟିଏ ସାଇକେଲରେ ଡବଲରାଇଡ୍ କରି ସେନେଟ୍-ହାଉସକୁ ଗଲୁ ।

୩୦ ଅକ୍ଟୋବର କନ୍‌ଫାରେନ୍ସ ସରିବା ପରେ ଆମକୁ ଯେମିତି ଛୁଟି ମିଳିଲା । ସାଇକେଲ ମରାମତି ହେଇ ଯାଇଥିବାରୁ ଏଥର ଆରାମରେ ଆମେ ପ୍ରୟାଗରେ ଗଙ୍ଗା ଯମୁନା ସଙ୍ଗମରେ ଗାଧୋଇ ଆସିଲୁ । ସେଠିକାର ଅହିଂସ କଇଁଛମାନଙ୍କ ଉପରେ ଗୋଡ଼ ପଡ଼ି ଖସି ଯାଉଥାଏ । ଅହିଂସ, କାରଣ ତୀର୍ଥଯାତ୍ରୀଙ୍କଠୁ ଖାଇବାକୁ ପାଉଛନ୍ତି । ଏମିତି କେତୁଟା ଦିନ ଚାଲିଗଲା ।

ତା'ପରେ ଏଲାହାବାଦ୍‌ରୁ ବିଦାୟ ନେଇ ଆମେ ଘର ମୁହାଁ ହେଲୁ । ବନାରସରେ ଓଳିଏ ରହି ପରେଶନାଥ ପାହାଡ଼ ଦେଖିବାକୁ ଆସିଲୁ । ବନାରସରେ ଓଳିଏ ମାତ୍ର ରହିଲେ ବି ତାର ସ୍ମୃତି ଅତି ଅପୂର୍ବ । ସେଠି ଆଓରଙ୍ଗଜେବର ମସ୍‌ଜିଦ ଯାହାକୁ କହନ୍ତି ତା'ର ସୁଉଚ୍ଚ ମିନାରକୁ ସେଠି ଆଗରୁ ଥିବା ହିନ୍ଦୁ ମନ୍ଦିରର ସ୍ମୃତି ଲାଗି ବଙ୍ଗାଳୀମାନେ ତାକୁ 'ବେଣୀମାଧବେର ଧ୍ୱଜା' ବୋଲି କହନ୍ତି । ଆମେ ତା ଉପରକୁ ଉଠିଲା ବେଳକୁ ତଳେ କୌଣସି ମନ୍ଦିରରେ ସାହ୍‌ନାଇ ବାଜୁଥାଏ ।

ମିନାର ଉପରୁ ଦିଶୁଥାଏ ଗୋଟାଏ ପଟେ କାଶୀ ସହର, ତାର ଅସଂଖ୍ୟ ମନ୍ଦିର ଆଉ ଅସଂଖ୍ୟ ସରୁ ସରୁ ଗଳି, ଆଉ ଗୋଟିଏ ପଟେ ଗଙ୍ଗା । ସାହ୍‌ନାଇରେ ବାଜୁଥାଏ ସେତେବେଳେ ସେଇ ଦିବା ତୃତୀୟ ପ୍ରହରର ରାଗ ତୋଡ଼ୀ । ସେଇ ସୁଦୂର ଦିଗନ୍ତ ବିସ୍ତୃତ ଆକାଶରେ ତୋଡ଼ୀ ରାଗର କରୁଣ ଗାମ୍ଭାର୍ଯ୍ୟ ଅସୀମ ସହିତ ମିଶିଯିବା ଭଳି ଆମକୁ ଲାଗୁଥାଏ, ଆମକୁ ସବୁ ଭୁଲାଇ ଦେଉଥାଏ । ଜୀବନରେ ଏମିତି ଅନୁଭୂତି ଆଉ କଣ କେବେ ହେବ ?

ବନାରସରୁ ବାହାରି ଆମେ ପରେଶନାଥକୁ ଯିବାବେଳେ ପରେଶନାଥ ରୋଡ ଷ୍ଟେଶନରେ ଓହ୍ଲାଇ ପାହାଡ଼ରେ ଉଠିବା ପାଇଁ ଆମେ ମଧୁବନ ବୋଲି ଗୋଟାଏ ଜାଗାକୁ ଯିବା ପାଇଁ ବସ୍‌ରେ ବସିଲୁ । ପରେ ମାଲୁମ ହେଲା ଯେ

Digitized by srujanika@gmail.com

ନିମିଆଘାଟ ଡାକବାଂଲୋ। ଆଡ଼ର ବସ୍‌ରେ ବସିଲେ ପାହାଡ଼ ଅନେକ ପାଖ ହେଇଥାନ୍ତା । ମଧୁବନ କିନ୍ତୁ ୧୫ ମାଇଲ, ଭଡ଼ା ଆମେ ଯାହା ବୁଝିଥିଲୁ ତା'ର ଡବଲ ପଡ଼ିଲା । ଏଲାହାବାଦ ଛାଡ଼ିବା ପରଠାରୁ ଆମେ ଉଭୟଙ୍କ ତହବିଲ ମିଶାଇ ଥରେ ହେଲେବି ହିସାବ କରିନୁ, ମୁଁ ଭାବୁଥିଲି ଗନ ପାଖରେ ବେଶି ଅଛି, ଗନ ଭାବୁଥିଲା ମୋ ପାଖରେ ଅଛି ! ଏବେ ଦେଖିଲୁ ଦିଜଣଙ୍କ ପଇସା ମିଶାଇ ପାଞ୍ଚ ଅଣା ଖଣ୍ଡେ ଅଛି । ବସ୍ ଭଡ଼ା ଦେଢ଼ ଟଙ୍କା ପଡ଼ିଛି । ଅର୍ଥାତ୍ ବସ୍‌ରେ ଆଉ ଫେରି ହବ ନାହିଁ । ସାଙ୍ଗରେ ଦୁଇ ଜଣଙ୍କ ଦୁଇଟା ଟ୍ରଙ୍କ ଦୁଇଟା ବେଡିଂ ଅଛି । ପାହାଡ଼କୁ ଉଠିବା ପୂର୍ବରୁ କିଛି ଖାଇବାର କଥା ଥିଲା, ତା' ଆଉ ନୋହିଲା ।

ପାହାଡ଼ ଉପରେ ଥୋଡ଼ାଏ ବାଟ ଉଠିଲୁ କିନ୍ତୁ ଫେରିବା ଚିନ୍ତା ଆମକୁ ଅଥୟ କଲା । ସେଇଠି ବସି ଗଙ୍ଗାକୁ ଚାହିଁ କିଛି ସମୟ ମୋ ବଂଶୀରେ କିଛି ବଜାଇଲି- ବୋଧହୁଏ "ପତିତୋଦ୍ଧାରିଣୀ ଗଙ୍ଗେ" ଗୀତଟି । ତା'ପରେ ଦୁହେଁ ତଳକୁ ଓହ୍ଲେଇ ଯାଇ କୁଲି ଖୋଜିବାରେ ଲାଗିଲୁ । ସେତେବେଳକୁ ୧୨ଟା ବାଜିଲାଣି । ବୁଝିଲୁ ପରେଶନାଥ ଷ୍ଟେସନକୁ ଜଙ୍ଗଲ ବାଟରେ ୮ମାଇଲ । ଆମ ପାଣ୍ଠି ଚାରିଅଣା, ସେଥିରେ କଉ କୁଲି ବା ରାଜି ହଅନ୍ତା । କହିଲୁ ଆମ ମନି ବ୍ୟାଗ ପାହାଡ଼ରେ ପଡ଼ି ହଜି ଯାଇଛି । ଶେଷକୁ ଦୟା କରି ୧୨ଅଣାରେ ଦୁଇଜଣ ରାଜି ହେଲେ । କିନ୍ତୁ ୧୨ଅଣା କାହିଁ ? ତଥାପି କହିଲୁ ହଉ ଚାଲ ।

ଆମ ରାସ୍ତା ପରେଶନାଥ ପାହାଡ଼କୁ ପ୍ରଦକ୍ଷିଣ କରି, କଉଠି ପୁଣି ପାହାଡ଼ ଉପରେ ଉଠି, ଜଙ୍ଗଲ ଭିତର ଦେଇ, କେତେ ଝରଣା ପାରି ହେଇ, କେତେ ଗଡ଼ାଣି ଉଠାଣି ବାଟେ ଯିବାକୁ ପଡୁଥାଏ । ପାହାଡ଼ି ଲୋକ ସେ କୁଲି ଦି'ଜଣ, ଆମ ଟ୍ରଙ୍କ ବେଡିଂ ନେଇ ଠିକ୍ ଯାଇ ପାରୁଥାନ୍ତି । ଆମ ଗୋଡ଼ ବେଳେ ବେଳେ ଖସିବା ଉପକ୍ରମ ହଉଥାଏ, ଅଳ୍ପକେ ବର୍ତ୍ତି ଯାଉଥାଏ । ଆମ ଭଳି ସେ ଦି'ଜଣ ବି ସେଦିନ ଅଖିଆ ଥାନ୍ତି । ଆମେ ଡାକିଲା ବେଳେ ସେ ଚାଉଳ ଧରି ଯାଉଥିଲେ ଭାତ ରାନ୍ଧିବେ ବୋଲି । ଏବେ କହିଲେ, ତୁମେ ବିପଦରେ ପଡ଼ିଛ ବୋଲି ଆମେ ଆଇଲୁ ସିନା । ବାବୁ, ଅସଲ ହେଉଛି ଏଇ 'ଜିନ୍ଦା'- ଏଇଆ କହି ନିଜ ଛାତିରେ ହାତ ରଖିଲା ।

Digitized by srujanika@gmail.com

ପ୍ରକୃତରେ ଏମାନେ ବଡ଼ ହୃଦୟବାନ । ଆମେ କହିଲୁ ଆମେ ଘରକୁ ଫେରି ତୁମମାନଙ୍କୁ ଅଲଗା ବକ୍‌ଶିସ୍ ପଠାଇ ଦେବୁ ।

ଅବଶେଷରେ ପ୍ରାୟ ସୂର୍ଯ୍ୟାସ୍ତ ହେଲା ବେଳକୁ ପରେଶନାଥ ରୋଡ଼ ଷ୍ଟେଶନରେ ପହଞ୍ଚିଲୁ । ସେତେବେଳେ ଜାମା ପକେଟ୍ ଝଡ଼ା ହେଇ ଯେତେବେଳେ ପାହୁଲାଏ ଊଣା ଚାରିଅଣା ମାତ୍ର ବାହାରିଲା ସେତେବେଳେ କୁଲି ଦି'ଟା ଏକବାର ରାଗିଗଲେ, ବାଉଳା ହେବା ଉପରେ ! କହିଲେ - ଚାଲ ଷ୍ଟେଶନମାଷ୍ଟର ପାଖକୁ । ଷ୍ଟେଶନମାଷ୍ଟରଙ୍କୁ ଆମ ଦି'ଜଣଙ୍କ ଆଉ କୁଲି ଦି'ଜଣଙ୍କର ନାମ - ଠିକଣା ଲେଖିକି ଦେଲୁ । କଟକରେ ଆମେ ଭିକ୍ଟୋରିଆ ସ୍କୁଲର ହେଡମାଷ୍ଟର ଶ୍ରୀ ନଗେନ୍ଦ୍ରନାଥ ଚାଟାର୍ଜିଙ୍କୁ ଜାଣିଛୁ ଶୁଣି ସେ କହିଲେ ତାଙ୍କ ସହିତ ନଗେନବାବୁଙ୍କ ନିକଟ ସମ୍ପର୍କ ଅଛି । କୁଲିମାନଙ୍କୁ କହିଲେ "ତୁମେ ଚିନ୍ତା କର ନାହିଁ, ବାବୁମାନେ ଅବଶ୍ୟ ତାଙ୍କ ଘରୁ ତୁମର ଉଚିତ ଭଡ଼ା, ଆଉ ତା ସହିତ ବକ୍‌ଶିସ୍ ପଠାଇ ଦେବେ ।" ସେମାନେ ସନ୍ତୁଷ୍ଟ ହେଇ ଚାଲିଗଲେ । ଆମ ପାଇଁ ସେ ପୁଣି ଭାତ ମଗାଇଲେ । କହିଲେ ସନ୍ଧ୍ୟା ଟ୍ରେନ୍‌ରେ ଗଲେ ରାତିରେ ଗୋମୋ ଜଙ୍କଶନ୍‌ରେ କଉଠି ପଡ଼ି ରହିବେ, ବରଂ ମୋର ଏଇ ଅଫିସ୍ ରୁମରେ ଶୋଇ ପଡ଼ନ୍ତୁ, ଭୋର ଗାଡ଼ିରେ ଯିବେ । ଟ୍ରେନ୍‌ରେ କିଛି ଖାଇବା ପାଇଁ ଦି'ଜଣଙ୍କୁ ଆଠଅଣା ଲେଖାଏଁ ଦେଲେ । ତାଙ୍କ ନାମ ଶ୍ରୀ ଦୈବଚରଣ ଚାଟାର୍ଜି । ସ୍ୱୟଂ ଦୈବ ବୋଲି ବୋଧହୁଏ ଆମ ଦୁର୍ଦ୍ଦୈବକୁ ହଟାଇ ପାରିଲେ ! ୭ ନଭେମ୍ବର କଟକ ପହଁଞ୍ଚିଲୁ ।

କଟକ ପହଞ୍ଚି ଦୈବଚରଣ ବାବୁ କହିବା ମତେ କୁଲିଙ୍କ ଭଡ଼ା ଓ ଉପଯୁକ୍ତ ବକ୍‌ଶିସ୍ ପଠାଇଲୁ ।

◆◆◆

Digitized by srujanika@gmail.com

(୬)

ଜୀବିକା

ତେଣେ ନଈ ପହଁରା ଆଉ ବଂଶୀ ବଜା ସହିତ ଏଣେ ଗୋଟିଏ ଦୁଇଟି ପିଲା ପଢ଼ାଉ ପଢ଼ାଉ *ଭକ୍ତମଧୁ ବିଦ୍ୟାପୀଠରେ* (ପୂର୍ବର ଭିକ୍ଟୋରିଆ ସ୍କୁଲ, ଯେଉଁଠି ଏକ ସମୟରେ ମୋର ବାପା ହେଡ୍‌ମାଷ୍ଟର ଥିଲେ) ଗୋଟିଏ ଚାକିରୀ ମିଳି ଗଲା ୧୯୩୬ ମସିହା - ପ୍ରାୟ ବର୍ଷ ମଝାମଝି । ସେତେବେଳେ ବି ଜଣେ ବ୍ରାହ୍ମ ସେଠି ହେଡ୍‌ମାଷ୍ଟର ଥାଆନ୍ତି- ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ଚାଟାର୍ଜି । ସେତେବେଳକୁ ମୋତେ ଠିକ୍ ୨୨ବର୍ଷ ପୂରିଥାଏ । ଉପର ଶ୍ରେଣୀରେ (ଏକାଦଶ ଓ ଦଶମ) ମୁଁ ଆବଶ୍ୟକ (compulsory) ଓ ଐଚ୍ଛିକ (optional) ଗଣିତ ଏବଂ ନବମ ଶ୍ରେଣୀରେ ଭୂଗୋଳ ପଢ଼ାଉଥିଲି । ପୂର୍ବରୁ କହିଥିବି ଯେ ସ୍କୁଲରେ ମୁଁ ଭୂଗୋଳର ଅଙ୍କ ଛଡ଼ା ଆଉକିଛି ପଢୁ ନଥିଲି, ତେଣୁ କେବେ ପାସ୍ କରୁନଥିଲି । ବର୍ତ୍ତମାନ ସେଇ ଭୂଗୋଳ ପଢ଼ାଇବାରେ ବେଶ୍ ଅସୁବିଧା ହେଉଥାଏ । ସେଥିରେ ପୁଣି ନବମ ଶ୍ରେଣୀର (ଥାର୍ଡ କ୍ଲାସ) ପିଲାମାନେ ସହଜରେ ହେଇଥାନ୍ତି ସର୍ବାପେକ୍ଷା ଦୁଃଶାସନ ! ଦଶମ ଓ ଏକାଦଶରେ ଗଣିତ ପଢ଼ାଇବାରେ ମୋର କିଛି ଅସୁବିଧା ନଥାଏ । ଏକାଦଶର ପିଲାମାନଙ୍କ ମଧ୍ୟରେ ଦୁଇ ତିନୋଟି ପିଲା ମୋର ସମବୟସ୍କ କିମ୍ବା ମୋଠାରୁ ସାମାନ୍ୟ ବଡ଼ ଥିଲେ ! ସେମାନେ ମୋତେ ଏକ ପ୍ରକାର ବନ୍ଧୁ ବୋଲି ଦେଖୁଥିଲେ । ସେ ଦୁଇ ଶ୍ରେଣୀରେ ମୁଁ କେବଳ ଶିଷ୍ଟ ଆଚରଣ ଓ ବ୍ୟବହାର ପାଇଛି । ମନେହୁଏ ସବ୍‌ଜେକ୍ଟ ଉପରେ ଶିକ୍ଷକଙ୍କ ଦଖଲ ଥିଲେ ଏହାହିଁ ସ୍ୱାଭାବିକ୍ ।

ଏଣେ ସେଇବର୍ଷ ପହିଲା ଏପ୍ରିଲରୁ ବିହାର ପ୍ରଦେଶରୁ ଅଲଗା ହୋଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପାଇଥାଏ । ଏଇ ନୂତନ ପ୍ରଦେଶର ସେକ୍ରେଟାରିଏଟ୍ ଗଠନ କରିବା ପାଇଁ ପ୍ରାକ୍ତନ ବିହାର-ଓଡ଼ିଶା ସେକ୍ରେଟାରିଏଟ୍‌ରୁ ଅନେକ ଅଫିସର ଓ ଆସିଷ୍ଟାଣ୍ଟଙ୍କୁ ଓଡ଼ିଶାକୁ ଅଣା ଗଲା - ଯେଉଁମାନେ ଓଡ଼ିଶାକୁ ଆସିବାକୁ ଇଚ୍ଛୁକଥିଲେ । ସ୍ୱଭାବତଃ ସେମାନଙ୍କ ପ୍ରାୟ ସମସ୍ତେ ଥିଲେ ଓଡ଼ିଆ । ଅଫିସରମାନେ ତ ଗେଜେଟେଡ୍ ଥିଲେ, ଆସିଷ୍ଟାଣ୍ଟମାନେ ସମସ୍ତେ ନନ୍‌ଗେଜେଟେଡ୍

Digitized by srujanika@gmail.com

ଥିଲେ; ଏହାହିଁ ନିୟମ । ଆସିଷ୍ଟାଣ୍ଟ ମାନଙ୍କ ତିନୋଟି ଶ୍ରେଣୀ : ହେଡ୍ ଆସିଷ୍ଟାଣ୍ଟ, ଅପର୍ ଡିଭିଜନ୍ ଆସିଷ୍ଟାଣ୍ଟ ଓ ଲୋଅର ଡିଭିଜନ୍ ଆସିଷ୍ଟାଣ୍ଟ । ଏଇ ଶେଷ ଶ୍ରେଣୀ ବା ଲୋଅର ଡିଭିଜନ୍ ଆସିଷ୍ଟାଣ୍ଟଙ୍କ ସୃଷ୍ଟି ବୋଧହୁଏ ଓଡ଼ିଶା ସେକ୍ରେଟାରିଏଟ୍‌ରେ ହିଁ ପ୍ରଥମ କରି ହୋଇଥିଲା । ଏଇ ନୂତନ ପଦବୀଗୁଡ଼ିକ ପୂରଣ କରିବା ପାଇଁ ଗୋଟାଏ ଖୋଲା 'ରିକ୍ରୁଟମେଣ୍ଟ' ପରୀକ୍ଷା ହେଲା । ମୁଁ ଦରଖାସ୍ତ କରି ସେ ପରୀକ୍ଷାରେ ବସିବା ଅନୁମତି ପାଇଲି । ପରୀକ୍ଷାଟି ହୋଇଥିଲା ଓଡ଼ିଶାରେ ସମ୍ପୂର୍ଣ୍ଣ ନୂତନ ଧରଣର । ତା'ପାଇଁ ଇଂଲଣ୍ଡରୁ କଉ ଏକ 'ଇଣ୍ଡସ୍‌ଟ୍ରିଆଲ ସାଇକଲଜି'ର ପ୍ରଶ୍ନପତ୍ର ମଗା ହୋଇ ଆସିଥିଲା । ପ୍ରଶ୍ନ ଗୁଡ଼ିକ କେବଳ ଅତି ସଂକ୍ଷିପ୍ତ ଉତ୍ତର ଦରକାର କରୁଥିଲା । ପୁଣି ଉଦ୍ଦେଶ୍ୟ ଥିଲା, ସେ ପ୍ରଶ୍ନପତ୍ରରୁ ଯେପରି କାହାରି କୌଣସି ଭବିଷ୍ୟତ ପରୀକ୍ଷା ପାଇଁ ପ୍ରସ୍ତୁତିର ସୁଯୋଗ ନ ମିଳିବ । ତେଣୁ ପ୍ରଶ୍ନପତ୍ର ଦେହରେ ହିଁ ଉତ୍ତର ଲେଖିବାକୁ ପଡୁଥିଲା, ପ୍ରଶ୍ନପତ୍ର ଘରକୁ ନେବାର ଉପାୟ ନଥିଲା । ପ୍ରଶ୍ନଗୁଡ଼ିକ ଥିଲା ନାନା ପ୍ରକାରର ଏବଂ ପ୍ରତ୍ୟେକ ପ୍ରଶ୍ନ ପାଇଁ ସମୟ ନିର୍ଦ୍ଦିଷ୍ଟ ଥିଲା- ମାତ୍ର କେତୋଟି ମିନିଟ୍ ଲେଖାଏଁ । ପରୀକ୍ଷକ ଗୋଟିଏ ଗୋଟିଏ କରି ପ୍ରଶ୍ନକୁ ଧରିବେ । ଡାକିବେ - 'ଟେକ୍ ଅପ୍ ପେନ୍‌ସିଲସ୍' ନିର୍ଦ୍ଦିଷ୍ଟ ସମୟ ସରିବା ମାତ୍ରେ ଡାକିବେ 'ଡାଉନ୍ ପେନ୍‌ସିଲସ୍' । କଉ ପ୍ରଶ୍ନରେ ହୁଏତ କେବଳ କେତେଗୁଡ଼ିଏ ମିଶାଣ ଫେଡ଼ାଣ ଗୁଣନ ହରଣ, ଆଉ କଉ ପ୍ରଶ୍ନରେ କେତୋଟି ସହଜ ଗଣିତ ପ୍ରଶ୍ନ । ପୁଣି କଉ ପ୍ରଶ୍ନରେ କେବଳ ଗୁଡ଼ିଏ ଦୀର୍ଘ ଇଂରାଜୀ ଶବ୍ଦ, ସେଗୁଡ଼ିକୁ ବର୍ଣ୍ଣାନୁକ୍ରମିକଭାବେ ସଜାଇବାକୁ ହେବ, କିନ୍ତୁ ଶବ୍ଦର ଖାଲି ପ୍ରଥମ ବର୍ଣ୍ଣ ଅନୁସାରେ ସଜାଇଲେ ହେବ ନାଇଁ, ସବୁ ବର୍ଣ୍ଣଗୁଡ଼ିକୁ ଦେଖି ଦେଖି, ଇଂରାଜୀ ଅଭିଧାନରେ ଠିକ୍ ଯେପରି ଥାଏ ସେମିତି ସଜାଇବାକୁ ହେବ । ତା'ପାଇଁ ଅବଶ୍ୟ ଟିକେ ବେଶୀ ସମୟ ନିର୍ଦ୍ଦିଷ୍ଟ ଥାଏ । ଏମିତି ବିଭିନ୍ନ ପ୍ରକାର ପ୍ରଶ୍ନ । ବୋଧହୁଏ ଇତିହାସ ଓ ଭୂଗୋଳରୁ ମଧ ଖୁବ୍ ଜଣାଶୁଣା କଥା କିଛି ପଚରା ହୋଇଥାଏ- ମୋର ଠିକ୍ ମନେ ନାହିଁ । ଏ ନୂଆ ଢଙ୍ଗର ପ୍ରଶ୍ନପତ୍ର ମୋତେ ଭଲ ଲାଗିଥିଲା । ଏହାଛଡ଼ା ଥିଲା ଇଂରାଜୀ ପ୍ରବନ୍ଧ - ଓଡ଼ିଶାର କ୍ୟାପିଟାଲ କେଉଁଠାରେ ହବା ଉଚିତ ବୋଲି ତୁମେ ମନେ କର । ସେ ସମୟରେ ଗୋଟାଏ ହୁ ଉଠିଥାଏ କ୍ୟାପିଟାଲ ହେବା ଉଚିତ ରଙ୍ଗେଇଲୁଣ୍ଡା ଠାରେ । ତା'ପାଇଁ ଆଉ ଗୋଟିଏ ପ୍ରସ୍ତାବ ମଧ ଥାଏ - ବୋଧହୁଏ

Digitized by srujanika@gmail.com

ହରେକୃଷ୍ଣ ମହତାବଙ୍କର - ଚଉଦୁଆର । ମୁଁ କିନ୍ତୁ ଲେଖିଲି, ଦି ହାର୍ଟ ଅଭ୍ ଓରିସା ଇଜ୍ ଏଟ୍ କାଟାକ୍, ସେଠାରୁ କେଉଁ ଦୂରାନ୍ତରେ କେଉଁ ଏକ ରଙ୍ଗେଇଲୁଣ୍ଡାକୁ ତାକୁ ନେଇଯାଇ ହେବନାହିଁ, ଇତ୍ୟାଦି । ପରୀକ୍ଷାରେ ପାସ୍ କରି ମୁଁ ଚାକିରୀ ପାଇଲି । ଅନେକ ପରେ ଜାଣି ପାରଲି ଯେ ପରୀକ୍ଷାରେ ମୁଁ ସେକେଣ୍ଡ ହୋଇଥିଲି, ଫାର୍ଷ୍ଟ ହେଇଥିଲେ ଜଣେ ଆଂଲୋ-ଇଣ୍ଡିଆନ୍, ଉଇନିଫ୍ରେଡ୍ ସ୍ୟାମୁଏଲ୍ସ୍ (**Winnifred Samuells**) ଯାହାଙ୍କ ସାନଭାଇ ଜି.ଟି ସାମୁଏଲ୍ସ୍ କଲେଜରେ ମୋର ସହପାଠୀ ଥିଲା । ଏହି ପ୍ରସଙ୍ଗରେ ମନେ ପଡ଼େ ମୋର ଆଉ ଜଣେ ଆଂଲୋ-ଇଣ୍ଡିଆନ୍ ସହପାଠୀ ଡଗଲାସ୍ ସି ବାରନେଟ୍ (**Douglas C. Barnett**) କଥା, ଯେ କି ଭଲ ଦୌଡ଼ବାଜ କିନ୍ତୁ ଖୁବ୍ ଶାନ୍ତ ପିଲା ଥିଲା । ତାର ଭାଇ **Lulu Barnett** ଥିଲା ଭଲ ହକି ଖେଳାଳୀ ।

ଚାକିରୀରେ ମୋର ନିଯୁକ୍ତି ହେଲା ସେକ୍ରେଟାରିଏଟ୍‌ର ଲ' ଡିପାର୍ଟମେଣ୍ଟରେ, ଲୋଅର ଡିଭିଜନ୍ ଆସିଷ୍ଟାଣ୍ଟ ପଦବୀରେ । ଦରମା ମାସକୁ ୪୦ (ଚାଳିଶ) ଟଙ୍କା । ଉଲ୍ଲେଖନୀୟ ଯେ ୧୯୩୬-୩୭ ଥିଲା ଗୋଟାଏ ମାନ୍ଦା ବର୍ଷ । ଯାହା ହେଉ ଆଜିକୁ ସତୁରି ବର୍ଷ ପରେ ସେ ୪୦ ଟଙ୍କା ଜାଣିଥିବା ଲୋକଙ୍କ ମତରେ କୁଆଡ଼େ ଚାରି ହଜାରର ସମାନ- ମୁଁ ଠିକ୍ ଜାଣିନାହିଁ । ବର୍ଷେ ଦି'ବର୍ଷକୁ କି ପାଞ୍ଚ ବର୍ଷକୁ ୨ଟଙ୍କା ୪ଟଙ୍କା 'ଇନ୍‌କ୍ରିମେଣ୍ଟ' ସେଥିରେ ଯୋଗ ହେଉଥିଲା । ସେକ୍ରେଟାରିଏଟ୍ ଥାଏ କଟକର ଓଲ୍ଡ୍ ସିଭିଲ କୋର୍ଟ ବିଲ୍‌ଡିଂରେ, ଗୌରୀଶଙ୍କର ପାର୍କର ଉତ୍ତର ପଟେ ପୂର୍ବ-ପଶ୍ଚିମ ହେଇ ଯେଉଁ ରାସ୍ତା ପାଇଛ ତାର ଆର ପଟେ । ବର୍ତ୍ତମାନ ମୋର ପେନଶନ୍ ବଢ଼ି ବଢ଼ି ନଅ ହଜାର ଅପେକ୍ଷା ଉର୍ଦ୍ଧ୍ୱ । ଚାକିରୀ ପାଇ ମୁଁ ଗୋଟାଏ ଭଲ ଘଣ୍ଟା କିଣିଲି - **WestEnd** ର **Chronolever**, ଦାମ ୩୬ଟଙ୍କା । ଗୋଟିଏ ସାଇକେଲ ମଧ - ଖାସ୍ ଇଂଲଣ୍ଡର ତିଆରି, **DAYTON**, ଦାମ ୩୮ଟଙ୍କା ।

ଲ' ଡିପାର୍ଟମେଣ୍ଟର ସେକ୍ରେଟାରି ଟୁ ଗଭର୍ଣ୍ଣମେଣ୍ଟ ଥାନ୍ତି 'ଦିଓଆନ ବାହାଦୁର' ସି.ଗୋବିନ୍ଦନ୍ ନାୟାର ଏବଂ ଆସିଷ୍ଟାଣ୍ଟ ସେକ୍ରେଟାରି ଟୁ ଗଭର୍ଣ୍ଣମେଣ୍ଟ 'ରାୟ ସାହେବ' ନରେଶଚନ୍ଦ୍ର ରାୟ । ହେଡ୍-ଆସିଷ୍ଟାଣ୍ଟ (ବଡ଼ବାବୁ) ଥାନ୍ତି ଶ୍ରୀ ମାଧବ

Digitized by srujanika@gmail.com

ନନ୍ଦ । ତାଙ୍କର ଗୋଟିଏ ଝିଅ - ବୋଧହୁଏ ମୀନାକ୍ଷୀ ନନ୍ଦ - ନୃତ୍ୟପଟୀଅସୀ ହୋଇ ଭବିଷ୍ୟତରେ ବିଶେଷ ନାମ କରିଥିଲା ।

ତେହିଁ ଆର ବର୍ଷ ୧୯୩୭ରେ ବ୍ରିଟିଶ୍ ପାର୍ଲାମେଣ୍ଟର 'ଗଭର୍ଣ୍ଣମେଣ୍ଟ ଅଭ୍ ଇଣ୍ଡିଆ ଆକ୍ଟ, ୧୯୩୫' ଅନୁଯାୟୀ ଭାରତକୁ ଏକପ୍ରକାର ସ୍ୱଶାସନ ଦିଆଗଲା । ସେଇ ଅନୁସାରେ ଭାରତର ପ୍ରଥମ ସାଧାରଣ ନିର୍ବାଚନ ହୋଇ କେନ୍ଦ୍ର ଏବଂ ବିଭିନ୍ନ ପ୍ରଦେଶରେ ସରକାରମାନ ପ୍ରତିଷ୍ଠିତ ହେଲେ । କିନ୍ତୁ କେନ୍ଦ୍ରରେ ଇଂରାଜ ଗଭର୍ଣରେ-ଜେନେରାଲ ଏବଂ ପ୍ରଦେଶମାନଙ୍କରେ ଇଂରେଜ ଗଭର୍ଣ୍ଣରମାନେ ରହିଲେ । ଓଡ଼ିଶାର ଗଭର୍ଣ୍ଣର ହେଲେ **Sir John Austen Hubback** । କେନ୍ଦ୍ରରେ ପାର୍ଲାମେଣ୍ଟ ବା ସଂସଦ୍ ଏବଂ ପ୍ରଦେଶମାନଙ୍କରେ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ବା ବିଧାନସଭା ପ୍ରତିଷ୍ଠିତ ହେଲା । ମନେ ପଡ଼େ କି ଉଦ୍ଦୀପନା ସହିତ ଆମେ ସେହି ପ୍ରଥମଥର ପାଇଁ ଭୋଟ କଣ ଜାଣିଲୁ ଓ ଭୋଟ ଦେଲୁ । ଓଡ଼ିଶାରେ ବହୁସଂଖ୍ୟାରେ ଭୋଟ ପାଇ ବିପୁଳ ସଂଖ୍ୟାଗରିଷ୍ଠତା ନେଇ କଂଗ୍ରେସ ଦଳ ସରକାର ଗଠନ କଲା ।

ଏଇଠି ମୋର ଗୋଟିଏ ଲଜ୍ଜାକର ସ୍ୱୀକାରୋକ୍ତି କରିବାର ଅଛି । ନିର୍ବାଚନରେ କଂଗ୍ରେସ ତରଫରୁ ସ୍ୱନାମଖ୍ୟାତା ସରଳା ଦେବୀ (କଂଗ୍ରେସ-ସଦସ୍ୟ ଶ୍ରୀ ଭାଗୀରଥି ମହାପାତ୍ରଙ୍କ ସ୍ତ୍ରୀ) ଠିଆ ହୋଇଥିଲେ । ଏଣେ ସ୍ୱାଧୀନପ୍ରାର୍ଥୀ ଭାବରେ ଠିଆ ହୋଇଥିଲେ ଜଣେ ନାମଜାଦା ଓକିଲଙ୍କ ସ୍ତ୍ରୀ । ସେ ଭୋଟଦାତାମାନଙ୍କୁ ଦୁଇଟଙ୍କା ଲେଖାଏଁ ଦେଉଥିଲେ । ଆମେ କେଇଟା ଟୋକା ତାଙ୍କଠୁ ଟଙ୍କା ନେଇ ଅମ୍ଳାନ ବଦନରେ ସରଳା ଦେବୀଙ୍କୁ ଭୋଟ ଦେଇ ହସି ହସି ଘରକୁ ଫେରିଲୁ । (ସେ ଟଙ୍କା ଭିକାରିଙ୍କୁ ଦେଇଦେଲୁ) ।

ଓଡ଼ିଶାର ପ୍ରଥମ ବିଧାନସଭାର ସ୍ପୀକର ବା ବାଚସ୍ପତି ହେଲେ ବାଲେଶ୍ୱରର ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ ଏବଂ ଡେପୁଟି ସ୍ପୀକର ବା ଉପବାଚସ୍ପତି ବାଲେଶ୍ୱରର ଶ୍ରୀ ନନ୍ଦକିଶୋର ଦାସ । ନୂତନ ରାଜଧାନୀ ଭୁବନେଶ୍ୱରରେ ହବ ବୋଲି ସ୍ଥିର ହେଇଥାଏ, ତେଣୁ ଆପାତତଃ କେବଳ କଟକ ରେଭେନ୍‌ଶା' କଲେଜର 'ହଲ୍'ରେ ବିଧାନସଭା ବସିଲା । 'ହଲ୍'ର ଷ୍ଟେଜ୍ ବା ମଞ୍ଚ ଉପରେ ବସିଲେ ବାଚସ୍ପତି, ତଳେ

Digitized by srujanika@gmail.com

କଲେଜ କିମ୍ବା ୟୁନିଭାର୍ସିଟି ପରୀକ୍ଷା ପାଇଁ ଥିବା ଡେସ୍କଗୁଡ଼ିକୁ ସଜାଇ ବିଧାନସଭାର ୬୦ଜଣ ସଦସ୍ୟଙ୍କ ଲାଗି ଜାଗା କରା ଗଲା । ହଲ୍‌କୁ ଲାଗି ରୁମ୍ ଓ ବରଣ୍ଡା ପ୍ରଭୃତିରେ କାଠ ପାର୍ଟିଶନ୍ ଦେଇ ଆସେମ୍ବ୍ଲିର ଅଫିସ୍ ବସିଲା । ହଲରେ ଥିଏଟର ଆଦି ଦେଖିବା ପାଇଁ ଉପରେ ରେଲିଂଦିଆ ବରଣ୍ଡା ଥାଏ, ବିଧାନସଭା ଅଧିବେଶନ ଦେଖିବା ପାଇଁ ଆସିଥିବା ଦର୍ଶକମାନଙ୍କୁ ସେଇଠି ବସିବାକୁ ଦିଆଗଲା ।

ପ୍ରଥମ ଦିନ ଓଡ଼ିଶା ଗଭର୍ଣ୍ଣର ସାର୍ ଜନ୍ ଅଷ୍ଟିନ୍ ହବାକ୍ (Sir John Austen Hubback) ତାଙ୍କର ଉଦ୍‌ବୋଧନୀ ଭାଷଣ ଦେଲେ । ଭାଷଣଟି ଆଗରୁ ଛାପା ହେଇ ଏମ୍.ଏଲ୍.ଏ. (ବିଧାନସଭାର ସଦସ୍ୟ)ମାନଙ୍କୁ ବଣ୍ଟା ହେଇଥାଏ, ଅଫିସକୁ ମଧ ଦିଆ ହେଇଥାଏ । ସାର୍ ଜନ୍ କିନ୍ତୁ ତାକୁ ହାତରେ ଧରି ପଢ଼ି ନଥିଲେ, ସେ ସମୁଦାୟ ଭାଷଣଟି ମୁଖସ୍ତ କହିଗଲେ, ଅବଶ୍ୟ ଠିକ୍ ବକ୍ତୃତା ଢଙ୍ଗରେ ।

ତାଙ୍କ ଭାଷଣରୁ ମୁଁ **cock-and-bull stories** ବୋଲି ଶବ୍ଦବନ୍ଧଟି ଶିଖିଲି । କିନ୍ତୁ ସଭାର କାର୍ଯ୍ୟ ବିବରଣୀ ବହି ଆକାରରେ ଛାପା ହେବା ପାଇଁ ତାଙ୍କ ଭାଷଣର 'ପ୍ରୁଫ୍'ଯେତେବେଳେ ତାଙ୍କୁ ପଠାଗଲା, ଫେରି ଆସିଲା ବେଳକୁ ଦେଖିଲି ସେ ତାକୁ ସଂଶୋଧନ କରି, କିନ୍ତୁ ଅର୍ଥକୁ ଅପରିବର୍ତ୍ତିତ ରଖି ଲେଖି ଦେଇଛନ୍ତି : **apocryphal stories** । ବୁଝିଲି ତାଙ୍କ ଭାଷଣର କିଞ୍ଚିତ୍ ଗମ୍ଭୀର, ଆନୁଷ୍ଠାନିକ ଶୈଳୀ ସହିତ 'କକ୍-ଏଣ୍ଡ-ବୁଲ୍' କଥାଟା ଖାପ ଖାଉନଥିଲା ବୋଲି ତାକୁ ବଦଳାଇ ଦେଲେ ।

ବୋଧହୁଏ ତେହିଁ ଆର ଦିନ ଅଧିବେଶନ ଆରମ୍ଭ ହେବାବେଳେ ବାଚସ୍ପତି ମୁକୁନ୍ଦବାବୁ ଇଚ୍ଛା ପ୍ରକାଶ କଲେ ଯେ ଆଗେ 'ବନ୍ଦେ ମାତରମ୍' ଗାନ ହେଉ । ତାହାହିଁ ହେଲା । ଗଭର୍ଣ୍ଣର ଅର୍ଡର ଦେଲେ ଏ ଗୀତର ଆକ୍ଷରିକ ଅର୍ଥ ତାଙ୍କୁ ଜଣାଇବା ପାଇଁ । ରାୟ ସାହେବ ନରେଶ ରାୟ ମୋତେ ଡକାଇ ପଚାରିଲେ ଏ ଗୀତର ଇଂରାଜୀ ଅନୁବାଦ କରିପାରିବ କି ନାହିଁ । ପାରିବି ବୋଲି କହିଲି । ମୋର ଅନୁବାଦ ବୋଧହୁଏ ତାଙ୍କ ମନକୁ ପାଇଲା, ଗମ୍ଭୀରଭାବରେ କହିଲେ, 'ତୁମି ନିଜେ କରେଛୋ ?' ମୁଁ ହଁ ଭରିଲି । ମୋ ଉତ୍ତରରେ ସନ୍ତୁଷ୍ଟ ହେଲେ । ଦୁଃଖର କଥା ମୋର

Digitized by srujanika@gmail.com

ସେ ଅନୁବାଦର କପି ମୁଁ ରଖିନାହିଁ । ଆତ୍ମଗରିମାକୁ ସବଳେ ଦମନ କରିବାକୁ ହବ ଏମିତି ଗୋଟାଏ ମିଥ୍ୟା ଆଦର୍ଶ ମୋର ଥିଲା ସେତେବେଳେ । ନାନାଲୋକେ ନାନାଭାବରେ ଏ ଗୀତର ଇଂରାଜୀ ଅନୁବାଦ କରିଥିଲେ । ତା ଭିତରେ ଜଣେ **W.H.Lee, I.C.S.,** ଏବଂ ଜଣେ ସ୍ୱୟଂ ଶ୍ରୀଅରବିନ୍ଦ । ଉର୍ଦ୍ଦୁରେ ମଧ ଅନୁବାଦ ହେଇଥିଲା, ଅନୁବାଦକ ସିମାବ୍ ଆକବରାବାଦି ।

♦♦♦

(୭)

ଚାକିରୀର ବକ୍ର ଗତି

ଆସେମ୍ବ୍ଲି ଅଫିସ୍ ଆପାତତଃ ଅଲଗା ଡିପାର୍ଟମେଣ୍ଟ ନହୋଇ ଲ'ଡିପାର୍ଟମେଣ୍ଟର ଗୋଟିଏ ଅଂଶ ହୋଇ ରହିଲା, ଆସେମ୍ବ୍ଲି ସେକ୍ଶନ୍ ନାମରେ । ଆସିଷ୍ଟାଣ୍ଟ ସେକ୍ରେଟାରୀ ରାୟ ସାହେବ ନରେଶ ରାୟ 'ବନ୍ଦେ ମାତରମ୍' ଅନୁବାଦ ଲାଗି ମୋ ଉପରେ ଖୁସି ଥିଲେ, ଆଉ କେତେଜଣଙ୍କ ସହିତ ମୋତେ ବି ସେଇ ଆସେମ୍ବ୍ଲି ସେକ୍ଶନ୍‌ରେ ରଖାଇ ଦେଲେ । ଭାବିଥିବେ ଯେ ମୁଁ ପ୍ରଥମରୁ ସେଇଠି ରହିଲେ ସେ ଅଫିସ୍ ବା ଡିପାର୍ଟମେଣ୍ଟରେ ମୋର ସିନିଅରିଟି ସୁରକ୍ଷିତ ରହିବ । କିଛିଦିନ ପରେ ସେ ଅଫିସ୍ ସ୍ୱତନ୍ତ୍ର ଡିପାର୍ଟମେଣ୍ଟ ଅବଶ୍ୟ ହେଲା, କିନ୍ତୁ ସେକ୍ରେଟାରିଏଟ୍ ଡିପାର୍ଟମେଣ୍ଟ ହେଲାନାହିଁ । ଡିରେକ୍ଟର ଅଭ୍ ଏଗ୍ରିକଲ୍‌ଚର, ରେଜିଷ୍ଟ୍ରାର ଅଭ୍ କୋଅପାରେଟିଭ୍ ସୋସାଏଟିଜ୍ ପ୍ରଭୃତି ଗୋଟିଏ ଗୋଟିଏ ହେଡ୍ ଅଭ୍ ଡିପାର୍ଟମେଣ୍ଟଙ୍କର ଅଫିସ୍ ପରି ଇଏ ଗୋଟାଏ ସ୍ୱତନ୍ତ୍ର ଅଫିସ୍ ହେଲା । ଫଳରେ ଏହାର ଆସିଷ୍ଟାଣ୍ଟମାନଙ୍କର ଦରମା ହାର ସେକ୍ରେଟାରିଏଟ୍ ଅପେକ୍ଷା କମ୍ ହେଲା । ସେତେବେଳକୁ ମୋର ହିତୈଷୀ ରାୟ ସାହେବ ରିଟାୟାର କରି ଚାଲି ଯାଇଥାନ୍ତି । କଅଣ କରିବି ଜାଣି ପାରିଲି ନାହିଁ । ଚାକିରୀ ସଂକ୍ରାନ୍ତରେ ମୋତେ ସୁପରାମର୍ଶ

Digitized by srujanika@gmail.com

ଦେଲାଭଳି ମୋର କେହି ନଥିଲେ । ତେଣୁ ଆସେମ୍ବ୍ଲି ଅଫିସ୍‌ରେ ସେମିତି ରହିଗଲି । ମୋ ମୁଣ୍ଡରେ ପଶିଲା ନାହିଁ ଯେ ମୁଁ ଚାକିରୀରେ ମୋର ସେପର୍ଯ୍ୟନ୍ତ କନ୍‌ଫାର୍ମେଶନ୍ ହୋଇନଥିଲେ ବି ଯେହେତୁ ମୋର ପ୍ରଥମ ନିଯୁକ୍ତି ଥିଲା ସେକ୍ରେଟାରିଏଟ୍‌ରେ ସେଇ ହେତୁ ମୁଁ ସେଇଠି ରହିବା ପାଇଁ ଏକପ୍ରକାର ହକ୍‌ଦାର । କିନ୍ତୁ ସେତେବେଳକୁ ମୋର ଏସବୁ ଜ୍ଞାନ ନଥାଏ ।

କେତେକ ବର୍ଷ ପରେ ସେକ୍ରେଟାରୀ ଦିଓଆନ ବାହାଦୁର ନାୟାର ମଧ ରିଟାୟାର୍ କରି ଚାଲି ଗଲେ । ତାଙ୍କ ସ୍ଥାନରେ ଆସିଲେ ଜଣେ ଓକିଲ, ଆସେମ୍ବ୍ଲି ସେକ୍ରେଟାରୀ ହୋଇ । ଇଆ ଭିତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସେତେବେଳକୁ ପ୍ରାୟ ଶେଷ ପର୍ଯ୍ୟାୟକୁ ପହଞ୍ଚିଥାଏ । ସେକ୍ରେଟାରିଏଟ୍ ସମ୍ବଲପୁର ପଳାଇ ଯାଇ ଏବେ ଫେରି ଆସିଥାଏ ମଧ । ଜାପାନୀ ବୋମା କଲିକତାରେ ଓ ଓଡ଼ିଶା ଉପକୂଳରେ ହରିଶପୁର ପାଖରେ ଗୋଟିଏ ଜାହାଜ ଉପରେ ପଡ଼ିଥାଏ । ସେ ଜାହାଜର ଅନେକଗୁଡ଼ିଏ ପୂର୍ବବଙ୍ଗ ଚଟ୍ଟଗ୍ରାମ ଅଞ୍ଚଳର ମୁସଲମାନ ଖଲାସୀ ଆହତ ହୋଇ ରେଭେନ୍‌ଶା କଲେଜ ହଷ୍ଟେଲରେ ଆସି ରହିଥାନ୍ତି । କଟକ ଆଦି ଅନେକ ସହରରେ ନିଷ୍ପ୍ରଦୀପ ବା 'ବ୍ଲାକଆଉଟ୍' ଚାଲିଥାଏ, ମୋଟର ଆଲୁଅ ସବୁ ଉପର ଅଧାତକ କଳା ରଙ୍ଗ କରାଇ ଯେପରି ଅଧା ଓଢ଼ଣା ଟାଣି ଯିବାଆସିବା କରୁଥାନ୍ତି । ସ୍ଥାନେସ୍ଥାନେ **air-raid shelter** ଗଜୁରି ଉଠିଥାଏ । ଇଂରାଜ ରାଜପୁରୁଷମାନେ କେତେକ ତାଙ୍କର 'ହୋମ୍'କୁ ଚାଲି ଯାଇଥାନ୍ତି ।

ନୂତନ ହୋଇ ଆସିଥିବା ଆସେମ୍ବ୍ଲି ସେକ୍ରେଟାରୀ ସହିତ ମୋର କାହିଁକି ନିତାନ୍ତ ଅପଡ଼ ହେବାକୁ ଲାଗିଲା । ତାଙ୍କଠାରେ ମୋର କୌଣସି ଶ୍ରଦ୍ଧାଭକ୍ତି ହେଲାନାହିଁ । ତାଙ୍କ ଅଫିସ୍ ରୁମ୍‌କୁ ଯିବାକୁ ବାଟ ଥାଏ କେବଳ ଆମମାନଙ୍କ ଅଫିସ୍ ଭିତର ଦେଇ । ସେ ତାଙ୍କ ରୁମ୍‌କୁ ଗଲାବେଳେ ସମସ୍ତେ ଛିଡ଼ା ହୁଅନ୍ତି, ମୁଁ ବସି ରହେ । ସେ ମୋତେ ଡକାଇ ଏହା ପାଇଁ ଭର୍ତ୍ସନା କଲେ । ମୁଁ ମୋର ସୀଟ୍‌କୁ ଫେରିବା ବାଟରେ ଆତ୍ମଗତ ଭାବରେ କହିଲି, 'ରେସ୍‌ପେକ୍ଟ ଶୁଡ୍ ବି କମାଣ୍ଡେଡ୍, ନଟ୍ ଡିମାଣ୍ଡେଡ୍ ।' ସେ ସମୟରେ *ସତ୍ୟ ସମାଚାର* ବୋଲି ଗୋଟାଏ ସଂବାଦପତ୍ର ବାହାରୁ

Digitized by srujanika@gmail.com

ଥାଏ । କ୍ଷମତାସୀନ ଯେ ଯେଉଁଠି ଥାନ୍ତି ସେମାନଙ୍କର କାହାରି କୌଣସି ଭୁଲଭ୍ରାନ୍ତି ଦେଖିଲେ ସେ ପତ୍ରିକା ତାର ସମାଲୋଚନା କରୁଥିଲା । ମୋର ସେଇ ଟିକି ମନ୍ତବ୍ୟଟି ପୁଣି ସେଥିରେ ବାହାରି ଗଲା । ଏଥିପାଇଁ ନୂତନ ସେକ୍ରେଟାରୀ ମୋ ଉପରେ ଆହୁରି ବିରକ୍ତ ହେଇଗଲେ । ତେଣୁ ସେତେବେଳକୁ ମୁଁ ବିଶେଷ ଚେଷ୍ଟା କରି ୧୯୪୪ରେ ସେକ୍ରେଟାରିଏଟ୍‌କୁ ଫେରି ଆସିଲି । ଏଇଟା ମୋର କରିବା ଉଚିତ ଥିଲା ୫/୬ବର୍ଷ ପୂର୍ବରୁ, ଯେତେବେଳେ ପ୍ରଥମ କରି ଆସେମ୍ବ୍ଲି ଅଫିସ୍ ସେକ୍ରେଟାରିଏଟ୍‌ରୁ ଅଲଗା ହୋଇ ଯାଇଥିଲା । ମୋଟ ଉପରେ ପ୍ରାୟ ସାତ ବର୍ଷ ପରେ ମୁଁ ସେକ୍ରେଟାରିଏଟ୍‌କୁ ଫେରିଲି । କିନ୍ତୁ ଲ'ଡିପାର୍ଟମେଣ୍ଟର ସେଇ ମୋର ପୁରାତନ ପଦ ବା ପୋଷ୍ଟରେ ମୋ ନିଯୁକ୍ତି ଅସ୍ଥାୟୀ ହୋଇଥିବାରୁ ସେ ପୋଷ୍ଟ ଉପରେ ମୋର କୌଣସି ଦାବି (lien) ରହି ନଥିଲା, କୌଣସିମତେ ସେକ୍ରେଟାରିଏଟ୍‌ର ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟରେ ମୋତେ ସ୍ଥାନ ମିଳିଲା । ସେଠି ଯେଉଁମାନେ ଥିଲେ ସେମାନେ ଏ ସାତବର୍ଷ ସେଠି କାମକରି ମୋ ଅପେକ୍ଷା ଢେର ସିନିଅର ହୋଇ ଯାଇଥାନ୍ତି । ଯଦିଓ ରିକ୍ରୁଟ୍‌ମେଣ୍ଟ ପରୀକ୍ଷାରେ ସେମାନେ ମୋଠାରୁ ଅନେକ ତଳେ ଥିଲେ । ଚାକିରୀ ଶେଷରେ ସେମାନେ କେହି ଜଏଣ୍ଟ ସେକ୍ରେଟାରୀ କେହି ଆଡିଶନାଲ୍ ସେକ୍ରେଟାରୀ ପଦବୀରୁ ରିଟାୟାର କଲେ । ସେ ସ୍ଥଳେ ମୁଁ ମାତ୍ର ଜଣେ ପ୍ରାଇଭେଟ୍ ସେକ୍ରେଟାରୀ ଟୁ ମିନିଷ୍ଟାର ହୋଇ ରିଟାୟାର କଲି, ଯାହାର ପାହ୍ୟା ଥିଲା କେବଳ ଅଣ୍ଡର-ସେକ୍ରେଟାରୀ ଟୁ ଗଭର୍ଣ୍ଣମେଣ୍ଟ ।

ଏବଂ, ଅଦୃଷ୍ଟର ଅନ୍ୟତମ ପରିହାସ, ଆସେମ୍ବ୍ଲିରୁ ମୁଁ ଚାଲି ଆସିବା ପରେ, ଅବଶ୍ୟ ଅନେକ ପରେ, ସେଠାର ଦରମା ହାର ସେକ୍ରେଟାରୀଏଟ୍ ସହିତ ସମାନ କରି ଦିଆ ହୋଇଥିଲା ! ଏହା ଯଥେଷ୍ଟ ସମ୍ଭବ ଯେ ମୁଁ ସେଠି ରହିଥିଲେ ମୁଁ ଲ' ଡିଗ୍ରୀ ଅଭାବରୁ ସେକ୍ରେଟାରୀ ହୋଇ ନପାରିଲେ ମଧ ଡେପୁଟି ସେକ୍ରେଟାରୀ ହୋଇ ଅବସର ଗ୍ରହଣ କରି ପାରିଥାନ୍ତି ।

ତଥାପି ମୁଁ ମାନିବାକୁ ବାଧ ଯେ ଆସେମ୍ବ୍ଲିରେ ମୋର ରହଣି ମୋତେ ଏମିତି କିଛି କିଛି ଦେଇଛି ଯାହା ମୋ ଜୀବନ ଉପରେ ସ୍ଥାୟୀ ସୁପ୍ରଭାବ ପକାଇଛି ।

Digitized by srujanika@gmail.com

ତା'ର ପ୍ରଥମଟି - ଏବଂ ବୋଧହୁଏ ପ୍ରଧାନ- ହେଲା 'ସୂର୍ଯ୍ୟନମସ୍କାର' ! ବୋଧହୁଏ ଏହାରି କଲ୍ୟାଣରୁ ଆଜି ମୋର ନବେ-ଏକାନବେ ବୟସରେ ମୋ ଦେହରେ କଉଠି କିଛି ବଥା ବା ଦରଜ ନାହିଁ । ହାତ-ଗୋଡ଼ ବି ସଚଳ ଅଛି । ଏକମାତ୍ର ଅସୁବିଧା ଭାରସାମ୍ୟ ହରେଇବା, ଯେଉଁଥି ପାଇଁ ମୁଁ ଗୋଟାଏ ଗୋଡ଼ରେ ଏକ ସେକେଣ୍ଡ୍ ବି ଛିଡ଼ା ହେଇ ପାରେନା ଏବଂ ଚାଲିଲା ବେଳେ ଚଟ୍ କିନା ପାଖି ନେଉଟି ପାରେ ନା । ତେବେ ସେଇଟା ପ୍ରାୟ ପଚାଶ ବର୍ଷ ପୂର୍ବେ ମୋର ଡାହାଣପଟ କାନର ଅନ୍ତଃକର୍ଣ୍ଣରେ କୌଣସି ପ୍ରକାର ବିଶେଷ ସଂକ୍ରମଣ ଲାଗି ବା ଆଉ କୌଣସି କାରଣରୁ ଆରମ୍ଭ ହେଇଥିଲା ଯାହାପାଇଁ ଜଣେ ଡାକ୍ତର ମୋତେ ଆଣ୍ଟିବାୟୋଟିକ୍ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ମୋର ଏକ ଆଶ୍ଚର୍ଯ୍ୟ ମୂର୍ଖାମି ଯୋଗେ ମୁଁ ନିଶ୍ଚେଷ୍ଟ ରହିଥିଲି ! ଭାବିଲି ଇଏ ବୁଢ଼ା ହେବାର ଫଳ, ଔଷଧ ଖାଇବା ବୃଥା । ଏବେ ତାର ଫଳଭୋଗ କରୁଛି । ସୂର୍ଯ୍ୟନମସ୍କାର ଏକ ପ୍ରକାର ଯୋଗ ବ୍ୟାୟାମ, ସାରାଦିନ ଓ ରାତି ମଧ୍ୟରେ ମାତ୍ର ଦଶ କି ପନ୍ଦର ମିନିଟ୍ ଖଣ୍ଡେ ଏଥିରେ ଖର୍ଚ୍ଚକଲେ ଯଥେଷ୍ଟ ! ଆମର ପୂର୍ବପୁରୁଷମାନଙ୍କର ଅଦ୍ଭୁତ ଆବିଷ୍କାର । ଆସେମ୍ବ୍ଲି-ଲାଇବ୍ରେରି ପାଇଁ ପ୍ରଥମ କରି ବହିପତ୍ର କିଣିବା ବା ସଂଗ୍ରହ କରିବା ଏବଂ ତାର ତତ୍ତ୍ୱାବଧାନ କରିବା ଭାର ମୋ ଭଳିଆ ଜଣେ ସାମାନ୍ୟ ଲୋଅର୍ ଡିଭିଶନ୍ ଆସିଷ୍ଟାଣ୍ଟ ଉପରେ ନ୍ୟସ୍ତ ହୋଇଥିଲା ଦିଓଆନ ବାହାଦୁରଙ୍କ ସମୟରୁ । ତାହାରି ଫଳରେ ସୂର୍ଯ୍ୟନମସ୍କାର ବିଷୟକ ଖଣ୍ଡେ ବହି *The Ten-Point Way to Health* ମୋ ହାବୁଡ଼ରେ ପଡ଼ିଥିଲା । ସେତେବେଳେ ମୋତେ ପଚିଶ ବର୍ଷ ବୟସ । *Orient Longman* ରେ ଏବେ ମଧ ସୂର୍ଯ୍ୟନମସ୍କାର ର ଇଂରାଜୀ ବହି ମିଳେ, ପ୍ରତ୍ୟେକ ବାଳକ-ବାଳିକା ଏହାକୁ ଅଭ୍ୟାସ କରିବା ଉଚିତ ।

ଏହି ଲାଇବ୍ରେରୀ କାର୍ଯ୍ୟରେ ଥାଇ ଆଉ ଗୋଟିଏ ବହିକୁ ହାବୁଡ଼ିଲି, ବା ମୁଁ ସେ ବହି ହାବୁଡ଼ରେ ପଡ଼ିଲି । ତା ନାଁ *The Obsessions and Convictions of the Human Intellect*, ଲେଖକ F. W. Westaway ବୋଲି ଇଂଲଣ୍ଡର କୌଣସି ସ୍କୁଲର ହେଡ୍‌ମାଷ୍ଟର । ସେ ପୁସ୍ତକ କହିବାକୁ ଗଲେ ମୋତେ ଏକବାର ବଦଳାଇ ଦେଲା ! ସାଧାରଣତଃ ସମସ୍ତଙ୍କ ଭଳି ମୋର ବି ଯେଉଁସବୁ 'ଅହେତୁକ'

Digitized by srujanika@gmail.com

(ହେତୁ ବା ଯୁକ୍ତି ନ ଥାଇ, ଅଯୌକ୍ତିକ) ବିଶ୍ୱାସ ଥିଲା - ଯେପରିକି ଆଷ୍ଟ୍ରଲଜି ବା ଫଳିତ ଜ୍ୟୋତିଷରେ ବିଶ୍ୱାସ - ତାହା ରୀତିମତ ଟଳିଗଲା । ତଥାପି ଏହାପରେ ବି ମୁଁ ହସ୍ତରେଖା ବିଚାର ଏବଂ ଜାତକ ବା କୋଷ୍ଠୀ ତିଆରି କରିବା ଶିଖିଥିଲି, ଏବଂ ଆହୁରି ପରେ ପୁଅଙ୍କର ଏପରିକି ମୋର ନାତି ନାତୁଣୀଙ୍କ ମଧ ଜାତକ ନିଜେ ତିଆରି କରିଥିଲି । କିନ୍ତୁ ସେ ବହିରେ ପଢ଼ିଥିବା ତାର ପ୍ରଥମ ପୃଷ୍ଠାର ପ୍ରଥମ ବାକ୍ୟ **'Astrology is the illegitimate child of astronomy'** ମୋ ମନରେ ସଦା ଜାଗରୂକ ଥିଲା ଏବଂ ଅବଶେଷରେ ମୁଁ ଏସବୁରେ ଆଉ ବିଶ୍ୱାସ କରୁନଥିଲି । ଏପରି କି ଭଗବାନ୍ ବିଷୟରେ ମଧ ମୋ ମନରେ ସନ୍ଦେହ ଉପସ୍ଥିତ ହେଲା - ଯଦିଓ ବ୍ରାହ୍ମ ପରିବାରର ପିଲା ହୋଇ ମୁଁ ନିପଟ ଭଗବଦ୍‌ବିଶ୍ୱାସୀ ଥିଲି । ପରେ ପୁଣି ସାଧାରଣ ଲୋକଙ୍କ ପାଇଁ ଲେଖା ହୋଇଥିବା ବିଜ୍ଞାନବିଦ୍ ପଣ୍ଡିତମାନଙ୍କ କେତେକ ବହି ପଢ଼ିବା ଫଳରେ କ୍ରମେ ଏକ ପରମ କାରୁଣିକ ଈଶ୍ୱର, ପାପ ପାଇଁ ଶାସ୍ତି, ପୁଣ୍ୟ ପାଇଁ ପୁରସ୍କାର ପ୍ରଭୃତି ଧାରଣା ସମସ୍ତ କେମିତି ବାଳୋପଯୋଗୀ ବୋଲି ମନେ ହେବାକୁ ଲାଗିଲା । କେବଳ ଏକ ଅଚିନ୍ତନୀୟ, ମନୁଷ୍ୟର କଳ୍ପନାଶକ୍ତିର ଅତୀତ ମହାଶକ୍ତିର ଧାରଣା ମୋତେ ଅଭିଭୂତ କଲା । କିନ୍ତୁ ସେ ଶକ୍ତି ଯେତେ ବଡ଼ ବା ଧାରଣାତୀତ ହେଉ ନା କାହିଁକି ମୋର ମନେ ହେଲା ସେ ଶକ୍ତି ଅନ୍ଧ, ତାର କୌଣସି ଉଦ୍ଦେଶ୍ୟ ନାହିଁ । ଅବଶ୍ୟ ଏହା ବି ଖୁବ ସମ୍ଭବ ଯେ ସେ ଶକ୍ତି ଯେଉଁପରି ସମ୍ପୂର୍ଣ୍ଣ କଳ୍ପନାତୀତ ତାର ଉଦ୍ଦେଶ୍ୟ (ଯଦି ଥାଏ) ମଧ ସେହିପରି ଆମର କଳ୍ପନାତୀତ । ମୋଟ ଉପରେ ମୋର ନିଶ୍ଚିତ ମନେ ହେଲା ଯେ ଭଗବାନ ବା ଠାକୁରଙ୍କ ପାଖରେ ଆମେ ଯେ ପ୍ରାର୍ଥନା କରୁ ସେ ଶକ୍ତି ପାଖରେ କିଛି ପ୍ରାର୍ଥନା କରିବା ଅର୍ଥହୀନ । ଆଉ ମଧ ମନେହେଲା ଯେ ବୋଧହୁଏ ଏଇ ଶକ୍ତି ହିଁ ବ୍ରହ୍ମନ୍ (ବା ବ୍ରହ୍ମ) । ଅବଶ୍ୟ ଏହା ଶଙ୍କରାଚାର୍ଯ୍ୟଙ୍କର (୭୮୮-୮୨୦) ଅଦ୍ୱୈତବାଦର ବ୍ରହ୍ମ କି ନା ତା କହି ପାରିବି ନାହିଁ । ମୋଟ ଉପରେ କ୍ରମେ କ୍ରମେ ମନେ ହେଲା ବୋଧହୁଏ ଆଜିର ଏଇ **astrophysicist** ବା ନଭୋବସ୍ତୁବିଦ୍ ବିଜ୍ଞାନୀମାନେ - ଯେଉଁମାନେ ଏଇ ଅକଳ୍ପନୀୟ ବିଶାଳ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଓ ସ୍ଥିତି ନେଇ ଚିନ୍ତା ଓ ଆଲୋଚନା କରନ୍ତି, ସେଇମାନେ ହିଁ ବ୍ରହ୍ମର ଧାରଣାର କିଞ୍ଚିତ୍ ମାତ୍ର ନିକଟକୁ ଆସି ପାରିଥିବେ । ବିରାଟ

Digitized by srujanika@gmail.com

ପାଖୋପାଖି ପୁଣି କ୍ଷୁଦ୍ରାତିକ୍ଷୁଦ୍ର ଏଇ ମାନବ ତଥା ଜନ୍ତୁ ଓ କୀଟ ଦେହର ଜୀବକୋଷକୁ ଚିନ୍ତା କଲେ ସେହିପରି ବିସ୍ମୟ ଆମକୁ ମନେ ପକାଇ ଦିଏ ପ୍ରାଚୀନଙ୍କ ବାଣୀ : 'ଜଗତ୍ ଚୈତନ୍ୟମୟ'।

ମାତ୍ର ଏହି ସବୁ ଚିନ୍ତା ପ୍ରତି ଆମର ଶ୍ରଦ୍ଧାଭକ୍ତି ଥିବା ସତ୍ତ୍ୱେ ସାଧାରଣ ଜୀବନଯାପନ ପାଇଁ, ଦୁଃଖ ଶୋକରେ ସାନ୍ତ୍ୱନା ପାଇବା ପାଇଁ ଆମର ସାଧାରଣଭାବରେ ବୁଝିଥିବା ସେଇ ଭଗବାନ୍ ବା ଈଶ୍ୱର ଲୋଡ଼ା ବୋଲି ଭାବୁକମାନେ ମତ ଦିଅନ୍ତି । ସେମାନଙ୍କ ମଧ୍ୟରେ ହଠାତ୍ ଯାହାଁଙ୍କର ନାମ ମନେପଡୁଛି ସେ ହେଲେ ଆଲ୍‌ବେର୍ଟ୍ ଶ୍ୱାଇତ୍ଜର (Albert Schweitzer, 1875-1965) ବୋଲି ଜଣେ ଜର୍ମାନ୍ ଭାବୁକ । ସେ ଫରାସୀ ଦେଶର କୌଣସି ଖ୍ରୀଷ୍ଟୀୟ ସାଧୁ ସଂପ୍ରଦାୟର ସଦସ୍ୟ ଥିଲେ । ଥରେ ସେ ଚିନ୍ତା କଲେ ଯେ ସାମ୍ରାଜ୍ୟବାଦୀ ଫରାସୀ, ଓଲନ୍ଦାଜ(ହଲାଣ୍ଡ ଦେଶୀୟ), ଇଂରାଜ ପ୍ରଭୃତି ଶ୍ୱେତାଙ୍ଗମାନେ ଆଫ୍ରିକା ମହାଦେଶରେ ନାନା ସ୍ଥାନରେ ଉପନିବେଶ ସ୍ଥାପନ କରିବା ଦ୍ୱାରା ସେଠାକାର ଏକାନ୍ତ ଅସହାୟ କୃଷ୍ଣାଙ୍ଗମାନଙ୍କ ଉପରେ ଯେଉଁ ଅନ୍ୟାୟ କରିଛନ୍ତି ତାର ଯଥାସମ୍ଭବ ପ୍ରାୟଶ୍ଚିତ୍ତ କରିବା ଉଚିତ, ତାହା ପାଇଁ ଆଉ କେହି କିଛି କରନ୍ତୁ ବା ନ କରନ୍ତୁ ସେ ନିଜେ ତାଙ୍କ ଦ୍ୱାରା ଯେତିକି ସମ୍ଭବ ତା' କରିବେ । ତାଙ୍କର ପାଠପଢ଼ା ବହୁ ଦିନରୁ ସରିଥାଏ, କିନ୍ତୁ ବର୍ତ୍ତମାନ ସେ ଆଉ ଥରେ ପାଠପଢ଼ି ଡାକ୍ତରି ପରୀକ୍ଷା ପାସ୍ କଲେ ଏବଂ ସେଇ ଖ୍ରୀଷ୍ଟୀୟ ସାଧୁ ସମ୍ପ୍ରଦାୟଙ୍କ ତରଫରୁ ଆଉ କେତେକ ସାଧୁଙ୍କୁ ଧରି ଆଫ୍ରିକାକୁ ଯାଇ ଗାବନ୍ ନାମକ ଏକ ଫରାସୀ ଶାସିତ ଦେଶରେ ଲୋମ୍ବାରିନ୍ (Lombarene) ବୋଲି ଗୋଟିଏ ଗାଁରେ ପୂରା ଦସ୍ତୁର Hospital ଖୋଲିଲେ ଏବଂ ସମ୍ପୂର୍ଣ୍ଣ ବିନା ମୂଲ୍ୟେ ଗାଆଁ ଲୋକଙ୍କ ଚିକିତ୍ସା କରିବାକୁ ଲାଗିଲେ । ସେତେବେଳକୁ ୧୯୧୩ ମସିହା । ସେ ପୁଣି ଥିଲେ ବଡ଼ ସଙ୍ଗୀତଜ୍ଞ, ହାରମନିଅମ୍-ଜାତୀୟ ଅର୍ଗାନ୍ ବାଜଣା ବଜାଇବାରେ ଦକ୍ଷ । Bach (ବାଖ୍) ନାମକ ବହୁ ପୂର୍ବର ଏକ ପ୍ରସିଦ୍ଧ ଜର୍ମାନ୍ ସୁରକାରଙ୍କ ରଚିତ ସଙ୍ଗୀତକୁ ଅର୍ଗାନ୍‌ରେ ବଜାଇ ଶ୍ୱେତାଙ୍ଗ ଉପନିବେଶମାନଙ୍କରେ ପ୍ରଭୂତ ଅର୍ଥ ଉପାର୍ଜନ କରୁଥିଲେ, ସେଇଥିରେ ସେ ହାସପାତାଲ ଚଳୁଥିଲା ! ୧୯୫୨ରେ ସେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ ।

Digitized by srujanika@gmail.com

ଧର୍ମ ବିଷୟରେ ତାଙ୍କ ଧାରଣା କହିବାକୁ ଗଲେ ଭଗବତ୍ ବିଶ୍ୱାସରୁ କ୍ରମଶଃ ଘୁଞ୍ଚିଯାଇ ଜୀବନ ଏକ ମହାନ୍ ବସ୍ତୁ ଏହି ପରି ଏକ ବିଶ୍ୱାସ ବା ଜୀବନ ପ୍ରତି ଏକ ଗଭୀର ସମ୍ଭ୍ରମବୋଧରେ ଆସି ରହିଥିଲା । ତଥାପି ସେ ମଧ କହିଥିଲେ ଯେ ସାଧାରଣ ଲୋକେ ସାଧାରଣ ଭାବରେ ବୁଝିଥିବା ସେଇ ଭଗବାନ୍ ପ୍ରତି ବିଶ୍ୱାସ ରଖିବା ଦରକାର ।

କହୁଥିଲି ଚାକିରି ଜୀବନ କଥା । ନୂତନ ହୋଇ ଆସିଥିବା ସେକ୍ରେଟାରିଙ୍କ ସହିତ ଅପଡ଼ ହେଲାରୁ ମୁଁ ଚେଷ୍ଟାକରି ଆସେମ୍ବ୍ଲି ଅଫିସ୍‌ରୁ ସେକ୍ରେଟାରିଏଟ୍‌କୁ ଫେରି ଆସିଲି ୭ବର୍ଷ ପରେ । ଫଳରେ ସେଠି ବହୁତ ଜୁନିୟର ହେଇଗଲି । ଯଦି ଆସିଲି ଅନେକ ଆଗରୁ ଆସିବା ଉଚିତ ଥିଲା, କିନ୍ତୁ ଚାକିରି ଜୀବନର ଅଭିଜ୍ଞତା ଥିବା ଏପରି କେହି ମୋତେ ଉପଦେଶ ଦେବାକୁ ନଥିଲେ ।

♦♦♦

(୮)

ଓମ୍

ବାବା ଟାଉନ୍ ଭିକ୍ଟୋରିଆ ସ୍କୁଲର ହେଡମାଷ୍ଟର ଥିଲା ବେଳେ ଭିଜାଗାପଟମ୍ (ଏବେ ମଧ୍ୟ ମୂଳ ବିଶାଖାପତ୍ତନମ୍‌ରୁ ଅଧା ଇଂରାଜୀ ଢଙ୍ଗରେ ବିଶାଖାପଟନମ୍) ଠାରୁ ଗୋଟିଏ ଦକ୍ଷିଣିଆ ଓଡ଼ିଆ ପରିବାର ଆସି କାଠଯୋଡ଼ି ନଈକୂଳେ ଆମ ବସାଘର 'ବିମଳ କୁଟୀର'କୁ ଲାଗି ଆମରି ପରି ଗୋଟିଏ ଭଡ଼ାଘରେ ରହିଲେ । ସେମାନଙ୍କ ସାଙ୍ଗିଆ ରାଓ । ତାଙ୍କ ସାନପୁଅ 'ଓମ୍' ନରସିଂହମ୍ ଅଥବା ନରସିଂହ ରାଓ ଓରଫ୍ 'ଓମ୍' ମୋର ବଡ଼ ସାଙ୍ଗ ହୋଇ ପଡ଼ିଲା । ମୋତେ ବୋଧହୁଏ ଆଠ କି ନଅ ବର୍ଷ ହୋଇଥାଏ, 'ଓମ୍'କୁ ଦଶ କି ଏଗାର । ଓମ୍ ଉପରେ ଆଉ ଦୁଇଭାଇ ଥିଲେ, ସବା ବଡ଼ ସୂର୍ଯ୍ୟନାରାୟଣ, ତାଙ୍କ ତଳେ ଭାସ୍କର । ଏମାନଙ୍କଠାରୁ ବୋଧହୁଏ ଆଉ

Digitized by srujanika@gmail.com

ଅଚ୍ଚ ବଡ଼ ତାଙ୍କ ମାମୁଁ ସତ୍ୟ ରାଓ ମଧ ସେମାନଙ୍କ ପାଖରେ ଥାଆନ୍ତି । ଓମ୍ ଛଡ଼ା ଏମାନେ ଆଉ ସମସ୍ତେ ଭିକ୍ଟୋରିଆ ସ୍କୁଲରେ ନାଁ ଲେଖାଇଲେ । ତେଣୁ ବାବାଙ୍କ ଛାତ୍ର ବୋଲି ସେମାନେ ମୋର 'ଦାଦା' (ବଡ଼ଭାଇ) ହୋଇଗଲେ, ମୁଁ ସେମାନଙ୍କୁ ମାମୁଁ - ଭଣଜା ନିର୍ବିଶେଷେ ସତ୍ୟରାଓଦା', ସୂର୍ଯ୍ୟନାରାୟଣଦା' ଇତ୍ୟାଦି ବୋଲି ଡାକିଲି । ଓମ୍‌ର ବାପା ଓ ମା ଓଡ଼ିଆ କହୁଥିଲେ ବି କହିବା ଢଙ୍ଗ, ବିଶେଷତଃ ବାପାଙ୍କର ଆଚାର ବ୍ୟବହାର ମୋତେ ଖୁବ୍ ଅନ୍ୟରକମର ଲାଗୁଥାଏ, ମୋର ସେହି ଛୁଆବେଳେ ମୁଁ ଜାଣି ନଥାଏ ଯେ ତାକୁଇ ଦକ୍ଷିଣିଆ ଢଙ୍ଗ କହନ୍ତି, ଏବଂ ସେମାନେ ଓଡ଼ିଆ ଶିକ୍ଷକରଣ । ଓମ୍‌ର ବାପା ମୋତେ ଗୋଟିଏ ଫାଉଣ୍ଟେନ୍ ପେନ୍ ଦେଇଥିଲେ ଯାହାର ନିବ୍‌ଟା ଥିଲା କାଚର ! ନିବ୍‌ର ଆକାର ମଧ ଭିନ୍ନ ପ୍ରକାରର ।

ଓମ୍‌ର ପ୍ରତ୍ୟେକ କଥାକୁ ମୁଁ କାହିଁକି ବେଦବାକ୍ୟ ମଣୁଥିଲି ! ଥରେ ସେ କହିଲା ବହୁତ ଦଉଡ଼ ଧାପଡ଼ା କରିବାପରେ ଅପେକ୍ଷା ନକରି ହଠାତ୍ ପାଣି ପିଇଲେ ଶରୀରର ନର୍ଭଯାକ ସବୁ ଟିକିଟିକି ହୋଇ ଛିଣ୍ଡିଯାଏ । ମୁଁ ତାକୁ ବି ବିଶ୍ୱାସ କଲି । ଓମ୍ କିନ୍ତୁ ମୋତେ ଥଟ୍ଟା କରିବାକୁ ଭଲ ପାଉଥିଲା । ମୁଁ ନେପୋଲିଅନ୍‌ଙ୍କ ଭକ୍ତ ଥିଲି ଏକଥା ଜାଣିବା ପରେ ଓମ୍ ନେପେଲେିଅନ୍ ନାଁରେ ଏଣୁତେଣୁ କଥା କହି ମୋତେ ଚିଡ଼ାଇବାକୁ ଲାଗିଲା । ମୁଁ ବି ଖୁବ୍ ଚିଡ଼ି ଯାଉଥାଏ, ପ୍ରାୟ କାନ୍ଦ କାନ୍ଦ ହୋଇଯାଏ ! କିନ୍ତୁ ଏହି ଗୋଟିଏ କଥାକୁ ଛାଡ଼ି ଦେଲେ ଓମ୍ ଶାନ୍ତ ଓ ପରିଚ୍ଛନ୍ନ ପ୍ରକୃତିର ଲୋକ ଥିଲା ।

ବର୍ଷାକାଳ ଛଡ଼ା ଅନ୍ୟ ସମୟରେ କାଠଯୋଡ଼ି ଏକ ଅଗଭୀର, କ୍ଷୀଣ ଧାର ମାତ୍ର ହୋଇ ବହୁଥାଏ, କ୍ୱଚିତ୍ କୋଉଠି ମୋ ମୁଣ୍ଡ ସମାନ ବା ପୁରୁଷେ ପାଣି ଥାଏ - ଅବଶ୍ୟ 'ବଡ଼ବୁରୁଜ' ପାଖର ଗଣ୍ଡ ଛଡ଼ା । ସତ୍ୟରାଓଦା' ଅଚ୍ଚ ପାଣିରେ ମୋତେ ପହଁରା ଶିଖାଇଲେ । ଅନେକ ଲୋକ ନଈରେ ଗାଧୋଇ ଯାଉଥିଲେ । ବେଳେବେଳେ ପରିଚିତ ଓ ସାଙ୍ଗ ଭଳିଆ କେତେଜଣ ମଧ ମିଶିଯାଇ ଆମେ ଦୁଇ ଦଳ ହୋଇ ଅଣ୍ଟାଏ ପାଣିରେ ଛିଡ଼ା ହେଇ ବିପକ୍ଷ ଦଳ ଲୋକଙ୍କ ଆଖିକୁ ଲକ୍ଷ୍ୟ କରି ସଜୋରେ ପାଣି ଛାଟିବା ଆମର ଏକ ଖେଳ ଥିଲା । ଆଖିକୁ ପାଣି ମାଡ଼ ସହି ନପାରି ଯେ ପଛକୁ ଫେରିବ ସେ କଟିଯିବ ଅର୍ଥାତ୍ ବାଦ୍ ପଡ଼ିଯିବ । ଯେଉଁ ଦଳର ସମସ୍ତେ

Digitized by srujanika@gmail.com

କଟିଯିବେ, ସେ ଦଳ ହାରିଲା । ମୁଁ ଏହାକୁ 'ଜଳଯୁଦ୍ଧ' କହୁଥିଲି । ଏଥିରେ ସତ୍ୟରାଓଦା'ଏକ ଦୁର୍ଦ୍ଧର୍ଷ ଯୋଦ୍ଧା ଥିଲେ । ଆଉ ଜଣେ ସେହିପରି ଥିଲେ, ସେ ଓଡ଼ିଶାର ବଙ୍ଗାଳୀ - କେଷ୍ଟଦା' ।

ସତ୍ୟରାଓଦା'ଙ୍କର ଗୋଟାଏ ସଉକ ଥିଲା ମୁଣ୍ଡ ବାଳକୁ ଅତି ପରିପାଟି କରି ଫିରେଇ କରିବା । ସାମନା ବାଳକୁ ଟିକେ ଲମ୍ବା ରଖୁଥିଲେ, ଆଉ ସେ ବାଳକୁ ଏମିତି ଭାବରେ ବିନ୍ୟାସ କରୁଥିଲେ ଯେ ମୁଣ୍ଡକୁ ଦୋହଲାଇ ବାଳକୁ ଏପଟ ସେପଟ କରିଦେଲେ ମଧ ତାହା ଆସି ଆଗର ସୁବିନ୍ୟସ୍ତ ଆକାର ନେଉଥିଲ ! ମୁଁ ଏହାର କେତେକ ସଫଳ ଅନୁକରଣ କରିଥିଲି । ସେ ମୋର ଆଦର୍ଶ ଥିଲେ ।

ଦିନେ କିଏ ଆସି କହିଲା ଗୋଟିଏ ନେଉଳ ଘର ଆଖପାଖରେ ବୁଲୁଛି । ଶୁଣିବା ମାତ୍ରକେ ସତ୍ୟରାଓଦା' ଯେମିତି ଏକାବେଳକେ ଉଦ୍ଦୀପ୍ତ ହୋଇ ଉଠିଲେ । ପରେ ସେ ନେଉଳଟିକୁ କେମିତି ଧରିଲେ ମୁଁ ଜାଣି ନାହିଁ, କିନ୍ତୁ ଦେଖିଲି ସେ ତା' ବେକରେ ଗୋଟାଏ ସରୁ ଦଉଡ଼ି ବାନ୍ଧି ଖେଳାଉଛନ୍ତି । ହଠାତ୍ ନେଉଳଟା କେମିତି ତାଙ୍କର ଗୋଟାଏ ଆଙ୍ଗୁଠିରେ ଦାନ୍ତ ଫୁଟେଇ ଦେଲା । ସତ୍ୟରାଓଦା' କିନ୍ତୁ ସେଥିରେ ତିଳେମାତ୍ର ବ୍ୟସ୍ତ ନହୋଇ ବୁଢ଼ା ଅଙ୍ଗୁଠିରେ ସେ ଆଙ୍ଗୁଠିକୁ ଚାପି ରଖି ଆର ହାତରେ ଦଉଡ଼ିଟିକୁ ଧରିଲେ । ପରେ କିନ୍ତୁ ସେଇ ଦିନ କି ତେହିଁ ଆରଦିନ ସେ ନେଉଳଟିକୁ ଛାଡ଼ି ଦେଇଥିଲେ । ବୋଧହୁଏ ନେଉଳକୁ ଧରି ତାକୁ ଯେ ସେ ଖେଳାଇ ପାରିଲେ ଏତିକିରେ ହିଁ ତାଙ୍କର ଯଥେଷ୍ଟ ସନ୍ତୋଷ ହେଉଥିଲା ।

ସେତେବେଳେ ତ ତମ୍ବାର ପଇସା ଥାଏ, ସେ ପଇସାର ୬୪ ପଇସାରେ ଏକ ଟଙ୍କା ହେଉଥିଲା । ଆଠ-ଅଣି ଥାଏ ରୂପାର । ସ୍କୁଲରୁ ପାସ୍ କରି ସତ୍ୟରାଓଦା' ରେଭେନ୍‌ଶ' କଲେଜରେ ପଢ଼ିଲେ । ଦିନେ ଗୋଟାଏ ଆଠ-ଅଣି ଆଣି ସମସ୍ତଙ୍କୁ ଦେଖାଇଲେ । କିନ୍ତୁ ତା' ଦେହରେ ଲେଖା ହୋଇଥାଏ One Pice । ସତ୍ୟରାଓଦା' କହିଲେ କଲେଜରେ ସେ ଗୋଟାଏ ପଇସାକୁ ପାରା ବା ପାରଦ ସହିତ amalgam (ଧାତୁ ସଂକର) କରି ସେ ନିଜେ ଏହାକୁ ବନେଇଛନ୍ତି ।

ଏହିପରି ଏକ ଅତିଶଯ ଜୀବନ୍ତ ବ୍ୟକ୍ତିତ୍ୱ ଦିନେ ହଠାତ୍ ଏକ କାଳ

Digitized by srujanika@gmail.com

ରୋଗର ଆକ୍ରମଣରେ ଏକବାର ମ୍ଳାନ ହୋଇଗଲା । ଅଳ୍ପ କେତୋଟି ଦିନ ମଧ୍ୟରେ ତାଙ୍କର ଜୀବନାବସାନ ହୋଇଗଲା । ଶୁଣିଲି ସେ ଭୀଷଣ ରୋଗର ନାମ **Black Water Fever** ।

ଏହି ପରିବାର ସାଙ୍ଗରେ ଆମର ସମ୍ପର୍କ ଏହିପରି ଘନିଷ୍ଠ ହୋଇ ଯାଇଥାଏ । ଆମ ଘରୁ ତାଙ୍କ ଘରକୁ ଯିବା ପାଇଁ ଭିତର ବାଟେ ଗୋଟାଏ ଦୁଆର ଥାଏ, ତେଣୁ ଓମ୍‌ର ମାଁଙ୍କ ସହିତ ମୋର ମା'ଙ୍କୁ ଗପସପ ହେବା ପାଇଁ ମଧ ବେଶ୍ ସୁବିଧା ହେଉଥାଏ । କିନ୍ତୁ କିଛିଦିନ - ବୋଧହୁଏ ଦୁଇ ତିନି ବର୍ଷ - ପରେ ସେମାନେ ଏ ଘର ଛାଡ଼ି ଦୂରକୁ, ସହର ଭିତରକୁ, ଆଉ ଗୋଟାଏ ଘରକୁ ଚାଲିଯିବା ଫଳରେ ସେ ଘନିଷ୍ଠତା ରହି ପାରିଲା ନାହିଁ । ଖାଲି ମନେ ପଡ଼େ ଥରେ ଦୋଳ ବେଳକୁ ଓମ୍ ସଙ୍ଗରେ ରଙ୍ଗ ଖେଳିବା ପାଇଁ ମୁଁ ଛୋଟ ବାଲଟିରେ ବାଲଟିଏ ରଙ୍ଗ ପାଣି ନେଇ ତାଙ୍କ ଘରକୁ ଯାଇଥିଲି ।

ସେମାନେ ଆମ ପଡ଼ିଶା ଥିଲା ବେଳେ ସେମାନେ ଆମକୁ ଗୋଟିଏ ସେଟ୍ କାଠର ନ୍ୟାୟବଳ ଗୋଟି ଓ ତାକୁ ନେଇ ଖେଳିବା ପାଇଁ ଗୋଟିଏ ଅଳ୍ପ ଉଞ୍ଚା ନ୍ୟାୟବଳ ପାଲି ଅଙ୍କା ରଙ୍ଗିନ କାଠ ଚଉକି ମଧ ଉପହାର ଦେଇଥିଲେ । ଗୋଟି ଗୁଡ଼ିକ ଏକ ପକ୍ଷର ନାଲି ଆଉ ପକ୍ଷର ବାଇଗଣି ରଙ୍ଗର, ଗୋଟିଏ ସୁନ୍ଦର ରଙ୍ଗ କରା କାଠ ଡିବାରେ ଗୋଟିଗୁଡ଼ିକ ରଖା ହୋଇଥିଲା । ସେତେବେଳେ ଏ ଭଳିଆ ଜିନିଷ ସବୁ କାଠରେ ତିଆରି ହେଉଥିଲା । ପ୍ଲାସ୍ଟିକ ବାହାରିଲା ଏହାର ବହୁ ବହୁ ବର୍ଷ ପରେ । ନ୍ୟାୟବଳକୁ ଆଜିକାଲି (ଇଂରାଜୀ) ଚେସ୍ (chess) କୁହା ଯାଉଛି । ବଙ୍ଗଳାରେ କହନ୍ତି 'ଦାବା' । ଦେଖିଲି ମୋର ବାବା-ମା ଦାବା ଖେଳି ଜାଣିଛନ୍ତି । ମୁଁ ବି ଶିଖିଲି, ବୋଧହୁଏ ସତ୍ୟରାଓଦା' ମୋତେ ଶିଖାଇଥିଲେ । କିନ୍ତୁ ଆଶ୍ଚର୍ଯ୍ୟ, ସେମାନେ ଏ ଖେଳକୁ କଣ କହୁଥିଲେ ମୋର ମୋଟେ ମନେ ନାହିଁ ।

ଓମ୍ ହେରିକା କ୍ରମେ ଘର ବଦଳି ଆହୁରି ଦୂରକୁ କେଉଁଆଡ଼େ ଚାଲି ଗଲେ ମୁଁ ସେ ବୟସରେ ଆଉ ଖିଆଲ ରଖି ପାରି ନାହିଁ । ସେତେବେଳେ କେହି ମୋର ନୂତନ ବନ୍ଧୁ ହେଇ ସାରିଥିବେ - ବୋଧହୁଏ 'ବୁଲୁ' (ମନମୋହନ ଚୌଧୁରୀ), ଯାହା କଥା 'ସ୍ମୃତିର ଗହଳି' ଅଧ୍ୟାୟରେ କହିଛି । ତେଣୁ ଓମ୍ କେବଳ ଦୂରକୁ ଚାଲିଗଲା

Digitized by srujanika@gmail.com

ନାହିଁ, ମୋ ଜୀବନରୁ ଯେପରି ଅପସରି ଗଲା ।

ତଥାପି ଅଭାବିତରୂପେ ଓମ୍ ସହିତ ପୁଣି ଦେଖା ହେଲା - ଭୁବନେଶ୍ୱରରେ । ସେ ବି ଏତେ ଦିନ ତଳର କଥା ଯେ ସ୍ପଷ୍ଟ ଭାବରେ ମନେ ପକାଇ ପାରୁ ନାହିଁ । ମୁଁ ସେତେବେଳେ ବୋଧହୁଏ ମୋ ଚାକିରୀର ମଧ୍ୟ ଗଗନରେ ଏବଂ ଜୀବନର ମଧ୍ୟ । ଅର୍ଥାତ୍ ଓଡ଼ିଶା ସେକ୍ରେଟାରିଏଟ୍‌ର ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟର ଏଗ୍ରିକଲଚର ସେକ୍‌ଶନର ହେଡ୍ ଆସିଷ୍ଟାଣ୍ଟ, ଘରେ ସ୍ତ୍ରୀ ପୁତ୍ରାଦିପରିବେଷ୍ଟିତ, ସରକାରୀ କ୍ୱାର୍ଟରରେ ଅଧିଷ୍ଠିତ । ଓମ୍ କଉଆଡୁ କେମିତି ଆସି ଭୁବନେଶ୍ୱରର *ସେଇଣ୍ଟ ଯୋସେଫ୍* ସ୍କୁଲରେ ଜଣେ କର୍ମଚାରୀ, ଏଣେ ଦୁଇଟି କନ୍ୟା ଓ ଦୁଇଟି ପୁତ୍ରଙ୍କୁ ଧରି ବିପତ୍ନୀକ । ଦେଖିଲି ତାର ପିଲାମାନେ ମୋ ସହିତ କଥା କହିବା ବେଳେ ପରିଷ୍କାର ବଙ୍ଗଳାରେ କଥା କହୁଛନ୍ତି । ଓମ୍ କହିଲା ସେ କଲିକତାରେ କୌଣସି ବଙ୍ଗାଳୀ ମହିଳାଙ୍କୁ ବିବାହ କରିଥିଲା ।

ଆଗରୁ ଜାଣିଥିଲି ଓମ୍‌ର ବାପାଙ୍କ ଧର୍ମ ପ୍ରତି ଏକ ବିଶେଷ ଆକର୍ଷଣ ଓ ସଂସାର ପ୍ରତି ଏକ ପ୍ରକାର ଔଦାସୀନ୍ୟ ଥିଲା । କେଉଁଠି କେମିତି ଶୁଣିଥିଲି ମଧ୍ୟ - ବୋଧହୁଏ ମୋ ବାବା କାହାଠୁ ଶୁଣି ଆସି ଘରେ କହିଥିବେ - ଯେ ଶେଷ ଜୀବନରେ ସେ ଓ ତାଙ୍କ ସ୍ତ୍ରୀ- ଓମ୍‌ର ମାଆ - ହିମାଳୟ କୋଡ଼ରେ କେଉଁଠି ଯାଇ ରହିଥିଲେ, ସଂସାର ସହିତ ସେମାନଙ୍କର କୌଣସି ସମ୍ପର୍କ ନଥିଲା । ଦିନେ ଗାଧୋଇବାକୁ ଯାଇ ଓମ୍‌ର ମାଆ ନଦୀର ଖର ସ୍ରୋତରେ ଭାସି ଯାଇଥିଲେ, ତାଙ୍କର ଆଉ କୌଣସି ସନ୍ଧାନ ମିଳି ନଥିଲା । ଓମ୍‌ର ଠିକ ଉପର ଭାଇ, ଯାହାଙ୍କୁ ମୁଁ ଭାସ୍କରଦା' ବୋଲି ଡାକୁଥିଲି, ସେ ମଧ୍ୟ ସନ୍ୟାସୀ ହୋଇ କୋଉଆଡ଼େ ଚାଲି ଯାଇଛନ୍ତି । କିନ୍ତୁ ଏ ସବୁ ବିଷୟ ନେଇ ଏବେ ଆଉ ଓମ୍ ସହିତ ଆଲୋଚନା କଲି ନାଇଁ, କି ପରେ ବି କରି ନାଇଁ । ଓମ୍ ନିଜେ ମଧ୍ୟ ସଂସାର ପ୍ରତି କେତେକ ପରିମାଣରେ ଉଦାସୀନ ଥିଲା ଏବଂ *ରାମକୃଷ୍ଣ ମିଶନ୍* ସହିତ ବିଶେଷ ସମ୍ପର୍କ ରଖିଥିଲା । ଏହି ସଂସାର-ବିମୁଖତା ବଂଶଗତ ହେଇଥିବା ପରି ମନେ ହୁଏ । ଓମ୍‌ର ସାନ ଝିଅ - କନିଷ୍ଠ ସନ୍ତାନ- ମଧ୍ୟ ପରେ ତାର ଯୁବ କାଳରେ *ରାମକୃଷ୍ଣ ମିଶନ୍*ରେ ଯୋଗ ଦେଇ ମଠବାସୀ ହୋଇ ରହିଲା ।

Digitized by srujanika@gmail.com

ଓମ୍ ସହିତ ସେ ପୂର୍ବର ହୃଦ୍ୟତା କିନ୍ତୁ ଏବେ ଆଉ ଥରେ ଗଢ଼ି ଉଠିଲା ନାଇଁ । ଓମ୍ ଆଡୁ ସେ ପୂର୍ବଭାବ ହୁଏତ ଥିବ, ମୁଁ କହି ପାରୁ ନାଇଁ- ତାର ମନୋଭାବ ତ କେବେ ହେଲେ ସେପରି ପ୍ରକାଶ ପାଏ ନାହିଁ, କିନ୍ତୁ ମୋ ଆଡୁ ସେ ଭାବ ଅବଶ୍ୟ ଆସିଲା ନାହିଁ, ଯଦିଓ ମୁଁ ରାମକୃଷ୍ଣ ମିଶନ୍ ପାଖରେ ତା'ର ବସାକୁ ଅନେକ ସମୟରେ ଯାଇଛି । ତା'ର ପୁଅ-ଝିଅମାନେ ମୋର ତିନି ପୁଅଙ୍କ ଅପେକ୍ଷା ବୟସରେ ବଡ଼ ଥିଲେ । କିଛିଦିନ ପରେ ଓମ୍ ସମସ୍ତଙ୍କୁ ଧରି କଟକ ଚାଲିଗଲା । ବୋଧହୁଏ ସେତେବେଳକୁ ଭୁବନେଶ୍ୱରରେ ତାର ଚାକିରୀ କାଳ ସରି ଯାଇଥିଲା । କଟକରେ କୌଣସି ଏକ ଓଡ଼ିଆ ପରିବାର ସେମାନଙ୍କ ବିଶେଷ ଉପକାରୀ ଓ ସହାୟ ଥିଲେ । ବୋଧହୁଏ ଶ୍ରୀ ମୁରଲୀଧର ପଟ୍ଟନାୟକଙ୍କ ପରିବାର ।

ଏହିପରି ସମୟରେ ପୁଣି ଓମ୍‌କୁ ଲୁକୀମିଆ (**Leukaemia**) ବା ବ୍ଲଡ୍-କ୍ୟାନ୍‌ସର ବୋଲି ଏକ ପ୍ରକାର ଅତି ମାରାତ୍ମକ କର୍କଟ ରୋଗ ହେଲା ଏବଂ ସେଇଥିରେ ତାର ଜୀବନାବସାନ ହେଲା, ତା'ର ପୁଅଝିଅମାନେ ଏଥର ସମ୍ପୂର୍ଣ୍ଣ ଅନାଥ ହେଲେ । ଯାହାହେଉ, ତା'ଭି ଭିତରେ ତା'ର ବଡ଼ ପୁଅ ଗୋଟିଏ ଭଲ ସରକାରୀ ଚାକିରୀ ପାଇଲା ଏବଂ ଭୁବନେଶ୍ୱରରେ ଅବସ୍ଥାପିତ ହେଲା । ସେତେବେଳକୁ ମୋର ଚାକିରୀ କାଳ ମଧ ପ୍ରାୟ ସରି ଆସିଥାଏ, ମୋ ପୁଅମାନେ ଆଉ ଟିକିଏ ବଡ଼ ହୋଇଥାନ୍ତି । ଆଉ କିଛିଦିନ ପରେ ମୁଁ ରିଟାୟାର କରି ଭୁବନେଶ୍ୱରରେ ହିଁ ରହିଲି । ଯାହା ହେଉ ଓମ୍ ଓ ମୋ ଭିତରେ ହଜି ଯାଇଥିବା ବନ୍ଧୁତା କିନ୍ତୁ ଆମର ସନ୍ତାନମାନଙ୍କ ମଧରେ ନିଶ୍ଚିତ ଆଶ୍ରୟ ପାଇ ରହିଛି ଆଜିକୁ ଚାଳିଶ ବର୍ଷ । ଇଆ ଭିତରେ ଓମ୍‌ର ବଡ଼ ଝିଅ ଓ ଦୁଇ ପୁଅ ତାଙ୍କ କର୍ମରୁ ଅବସର ନେଇ ସାରିଲେଣି । କନିଷ୍ଠ କନ୍ୟା ରାମକୃଷ୍ଣ ମଠ ଛାଡ଼ି ଭୁବନେଶ୍ୱରରେ ହିଁ ଗୋଟାଏ ସ୍କୁଲରେ ପଢ଼ାଉଥିଲା, ବର୍ତ୍ତମାନ ଛତିଶଗଡ଼ର ନାରାୟଣପୁରରେ *ରାମକୃଷ୍ଣ ମିଶନ୍‌ର* ସ୍କୁଲରେ ହିଁ ପଢ଼ାଉଛି । ପୁଅ ଦୁଇ ଜଣଙ୍କ ପୁଅମାନେ ମଧ କର୍ମରତ ଏବଂ ବିବାହିତ ଓ ଶିଶୁ ପୁତ୍ରର ପିତା ।

◆◆◆

Digitized by srujanika@gmail.com

(୯)

ଉଚ୍ଚାକାଂକ୍ଷା

ସାଂସାରିକ ଉଚ୍ଚାକାଂକ୍ଷା କଥା କହୁଛି, ଯଉଥିରେ ବହୁତ ଟଙ୍କା-ପଇସା ମିଳେ, ଉଚ୍ଚ ପାହ୍ୟା ମିଳେ । କିଏ ବା ତାହା ନ ଚାହେଁ । କିନ୍ତୁ ଏଇ ଚାହିଁବାରେ ଊଣା ଅଧିକ ଅଛି, ଯେ ଖୁବ୍ ବେଶୀ କରି ଚାହେଁ ତାକୁଇ ଆମେ ଉଚ୍ଚାକାଂକ୍ଷୀ କହୁ, ଅନ୍ୟମାନଙ୍କୁ ନୁହଁ । ସେ ହିସାବରେ ମୁଁ କେବେ ହେଲେ ଉଚ୍ଚାକାଂକ୍ଷୀ ନଥିଲି । ପ୍ରକୃତ ଉଚ୍ଚାକାଂକ୍ଷୀ ଯେ ତାହାର ସେହିପରି ଚେଷ୍ଟା ଥାଏ, କଷ୍ଟ କରିବା ଥାଏ । ମୁଁ ଉଚ୍ଚାକାଂକ୍ଷୀ ହେଇଥିଲେ କଅଣ ବି.ଏସ୍.ସି. ପରୀକ୍ଷାଟା ଦେଲା ବେଳେ ନିର୍ଦ୍ୱନ୍ଦ୍ୱରେ ମାଥେମେଟିକ୍ସ ଅନର୍ସଟା ବାଦ ଦେଇ ଦେଇଥାନ୍ତି ? ଯେମିତି ହେଲେ ନିଶ୍ଚୟ ରଖିଥାନ୍ତି । ଏହିପରି ଯେ ପରିଶ୍ରମ କରି ପାରେ, କଷ୍ଟ କରି ପାରେ ସେ ହିଁ ଉଚ୍ଚ ପାହ୍ୟାକୁ ଯାଏ ।

ଯଦି କହିବା ଯେ ମୁଁ ଦୈବାତ୍ ଦୁର୍ଭାଗ୍ୟକ୍ରମେ ଆସେମ୍ବ୍ଲି ଡିପାର୍ଟମେଣ୍ଟରେ ରହିଗଲି ସାତ ବର୍ଷ କାଳ, ତା ନ ହୋଇଥିଲେ ତ ମୁଁ ନିଶ୍ଚୟ ଯଥେଷ୍ଟ ଉଚ୍ଚ ପାହ୍ୟାକୁ ଯାଇଥାନ୍ତି ତେବେ ତାର ଉତ୍ତର ହେଉଛି ଯେ ସାତ ବର୍ଷ କାଳ ରହିଗଲି କାହିଁକି, ମୋତେ ଉପଦେଶ ବା ସୁପରାମର୍ଶ ଦେବାକୁ କେହି ନଥିଲେ ହେଁ ପ୍ରକୃତ ଉଚ୍ଚାକାଂକ୍ଷୀ ହେଇଥିଲେ ମୋତେ ଛାଏଁ ଦେଖା ଯାଆନ୍ତା ଯେ ମୋତେ ଯେମିତି ହେଲେ ଚେଷ୍ଟା କରି ଅତି ଅବଶ୍ୟ ସେକ୍ରେଟାରିଏଟ୍‌କୁ ଫେରିବାକୁ ହବ । ସାତ ବର୍ଷ ପରେ ଯଦି ଫେରିଯାଇ ପାରିଲି, ଅବିଳମ୍ବେ ଚେଷ୍ଟା କରିଥିଲେ ତା ବୋଧହୁଏ ସହଜରେ ଅନେକ ଆଗରୁ ହେଇ ପାରିଥାନ୍ତା, ସିନିଅରିଟିକୁ କ୍ଷତି କମ୍ ହେଇଥାନ୍ତା । ଆସେମ୍ବ୍ଲିରେ ରହିବା ଦ୍ୱାରା ଅବଶ୍ୟ ମୁଁ ସୂର୍ଯ୍ୟନମସ୍କାର ଶିଖି ପାରିଥିଲି ଏବଂ କିଛି ଉତ୍ତମ ପୁସ୍ତକ ପଢ଼ିବା ସୁଯୋଗ ପାଇଥିଲି ଯାହା ପ୍ରକୃତରେ ମୋର ଜୀବନକୁ ସମୃଦ୍ଧ କରି ପାରିଥିଲା । କିନ୍ତୁ ଯେଉଁ ଲୋକ ଉଚ୍ଚ ପାହ୍ୟାକୁ ବଡ଼ ବୋଲି ମଣିଛି ସେ ଏସବୁ କଥାକୁ ଖାତିର କରିବ ନାହିଁ । ଅଫିସ କାମ ଅବଶ୍ୟ ଭଲ କରୁଥିଲି, କାରଣ ମୁଁ

Digitized by srujanika@gmail.com

କର୍ତ୍ତବ୍ୟପରାୟଣ ଥିଲି । ବହୁଦର୍ଶୀ I.C.S. Dalzeal ସାହେବ ମୋର 'କ୍ୟାରେକ୍ଟର ରୋଲ'ରେ ଲେଖିଥିଲେ - "A bright and intelligent assistant" । ଯଦିଚ ତା ପୂର୍ବରୁ ଗୋଟିଏ ଘଟଣା ପାଇଁ ଜଣେ ଭାରତୀୟ I.C.S. ଦୁର୍ବିନୀତ ବୋଲି ଲେଖିଥିଲେ ଏବଂ ତାହା ପାଇଁ ଦଣ୍ଡ ମଧ ଦେଇଥିଲେ ତଥାପି Dalzeal ସାହେବ ଏପରି ଲେଖିଥିଲେ । କିନ୍ତୁ ସେତିକି ମୋର ଗୁଣ, କର୍ତ୍ତବ୍ୟପରାୟଣ ଓ ବୁଦ୍ଧିମାନ, ଉଚ୍ଚାକାଂକ୍ଷୀ ମୁଁ ନଥିଲି, ମୁଁ ଥିଲି ମନୁଆ ଏବଂ ଅଦ୍ୟାପି ସେଇଆ ଅଛି ।

◆◆◆

(୧୦)

ପିଲାଦିନ ମଉଜ

ହଠାତ୍ ଅନେକ ବର୍ଷ ପଛେଇ ଯାଉଛି - ଏକବାର ପୁଣି ପିଲା ଦିନକୁ । କଟକରେ ଯୋଉ ବ୍ରାହ୍ମ ଘର ଝିଅ 'ଟପ୍‌ସି' (କରୁଣା) ମୋତେ କହୁଥିଲା ଯେ ସେ ମୋତେ ଚାଳିଶ ପରେ ଏକଚାଳିଶରୁ ଶହେ ପର୍ଯ୍ୟନ୍ତ ଗଣିବାକୁ ଶିଖାଇଥିଲା ସେମାନେ ଥିଲେ ବଙ୍ଗାଳୀ, ତାର ବାପାଙ୍କ ନାମ ଶ୍ରୀ ଗିରୀଶଚନ୍ଦ୍ର ଚକ୍ରବର୍ତ୍ତୀ । ସେ ମୋ ବାବାଙ୍କ ଭଳି ଓଡ଼ିଶାରେ କର୍ମରତ ଥିଲେ । କରୁଣାର ଭାଇ ଭଉଣୀ କେତେଗୁଡ଼ିଏ । ଗୋଟିଏ ଭାଇ 'ଗନ' (ହରେନ୍ଦ୍ରନାଥ) ଥିଲା କଟକରେ ମୋର ସବା ପ୍ରଥମ ସାଙ୍ଗ । ଜହ୍ନ ରାତିରେ ବେଳେ ବେଳେ ଆମର ତର୍କ ଲାଗେ ଜହ୍ନ କାହା ସହିତ ଚାଲୁଛି, ତା ସହିତ ନା ମୋ ସହିତ ! ସେମାନଙ୍କ ବସା ଥାଏ ଆମ ବସା ପାଖ ଗଳି ଭିତରେ । ଏଣେ ଆମ ବସାକୁ ଲାଗି ନଈକୁ ମୁହେଁଇ ବସାଘରେ ସେମିତି ଆଉ ଗୋଟିଏ ବଙ୍ଗାଳୀ ପରିବାର ଆସି ରହିଲେ - ଯଉଠି ଓମ୍ର ମା ବାପା ହେରିକା ଏହାର କେତେକ ବର୍ଷ ପରେ ଆସି ରହିଥିଲେ । ଏ ବଙ୍ଗାଳୀ ପରିବାରର କର୍ତ୍ତାଙ୍କ ନାମ ଶ୍ରୀ ଶ୍ରୀଶଚନ୍ଦ୍ର ମଜୁମ୍‌ଦାର । ଆମ ଘର ଏ ଘରକୁ ଭିତର ବାଟେ ଯିବାକୁ ତ ଦୁଆର ଥିଲା, ଆଗରୁ କହିଛି । ପୁଣି ତାଙ୍କ ଘରୁ ଗିରୀଶ ବାବୁଙ୍କ ଘରକୁ - ମାନେ ଟପସି୍ ଘରକୁ -

Digitized by srujanika@gmail.com

ଯିବାକୁ ସେହିପରି ବାଟ ଥିଲା । ତେଣୁ ବେଳେ ବେଳେ ଏ ତିନି ଘରର ଗୃହିଣୀମାନେ ତାଙ୍କର ରାନ୍ଧିଥିବା ତିଅଣକୁ ଏକାଠି କରି ସମସ୍ତଙ୍କୁ ଖାଇବା ପାଇଁ ବାଢ଼ି ଦେଉଥିଲେ । ଅଶୀ କି ପଞ୍ଚାଶୀ ବର୍ଷ ପୂର୍ବର ମୋର ସେ ପିଲାଦିନ କାଳଟା ଏବ ଭଳି ଏମିତି ଅଣନିଃଶ୍ୱାସିଆ ନଥିଲା ।

ବାବାଙ୍କର ଥରେ ଖିଆଲ ହେଲା, କାଠଯୋଡ଼ିର ଶୁଖିଲା ଦିନରେ ନାଁଆ ଭଡ଼ା କରି ମୋର ମା' ଓ ମୋତେ ଧରି ନଈର ସେ କ୍ଷୀଣ ଧାର ବିପରୀତ ଅନେକ ଦୂର ପର୍ଯ୍ୟନ୍ତ ବୁଲିଗଲୁ । ପାଣି ନିତାନ୍ତ ଅଗଭୀର, ନାଉରିଆମାନେ ଥରକୁ ଥର ପାଟି କରୁଥାନ୍ତି - 'ଓହ୍ଲେଇ ପଡ଼' 'ଓହ୍ଲେଇ ପଡ଼' ! ଆମେ ତ ଓହ୍ଲେଇ ପଡୁଥିଲୁ, ସେମାନେ ବି ପାଣି ଭିତରେ ଠାଏ ଠାଏ ବାଲିକୁ ଖୋଳି ପକାଉଥିଲେ, ତେବେ ଯାଇଁ ଆଗକୁ ଯାଇ ହଉଥିଲା । ଗୋଟିଏ ଜାଗାରେ ଦେଖିଲୁ ବାଲି ଉପରେ ଗୋଟାଏ ମଲା ଘଡ଼ିଆଳ କୁମ୍ଭୀର ପଡ଼ିଛି, କେତେକ ଲୋକ ଘେରିଛନ୍ତି । କିଏ ତା ଲାଞ୍ଜରୁ ଖଣ୍ଡେ କାଟି ନେଉଛି, କିଏ କେତେଟା ଦାନ୍ତ ଭାଙ୍ଗି ନେଇ ଯାଉଛି । ଏସବୁର ଔଷଧ ଗୁଣ ଅଛି ବୋଲି ଅନେକଙ୍କର ଧାରଣା । ଆମେ ବି ଦୁଇଟା ଦାନ୍ତ ନେଲୁ, ତାକୁ ମୁଁ କେତେ ବର୍ଷ ପର୍ଯ୍ୟନ୍ତ ମୋ କାଠ ବାକ୍ସରେ ସାଇତି ରଖିଥିଲି !

ପରବର୍ତ୍ତୀ କାଳ ପରି ସେତେବେଳେ ବି 'ବଡ଼ ବୁରୁଜ' ପାଖରେ ଶୁଖିଲା ସମୟରେ ଗୋଟାଏ ବେଶ ବଡ଼ ଗଣ୍ଡ ରହୁଥିଲା । ଥରେ ଗିରୀଶ ବାବୁ ଘର ଓ ଆମ ଘର ମିଶି ସେଇଠି ନାଆରେ ବୁଲିଲୁ । ଗିରୀଶ ବାବୁ ନାଆରେ ବସି ହାରମନିୟମ୍‌ରେ ଗୀତ ବି ଗାଇଲେ ।

ଅବଶ୍ୟ କହି ହେବ ଯେ ସେତେବେଳେ କଟକରେ ସିନେମା ମଧ ଆସି ନଥାଏ, ପ୍ରମୋଦ ପାଇଁ କଉଠି ହେଲେ କିଛି ବ୍ୟବସ୍ଥା ନଥାଏ, ତେଣୁ ଆମେ ନିଜେ ନିଜେ ଆପଣା ପ୍ରମୋଦର ଉପାୟ କଲୁ । ସେ କାଳଟା ଏକାଳ ତୁଳନାରେ ସୁସ୍ଥିଆ ଥିଲା ବୋଲି କାହିଁକି କହିବା ? କହିବା ଏଇଥି ପାଇଁ ଯେ ସିନେମା ଥିଏଟର ଇତ୍ୟାଦି ଲାଗି ପ୍ରତିଦିନ ସମୟ ବନ୍ଧା ହୋଇକରି ଥାଏ, କିନ୍ତୁ ନିଜେ ନିଜର ପ୍ରମୋଦ ପାଇଁ ମୋର ବାବା ଅଥବା ଗିରୀଶ ବାବୁ ଯାହା କରିଥିଲେ ତା'ପାଇଁ ନିର୍ଦ୍ୱନ୍ଦ୍ୱରେ

Digitized by srujanika@gmail.com

ପ୍ରଚୁର ସମୟ ଦିଆଯାଇ ପାରୁଥିଲା । ଯଦି ଟିକିଏ ବ୍ୟସ୍ତତା ଥାଏ ତା' ଫୁଟବଲ୍ ମ୍ୟାଚ୍ ଦେଖିବା ପାଇଁ ।

ଧର୍ମୀୟ ଉତ୍ସବ ଉପଲକ୍ଷ୍ୟେ ଯେଉଁ ସବୁ ପ୍ରମୋଦନ ବା ବିନୋଦନ ମିଳୁଥିଲା- ବିଶେଷତଃ ପିଲାମାନଙ୍କୁ - ତା'ଭିତରୁ ଗୋଟାଏ ଅତି ଉଲ୍ଲେଖଯୋଗ୍ୟ ଉତ୍ସବ ବହୁ ବର୍ଷ ହବ ବନ୍ଦ କରି ଦିଆ ହୋଇଛି, ତା ହେଲା ଗୋଟିଏ ମୁସଲମାନ ପର୍ବ - ମୁହର୍ରମ୍ । ଦୁର୍ଗାପୂଜାରେ ଯେପରି ଗୋଟିଏ ପରେ ଗୋଟିଏ ଅନେକ ଗୁଡ଼ିଏ ମେଢ଼ ଦେଖିବା ପାଇଁ ଆମେ ଅପେକ୍ଷା କରି ଥାଉ, ମୁହର୍ରମ୍ ବା ମହରମ୍‌ରେ ସେହିପରି ଅପେକ୍ଷା କରି ଥାଉଁ ତାଜିଆକୁ । ପୁଣି ମହରମ୍‌ର କେତେ ଦିନ ପୂର୍ବରୁ ଆରମ୍ଭ କରି ତା' ଆଗ ଦିନ ପର୍ଯ୍ୟନ୍ତ ବାହାରୁଥାଏ 'ମହରମ୍‌ର ବାଘ' ! ମୁସଲମାନ ଧର୍ମ ସହିତ ଏହାର କୌଣସି ସମ୍ପର୍କ ଅଛି କି ନାହିଁ ମୁଁ କହିପାରିବି ନାହିଁ, କିନ୍ତୁ ଯେଉମାନେ 'ବାଘ' ସାଜି ବାହାରୁ ଥିଲେ ସେମାନେ ଧର୍ମୀୟ ଉନ୍ମାଦନା ସହିତ ହିଁ 'ବାଘ ନାଚ' ନାଚୁଥିଲେ । କେବଳ ମୁସଲମାନ ଲୋକ ନୁହଁନ୍ତି, କେତେକ ହିନ୍ଦୁ ପିଲା ମଧ 'ବାଘ' ହେଉଥିଲେ । ମୁସଲମାନ ମା'ଙ୍କ ଭଳି ଜଣେ ଅଧେ ହିନ୍ଦୁ ମା ମଧ ପୁଅର ରୋଗ ଆରୋଗ୍ୟ ହେବା ପାଇଁ 'ପୀର'ସ୍ଥାନରେ ପୁଅ ଭଲ ହେଲେ ମହରମ୍‌ରେ 'ବାଘ' ହବ ବୋଲି ମନାସ କରୁଥିଲେ । 'ମହରମ୍ ବାଘ' ଦେହରେ କଳା-ହଳଦିଆ ପଟା ଅଙ୍କା ହେଇ ପୁଣି ରକ୍ତମଖା ଜିଭ ଦେଖାଇବା ପାଇଁ ନାଲି ପାଣିରେ ତିନ୍ତା ହେଇଥିବା କନା ଖଣ୍ଡିଏ ପାଟିରୁ ଓହଳିଥାଏ । ଘର ଘର ବୁଲି 'ବାଘ' ତାର ଭୟଙ୍କର ବୀରରସର ନାଚ ଦେଖାଏ । ପିଲା କି ବୁଢ଼ା ସମସ୍ତଙ୍କର ଏଥିରେ ମନବୋଧ ହେଉଥିଲା । ଦୁଃଖର କଥା ମୂଳତଃ ରାଜନୈତିକ କାରଣରୁ ଏବେ ଅନେକ ବର୍ଷରୁ ମୁହର୍ରମ ଉପଲକ୍ଷ୍ୟେ ତାଜିଆ ବାହାରିବା ବନ୍ଦ୍ ହୋଇ ଯାଇଛି । ତେଣୁ 'ବାଘ' ବି ଆଉ ବାହାରୁ ନାହିଁ ।

କିନ୍ତୁ ତା'ପାଇଁ ଆଉ ଦୁଃଖ ବା କଅଣ ? ଆଜିର କମ୍ପ୍ୟୁଟର ଗେମ୍ ଖେଳୁଥିବା ପିଲା କଣ ସେଇ ସବୁ ସହଜ ଆନନ୍ଦ ପାଇବା ଅବସ୍ଥାରେ ଅଛନ୍ତି ?

Digitized by srujanika@gmail.com

ଏହି ପ୍ରସଙ୍ଗରେ ମନେ ପଡ଼େ କଟକ କିଲ୍ଲା ପଡ଼ିଆରେ ବର୍ଷକୁ ଥରେ ହେଉଥିବା General Sports କଥା । ଷ୍ଟେଡିୟମ୍ ତ ହେଇଛି ବହୁ ବର୍ଷ ପରେ । ବୋଧହୁଏ ମୋର ୯/୧୦ ବର୍ଷ ବୟସରୁ ବଡ଼ ବୟସ ପର୍ଯ୍ୟନ୍ତ ମୁଁ ବର୍ଷକୁ ସେଇ ଗୋଟାଏ ଦିନ ଦ୍ୱିପହର ଯାକ ଖରାରେ ଠିଆ ହେଇ ଏଇ ଖେଳ ଦେଖୁଛି । କଟକ Athletic Society ବା Sports Association ଏହି ପରି କୌଣସି ସମିତି ଏହାକୁ କରାଉ ଥିଲେ । ଏଥିରେ ହେଉଥିଲା ଦୌଡ଼ -୧୦୦ ଗଜ, ୨୨୦ ଗଜ, ୪୪୦ ଗଜ, High Jump, Long Jump, Boys' Potato Race ଏବଂ ଶେଷକୁ 2 Miles Cycle Race । ଏସବୁ ହେଇଯିବା ପରେ କେତୋଟି ମଜା ଜିନିଷ ଥାଏ । ତା ଭିତରେ ଗୋଟିଏ ହେଲା Sack Race ! ଅନେକ ପଡ଼ି ଯାନ୍ତି, ତା ମଧ୍ୟରୁ କେହି କେହି ପୁଣି ଉଠି ଦୌଡ଼ନ୍ତି - ଅର୍ଥାତ୍ hop କରନ୍ତି । କିନ୍ତୁ ସବୁଠୁ ମଜା ଜିନିଷ ହଉଥିଲା ସବା ଶେଷରେ ସେଇଟା Pillow Fight ! ଗୋଟାଏ ଉଚ୍ଚ 'Horse' (ଚଉଡ଼ା bar) ଉପରେ ଦି ଜଣ ବସି ହାତରେ ଗୋଟାଏ ଗୋଟାଏ ଲମ୍ବାଳିଆ ତକିଆ ଧରି ଲଢେଇ କରନ୍ତି । ସେଇ ଦି ଜଣ ହର୍ସ ଉପରେ ଲଢେଇ କରୁ କରୁ ଜଣେ ଖସି ପଡ଼େ । କିମ୍ବା ତକିଆ ଫାଟି ଚାରିଆଡ଼େ ତୁଳା ଉଡୁଥାଏ !

ଆୟୋଜକମାନଙ୍କ ଭିତରେ ମୋର ବାବା ବି ଥାନ୍ତି । ସେ ଦିନ ସେ ପେଣ୍ଟ-କୋଟ ସହିତ ମୁଣ୍ଡରେ ଗୋଟାଏ ପଗଡ଼ି ବି ପିନ୍ଧୁଥିଲେ । ସେ ପଗଡ଼ିର ଗୋଟାଏ ଚଉଡ଼ା ଲମ୍ବା ଲାଞ୍ଜ ଥାଏ । ମୋର ଆଖିରେ ଭାସୁଛି ମୋ ପିଲା ଦିନର ଗୋଟିଏ ଦୃଶ୍ୟ: ସାଇକଲ ରେସ୍ ଠିକ୍ ଆରମ୍ଭ ହେଇଛି, ବାବା ଅଳ୍ପ ଦୂର ପର୍ଯ୍ୟନ୍ତ ସେମାନଙ୍କ ପିଛା ଦୌଡୁଛନ୍ତି, ତାଙ୍କ ପଗଡ଼ିର ଲାଞ୍ଜ ନିଶାଣ ପରି ପଛରେ ଉଡୁଛି ! ଦୌଡ଼ିବା କାରଣ ସାଇକଲ-ଚଢ଼ାଳୀମାନେ ଯେମିତି କେହି କାହାକୁ 'ଫାଉଲ' ନ କରନ୍ତି ।

ସବା ଶେଷରେ ହେଉଥିଲା Tug-of-War, ଦୁଇ ଦଳ ଦଉଡ଼ି -ଟଣାଟଣି । ଆଉ ଗୋଟାଏ ଦୃଶ୍ୟ: ଆମ ସ୍କୁଲ ପାଖ Training College ର ପ୍ରିନ୍ସିପାଲ ଭବନାଥ ମୁଖାର୍ଜୀ ଦଉଡ଼ି ପାଖରେ ଛିଡ଼ା ହେଇ ଖୁବ୍ ହାତ ହଲାଇ ଉତ୍ସାହ ଦେଉଛନ୍ତି - "Heave ! Heave !" ବୋଲି ।

Digitized by srujanika@gmail.com

ଆଉ ଗୋଟିଏ ମହା ମଉଜର ଜିନିଷ ଥିଲା ଫୁଟ୍‌ବଲ ମ୍ୟାଚ୍ । ସ୍କୁଲ-କଲେଜମାନଙ୍କ ମଧ୍ୟରେ ଏବଂ ଅଲଗା ଭାବରେ ବିଭିନ୍ନ କ୍ଲବ୍ ମଧ୍ୟରେ । ବାବା ଟାଉନ ଭିକ୍ଟୋରିଆ ସ୍କୁଲର ହେଡ୍‌ମାଷ୍ଟର ଥିବା ସମୟରେ ସେ ସ୍କୁଲର ମ୍ୟାଚ ଥିଲା ବେଳେ ତ ଅତି ଅବଶ୍ୟ ତାଙ୍କ ସଙ୍ଗେ ଯାଉଥିଲି । ସେ ସ୍କୁଲର ଅନ୍ୟତମ Football Back କିଫାୟେତ୍-ଦା'ଙ୍କର ବଡ଼ admirer ଥିଲି ସେଇ ଅତି ପିଲା ଦିନେ । ପରେ ସ୍କୁଲରେ ପଢ଼ିବା ବେଳେ ସ୍କୁଲରୁ ଫେରିବା ପରେ କିଛି ଜଳଖିଆ ଖାଇ ସାଙ୍ଗେ ସାଙ୍ଗେ କେତେ ଜଣ ବାହାରି ପଡୁଥିଲୁ ଦୁଇ ମାଇଲ ଦୂରେ କିଲ୍ଲା ପଡ଼ିଆକୁ ଫୁଟବଲ ମ୍ୟାଚ୍ ଦେଖିବା ଲାଗି । ଫୁଟ୍‌ବଲ ସିଜିନ୍‌ରେ ବି ପ୍ରାୟ ବର୍ଷା ହେଉଥିଲା । ସେତେବେଳେ ପିଚ୍ ରାସ୍ତା ନଥିଲା, ମୋରମ୍ ରାସ୍ତାରେ ସେଇ ପଙ୍କ କାଦୁଅରେ ଖାଲି ଗୋଡ଼ରେ ଯାଉଥିଲୁ ।

◆◆◆

(୧୧)

ମୋନା-ବିନୁଙ୍କ ଘର

ପିଲାଦିନେ ଆମେ କାହାରି ଘରର ଉଲ୍ଲେଖ କରୁଥିଲୁ ଆମ ସାଙ୍ଗଙ୍କ ନାଁ ଧରି, ଯେମିତି ବୁଲୁ ଘର, ଗନ-ଖୋକନ୍ ଘର । ଗୋପବନ୍ଧୁ ବାବୁଙ୍କ ଘର, ଗିରୀଶ ବାବୁଙ୍କ ଘର- ଏମିତି ନୁହେଁ । ଖୋକନ୍ ଥିଲା ଗନର ଠିକ୍ ତଳ ଭାଇ । ବଙ୍ଗାଳୀ ବ୍ରାହ୍ମ ଘର, ତାଙ୍କ ଉପରେ ଦୁଇ ଭଉଣୀ ବୁଢ଼ୀ ଆଉ ଟପ୍‌ସି, ସେମାନଙ୍କ ସାଙ୍ଗମାନଙ୍କ ମୁହଁରେ ସେ ଘର ଥିଲା ବୁଢ଼ୀ-ଟପ୍‌ସିଙ୍କ ଘର । ତାଙ୍କ ଉପରେ ପୁଣି ଦୁଇ ବଡ଼ ଭାଇ, କିନ୍ତୁ ସେମାନେ ତ ଏକବାର ବଡ଼ । ଆମ ବସା ପାଖରେ ତାଙ୍କର ସେ ଗଳି ଭିତରେ

Digitized by srujanika@gmail.com

ଆଉ କିଛି ଦୂର ଗଲେ ଧୂଆଁପତ୍ରିଆ ସାହୀରେ ଥାଏ ସେମିତି ମୋନା-ବିନୁଙ୍କ ଘର । ବ୍ରାହ୍ମ ବୋଲି ଏ ପରିବାର ସହିତ ମଧ୍ୟ ଆମ ପରିବାରର ଶୀଘ୍ର ପରିଚୟ ହୋଇଥାଏ । ଟିକିଏ ଦୂର ବୋଲି ମୁଁ ସେଠିକି ଯିବା-ଆସିବା କଲି ଡେରିରେ - ପ୍ରାୟ ଦଶ କି ଏଗାର ବର୍ଷ ବୟସରେ । ଆହୁରି ପିଲା ବୟସରେ ମୁଁ ଶୁଣିଥାଏ ଏ ଘର ଜଣେ ସେନାପତିଙ୍କ ଘର, ସେନାପତିଙ୍କ ତଲୁଆର ଦେଖିବା ପାଇଁ ବ୍ୟଗ୍ର ହେଉଥାଏ !

ତାଙ୍କ ଘରେ ଚାରି ଝିଅ, ପୁଅ ନଥିଲେ । ସେ ଘରେ ସମସ୍ତେ ବଙ୍ଗଳାରେ କଥା କହୁଥିଲେ, ଯେଉଁଥି ପାଇଁ ମୁଁ ସେମାନଙ୍କୁ ବଙ୍ଗାଳୀ ଘର ବୋଲି ସମଝିଲି । ମୋତେ ଯେମିତି ଶିଖା ହେଇଥିଲା ସେମିତି ସେ ଝିଅଙ୍କ ବାପାଙ୍କୁ 'ମେସୋମଶାୟ' (ମଉସା) କହୁଥିଲି । ସେ ତାଙ୍କର ବଡ଼ ମଝିଆ ଝିଅ ମୋନାକୁ ଦେଖାଇ ମୋତେ କହିଲେ, 'ମୋନା ନକ୍ଷତ୍ର ବେଗେ ଛୁଟତେ ପାରେ, ତୁମି ଓର ସଙ୍ଗେ ଦୌଡ଼ତେ ପାରବେ ?'(ଏଇ 'ନକ୍ଷତ୍ରବେଗେ' ଶବ୍ଦଟି ପାଇଁ ତାଙ୍କ କଥାଟା ମନେ ରହି ଯାଇଛି ।) ସାଙ୍ଗେ ସାଙ୍ଗେ ଭିତର ପିଣ୍ଡାରେ ଦୌଡ଼ ହେଲା । ଠାଏ ଟିକିଏ ପାଣି ପଡ଼ିଥିଲା, ସେଇଠି ଗୋଡ଼ ଖସି ମୁଁ ପଡ଼ିଗଲି, ଦୌଡ଼ରେ ମୋର ହାର ହେଲା । ଥରେ କେବେ ତାଙ୍କ ଘର ଛାତ ଉପରେ, କେବେ ନଈ ବାଲିରେ କେତେ ଥର ଆମେ ଦୌଡ଼ିଛୁ, କେହି କାହାକୁ ହରେଇ ପାରିନୁ ।

ମୋନାର ତଳ ଭଉଣୀର ନାମ ବିନୁ । ସେମାନଙ୍କ ଘର ସାମନାରେ ରହୁଥିବା ନେଡୋ (ଜଗନ୍ନାଥ ଚାଟାର୍ଜି), ଆଉ ଗନ-ଖୋକନ୍ ହେରିକା ଆମେ ସମସ୍ତେ ସେଠିକି ଉପରଓଳା ଯାଉଥିଲୁ ତାଙ୍କ ଛାତ ଉପରେ ଖେଳିବା ପାଇଁ । ସେଇ ଅଶୀ ବର୍ଷ ପୂର୍ବର ଖେଳ କଥା ଟିକେ ଲେଖୁଛି । କିତ୍-କିତ୍, ବଉଚୁରି (ବୋହୂ ଚୋରି), କୁମିର-କୁମିର (କୁମ୍ଭୀର) ଇତ୍ୟାଦି ଖେଳ ହଉଥିଲା । ସବୁଥିରେ ଗୋଟିଏ ଲେଖାଏଁ 'ଚୋର' ଦରକାର ହୁଏ । କେବେ କେବେ ଚିଂଡ଼ି ବାଲୁ ବାଲୁ (ଚିଙ୍ଗୁଡ଼ି ବାଲୁ ବାଲୁ) ବୋଲି ଗୋଟାଏ ଓଡ଼ିଆ ଖେଳ ବି ହଉଥିଲା । ଦୁଇ ଦଳର ଦୁଇ ପ୍ରଧାନ ବଛା ହେଇଥାନ୍ତି ସମସ୍ତେ ଜାଣିଥିବା ସେଇ 'ଚୋର' ବାଛିବା ରୀତିରେ -

Digitized by srujanika@gmail.com

ଗୋଟାଏ ଅର୍ଥହୀନ ଶ୍ଳୋକ ବୋଲି ବୋଲି । ଦୁଇ ତିନି ପ୍ରକାର ଶ୍ଳୋକ ଥାଏ, ମୋର ଗୋଟିଏ ମନେ ପଡୁଛି :-

ଆଇକମ୍ ବାଇକମ୍ ତାଡ଼ା ତୁଡ଼ି
ଯଦୁର ମାଷ୍ଟାର ଶୋଶୁର ବାଡ଼ି ।
ରେଲ୍ କମ୍ ଝମା ଝମ୍
ପା ପିଛ୍ଲେ ଆଲୁର୍ ଦମ୍ ॥

'ରେଲ୍' ବୋଧହୁଏ 'ରେନ୍' ହବ, ଆମ ପାଟିରେ 'ରେଲ୍' ହେଇ ଯାଇଥିଲା । ଆଉ ଗୋଟିଏ ପୂରା ମନେ ପଡୁ ନାହିଁ :-

ଇନିମିନି ମେନା ମୋ
କାଏସେଲିକାର ବାଏସ୍କୋପ

....

ମୋର ଶେଷ ବୟସରେ ଦେଖିଲି ଇଂଲିଶ ମୀଡିଅମ୍ ସ୍କୁଲରେ **nursery rhymes** ଭିତରେ ଗୋଟାଏ ଅଛି ଏହିପରି :-

Ini mini myna mo
Catch a nigger by his toe
If he cry, let him go.

ପୁଣି ମୋ ବୁଢ଼ା ଦିନେ ମୋ ନାତି ନାତୁଣୀ ସ୍କୁଲ ଗଲାବେଳେ ଶୁଣିଲି :-

'ଓଲ୍ ମୋଲ୍ ଢେଙ୍କି ଡଲ୍ ବେଙ୍ଗ୍ ବଜାଏ ଢୋଲ୍
ଇସ୍କନ୍ଦର କଇ ଯାଇଛି ଏଇ ପିଲାଟି ଚୋର୍ ।'

ବୋଧହୁଏ ସାହେବ ଘରେ କାମ କରୁଥିବା କଉ ଓଡ଼ିଆ ଆୟା ଏହାର ପ୍ରଣେତ୍ରୀ !

ସେ ଯା'ହେଉ ଦୁଇଟି ଦଳର ଏ ପ୍ରଧାନ ଦୁଇଜଣ ନିଜ ନିଜ ଦଳର ପିଲାଙ୍କୁ ଗୋଟାଏ ଗୋଟାଏ ଗୁପ୍ତ ନାମ ଦିଅନ୍ତି । ତା'ପରେ ଗୋଟିଏ ଦଳ ତଳେ ଚେକା ମାଡ଼ି ବସନ୍ତି, ଆଉ ଦଳର ପ୍ରଧାନ ଆସି ଏ ଦଳର କାହାରି ଆଖିକୁ ଦୁଇ ହାତରେ ବନ୍ଦ୍ କରି ନିଜ ଦଳର କାହାକୁ ହେଲେ ତାର ଗୁପ୍ତ ନାମ ଧରି ଡାକନ୍ତି:

Digitized by srujanika@gmail.com

"ଆଏ ତ ରେ ଆମାର ରାମ" କିମ୍ବା "ସୀତା" ଇତ୍ୟାଦି । ସେ ଆସି ଆଖି ବନ୍ଦ ଥିବା ପିଲାର ମୁଣ୍ଡରେ ଥରେ ହାତ ମାରି ଫେରିଯାଇ ତାର ବସିବା ଜାଗାରେ ବସି ପଡ଼େ ଏବଂ ଦଳର ସମସ୍ତେ (ସେ ମଧ) ତଳେ ଆଣ୍ଠୁ ବାଡ଼େଇ ବାଡ଼େଇ ତାଳ ଦେଇ ଦେଇ 'ଚିଂଡ଼ି (ଚିଙ୍ଗୁଡ଼ି) ବାଲୁ ବାଲୁ' ଗାଇବାକୁ ଆରମ୍ଭ କରି ଦିଅନ୍ତି । ବର୍ତ୍ତମାନ ଏ ଦଳର ପିଲାଟିର ଆଖି ଖୋଲି ଦିଆଯାଏ, ସେ ଯାଇ ଆର ଦଳର ଗୀତ ଗାଉଥିବା ପ୍ରତ୍ୟେକ ପିଲାର ମୁଖଭାବ ତୀକ୍ଷ୍ଣ ଭାବରେ ଦେଖି ଦେଖି କହିବାକୁ ଚେଷ୍ଟା କରେ କିଏ ତା ମୁଣ୍ଡରେ ହାତ ମାରିଥିଲା । ଯେ ହାତ ମାରିଥାଏ ସେ ପ୍ରାୟ ତାର ମୁଖଭାବ ଅପରିବର୍ତ୍ତିତ ରଖି ପାରେନା, କେହି ବା ହସି ବି ପକାଏ, ଧରା ପଡ଼ିଯାଏ । କଟି ଯାଏ, ବସି ରହେ । ଏଇଟା ବୋଧହୁଏ ବିଶେଷତଃ ଝିଅ ପିଲାଙ୍କ ପାଇଁ ।

ଏମିତି ଏଠି ଖେଳୁ ଖେଳୁ ଦିନେ ଦିନେ ମୁଁ ପୁଣି ଚାଲି ଯାଏ ନଈବାଲିକୁ, ସେଠି ଆଉ ଗୋଟାଏ ଦଳ ସହିତ ଖେଳିବାକୁ । ସେଠି ଖେଳ ହୁଏ 'ଧାପସ୍', କେବେ କେବେ କିତ୍-କିତ୍ । ଜଣେ ଜଣେ ଥାନ୍ତି 'କିତ୍‌କିତ୍' ନକହି ଆଉ କଣ କହନ୍ତି । ଜଣେ ତାମସା କଲା ଭଳି କହୁଥିଲା: -

ଆମ୍ବର ପତର ଯୋଡ୍ଡାକୁ ଯୋଡ୍ଡା
ମାରିବି ଚାବୁକ୍ ଚଢ଼ିବି ଘୋଡ୍ଡା ।

ସେତେବେଳକୁ ମୁଁ ସ୍କୁଲରେ ଭର୍ତ୍ତି ହେଇ ସାରିଲିଣି -କ୍ଲାସ୍ ନାଇନ୍‌ରେ । ସବା ଉପର କ୍ଲାସ୍ ଥିଲା ଇଲେଭେନ୍ ।

ଏହିପରି କ୍ରମେ ବଡ଼ ହେବା ପରେ ଜାଣିଲି 'ମେସୋମଶାୟ' (ମୋହିନୀମୋହନ-୧୮୮୧-୧୯୪୫) ଓଡ଼ିଆ ଏବଂ ସେ ରେଭେନ୍‌ଶ କଲେଜର ଫିଲସଫି ପ୍ରଫେସର, କିନ୍ତୁ 'ମାସୀମା' ହିରଣପ୍ରଭା ବଙ୍ଗାଳୀ, ପୂର୍ବ ବଙ୍ଗୀୟ, ଏବଂ ସେ ବ୍ରାହ୍ମ ଘର ଝିଅ । ଆହୁରି ପରେ ଜାଣିଲି ମେସୋମଶାୟ ଦେଶବିଶ୍ରୁତ ଫକୀରମୋହନଙ୍କ ପୁତ୍ର ।

'ମାସୀମା'ଙ୍କ ପ୍ରଭାବରୁ ଝିଅମାନେ ବଙ୍ଗଳା କହୁଥିବେ, ଏହା ତ ହେଉଥାଏ । ହେଲେ ମେସୋମଶାୟଙ୍କ ବଙ୍ଗଳା ଶୁଣିଲେ ଜଣା ପଡୁଥିଲା ତାଙ୍କର ଆଗରୁ ବଙ୍ଗଳା

Digitized by srujanika@gmail.com

କହିବା ଅଭ୍ୟାସ ଥିଲା । ଫକୀରମୋହନଙ୍କ ସମୟରେ, ଅର୍ଥାତ୍ ଓଡ଼ିଶାରେ ବ୍ରିଟିଶ ଶାସନର ପ୍ରଥମ ଯୁଗରେ, ରାଜକର୍ମଚାରୀମାନେ ପ୍ରାୟ ସମସ୍ତେ ବଙ୍ଗାଳୀ ଥିଲେ । ଫକୀରମୋହନ ତ ବଙ୍ଗଳା ସାପ୍ତାହିକ ପତ୍ର *ସୋମପ୍ରକାଶ* ରେ କେବେ କେବେ ଲେଖା ଦେଉଥିଲେ ବୋଲି ତାଙ୍କ *ଆତ୍ମଜୀବନଚରିତ*ରେ ଲେଖିଛନ୍ତି । ତେଣୁ ମେସୋମଶାୟ ବଙ୍ଗଳା କହିବାରେ ଅଭ୍ୟସ୍ତ ଥିବା ସ୍ୱାଭାବିକ ।

ପ୍ର଼ଃ. ମୋହିନୀମୋହନ ସେନାପତି ଦୀର୍ଘକାୟ ଥିବା ସ୍ଥଳେ ଶ୍ରୀଯୁକ୍ତା ହିରଣପ୍ରଭା ଖର୍ବକାୟା ଥିଲେ । କିନ୍ତୁ ସେ ଥିଲେ ସୁକଣ୍ଠୀ ଗାୟିକା । କଟକ ବ୍ରହ୍ମ ମନ୍ଦିରରେ ମୁଁ ତାଙ୍କୁ ବ୍ରହ୍ମସଙ୍ଗୀତ ଗାଇବାର ଶୁଣିଛି । ତାଙ୍କ ପରିବାର ଥିଲେ ମୂଳତଃ ପୂର୍ବବଙ୍ଗୀୟ, ସେଠାର ମହିଳାମାନେ ପ୍ରାୟ ସୁଗାୟିକା ଓ ସୁପାଚିକା ହେଇଥାନ୍ତି ବୋଲି ଖ୍ୟାତି ରହିଛି । ମାସୀମା ହିରଣପ୍ରଭା ମଧ ସୁଗାୟିକା ହେବା ସଙ୍ଗେ ସଙ୍ଗେ ଅତି ସୁପାଚିକା ଥିଲେ । ପୁଣି ତାଙ୍କ ଅନ୍ତରଟି ଥିଲା ସ୍ନେହ ଓ ସହାନୁଭୂତିର ଆଧାର, ଯେଉଁଥି ପାଇଁ ସାହୀଯାକର ସମସ୍ତେ ତାଙ୍କୁ ଭକ୍ତି କରୁଥିଲେ ।

ପ୍ରଃ. ସେନାପତିଙ୍କୁ ଆମେ ପିଲାଲୋକମାନେ ଜଣେ ପ୍ରକୃତ 'ଆବ୍‌ସେଣ୍ଟ-ମାଇଣ୍ଡେଡ୍ ପ୍ରଫେସର' ହିସାବରେ ହିଁ ଦେଖୁଥିଲୁ କେବଳ ! ସେ ସମୟର ହାତଟଣା ରିକ୍‌ଶାରେ ସେ ଯିବା ଆସିବା କରୁଥିଲେ । ହୁଏତ ସେ ରିକ୍‌ଶାରୁ ଓହ୍ଲାଉଛନ୍ତି, ହଠାତ୍ କୌଣସି ଦାର୍ଶନିକ ବିତର୍କ ତାଙ୍କ ମନରେ ଉଦୟ ହେଲା, ଗୋଟିଏ ଗୋଡ଼ ରିକ୍‌ଶାରେ ଅନ୍ୟ ଗୋଡ଼ ତଳେ ଥିବା ଅବସ୍ଥାରେ ସେ ଚିନ୍ତା କରିବାକୁ ଲାଗିଲେ- ଏମିତି ବି କେବେ ଦେଖା ଯାଇଛି !

ତାଙ୍କର ଜ୍ଞାନ ଓ ପାଣ୍ଡିତ୍ୟ, ସର୍ବୋପରି ତାଙ୍କର ମୌଳିକ ଚିନ୍ତା ଆମ ଭଳି ସାଧାରଣ ଲୋକଙ୍କର ବିଦ୍ୟା-ବୁଦ୍ଧିର ବାହାରେ ଥିଲା, କେବଳ ଏତିକି ଜାଣିଥିଲୁ ଯେ ସେ ଈଶ୍ୱରବିଶ୍ୱାସୀ ନଥିଲେ । ଓଡ଼ିଶାର ପ୍ରଥମ ବ୍ରାହ୍ମମାନଙ୍କର ଅନ୍ୟତମ, ସୁବାଗ୍ମୀ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦିତ *ଉତ୍କଳ ସାହିତ୍ୟ*-ରେ ପ୍ରଃ ସେନାପତି ବହୁକାଳ ଯାବତ୍ ଲେଖାଲେଖି କରୁଥିଲେ । ସେସବୁ ଲେଖା ଓ ଅନ୍ୟାନ୍ୟ ଲେଖା ଏହି ସମସ୍ତରୁ ବୋଧହୁଏ କେବଳ କେତେଗୁଡ଼ିକୁ ନେଇ ସେ *ବିବିଧ ପ୍ରସଙ୍ଗ* ବୋଲି

Digitized by srujanika@gmail.com

ଗୋଟିଏ ବିଶେଷ ଚିତ୍ତାକର୍ଷକ ପୁସ୍ତକ ଲେଖିଥିଲେ । ତାର ଦୀର୍ଘ 'ଅବତରଣିକା'ରେ ସେ ଲେଖିଛନ୍ତି :-

"୧୯୦୪ ଖ୍ରୀଷ୍ଟାବ୍ଦରେ ମୁଁ ନାସ୍ତିକତା ସମର୍ଥନ କରି *ଉତ୍କଳ ସାହିତ୍ୟ* ରେ ପ୍ରଥମ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲି । ମୋର ମନେହୁଏ ଉତ୍କଳ-ସାହିତ୍ୟ କ୍ଷେତ୍ରରେ ମୋ ପୂର୍ବେ ଏପରି ସାହସର କର୍ମ କେହି କରି ନଥିଲା" । ('ଅବତରଣିକା'ର ୫ମ ପୃଷ୍ଠା)

ଏ ବିଷୟରେ ଆଉ ଟିକେ ଉଦ୍ଧୃତି :-

"ଭକ୍ତକବି ମଧୁସୂଦନଙ୍କ ସମ୍ପର୍କରେ ଆସି ମୁଁ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହେଲି । ...ଈଶ୍ୱର ଓ ପରକାଳ ବିଶ୍ୱାସର ଦାର୍ଶନିକ ଭିତ୍ତି ଜାଣିବା ସକାଶେ ମୁଁ ବି.ଏ. ପରୀକ୍ଷା ପାଇଁ ଦର୍ଶନ ପଢ଼ିବାକୁ ଲାଗିଲି । ଦର୍ଶନରେ ଯେଉଁ ଯୁକ୍ତି ଦେଖିଲି ମୁଁ ସନ୍ତୁଷ୍ଟ ହୋଇ ପାରିଲି ନାହିଁ । ସେ ସମୟରେ ବଙ୍ଗ ସାହିତ୍ୟରେ ସାକାର ଓ ନିରାକାର ଉପାସନା ଘେନି ତର୍କ-ବିତର୍କ ଚଳୁଥିଲା । ମୋର ଯେତେଦୂର ମନେ ପଡ଼େ ନଗେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ 'ଧର୍ମ-ଜିଜ୍ଞାସା' ପ୍ରଭୃତି ପୁସ୍ତକ ରଚନା କରି ବ୍ରାହ୍ମଧର୍ମ ଓ ନିରାକାର-ଉପାସନାର ସାରବତ୍ତା ପ୍ରମାଣ କରୁଥିଲେ । ହିନ୍ଦୁଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ ରାୟବାହାଦୁର ଯତୀନ୍ଦ୍ରମୋହନ ସିଂହ 'ସାକାର ଓ ନିରାକାର ତତ୍ତ୍ୱ-ବିଚାର' ନାମକ ପୁସ୍ତକ ରଚନା କରି ସାକାର ଉପନ୍ୟାସର ଯୁକ୍ତିଯୁକ୍ତତା ଏବଂ ନିରାକାର ଉପାସନାର ଭ୍ରାନ୍ତି ପ୍ରତିପାଦନ କରିବାକୁ ପ୍ରବୃତ୍ତ ହେଲେ । ଏସବୁ ତର୍କ-ବିତର୍କର ଫଳରେ ମୋର ଧର୍ମ ବିଶ୍ୱାସ ଆହୁରି ଶିଥିଳ ହୋଇ ପଡ଼ିଲା । .... ଏହି ସବୁ ନାନା କାରଣରୁ ମୁଁ ଧର୍ମର ଆବରଣ ଭେଦ କରି ନାସ୍ତିକତାରେ ଉପନୀତ ହେଲି ।" ('ଅବତରଣିକା'ର ୪ର୍ଥ ଓ ୫ମ ପୃଷ୍ଠା) ।

କିନ୍ତୁ ନାସ୍ତିକତା ନେଇ ତାଙ୍କର କୌଣସି ରକମ ମତାନ୍ଧତା ବା ଅସହିଷ୍ଣୁତା ନଥିଲା । ତାଙ୍କ ସ୍ତ୍ରୀ ଘରେ ଓ ବ୍ରାହ୍ମ ସମାଜ ମନ୍ଦିରରେ ବ୍ରହ୍ମ-ସଙ୍ଗୀତ ଗାଉଥିଲେ, ଘରେ କେହି ବ୍ରାହ୍ମ ଆସି ବ୍ରହ୍ମୋପାସନା ମଧ୍ୟ କରିଛନ୍ତି ।

Digitized by srujanika@gmail.com

ଏଇ 'ବିବିଧ-ପ୍ରସଙ୍ଗ' ପୁସ୍ତକରେ ଆହୁରି ନାନା କୌତୂହଳୋଦ୍ଦୀପକ ପ୍ରବନ୍ଧରେ ମୋହିନୀ ବାବୁ ତାଙ୍କର ବିଚିତ୍ର ମୌଳିକ ଚିନ୍ତାର ପରିଚୟ ଦେଇଛନ୍ତି । ସେ ସବୁ ବିଷୟରେ ଚିନ୍ତା ସେ ସମୟରେ ଭାରତବର୍ଷରେ ଅଚିନ୍ତନୀୟ ଥିଲା । ଫଳରେ ତାଙ୍କୁ କିଛି ନିନ୍ଦା ସହିବାକୁ ପଡ଼ିଥିଲା । କିନ୍ତୁ ନିନ୍ଦା ବା ସମାଲୋଚନାରେ ତିଳେ ମାତ୍ର ବିଚଳିତ ହେବା ଲୋକ ମୋହିନୀ ବାବୁ ନଥିଲେ ।

କିନ୍ତୁ ମୁଁ କହୁଥିଲି ମୋନା-ବିନୁଙ୍କ ଘର କଥା । ଏ ଦୁଇଜଣ ଥିଲେ ମୋହିନୀ ବାବୁଙ୍କର ଚାରି ଝିଅଙ୍କ ମଧ୍ୟେ ବଡ଼ ମଝିଆ ଓ ସାନ ମଝିଆ । ସବା ସାନଙ୍କ ନାଁ ଖୁକୁ । ଏମାନଙ୍କ ଭଲ ନାମ ଥିଲା ଯଥାକ୍ରମେ ମୈତ୍ରୀ, ବୀଣା, (ବୀଣାପାଣି ନୁହେଁ) ଓ ମାୟା । ସବା ବଡ଼ ଭଉଣୀଙ୍କ ନାମ ମୀରା, ମୁଁ ମୀରା ଦିଦି ବୋଲି କହୁଥିଲି । ତାଙ୍କ ଘରେ ଆମର ଯେତେ ଖେଳ-କୁଦ ହଉଥିଲା ବୋଲି ଆଗରୁ କହିଛି ସେଥିରେ ମୀରାଦି' ଛଡ଼ା ଆଉ ସମସ୍ତେ ମିଶୁଥିଲେ । ମୀରାଦି'ଙ୍କର ଚମତ୍କାର ସିଲେଇ କାମ କାନ୍ଥରେ ଟଙ୍ଗା ହେଇଥାଏ, ସେଥିରୁ ମୋର ମନେପଡୁଛି "ରୂପ ସାଗରେ ଡୁବ ଦିୟେଛି ଅରୂପ ରତନ ଆଶା କରି ।" ମୋନା (ମୈତ୍ରୀ) ଥିଲା ଏକ ପ୍ରକାର ଆମମାନଙ୍କର 'ଲୀଡର' । ସେ ମୋ ଅପେକ୍ଷା ଦେଢ଼ ବର୍ଷ ଖଣ୍ଡେ ବଡ଼ ଥିଲା । ଦୌଡ଼ରେ ତ କେବଳ ମୁଁ ତାର ସମାନ ଥିଲି । କିନ୍ତୁ ତାଙ୍କ ଘର ବଗିଚାରେ ପିଜୁଳି ଓ ଜାମୁରୋଳ ଗଛ ଉପରେ ସେ ଅବଲୀଳାକ୍ରମେ ଚଢ଼ି ଯାଉଥିଲା ସବା ଉଚ୍ଚ ଡାଳକୁ । ଆଉ କେହି ତାର ସମାନ ନଥିଲେ । ମୁଁ ତ ଗଛ ଚଢ଼ିବାକୁ ଡରୁଥିଲି । ଆମେ ଯଦି ତାଳଫୋଟକା ଫୁଟାଉଛୁ-ଯଥୋଚିତ ସାବଧାନତା ସହିତ, ମୋନା ହଠାତ୍ ଆସି ଗୋଟାଏ ଫୋଟକା ହାତରେ ଧରି ଅବହେଳାରେ ଫୁଟାଇ ଦେଇ ଚାଲିଯିବ ।

ଥରେ ମୋନା କହିଲା ବ୍ରିଟିଶ୍ ସହିତ ଯେ ଲଢ଼େଇ କରିବାକୁ ପଡ଼ିବ ତା'ପାଇଁ ଅସ୍ତ୍ର ଦରକାର । ତେଣୁ ମହାନଦୀ କୂଳରେ ହେଉଥିବା ବାଲିଯାତ୍ରା ମେଳାରୁ କେତେଗୁଡ଼ିଏ ତୀର-ଧନୁ କିଣି ଅଣା ଗଲା । ସେ ଯଉ ତୀର-ଧନୁ ସେଥିରେ ଆଜିକାଲିର ପିଲାଙ୍କ ମନ ଭୁଲିବ ନାହିଁ । ପୁଣି ମୋନା କହିଲା ଏ ଯୁଦ୍ଧରେ ବ୍ୟବହାର ପାଇଁ ଆମର ଗୋଟିଏ ଗୁପ୍ତ ଭାଷା ଦରକାର । ସେ କେତେଗୁଡ଼ିଏ ଅଦ୍ଭୁତ

Digitized by srujanika@gmail.com

ବଙ୍ଗଳା ଶବ୍ଦବନ୍ଧ ତିଆରି କଲା, ଯେମିତ- 'ବାଟା ପନ୍‌ପନ୍‌', ଅର୍ଥାତ୍‌ ଚାଲ ଆମେ ସେ (ବଟ୍‌ଗାଛ୍‌) ବରଗଛ ପାଖକୁ ଯିବା । ଆଉ କିଛି ମୋର ମନେ ନାହିଁ ।

ଆମେ ସବୁ ମାଟ୍ରିକୁଲେଶନ୍‌ ପାସ୍‌ କରି ସାରିଥିବା ବେଳେ ମୈତ୍ରୀ କହିଲା ଆମେ ଗୋଟାଏ ହାତ-ଲେଖା ପତ୍ରିକା ବାହାର କରିବା - ଅବଶ୍ୟ ବଙ୍ଗଳା ଓ ଇଂରାଜୀ ଭାଷାରେ, କାରଣ ସେ ଓ ତାର ଭଉଣୀମାନଙ୍କର 'Vernacular' ବଙ୍ଗଳା ହିଁ ଥିଲା । ପତ୍ରିକାର ନାମ ସେ ଦେଲା *ପାଗଲାମି*, ତିନି ମାସରେ ଥରେ ବାହାରିବ । ତାର **motto** ମଧ ସେ କଉଠୁ ଆଣିଲା : " **Mad men only know the pleasure in madness**", ବଙ୍ଗଳାରେ ସେ ଲେଖିଲା "ପାଗଲାମିତେ ଯେ ଆନନ୍ଦ ସେ କେବଲ ପାଗଲଇ ଜାନେ" । ସେତେବେଳକୁ ଆମମାନଙ୍କ ପରିଚିତଙ୍କ ପରିଧି ଟିକେ ବଢ଼ି ଯାଇଥାଏ, *ପାଗଲାମି* ପାଇଁ ଲେଖା ବଡ଼ମାନଙ୍କ ଠାରୁ ମଧ ଆସିଲା । ତା ଭିତରୁ ଜଣେ ମୋର ରଘୁଦା' (ରଘୁନାଥ ମହାନ୍ତୀ, ଯାହାଙ୍କ କଥା ପୂର୍ବରୁ କହିଛି) ଓ ଆଉ ଜଣେ ସେଇ ବଙ୍ଗୀୟ ସାହିତ୍ୟ ପରିଷଦ (କଟକ ଶାଖା)ର ସେକ୍ରେଟାରି ପୂର୍ବକଥିତ ବିମଲଦା' (ବିମଲକୃଷ୍ଣ ପାଲ) । ଆମେ କନିଷ୍ଠମାନେ ଅବଶ୍ୟ କିଛି କିଛି ମାମୁଲି ଲେଖା ଲେଖିଲୁ, କିନ୍ତୁ ମୈତ୍ରୀ ଲେଖିଲା ଗୋଟାଏ ଗଳ୍ପ ଯାହାର ପ୍ରଧାନ ଚରିତ୍ର ଜଣେ ପାଗଳ - ଆଉ ଗୋଟାଏ ଦୀର୍ଘ କବିତା, ନେପୋଲିଅନ୍‌ଙ୍କ ସ୍ତ୍ରୀ ଯୋସେଫାଇନ୍‌ଙ୍କର ନେପୋଲିଅନ୍‌ଙ୍କୁ ମର୍ମସ୍ପର୍ଶୀ ଆବେଦନ ତାଙ୍କ ସହିତ ବିବାହ-ବିଛେଦ ନ କରିବା ପାଇଁ । ଏଠି ଗୋଟାଏ ଔତ୍ସୁକ୍ୟର ବିଷୟ ନ କହି ରହି ହେଉନାହିଁ :ଫକୀରମୋହନ ମଧ ଯୋସେଫାଇନଙ୍କୁ ନେଇ କରୁଣ କବିତା ଲେଖିଥିଲେ, ତାକୁ ସେ ତାଙ୍କ ସ୍ତ୍ରୀଙ୍କୁ - ଅର୍ଥାତ୍‌ ତାଙ୍କର ଦ୍ୱିତୀୟା ପତ୍ନୀଙ୍କୁ (ମୋହିନୀମୋହନଙ୍କ ମାତା) - ପଢ଼ି ଶୁଣାଇଥିବା ବେଳେ ସେ କାନ୍ଦୁଥିଲେ । ଏହା ମୋହିନୀମୋହନ ତାଙ୍କ 'ବିବିଧ ପ୍ରସଙ୍ଗ'ର 'ଅବତରଣିକା'ରେ ଉଲ୍ଲେଖ ମାତ୍ର କରିଛନ୍ତି, ବିସ୍ତୃତ ଭାବରେ କିଛି କହି ନାହାଁନ୍ତି, କେବଳ ତାଙ୍କ ମାତାଙ୍କ କୋମଳ ହୃଦୟ କଥା କହିବା ହିଁ ତାଙ୍କ ଉଦ୍ଦେଶ୍ୟ ଥିଲା ପରି ମନେହୁଏ । ମୁଁ ଦୈବାତ ସେ 'ଅବତରଣିକା' ପଢିଥିଲି ବୋଲି ସେ କବିତା କଥା ଜାଣିଥିଲି । ଫକୀରମୋହନ ତାଙ୍କର 'ଆତ୍ମଜୀବନଚରିତ'ରେ ଏ ବିଷୟ ଲେଖି ନାହାଁନ୍ତି । ସେ ଯାହା ହେଉ

Digitized by srujanika@gmail.com

ପିତାମହ ଓ ପୌତ୍ରୀଙ୍କ ମଧ୍ୟରେ ଏ ପ୍ରକାର ଚିନ୍ତା ଓ ସର୍ଜନର ସାମଞ୍ଜସ୍ୟ ଆମମାନଙ୍କୁ ମୁଗ୍ଧ ଓ ବିସ୍ମିତ କରେ । ସବୁଯାକ ଲେଖା ମୈତ୍ରୀ ତାର ସୁନ୍ଦର ହସ୍ତାକ୍ଷରରେ ଆଉ ଥରେ ପତ୍ରିକା ଖାତାରେ ଲେଖି ଦେଉଥିଲା । କଉଠି କଉଠି ଗୋଟାଏ ଚିତ୍ର ମଧ ଆଙ୍କି ଦେଉଥିଲା । ତିନି ମାସକୁ ଗୋଟିଏ କରି ଏକ ବର୍ଷରେ ଚାରୋଟି ସଂଖ୍ୟା ବାହାରି *ପାଗଲାମି* ବନ୍ଦ୍ ହୋଇଗଲା । ଦୁଇଟି ସଂଖ୍ୟା ମୈତ୍ରୀ ହାତ ଲେଖାରେ, ଦୁଇଟି ମୋ ହାତ ଲେଖାରେ ବାହାରି ଦପ୍ତରୀ ପାଖରେ ବନ୍ଧେଇ ହୋଇ ପରବର୍ତ୍ତୀ କାଳରେ ତା' ପ୍ରଥମରେ ମୋ ପାଖରେ, ପରେ ମୈତ୍ରୀ ପାଖରେ ରହିଥିଲା ।

ଏହା ପରେ ସେ ଶାନ୍ତିନିକେତନରେ ପାଠ ପଢ଼ି ବି.ଏ. ପାସ୍ କଲା । ସେଇଠି ସେ ଶାନ୍ତିନିକେତନର ବିଶେଷ ଢଙ୍ଗ ବା ପଦ୍ଧତିର ନୃତ୍ୟ ଶିକ୍ଷା କଲା । ସେଠାରେ ପୁଣି ବିଖ୍ୟାତ ଶିଳ୍ପୀ ନନ୍ଦଲାଲ ବସୁଙ୍କ ପାଖରେ ଛବି ଅଙ୍କା ଶିଖିଲା । ବିଭିନ୍ନ ଚିତ୍ର ପ୍ରଦର୍ଶନୀରେ ମୈତ୍ରୀ ଆଙ୍କିଥିବା ଚିତ୍ର ପୁରସ୍କୃତ ହେଇଛି । ତାଛଡ଼ା ଜାପାନୀ ଜୁଜୁତ୍ସୁ-ଶିକ୍ଷକ ପ୍ରଫେସର ତାକାଗାକିଙ୍କ ପାଖରୁ କିଛିଦିନ ଜୁଜୁତ୍ସୁ ମଧ ଶିଖିଥିଲା । ସ୍ତ୍ରୀଲୋକଙ୍କ ଆତ୍ମରକ୍ଷା କଥା ଚିନ୍ତା କରି ରବୀନ୍ଦ୍ରନାଥ ଏଇ ଜୁଜୁତ୍ସୁ ଗୁରୁଙ୍କୁ ନିମନ୍ତ୍ରଣ କରି ଅଣାଇଥିଲେ, କିନ୍ତୁ ୧୯୩୦ର ଦଶନ୍ଧି ପରି ଆଧୁନିକ ସମୟରେ ମଧ ବାପା-ମାଆମାନେ ତାଙ୍କ ଝିଅଙ୍କୁ ପୁରୁଷ ଜୁଜୁତ୍ସୁ ଶିକ୍ଷକଙ୍କ ପାଖରେ ଛାଡ଼ିବାକୁ ରାଜି ହେଲେ ନାହିଁ । ତେଣୁ ସେ ଅଳ୍ପ କେତୋଟି ପୁଅ ଓ ଝିଅଙ୍କୁ ଶିକ୍ଷା ଦେବା ପରେ ୧୯୩୦ରେ ସେମାନଙ୍କୁ ଧରି ବେନାରସରେ All Asiatic Teachers' Congress ଉପଲକ୍ଷ୍ୟେ ଜୁଜୁତ୍ସୁ କ୍ରୀଡ଼ା କୌଶଳ ଦେଖାଇଥିଲେ । ତାହାପରେ କିଛିଦିନ ଭାରତର ବିଭିନ୍ନ ସ୍ଥାନରେ ତାଙ୍କର ଖେଳ ଦେଖାଇ ତାପରେ ଜାପାନ ଫେରିଗଲେ । ସେ ସମୟରେ ସେ କଟକକୁ ଆସିଥିଲେ ମଧ, ୧ ଜୁଲାଇ ୧୯୩୧ରେ ଶ୍ରୀରାମଚନ୍ଦ୍ର ଭବନରେ ଆମେ ତାଙ୍କର ଖେଳ ଦେଖି ଚମତ୍କୃତ ହେଇଥିଲୁ ! ଚାରି ପାଞ୍ଚ ଜଣ ଯୁବକ ତାଙ୍କୁ କେତେ ରକମ ଭାବରେ ସବଳେ ଧରି ରଖିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ପ୍ରତ୍ୟେକ ଥର ପ୍ରଃ ତାକାଗାକି "ଓଆନ୍ ଟୁ ଥ୍ରି" କହିବା ସଙ୍ଗେ ସଙ୍ଗେ ସେମାନେ ତାଙ୍କୁ ଛାଡ଼ି ତଳେ ପଡ଼ି ଯାଉଥିଲେ ! ସେ 'ଓଅନ୍' କହିପାରୁ ନଥିଲେ । ସେହିପରି ସେ ମୈତ୍ରୀଙ୍କୁ କହୁଥିଲେ 'ମୈସତ୍ରୀ' । ଶିକ୍ଷାର ପ୍ରଥମ ପାଠ ହିସାବରେ ଶିକ୍ଷାର୍ଥୀମାନଙ୍କୁ

Digitized by srujanika@gmail.com

ଧରି ଗାଡ଼ି ଉପରେ ଯେମିତେ ସେମିତେ କରି ଜୋର୍‌ରେ ଫୋପାଡ଼ି ଦେଉଥିଲେ - ଯେ ଯେମିତି ପାରିବ ନିଜକୁ ସମ୍ଭାଳ ।

ଏହାପରେ - ବୋଧହୁଏ ବିବାହ ପରେ - ମୈତ୍ରୀ କଲିକତାରେ **Dr.Ghatak's College** ବୋଲି ଗୋଟିଏ ହୋମିଓପାଥି କଲେଜରେ ଡଃ ଘଟକଙ୍କ ପାଖରେ ହୋମିଓପାଥି ଶିକ୍ଷା କରି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଲା ଏବଂ ହୋମିଓପାଥି ଶାସ୍ତ୍ରରେ ଜଣେ ପରମ ବିଶ୍ୱାସୀ ହୋମିଓପାଥି ଡାକ୍ତର ହିସାବରେ ଅଚିରେ ଖ୍ୟାତିଲାଭ କଲା । ହୋମିଓପାଥି ପ୍ରତି ତାର ଏ ବିଶ୍ୱାସ ଓ ଆଗ୍ରହ ମୂଳରେ ଥିଲା ଅଧାପକ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ହୋମିଓପାଥି ଅଭ୍ୟାସ । ଲକ୍ଷ୍ମୀକାନ୍ତ ବାବୁ ଫକୀରମୋହନଙ୍କ ପ୍ରଥମା ପତ୍ନୀଙ୍କର ଦୌହିତ୍ର ହେଇଥିବା ବେଳକୁ ମୈତ୍ରୀ ଥିଲା ଫକୀରମୋହନଙ୍କ ଦ୍ୱିତୀୟା ପତ୍ନୀଙ୍କର ପୌତ୍ରୀ, ତେଣୁ ସେ ଓ ତାଙ୍କ ଭଉଣୀମାନେ ଲକ୍ଷ୍ମୀକାନ୍ତ ବାବୁଙ୍କୁ କାନ୍ତ ଭାଇ ବୋଲି ଡାକୁଥିଲେ । (ତେଣୁ ସେ ମଧ ଥିଲେ ମୋର 'କାନ୍ତଭାଇ') । ସମ୍ପର୍କ ହିସାବରେ କାନ୍ତଭାଇ ମୋହିନୀବାବୁଙ୍କୁ ମାମୁଁ ଓ ଶ୍ରୀଯୁକ୍ତା ହିରଣପ୍ରଭାଙ୍କୁ ବଙ୍ଗଳାରେ ମାମୀମା ବୋଲି ଡାକୁଥିଲେ । ସେତେବେଳେ ଶ୍ରୀ ହରେକୃଷ୍ଣ ମହତାବ ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତାସଂଗ୍ରାମୀ, ସେ ଲକ୍ଷ୍ମୀକାନ୍ତ ବାବୁଙ୍କୁ କହୁଥିଲେ ହୋମିଓପାଥିର ଯେ କୌଣସି ଭୁଲ ଔଷଧ ଖାଇଦେଲେ ବି କିଛି ହବ ନାହିଁ । ଲକ୍ଷ୍ମୀକାନ୍ତ ବାବୁ ତାଙ୍କୁ ଏମିତି ଗୋଟାଏ ଔଷଧ ଦେଲେ ଯାହା ଖାଇବା ଫଳରେ ମହତାବଙ୍କ ଦେହଯାକ ଘା ବାହାରି ପଡ଼ିଲା ! କାନ୍ତଭାଇ ପୁଣି ଆଉ ଗୋଟାଏ ଔଷଧ ଦେଇ ତାଙ୍କୁ ଭଲ ବି କରି ଦେଲେ ।

ସବୁ ନୂଆ କଥାକୁ ବ୍ରାହ୍ମ ରମଣୀମାନେ ଆଗୁଆନ ହେଉଥିଲେ । ଓଡ଼ିଶାରେ ବୋଧହୁଏ ପ୍ରଥମ ଝିଅ ପିଲା ଯେ କି ଉଚ୍ଚଶିକ୍ଷା ପାଇଁ ଆଗେଇ ଆସିଥିଲେ ସେ ଥିଲେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ବ୍ରାହ୍ମ ବିଶ୍ୱନାଥ କରଙ୍କ ଝିଅମାନେ । ସବା ବଡ଼ ନର୍ମଦା (ନମ) କଲିକତାରେ ବିବାହ ହେଇ ଯାଇଥିଲେ । ପରବର୍ତ୍ତୀ ଦୁଇ ଜଣଙ୍କୁ ଆମେ କନିଷ୍ଠମାନେ ଯାହାଁଙ୍କୁ ଡାକୁଥିଲୁ ପତଦି' ଓ ଚନଦି' ବୋଲି । ଏମାନେ ତା ପରେ କଟକ ରେଭେନଶ୍ କଲେଜରେ ପୁଅ ପିଲାଙ୍କ ସହିତ ପଢ଼ିବା ପାଇଁ ପ୍ରଥମ ଝିଅ ପିଲା

Digitized by srujanika@gmail.com

ଥିଲେ ୰ କ୍ଷୀରୋଦଚନ୍ଦ୍ର ରାୟଚୌଧୁରୀଙ୍କ କନ୍ୟା ବେଲା ରାୟଚୌଧୁରୀ, ଆମର ବେଲାଦି' । ସେହିପରି ମୈତ୍ରୀଙ୍କ ତଳ ଭଉଣୀ ବୀଣା ଥିଲେ ରେଭେନଶ୍ କଲେଜରେ ବିଜ୍ଞାନ (I.Sc.) ପଢ଼ିବାକୁ ପ୍ରଥମ ଝିଅ ପିଲା । କଟକରେ ଝିଅ ପିଲା ସାଇକଲ ଚଢ଼ିବାରେ ମଧ୍ଯ ସେ ଥିଲେ ପ୍ରଥମ ।

♦♦♦

(୧୨)

ପୁଲିସ୍ ସାହେବ ଶ୍ରୀ ଶ୍ରୀକୃଷ୍ଣ ମହାପାତ୍ର

ଏଇଠି କଟକର ପ୍ରତାପଶାଳୀ ପୁଲିସ୍ ସୁପାରିଣ୍ଟେଣ୍ଡେଣ୍ଟ ଶ୍ରୀ ଶ୍ରୀକୃଷ୍ଣ ମହାପାତ୍ରଙ୍କ କଥା ମନେ ପଡ଼ି ଯାଉଛି, କାରଣ ତାଙ୍କ ଘର ଥିଲା ମୋନା-ବିନୁଙ୍କ ଘର ନିକଟରେ- ଟିକିଏ ପୂର୍ବକୁ, 'ସନ୍‌ଶାଇନ୍ ଫୀଲଡ୍' ପାଖରେ । ତାଙ୍କର ସାନ ପୁଅ ମଣ୍ଟୁ ଯେକି ଭାଇମାନଙ୍କ ଭିତରେ ଥିଲା ଏକମାତ୍ର ଦୁଷ୍ଟ ପିଲା, କେବେ କେବେ ତିନି ମହଲା ଛାତ ଉପରୁ ତଳକୁ ମୋନା-ବିନୁଙ୍କ ଦୋ ମହଲା ଛାତକୁ ଚାହିଁ ମିଛରେ କଜିଆ କରୁଥିଲା ଏବଂ ଏକମାତ୍ର ବିନୁ ଯାହାର ଉତ୍ତର ଦେଉଥିଲା ।

ମହାପାତ୍ର ସାହେବ ଥିଲେ ମହାତ୍ମା ଗାନ୍ଧୀଙ୍କ ୧୯୨୧ ମସିହା ଆନ୍ଦୋଳନର ବଡ଼ ଶତ୍ରୁ । ତେଣୁ କଟକର ସେ ସମୟର ସାଧାରଣ ଜନତାର ପ୍ରାୟ ଏକପ୍ରକାର ଘୃଣାର ପାତ୍ର । ଲୋକଙ୍କ ମଧ୍ୟରେ ଗୋଟାଏ ଧାରଣା ବି ବ୍ୟାପିଥିଲା ଯେ ତାଙ୍କର ଗୁପ୍ତ ଆଦେଶରେ ପୁଲିସ ଗାନ୍ଧୀଭକ୍ତଙ୍କ ଘରେ ନିଆଁ ଲଗାଇ ଦେଉଛି । ସେଥିପାଇଁ 'ଘରପୋଡ଼ି' ଶ୍ରୀକୃଷ୍ଣ ମହାପାତ୍ର ବୋଲି ତାଙ୍କୁ ଗୋଟାଏ ଉପନାମ ମିଳିଥିଲା । କିନ୍ତୁ ସେ ସମାଦୃତ ହେଉଥିଲେ କଲିକତାର ଉଚ୍ଚ ପୁଲିସ ମହଲରେ - ବଙ୍ଗଦେଶର ସେ ସମୟର ତଥାକଥିତ ସନ୍ତ୍ରାସୀଙ୍କ ଗୁପ୍ତ ସଂଗଠନର ସର୍ଦ୍ଦାରମାନଙ୍କୁ ଧରିବା କାର୍ଯ୍ୟରେ

Digitized by srujanika@gmail.com

ତାଙ୍କର ଦକ୍ଷତା ଯୋଗୁଁ । କିନ୍ତୁ ଏଇଥି ପାଇଁ ତାଙ୍କ ଜୀବନରେ ଗୋଟିଏ ଟ୍ରାଜେଡି ଉପୁଜିଥିଲା । ତାଙ୍କର ପ୍ରଥମା ପତ୍ନୀଙ୍କର ସୁପୁତ୍ର ଅତିଶୟ ମେଧାବୀ ହେମନ୍ତ ଯେ କି କଲିକତାରେ ସ୍କଟିଶ୍ ଚାର୍ଚ୍ଚ କଲେଜରେ ପଢୁଥିଲା ସେ ତାର କୌଣସି ସାଙ୍ଗ ପାଖରୁ ସନ୍ତ୍ରାସୀମାନଙ୍କ କିଛି ସୁରାକ ପାଇଥିଲା । ସେ ସୂତ୍ରକୁ ଧରି ମହାପାତ୍ର ସାହେବ ବୋଧହୁଏ କେଉଁ ସନ୍ତ୍ରାସୀକୁ ଧରି ପାରିଥିଲେ । ଏଥିଲାଗି ସୁତୀବ୍ର ଅନୁଶୋଚନାରେ ହେମନ୍ତ ଆତ୍ମହତ୍ୟା କରିଥିଲା ।

ବ୍ୟକ୍ତିଗତ ଜୀବନରେ ଶ୍ରୀ ଶ୍ରୀକୃଷ୍ଣ ମହାପାତ୍ର ଜଣେ ପ୍ରିୟଭାଷୀ ଭଦ୍ରଲୋକ ଥିଲେ । ସେ ଥରେ କଟକରେ ତାଙ୍କ ଘର ପାଖ Sunshine Fieldରେ ଗୁଡ଼ି ଉଡ଼ାଇବା ପ୍ରତିଯୋଗିତା କରାଇଥିଲେ । ମୋର ସେତେବେଳେ ଗୁଡ଼ି ଉଡ଼ାଇବା ବୟସ ସତ୍ତ୍ୱେ ମୁଁ ଗୁଡ଼ି ଉଡ଼ାଉ ନଥିଲି, ଯଦିଓ ସେଇ ଉଚ୍ଛ୍ୱଳିତ ଅତି ସୁଜ୍ଞାତ ଫକ୍କା-ଚା' ଚୀତ୍କାର ଶୁଣିବା ମାତ୍ରେ ମୁଁ ଯାବତ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ଗହଣରେ ପଶି କଟି ଯାଇଥିବା ଗୁଡ଼ି ଧରିବା ପାଇଁ ଦୌଡୁଥିଲି । ମହାପାତ୍ର ସାହେବ କରାଇଥିବା ସେଇ ପ୍ରତିଯୋଗିତାରେ ଦିନଯାକ ନାନା ବିଚିତ୍ରବର୍ଣ୍ଣ ଓ ବିଚିତ୍ର ଆକାରର ଗୁଡ଼ି ଉଡ଼ାଣ ଓ ପେଞ୍ଚ ଲଗାଇବା ଖେଳ ଦେଖି ଲୋକେ ବିଶେଷ ଆନନ୍ଦ ପାଇଥିଲେ । ଘରେ ଘରେ ଝିଅମାନଙ୍କୁ ସେତାର ଓ କିଛି ହିନ୍ଦୀ ଗୀତ ଶିଖାଉଥିବା ଉସ୍ତାଦ ଖାନୁ ମିଆଁ ସହେବଙ୍କ ପୁଅ ଏ ଗୁଡ଼ି ଉଡ଼ାଣରେ ପ୍ରଥମ ପୁରସ୍କାର ପାଇଥିଲା ବୋଲି ବୁଲୁ ତାର ଆତ୍ମଜୀବନୀରେ ଲେଖିଛି ।

ଶ୍ରୀ ମହାପାତ୍ରଙ୍କର ବୋଧହୁଏ ଦ୍ୱିତୀୟା ପତ୍ନୀଙ୍କର ଅନ୍ୟତମ ପୁତ୍ର ନନ୍ଦନନ୍ଦନ ମହାପାତ୍ର (ଫେଲୁ) ସ୍କୁଲରେ ମୋର ସହପାଠୀ ଥିଲା, ଅବଶ୍ୟ 'ବି' ସେକ୍‌ଶନର । କଲେଜରେ ଖେଳ-କୁଦରେ, ବିଶେଷତଃ sprint (ସ୍ୱଳ୍ପଦୂର ଦୌଡ଼) ୧୦୦ (ଶହେ) ଗଜ ଦୌଡ଼ରେ ଏବଂ ବୋଧହୁଏ ୨୦୦ଗଜ ଦୌଡ଼ରେ ସେ ନାଁ କରିଥିଲା ।

ଅନେକ ପରେ ମୋର "ଅନୁଦ୍‌ବିଗ୍ନମନାଃ" ବେଳେ ମୁଁ ପିଲା ପଢ଼ାଉଥିବା ସମୟରେ ମହାପାତ୍ର ସାହେବ (ସେତେବେଳକୁ ବୋଧହୁଏ ଅବସରପ୍ରାପ୍ତ) ତାଙ୍କର

Digitized by srujanika@gmail.com

ଗୋଟିଏ ଝିଅ ଗୌରପ୍ରିୟାକୁ କେବଳ ଗଣିତ ପଢ଼ାଇବା ପାଇଁ ମୋତେ କହିଥିଲେ, କାରଣ ମାଟ୍ରିକୁଲେଶନ ପୂର୍ବରୁ 'ଟେଷ୍ଟ' ପରୀକ୍ଷାରେ ସେ ଭଲ କରିପାରି ନଥିଲା, ଯଦିଓ ଅନ୍ୟାନ୍ୟ ବିଷୟରେ ସେ ଖୁବ୍ ଭଲ ଫଳ କରିଥିଲା । ଦୁଇମାସ ପରେ ମ୍ୟାଟ୍ରିକ ପରୀକ୍ଷାରେ ଗଣିତରେ ସେ ୬୨ନମ୍ବର ରଖି ଉଚ୍ଚ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲା ବୋଲି ମହାପାତ୍ର ସାହେବ ମୋ ଉପରେ ବିଶେଷ ସନ୍ତୁଷ୍ଟ ହୋଇଥିଲେ; ମୁଁ ସେତେବେଳେ ୨ୟ ବିଶ୍ୱଯୁଦ୍ଧରେ ଏରୋପ୍ଲେନ୍ ପାଇଲଟ୍ ହେବି ବୋଲି ତାଙ୍କଠାରେ ସାର୍ଟିଫିକେଟ୍ ମାଗିଲାରୁ ସେ ମୋତେ intrepid ବୋଲି ସାର୍ଟିଫିକେଟ୍ ଦେଇଥିଲେ । ପାଇଲଟ୍ ହେବା ପାଇଁ ମୋର ଦରଖାସ୍ତ ଅବଶ୍ୟ ମଞ୍ଜୁର ହେଲା ନାହିଁ, ବୋଧହୁଏ ବାବା ତାକୁ ଫେରସ୍ତ ଆଣିଥିଲେ । ମୁଁ ଜାଣିବାରେ ମୋର ଦୁଇଜଣ ବିଶେଷ ଚିହ୍ନା ବଙ୍ଗାଳୀ ପିଲା ଯୁଦ୍ଧରେ ପାଇଲଟ୍ ହୋଇ ପାରିଥିଲେ, ସେମାନେ କୁଆଡ଼େ ପ୍ରତିଦିନ ବାର୍ଲିନ୍ ଶହର ଉପରେ ବୋମା ପକାଇବାକୁ ଯାଉଥିଲେ । ସେମାନେ ଆଉ ଫେରିନାହାନ୍ତି ବୋଲି ଶୁଣିଥିଲି । ଜଣେ ହେଲେ ରତନ ଏଷ୍ଟେଟର ମ୍ୟାନେଜାରଙ୍କ ପୁଅ ଅମର, ଆଉ ଜଣେ ରେଭେନଶ୍ କଲେଜର ବଟାନି (Botany) ପ୍ରଫେସର ଦେବବ୍ରତ ବାବୁଙ୍କ ପୁଅ କାନାଇଲାଲ ।

କର୍ମକ୍ଷେତ୍ରରେ ଶ୍ରୀ ମହାପାତ୍ରଙ୍କର ଅସାଧାରଣ ଦକ୍ଷତା ବିଷୟ ଶୁଣିଲାବେଳେ ଆମେ ଏପରି ମଧ ଶୁଣିଥିଲୁ ଯେ ସେ ଥିଲେ ସବ୍ୟସାଚୀ, ଡାହାଣ ହାତ ପରି ବାଆଁ ହାତରେ ବି ଲେଖିପାରୁ ଥିଲେ । ଏଇଟା ଅତିରଞ୍ଜନ ହେଇପାରେ, କିନ୍ତୁ ଅସମ୍ଭବ ମଧ ନୁହେଁ । ସେ ଯାହାହେଉ ତାଙ୍କ ଝିଅ ଗୌରପ୍ରିୟାକୁ ସେ ଓଡ଼ିଆ ସହିତ ବଙ୍ଗଳା ହସ୍ତାକ୍ଷର ବି ଲେଖାଉଥିଲେ । ଅନେକ ପରେ ଯେତେବେଳେ ମୁଁ ସପରିବାର ଭୁବନେଶ୍ୱରରେ ରହୁଥିଲୁ ସେତେବେଳେ ସେ ତାର ସ୍ୱାମୀ ଇନ୍ଦୁବାବୁଙ୍କ ସହିତ ଆମ ଘର ନିକଟରେ ଥିଲାବେଳେ ତାର ସୁନ୍ଦର ବଙ୍ଗଳା ଅକ୍ଷର ଦେଖି ବିସ୍ମିତ ହେଇଥିଲି ।

◆◆◆

Digitized by srujanika@gmail.com

(୧୩)

ଚେସ୍

ଏହା ପୂର୍ବରୁ 'ଖେତୁଦା'ଙ୍କ (୰ସଙ୍ଗୀତାଚାର୍ଯ୍ୟ କ୍ଷିତୀଶଚନ୍ଦ୍ର ମୈତ୍ର) କଥା କହିଲା ବେଳେ କଟକରେ *ରୁଇ ଲୋପେଜ କ୍ଲବ୍ (Ruy Lopez Club)* ବୋଲି ଆମର ଚେସ୍ କ୍ଲବ୍ କଥା ଉଠି ପଡ଼ିଥିଲା - ଖେତୁଦା ଚେସ୍ ଖେଳାଳୀ ନ ହୋଇ ମଧ ତାର ମେମ୍ବର ହୋଇଥିଲେ ବୋଲି ।

କିନ୍ତୁ ଏହି ଚେସ୍ ଖେଳ ବା ପ୍ରକୃତରେ କହିବାକୁ ଗଲେ ଓଡ଼ିଶାରେ ଏହି ଖେଳର ଆଧୁନିକ ସର୍ବଜାତିକ ରୂପର ପ୍ରଚାର ଓ ପ୍ରସାର ଏକ ସମୟରେ ମୋ ଜୀବନର ଗୋଟିଏ ଖୁବ୍ ବଡ଼ ସ୍ଥାନ ଅଧିକାର କରି ରହିଥିଲା - ଏତେ ବଡ଼ ଯେ ମୁଁ ବୋଧହୁଏ ସବିନୟରେ କହିପାରେ ଯେ ଭାରତର ଚେସ୍ ଜଗତରେ ଓଡ଼ିଶା ଯଦି ଆଜି ଗୋଟିଏ ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରି ପାରିଥାଏ ତେବେ ମୂଳତଃ ତାହା ମୋ ପାଇଁ । ଏଥିରେ ମୋତେ ବିଶେଷ ଭାବେ ସାହାଯ୍ୟ କରିଥିଲେ ମୋର ବହୁଦିନ ପ୍ରୟାତ ଚେସ୍ ଗୁରୁ ୰କ୍ଷିତୀଶଚନ୍ଦ୍ର ମିତ୍ର ଓ ଶ୍ରୀ ରଘୁନାଥ ଦାସ ।

ଚେସ୍ ଅବଶ୍ୟ ମୁଁ ପିଲାଦିନୁ ଶିଖିଥିଲି ଓ କେବେ କେମିତି ଖେଳୁଥିଲି ମଧ, କିନ୍ତୁ ପ୍ରଥମ ଓଡ଼ିଶା ଆସେମ୍ବ୍ଲିର ବାଚସ୍ପତି **(Speaker)** ଶ୍ରୀ ମୁକୁନ୍ଦପ୍ରସାଦ ଦାସଙ୍କ ଷ୍ଟେନୋଗ୍ରାଫର କ୍ଷିତୀଶଚନ୍ଦ୍ର ମିତ୍ରଙ୍କ ସାଙ୍ଗରେ ଚେସ୍ ଖେଳିବା ପରେ ଜାଣିଲି ଚେସ୍ ଖେଳ ପ୍ରକୃତରେ କି ବସ୍ତୁ !

ମାତ୍ର ରବୀନ୍ଦ୍ରନାଥ କହିବା ପରି, ସନ୍ଧ୍ୟାବେଳେ ଦୀପ ଜାଳିବା ପୂର୍ବରୁ ଥାଏ ବେଳସୁ ତା ଲାଗି ବଳିତା ବଳିବା । ଆସେମ୍ବ୍ଲି ଡିପାର୍ଟମେଣ୍ଟରେ ମୋର ଜଣେ ସହକର୍ମୀ ଥାଏ ବାଲେଶ୍ୱରର ଗୋଟିଏ ଅବିବାହିତ ନିଃସଙ୍ଗ ଯୁବକ ଶିବପଦ ଚାଟାର୍ଜ୍ଜି । କଟକରେ ଏକୁଟିଆ ଗୋଟାଏ ବସାଘରେ ରହି ତାର ସମୟ କଟୁ ନଥାଏ । ସେ କ୍ଷିତୀଶବାବୁ ଓ ମୋ ସାଙ୍ଗରେ ଲଗାଇଲା ତା' ଘରକୁ ଯାଇ ତା ସହିତ ଚେସ୍ ଖେଳିବା ପାଇଁ । ଶେଷକୁ ଆମେ ମଧ ଯାଇ ତା ସହିତ ଚେସ୍ ଖେଳିଲୁ,

Digitized by srujanika@gmail.com

ଦେଖିଲୁ ସେ ମୋ ଠାରୁ ବି କଞ୍ଚା ଖେଳୁଆଡ଼ । ଅପରପକ୍ଷେ କ୍ଷିତୀଶବାବୁ ପୂର୍ବରୁ ବହୁଦିନ ପୁରୀରେ ରହୁଥିଲା ବେଳେ (ବୋଧହୁଏ) ସେ ସମୟର ପୂର୍ବ ବଙ୍ଗର କୌଣସି ଏକ ପଳାତକ 'ସନ୍ନ୍ୟାସୀ'ଙ୍କ ସହିତ ଚେସ୍ ଖେଳି ଖେଳି ବିଶେଷ ପାରଦର୍ଶିତା ଲାଭ କରି ସାରିଥିଲେ, ତେଣୁ ଆମ ଦୁଇଜଣଙ୍କ ସାଙ୍ଗରେ ଖେଳି ସୁଖ ପାଉନଥିଲେ, ମାତ୍ର ଏହା ଫଳରେ ତାଙ୍କର ପୁରୀର ସ୍ମୃତି ତେଜି ଉଠିଥିଲା । କିଛିଦିନ ପରେ ଆସେମ୍ବ୍ଲି ଲାଇବ୍ରେରି ପାଇଁ ଅନ୍ୟାନ୍ୟ ପୁସ୍ତକ ସହିତ ଗୋଟିଏ *ଏନ୍‌ସାଇକ୍ଲୋପୀଡିଆ ବ୍ରିଟାନିକା* ସେଟ୍ କିଣା ହେଇ ଆସିଲା । ସେତେବେଳେ ଦୁଇଜଣ ଯାକ ସେଥିରେ ଥିବା **CHESS** ନିବନ୍ଧଟି ଉପରେ ହାମୁଡ଼ି ପଡ଼ିଲୁ । ମାତ୍ର ଦୁଃଖର କଥା ସେତେବେଳକୁ ଶିବପଦ ବାବୁ ଅକାଳେ ଆମକୁ ଛାଡ଼ି ସେ ପୁରକୁ ଚାଲି ଯାଇଥାନ୍ତି । ସତେ କି ସେ ଏକପ୍ରକାର 'ନିମିତ୍ତମାତ୍ର ଭବ ସବ୍ୟସାଚିନ୍' ବୋଲି ଅର୍ଜ୍ଜୁନଙ୍କୁ ଶ୍ରୀ ଭଗବାନଙ୍କ ଆଦେଶ ଅଙ୍ଗେ ଲିଭାଇବା ଦୃଷ୍ଟାନ୍ତ !

ବ୍ରିଟାନିକାର ସେଇ ନିବନ୍ଧରେ ଚେସ୍ ବା ଶତରଞ୍ଜ ଖେଳର ଉଦ୍ଭବ ଓ ଦେଶଦେଶାନ୍ତରରେ ତାର ପ୍ରସାରର ଇତିହାସ ସଂକ୍ଷେପରେ ଦିଆହୋଇ ତା'ପରେ ଆଧୁନିକ ଚେସ୍‌ର ଆନ୍ତର୍ଜାତିକ ନିୟମ କାନୁନ୍ ସହିତ ବଡ଼ ବଡ଼ ଖେଳୁଆଡ଼ମାନଙ୍କ ମଧ୍ୟରେ ଖେଳା ଯାଇଥିବା କେତେଟି ବିଖ୍ୟାତ ଚେସ୍ ବାଜି ସାଙ୍କେତିକ ଭାଷାରେ ମୂଳରୁ ଶେଷ ପର୍ଯ୍ୟନ୍ତ ଦିଆ ଯାଇଛି । ସେ ଭାଷାରେ ବୀଜଗଣିତ ପରି **abcd** ସହିତ **1234** ମଧ୍ୟ ବ୍ୟବହାର ହେଇଥିବା ଦେଖି ମୋର ଗୋଟିଏ ଭୁଲ ଧାରଣା ହେଲା ଯେ ଚେସ୍ ଗଣିତ ଭଳି ଗୋଟାଏ ଅଭ୍ରାନ୍ତ, ସୂକ୍ଷ୍ମ ବିଦ୍ୟା, ବୋଧହୁଏ ଅଙ୍କ କଷି ଚେସ୍‌ର ଚାଲ ଦିଆଯାଏ । କିନ୍ତୁ ପ୍ରକୃତରେ ତା' ବିଲ୍‌କୁଲ୍ ନୁହଁ, ଠିକ୍ ଚାଲ ଦେବା ନିର୍ଭର କରେ ଖେଳୁଆଡ଼ର ବୁଦ୍ଧି-ବିବେଚନା ଓ ଅଭିଜ୍ଞତା ଉପରେ ।

କିଛିକାଳ ପର୍ଯ୍ୟନ୍ତ ମୋର 'ଚେସ୍ ଗୁରୁ' କ୍ଷିତୀଶ ବାବୁ ଓ ମୁଁ ସାଇକେଲ ଧରି ବୁଲିବୁଲି କଟକର କେତେକ ଚେସ୍ ଖେଳାଳୀଙ୍କୁ ଠାବ କଲୁ । ଶେଷକୁ ଆମେ ଆମର ବିଶେଷ ବନ୍ଧୁ ଜଣେ ଚେସ୍-ଭକ୍ତ ଶ୍ରୀ ରଘୁନାଥ ଦାସ ଏବଂ ଆଉ ଦୁଇଜଣଙ୍କୁ ନେଇ ୧୯୪୨ଏପ୍ରିଲରେ ସେଇ ପୂର୍ବୋଲ୍ଲିଖିତ *Ruy Lopez Club* ର (ରୁଇ

Digitized by srujanika@gmail.com

ଲୋପେଜ କ୍ଲବ୍) ପତନ କଲୁ । ସେତେବେଳେ ମହାତ୍ମା ଗାନ୍ଧୀଙ୍କର ଐତିହାସିକ 'ଭାରତ ଛାଡ଼' ଆନ୍ଦୋଳନ ତେଜିଥାଏ । ପୁଣି, ଡାକଘର, ରେଲ ଲାଇନ ଆଦିରେ କିଛି କିଛି ଅନ୍ତର୍ଘାତୀ କାର୍ଯ୍ୟ **(subotage)** ବି ଚାଲିଥାଏ । ପୁଣି ଗୋଟାଏ ଭୀଷଣ ବାତ୍ୟାରେ ପୂର୍ବ ଉପକୂଳ ରେଲ ଲାଇନ ଭାଙ୍ଗି ଭସାଇ ନେଇଥାଏ । ତାରି ଭିତରେ ନଭେମ୍ବର ମାସରେ ବହୁତ ବୁଲାଣି ବାଟରେ ମୁଁ ଚେନ୍ନାଇ (ସେତେବେଳେ ମାନ୍ଦ୍ରାଜ) ଗଲି **Third Ratnam Memorial Tournament** ରେ ଖେଳିବା ପାଇଁ, ଅଫିସ୍‌ରୁ ଛୁଟି ନେଇ । ଭାଗ୍ୟକୁ କେହି ମୋ ଟ୍ରେନ୍‌ର ଲାଇନରୁ ଫିଶ୍-ପ୍ଲେଟ୍ ବାହାର କରି ନେଇ ନଥିଲେ ବା ସେଇ ଭଳି କିଛି କରି ନଥିଲେ ।

ସେ ସମୟରେ ଭାରତର ବିଭିନ୍ନ ଅଞ୍ଚଳରେ ଚେସ୍ ବିଭିନ୍ନ ନାମରେ ପରିଚିତ ଥିଲା । ଯଥା- ଓଡ଼ିଶାରେ ନ୍ୟାୟବଳ, ମହାରାଷ୍ଟ୍ରରେ ବୁଦ୍ଧିବଳ ଇତ୍ୟାଦି । ଖେଳିବା ନିୟମରେ ମଧ କିଛି କିଛି ଫରକ ଥିଲା । ତା'ଛଡ଼ା ଭାରତୀୟ ନିୟମ ଠାରୁ ସାର୍ବଜାତିକ ବା ଆର୍ନ୍ତଜାତିକ ନିୟମ ରୀତିମତ ଅଲଗା ପ୍ରକାର ଥିଲା । ସେଥିପାଇଁ ଆମେ **Match Chess Rules** ବୋଲି ଗୋଟିଏ କ୍ଷୁଦ୍ର ପୁସ୍ତିକା ଛପେଇ ଚାରିଆଡ଼େ ବିତରଣ କଲୁ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ବୋସ ବୋଲି ଜଣେ **Labour Leader** (ମୁଁ ପୂର୍ଣ୍ଣ କାକା କହୁଥିଲି) ମାଗଣାରେ ଛପେଇ ଦେଇଥିଲେ । ସେଥିରେ 'ଦେଶୀ' ଚେସ୍ ସହିତ ଆନ୍ତର୍ଜାତିକ ଚେସ୍‌ର ନିୟମର ପ୍ରଭେଦ ସୁସ୍ପଷ୍ଟ ଓ ସହଜ ଭାବରେ ବୁଝେଇ ଦିଆ ହୋଇଥାଏ । ତା'ପରବର୍ଷ ୧୯୪୩ରେ ସେଇ ଆନ୍ତର୍ଜାତିକ ନିୟମ ଅନୁସାରେ ଆମ କ୍ଲବ୍ ତରଫରୁ *The First All Utkal Chess Tournament* କରା ଗଲା । ଓଡ଼ିଆ ମାସିକପତ୍ର *ମୁକୁର* (୧୯୦୫-୩୦ ?)ର ଖ୍ୟାତନାମା ପ୍ରତିଷ୍ଠାତା ଓ ସଂପାଦକ, ଉତ୍କଳ ସମ୍ମିଳନୀ ଲାଗି ଅକାତରେ ମୁକ୍ତହସ୍ତରେ ଅର୍ଥବ୍ୟୟ କରୁଥିବା ସ୍ୱଦେଶପ୍ରେମୀ ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ, ଏମ୍.ଏଲ.ଏ., ମହାଶୟ ଯେ କି ସେଇ *ମୁକୁର* ପ୍ରେସ୍‌ର ପରିତ୍ୟକ୍ତ ଘରର ତିନି ମହଲା ଉପରେ ଆମ କ୍ଲବକୁ ନିଜେ ଆଗଭର ହେଇ ସ୍ଥାନ ଦେଇଥିଲେ, ସେ ସ୍ୱୟଂ ସେ ଟୁର୍‌ନାମେଣ୍ଟର ଉଦ୍‌ବୋଧନ କରିଥିଲେ ଏବଂ ତାଙ୍କ ଘରେ ଥିବା ଗୋଟିଏ ମାର୍ବଲ ପଥରର ସୁଦୃଶ୍ୟ ଚେସ୍ ପାଲି ଆମ କ୍ଲବ୍‌କୁ ଦାନ କରିଥିଲେ ।

Digitized by srujanika@gmail.com

ସେ ସମୟରେ କ୍ଲବ୍‌ର ପ୍ରେସିଡେଣ୍ଟ ଥିଲେ *ରେଭେନ୍‌ଶ'* କଲେଜର ଇଂରାଜୀର ଅଧ୍ୟାପକ ପ୍ରଃ. ପି. ଏସ୍. ସୁନ୍ଦରମ୍ । ସେ ନିଜେ ମଧ୍ୟ ସେ ଟୁର୍ନାମେଣ୍ଟରେ ଖେଳିଥିଲେ । ଯେତେଗୁଡ଼ିଏ ଖେଳ ଖେଳାହେଲା ଏବଂ ଲିପିବଦ୍ଧ ହେଲା ସେଗୁଡ଼ିକ ଏକାଠି କରି ମୁଁ ଗୋଟାଏ ସରୁ ଲମ୍ବା ଖାତା କରି ରଖିଥିଲି । ଅନ୍ୟତମ ସଦସ୍ୟ, ଲେଖକ ସୁରେନ୍ଦ୍ର ମହାନ୍ତି, ସଙ୍ଗେ ସଙ୍ଗେ ତାର ନାମକରଣ କଲେ – **'Grave-yard of Time !'**

ଚେସ୍ ନେଇ ଇଂରାଜୀ ଖବର କାଗଜରେ ମୁଁ କିଛି କିଛି ଲେଖୁଥିଲି, କେବେ କେମିତି ରେଡିଓରେ ଚେସ୍ ବିଷୟରେ ଲେଖି ପଢୁଥିଲି କିମ୍ବା ଅନ୍ୟ ଚେସ୍ ଖେଳାଳୀ ବା ଚେସ୍ ଆମୋଦୀମାନଙ୍କ ସହିତ ଆଲୋଚନା କରାଉଥିଲି । ରଘୁନାଥ ବାବୁ ବା ମୁଁ ଯାହାକିଛି ଚେସ୍ ବହି ବିଲାତରୁ ମଗାଉଥିଲୁ ସେସବୁ ଆଣି କ୍ଲବ୍‌ରେ ରଖୁଥିଲି, ଉଦ୍ଦେଶ୍ୟ ଯେ ମେମ୍ବରମାନେ ପଢ଼ନ୍ତୁ ।

କ୍ରମେ ଚେସ୍ ଖେଳ ଉଲ୍ଲେଖନୀୟ ଭାବେ ବ୍ୟାପିଲା, ତାର ଯେମିତି ଗୋଟାଏ ନିଜସ୍ୱ ଗତିବେଗ ଆସିଲା । ଓଡ଼ିଶାର ବାମଣ୍ଡାରେ ଗୋଟାଏ *Bamra Chess Board* ସ୍ଥାପିତ ହେଲା, ଲାଲ ସାହେବ ଏ. କେ. ଦେବ ତାର ସେକ୍ରେଟାରୀ ହେଲେ । ସେ ମଧ୍ୟ କିଛିଦିନ ମୋ ସହିତ ପତ୍ରଯୋଗେ ଚେସ୍ ଖେଳିଥିଲେ । କ୍ରମେ ଅନ୍ୟ କେହି କେହି ଅତି ଉତ୍ତମ ଚେସ୍ ଖେଳାଳୀଙ୍କ ସହିତ ମୋର ଏହିପରି **correspondence** ବା **postal chess** ଖେଳ ହେଲା ।

ମାତ୍ର, ପାଞ୍ଚବର୍ଷ କାଳ ଗୋଟାଏ ବିଷୟକୁ ନେଇ ଲାଗିଥିବା ବୋଧହୁଏ ଏ ମନୁଆ ପାଇଁ ଯଥେଷ୍ଟ ହେଇଗଲା ! ୧୯୪୭ରେ ମୋର ବିବାହ ହେଲା ଏବଂ ତାର କେତେ ମାସ ପରେ *ରୁଇ ଲୋପେଜ୍* କ୍ଲବ୍ ଉଠି ଗଲା । ତା ବୋଲି ଯେ ମୁଁ ଚେସ୍ ଖେଳ ଛାଡ଼ି ଦେଲି ତା ନୁହେଁ, ବିବାହର କେତେ ମାସ ପରେ '୪୭ ମେ ବା ମଇ ମାସରେ ମୁଁ ପୁନାରେ **Captain Ranade Memorial Chess Tournament** ରେ ଖେଳିବା ପାଇଁ ଯାଇଥିଲି । କେତେକ ବର୍ଷ ପରେ ଓଡ଼ିଶା ସେକ୍ରେଟାରିଏଟ୍, ଓଡ଼ିଶା ଆସେମ୍ବ୍ଲି ପ୍ରଭୃତି ସବୁ ସରକାରୀ ଅଫିସ୍ 'ନିଉ

Digitized by srujanika@gmail.com

କ୍ୟାପିଟାଲ' ଭୁବନେଶ୍ୱରକୁ ଉଠି ଆସିଲା । ସେଠି କିଛି କାଳ ଆମେ କେଇଜଣ ଚେସ୍‌ଭକ୍ତ ଚେସ୍-ଭୋକିଲା ହେଇ ରହିଲୁ । କ୍ରମେ ଗୋଟିଏ କ୍ଲବ ସ୍ଥାପିତ ହେଲା - ସେକ୍ରେଟାରିଏଟ୍ କ୍ଲବ । ପ୍ରଥମେ ସେଥିରେ ପଶା ଧୁମ ଲାଗିଲା, ତା'ପରେ 'ବ୍ରୀଜ୍' ଖେଳାଳୀଙ୍କ ଏବଂ ଶେଷକୁ ଚେସ୍-ଭକ୍ତଙ୍କ ଭୋକିଲା ଅବସ୍ଥା ଶୁଧୁରିଲା । କେତେ ବର୍ଷ ପରେ ୧୯୫୯ରେ ମୋର ଚେସ୍ ଗୁରୁ କ୍ଷିତୀଶ ବାବୁଙ୍କ ବିଶେଷ ଚେଷ୍ଟା ଫଳରେ *Orissa State Chess Association (OSCA)* ର ସୃଷ୍ଟି ହେଲା । **Mr. V. Ramanathan, I.C.S.**, ତାର ପ୍ରଥମ ପ୍ରେସିଡେଣ୍ଟ ଓ ମୋର ଚେସ୍ ଗୁରୁ ପ୍ରଥମ ସେକ୍ରେଟାରି ହେଲେ । ଉଲ୍ଲେଖନୀୟ ଯେ କଟକରେ ଆମର ସେ ରୁଇ *ଲୋପେଜ୍* କ୍ଲବ୍‌ର ଅନ୍ୟତମ ମେମ୍ବର ଥିଲେ ଏହି ମିଃ. ରାମନାଥନ୍ । **O.S.C.A.** ହେବା ପରେ ଜଣେ ଅତି ଜବରଦସ୍ତ ସଂଗଠକ ତାର ମେମ୍ବର ହେଲେ ରେଭିନ୍ୟୁ ଡିପାର୍ଟମେଣ୍ଟର ଶ୍ରୀ କେଶବାନନ୍ଦ ଦାସ । କଟକରୁ ଆମେ ତାଙ୍କୁ ଜାଣିଥିଲୁ କେବଳ ଜଣେ ଚେସ୍ ଖେଳାଳୀ ହିସାବରେ ନୁହେଁ, ବହୁ ପ୍ରକାର ଖେଳର ଜଣେ ଦକ୍ଷ ଖେଳାଳୀ- କ୍ୟାରମ୍ ଠୁ ଆରମ୍ଭ କରି ବ୍ରିଜ୍, ଚେସ୍ ଓ ହକି ପର୍ଯ୍ୟନ୍ତ ! **O.S.C.A.** ର ପ୍ରେସିଡେଣ୍ଟ ପରିବର୍ତ୍ତନ ହେଲେ ବି ସେ ଥିଲେ ଭାଇସ୍-ପ୍ରେସିଡେଣ୍ଟ ବହୁ ବର୍ଷ ପର୍ଯ୍ୟନ୍ତ । ଓଡ଼ିଆରେ ପ୍ରଥମ ଚେସ୍ ବହିର ପ୍ରଣେତା ମଧ ସେଇ କେଶବ ବାବୁ । ସେ ବହିର ନାମ ଚେସ୍, ପ୍ରଥମ ଶିକ୍ଷାର୍ଥୀ ଓ ମୋଟାମୁଟୀ ଭଲ ଖେଳାଳୀ ହେବା ପାଇଁ ଇଚ୍ଛୁକଙ୍କ ଲାଗି ଏ ପୁସ୍ତକର ଦୁଇଟି ସଂସ୍କରଣ ଅଚିରେ ନିଃଶେଷ ହେଇ ଯାଇଥିଲା । ଚେସ୍ ଖେଳର ଚିତ୍ର ଛାପିବା ପାଇଁ ଯେଉଁ ବିଶେଷ ଟାଇପ ଲୋଡ଼ା ହେଇଥାଏ ତାହାକୁ ସେ କଲିକତାରୁ ମଗାଇଥିଲେ । **O.S.C.A.** ଜରିଆରେ ବରାବର **Orissa State Chess Championship Tournament** କରା ଯାଉଥିଲା, ଅଧିକାଂଶ ସମୟରେ ତାହା ଭୁବନେଶ୍ୱରରେ ହିଁ ହେଉଥିଲା । ଓଡ଼ିଶାର ଅନ୍ୟାନ୍ୟ ଖେଳାଳୀଙ୍କ ସହିତ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଖେଳାଳୀମାନେ ମଧ ଏଥିରେ ଯୋଗ ଦେଉଥିଲେ ଏବଂ କେବେ କେବେ ଚାମ୍ପିଅନ ମଧ ହେଉଥିଲେ । ତାଙ୍କ ମଧରୁ ବେଶୀ ମନେ ପଡୁଛି **Madan** (ପୂରା ନାମ ମନେ ନାହିଁ) ଓ ପବିତ୍ର ମହାନ୍ତିଙ୍କ ନାଁଆ । ଭୁବନେଶ୍ୱର ଖେଳାଳୀଙ୍କ ମଧରେ ବି.ଜେ.ବି. କଲେଜର ତତ୍କାଳୀନ ପ୍ରିନ୍ସିପାଲ ଆର୍.

Digitized by srujanika@gmail.com

ସି. ରାଜଗୁରୁ ଏବଂ ଆସେମ୍ବ୍ଲି ଡିପାର୍ଟମେଣ୍ଟର ଜଣେ ଆସିଷ୍ଟାଣ୍ଟ (ବହୁ ବର୍ଷ ପରେ ଜଏଣ୍ଟ ସେକ୍ରେଟାରି) କେ. ଡି. ପିଲ୍ଲାଇ ବହୁଥର ଓଡ଼ିଶା ଷ୍ଟେଟ୍ ଚାମ୍ପିଅନ ହେଇଛନ୍ତି। ଉଲ୍ଲେଖନୀୟ ଯେ ୧୯୫୯ ଠାରୁ ବରାବର **O.S.C.A.** ସର୍ବଭାରତୀୟ ବା ଜାତୀୟ ପ୍ରତିଯୋଗିତାରେ **(National Chess Championship)** ଯୋଗ ଦେଇ ଆସୁଛି । ୧୯୫୯ରେ ପ୍ରଥମ ଥର ରାଜଗୁରୁ, ନଗେନ୍ଦ୍ର ଦାସ ଓ ମୁଁ ଏହି ତିନିଜଣ ଦିଲ୍ଲୀରେ ହେଉଥିବା ୩ୟ ଜାତୀୟ ଚାମ୍ପିଅନ୍‌ଶିପ୍‌ରେ ଯୋଗ ଦେଇଥିଲୁ । ରାଜଗୁରୁ ୨୬ତମ ସ୍ଥାନ ପାଇଥିଲେ । ଚାମ୍ପିଅନ୍ ହେଇଥିଲେ ତାମିଲନାଡୁର **Manuel Aaron.** (ମାନୁଏଲ୍ ଏଆରନ୍)। ଏମିତି ସେ ଲାଗ ଲାଗ ୯ଥର ଜାତୀୟ ଚାମ୍ପିଅନ୍ ହେଇଥିଲେ ଏବଂ **FIDE (Federation Internationale des Echecs)** ବା **World Federation of Chess** - ପ୍ରଦତ୍ତ **International Master** ଖେତାବ ମଧ ପାଇଥିଲେ । ଏହାପରେ ୧୯୬୬ରେ ମୁଁ ଆଉଥରେ **O.S.C.A.** ତରଫରୁ ଖେଳିବା ପାଇଁ ଯାଇଥିଲି- **1st Inter-State Team Championship**ରେ ମାନ୍ଦ୍ରାଜକୁ । ଆମ ଟିମ୍‌ରେ ଥିଲୁ ୪ଜଣ : ରାଜଗୁରୁ, ଅର୍ଜୁନ ଦାସ (ଏମ୍.ଏଲ.ଏ.), ବି. ଆଚାର୍ଯ୍ୟ ଓ ମୁଁ।

♦♦♦

Digitized by srujanika@gmail.com

(୧୪)

ବିବାହ ଓ ସଂସାରଯାତ୍ରା

ଚେସ୍ କଥା କହୁ କହୁ କହିଛି ୧୯୪୭ରେ ମୋର ବିବାହ ପରେ ରୁଇ ଲୋପେଜ୍ କ୍ଲବ୍ ଉଠିଗଲା । ସେତେବେଳକୁ ମୋର ବୟସ ୩୨ ପୂରି ଗଲାଣି । ମୋର ମା-ବାବା ବହୁତ ଦିନୁ ବହୁତ ବ୍ୟସ୍ତ ହେଇ ସାଇଲେଣି ମୋ ବିବାହ ପାଇଁ । ଯାହାଙ୍କ ସହିତ ମୋର ଦୀର୍ଘକାଳ ଘନିଷ୍ଠତା ଥିଲା ଏବଂ ଯାହାଙ୍କୁ ମୁଁ ବିବାହ କରିବି ବୋଲି ମା-ବାବା ଆଶା କରିଥିଲେ ସେ କିନ୍ତୁ ବିଶେଷ କାରଣରୁ କୌଣସି ମତେ ମନ ସ୍ଥିର କରି ପାରୁନଥିଲେ । ଅବଶେଷରେ ଆମେ ଦୁହେଁ ବିବାହ ନ ହେବା ସ୍ଥିର କଲୁ ।

କଲିକତାରେ ରହୁଥିବା ମୋର କୁମୁଦ କକାଙ୍କୁ ଧରି ମୋ ବାବା ମୋତେ ନେଇ ଗୋଟିଏ ବ୍ରାହ୍ମ ଘରେ କନ୍ୟା ଦେଖିବାକୁ ଗଲେ । ଦେଖିବା ପରେ ମୁଁ ରାଜି ନ ହେବାରୁ କିଛିଦିନ ପରେ ଆଉ ଗୋଟିଏ ବ୍ରାହ୍ମ ଘରକୁ ଗଲୁ । ବାବା ଓ କୁମୁଦ କାକା ଟିକିଏ ଅଧୈର୍ଯ୍ୟ ଓ ବିରକ୍ତ ହେଲା ପରି ମୋର ମନେ ହେଉଥାଏ । ମୁଁ ନିଜେ ମଧ ଏଥିରେ ଅଧିକ ମନଯୋଗୀ ହେବାକୁ ଇଚ୍ଛା କରୁନଥାଏ, ତେଣୁ ଏଇଠି ସହଜରେ ରାଜି ହେଇ ଗଲି । ଆମେ କନ୍ୟା ଦେଖିବା ବେଳେ ସେମାନେ ବି ମୋତେ ଭଲରୂପେ ଦେଖିଲେ । ମୋତେ ଗୀତ ମଧ ଗାଇବାକୁ ପଡ଼ିଲା । ମୁଁ ଗୋଟିଏ ବ୍ରହ୍ମସଙ୍ଗୀତ ଗାଇଲି :-

"ଶୁଭ କର୍ମ ପଥେ ଧର ନିର୍ଭୟ ଗାନ
ସବ ଦୁର୍ବଳ ସଂଶୟ ହୋକ ଅବସାନ ।

....

ଚଲ ଯାତ୍ରୀ, ଚଲ ଦିନରାତ୍ରି -
କର ଅମୃତଲୋକ ପଥ ଅନୁସନ୍ଧାନ ।

....

Digitized by srujanika@gmail.com

ଦିନ-ଅନ୍ତେ ଅପରାଜିତ ଚିତ୍ତେ
ମୃତ୍ୟୁତରଣ ତୀର୍ଥେ କର ସ୍ନାନ ।"
--- ରବୀନ୍ଦ୍ରନାଥ

"ଶୁଭ କର୍ମପଥେ" ଶବ୍ଦ ଯୋଡ଼ିକ ଶୁଣି ସେମାନେ ବଡ଼ ଖୁସି ହେଇଗଲେ । ପୁଣି ଗୋଟିଏ ଓଡ଼ିଆ ଗୀତ ଗାଇବାକୁ କହିଲେ । ମୋର ମନେ ପଡ଼ିଲା ମୋର ଲେଖକ ବନ୍ଧୁ ସୁରେନ୍ଦ୍ର ମହାନ୍ତି (ଯାହାଙ୍କୁ ମୁଁ 'ସୁର' ବୋଲି ଡାକୁଥିଲି ଏବଂ ଯେ ଆମର ସେଇ ଚେସ୍ କ୍ଲବ୍‌ର ମେମ୍ବର ହେଇଥିଲେ) ଲେଖିଥିବା ଗୋଟିଏ ଗୀତ ଯେଉଁଥିରେ ମୁଁ 'ସୁର' ବସାଇଥିଲି -

"ପୂର୍ବ ଦିଗ ଯେ ଲାଲେ ଲାଲ ଆଜି,
ଉଡୁଛି ଲାଲ ନିଶାନ ।
ବିଶ୍ୱର ଯେତେ ଲାଞ୍ଛିତ ଜନ ପୋଛ ଆଖିଜଳ
ହୁଅ ନୂଆ ତେଜେ ତେଜୀୟାନ୍ ।।
ବିପ୍ଳବୀ ଆଜି ଡାକ ଦେଇ ଯାଏ,
ଉଠ କଙ୍କାଳ, ଭୁଲ ଅନଶନ -
ମହା ମହିମାରେ ମହୀୟାନ୍,
ମହା ଗୌରବେ ଗରୀୟାନ୍ ।।"

ସୁରେନ୍ଦ୍ର ସେତେବେଳକୁ ଶ୍ରୀ ମଧୁସୂଦନ ମହାନ୍ତୀଙ୍କ **Radical Democratic Party** ର ସଦସ୍ୟ ହେଇ ଏ ଗୀତ ଲେଖିଥାନ୍ତି । ଗୀତ ଶୁଣି ସମସ୍ତେ ତାରିଫ କଲେ । ଅଳ୍ପଦିନ ପରେ ସେଇଠି ବିଭାଘର ହେବା ମଧ ସ୍ଥିର ହେଇ ଗଲା । ଏ ପରିବାରର କର୍ତ୍ତାଙ୍କ ନାମ ଶ୍ରୀଯୁକ୍ତ ଅନାଥ କୃଷ୍ଣ ଶୀଲ୍, ମୋର ଭାବୀ ଶ୍ୱଶୁର ମହାଶୟ ।

କଥାଟା କେମିତି କଟକରେ ମୋର ଚିହ୍ନା ପରିଚୟ ଲୋକଙ୍କ ଭିତରେ ଏକ ପ୍ରକାର ବ୍ୟାପିଗଲା ପରି ହେଲା । ଏହାର କାରଣ ବୋଧହୁଏ ମୋର ନିକଟ ବନ୍ଧୁମାନେ । ବାହା କଥା ଶୁଣିଲା ମାତ୍ରେ ଲୋକେ ପଚାରନ୍ତି "କଉଠି ? କଟକରେ

Digitized by srujanika@gmail.com

ତ ?" କଟକରେ ନୁହେଁ ଶୁଣି କାହାରି ବା ମୁହଁରେ ଫୁଟି ଉଠେ ସେହି ଭାବଟି ଯାହା ଦେଖିବାକୁ ମିଳେ ଗଣିତ ପ୍ରଶ୍ନର ଉତ୍ତର ମିଶୁ ନଥିବା ପାରୀକ୍ଷାର୍ଥୀର ମୁହଁରେ ! କେହି ବା ଖୁସି ହେଇ କହନ୍ତି, "ଯାକ୍, ଆମରା ତୋକେ ଅନ୍ୟ ରକମ ଭାବତାମ୍, ଖୁବ୍ ଭାଲୋ କରେଛିସ୍..." । ଆଉ କେହି ପୁଣି ବହୁ ଇତସ୍ତତଃ ହେଇ ଶେଷକୁ ଅନ୍ୟାନ୍ୟଙ୍କୁ ଉପସ୍ଥିତିରେ ସାହାସ ପାଇ କହି ପକାନ୍ତି, "ଆପଣ ତ ଏଇଠି କଟକରେ **engaged** ଥିଲେ ବୋଲି ଆମେ ଶୁଣିଥିଲୁ !" ଜଣାପଡ଼େ ତାଙ୍କର ସମୁଦାୟ ସହାନୁଭୂତି ତାଙ୍କ ଚିନ୍ତା ଆଢୁଆଳରେ ଥିବା ସେଇ ଆରଜଣଙ୍କ ପଟେ; ମୋ ପ୍ରତି ତାଙ୍କ ଆଖିରେ ନୀରବ ଭର୍ତ୍ସନା । ଆଉ କାହାର ପୁଣି ଅନୁକମ୍ପା ମୋରି ପାଇଁ । ଏତେ ଲୋକ ଯେ ଆମ ଦୁହିଁଙ୍କ କଥା ନେଇ ଭାବିତ ଥିଲେ ଏ କଥା ମୁଁ କେବେ କଳ୍ପନା କରି ନଥିଲି ।

ଯାହା କହୁଥିଲି ସେ କଥାକୁ ଫେରି ଆସେ । ବ୍ରାହ୍ମମାନଙ୍କ ରୀତି ଅନୁଯାୟୀ ଏହା ପରେ ମୁଁ ମୋର ଭାବୀ ପତ୍ନୀ ବ୍ରହ୍ମମୟୀଙ୍କ ସହିତ courtship ଆରମ୍ଭ କଲି, ଅର୍ଥାତ୍ ତାଙ୍କ ଘରକୁ ଯିବା ଆସିବା କରିବା ବା ଦୂରେ ରହୁଥିଲେ ଚିଠିପତ୍ର ଲେଖାଲେଖି କରିବା । ମୁଁ ସେକ୍ରେଟାରିଏଟ୍‌ରେ କାମ କରୁଥିବାରୁ ଶୀଘ୍ର ଫେରି ଆସିବାକୁ ପଡ଼ିଲା । ଫେରି ଆସି ଚିଠି ଲେଖୁଥାଏ, ସେ ମଧ ଲେଖୁଥାନ୍ତି ।

ଅବଶେଷରେ ୧୫ ଜାନୁଆରି, ୧୯୪୭ରେ କଲିକତାରେ ବ୍ରହ୍ମମୟୀଙ୍କ ପିତୃଗୃହେ ବ୍ରାହ୍ମ ପଦ୍ଧତି ଅନୁସାରେ, ଅର୍ଥାତ୍ କେତୋଟି ବ୍ରହ୍ମସଙ୍ଗୀତ ଗାୟନ, ଜଣେ ବ୍ରାହ୍ମ ଆଚାର୍ଯ୍ୟ କର୍ତ୍ତୃକ ବ୍ରହ୍ମୋପାସନା ଓ ପତିପତ୍ନୀ ରୂପେ କେତୋଟି ପ୍ରତିଜ୍ଞା ଉଚ୍ଚାରଣ (ବଙ୍ଗଳାରେ) ପରେ ମାଲ୍ୟ ଓ ଅଙ୍ଗୁରୀୟ ବିନିମୟ କରି ଆମର ବିବାହ ସମ୍ପନ୍ନ ହେଲା । ସେଇ ବିବାହ ସଭାରେ ହିଁ ରେଜିଷ୍ଟ୍ରାର ସ୍ୱୟଂ ଉପସ୍ଥିତ ହେଇ ଆମର ବିବାହ ରେଜିଷ୍ଟ୍ରି କଲେ । ଏଇଟା ମଧ ବ୍ରାହ୍ମ ବିବାହର ଅବିଚ୍ଛେଦ୍ୟ ଅଙ୍ଗ ।

ବ୍ରହ୍ମମୟୀଙ୍କ ଗୋଟାଏ ଡାକନାମ ଥାଏ - 'ପୁଁଟୀ' । ବଙ୍ଗଳାରେ ଚନ୍ଦ୍ରବିନ୍ଦୁର ଖୁବ୍ ହ୍ରସ୍ୱ ଉଚ୍ଚାରଣ, ଯଦିଚ ଓଡ଼ିଆରେ 'ଣ୍ଟୀ' ! ବିବାହ ରାତିରେ ମୁଁ ସଉକରେ ତାଙ୍କର ନାମ ଦେଲି 'ଅପର୍ଣ୍ଣା' । କଟକରେ ସମସ୍ତେ ଏଇ ନାମରେ ତାଙ୍କୁ ଡାକିଲେ ।

Digitized by srujanika@gmail.com

ପ୍ରୟୋଜନୀୟ ବିଷୟରେ ଅବଶ୍ୟ ତାଙ୍କର ବ୍ରହ୍ମମୟୀ ନାମ ହିଁ ବ୍ୟବହାର କରାଗଲା । ମୋ ଶ୍ୱଶୁର ମହାଶୟଙ୍କ ମଧ୍ୟ ସେହିପରି ଇଚ୍ଛା ଥାଏ ।

ବ୍ରହ୍ମମୟୀ ଥିଲେ ପିତାମାତାଙ୍କ କନିଷ୍ଠ ସନ୍ତାନ । ଚାରି କନ୍ୟା ପରେ ଗୋଟିଏ ପୁତ୍ର ଜନ୍ମରେ ସେମାନେ ବିଶେଷ ଆନନ୍ଦିତ ହେଇଥିଲେ । ତାପରେ ପୁଣି କନ୍ୟା- ବ୍ରହ୍ମମୟୀ ! ବିରକ୍ତ ହେଇ କେହି ଜନ୍ମଦିନ ବି ମନେ ରଖି ନାହାନ୍ତି । ଗୋଟାଏ ଅନ୍ଦାଜିଆ ତାରିଖ ଧରାଯାଇଛି - ପହିଲା ଜାନୁଆରୀ, ୧୯୨୩ । ବ୍ରାହ୍ମମାନେ ଯେହେତୁ ଜ୍ୟୋତିଷରେ ବିଶ୍ୱାସୀ ନୁହନ୍ତି ତେଣୁ ପିଲା ଜନ୍ମରେ ଜାତକ ତିଆରିର ରୀତି ନାହିଁ ।

ବିବାହରେ ଅପର୍ଣ୍ଣା ଖୁବ୍ ଖୁସି ଜଣା ପଡ଼ିଲେ । ମୁଁ ମଧ୍ୟ ସନ୍ତୁଷ୍ଟ, ବିଶେଷରେ ଏହି ପାଇଁ ଯେ ତାଙ୍କ ପିତା-ମାତା ଓ ଭାଇ ସମସ୍ତେ ସାଧାରଣ ଭାବେ ଦୀର୍ଘକାୟ । ଆମ ଘରେ ଆମେ କେହି ଦୀର୍ଘକାୟ ନଥିଲୁ ।

ଅଳ୍ପଦିନ ପରେ ମୁଁ ମୋର ସଦ୍ୟ ବିବାହିତା ସ୍ତ୍ରୀଙ୍କୁ ଖୋଲିକରି କହିଲି ବିବାହ ପୂର୍ବରୁ ଅନ୍ୟ ନାରୀ ସହିତ ମୋର ଘନିଷ୍ଠତା ଥିବା କଥା । ସେ ବିଶେଷ ବ୍ୟସ୍ତ ହେଲେ ନାହିଁ, ତାଙ୍କର ମଧ୍ୟ ଏକ ପ୍ରାକ୍-ବିବାହ ଘନିଷ୍ଠତା କଥା ପ୍ରକାଶ କରି କହିଲେ ।

ଇଆ ଭିତରେ ଆମ ବିବାହର ପ୍ରାୟ ଚାରି ମାସ ପୂର୍ବରୁ ମୋର ପୂର୍ବୋଦ୍ଦିଷ୍ଟା ସେଇ ମହିଳାଙ୍କ ମଧ୍ୟ ବିବାହ ହେଇ ସାରିଥାଏ । ତାଙ୍କ ସ୍ୱାମୀଙ୍କ ସହିତ ମୋର ରୀତିମତ ଆଳାପ-ପରିଚୟ ହେଇ ସାରିଥାଏ ମଧ୍ୟ । ଦେଖିଲି ସେ ଜଣେ ବିଦ୍ୱାନ୍ ଓ ସୁରୁଚିସମ୍ପନ୍ନ ଭଦ୍ରଲୋକ । ପରମ ପୂଜନୀୟା **Mother Teresa**ଙ୍କ ନାମର ସଠିକ୍ ଉଚ୍ଚାରଣ ମୁଁ ତାଙ୍କରି ପାଖରୁ ଜାଣି ପାରିଲି : 'ତେରୀଜା' । ପରେ ସେମାନେ ଭୁବନେଶ୍ୱରରେ ଘର କରିକି ରହିଥାନ୍ତି । ସେତେବେଳେ ମୁଁ ମଧ୍ୟ ସପରିବାର ଭୁବନେଶ୍ୱରରେ । ଅପର୍ଣ୍ଣାଙ୍କୁ ଧରି ବେଳେବେଳେ ତାଙ୍କ ଘରକୁ ଯାଉଥିଲି । ଗୃହକର୍ତ୍ତ୍ରୀ ସେଇ ମୋର ପୂର୍ବୋଦ୍ଦିଷ୍ଟା ବିଶେଷ ଖୁସି ହେଉଥିଲେ । ମୋର ସ୍ତ୍ରୀ ତାଙ୍କୁ ଦିଦି ସମ୍ବୋଧନ କରୁଥାନ୍ତି ।

Digitized by srujanika@gmail.com

ଆମେ ଭୁବନେଶ୍ୱରକୁ ଆସିବା ପୂର୍ବରୁ କଟକରେ ଥାଉ ଥାଉ ଜାଣିଲି ଯେ ମୋର ସ୍ତ୍ରୀଙ୍କୁ ପହଁରି ଆସେ । କଲିକତାରେ ତାଙ୍କ ବାପଘର ପାଖରେ କର୍ନୋଆଲିସ୍ ସ୍କୋୟାର ଟ୍ୟାଙ୍କ ବା 'ହେଦୋ' ନାମକ ପୁଷ୍କରିଣୀରେ ଦୁଇଟି ସନ୍ତରଣ କ୍ଲବ୍‌ର ଏକତମ ସେଣ୍ଟ୍ରାଲ ସୁଇମିଂ କ୍ଲବରେ ମେମ୍ବର ହେଇ ସେ ପହଁରା ଶିଖିଥିଲେ । ଜଣାପଡ଼ିଲା ଯେ ମୁଁ ମଧ ସେଇ ସମୟରେ କଲିକତାରେ ବି.ଏସ୍-ସି. ପଢୁ ପଢୁ 'ହେଦୋ' ଠେଇଁ ଥିବା ଆର କ୍ଲବ୍ କ୍ୟାଲ୍‌କାଟା ସୁଇମିଂ ଆସୋସିଏଶନ୍‌ର ମେମ୍ବର ହେଇ ସେଠି ପହଁରା-ପହଁରି କରୁଥିଲି । ସେତେବେଳେ କଣ ଜାଣିଥିଲି ମୋର ଭାବୀ ପତ୍ନୀ ଏ ପୋଖରୀର ଆର ମୁଣ୍ଡରେ ପହଁରୁଛନ୍ତି ?

କଟକରେ କାଠଯୋଡ଼ି ନଈରେ ବଢ଼ି ବେଳେ ମୁଁ ଅପର୍ଣ୍ଣାଙ୍କୁ ସାଙ୍ଗରେ ଧରି ପହଁରିଲି । ବଢ଼ି ନଈରେ ସ୍ତ୍ରୀଲୋକ ଜଣେ ପହଁରୁଛନ୍ତି ଏଥିରେ ଆଚମ୍ବିତ ହେଇ ବହୁ ଲୋକ ନଈ ବନ୍ଧ ଉପରେ ରୁଣ୍ଡ ହୋଇ ଯାଇଥାନ୍ତି ! ତାଙ୍କୁ ନେଇ 'ବଡ଼ବୁରୁଜ'-ର ବଡ଼ ଭଉଁରି ଠାରୁ ବେଶ ଥୋଡ଼ାଏ ଦୂର ଦେଇ ଆମେ ଯାଇ 'ପୁରୀଘାଟ' ପାଖରେ ଲାଗିଲୁ । କଟକ ଛାଡ଼ି ଆସି ଭୁବନେଶ୍ୱରରେ କୋଡ଼ିଏ ବର୍ଷ ଖଣ୍ଡେ ରହିବା ପରେ ବି ଜଣେ ଭଦ୍ରଲୋକ ହଠାତ୍ ରାସ୍ତାରେ ଦେଖା ହେଲା ବେଳକୁ କହିଥିଲେ ଯେ ଆମ ପହଁରାକୁ ସେ ମନେ ରଖିଛନ୍ତି, ବନ୍ଧ ଉପରେ ଦେଖିବା ପାଇଁ ଅନେକ ଲୋକ ରୁଣ୍ଡ ହୋଇଥିଲେ ବୋଲି ମଧ ସେ କହିଥିଲେ ।

ଏହାବ୍ୟତୀତ ଆମ ଘରେ ଆଉ ଗୋଟିଏ ନୂଆ କଥା ମୁଣ୍ଡ ଟେକିଲା - ଅପର୍ଣ୍ଣାଙ୍କ ପ୍ରବର୍ତ୍ତନାରେ : ନିଜ ଘର ତିଆରି କରିବା ଚିନ୍ତା । ସେ ଆଗଭର ହେଇ ତାଙ୍କର ସୁନା ଗହଣାଗୁଡ଼ିକ ଦେଲେ - ବ୍ୟାଙ୍କ୍‌ରେ ଗଚ୍ଛିତ ରଖି କରଜ ଆଣିବା ପାଇଁ । ବାବା ଆଉ କିଛି ଟଙ୍କା ଆଣିଲେ ମହାଜନି କରୁଥିବା ଓକିଲ ଜଣଙ୍କ ନିକଟରୁ ।

ମୁଁ ଏପରି ସଂସାର-ଅନଭିଜ୍ଞ ଥିଲି ଯେ ଏତକ ବି ଖିଆଲ କରି ନଥିଲି ଯେ ଆମର ନିଜ ଘର ନାହିଁ ବୋଲି ବାପ ଘରେ ନିଜର ମାନ-ମର୍ଯ୍ୟାଦାର ହ୍ରସ୍ୱତା ଅନୁଭବ କରୁଛନ୍ତି ଅପର୍ଣ୍ଣା । ତିନି ବର୍ଷ ଭିତରେ କଟକର ବାଖରାବାଦ ଅଞ୍ଚଳରେ ଜମି ଖରିଦ କରି ତା ଉପରେ ଆମର ପ୍ଲାନ୍‌ର ଅସଲ ଅଂଶ ତିଆରି ନହେଲେ ମଧ

Digitized by srujanika@gmail.com

ଏକ ପ୍ରକାର **out house** ଭଳି ଘର ତିଆରି ହେଇଗଲା ଯେଉଁଥିରେ ଆମେ ଆସି ବାସ କରିବାକୁ ଲାଗିଲୁ । ପାଣି କଳ ନଥାଏ, କୂଅରୁ ପାଣି କାଢ଼ିବାକୁ ପଡୁଥାଏ - କୂଅ ବାଡ଼ ଉପରେ ଠିଆହେଇ । ପ୍ରାଚୀର ଆଦି ସାମାନ୍ୟତମ ସୁରକ୍ଷା ବା ନିରାପତ୍ତା ବନ୍ଦୋବସ୍ତ ବି ସେଥିରେ ନଥିଲା, ଆମର ମଧ ସେଥିପାଇଁ ସେମିତି କିଛି ଚିନ୍ତା ବି ନଥିଲା । ଥରେ କିନ୍ତୁ ଭୋର ରାତିରେ କିଏ ସେ ଜଣେ ଆସି ପିଣ୍ଡାରେ ନାନା ଜିନିଷ ସହିତ ଥୁଆ ହେଇଥିବା ମୋର ଗୋଟିଏ କଳା ରଙ୍ଗର କାଠ ବାକ୍ସକୁ କ୍ୟାଶ୍-ବକ୍ସ ଭାବି ନେଇ ପଳାଇଲା । ବାବା ଓ ମୁଁ ଦୁହେଁ ଗୋଡ଼ାଇଲୁ । ବାଉଁଶ କଣ୍ଟାର ସାମାନ୍ୟ ଫାଟକ ଉପରେ ନିଦ ବାଉଳାରେ ମୁଁ ଦଉଡ଼ି ଯାଇ ହାମୁଡ଼ି ପଡ଼ିଲା ବେଳକୁ ସେଇଟା ଭାଙ୍ଗି ତଳେ ଲୋଟିଲା । ଯା ହଉ ଆମେ ଦଉଡ଼ି ଯାଇ ଦେଖିଲୁ ଅଳ୍ପ ଦୂରରେ ଗୋଟାଏ ପରିତ୍ୟକ୍ତ ଜାଗାରେ ବାକ୍ସଟା ପଡ଼ିଛି । ଭିତରେ କ୍ୟାଶ୍ ପରିବର୍ତ୍ତେ କେବଳ ବଙ୍ଗଳାରେ ଲେଖା ହେଇଥିବା ଡାଏରିଗୁଡ଼ାକ ଦେଖି ଚୋର ବିରକ୍ତିରେ ତାକୁ ଫୋପାଡ଼ି ଦେଇ ଯାଇଛି !

ଯାହାହେଉ, ଆଉ କେତେକ ବର୍ଷ ଭିତରେ ଅପର୍ଣ୍ଣାଙ୍କ ଅଳଙ୍କାରଗୁଡ଼ିକ ମଧ ଫେରସ୍ତ ଅଣାଯାଇ ପାରିଲା । ମହାଜନଙ୍କ ଠାରୁ ଅଣା ହେଇଥିବା ଋଣ ଶୁଝିବାକୁ ସମୟ ଲାଗିଲା । ଏଇ ଘର ତିଆରି ବ୍ୟାପାରରେ ମୋର ଅତିଶୟ ସ୍ନେହୀ ବନ୍ଧୁ 'ବାଉଲ' (ବାମାଚରଣ)-ର ସାହାଯ୍ୟ କଥା କହିଲେ ନ ସରେ ।

୧୯୫୨ରେ ମୋର କର୍ମସ୍ଥଳ ଡେଭେଲପ୍‌ମେଣ୍ଟ ଡିପାର୍ଟମେଣ୍ଟ କଟକରୁ ନୂତନ ରାଜଧାନୀ ଭୁବନେଶ୍ୱର ('ନିଉ କେପିଟାଲ')-କୁ ଉଠି ଯିବା ସଙ୍ଗେ ସଙ୍ଗେ ମୁଁ ମଧ ସେଠିକି ଚାଲି ଯାଇଥିଲି । ମାସେ ଖଣ୍ଡେ ଅବଶ୍ୟ ମୁଁ ପ୍ରତିଦିନ ସାଇକଲରେ କଟକରୁ ଭୁବନେଶ୍ୱର ଯାତାୟାତ କରିଥିଲି- କେବଳ ଜାନୁଆରି ମାସଟା 'ଫେଆର-ଓଏଦାର' ରୋଡ୍ ଦେଇ କାଠଯୋଡ଼ି ପାରେଇବାକୁ ପଡୁଥିଲା । କୁଆଖାଇ ନଈ କୂଳ ବାଲିଅନ୍ତା ଠେଇ ତଥାକଥିତ 'ଫେଆର-ଓଏଦାର' ରୋଡ୍ କିନ୍ତୁ ପ୍ରକୃତରେ ବାଲିରେ ସରିଥାଏ, ବାଲି ଉପରେ ସାଇକଲକୁ ଠେଲି ଠେଲି ପାଦରେ ଚାଲି ଚାଲି ଯିବାକୁ ପଡୁଥାଏ । ପ୍ରଥମ ଦିନ ମୋର ଭୁବନେଶ୍ୱର ଅଫିସ୍ ପର୍ଯ୍ୟନ୍ତ ଯିବାକୁ ସମୟ

Digitized by srujanika@gmail.com

ଲାଗିଥିଲା ଘଣ୍ଟାଏ ବାଉନ ମିନିଟ୍, ତେହିଁ ଆରଦିନ ଘଣ୍ଟାଏ ଅଠଚାଳିଶ ମିନିଟ୍ । ସେତେବେଳେ କାଠଯୋଡ଼ି ଓ କୁଆଖାଇ ଉପରେ ଦୁଇଟି ରୋଡ୍-ବ୍ରିଜ୍ ତିଆରି ହଉଥାଏ, ଆଉ କେଇଟା ଦିନ ଭିତରେ ତିଆରି ହେଇଗଲା, ମୁଁ ସେଇ ବାଟେ ଭୁବନେଶ୍ୱର ଯିବାକୁ ଲାଗିଲି । ଅଫିସ୍ କରି ସାରି ଫେରିଲା ବେଳେ ଅଧା ବାଟେରେ ଅପର୍ଣ୍ଣା ବନେଇ ଦେଇଥିବା ଜଳଖିଆ ଖାଏ । ଅନ୍ଧାର ଘୋଟି ଆସୁଥିବା ବେଳକୁ ମୁଁ ଯାଇ ଘରେ ପହୁଁଛେ । ପୁଣି ଆଉ କିଛି ଅଳ୍ପ ଜଳଖିଆ ଖାଇ ଜଣଙ୍କ ସହିତ ଚେସ୍ ଖେଳିବାକୁ ଯାଏ ।

ଉଲ୍ଲେଖଯୋଗ୍ୟ ଯେ ମୋର ଏଇ ସାଇକଲରେ ଭୁବନେଶ୍ୱର ଯିବା ଆସିବା ନେଇ କେତେକ ଲୋକେ ହସିଲାବେଳକୁ ମୋର ଆଇ.ଏସ୍-ସି. ବେଳର ଫିଜିକ୍ସ ଅଧାପକ ପ୍ର. ସୁକାନ୍ତ ରାଓ ମୋର ପ୍ରଶଂସା କରିଥିଲେ । ସେ ଥିଲେ ଭକ୍ତକବି ମଧୁସୂଦନଙ୍କ ଅନ୍ୟତମ ପୁତ୍ର ।

ମାତ୍ର ଅଫିସ୍ କାମରେ ଅସୁବିଧା ହେଉଥାଏ । ତେଣୁ ଫେବ୍ରୁଆରି ମାସରୁ ମୁଁ ଯାଇ ଭୁବନେଶ୍ୱର 'ନିଉ କେପିଟାଲ'ରେ ହିଁ ରହିଲି । ଅପର୍ଣ୍ଣାଙ୍କୁ ଆଣି ନଥିବାରୁ ମୁଁ ଆପାତତଃ ମୋର ପ୍ରାପ୍ୟ ସରକାରୀ କ୍ୱାର୍ଟର ନେଲି ନାହିଁ, ଆମରି ଅଫିସର ଡାଏରିଷ୍ଟ ଶ୍ରୀ ଲୋକନାଥ ମଲ୍ଲିକଙ୍କର ଖୁବ ଛୋଟିଆ କ୍ୱାର୍ଟରରେ ତାଙ୍କରି ସାଙ୍ଗରେ ରହିଲି- କ୍ୱାର୍ଟର ପାଇଁ ସେ ଦେଉଥିବା ସାମାନ୍ୟ ଟଙ୍କାର ଅର୍ଦ୍ଧେକ ତାଙ୍କୁ ଦେଉଥାଏ । ସେ କି ଜାତି ମନେ ପଡୁନାହିଁ, ଲୋକେ ସେ ପର୍ଯ୍ୟନ୍ତ ବି ତାଙ୍କ ହାତେରେ ପାଣି ପିଉ ନଥିଲେ । ମୁଁ ତ ବ୍ରାହ୍ମ, ତେଣୁ ସେ ମୋତେ ପାଣି ଦେଉଥିଲେ । ତେବେ ସେ ନିଜେ ରାନ୍ଧିବାଢ଼ି ଖାଇଲା ବେଳକୁ ମୁଁ ମହେଶ୍ୱର ବାବୁ ବୋଲି ଜଣଙ୍କ ତଥାକଥିତ ହୋଟେଲରେ ଦି'ଓଳି ଭାତ ଖାଉଥାଏ । ସକାଳେ ନାରାୟଣ ବୋଲି ଜଣଙ୍କ ଦୋକାନରେ ଝୁରିଭଜା, ବୁନ୍ଦିଆ ଓ କପେ କ୍ଷୀର ଏବଂ ବେଳେ ବେଳେ ଛେନାପୋଡ଼ ଖାଏ । ଚେସ୍ ଖେଳିବା ପାଇଁ କେବେ କେମିତି ସାଇକଲରେ ୧୬ ମାଇଲ ଦୂର ଖୋରଧା ରୋଡ୍‌ରେ ଥିବା ରେଲଓଏର ସାଉଥ-ଇଷ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ଚାଲି ଯାଉଥିଲି । ଖଣ୍ଡଗିରି ପାଖ ଦେଇ ରାସ୍ତା ପଡ଼ିଥାଏ । ରାତିରେ ଫେରିଲା

Digitized by srujanika@gmail.com

ବେଳକୁ ଟିକେ ଡର ବି ମାଡୁଥାଏ - ଜନ୍ତୁ-ଜନ୍ତା କଥା ଚିନ୍ତା କରି । ଖଣ୍ଡଗିରି ପାଖଟା ଚଢ଼ାଣି, ଜୋରରେ ସାଇକଲ ଚଳାଇ ପଳାଇ ବି ହବ ନାହିଁ । ସାଉଥ-ଇଷ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରତିବର୍ଷ ବେଡ୍‌ମିଣ୍ଟନ ସହ ସବୁ ଇନଡୋର ଗେମ୍‌ର ମଧ ପ୍ରତିଯୋଗିତା ହେଉଥାଏ । ବିଭିନ୍ନ ଷ୍ଟେଶନରୁ ଖେଳାଳୀ ଆସନ୍ତି । ଚେସ୍‌ରେ ମୁଁ ଉପରି-ଉପରି ତିନି ବର୍ଷ ଜିତିବା ଦ୍ୱାରା ସେ କପ୍‌ଟା ଆଉ ଫେରାଇବାକୁ ପଡ଼ିଲା ନାହିଁ । ଖେଳ କିନ୍ତୁ ହେଉଥାଏ ଦକ୍ଷିଣ-ଭାରତୀୟ ନିୟମ ଅନୁସାରେ ।

ବର୍ଷେକାଳ ମୁଁ ଏକୁଟିଆ ରହିବା ପରେ ଅପର୍ଣ୍ଣା ପିଲାଙ୍କୁ ଧରି ଭୁବନେଶ୍ୱର ଆସିଲେ । ମୋତେ ଅଲଗା କ୍ୱାର୍ଟର ନେବାକୁ ପଡ଼ିଲା । ସେ ସମୟରେ କିନ୍ତୁ ରାସ୍ତା କଡ଼ରେ ଥିବା ଷ୍ଟାଣ୍ଡ-ପାଇପ୍ ହିଁ ସମ୍ବଳ ଥିଲା ପାଣି ପାଇଁ । ଆଉ କିଛି ଦିନ ପରେ ଅବଶ୍ୟ ପ୍ରତି କ୍ୱାର୍ଟରରେ ପାଣି କଳ ଦିଆ ହେଇଗଲା । ମୋର ବି ରାସ୍ତା କଳରୁ ବାଲଟି ବାଲଟି ପାଣି ଆଣି ଘର ଚୌବଚା ଭର୍ତ୍ତି କରିବା ପାଳା ସଇଲା ।

ଅପର୍ଣ୍ଣା ଚାଲି ଆସିବା ପରେ କଟକରେ ମୋର ବାବା-ମାଙ୍କ ପାଖରେ କେବଳ ରହିଲା ଯୁଗଲ- ଯୁଗଲେନ୍ଦୁ ଜୋଆରଦାର (ବଙ୍ଗଳାରେ 'ଳ' ନାହିଁ) । ଯୁଗଲ ମୋର ଗୋଟିଏ ପୁତୁରା, ମୋର ଜଣେ ଜେଠା ପୁଅ ଭାଇଙ୍କ ବଡ଼ ପୁଅ । ଗାଆଁରେ (କର୍ଣ୍ଣପୁର) ରହି କାହାରି କିଛି ପଢ଼ାପଢ଼ି ହେଇପାରୁ ନଥିବା ଦେଖି ବାବା ତାକୁ କଟକ ନେଇ ଆସିଥିଲେ - ମୋର ବିବାହ ପରେ ଯେତେବେଳେ ଆମେ କର୍ଣ୍ଣପୁର ଯାଇଥିଲୁ'୪୭ ନଭେମ୍ବରରେ । ଏତେବେଳକୁ ସେ ମ୍ୟାଟ୍ରିକ୍ ପାସ୍ କରି କଟକ ଇନ୍‌ଜିନିଅରିଂ ସ୍କୁଲରେ 'Learn a Trade' ଯୋଜନା ତଳେ Machinist ଟ୍ରେନିଂ ନେଉଥାଏ । ତାରି ଭିତରେ ଯଥାସମ୍ଭବ ମୋର ମାଆଙ୍କୁ (ତାର ସମ୍ପର୍କରେ ଜେଜେମା) ସାହାଯ୍ୟ କରୁଥାଏ ।

ଅପର୍ଣ୍ଣା ଭୁବନେଶ୍ୱର ଚାଲି ଆସିବାର ପ୍ରାୟ ଦୁଇ ବର୍ଷ ପରେ ଜାନୁଆରି'୫୫ରେ ବାବାଙ୍କୁ ହଠାତ୍ 'ଷ୍ଟ୍ରୋକ୍' ହେଇ ତାଙ୍କ ଦେହର ବାମ ପଟରେ ପକ୍ଷାଘାତ ଫଳରେ ସେ ଚଳତ୍‌ଶକ୍ତିରହିତ ହେଇଗଲେ । ମୁଁ କିଛିଦିନ ଛୁଟି ନେଇ ସପରିବାରେ ଆସି କଟକରେ ରହିବା ପରେ ଅବଶେଷରେ ବାବାଙ୍କୁ ନେଇ ସମସ୍ତେ

Digitized by srujanika@gmail.com

ଭୁବନେଶ୍ୱର ଚାଲି ଯିବାକୁ ବାଧ ହେଲୁ । କଟକରେ ଯୁଗଳ ଏକାକୀ ରହିଲା । ନିଜେ ରନ୍ଧାବଢ଼ା କରି, ଖାଇ, ସାଇକେଲରେ ପ୍ରାୟ ତିନି ମାଇଲ ଦୂରେ ତାର **Machinist** ଟ୍ରେନିଂ ନେବାକୁ ଯାଉଥିଲା । ରାତିରେ ମଧ ଏକାକୀ ଶୋଉଥିଲା । ମୋର ସ୍ତ୍ରୀ ତାହା ଲାଗି ବିଶେଷ ଭାବିତ ଥିଲେ । ଟ୍ରେନିଂ ସରିଲେ ଯୁଗଳ କଟକ-ଭୁବନେଶ୍ୱର ମଝିରେ ବାରଙ୍ଗ ଠେଇଁ ସେଠା କାଚ କାରଖାନାରେ କାମ ପାଇଲା । ପରେ ମୋ ସ୍ତ୍ରୀଙ୍କ ଚେଷ୍ଟାରେ ସେ କଲିକତାରେ ଜେସପ୍ **(Jessop)** କୋମ୍ପାନିରେ ଆଉ ଟିକେ ଭଲ କାମ ପାଇଲା । ସେତେବେଳେ ତାକୁ କଲିକତାରେ ସ୍ୱତନ୍ତ୍ର ଭାବରେ ରହିବାକୁ ପଡୁଥିଲା । କ୍ରମେ ସେ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟରେ ଭଲ ଚାକିରୀ ପାଇ ଦୁର୍ଗାପୁରରେ ରହିଗଲା ।

ଏହାପରେ ମୋ ସ୍ତ୍ରୀଙ୍କ ସେଜଦିଦିଙ୍କ ଚେଷ୍ଟାରେ ୧୯୬୩ରେ ଗୋଟିଏ ବ୍ରାହ୍ମ ପରିବାରରେ ବିବାହ ତାର ଦେଇ ପାରିଲି : ଭକ୍ତକବି ମଧୁସୂଦନ ରାଓଙ୍କ କଲିକତାସ୍ଥ ଅନ୍ୟତମ ଜାମାତା ସନ୍ତୋଷ ବାନାର୍ଜୀଙ୍କ ଭ୍ରାତା ଡ. ସୁଧୀର କୁମାର ବାନାର୍ଜୀ ଡି.ଏସ୍-ସି.ଙ୍କ କନ୍ୟା ତୃପ୍ତିଙ୍କ ସହିତ । ଯୁଗଳ-ତୃପ୍ତିଙ୍କ ପୁତ୍ର ଜୟଦୀପ ଖଡ୍ଗପୁର **I.I.T.**ରୁ ପାସ୍ କରି ତାର ମାତାମହଙ୍କ ଭଳି ସୁପଣ୍ଡିତ ବୈଜ୍ଞାନିକ ହେଇ ପାରିଛି ।

ଯୁଗଳ ଯେତେବେଳେ କଟକରେ ତାର ଟ୍ରେନିଂ ସାରି ଭୁବନେଶ୍ୱରରେ ଆମ ପାଖରେ ରହିଲା, କଉଠି କିଛି କାମଧାମ ପାଇ ନାହିଁ, ସେଇ ସମୟରେ ପକ୍ଷାଘାତ ଉତ୍ଥାନଶକ୍ତିରହିତ ମୋର ବାବା ୨ ଜୁନ୍, ୧୯୫୬, ହଠାତ୍ ହାର୍ଟ ଆଟାକ୍‌ରେ ଚିରକାଳ ପାଇଁ ଆମକୁ ଛାଡ଼ି ଚାଲିଗଲେ । ଖରା ପାଇଁ ସେତେବେଳେ ମର୍ଣ୍ଣିଂ ଅଫିସ୍ ହଉଥାଏ, ଯୁଗଳ କଷ୍ଟରେ କାନ୍ଦକୁ ଚାପି ରଖି ଅଫିସ୍‌ରେ ମୋତେ କହିଲା ବାବାଙ୍କ ଅବସ୍ଥା ଭଲ ନୁହେଁ । ମୁଁ ବଡ଼ ବ୍ୟସ୍ତ ହୋଇ ସେଇକ୍ଷଣି ତା' ସାଙ୍ଗେ ଘରକୁ ଫେରି ଗଲି, ଦେଖିଲି ପ୍ରକୃତରେ ବାବା ଆଉ ନାହାନ୍ତି । ଅଫିସ୍‌ର ଲୋକେ ଆସି ପହଁଞ୍ଚିଲେ, ସେମାନଙ୍କ ସାହାଯ୍ୟରେ ସତ୍କାରର ସବୁ ବ୍ୟବସ୍ଥା ହେଲା । ତାଙ୍କ ଭିତରେ ବେଶୀ ମନେ ପଡୁଛି ଚପରାସୀ ଗୋଲକ କଥା ।

ସେତେବେଳେ ଭକ୍ତକବିଙ୍କର ଅନ୍ୟତମ ପୌତ୍ର ବନ୍ଧୁବର ଶ୍ରୀ ଅଶୋକ ରାଓ

Digitized by srujanika@gmail.com

ଆମର ଗୋଟାଏ ମହତ୍ ଉପକାର କଲେ : ବାବାଙ୍କ ଆଦ୍ୟ ଶ୍ରାଦ୍ଧ ଉପଲକ୍ଷ୍ୟେ ବ୍ରହ୍ମୋପାସନା ଓ ପଙ୍‌କ୍ତିଭୋଜନ ଲାଗି କଟକ ଭିକ୍ଟୋରିଆ ସ୍କୁଲରେ (ସେତେବେଳେ ଭକ୍ତମଧୁ ବିଦ୍ୟାପୀଠ) ସର୍ବ ପ୍ରକାର ବନ୍ଦୋବସ୍ତ କରିଦେଲେ । ମୁଁ କେବଳ ଥରକୁ ଥର କଟକ ଯାଇ ଦ୍ୱାର ଦ୍ୱାର ବୁଲି ଲୋକମାନଙ୍କୁ ନିମନ୍ତ୍ରଣ କଲି । ତା ପାଇଁ ମୋ ସାଇକଲ ବସ୍ ଉପରେ ଚଢ଼ାଇ ନେଇ ଯାଉଥିଲି । ନିମନ୍ତ୍ରଣ-ପତ୍ର ମଧ ବୋଧହୁଏ ଅଶୋକ ହିଁ ଛପାଇ ଦେଇଥିଲେ । ନିମନ୍ତ୍ରଣ-ପତ୍ର ଓଡ଼ିଆରେ ଲେଖା ହେଇଥିଲା ।

୧୯୩୬ ମସିହାରେ ସରକାରି ଚାକିରୀରେ ପଶିବା ପୂର୍ବରୁ ଦୁଇମାସ ଭିକ୍ଟୋରିଆ ସ୍କୁଲରେ ପଢ଼ାଇଥିଲି, କୋଡ଼ିଏ ବର୍ଷ ପରେ ଏବେ ଆଉ ଥରେ ସେଇ ସ୍କୁଲ କୋଠାରେ ପାଦ ପକାଇଲି । ଦିନେ ଯେ ମୁଁ ସେଇଠି ମାଷ୍ଟରି କରିଥିଲି ତାହା ଅପେକ୍ଷା ବତିଶ ବର୍ଷ ପୂର୍ବେ ବାବା ସେଠି ହେଡମାଷ୍ଟର ଥିଲା ବେଳେ ତାଙ୍କ ସହିତ ଅନ୍ୟ ସ୍କୁଲ ସଙ୍ଗେ ଭିକ୍ଟୋରିଆ ସ୍କୁଲର ଫୁଟବଲ୍ ମେଚ୍ ଦେଖିବାକୁ ଯିବାକଥା ବେଶି ମନେ ପଡ଼ିଲା ।

ବ୍ରାହ୍ମ ଶ୍ରାଦ୍ଧାନୁଷ୍ଠାନର ପ୍ରଧାନ ଅଙ୍ଗ ବ୍ରହ୍ମୋପାସନା ଓ ବ୍ରହ୍ମସଙ୍ଗୀତ, ଅନ୍ୟତର ଅଙ୍ଗ ଦିବଂଗତ ପ୍ରିୟଜନଙ୍କର ସଂକ୍ଷିପ୍ତ ଜୀବନୀପାଠ । ଏଇ ଶେଷୋକ୍ତ ବିଷୟରେ ମୋର ମାଆଙ୍କ ପାଖରୁ ଯେତିକି ଶୁଣିଲି ଏବଂ ମୋର 'ରାଙ୍ଗା ଜେଠାମହାଶୟ' (ବାବାଙ୍କର ଠିକ୍ ଉପର ଭାଇ) ତାଙ୍କ ସହାନୁଭୂତିସୂଚକ ପତ୍ରରେ ଯାହାକିଛି ଲେଖିଥିଲେ ତାହା ଉପରେ ନିର୍ଭର କରି ମୁଁ ସେଇ ସଂକ୍ଷିପ୍ତ ଜୀବନୀ ଲେଖିଲି । କିନ୍ତୁ ସେ ଅନୁଷ୍ଠାନରେ ଆଚାର୍ଯ୍ୟ କିଏ ଥିଲେ, ଅର୍ଥାତ୍ ଉପାସନା କିଏ କରିଥିଲେ, ଏବଂ ଗୀତ କିଏ ବା କେଉଁମାନେ ଗାଇଥିଲେ ଏସବୁ ମୁଁ ସମ୍ପୂର୍ଣ୍ଣ ବିସ୍ମୃତ ହେଇଛି । ଅଥଚ ମୋର ମୁଣ୍ଡିତ ମସ୍ତକ ଦେଖି ରଘୁଦା (ବାବାଙ୍କ ପ୍ରାକ୍ତନ ଛାତ୍ର ✓ ରଘୁନାଥ ମହାନ୍ତି) ଯେ କହିଥିଲେ ମୁଁ ବୌଦ୍ଧ ଶ୍ରମଣ ଭଳି ଦେଖା ଯାଉଛି ସେ କଥା ମନେ ଅଛି !

ସେତେବେଳେ ମୋର ମାଆଙ୍କୁ ତେଷଠି ବର୍ଷ, କିନ୍ତୁ ସେ ଯଥେଷ୍ଟ କର୍ମକ୍ଷମ

Digitized by srujanika@gmail.com

ଥିଲେ, ଯଦିଓ ବାବାଙ୍କୁ ଜଗିବା ଓ ସେବା କରିବାକୁ ଯାଇ ପ୍ରାୟ ଦେଢ଼ବର୍ଷ କାଳ ଯତ୍ସାମାନ୍ୟ ମାତ୍ର ବିଶ୍ରାମରେ ତାଙ୍କୁ ଚଳିବାକୁ ପଡ଼ିଥିଲା । ବାବାଙ୍କ ପରଲୋକ ପରେ କିଛିକାଳ କେବଳ ସେ ପୂର୍ଣ୍ଣ ବିଶ୍ରାମ ପାଇଥିଲେ । ଏହାର ପ୍ରାୟ ୫/୬ ବର୍ଷ ପରେ ଯେତେବେଳେ ମୋର ସ୍ତ୍ରୀ ବ୍ରହ୍ମମୟୀଙ୍କ (ଅପର୍ଣ୍ଣା) ଉପରେ ତାଙ୍କର ମନଲାଖି ଗୋଟିଏ ବିଶେଷ କାର୍ଯ୍ୟଭାର ନ୍ୟସ୍ତହେଲା ସେତେବେଳେ ମୋର ମା ପୂର୍ଣ୍ଣପ୍ରାଣରେ ଅପର୍ଣ୍ଣାଙ୍କ ସେ କର୍ତ୍ତବ୍ୟ ପାଳନରେ ସହାୟତା କଲେ । ମୋର ପ୍ରୟାତ ପିତାଙ୍କର ବନ୍ଧୁ ପରମଶ୍ରଦ୍ଧେୟ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ମହାଶୟ ସେତେବେଳେ କଟକରୁ ଆସି ଭୁବନେଶ୍ୱରରେ ରହୁଥିଲେ । ଦିନେ ଦିନେ ଆମ ଘରକୁ ଆସି ଆମେ କିପରି ଅଛୁ ପଚାରି ବୁଝୁଥିଲେ । ଦିନେ ଆସି କହିଲେ, "ଖୁକନ୍, ତୋ ସ୍ତ୍ରୀକୁ ନେଇ ଯାଉଛି !"

ଘଟଣା ଏଇ ଯେ ଭାରତ ସରକାରଙ୍କ ଆଦିବାସୀ ମଙ୍ଗଳ ପ୍ରଚେଷ୍ଟା ସହିତ ଯୁକ୍ତ ଜଣେ କର୍ମାଧିକାରୀ ଡଃ. ରାଏ-ବର୍ମନ୍ ସେଇ କାର୍ଯ୍ୟ ପରିଦର୍ଶନ ଲାଗି ଭୁବନେଶ୍ୱରକୁ ଆସିଥିଲେ । ତାଙ୍କ ପତ୍ନୀ ମିସେସ୍ ବୀଣା ରାଏ-ବର୍ମନ୍ ଯଉଠି ଯାନ୍ତି ଗୋଟିଏ ଲେଖାଏ ଆଦିବାସୀ ନର୍ସାରି ସ୍କୁଲ ସ୍ଥାପନ କରିବା ପାଇଁ ଚେଷ୍ଟା କରନ୍ତି । ଭୁବନେଶ୍ୱରରେ ମଧ ସେଇଥିଲାଗି ସେ ପଦ୍ମଶ୍ରୀ ସାହୁ ମହାଶୟଙ୍କ ସହିତ ସାକ୍ଷାତ୍ କଲେ (କାରଣ ସାହୁ ମହାଶୟ ସାର୍ଭେଣ୍ଟସ୍ ଅଭ୍ ଇଣ୍ଡିଆ ସୋସାଇଟିର ଜଣେ ସଦସ୍ୟ ଥିଲେ) ଏବଂ ତାଙ୍କ ସାହାଯ୍ୟ ଓ ସହାୟତାରେ ଏଠି ଗୋଟିଏ ନର୍ସାରି ସ୍କୁଲ ସ୍ଥାପନ କରି ପାରିଲେ- ପ୍ରଧାନତଃ ଆଦିବାସୀ ପିଲାମାନଙ୍କ ପାଇଁ । ବୋଧହୁଏ ଏହାହିଁ ଓଡ଼ିଶାରେ ସର୍ବପ୍ରଥମ ନର୍ସାରି ସ୍କୁଲ । ଶିକ୍ଷାର ମାଧମ ସ୍ୱଭାବତଃ ହେଲା ଓଡ଼ିଆ । ସାହୁ ମହାଶୟ ହିଁ ଏହାର ପ୍ରେସିଡେଣ୍ଟ ହେଲେ । ସେ ସେକ୍ରେଟାରିଏଟ୍‌ର ଜଣେ ବୟୋଜ୍ୟେଷ୍ଠ ଓ ସୁଯୋଗ୍ୟ ଆସିଷ୍ଟାଣ୍ଟ ଶ୍ରୀ ଜଗନ୍ନାଥ ଦାସଙ୍କୁ ସ୍କୁଲର ସେକ୍ରେଟାରି ନିଯୁକ୍ତ କଲେ । ମୋର ସ୍ତ୍ରୀ ଏହାପୂର୍ବରୁ ପ୍ରାୟ ବର୍ଷେକାଳ ଛତ୍ରପୁର ଠାରେ ରହି ବାଲବାଡ଼ି (ଅର୍ଥାତ୍ **Kindergarten**) ଟ୍ରେନିଂ ନେଇ ସାରିଥିଲେ, ସାହୁ ମହାଶୟ ତା ଜାଣିଥିବାରୁ ତାଙ୍କୁଇ 'ନେଇଯାଇ' ସ୍କୁଲର ପ୍ରିନ୍ସିପାଲ ପଦବୀରେ ବସାଇଲେ । ଆଉ ଜଣେ ସରକାରୀ ଚାକିରୀଆଙ୍କ ସ୍ତ୍ରୀ ଶ୍ରୀମତୀ ବାସନ୍ତୀ ଦାସ ସେଠି ଅନ୍ୟତମା ଶିକ୍ଷିକା ହେଲେ । ଉଭୟେ ସାମାନ୍ୟ ଦରମାରେ ସେଠି ପଢ଼ାଇବାକୁ ଲାଗିଲେ । ପିଲାମାନଙ୍କ

Digitized by srujanika@gmail.com

ଯଥାସାମାନ୍ୟ ଫିସ୍‌କୁ ମାତ୍ର ସମ୍ବଳ କରି ସେମାନଙ୍କୁ ପ୍ରତ୍ୟହ କିଛି ସ୍ୱାସ୍ଥ୍ୟକର ଜଳଖିଆ ମଧ ଦିଆ ଯାଉଥିଲା । ଏ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ମୋର ଯୁବକ ବନ୍ଧୁ ଓ ଅତି ଉତ୍ତମ ଚେସ୍ ଖେଳାଳୀ ଶ୍ରୀ କୃଷନ୍ ପିଲ୍ଲାଇ । ବାପୁଜୀନଗର 'ଆଦିବାସୀ ପଡ଼ିଆ'ରେ ସ୍କୁଲ ବସୁଥିଲା । ଉଲ୍ଲେଖ୍ୟ ଯେ ଏହାର ଅନେକ ବର୍ଷ ପରେ ଯେଉଁ ସବୁ ନର୍ସାରି ସ୍କୁଲ ହେଲା ସମସ୍ତଙ୍କ ମାଧମ ହେଲା ଇଂରାଜୀ ।

୧୯୬୬ରେ ସାହୁ ମହାଶୟଙ୍କର ପରଲୋକ ଗମନ ପରେ ଖ୍ୟାତନାମା ଲେଖକ ଓ *ଡଗର* ପତ୍ରିକା ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ସ୍କୁଲର ପ୍ରେସିଡେଣ୍ଟ ହେଲେ । ଆଉ ତିନି ବର୍ଷ ପରେ'୬୯ରେ ମୁଁ କର୍ମରୁ ଅବସର ଗ୍ରହଣ କରି ସ୍କୁଲରୁ ଅନେକ ଦୂର ଶହିଦନଗରରେ ଘର କରି ସପରିବାରରେ ସେଠି ଆସି ରହିଲି । ମୋର ସ୍ତ୍ରୀ ଏତେବାଟରୁ ମଧ ପ୍ରତିଦିନ ଯାଇ 'ଆଦିବାସୀ ପଡ଼ିଆ'ରେ ସ୍କୁଲ କରୁଥିଲେ ।

ଅବଶେଷରେ କେତେ ବର୍ଷ ପରେ ମୋର ମାଆଙ୍କର ସ୍ୱାସ୍ଥ୍ୟଭଙ୍ଗ ହେବାରୁ ମୋର ସ୍ତ୍ରୀ ସ୍କୁଲ ଛାଡ଼ି ଦେବାକୁ ବାଧ ହେଲେ । ସେତେବେଳକୁ ଆମର ତିନି ପୁଅ, ସବା ସାନକୁ ୧୭/୧୮ ବର୍ଷ । ଏହାପରେ ମୋର ସ୍ତ୍ରୀଙ୍କର ମଧ ସ୍ୱାସ୍ଥ୍ୟଭଙ୍ଗ ହେଲା, ଡାୟାବିଟିସ୍ (Diabetes) ଧରା ପଡ଼ିଲା । ମୁଁ ଚାକିରୀରେ ଥିଲା ବେଳେ ଆମ ଘରେ **paying guest** ଭାବରେ ରହି ଏଗ୍ରିକଲ୍‌ଚର କଲେଜରେ ପଢୁଥିବା ଶ୍ରୀ ହିମାଂଶୁଶେଖର ଦାସ (ଏବେ ଉଚ୍ଚ ପଦସ୍ଥ ଏଗ୍ରିକଲ୍‌ଚର ଅଫିସର)ଙ୍କର କଥାରେ ମୋର ସ୍ତ୍ରୀଙ୍କର ମୂତ୍ର ପରୀକ୍ଷା କରି "ଶୁଗାର" (sugar) ଥିବା ଜଣା ପଡ଼ିଲା । ଏହା ବି ଜଣା ପଡ଼ିଲା ଯେ ଏ ରୋଗ ତାଙ୍କର ବିବାହ ପୂର୍ବରୁ ରହିଛି, କିନ୍ତୁ ମୁଁ ଓ ମୋର ଆତ୍ମୀୟମାନେ ସେ ପର୍ଯ୍ୟନ୍ତ ଏସବୁ ବିଷୟରେ ନିତାନ୍ତ ଅଜ୍ଞ ହେଇଥିବାରୁ କେବେ ହେଲେ ଏ ସନ୍ଦେହ କରିନାହୁଁ । ନିର୍ଦ୍ଦ୍ୱନ୍ଦ୍ୱରେ ମିଠା ଖିଆ ତ ଚାଲିଥିଲା, ପୁଣି ତାଙ୍କ ଗୋଡ଼ରେ ଏକ୍‌ଜିମା (eczema) ଲାଗି ଚାନ୍ଦ୍ରାୟଣ ବ୍ରତ ବୋଲି ଗୋଟାଏ କବିରାଜି ଚିକିତ୍ସାରେ ରୀତିମତ ମିଠା ଖାଇବାର ଗୋଟାଏ ବ୍ୟବସ୍ଥା ଥିଲା ! ଫଳରେ ତାଙ୍କ ସ୍ୱାସ୍ଥ୍ୟର ପ୍ରଭୂତ କ୍ଷତି ପହଞ୍ଚି ସାରିଥାଏ । ଦେହ ବେଶି ଖରାପ ହେଲେ ତାଙ୍କର ଧଇଁ ଉଠେ । ଏଇ ଡାୟାବିଟିସ୍ ଓ ଶ୍ୱାସରୋଗ ତାଙ୍କ ପିତାଙ୍କର ବି ଥିଲା ।

Digitized by srujanika@gmail.com

ଉତ୍ତମ ଚିକିତ୍ସା ଓ ବଡ଼ ବୋହୂଙ୍କର ସମୁଚିତ ଯତ୍ନ ସତ୍ତ୍ୱେ ଏବଂ ବେଳେ ବେଳେ ତାଙ୍କର ନିଜର ଅସାବଧାନତା ଯୋଗୁଁ ଦେହ ଅଧିକ ଖରାପ ହେଉଥିଲା । ଏହିପରି ଏକ ସମୟରେ ୧୯୯୭, ୧୫ ଜାନୁଆରି ଆମ ବିବାହର ପଞ୍ଚାଶତ୍ତମ ବାର୍ଷିକୀ ଆସି ଗଲା । ସେତେବେଳେ ବ୍ରହ୍ମମୟୀଙ୍କୁ ୭୪ ଓ ମୋତେ ୮୩ ବର୍ଷ ଚାଲିଥାଏ । ସମସ୍ତଙ୍କ ଜୀବନରେ ଏ ସୁଯୋଗ ଆସେନାହିଁ । ଆତ୍ମୀୟ-ବନ୍ଧୁମାନେ ତେଣୁ ତାକୁ ଗୋଟାଏ ଉତ୍ସବ ବୋଲି ମଣିଲେ । ମୋର ଜଣେ ପରଲୋକଗତ ସନ୍ଧୁଙ୍କ ପୁତ୍ର ଶ୍ରୀ ଦୀପେନ୍ଦ୍ର ଭୂଷଣ ବୋସ ବିଲାତରୁ ଆମ ଦୁହିଁଙ୍କ ପାଇଁ Golden Wedding ଲେଖା ହୋଇଥିବା ପିଆଲା-ପିରିଚ ପଠାଇଲେ !

ଏ ପ୍ରସଙ୍ଗରେ ଗୋଟାଏ ବାସ୍ତବିକ ଅଦ୍ଭୁତ କଥା ମନରେ ଆସୁଛି : ମୁଁ ମୋର ଘରଣୀଙ୍କୁ କେବେ ହେଲେ ଖଣ୍ଡେ ଶାଢ଼ୀ ଉପହାର ସ୍ୱରୂପ ଦେଇଛି ବୋଲି ମୋର ମନେ ପଡୁ ନାହିଁ, ବୋଧହୁଏ ଦେଇ ନାହିଁ ! ଲୁଗାପଟା ବିଷୟରେ ପ୍ରକୃତରେ ମୁଁ କିଛି ହେଲେ ବୁଝେନା, ଚିନ୍ତା ବି କରେନା । ଅପର୍ଣ୍ଣାଙ୍କ ଜନ୍ମଦିନ ଓ ଆମ ବିବାହ ବାର୍ଷିକୀ ଦିନ ପ୍ରାୟ ବରାବର ତାଙ୍କୁ ଗୋଟିଏ ଲେଖାଏଁ ବଙ୍ଗଳା ବହି ଦେଉଥିଲି, କାରଣ କେବଳ ସେଇ ବିଷୟରେ ମୁଁ କିଛି ବୁଝୁଥିଲି ।

ଆମର ଏ 'ସୁବର୍ଣ୍ଣ ବିବାହ' ଜୟନ୍ତୀରେ ବିଶେଷ ଉତ୍ସାହ ଥିଲା ମୋତେ ମାମୁଁ ଡାକୁଥିବା ଡାକ୍ତର ଶ୍ରୀମତୀ ମୀନାକ୍ଷୀ (ଦତ୍ତ) ଗର୍ଗଙ୍କର । ଏଇଠି ଟିକିଏ କହିଦିଏ ଯେ ମୋ ପିଲାଦିନେ 'ମୋନା-ବିନୁଙ୍କ ଘରେ' ମୋର ଖେଳିବା ସାଥୀ ଏଇ ମୋନା-ବିନୁଙ୍କର ସବା ସାନ ଭଉଣୀ ମାୟାଙ୍କ ('ଖୁକୁ') ବଡ଼ ଝିଅ ଏଇ ଡାକ୍ତର ମୀନାକ୍ଷୀ ଅର୍ଥାତ୍ ଫକୀରମୋହନଙ୍କ ଅନ୍ୟତମା ପ୍ରପୌତ୍ରୀ ବା ଅଣନାତୁଣୀ ।

ପୁଣି, ଆମ ଘରକୁ ଲାଗି ରହୁଥିବା ପଡ଼ିଶା ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ମହାଶୟ ଅଧା ଅଟାଳିଆ ଭାବରେ 'କନ୍ୟା କର୍ତ୍ତା' ସାଜି ତାଙ୍କ ସ୍ତ୍ରୀଙ୍କୁ ବରକର୍ତ୍ତା (ବା ବରକର୍ତ୍ତ୍ରୀ) କରି ଆମ ଦୁହିଁଙ୍କ 'ବିବାହ' ଦେଲେ ଯଦିଓ ସେ ବୟସରେ ମୋ ଠାରୁ କେତେ ବର୍ଷ ସାନ ! ସମସ୍ତଙ୍କ ଅନୁରୋଧରେ ଆମେ ଦୁହେଁ ପୁଣି ବ୍ରହ୍ମସଙ୍ଗୀତ ଗାଇଲୁ । ସେଇଦିନ କିନ୍ତୁ ପାଗ ହଠାତ୍ ବିଗିଡ଼ି ଯାଇ ମେଘ ବରଷା ହେଲା, ରୀତିମତ ଥଣ୍ଡା ପବନ ବୋହିଲା । ସୁଖର ବିଷୟ ଯେ ତଥାପି ନିମନ୍ତ୍ରିତ ପ୍ରାୟ ସମସ୍ତେ ହିଁ ଆସିଥିଲେ ।

Digitized by srujanika@gmail.com

ଏହାପରେ ଅପର୍ଣ୍ଣାଙ୍କ ସ୍ୱାସ୍ଥ୍ୟରେ କିଛି ଉଲ୍ଲେଖଯୋଗ୍ୟ ଉନ୍ନତି ମଧ ଦେଖାଗଲା । କିନ୍ତୁ ଅତିଶୟ ଦୁଃଖର କଥା ସେହି ବର୍ଷରେ ହିଁ ଆମର ସାନ ବୋହୂଙ୍କ ପିତା ଶ୍ରୀ ଧୀରେନ୍ଦ୍ର ନାରାୟଣ ଚକ୍ରବର୍ତ୍ତୀ ହଠାତ୍ ହାର୍ଟ ଆଟାକ୍ ହେଇ ପରଲୋକ ଗମନ କଲେ । ଦେଶ ବିଭାଗ ବେଳେ ସେ ପୂର୍ବବଙ୍ଗରୁ ଚାଲି ଆସିଥିଲେ ଏବଂ ନାନା ଭାଗ୍ୟ ବିପର୍ଯ୍ୟୟ ପରେ ମଧ-ପ୍ରଦେଶର ଗୁନାଠାରେ ରେଳ ଷ୍ଟେଶନର ଷ୍ଟେଶନ-ମାଷ୍ଟର ଚାକିରୀ ପାଇଲେ ଏବଂ ପରେ ସେଇଠି ଘର କରି ରହି ଯାଇଥିଲେ । ସେପ୍ଟେମ୍ବର ମାସରେ ତାଙ୍କର ଶ୍ରାଦ୍ଧାନୁଷ୍ଠାନରେ ଅପର୍ଣ୍ଣା ଓ ମୁଁ ଗୁନା ଗଲୁ ଦୁହେଁ ସ୍ୱନିର୍ଭର ହେଇ ।

ମୋର ମାଆଙ୍କର ଅନ୍ୟତମା ବିଧବା ବୈମାତ୍ର ଭଗିନୀ ପୂର୍ଣ୍ଣିମା ବାଜପେୟୀ - ମୋର ପୁନୁମାସୀ- ଅନେକ ଦିନୁ ଆମକୁ ଡାକୁଥିଲେ ଥରେ ଦିଲ୍ଲୀରେ ତାଙ୍କ ଘରକୁ ଯିବା ପାଇଁ । ଏଥର ଏଇ ସୁଯୋଗରେ ଆମେ ଦୁହେଁ ଗୁନାରୁ ଦିଲ୍ଲୀ ଗଲୁ ଏବଂ ଆଗ୍ରା ତାଜମହଲ ମଧ ଦେଖି ଆସିଲୁ । ଅପର୍ଣ୍ଣା ବହୁ ବର୍ଷ ତଳେ ତାଙ୍କର ସାନ ମଝିଆ ଭଉଣୀ ଓ ଅଶୀତିପର ଭିଣୋଇ ଡଃ ଧୀରେନ୍ଦ୍ର ଭୂଷଣ ବୋସଙ୍କ ସହିତ ହୃଷୀକେଶ, ହରିଦ୍ୱାର ପ୍ରଭୃତି ବୁଲିକରି ଆସିଥିଲେ । କିନ୍ତୁ ଦିଲ୍ଲୀରେ ପହଁଞ୍ଚିଲାବେଳକୁ କଲିକତାରେ ହଠାତ୍ ତାଙ୍କର ଭାଉଜ ବୋହୂଙ୍କ ପରଲୋକ ହେଇ ଯିବାରୁ ହଠାତ୍ ଫେରି ଆସିବାକୁ ପଡ଼ିଥିଲା । ଏଥର ତାଙ୍କର ତାଜମହଲ ଦେଖିବା ଆଶା ପୂର୍ଣ୍ଣ ହେଲା ।

କିନ୍ତୁ ଏବେ ଅପର୍ଣ୍ଣାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଉପରେ ଏ ଭ୍ରମଣର ପରିଶ୍ରମ ଫଳରେ ବର୍ଷ ଶେଷ ଆଡ଼କୁ ଦେହ ବିଶେଷ ଖରାପ ହେଇ'୯୮ ଜାନୁଆରିରେ କିଛିଦିନ ପାଇଁ କଳିଙ୍ଗ ହସ୍‌ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଲା । ସେତେବେଳେ ଆମ ବଡ଼ ପୁଅ ଦୂର ସମୁଦ୍ରରେ କୌଣସି ମାଲବାହୀ ଜାହାଜରେ **Radio Officer cum Purser** କର୍ମ କରୁଥିଲା । ମଝିଆ ପୁଅ ମଧ କୃଷି ବିଭାଗରେ ତାର **Junior Superviser** କର୍ମ ଉପଲକ୍ଷ୍ୟେ ସେତେବେଳେ ଭୁବନେଶ୍ୱର ବାହାରେ ଅବସ୍ଥାପିତ, ଏବଂ ସାନ ପୁଅ ତାର ଆଖିର **detachment of retina** ର ଚିକିତ୍ସା ଲାଗି

Digitized by srujanika@gmail.com

ହାଇଦରାବାଦ୍‌ରେ । ସେତେବେଳେ ମୋର ଦିବଂଗତ ବନ୍ଧୁ - ଯାହାଙ୍କୁ ମୁଁ ମୋର ଚେସ୍ ଗୁରୁ ବୋଲି କହୁଥିଲି - ସେଇ କ୍ଷିତୀଶଚନ୍ଦ୍ର ମିତ୍ରଙ୍କର ବଡ଼ ପୁଅ ଯେକି ପୁଣି ନିଜେ ମୋର ପୁଅମାନଙ୍କ ବନ୍ଧୁ 'ରମୁ' (ଅମିତାଭ ମିତ୍ର) ଆମମାନଙ୍କ ପାଇଁ ଯେତେ ପରିଶ୍ରମ ଓ କଷ୍ଟ ସ୍ୱୀକାର କରିଥିଲା ଏବଂ ଅନ୍ୟବେଳେ ମଧ କରିଛି ସତେକି ଆମ ନିଜ ପୁଅ ।

ମାତ୍ର କଳିଙ୍ଗ ହସ୍‌ପିଟାଲରୁ ଏକପ୍ରକାର ସୁସ୍ଥହୋଇ ଫେରିଲେ ମଧ ଅପର୍ଣ୍ଣାଙ୍କ ତାହାହିଁ ଥିଲା ଶେଷର କଥାରମ୍ଭ । ବରାବର ଉତ୍ତମ ଚିକିତ୍ସା ଓ ପାଖରେ ରହୁଥିବା ବଡ଼ ବୋହୁଙ୍କର ଅଶେଷ ଯତ୍ନ ସତ୍ତ୍ୱେ ସେ ଆଉ ପ୍ରାୟ ଚାରିବର୍ଷ ମାତ୍ର ଜୀବିତ ଥିଲେ । ନଭେମ୍ବର ୨୦୦୧ରେ ଅପର୍ଣ୍ଣାଙ୍କୁ ଜଣ୍ଡିସ୍ (Jaundice) ହେଇଥିବା ଜଣା ପଡ଼ିଲା । ତାଙ୍କ ଡାକ୍ତର Dr. B.K. Mishra ତାଙ୍କୁ ଅବିଳମ୍ବେ APEX Hospital କୁ ଭର୍ତ୍ତି କରିବା ପାଇଁ କହିଲେ । ସେଠାରେ Dr. Sasanka Mishra preliminary checkup ପରେ ତାଙ୍କୁ ସାଙ୍ଗେ ସାଙ୍ଗେ ହାଇଦରାବାଦ୍‌କୁ ନେଇ ଯିବାକୁ କହିଲେ- ଅପାରେଶନ୍ ଲାଗି ! MEDINOVA Hospital ରେ ତାଙ୍କର Infected COMMON BILE DUCT ଉପରେ ଅପାରେଶନ୍ କରାଗଲା । କିନ୍ତୁ ତାହା cancerous infection ଥିବାରୁ ଏହି ଅପାରେଶନ୍ ଫଳପ୍ରଦ ହେଲା ନାହିଁ । ଭୁବନେଶ୍ୱର ଫେରିବା ପରେ ଜଣ୍ଡିସ୍‌ରୁ ଓହରି ଯାଇଥିବା ସତ୍ତ୍ୱେ ସେ କ୍ୟାନସରର ଶିକାର ହେଲେ ଓ ଶେଷକୁ କୋମା (coma) ଅବସ୍ଥାକୁ ଚାଲିଗଲେ । ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଗଲା, କିନ୍ତୁ ୭ଦିନ ପରେ ୧୬ ଡିସେମ୍ବରରେ ସେମାନେ ହାଲ ଛାଡ଼ିଦେବାକୁ କହିଲାରୁ ସେଇ କୋମା ଅବସ୍ଥାରେ ତାଙ୍କୁ ଘରକୁ ଅଣାଗଲା । ଅବଶେଷରେ ୨୪ ଡିସେମ୍ବର ଅପରାହ୍ଣ ୩ଟା ବେଳେ ଅପର୍ଣ୍ଣା ଶେଷ ନିଶ୍ୱାସ ତ୍ୟାଗ କଲେ ।

◆◆◆

Digitized by srujanika@gmail.com

(୧୫)

ଆମଜାଦ୍-ଦା'

ମୋର ବିବାହ କଥା କହିବା ପୂର୍ବରୁ ଚେସ୍ କଥା କହୁଥିଲି । କିନ୍ତୁ ସେକଥା ଅସମ୍ପୂର୍ଣ୍ଣ ରହି ଯାଇଛି, ଏଇ ଅସାଧାରଣ ଚରିତ୍ରବାନ ଲୋକଙ୍କ କଥା କୁହା ହେଇନାହିଁ ବୋଲି ! କାରଣ ଚେସ୍ ଯୋଗୁ ହିଁ ମୋ ଜୀବନରେ ପ୍ରବେଶ ଘଟିଥିଲା ଆମଜାଦ-ଦା'ଙ୍କର ଏବଂ ସେ ପ୍ରବେଶ ମଧ ଯେପରି ଏକ ପ୍ରକାର ନାଟକୀୟ ଭାବରେ । ଏଇଠି କେବଳ କହି ରଖେ ଯେ ଆମଜାଦ-ଦା' ପ୍ରକୃତରେ ଥିଲେ Denis Raleigh Garate ନାମକ ଜଣେ ଆଂଲୋ-ଇଣ୍ଡିଆନ ।

ମୋର ଚେସ୍-ଗୁରୁ କ୍ଷିତୀଶଚନ୍ଦ୍ର ମିତ୍ର ଥିଲେ ବେଶ ଟିକିଏ କଳ୍ପନାପ୍ରବଣ । ୧୯୪୨ କି '୪୩ ସାଲ । ୨ୟ ବିଶ୍ୱଯୁଦ୍ଧରେ ପୃଥ୍ୱୀ କମ୍ପମାନ । କ୍ଷିତୀଶ ବାବୁ ଆଉ ମୁଁ ଦୁହେଁ ସାଇକଲରେ ଅଫିସ୍ ଯାଉଁ, ଆସେମ୍ବ୍ଲି ଅଫିସ୍ । ସେତେବେଳେ ସେଇଟା ହେଉଥିଲା କଟକରେ ରେଭେନ୍‌ଶ କଲେଜ ବିଲ୍‌ଡିଂରେ । ସେଠି ସେ ଥିଲେ ଅ'ନେବଲ୍ ସ୍ପୀକରଙ୍କ ଷ୍ଟେନୋଗ୍ରାଫର (ଓ ଆସେମ୍ବ୍ଲି ରିପୋର୍ଟାର), ଆଉ ମୁଁ ଥିଲି ଆସେମ୍ବ୍ଲି ଡିପାର୍ଟମେଣ୍ଟର ଜଣେ ଆସିଷ୍ଟାଣ୍ଟ । ଅଫିସ୍‌ରୁ ଫେରିଲା ବେଳେ ପ୍ରାୟ ସାଙ୍ଗ ହେଇ ଫେରୁ । ଦିନେ ଦେଖିଲୁ ବକ୍ସିବଜାର ପାଖରେ ମାର୍କେଟ ଆଡ଼େ ଗୋଟାଏ ଦୋକାନ-ଘର ଭଳି ଜାଗାରେ ଖୁବ୍ ଗୋରା ହେଇ ଜଣେ ପତଳା ଦୀର୍ଘକାୟ ପୌଢ଼ ଟେବୁଲ ଚେଆରରେ ବସି ନିବିଷ୍ଟ ଭାବରେ କଅଣ ଲେଖାଲେଖି କରୁଛନ୍ତି, ସାମନାରେ ଟେବୁଲ ଉପରେ ଗୋଟିଏ ଟାଇମ-ପୀସ୍ ଘଣ୍ଟା ମଧ ଥୁଆ ହେଇଛି । ସେଇ ସମ୍ପୂର୍ଣ୍ଣ ଅପରିଚିତ ଲୋକଙ୍କ ଚେହେରା ଓ ଏକାଗ୍ରତାରେ କଅଣ ଥାଏ ଆମେ ସାଇକଲରୁ ଓହ୍ଲାଇ ଦୂରରୁ ତାଙ୍କୁ କିଛିକ୍ଷଣ ପର୍ଯ୍ୟନ୍ତ ଲକ୍ଷ୍ୟ କଲୁ । ଭାବିଲୁ ସେ ସାମନାରେ ଘଣ୍ଟା ଧରି ନିର୍ଦ୍ଦିଷ୍ଟ ସମୟ ଭିତରେ ପାଠ୍ୟପୁସ୍ତକରେ ଥିବା ପ୍ରଶ୍ନାବଳୀର ଉତ୍ତର ଲେଖୁଛନ୍ତି । ହେଇପାରେ ଗଣିତର ପ୍ରଶ୍ନ । ତେବେ ସେ ଜଣେ ମାଷ୍ଟର ?

Digitized by srujanika@gmail.com

ତେହିଁ ଆର ଦିନ କ୍ଷିତୀଶ ବାବୁ ମୋତେ କହିଲେ - ବୁଝିଲେ, ଏମିତି ବି ହେଇପାରେ ସେ ଘଣ୍ଟାଟା ଘଣ୍ଟା ନୁହେଁ, ପ୍ରକୃତରେ ଗୋଟାଏ **wireless transmitter** । ସେ ଭଦ୍ରଲୋକ ଜଣକ ଅଙ୍କ କଷୁ ନାହାନ୍ତି, **signal** ପଠାଉଛନ୍ତି - ହୁଏତ ଗୁପ୍ତଚର - **war secrets** - କିଏ କହିବ !

ଚମତ୍କୃତ ହେଲି ! ଦିନେ ଅଫିସ୍ ଫେରନ୍ତା ଆମେ ଦୁହେଁ ତାଙ୍କୁ ସାକ୍ଷାତ୍ ହେବା ପାଇଁ ଗଲୁ । ଦୀର୍ଘକାୟ ଗୋରା ଲୋକଟି ନଥାନ୍ତି । ଆଉ କିଏ ଥିଲା, ଭିତରକୁ ଖବର ଦେଲା । ଅଳ୍ପକ୍ଷଣ ପରେ ଦୀର୍ଘ ଦୃଢ଼ ପଦକ୍ଷେପରେ ଆସିଲେ ସେ, ଆମ ଆଡ଼କୁ ହାତ ବଢ଼ାଇ ଦେଇ କହିଲେ - **How do you do** । ଅତି ଗମ୍ଭୀର ତାଙ୍କ ସ୍ୱର ।

ପରିଚୟ ହେଲା । ତାଙ୍କର ନାଆ ଆମଜାଦ ଆଲି ଗ୍ୟାରେଟ୍, **private tuition** କରନ୍ତି । ଇଏ କେମିତିକିଆ ନାଆ ? ଉଚ୍ଚାରଣ ଛଡ଼ା ଢଙ୍ଗଢାଙ୍ଗ ବି ସାହେବାନିଆ । ଜଣାପଡୁଛି **Anglo-Indian** । ହେଲେ ଇଏ ମୁସଲମାନ ନାମ ? କଟକ ସହିତ ମୋଟେ ଖାପ ଖାଉନାହିଁ !

ସେ ଯା'ହେଉ, ଆମେ ସେତେବେଳେ ଆମର ସେ ରୁଇ ଲୋପେଜ୍ କ୍ଲବ୍ ତଥା ଚେସ୍‌ରେ ପୁରାପୂରି ନିମଜ୍ଜିତ ଥିଲୁ, ଅନତିବିଳମ୍ବେ ମିଃ. ଗ୍ୟାରେଟ୍‌ଙ୍କୁ ଦିନେ ପଚାରି ଦେଲୁ ଯେ ସେ ଚେସ୍ ଖେଳନ୍ତି କି ନାଇଁ । ହଁ-ବାଚକ ଉତ୍ତର ପାଇ ତାଙ୍କୁ କ୍ଲବ୍‌ର ମେମ୍ବର କରି ନେଲୁ । ଏହା ପରେ ସେ ମଝିରେ ମଝିରେ କ୍ଲବ୍‌କୁ ଆସି ଖେଳୁଥିଲେ । ମୁଁ ବି ବେଳେବେଳେ ତାଙ୍କ ଘରକୁ ଯାଇ ଖେଳୁଥିଲି । ସେ ଓଡ଼ିଆ ବଜାରକୁ ଲାଗି ଦେଓଆନବଜାରରେ ଗୋଟିଏ ଭଡ଼ାଘରେ ରହୁଥିଲେ ।

ଏହା ପୂର୍ବରୁ ତାଙ୍କ ସହିତ ମୋର କିଛି ଘନିଷ୍ଠତା ହେଇ ସାରିଥାଏ । କ୍ରମେ କ୍ରମେ ଜାଣିଲି ସେ ପୋର୍ତ୍ତୁଗୀଜ୍ ବଂଶୋଦ୍ଭୂତ ଆଂଲୋ-ଇଣ୍ଡିଆନ୍, **B.A., B.D.**; **B.D.** ମାନେ **Bachelor of Divinity**, ଯାହା କି ଖ୍ରୀଷ୍ଟାନ ଧର୍ମଯାଜକ ହେବା ପାଇଁ ପରୀକ୍ଷା ପାସ୍‌ର ଉପାଧି । ସେ ପ୍ରକୃତରେ ଜଣେ ଧର୍ମଯାଜକ ହେଇଥିଲେ ଏବଂ କଲିକତାରେ **St. Xavier's High School** ରେ **English** ଓ **Geography**

Digitized by srujanika@gmail.com

ପଢ଼ାଉଥିଲେ ମଧ । ତାଙ୍କର ନାଁ ଥିଲା **Denis Raleigh Garate** ।

Bachelor of Divinity ହେଇଥିବାରୁ **theology** ବା ଖ୍ରୀଷ୍ଟାନ ଭଗବତ୍ ତତ୍ତ୍ୱ ନେଇ ଚିନ୍ତା କରିବା ଥିଲା ତାଙ୍କର ଅଭ୍ୟାସ । **God the Father, God the Son** (ଯୀଶୁ ଖ୍ରୀଷ୍ଟ), **God the Holy Ghost** (ବିଶ୍ୱାତ୍ମା) ହେଉଛି ସେ ତତ୍ତ୍ୱର ଗୋଟିଏ ମୂଳସୂତ୍ର, ଏଇ ସୂତ୍ର ନେଇ ଦିନେ ତାଙ୍କ ମନରେ ସଂଶୟ ଉପସ୍ଥିତ ହେଲା ଯେଉଁଥିରୁ ତାଙ୍କ ମନରେ କିଛି କଠିନ ତାତ୍ତ୍ୱିକ ପ୍ରଶ୍ନ ଉପୁଜିଲା । ବହୁ ଅଧ୍ୟୟନ ଅନ୍ୱେଷଣ ଅନୁସନ୍ଧାନ କରି ମଧ ସେ ତାର ସଦୁତ୍ତର ପାଇଲେ ନାହିଁ ଯେଉଁଥିରେ କି ତାଙ୍କର ହୃଦ୍‌ବୋଧ ହେଇ ପାରିଥାନ୍ତା । ଖ୍ରୀଷ୍ଟଧର୍ମରେ ତାଙ୍କର ବିଶ୍ୱାସ ଦେହରେ ଯେପରି ଗୋଟାଏ କ୍ଷତ ଦେଖାଦେଲା । ଯେମତେ ସେମତେ କରି ଚଳାଇ ନେବାର ଯେଉଁ ସାଧାରଣ ମନୋବୃତ୍ତି ତା ବୋଧହୁଏ ତାଙ୍କ ପ୍ରକୃତିରେ ନଥିଲା, ସେ ଭାବିଲେ ଏପରି ଅବସ୍ଥାରେ ମୋର ଖ୍ରୀଷ୍ଟାନ ହେଇ ରହିବାଟା ତା'ହେଲେ ଗୋଟିଏ ପ୍ରକାର **hypocrisy** ହେଉଛି । ଚିନ୍ତା କରି ଦେଖିଲେ ଯେ ଖ୍ରୀଷ୍ଟାନ ଧର୍ମ ଭଳି ମୁସଲମାନ ଧର୍ମ ମଧ ଏକେଶ୍ୱରବାଦୀ, କିନ୍ତୁ ସେ ଧର୍ମରେ ଯେହେତୁ ଯୀଶୁ ଖ୍ରୀଷ୍ଟଙ୍କ କଥା ନାହିଁ ତେଣୁ ସେଥିରେ **God the Son** - ର ପ୍ରଶ୍ନ ମଧ ନାହିଁ । ଏହା ଭାବି ସେ ମୁସଲମାନ ହେଇଗଲେ, ତାଙ୍କର ନୂତନ ନାମ ହେଲା ଆମଜାଦ ଆଲି ।

ଏସବୁ କଥା ସେ ଦିନେ ମୋତେ କହିବାରୁ ମୁଁ କହିଲି- ଆପଣ ହିନ୍ଦୁ ବି ହେଇ ପାରିଥାନ୍ତେ, କାରଣ ହିନ୍ଦୁଧର୍ମ ପ୍ରକୃତରେ ଏକେଶ୍ୱରବାଦୀ, ସେ ଈଶ୍ୱରଙ୍କୁ କୁହା ଯାଉଛି ବ୍ରହ୍ମନ୍ ବୋଲି । ସେ ଆଶ୍ଚର୍ଯ୍ୟ ହେଇ କହିଲେ - ଆମେ ତ ଜାଣିଛୁ **Hinduism** ରେ ରହିଛି **pantheism, Greek pantheon** ପରି **Hindu pantheon** ରେ ଅଛନ୍ତି ବହୁ ଦେବଦେବୀ । ମୁଁ କହିଲି ସାଧାରଣ ଲୋକଙ୍କୁ ସେଇଆ ଭଲ ଲାଗେ ବୋଲି ତା' ଅଛି, କିନ୍ତୁ ତତ୍ତ୍ୱଦର୍ଶୀମାନେ ବ୍ରହ୍ମନ୍‌ଙ୍କୁ ଉପାସନା କରନ୍ତି । ମୁଁ ଅବଶ୍ୟ ରାମମୋହନ ରାୟ କଥା, ତାଙ୍କ ପ୍ରବର୍ତ୍ତିତ ବ୍ରାହ୍ମଧର୍ମ କଥା କହି ନାହିଁ ।

Mr. Garate ଧର୍ମାନ୍ତର ଗ୍ରହଣ ଫଳରେ **St. Xavier's School** ରେ ତାଙ୍କର ଶିକ୍ଷକତା କାର୍ଯ୍ୟରୁ ତାଙ୍କୁ ଅନ୍ତର କରାଗଲା, କଲିକତା ଖ୍ରୀଷ୍ଟାନ ସମାଜ ମଧ

Digitized by srujanika@gmail.com

ତାଙ୍କୁ ଏପରି ଘୃଣା କଲେ ଯେ ସେ କଲିକତା ଛାଡ଼ିବାକୁ ବାଧ୍ୟ ହେଲେ ।

ଏକ ସମୟରେ ଦେଖିଲି ଆଲି ସାହେବ ସାବୁନ ଓ ଅନ୍ୟାନ୍ୟ ଜିନିଷ ଫେରି କରି ବୁଲୁଛନ୍ତି ! କିନ୍ତୁ ସ୍ୱାସ୍ଥ୍ୟ ତାଙ୍କର ଦୁର୍ବଳ (ପରେ ଜାଣିଲି ସେ ଶ୍ୱାସରୋଗୀ), ଅଳ୍ପଦିନ ପରେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଲେ । ପଡ଼ାର ମୁସଲମାନମାନେ ତାଙ୍କୁ ସେବା ଓ ସାହାଯ୍ୟ କରୁଥାନ୍ତି । ସୁସ୍ଥହୋଇ ଉଠିବା ପରେ ସେ ପୁରାପୁରି **private tuition** ଉପରେ ହିଁ ନିର୍ଭର କଲେ । ଲୋକେ ତାଙ୍କର ଜ୍ଞାନ ଓ ଅସାଧାରଣ କର୍ତ୍ତବ୍ୟପରାୟଣତାକୁ ଆଦର କଲେ । କ୍ରମେ ସେ ଏକାଧିକ ବଡ଼ ବଡ଼ ଲୋକଙ୍କ ଘରେ ପଢ଼ାଇବାକୁ ଲାଗିଲେ । ସକାଳେ ସାଇକଲରେ ସେ ଟିଉସନ୍‌କୁ ବାହାରିଥିବା ବେଳେ କେବେ କେବେ ମୁଁ ମଧ୍ୟ ସାଇକଲରେ କଉଆଡ଼େ ଯାଉଥିବା ବେଳେ ମୋ ସହିତ ଦେଖା ହୋଇଯାଏ । ଉଭୟେ ସାଇକଲରୁ ଓହ୍ଲାଇ ପଡୁ । ଯତ୍‌ସାମାନ୍ୟ କଥାବାର୍ତ୍ତା ପରେ **"Duty calls"** କହି ଆମଜାଦ ଆଲି ସାହେବ ସାଇକଲରେ ବସିଯାନ୍ତି ।

ଚେସ୍ ଖେଳ ଯୋଗୁଁ ମୋ ସହିତ ତାଙ୍କର ଗୋଟାଏ ସ୍ନେହ ସମ୍ପର୍କ ଗଢ଼ି ଉଠିଥିଲା । ଜାଣିଲି କଲିକତାରେ ଥିଲାବେଳେ ବି ସେ ଚେସ୍ ଖେଳୁଥିଲେ । ଘୋଷ୍ ସାଙ୍ଗିଆ ଥିବା ଜଣେ ବଙ୍ଗାଳୀ ଖେଳୁଆଡ଼ଙ୍କର ସେ ପ୍ରଶଂସା କରୁଥିଲେ- ତାଙ୍କର **pawn play** (ବୁଟିଆ ଚାଲି) ପାଇଁ ।

ଆଲି ସାହେବ ମୋତେ କହିଲେ - **Call me Amjad Da,** ମୋତେ ଡାକୁଥିଲେ 'ଖୋଖନ୍' (ଖୋକନ୍) ବୋଲି । କ୍ଷିତୀଶ ବାବୁ ଓ ମୋ ଅପେକ୍ଷା ଆମଜାଦଦା' ପ୍ରାୟ ୧୩/୧୪ବର୍ଷ ବଡ଼ ଥିଲେ । ଇଆ ଭିତରେ କେବେ - ମୋର ଠିକ୍ ଜଣାନାହିଁ- କଟକର ମୁସଲମାନ ସମାଜର ନିୟମ ମାନି ସେ ବିବାହ କରିଥାନ୍ତି । ଖ୍ରୀଷ୍ଟାନ ଧର୍ମଯାଜକ ନିୟମ ମାନି ଆଗରୁ ସେ ତ ବିବାହ କରି ନଥିଲେ । ମୁଁ ଯେତେବେଳେ ତାଙ୍କ ଘରକୁ ଚେସ୍ ଖେଳିବାକୁ ଯାଉଥିଲି ସେତେବେଳକୁ ତାଙ୍କର ଦୁଇଟି ସନ୍ତାନ ପୁଅ ଇମଦାଦ୍ ଓ ଝିଅ **Honey** । ଆଂଲୋ-ଇଣ୍ଡିଆନ ହୋଇ ମଧ୍ୟ ସେ ତାଙ୍କର ସେଇ ଚାଳିଶ ଊର୍ଦ୍ଧ୍ୱ ବୟସରେ ମୁସଲମାନ ସମାଜର ପରଦା ପ୍ରଥାକୁ

Digitized by srujanika@gmail.com

ସନ୍ତର୍ପଣରେ ମାନି ଚଳୁଥିଲେ । ଆଉ କେତେକ ବର୍ଷ ବାଦ ମୋର ବିବାହ ପରେ ଆମଜାଦ-ଦା' ତାଙ୍କ ସ୍ତ୍ରୀଙ୍କୁ ଧରି ଆମ ଘରକୁ ଆସିଥିଲେ । ତାଙ୍କ ସ୍ତ୍ରୀ (ଏପରି ଅବସ୍ଥାରେ ତାଙ୍କୁ 'ବଉ-ଦି' କେମିତି ବା କହନ୍ତି !) ରିକ୍ସାରୁ ଓହ୍ଲାଇଲା ବେଳେ ଦୁଇପଟେ ପରଦା ଧରାହେଲା, ତାଙ୍କ ସ୍ତ୍ରୀ ରିକ୍ସାରୁ ଓହ୍ଲାଇ ସିଧା ମୋ ସ୍ତ୍ରୀଙ୍କ ସାଙ୍ଗରେ ଭିତରକୁ ଚାଲିଗଲେ, ମୁଁ ତାଙ୍କ ଚେହେରା ଦେଖିନାହିଁ । ବୋଧହୁଏ ଏହା ପୂର୍ବରୁ (କିମ୍ବା ପରେ, ମୋର ଠିକ୍ ମନେ ନାହିଁ) ମୋର ସ୍ତ୍ରୀଙ୍କୁ ନେଇ ତାଙ୍କ ଘରକୁ ଯାଇଥିଲା ବେଳେ ଆମଜାଦ-ଦା' ତାଙ୍କର ଆଂଲୋ-ଇଣ୍ଡିଆନ ସୁଲଭ ସହଜ ଭଙ୍ଗୀରେ "Lady, come this way" କହି ତାଙ୍କୁ ଅନ୍ଦରକୁ ପାଛୋଟି ନେଇଥିଲେ ।

ତାଙ୍କ ବିବାହ ପୂର୍ବରୁ - କି ପରେ ତା ବି ମୋର ମନେ ନାହିଁ - ଆଲି ସାହେବ କଟକ ବକ୍ସିବଜାରରେ ତାଙ୍କର Cuttack Tutorial School ଖୋଲି ସାରିଥିଲେ, ମ୍ୟାଟ୍ରିକ୍ ଓ ଆଇ.ଏ. ଛାତ୍ରଛାତ୍ରୀମାନେ ସେଥିରେ ଭର୍ତ୍ତି ହେଉଥିଲେ । ତାଙ୍କ ମୃତ୍ୟୁର (୧୯୭୪) ବହୁବର୍ଷ ପରେ ବି ତାଙ୍କର ଜଣେ ଛାତ୍ରୀ ଗଭୀର ଶ୍ରଦ୍ଧା ସହିତ ତାଙ୍କ ଅଧ୍ୟାପନା କଥା ମୋତେ କହିଥିଲେ ।

ଇଂରାଜୀ Grammar and Composition - ଇଂରାଜୀ ପଠନରେ ଯାହାକୁ ସଂକ୍ଷେପରେ language ବୋଲି କୁହାଯାଏ- ପଢ଼ାଇବାକୁ ଆଲି ସାହେବ ବେଶି ଭଲ ପାଉଥିଲେ । ତାଙ୍କ ଘରେ ମୁଁ ଏଇ language ବିଷୟରେ ନାନା ପୁସ୍ତକର ଏକ ରୀତିମତ ବଡ଼ ସଂଗ୍ରହ ଥିବାର ଦେଖିଛି । ତାଙ୍କ ପାଖରୁ ପାଠ ନ ନେଇ ମଧ କେବଳ ତାଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା language ଦିଗରେ ମୋର ଅନେକ ଉପକାର ହେଇଥିବା ମୁଁ ଅନୁଭବ କରିଛି । ସଉକରେ ମୁଁ ବେଳେ ବେଳେ ବଙ୍ଗଳା ବା ଓଡ଼ିଆ ଗଳ୍ପର ଇଂରାଜୀ ଅନୁବାଦ କରୁଥିଲି । ସେମିତି ମୋର ଗୋଟିଏ ଅନୁବାଦ ତାଙ୍କୁ ଦେଖାଇବାରୁ ସେ ସ୍ନେହଭରେ ଧୀରେ ଧୀରେ କହିଲେ -Khokhon, this is too near the Bengali. ଏଥିରେ ମୋ ମୁହଁରେ ହଠାତ୍ ନିରୁତ୍ସାହ ଭାବ ଖେଳି ଯିବାର ଲକ୍ଷ୍ୟକରି ସେ ମୋତେ ବୁଝାଇ କହିଲେ ଭାଷାକୁ crisp କରିବା ପାଇଁ ଚେଷ୍ଟା କରିବାକୁ ହେବ । ଉତ୍ସାହ ଦେଇ ତାଙ୍କର ସୁନ୍ଦର ଗମ୍ଭୀର କଣ୍ଠରେ କହିଲେ

Digitized by srujanika@gmail.com

- It will come to you gradually. You have it in you. ତାଙ୍କର ଏଇ ପରବର୍ତ୍ତୀ ବାକ୍ୟଟି - You have it in you- ମୋ ମନରେ ଲାଖି ରହିଲା । ପରବର୍ତ୍ତୀ କାଳରେ ଏହାରି ପ୍ରେରଣା 'ପରଶୁରାମ' (ରାଜଶେଖର ବସୁ)ଙ୍କ କେତେଗୁଡ଼ିଏ ଅସାଧାରଣ ବଙ୍ଗଳା ଗଳ୍ପରୁ ଇଂରାଜୀ ଅନୁବାଦ କରିବାରେ ମୋତେ ବଳ ଓ ସାହସ ଯୋଗେଇଥିଲା । *Not All in Fun* ବୋଲି ମୋର ସେ ଅନୁବାଦଗ୍ରନ୍ଥର ଉତ୍ସର୍ଗପତ୍ରରେ ତେଣୁ ମୁଁ ଲେଖିଥିଲି । *In memory of AMJAD-DA / late Amjad Ali Garate of Cuttack / (formerly* Denis Raleigh Garate of Calcutta) / WHOSE ENCOURAGING WORDS FIRED MY IMAGINATION.

ତାଙ୍କର କନ୍ୟା Honey ପାଇଁ ବରପାତ୍ର ଏକପ୍ରକାର ଆଲି ସାହେବଙ୍କ ନିଜ ହାତରେ ଗଢ଼ା - ମୁହମ୍ମଦ କମ୍ରୁଦ୍ଦୀନ ଖାଁ, ଯେ କି କାଳକ୍ରମେ କଟକ ରେଭେନ୍‌ଶ' କଲେଜର ହେଡ୍ ଅବ୍ ଡିପାର୍ଟମେଣ୍ଟ, ଇଂଲିଶ, ହୋଇ ଅବସର ଗ୍ରହଣ କରିଥିଲେ ।

ଶ୍ୟାଳକ ମୁହମ୍ମଦ ଫଖ୍ରୁଦ୍ଦୀନ ମଧ ତାଙ୍କ ହାତରେ ଗଢ଼ା । ୧୯୭୪ରେ ଆମଜାଦ-ଦାଙ୍କ ପରଲୋକ ବେଳକୁ ଫଖ୍ରୁଦ୍ଦୀନ ଢେଙ୍କାନାଳ କଲେଜରେ ଇଂଲିଶ ଲେକ୍‌ଚାରାର ଥାନ୍ତି ।

ପୁତ୍ର ଇମ୍‌ଦାଦ ଅନ୍ୟ ପ୍ରକାର, ସେ *CARE* (ଆମେରିକାନ୍ ସଂସ୍ଥା)ରେ କାମ କରି ସେଇଠି ଉନ୍ନତି କରିଛନ୍ତି ।

ଓଡ଼ିଶା ସେକ୍ରେଟାରିଏଟ୍‌ର ଡିପାର୍ଟମେଣ୍ଟଗୁଡ଼ିକ ୧୯୪୮ରୁ ଆରମ୍ଭ କରି କ୍ରମେ କ୍ରମେ କଟକରୁ ନୂଆ ରାଜଧାନୀ (ନିଉ କେପିଟାଲ) ଭୁବନେଶ୍ୱରକୁ ଚାଲି ଆସୁଥିଲା । ମୁଁ ତ ମୋ ବିବାହର ତିନି ବର୍ଷ ପୂର୍ବରୁ ଆସେମ୍ବ୍ଲି ଛାଡ଼ି ସେକ୍ରେଟାରିଏଟ୍‌କୁ ଫେରି ଆସିଥାଏ, ବର୍ତ୍ତମାନ ୧୯୫୨ରେ ମୋ ଡିପାର୍ଟମେଣ୍ଟ ସହିତ ମୁଁ ବି ଭୁବନେଶ୍ୱର ନିଉ କେପିଟାଲକୁ ଚାଲି ଆସିଲି । ଆସେମ୍ବ୍ଲି ସହିତ କ୍ଷିତୀଶ ବାବୁ ବି ଆସିଲେ । ସେତେବେଳେ ସେକ୍ରେଟାରିଏଟ୍ ବା ଆସେମ୍ବ୍ଲି କୌଣସିଟାର ହିଁ ବିଲ୍ଡିଂ ତିଆରି ହେଇନଥାଏ, ଏଠି ସେଠି ବିଭିନ୍ନ ସ୍ଥାନରେ ଏସବୁ

Digitized by srujanika@gmail.com

ଅଫିସ୍ ବସିଥାଏ । ସେ ଯା ହେଉ, ଚାଲି ଆସିବା ଫଳରେ ଆମଜାଦ-ଦା ସହିତ ଦେଖାସାକ୍ଷାତ୍ ମୁଁ କେବଳ କଟକ ଗଲେ କଦବା କେମିତି ହେଉଥାଏ । ଚିଠିପତ୍ର ଲେଖିବାରେ ବି ସେ ଟିକିଏ ପଶ୍ଚାତ୍ପଦ, କହନ୍ତି I am a bad correspondent । ଏଣେ ବୟସ ବଢ଼ିବା ସହିତ ତାଙ୍କର ଶ୍ୱାସରୋଗ ଯେପରି ଅଧିକ ମାଡ଼ି ବସୁଥାଏ । ୧୯୭୩ ଅକ୍ଟୋବର ୨୯ର ଗୋଟାଏ ଚିଠିରେ ସେ ଲେଖିଥାନ୍ତି - As for me, I have been a creaking hinge for a good few years now......... My latest complication has been a bad attack of the flue on the top of my asthma. But Amjad's courage will die an hour after he draws his last breath.

ଏହାର ଅଳ୍ପଦିନ ପରେ ତାଙ୍କୁ କଟକର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଲା । ମୁଁ ଓ ମୋର ସ୍ତ୍ରୀ ଦିନେ ତାଙ୍କୁ ଦେଖିବା ପାଇଁ କଟକ ଗଲୁ । ସେଦିନ ସେ ଟିକେ ଭଲଥାନ୍ତି, ହାସ୍ୟ-ପରିହାସ ମଧ କରୁଥାନ୍ତି । କହିଲେ, ଗୋଟିଏ ପିଲାକୁ ପ୍ରଶ୍ନ ଦିଆ ହେଇଥିଲା malefactor ର ବିପରୀତ କଣ, ସେ ଲେଖିଲା- female factor !

କିନ୍ତୁ ଆଉ ଅଳ୍ପଦିନ ପରେ ୨୨ଡିସେମ୍ବର ହାସ୍ପାତାଲରୁ ମୋତେ ଖଣ୍ଡେ ଚିଠି ଲେଖିଲେ ଯାହା କି ସେ ଆଉ ନିଜେ ଲେଖିବା ଅବସ୍ଥାରେ ନଥିଲେ । ତାଙ୍କର କୌଣସି ପ୍ରାକ୍ତନ ଛାତ୍ରକୁ ଡାକି ଦେଇଥିବା ସେଇ ଦୀର୍ଘ ପତ୍ରରେ ସେ ଲେଖିଥିଲେ :-

My Dear Khokan,

O the irony of fate ! I was getting along swimmingly till this morning when I received your cheering postcard. Such are the uncertainties of Asthma that the patient cannot tell what tomorrow will bring him. This morning I suffered a spasm that continued from 6.15 to 10.15A.M. When Prof. Das came round, he insisted on Krishna's feeding me immediately. Thus by 11.30. I lie back to dictate this letter to one of my old boys.

Digitized by srujanika@gmail.com

Wouldn't I love to be home for Christmas or New Year's Day ? But that lies in God's hands (if there be a God, as you say). Leaving this wonderful cosmos to the work of chance, we would have to concede that ten blind monkeys strumming on ten type-writers for a hundred million years would certainly produce dramas as beautiful as Shakespeare's. If you are prepared to go that far, I am not.

If ever you visit Cal, while your legs are still active [ମୋତେ ସେତେବେଳକୁ ଛାଡିଏ], you must go to the St. John's Cemetery in Sealdah. It adjoins the Sealdah Station. On entering that gate to the graveyard you will find a long row of cemented graves in front. On each of these you will see many foreign names of priests. This means that four or five sacred remains lie in each grave.

On one such grave you will read the name of the Rev. Gustava Louwyck, S.J. [Society of Jesus ର ସଂକ୍ଷିପ୍ତ ରୂପ], who died about the year 1920. He was the man who made the greatest impression on my youthful years. If you find any good quality still persisting in me, you must believe that quality was derived from the saintly Father Louwyck. Please place a wreath of white roses on his grave. Attach to this a card : "From Denis Raleigh Garate who still remembers you 53 or 54 years after your death."

With my sincere good wishes and blessings to all

Yours affectionately

Amjad-da

Father Louwyck Belgium ଦେଶରୁ ଆସିଥିବା କୌଣସି ଧର୍ମଯାଜକ ହୋଇଥିବେ ।

Digitized by srujanika@gmail.com

ଜାନୁଆରି ମାସରେ ଟିକିଏ ଭଲ ହେଇ ଆମଜାଦ-ଦା ଖଣ୍ଡେ ପୋଷ୍ଟକାର୍ଡ ଲେଖିଲେ " My hand is still shaky" କହି । କିନ୍ତୁ ତାର ଠିକ୍ ମାସକ ପରେ ଫଖ୍ରୁଦ୍ଦିନ୍‌ଙ୍କ ୧୪-୨-୭୪ର ପୋଷ୍ଟକାର୍ଡ ପାଇଲି:- Dear Joardar Babu, your Amjad Dada is no more. He passed away on 11 February at about 11.30 a.m. and was buried in Kadam Rasool the same evening. ...... May God rest his soul in peace ! After such a long time of intimacy it is difficult for me to adjust. This gap can never be filled up.

ମୃତ୍ୟୁ ବେଳକୁ ଆମଜାଦ-ଦାଙ୍କୁ ୭୩ ବର୍ଷ ହେଇଥିଲା ବୋଲି ଶୁଣିଲି ।

* * * * * * * * * * *

* * * * * * * * * * *

ଏହାର ଠିକ୍ ପାଞ୍ଚ ମାସ ପରେ ଜୁଲାଇ ମାସରେ ମୁଁ ଓ ମୋର ସ୍ତ୍ରୀ କଲିକତାରେ St. John's Church-ର Cemetery କୁ ଯାଇ ଦେଖିଲୁ ଦୁଇଜଣ Rev. Father Louwyck, S.J., ଅଛନ୍ତି ଏବଂ ସେ ଦୁଇଜଣ ଯାକ Remigius Louwyck, ମାତ୍ର Gustava କେହି ନାହାନ୍ତି । Remigius ଦୁହିଁଙ୍କ ମଧ୍ୟରେ ଜଣଙ୍କ ମୃତ୍ୟୁ ୧୯୩୪-ରେ, ଅନ୍ୟ ଜଣଙ୍କ ୧୯୩୦-ରେ । ଆମଜାଦ-ଦା "about 1920" ବୋଲି ଲେଖିଥିଲେ । ଶୂନ୍ୟରେ ଭୁଲ ପ୍ରାୟ ହୁଏ ନାହିଁ, ତେଣୁ ଯେଉଁ Father Louwyck-ଙ୍କର ମୃତ୍ୟୁ ୧୯୩୦-ରେ ସେହି ଜଣଙ୍କୁ ହିଁ ଆମଜାଦ-ଦା'ଙ୍କ ଉଦ୍ଦିଷ୍ଟ Saintly Father ହେଇଥିବେ ବୋଲି ଧରି ନେଲୁ, ତାଙ୍କରି ସମାଧିରେ ମାଲ୍ୟାର୍ପଣ କଲୁ । ଗୋଲାପ ନଥିଲା, "white rose" ପରିବର୍ତ୍ତେ ଶ୍ୱେତପଦ୍ମର ଫୁଲମାଳ ଦେଲୁ । କାର୍ଡରେ ମୁଁ ଲେଖିଲି ସେଇ Rev. Father ଙ୍କ ହିଁ ନାମ । ତଳେ ମୋର ନାମ ଲେଖିଲି, ପୁଣି କାହାଙ୍କ ପକ୍ଷରୁ ଦିଆଗଲା ଜଣାଇବା ପାଇଁ ମୋ ନାଁ ତଳେ ଯୋଗକଲି ଏହିପରି ଭାବରେ:-

for the Late Denis Raleigh Garate who to the last day of his life early in 1974 still remembered Father Louwyck 43 or 44 years after his death.

Digitized by srujanika@gmail.com

ମୋର ଗୋଟାଏ କୋହ ଉଠୁଥାଏ, ଅବାଧରେ କାନ୍ଦିଲି । କାହିଁକି ତା ଭାବିବା ଶକ୍ତି ସେତେବେଳେ ମୋର ନଥାଏ । ଆଜି ସେ କଥା କହି ବସିଲେ ତାହା ବୋଧହୁଏ ଏଇଆ: ଧନ୍ୟ ହେ **Father Louwyck,** ତୁମ ଆଦର୍ଶର ଅନୁପ୍ରେରଣାରେ ଜଣେ ତାର ଅନ୍ତରର ବିଶୁଦ୍ଧତା ରକ୍ଷା ଲାଗି ସଂସାରସୁଖକୁ ତୁଚ୍ଛ କରି ପାରିଥିଲା ଦିନେ ! ଆଉ ଧନ୍ୟ ତୁମେ, ଆମଜାଦ-ଦା', ତୁମର ସୁକଠୋର ଦୃଢ଼ତାକୁ, ଏପରି କି ତୁମର ମହତ୍ତ୍ୱକୁ ମଧ ଢାଙ୍କି ଦେଇ ପାରିଥିଲା ତୁମରି ଅନୁପମ ଚରିତ୍ରମାଧୁର୍ଯ୍ୟ !

* * * * * * * * * * *

* * * * * * * * * * *

ଇଂଲଣ୍ଡରେ ଏକ ସମୟରେ ଏଇ ଗତ ଶତାବ୍ଦୀରେ ହିଁ ଇଂରାଜୀ ଭାଷାକୁ ଘେନି **Basic English**ର ଧୁମ୍ ଉଠିଥିଲା - ଜାଣିଲି ଆମଜାଦ-ଦା'ଙ୍କ ପାଖରୁ । ଏହାର ପ୍ରବକ୍ତା ଥିଲେ **C. K. Ogden** । ମାତ୍ର ୮୫୦ଗୋଟି ଶବ୍ଦକୁ ନେଇ ସୁନ୍ଦର ସବଳ ଇଂରାଜୀରେ ଯେ କୌଣସି ବିଷୟ ଲେଖାଯାଇ ପାରିବ ଏହା ହିଁ ମୋଟ ଉପରେ ଥିଲା **Ogden** ସାହେବଙ୍କ ମତ । ଏଇ ୮୫୦ଟି ଶବ୍ଦ ଭିତରେ **I, you, am, are, is** ଭଳି ଅତି ସାଧାରଣ କିନ୍ତୁ ଅତି ପ୍ରୟୋଜନୀୟ ଶବ୍ଦ ବି ଧରା ଯାଇଛି । *The Basic English Dictionary* ବୋଲି ଗୋଟିଏ କ୍ଷୁଦ୍ର ଅଭିଧାନ ମଧ ପ୍ରଣୟନ କରିଥିଲେ **Ogden** ସାହେବ । ସେଥିରେ ଥିବା ପ୍ରତ୍ୟେକ ଶବ୍ଦର ଅର୍ଥ **Basic English** ରେ ହିଁ ସୁସ୍ପଷ୍ଟଭାବରେ ପ୍ରକାଶ କରା ହୋଇଥାଏ । ଆମଜାଦ-ଦା' ଜଣେ **Basic English** -ଉତ୍ସାହୀ ଥିଲେ, ତେଣୁ ମୁଁ ମଧ ସେଇ **Dictionary** ଖଣ୍ଡେ କିଣିଥିଲି । ହେଲେ ଯେଉଁ କାରଣରୁ ହେଉ ଏଇ **Basic English** ଢେଉ କିଛିଦିନ ମଧରେ ଇଂରାଜୀ ସାହିତ୍ୟ ସାଗରରେ ମିଳେଇ ଗଲା । କିନ୍ତୁ ଏହାପରେ **Sir Ernest Gowers**ଙ୍କର **Plain Words** ଗୋଟାଏ ଢେଉ ଉଠିଲା ଯାହା ଏ ଯାବତ୍ ମିଳେଇ ଯାଇ ନାହିଁ । **Sir Ernest Gowers**ଙ୍କ ବିଶେଷ ଲକ୍ଷ୍ୟସ୍ଥଳ ଥିଲା ଜନସାଧାରଣଙ୍କ ଉଦ୍ଦେଶରେ ପ୍ରଚାରିତ ବିଜ୍ଞପ୍ତି, ଇସ୍ତାହାର ପ୍ରଭୃତିର ଭାଷା ।

Digitized by srujanika@gmail.com

ମୋଟ ଉପରେ **Basic English** ବା **Plain Words** ଯାହା ହେଉ ଭାଷାକୁ ସହଜ ସରଳ କରିବା ହିଁ ଏହାର ଉଦ୍ଦେଶ୍ୟ, ଯେପରିକି ତାହା ସମସ୍ତେ ସହଜରେ ବୁଝି ପାରିବେ ।

ଆମଜାଦ-ଦା'ଙ୍କଠୁ ଆଉ ଗୋଟିଏ ବିଷୟ ଜାଣିଲି ଯେଉଁଥିରୁ ବରାବର ବିଶେଷ ସହାୟତା ମିଳିଛି, ତାହା ହେଉଛି **thesaurus** (ଥିସରାସ୍), **Plain Words** ର ଓଲଟା ଦିଗରେ ! **Plain Words** କହୁଛି ଅଳ୍ପ ଶବ୍ଦ ଏବଂ ସହଜବୋଧ ଶବ୍ଦ ବ୍ୟବହାର କରିବାକୁ, **thesaurus** ଲୋକଙ୍କ ଆଗରେ ଥୋଇ ଦେଉଛି ବହୁ ଶବ୍ଦ ଯାହା ଦେହରୁ ମାତ୍ର ଲେଖୁଥିବା ରଚନାକୁ ଠିକ୍ ଖାପିଲା ଭଳି ଶବ୍ଦଟି ବାଛି ନେବାକୁ ହେବ, ଅର୍ଥାତ୍ ଗୋଟିଏ ଶବ୍ଦର ବହୁ ପ୍ରତିଶବ୍ଦ ବା ପର୍ଯ୍ୟାୟଶବ୍ଦ ବା ସମାର୍ଥକ ଶବ୍ଦ ବା ସମନାମ । ଅଭିଧାନ ବା ଶବ୍ଦକୋଷରେ ଗୋଟିଏ ଶବ୍ଦର ମାନେ ବା ଠିକ୍ ଅର୍ଥକୁ ବୁଝାଇ ଦିଆଯାଏ ଏବଂ ସେହି ପ୍ରୟୋଜନରେ ଗୋଟାଏ କି ଦୁଇଟା ପ୍ରତିଶବ୍ଦ ବ୍ୟବହାର କରା ଯାଏ । କିନ୍ତୁ **Thesaurus** ବା ସମାର୍ଥ ଶବ୍ଦକୋଷ ଏକପ୍ରକାର ଏହାର ବିପରୀତ : ଗୋଟିଏ ମାନେ ବା ଭାବ **(sense)** ପ୍ରକାଶ କରିବା ପାଇଁ ଯେତେ ଶବ୍ଦ ଅଛି ସବୁ ଦିଆ ଯାଏ, ସେ ସବୁର କେତେ ଗୁଡ଼ିଏ ସହଜ ବା ନିତ୍ୟ-ବ୍ୟବହୃତ ହେଉଥିବା ବେଳକୁ ଆଉ କେତେକ ହୁଏତ କଠିନ ଓ କ୍ୱଚିତ୍ ବ୍ୟବହୃତ ହେଇଥାଏ । ଏ ସମୁଦାୟ ଶବ୍ଦ ମୋଟ ଉପରେ ପରସ୍ପରର ପ୍ରତିଶବ୍ଦ ହେଇଥିଲେ ମଧ ସେମାନଙ୍କର ଦୈର୍ଘ୍ୟ, ଧ୍ୱନି ଏବଂ ବିଶେଷରେ ତାଙ୍କର ବ୍ୟଞ୍ଜନା **(nuance)** ବା ଭାବର ତାରତମ୍ୟ ସାମାନ୍ୟ ଅଲଗା ଅଲଗା ହେଇଥାଏ, ଲେଖକ ତାଙ୍କ ଲେଖାରେ ଉପସ୍ଥିତ କ୍ଷେତ୍ରରେ ଯେଉଁ ଶବ୍ଦଟି ଠିକ୍ ଖାପ ଖାଇବ ସେଇଟିକୁ ବାଛି ନେଇ ପାରନ୍ତି । ଲେଖକ ହୁଏତ ସେ ଶବ୍ଦଟି ଜାଣିଥିଲେ, କିନ୍ତୁ ମନେ ପଡୁନଥିଲା ଏବଂ ସେଥିପାଇଁ ଅସ୍ୱସ୍ତି ବୋଧ କରୁଥିଲେ, ଏବେ ସେ ଶବ୍ଦଟିକୁ ପାଇ ଗଲେ ।

ଆମର ପ୍ରାଚୀନ କାଳର ଯେଉଁ ସବୁ ସଂସ୍କୃତ କୋଷଗ୍ରନ୍ଥ ଅଛି - ଅମରକୋଷ, ଶବ୍ଦକଳ୍ପଦ୍ରୁମ ପ୍ରଭୃତି- ସେଗୁଡ଼ିକ ଏକପ୍ରକାର ସମାର୍ଥଶବ୍ଦକୋଷ ।

Digitized by srujanika@gmail.com

ଅମରକୋଷର ପ୍ରଥମ ଶ୍ଳୋକ ଆରମ୍ଭ ହେଉଛି ଏହି ପରି :- ଅମରାନିର୍ଜରାଦେବାସ୍ତ୍ରିଦଶାବିବୁଧାଃ ସୁରାଃ । ଏ ଶବ୍ଦ ଗୁଡ଼ିକର ପ୍ରତ୍ୟେକଟିର ଅର୍ଥ ଦେବତା ।

ଇଂରାଜୀ ଭାଷାର ପ୍ରଥମ **thesaurus** ପ୍ରଣୟନ କରିଥିଲେ **Peter Mark Roget** (ଉଚ୍ଚାରଣ **rozhay**) ନାମକ ଜଣେ ଡାକ୍ତର ! ସେ ଫରାସୀ ବଂଶୋଦ୍ଭୂତ, ବଂଶାନୁକ୍ରମେ ଇଂଲଣ୍ଡରେ ରହି ଇଂରାଜ ବନି ଯାଇଥିବା ଲୋକ। ସେ ନିଜର ବ୍ୟକ୍ତିଗତ ପ୍ରୟୋଜନରେ ଗୋଟିଏ 'ନୋଟ୍-ବୁକ୍'ରେ ନାନା ଶବ୍ଦକୁ ଭାବ (**sense**) ଅନୁସାରେ ଭିନ୍ନ ଭିନ୍ନ କେତେଗୁଡ଼ିଏ ବର୍ଗରେ ଭାଗକରି ପ୍ରତ୍ୟେକ ଶବ୍ଦର ନାନା ପ୍ରତିଶବ୍ଦ ଲେଖି ରଖିଥିଲେ, ବହୁବର୍ଷ ପରେ ୧୮୫୨ରେ ତାଙ୍କର ସତୁରି-ଉର୍ଦ୍ଧ୍ୱ ବୟସରେ ତାହାକୁ ***Thesaurus*** ନାମରେ ଛପାଇ ପ୍ରକାଶ କଲେ । ନବେ ପାଖାପାଖି ବୟସରେ ତାଙ୍କର ମୃତ୍ୟୁ ପରେ ତାଙ୍କର ପୁତ୍ର ଏବଂ ପରେ ପୁଣି ତାଙ୍କର ପୌତ୍ର ମଧ ତାହା ଦେହରେ ରୀତିମତ ଉନ୍ନତି ସାଧନ କରିଥିଲେ । କୌଣସି ଗ୍ରନ୍ଥର ବଂଶାନୁକ୍ରମେ ଏପରି ଉନ୍ନତି ସାଧନର ଦୃଷ୍ଟାନ୍ତ ଆଉ ଅଛି କି ନାହିଁ ମୁଁ ଜାଣେନା ।

ଏବେ କେତେବର୍ଷ ତଳେ ୧୯୮୭ରେ ବଙ୍ଗଳା ଭାଷାର **thesaurus** *ସମାର୍ଥଶବ୍ଦକୋଷ* ସଂକଳନ କରିଛନ୍ତି ଅଶୋକ ମୁଖୋପାଧ୍ୟାୟ। ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀ ମଧ ଓଡ଼ିଆ ଭାଷାର **thesaurus** (ଥିସରସ) ସଂକଳନ କରିଛନ୍ତି ୧୯୯୫ରେ, ତାକୁ *ଶବ୍ଦନିଧି* ନାମରେ ନାମିତ କରିଛନ୍ତି । ସ୍ୱଭାବତଃ ପ୍ରକାଶନ ସମସ୍ୟା ଥିବାରୁ ବୋଧହୁଏ ଆପାତତଃ ସେ ତାହାକୁ କ୍ଷୁଦ୍ର ଆକାରରେ ସୀମିତ ରଖିଛନ୍ତି ।

♦♦♦

Digitized by srujanika@gmail.com

(୧୬)

ପରିଚୟର ପରିସର

ଏ ପର୍ଯ୍ୟନ୍ତ ଯାହା କହି ଗଲିଣି ସେଥିରୁ ଜଣା ପଡୁଥିବ କେତେ ବିଭିନ୍ନ ମେଳର କେତେ ପ୍ରକାର ଲୋକଙ୍କ ସହିତ ବିଭିନ୍ନ ସମୟରେ ମୁଁ ମିଶିଛି, ତଥାପି ବୋଧହୁଏ ସଭିଙ୍କ କଥା କହିପାରି ନାହିଁ - କାହାରି କାହାରି କ୍ଷେତ୍ରରେ ହୁଏତ ତେସ୍ ସଂପର୍କିତ ପ୍ରସଙ୍ଗର ଅବତାରଣା ହେଇ ପାରିନାଇଁ, ଅଥବା ସେ ପ୍ରସଙ୍ଗର ଅବତାରଣା ହେଇ ମଧ୍ୟ ତାଙ୍କ କଥା କହିବାକୁ ଭୁଲି ଯାଇଛି । ତେବେ ସେ ଯା'ହେଉ ମୋର ଆଳାପ ପରିଚୟ ଏପରିକି ଘନିଷ୍ଠତା ଥିବା ଲୋକଙ୍କ ଯଥେଷ୍ଟ ବୈଚିତ୍ର୍ୟ ଅଛି ବୋଲି ମୋର ନିଜର ଧାରଣା । ମାତ୍ର ସେଥିରେ ମୋର କୃତିତ୍ୱ ଖୁବ୍ କମ୍ । ଜାତି ଓ ଧର୍ମ ସମ୍ବନ୍ଧରେ ଓ ସାଧାରଣ ଭାବରେ ମଧ ବାବାଙ୍କର ଉଦାର ମନୋବୃତ୍ତି ଯୋଗେ ନାନା ଲୋକଙ୍କ ସଙ୍ଗେ ଆମ ପରିବାରର ଘନିଷ୍ଠତା ହେବା ମୁଁ ମୋ ପିଲା ଦିନରୁ ଦେଖି ଆସିଛି । ଫଳରେ ଆମ ପରିଚୟର ପରିସର ଖ୍ରୀଷ୍ଟାନ ଓ ମୁସଲମାନଙ୍କ ମଧରେ ବି ଅବାଧରେ ବ୍ୟାପି ଯାଇଛି । ପ୍ରତିବର୍ଷ Prophet's Day (ମିଲାଦ୍-ଉନ୍-ନବୀ) ବା ହଜରତ୍ ମୁହମ୍ମଦଙ୍କ ଜନ୍ମତିଥି ଉପସ୍ଥିତ ହେଲେ ମୁସଲମାନମାନେ-ପରେ ଅନୁମାନ କରିଛି ସେମାନେ ଆହମେଦିଆ ଗୋଷ୍ଠୀର ହେଇଥିବେ- ବାବାଙ୍କ ପାଖକୁ ଆସି ସେହି ଉପଲକ୍ଷ୍ୟେ ସେଦିନ ବକ୍ତୃତା ଦେବାପାଇଁ ଅନୁରୋଧ କରୁଥିଲେ । ଏହି ସୂତ୍ରେ ପିଲାଦିନେ ମୋତେ ଥରେ ସୁଯୋଗ ମିଳିଥିଲା ବାବାଙ୍କ ସହିତ କଟକ ନିମଚଉଡ଼ିରେ ଥିବା ମସ୍‌ଜିଦ୍‌ର ମିନାର ଉପରକୁ ଉଠି କଟକ ସହରର ଦୃଶ୍ୟ ଦେଖିବା ପାଇଁ ।

ଏହି ପ୍ରସଙ୍ଗରେ ଏଠି କହେ ଯେ ଆହମେଦିଆ ମୁସଲମାନମାନେ ସାଧାରଣ ମୁସଲମାନଙ୍କ ପରି ଧର୍ମ ସମ୍ବନ୍ଧରେ ସେତେ ଅସହିଷ୍ଣୁ, ଟାଆଁଶା ନୁହଁନ୍ତି; ସେଥିପାଇଁ ସାଧାରଣ ମୁସଲମାନମାନେ ଆହମେଦିଆଙ୍କୁ ଟିକେ ହୀନ ଚକ୍ଷୁରେ ଦେଖିବା ପରି ମନେ ହୁଏ । ମାତ୍ର ଏ ଦୁହିଁଙ୍କ ମଧରେ ଶିଆ ଓ ସୁନ୍ନୀଙ୍କ ଭଳି ବିବାଦ ନାହିଁ ।

Digitized by srujanika@gmail.com

ବାବାଙ୍କର ଏହିପରି ଜଣେ ମୁସଲମାନ ଛାତ୍ର ଥିଲେ - ବାବା ହେଡମାଷ୍ଟର ଥିବା ସମୟରେ, ଏବଂ ମୁ ମଧ ଯଥାରୀତି ତାଙ୍କୁ ଆକିଶଉଦ୍ଦୀନ-ଦା' ବା ଆକିଶ୍‌ଦା' କହୁଥିଲି । ତାଙ୍କର ଜଣେ ବୟୋଜ୍ୟେଷ୍ଠ ଆତ୍ମୀୟ ମୁହମ୍ମଦ ଆଜିଜ୍‌ଉଦ୍ଦୀନ ସାହେବ ସେକ୍ରେଟାରିଏଟ୍‌ର ଲ'ଡିପାର୍ଟମେଣ୍ଟରେ ଲୀଗାଲ ଆସିଷ୍ଟାଣ୍ଟ ହେଇ ଆସିଲେ, ମୁଁ ସେଠି ଲୋଅର ଡିଭିଜନ ଆସିଷ୍ଟାଣ୍ଟ ଥିଲାବେଳେ । ସ୍ୱଭାବତଃ ମୋତେ ସେ ସ୍ନେହ ଚକ୍ଷୁରେ ଦେଖିଲେ । ଆଲିଗଡ଼ ୟୁନିଭାର୍ସିଟିରେ ଛାତ୍ରାବସ୍ଥାରେ ତାଙ୍କର ବିଶେଷ ବିଷୟ ଥିଲା କମ୍ପାରେଟିଭ୍ ରିଲିଜନ (Comparative Religion) । ତେଣୁ ସେ ମୋତେ ଥରେ କହିଥିଲେ ହିନ୍ଦୁଧର୍ମ ପଛରେ ଏକ ବିରାଟ ଦର୍ଶନ ଅଛି, ମୁସଲମାନ ଧର୍ମରେ ସେପରି କିଛି ନାହିଁ । ଭୁବନେଶ୍ୱରରେ ତାଙ୍କ ନିଜ ଘରକୁ ମୁଁ ଅନେକ ସମୟରେ ଯାଉଥିଲି, ବିଶେଷତଃ ଈଦ୍-ଉଲ୍-ଫିତ୍‌ର୍ ଉପଲକ୍ଷ୍ୟେ ଖାଇବା ପାଇଁ । ଆଉ କେତେ ଜଣ ମୁସଲମାନ ଭଦ୍ରଲୋକ ମଧ ଯାଉଥିଲେ । କେବେ ଥରେ ଏଥିଲାଗି ଧନ୍ୟବାଦ ଦେବାରୁ ସେ କହିଲେ ସେଇଟା ଦେବା ଏକପ୍ରକାର ମନା, କାରଣ ସେଦିନ ସେଠି ମୋର ଖାଇବାଟା ସ୍ୱୟଂ ଆଲ୍ଲାହ୍‌ଙ୍କ ଦ୍ୱାରା ପୂର୍ବ ନିର୍ଦ୍ଦିଷ୍ଟ, ଏଥିରେ ତାଙ୍କର ନିଜର କୌଣସି ହାତ ନାହିଁ ।

ରିଟାୟାର କରିବା ପରେ ମୁଁ ଯେତେବେଳେ ପ୍ରଥମରେ ଲିଙ୍ଗରାଜ ମନ୍ଦିର ପାଖରେ ଗାର୍ଲ ସ୍କୁଲରେ ପଢ଼ାଇବା ପରେ ଶହିଦନଗର ହାଇସ୍କୁଲରେ ପଢ଼ାଉଥିଲି ସେତେବେଳେ ଆଜିଜ୍ ସାହେବଙ୍କ ପୁଅ ନବୀଲ ବାସି ସେଠି ପଢୁଥିବାରୁ ମୋ ସହିତ ତାଙ୍କ ସମ୍ପର୍କ ବଢ଼ିଲା । ସ୍କୁଲରେ ଗଣେଷ ପୂଜା ଆଦି ହେଲାବେଳେ ନବୀଲ ସବୁ ବନ୍ଦୋବସ୍ତ କରୁଥିଲା । ଠାକୁର ଭସାଣ ବେଳେ ସମସ୍ତଙ୍କ ସହିତ ଯାଉଥିଲା, ଶୃଙ୍ଖଳା ରକ୍ଷାରେ ସାହାଯ୍ୟ କରୁଥିଲା । ସ୍କୁଲଟା ସରକାରୀ ସ୍କୁଲ ହେଇଗଲା ପରେ ହେଡମାଷ୍ଟର ହାଡ଼ିବନ୍ଧୁ ଦାସ ଓ ମୁଁ ଦୁହେଁ ରିଟାୟାର୍ଡ ଲୋକ ହେଇଥିବାରୁ ଆମକୁ ବାହାରି ଆସିବାକୁ ପଡ଼ିଲା । ଆଜିଜ୍ ସାହେବଙ୍କ ଘରକୁ ମୁଁ ଅବଶ୍ୟ ବରାବର ଯାଉଥାଏ । ନବୀଲ୍ ଦିନେ ଆଉ ପିଲାମାନଙ୍କ ସହିତ କୁଆଖାଇ ନଈକୁ ଗାଧୋଇବାକୁ ଯାଇ ରେଳ ପୋଲର ପାହିଆ ପାଖର ଗଭୀର ଜଳରେ କେମିତି ବୁଡ଼ିଗଲା । ଆଜିଜ୍‌ଉଦ୍ଦୀନ ସାହେବଙ୍କ ଘରେ ମୁଁ ତାଙ୍କ ସାଙ୍ଗରେ ଗପସପ ହେଉଥିଲା

Digitized by srujanika@gmail.com

ବେଳେ ଏ ଭୟଙ୍କର ଦୁଃସମ୍ବାଦ ଆସି ପହଞ୍ଚିଲା । ଏହାର ଆକସ୍ମିକତାରେ ବିହ୍ୱଳ ଅଶ୍ରୁବ୍ୟାକୁଳ ହେଇ ଆକିକ୍ ସାହେବ ମୋତେ ଜାବୁଡ଼ି ଧରିଲେ । ତଳେ ଗଡ଼ି ପଡ଼ିଲେ, ମୁଁ ମଧ ତଳେ ପଡ଼ି ତାଙ୍କ ସହିତ କାନ୍ଦିବାକୁ ଲାଗିଲି ।

ଏହିଭଳି ଆତ୍ମୀୟତା ହେଇ ଯାଇଥିଲା ପୁଣି ଖ୍ରୀଷ୍ଟାନ ଇନ୍ଦ୍ରମଣି ନାୟକଙ୍କ (ମୋର ଏବେ ନାୟକ ନା ଯାଚକ ସ୍ମରଣ ନାଇ) ପରିବାର ସାଙ୍ଗରେ । ତାଙ୍କର ପୁଅମାନେ ମୋର ବଳିଆ ମାମୁଁ (ମିଶନ ସ୍କୁଲର ଶକତ୍ ଫୁଟବଲ ପ୍ଲେୟାର), ଫୁଟିଆ ମାମୁଁ, ଝିଅମାନେ ମୋର ଏଡିନା ମାଉସୀ, କାଦମ୍ବରୀ ମାଉସୀ ଥିଲେ । ସେମାନଙ୍କର ଜଣେ ଆତ୍ମୀୟା, ବୟସରେ ଅନେକ ବଡ଼ ଏବଂ ଉଚ୍ଚଶିକ୍ଷିତା ମିସ୍ ବିଉଟି ମହାନ୍ତି ଥିଲେ ମୋର ବିଉଟି-ଦିଦି । ଏସବୁ ମୋର ପିଲାଦିନ କଥା, କିନ୍ତୁ ପରବର୍ତ୍ତୀ ଜୀବନରେ ମଧ ସେମାନଙ୍କ ସହିତ ସେହିପରି ସମ୍ପର୍କ ରହିଥିଲା । ବିଶେଷତଃ ମୋର ମା-ବାବାଙ୍କ ସହିତ ଅଧିକ ହୃଦ୍ୟତା ଥାଏ । ଏକ ଅତି ମଧୁର ଓ ଆଦର୍ଶ ଚରିତ୍ରର ମଣିଷ ଥିଲେ ସେ ।

ଏପରି ମଧ ହେଇଛି ଯେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ଓ ବିଭିନ୍ନ ସମୟରେ ଦୁଇଜଣ ମୋର ନିକଟ ବନ୍ଧୁ ହେଇଛନ୍ତି, ଜଣେ ପିଲାଦିନର ଜଣେ ବଡ଼ ବୟସର, ଏବଂ ଜଣେ ଆର ଜଣଙ୍କ ଅଜାଣତରେ । ମାତ୍ର ପରେ ଜାଣିଲି ଯେ ନବାଗତ ଅର୍ଥାତ୍ ମୋର ବଡ଼ ବୟସର ବନ୍ଧୁ ହେଉଛନ୍ତି ବିଶ୍ୱ ହିନ୍ଦୁ ପରିଷଦ୍‌ର ଓଡ଼ିଶା ଶାଖାର ସେକ୍ରେଟାରି, କିନ୍ତୁ ମୋର ପିଲାଦିନର ବନ୍ଧୁ ଜଣକ ହିନ୍ଦୁ ହେଇ ମଧ ସେ ପରିଷଦ୍ ବା ସେଭଳି କୌଣସି ସଂସ୍ଥା ସହିତ ସମ୍ପର୍କହୀନ । ଏଥିରେ କାହାରି ସହିତ ମୋର ସମ୍ପର୍କରେ ଛାୟାପାତ ହେଲା ନାହିଁ । କେବଳ ଯେତେବେଳେ ପ୍ରଥମ ଥର ପାଇଁ ନବାଗତ ଜଣକ ମୋତେ କହିଥିଲେ ଯେ ସେ ଆଜୀବନ ଆର.ଏସ୍.ଏସ୍. (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ର ସଦସ୍ୟ ସେଇ ମୁହୂର୍ତ୍ତରେ ମୁହୂର୍ତ୍ତକ ପାଇଁ ପ୍ରତିବର୍ତ୍ତୀ କ୍ରିୟା ବା ରିଫ୍ଲେକ୍ସ ଆକ୍‌ଶନ୍‌ରେ ମୋର ଆଖି ଜଳି ଉଠି ସାଙ୍ଗେ ସାଙ୍ଗେ ଲିଭି ଯାଇଥିଲା । ବନ୍ଧୁବର ଏହା ଲକ୍ଷ୍ୟ କଲେ କିନ୍ତୁ ସେଥିକୁ ଭ୍ରୁକ୍ଷେପ କଲେ ନାହିଁ । ସେ ହେଉଛନ୍ତି ରଘୁନାଥ ଦାସ, ମୋର ୨୮ବର୍ଷ ବୟସରୁ ମୋର ବନ୍ଧୁ । ଆର ଜଣ ହେଉଛନ୍ତି

Digitized by srujanika@gmail.com

ମନମୋହନ ଚୌଧୁରୀ (ବୁଲୁ,୧୯୧୫-୨୦୦୩) ଯାହାଙ୍କ କଥା ଆଗରୁ କହିଛି - ବିଶେଷ ଭାବରେ, ପିଲାଦିନୁ ଯେ ମୋର ବନ୍ଧୁ । ରଘୁବାବୁଙ୍କ ନାମ ଆଗରୁ ଥରେ ପାଠକଙ୍କୁ ଶୁଣେଇଛି, ଚେସ୍ ବିଷୟ କହୁ କହୁ *ରୁଇ ଲୋପେଜ୍ କ୍ଲବ୍* ସ୍ଥାପନା କଥା ନେଇ । କିନ୍ତୁ ସେତେବେଳେ ସେ ଆର.ଏସ୍.ଏସ୍.-ର ସଦସ୍ୟ ବୋଲି ମୁଁ ଜାଣି ନଥିଲି କି ସେ କଥା କେବେ ଆମ ଭିତରେ ପଡ଼ି ନଥିଲା । '*ରୁଇ ଲୋପେଜ୍ କ୍ଲବ୍*' ସ୍ଥାପନା ସମୟରେ ପ୍ରାୟ ସବୁଦିନ ତାଙ୍କ ଘରେ ତାଙ୍କ ସାଙ୍ଗରେ ମୋର ଖୁବ୍ ଚେସ୍ ଖେଳ ହେଉଥିଲା । କିନ୍ତୁ ଅଳ୍ପ ଦିନ ପରେ ସେ 'ପାୟୋନିୟର ଫୋର୍ସ'ରେ ଯୋଗଦେଇ ଆସାମ ଚାଲି ଗଲେ । ସେତେବେଳେ ୧୯୪୨, ୨ୟ ବିଶ୍ୱଯୁଦ୍ଧ ଲାଗି ରହିଥାଏ । ଯୁଦ୍ଧ ସରି ଗଲା ପରେ ସେ ଲେଫ୍‌ଟନାଣ୍ଟ ଆର.ଏନ୍.ଦାସ ହେଇ ଫେରିଲା ବେଳକୁ *ରୁଇ ଲୋପେଜ୍ କ୍ଲବ୍* ମଧ ପ୍ରାୟ ଉଠି ଯିବାକୁ ବସିଥାଏ ! ମାତ୍ର ରଘୁବାବୁ ଆସାମରୁ ମୋ ପାଇଁ ଗୋଟିଏ ବିଶେଷ ଉଲ୍ଲେଖଯୋଗ୍ୟ ଢାଞ୍ଚାର ଚେସ୍ ପାଲି ଓ ଗୋଟି ତିଆରି କରାଇ ଆଣିଥାନ୍ତି । ଗୋଟିଏ ଛୋଟିଆ କାଠ ବାକ୍ସ ଭିତରେ ତାରି ଦେହରେ ଚଉଷଠିଟି ଘର କଟା ହେଇ ଚେସ୍ ପାଲିଟିଏ ତିଆରି ହେଇଥାଏ । ଏହା ପାଇଁ ୧୬ଟି ଧଳା ଓ ୧୬ଟି କଳା ଏଇ ୩୨ଟି କାଠ ଗୋଟି ମଧ ତିଆରି ହେଇଥାଏ, ଏବଂ ସେଗୁଡ଼ିକର ବିଶେଷତ୍ୱ ଏହି ଯେ ପ୍ରତ୍ୟେକ ଦେହରୁ ଗୋଟିଏ ଲେଖାଏଁ ଖୁଣ୍ଟା ବାହାରି ଥାଏ ଏବଂ ସେଥି ଲାଗି ପୁଣି ପ୍ରତ୍ୟେକ ଘର ଦେହରେ ଗୋଟିଏ ଲେଖାଏଁ କଣା କରା ଯାଇଥାଏ ଗୋଟିକୁ ବସାଇବା ପାଇଁ । ବାକ୍ସର ଡାଲା ଭିତର ପଟେ ରଘୁବାବୁ ଲେଖି ଦେଇଥାନ୍ତି :Presented to Sri J. M. Joardar in memory of the defeats sustained at his hands. - R. N. Dash. ବାକ୍ସଟିର ମାପ ୬"X ୬" ଓ ତା ଭିତରେ ଅଙ୍କା ଯାଇଥିବା ଚେସ୍ ପାଲି ୫"X ୫" । ଲିପିବଦ୍ଧ ହେଇ ରହିଥିବା କୌଣସି ନୂତନ ବା ପୁରାତନ ଚେସ୍-ବାଜି ଖେଳି ଦେଖିବା ପାଇଁ ଏହା ଅତି ଉପଯୋଗୀ, ମୁଁ ଆଜି ପର୍ଯ୍ୟନ୍ତ ଏଇ ପାଇଁ ଏହାକୁ ଅସଂଖ୍ୟ ଥର ବ୍ୟବହାର କରି ଆସିଛି ଏବଂ ଆହୁରି ଅସଂଖ୍ୟ ଥର ବ୍ୟବହାର କରିବା ଇଚ୍ଛା ମଧ ପୋଷଣ କରୁଛି !

Digitized by srujanika@gmail.com

ମୋର ପରବର୍ତ୍ତୀ ଜୀବନରେ ରଘୁବାବୁଙ୍କ ସହିତ ଯେତେ ଘନିଷ୍ଠତା ରହି ଆସିଛି ବୁଲୁ ସାଙ୍ଗରେ ତା ରହି ପାରି ନାଇଁ, କାରଣ ରଘୁବାବୁଙ୍କୁ ତାଙ୍କର ବିଶ୍ୱ ହିନ୍ଦୁ ପରିଷଦର କାମରେ ଅନେକ ସମୟରେ ଭୁବନେଶ୍ୱର ଆସିବାକୁ ପଡ଼ିଛି ଏବଂ ସେ ସମୟରେ ଉଭୟେ ବିଶ୍ୱନାଥ ବାବୁ କିମ୍ବା ବିଷ୍ଣୁବାବୁଙ୍କ ଘରକୁ ଯାଇଛୁ ସେମାନଙ୍କର କୌଣସି ସାହିତ୍ୟ କର୍ମର ଆଗ୍ରହାନ୍ୱିତ ହେଇ ବା ଏହିଭଳି କୌଣସି କାରଣରେ । ସେ ସ୍ଥଳେ ବୁଲୁ କ୍ୱଚିତ୍ ଆସିଛି, ତା ଭିତରେ ମୁଁ ଜାଣିବାରେ ଥରେ ବାଣୀବିହାରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ମୂଳ ଭାଷଣ ଦେବା ଲାଗି । ଏ ପ୍ରସଙ୍ଗରେ ଟିକିଏ କହିବା କଥା, ବୁଲୁ ପୂର୍ବରୁ କେବେ କୌଣସି ବିଶ୍ୱବିଦ୍ୟାଳୟ ଦୁଆରବନ୍ଧ ମାଡ଼ି ନଥିଲା । ତାକୁ ଏଭଳି ନିମନ୍ତ୍ରଣର କାରଣ କେବଳ ତାର ନିଜସ୍ୱ ଚିନ୍ତାର ମୌଳିକତା ହିଁ ହେଇଥିବ ବୋଲି ମନେ ହୁଏ । ସେ ମଧ ତା ନିଜ ତରଫରୁ ମୋତେ ନିମନ୍ତ୍ରଣ କରିଥିଲା ସମାବର୍ତ୍ତନ ସଭାକୁ ଯିବା ପାଇଁ । ମାତ୍ର ମୁଁ ଯାଇ ପାରି ନାହିଁ ଶାରୀରିକ ଅକ୍ଷମତା ଯୋଗୁଁ । ସେ ଯାହା ହେଉ, ରଘୁବାବୁଙ୍କୁ ବୁଲୁ କଥା ଯେମିତି କହିଲି, ବୁଲୁକୁ ରଘୁବାବୁଙ୍କ କଥା ସେମିତି କୁହା ହେଇ ପାରି ନାଇଁ ସୁଯୋଗ ଅଭାବରୁ । ଏଠି ପୁଣି ଉଲ୍ଲେଖନୀୟ ଯେ ମୁଁ ବିଶ୍ୱ ହିନ୍ଦୁ ପରିଷଦ୍‌ର ବିରୋଧୀ ମତର ଲୋକ ।

♦♦♦

Digitized by srujanika@gmail.com

(୧୭)

ଅନୁବାଦର ଆନନ୍ଦ

କୌଣସି ସିନେମା ବଡ଼ ଭଲ ଲାଗିଲେ ଇଚ୍ଛା ହୁଏ ଜଣେ ସାଙ୍ଗଙ୍କୁ ଧରି ଆଉ ଥରେ ଯାଇ ତାକୁ ଦେଖିବା ପାଇଁ, ମାନେ ସାଙ୍ଗଙ୍କୁ ଦେଖାଇବା ପାଇଁ । ସ୍ନେହ ଶରଧାର ନିୟମ ଏଇଟା । ଗୋଟାଏ ବହି ପଢ଼ି ଭଲ ଲାଗିଲେ ମଧ ସେହିପରି ଇଚ୍ଛା ଜାଗେ ପ୍ରିୟଜନଙ୍କୁ ସେଇଟା ପଢ଼ାଇବା ଲାଗି । ବହିଟା ନିଜ ଭାଷାରୁ ଭିନ୍ନ ଭାଷାରେ ଲେଖା ହୋଇଥିଲେ ଇଚ୍ଛା ହୁଏ ନିଜ ଭାଷାକୁ ଅନୁବାଦ କରିବା ପାଇଁ- ଆମ ପ୍ରିୟଜନ ପଢ଼ିବେ ବୋଲି । ଏଇ ଭଳି କାରଣ ଥିଲା ମୋର ପ୍ରଥମ ଅନୁବାଦର: ଆଖ୍ୟାନଖ୍ୟାତ ଡିଟେକ୍ଟିଭ୍-ଶିରୋମଣି ଶାର୍ଲକ୍ ହୋମସ୍‌ର ସ୍ରଷ୍ଟା କନାନ ଡଏଲଙ୍କ (Conan Doyle) *Maracot Deep* ନାମକ କ୍ଷୁଦ୍ର ଉପନ୍ୟାସର ବଙ୍ଗଳା ଭାଷାନ୍ତର । ଏଇଟା ଅବଶ୍ୟ ଶାର୍ଲକ୍ ହୋମସ୍‌ର କୌଣସି ଗଳ୍ପ ନୁହେଁ, ଡଏଲ୍‌ଙ୍କ ବହୁ ଅଣ-ଡିଟେକ୍ଟିଭ୍ ଗଳ୍ପ ଓ ଉପନ୍ୟାସରୁ ଗୋଟିଏ : ଦୁଇ ଜଣ ସାଥୀଙ୍କୁ ଧରି ଡ. ମ୍ୟାରାକଟ୍ ନାମକ ଜଣେ ବୈଜ୍ଞାନିକଙ୍କର ଅତି ଗଭୀର ସମୁଦ୍ର ତଳେ ଅଚିନ୍ତନୀୟ ଆଡ୍‌ଭେଞ୍ଚର କଥା, ଯେଉଁଥିରୁ ବର୍ତ୍ତିକରି ଆସିବା ପାଇଁ ସେମାନଙ୍କର ଆଉ କୌଣସି ଆଶା ନଥିଲା, କିନ୍ତୁ ଆସିଥିଲେ - ଅତୀବ ଆଶ୍ଚର୍ଯ୍ୟଜନକ ଭାବରେ ।

ଇଏ ହେଲା ଇଂରାଜୀରୁ ଅନୁବାଦ । ମାତ୍ର ଓଡ଼ିଆରୁ ମୋର ପ୍ରଥମ ବଙ୍ଗଳା ଅନୁବାଦ ପଛରେ ଏପରି କିଛି ପ୍ରେରଣା ନଥିଲା, କାରଣ ଏ ଅନୁବାଦ ମୁଁ ନିଜ ଇଚ୍ଛାରୁ କରି ନଥିଲି, କରିଥିଲି ଏକ ପ୍ରକାର ବାଧ୍ୟରେ । କେବେ କେବେ ଗୋଟାଏ ଗୋଟାଏ ଓଡ଼ିଆ କ୍ଷୁଦ୍ର ଗଳ୍ପର ଇଂରାଜୀ ଅନୁବାଦ କରିଥିଲି- ଏଇ ବଙ୍ଗଳା ଅନୁବାଦ ପୂର୍ବରୁ କି ପରେ ତା ଠିକ୍ ମନେ ପକାଇ ପାରୁନାଇଁ, କିନ୍ତୁ ସେଥିରେ ଆନନ୍ଦ ପାଇଥିଲି, କାରଣ ତାହା କରିଥିଲି ନିଜ ଇଚ୍ଛାରେ । ମାତ୍ର ଏଇ ବଙ୍ଗଳା ଅନୁବାଦ କରିବା କାରଣ ଏହି ପରି :-

Digitized by srujanika@gmail.com

ଫକୀରମୋହନଙ୍କ ମଧ୍ୟମା ପୌତ୍ରୀ ମୋନା ବା ମୈତ୍ରୀଙ୍କ କଥା ଆଗରୁ ବିଶଦଭାବରେ କହିଛି । ପରବର୍ତ୍ତୀ କାଳରେ ସେ କେନ୍ଦୁଝରରେ ମାଙ୍ଗାନୀଜ୍ ଆଦି ଧାତୁର ଖଣିର ପଟ୍ଟା ନେଇ ସେଇ ବ୍ୟବସାୟରେ ଏକାନ୍ତଭାବେ ବ୍ୟାପୃତ ଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ସତ୍ତ୍ୱେ ସେତେକ ତାଙ୍କର ଗୁଜୁରାତୀ ସ୍ୱାମୀଙ୍କ ସହିତ ବ୍ୟକ୍ତିଗତ କାରଣରୁ ବିବାହ-ବିଚ୍ଛେଦ ନ ହେଇ ମଧ ଛଡ଼ାଛଡ଼ି ହେଇ ଯାଇଥାଏ, ସେ କଟକରେ ପିତୃଗୃହେ ବା କେତେବେଳେ ଭୁବନେଶ୍ୱରରେ ଆମ ସରକାରୀ କ୍ୱାର୍ଟରରେ ଆମ ପାଖରେ ହିଁ ରହୁଥାନ୍ତି । ମାଇନିଂ ବ୍ୟବସାୟ ଲାଗି ତାଙ୍କୁ ବାରଂବାର କେନ୍ଦୁଝର ଯିବାକୁ ପଡୁଥାଏ । ଏଣେ ତାଙ୍କର ହୋମିଓପାଥି ଖ୍ୟାତି ପାଇଁ ବହୁ ଲୋକ ତାଙ୍କର ଚିକିତ୍ସାଧୀନ ହେଉଥାନ୍ତି । ସେ ଥିଲେ ବଡ଼ ବିବେକୀ ଚିକିତ୍ସକ । ସେ ତାଙ୍କ ନାମ ଲେଖୁଥିଲେ ଡା. ମିସେସ୍ ମୈତ୍ରୀ ଶୁକ୍ଳ ବା **Dr. Mrs. Maitri Shukla** । ଏହିପରି ଅବସ୍ଥାରେ ପୁଣି ଦିଲ୍ଲୀର *ସାହିତ୍ୟ ଅକାଡେମି* ତାଙ୍କୁ ଫକୀରମୋହନଙ୍କ ପୌତ୍ରୀ ଜାଣି ତାଙ୍କରି ଉପରେ ଫକୀରମୋହନଙ୍କ ଉପନ୍ୟାସ *ଛ ମାଣ ଆଠ ଗୁଣ୍ଠ*-ର ବଙ୍ଗଳା ଅନୁବାଦ କରିବା ଭାର ଅର୍ପଣ କରି ଦେଲେ । ତେଣୁ ସେ ମୋତେ କହିଲେ ତାଙ୍କ ଲାଗି ଏ ଅନୁବାଦ କରି ଦେବା ପାଇଁ, ଅକାଦେମୀ ତାଙ୍କୁ ଯାହା ପାରିଶ୍ରମିକ ଦେବେ ତାର ଅଧା ସେ ମୋତେ ଦେବେ । ଏହା କହି ସେ କେନ୍ଦୁଝର ଚାଲି ଗଲେ ।

ଫକୀରମୋହନଙ୍କର ଓଡ଼ିଆର ମର୍ମ ଗ୍ରହଣ କରି ତାର ବଙ୍ଗଳା କରିବାର କ୍ଷମତା ମୋର ନଥିଲା । ତଥାପି ଇଆକୁ ତାକୁ ପଚରା-ପଚରି କରି ବହୁ କଷ୍ଟେ *ଊନିଶ ବିଘା ଦୁଇ କାଠା* ନାମରେ ମୁଁ ତାର ବଙ୍ଗଳା ଅନୁବାଦ କଲି । ମୈତ୍ରୀ ମୋ ଲେଖାର କଉଠି କଉଠି ଟିକେ କଲମ ଛୁଆଁଇଲେ । ତାଙ୍କ ଉପରେ ଅକାଦେମୀଙ୍କ ଭାରାର୍ପଣ ଦୃଷ୍ଟେ ସେଇଟା ଅବଶ୍ୟ ଉଚିତ ମତେ ମୈତ୍ରୀ ଶୁକ୍ଳଙ୍କ ନାମରେ ହିଁ ଛପା ହେଲା ।

ଏହାର କିଛିକାଳ ପରର କଥା । ମୁଁ ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟରେ ମୋର ହେଡ୍‌ଆସିଷ୍ଟାଣ୍ଟ ଟେବୁଲରେ ବସି କାମ କରୁଥାଏ, ହଠାତ୍ ହୋମ୍

Digitized by srujanika@gmail.com

ଡିପାର୍ଟମେଣ୍ଟର ସ୍ପେଶାଲ ଅଫିସର ଗୋପୀବାବୁ - ୧୯୫୫ରେ ଅକାଦେମି ପୁରସ୍କାର ପାଇଥିବା ଶ୍ରୀ ଗୋପୀନାଥ ମହାନ୍ତି- ପୁଳାଏ ହଳଦିଆ କାଗଜ 'ପ୍ରୁଫ୍' ମୋ ଟେବୁଲ ଉପରେ କଚାଡ଼ି ଦେଇ କହିଲେ- "ଦେଖନ୍ତୁ ମୋ ବହିଟାକୁ ଏମାନେ କେମିତି ମାଙ୍କଡ଼ ବନେଇଛନ୍ତି !" ମୁଁ ହଠାତ୍ ଏହାର ଅର୍ଥଗ୍ରହଣ କରି ପାରିଲି ନାହିଁ । ଗୋପୀବାବୁ ଟିକିଏ ଶାନ୍ତ ହେବା ପରେ କ୍ରମେ କ୍ରମେ ବୁଝିଲି ତାଙ୍କର ଅକାଦେମି ପୁରସ୍କାର ପାଇଥିବା ଉପନ୍ୟାସ *ଅମୃତର ସନ୍ତାନ*-ର ବଙ୍ଗାନୁବାଦ କରିବା ଭାର ଅକାଦେମି ଦେଇଥିଲେ ବୟୋଜ୍ୟେଷ୍ଠ ସୁସାହିତ୍ୟିକ ଶ୍ରୀ ସୁଧାକାନ୍ତ ରାୟଚୌଧୁରୀଙ୍କୁ, ତାଙ୍କର ଦୁଃସମୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ । ସେ ଓଡ଼ିଆ ଜାଣି ନଥିବାରୁ ତାଙ୍କୁ କୁହା ହେଇଥିଲା ଯେ ଏହା ପୂର୍ବରୁ ହିନ୍ଦୀ ସାହିତ୍ୟିକ ଶ୍ରୀ ଯୁଗଜିତ୍ ନବଲପୁରୀ ଏ ଗ୍ରନ୍ଥର ହିନ୍ଦୀ ଅନୁବାଦ କରିଛନ୍ତି, ସୁଧାକାନ୍ତ ବାବୁ ଉତ୍ତମ ହିନ୍ଦୀ ଜାଣିଥିବାରୁ ସେହିଥିରୁ ବଙ୍ଗଳା ଅନୁବାଦ କରି ପାରନ୍ତି । ମାତ୍ର ଏହି ପରି ଅନୁବାଦର ଅନୁବାଦ କରିବା ଫଳରେ ତା ଉତ୍ତମ ବଙ୍ଗଳା ହେଇଥିବା ସତ୍ତ୍ୱେ ଗୋପୀବାବୁଙ୍କ ଲେଖାର ବିଶିଷ୍ଟ ଶୈଳୀ ସେଥିରେ ସମ୍ପୂର୍ଣ୍ଣ ଅନୁପସ୍ଥିତ । "They have not even got the place names correct", କହିଲେ ଗୋପୀବାବୁ । କଲେଜରେ ଆଇ.ଏସ୍-ସି. ପଢ଼ିଲା ବେଳେ ବର୍ଷେ କାଳ ଆମେ ସହପାଠୀ ଥିଲୁ । ଏବେ ସେ ମୋତେ କହିଲେ ସେଇ ଅନୁବାଦକୁ ପୂରାପୂରି ସଂଶୋଧନ କରି ଦେବା ପାଇଁ । ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି- ତା ହେଲେ *ଛ ମାଣ ଆଠ ଗୁଣ୍ଠ*-ର ଅନୁବାଦ ପ୍ରକୃତରେ ମୁଁ କରିଛି ଏହା କଅଣ ସେ ଜାଣିଛନ୍ତି ଏବଂ ତାକୁ ପସନ୍ଦ ମଧ କରିଛନ୍ତି ? ଯା ହେଉ ସେ ଇଂରାଜୀରେ ଡାକି ଦେଇଥିବା ମତେ ମୁଁ ଗୋଟିଏ ଚିଠି ଲେଖିଲି ଅକାଦେମିର କଲିକତାସ୍ଥ ଆଞ୍ଚଳିକ କାର୍ଯ୍ୟାଳୟର ସମ୍ପାଦକ ଶ୍ରୀ କ୍ଷିତୀଶ ରାୟଙ୍କୁ । ଲେଖିଲି ଏହି ମର୍ମରେ ଯେ ମୋର ବନ୍ଧୁ ଗୋପୀବାବୁ ମୋତେ କହୁଛନ୍ତି ତାଙ୍କର *ଅମୃତର ସନ୍ତାନ*-ର ବଙ୍ଗାନୁବାଦକୁ ପୂରାପୂରି ସଂଶୋଧନ କରି ଦେବା ପାଇଁ ତେଣୁ ମୁଁ ତାହା କରିବାକୁ ରାଜି ଅଛି, ମାତ୍ର ତାହା ଲାଗି ମୁଁ ଅକାଦେମିଙ୍କ ଠାରୁ ଉପଯୁକ୍ତ ପାରିଶ୍ରମିକ ଆଶା କରେଁ । ଏହାର ଉତ୍ତରରେ କ୍ଷିତୀଶ ବାବୁ ଲେଖିଲେ ଏ ଅନୁବାଦ ଲାଗି ଯେଉଁ ଟଙ୍କା ଧାର୍ଯ୍ୟ ହେଇଥିଲା ତାହା ସମୁଦାୟ ସୁଧାକାନ୍ତ ବାବୁଙ୍କୁ ଦିଆ ସରିଛି, ଏ ସଂଶୋଧନ

Digitized by srujanika@gmail.com

କାର୍ଯ୍ୟ ପାଇଁ ପାଞ୍ଚ ଶହଟି ଟଙ୍କା କେବଳ ମୋତେ ଦିଆ ଯାଇ ପାରିବ । ଏଣେ ଗୋପୀବାବୁ କହିଥାନ୍ତି ବିନା ସଂଶୋଧନରେ ସେଇ ବଙ୍ଗାନୁବାଦକୁ ଛପେଇବାକୁ ସେ ବିଲକୁଲ ମନା କରି ଦେବେ । ତେଣୁ ମୁଁ ସେଇ ପାଞ୍ଚ ଶ' ଟଙ୍କାରେ ରାଜି ହେଲି । ସୁଧାକାନ୍ତ ବାବୁଙ୍କର ସେଇ ଓଜନିଆ ବିରାଟ ପାଣ୍ଡୁଲିପିକୁ ମୁଁ ନାଲି ସିଆହିରେ ସଂଶୋଧନ କରିବାକୁ ଲାଗିଲି, ମୋର ଅଫିସ କାମ ଭିତରେ ଫୁରସତ୍ ଉଣ୍ଡି । କିନ୍ତୁ ଦିନେ ଦୁଇ ଦିନ ଭିତରେ ବୁଝି ପାରିଲି ଇଏ ଏଠି ଟିକେ ସେଠି ଟିକେ ଏମିତି କାଁ ଭାଁ କଲମ ଛୁଆଁଇବା କାମ ନୁହେଁ । ଗୋପୀବାବୁ ପୂରାପୂରି ସଂଶୋଧନ କଥା କହିଥିଲେ ମଧ ମୁଁ ସେଇ କାଁ ଭାଁ ସଂଶୋଧନ କଥା ହିଁ ଭାବିଥିଲି । ଏବେ ଦେଖିଲି ଇଏ ବଙ୍ଗଳାରେ ଯାହାକୁ କହନ୍ତି 'ଝେଡ଼େ କାପଡ଼ ପରାନୋ', ସେଇଆ । କିନ୍ତୁ ମୁଁ ସେଇ ସୁଧାକାନ୍ତ ବାବୁଙ୍କ ଲାଇନ ଲାଇନ ଭିତରେଇ ମୋର ନିଜସ୍ୱ ଅନୁବାଦ କରି ଚାଲିଲି । ପୁଣି ଗୋପୀବାବୁ କହି ଥିବାରୁ ପ୍ରତି ରବିବାର ମୁଁ ଯାଇ ତାଙ୍କୁ ମୋର ଏଇ ଭଳି ସଂଶୋଧନ ତାଙ୍କୁ ପଢ଼ି ଶୁଣାଉଥାଏ, ବେଳେ ବେଳେ ମୋର ବଙ୍ଗଳା ଶବ୍ଦ ପରିବର୍ତ୍ତେ ଗୋପୀବାବୁ ଆଉ ଗୋଟିଏ ବଙ୍ଗଳା ଶବ୍ଦ ବସାଇବାକୁ କହୁଥାନ୍ତି - ଭଲ ବଙ୍ଗଳା ଜାଣିଥିଲେ ସେ । ଏହିସବୁ କରିବା ଫଳରେ ସେ ପାଣ୍ଡୁଲିପିର ଅବସ୍ଥା ହେଲା ଭାରତ ବର୍ଷ କ୍ରମେ ସମୁଦାୟ ବ୍ରିଟିଶ ଅଧୀନରେ ଚାଲି ଯାଇଥିବାକୁ ମହରାଜା ରଣଜିତ୍ ସିଂ ଯେପରି କହିଥିଲେ - 'ସବ୍ ଲାଲ୍ ହୋ ଗୟା' !

ମାତ୍ର ସୁଧାକାନ୍ତ ବାବୁଙ୍କ ଲେଖା ସହିତ ମିଳାଇ ଦେଖିବା ପାଇଁ ଅକାଦେମିଙ୍କୁ ଯେପରି ସୁବିଧା ହେବ ସେଇଥି ପାଇଁ ମୁଁ ଏହା କରିଥିଲି । ଏଇ ପୂରାପୂରି ଶୁଧୁରା ହେଇଥିବା ପାଣ୍ଡୁଲିପିକୁ ଯେତେବେଳେ କ୍ଷିତୀଶ ବାବୁଙ୍କୁ ଫେରସ୍ତ ପଠାଇଲି ସେ ସାଙ୍ଗେ ସାଙ୍ଗେ ତାକୁ ଉଆପସ୍ କରି ଚିଠି ଲେଖିଲେ ଯେ ଏମିତି କେହି କମ୍ପୋଜିଟର ନାହାନ୍ତି ଯେ ଏ ପାଣ୍ଡୁଲିପିକୁ କମ୍ପୋଜ କରି ପାରିବେ । ସେତେବେଳେ ୧୯୬୦-୭୦ର ପର୍ଯ୍ୟାୟ ଚାଲିଥାଏ । କ୍ଷିତୀଶ ବାବୁ ଲେଖିଲେ ପାଣ୍ଡୁଲିପିର ପରିଷ୍କାର ଅନୁଲିପି କରି ଦେବା ପାଇଁ ମୋତେ ଆଉ ତିନି ଶହ ଟଙ୍କା ଦିଆଯିବ । ମୁଁ ଲେଖିଲି ପାଣ୍ଡୁଲିପିରେ ଏକାଧିକ ଉତ୍କଟ ଭୁଲ ଥିଲା, ଯେପରିକି 'ବିଲରେ କାମକଲା ଟୋକାମାନେ' ଏଇ ଶବ୍ଦଗୁଚ୍ଛର 'କାମକଲା'-କୁ 'କାମକଳା' ଭାବରେ ଅନୁବାଦ କରା

Digitized by srujanika@gmail.com

ଯାଇଥିଲା, ଆହୁରି ଅନ୍ୟାନ୍ୟ ଭୁଲ ମଧ୍ୟ । ଏବଂ ଲେଖିଲି ଅନୁବାଦକ ବୋଲି ମୋର ନାମ ଦେବାକୁ ହେବ । କ୍ଷିତୀଶବାବୁ ଲେଖିଲେ ସୁଧାକାନ୍ତ ବାବୁଙ୍କ ନାମ ଅବଶ୍ୟ ରହିବ କାରଣ Assignment ବା କାର୍ଯ୍ୟଭାର ତାଙ୍କୁହିଁ ଦିଆ ହେଇଥିଲା ଏବଂ ମୂଳ କାର୍ଯ୍ୟ ସେହିଁ କରିଛନ୍ତି, ତେବେ ତାଙ୍କ ନାମ ପଛରେ ମୋର ନାମ ଯୁକ୍ତ ହେବ । ପରିଷ୍କାର ଅନୁଲିପି କରି ପଠାଇବା ପରେ ସେ ଏକପ୍ରକାର ବ୍ୟକ୍ତିଗତ ଭାବରେ ଗୋଟିଏ ଅନୁରୋଧ କଲେ : ବଙ୍ଗଳାରେ ବହିର ନାମ 'ଅମୃତେର ସନ୍ତାନ' ଏମିତି ଭାବେ ଲେଖି ଦେବାକୁ ହବ ଯେମିତି ତା ପ୍ରାୟ ଓଡ଼ିଆ ଭଳି ଦେଖାଯିବ । ମୁଁ ଆପତ୍ତି ଜଣାଇ ଲେଖିଲି ଯେ ଏ ଆର୍ଟିଷ୍ଟର କାମ ମୋତେ ଆସିବ ନାହିଁ । ସେ ତଥାପି ଲେଖିଲେ, ଆପଣହିଁ ପାରିବେ । ତେଣୁ ତା ମଧ କଲି, ପ୍ରଥମ ସଂସ୍କରଣରେ ମଲାଟ ଉପରେ ବହିର ନାମ ମୁଁ ଲେଖି ଦେଇଥିବା ଭଙ୍ଗୀରେ ହିଁ ଛପା ଗଲା, ଯଦିଓ ପରବର୍ତ୍ତୀ ସଂସ୍କରଣରେ ଆଉ ତା' ହେଇ ନାଇ । ଦୁଃଖର କଥା ଏତିକି ଯେ ଏଇ ଅନୁବାଦ କାର୍ଯ୍ୟ ସବା ଶେଷରେ କିଭଳି ରୂପ ନେଲା ତା ଦେଖିବା ପାଇଁ ଆଗ୍ରହ ଭରେ ଅପେକ୍ଷା କରୁଥିବା ସୁଧାକାନ୍ତ ବାବୁ ଏହାର କିଛିଦିନ ପୂର୍ବେ ଇହଧାମ ତ୍ୟାଗ କରି ସାରିଥିଲେ ।

'ସବ୍ ଲାଲ୍' ହେଇ ଯାଇଥିବା ସେଇ ପାଣ୍ଡୁଲିପି କ୍ଷିତୀଶବାବୁ ଆଉ ଫେରସ୍ତ ମାଗି ନଥିଲେ । ଗୋପୀବାବୁଙ୍କ ମନ୍ତବ୍ୟ ଓ ତାଙ୍କର ବହୁ ସଂଖ୍ୟକ ସାପ୍ତାହିକ ଦସ୍ତଖତ ସର୍ବାଙ୍ଗରେ ବୋଳି ହୋଇ ସେ ଅଦ୍ୟାପି ମୋର କୌଣସି ଏକ ଟ୍ରଙ୍କ୍ ଭିତରେ ଶାନ୍ତିରେ ଶୟାନ ରହିଛି ।

ଗୋପୀବାବୁଙ୍କ *'ଅମୃତର ସନ୍ତାନ'* ସାହିତ୍ୟ ଅକାଦେମି କର୍ତ୍ତୃକ ପୁରସ୍କୃତ ହେବା ପରେ ସୁରେନ୍ଦ୍ର ମହାନ୍ତିଙ୍କ *'ନୀଳ ଶୈଳ'* ମଧ ପୁରସ୍କୃତ ହେଲା । *ନେଶନାଲ* ବୁକ୍ ଟ୍ରଷ୍ଟ, ସଂକ୍ଷେପରେ ଏନ୍-ବି-ଟି, ନାମକ ଦିଲ୍ଲୀର ସାହିତ୍ୟ ପ୍ରଚାର ସଂସ୍ଥା ଏହାର ବଙ୍ଗଳା ଓ ଅନ୍ୟାନ୍ୟ ଭାଷାରେ ଅନୁବାଦ କରାଇବାକୁ ମନସ୍ଥ କଲେ । ତା ଲାଗି ସେମାନେ ସୁରେନ୍ଦ୍ର ବାବୁଙ୍କୁ ବହିରୁ କିଛି କିଛି ଛାଣ୍ଟକାଟ୍ କରିବା ପାଇଁ ଅନୁରୋଧ କଲେ । ସୁରେନ୍ଦ୍ରବାବୁ ତା କଲେ । ସେ କଥା ସେ କଟକରୁ ଚିଠି ଲେଖି ମୋତେ

Digitized by srujanika@gmail.com

ଜଣାଇଲେ, ମୁଁ କିନ୍ତୁ ତାଙ୍କର କାଟି ଦେଇଥିବା ଅଂଶଗୁଡ଼ିକରୁ ଅଳ୍ପ କିଛି କିଛି ଅଂଶକୁ ରଖିଲି ଏବଂ ମୋ ବିଚାର ଅନୁସାରେ ବହିର ଅନ୍ୟ କିଛି କିଛି ଅଂଶ ବାଦ ଦେଇ ଦେଲି । ଏକଥା ମୁଁ କାହିଁକି କଲି ତା ଆଜି ଆଉ କହି ପାରୁ ନାଇଁ, *ନୀଳଶୈଳ* ସଂକ୍ରାନ୍ତ ଯାବତ୍ ଚିଠିପତ୍ର ବା ସୁରେନ୍ଦ୍ର ସହିତ ମୋର ପତ୍ର ବ୍ୟବହାର ଏସବୁ କିଛି ବର୍ତ୍ତମାନ ନାହିଁ । ଥରେ ସୁରେନ୍ଦ୍ର ଏହାବି ମୋତେ କହିଥିବା ପରି ମନେ ପଡୁଛି ଯେ ଏଇ ବଙ୍ଗଳା ଅନୁବାଦକୁ ହିଁ ସେ *ନୀଳଶୈଳ*ର ପ୍ରାମାଣିକ ସଂସ୍କରଣ ବୋଲି ମଣିବେ । ଏହା ଛଡ଼ା ମୁଁ ଆଉ କିଛି କହି ପାରୁନାଇଁ । ତାଙ୍କ ଇଚ୍ଛା ଅନୁସାରେ ଏନ୍-ବି-ଟି ମୋରି ଉପରେ ଅନୁବାଦର ଭାର ଦେଇଥାନ୍ତି ।

ନୀଳ ଶୈଳ ଭକ୍ତିରସାଶ୍ରିତ ଐତିହାସିକ ଉପନ୍ୟାସ । ଏହା ଜଗନ୍ନାଥ-ଭକ୍ତି ଓ ପୁରୀ ଜଗନ୍ନାଥ ମନ୍ଦିର ଉପରେ ଆଧାରିତ । ତେଣୁ ଏଥିରେ ଅନେକ ଭକ୍ତିରସାତ୍ମକ ଓ ପୁରୀ ମନ୍ଦିର ସଂକ୍ରାନ୍ତ ବିଶେଷ ଶବ୍ଦ ଓ ଆଖ୍ୟା ରହିଛି । ମୁଁ ବ୍ରାହ୍ମ ଧର୍ମାବଲମ୍ବୀ ହେଇଥିବାରୁ ସେଗୁଡ଼ିକ ମୋତେ ସମ୍ପୂର୍ଣ୍ଣ ଅଜଣା । ଯଥା - ଶରଧା-ବାଲି, ଅଛିଣ୍ଡା ପାବଚ୍ଛ, ଅଧରପଣା ଭୋଗ, ବଡ଼ ପରିଛା, ବଳିଆର ଭୁଜ ଇତ୍ୟାଦି । ଏଭଳି ସମସ୍ତ ଶବ୍ଦ ଓ ଅନ୍ୟାନ୍ୟ କେତେଗୁଡ଼ିଏ ଶବ୍ଦର ବର୍ଣ୍ଣାନୁକ୍ରମିକ ସୂଚୀ ମୁଁ ମୋର ବଙ୍ଗାନୁବାଦରେ ଦେଇଥିଲି ମଧ । ମୋର ଅନ୍ତରଙ୍ଗ ବନ୍ଧୁ , ଗାଳ୍ପିକ ଓ ପ୍ରାବନ୍ଧିକ ବାମାଚରଣ ମିତ୍ରଙ୍କୁ ପଚାରି ସେଇ ବିଶେଷ ଶବ୍ଦ ଓ ଆଖ୍ୟାଗୁଡ଼ିକର ଅର୍ଥ ବୁଝିଥିଲି । ମୋର ଅନୁରୋଧ କ୍ରମେ ଏନ୍-ବି-ଟି ତାଙ୍କର ନାମ ସହ-ଅନୁବାଦକରୂପେ ଯୋଗ କରିଥିଲେ । ସେ, ସୁରେନ୍ଦ୍ର ମହାନ୍ତି ଓ ମୁଁ ପରସ୍ପର ନିକଟ ବନ୍ଧୁ ଥିଲୁ । ତେଣୁ ଗୋଟାଏ ପୁସ୍ତକରେ ଆମ ତିନି ଜଣଙ୍କ ନାଁ ଏକାଠି ରହିବାରେ ମୋତେ ବିଶେଷ ସୁଖ ଲାଗିଥିଲା । ବାମାଚରଣଙ୍କୁ ମୋର ପାରିଶ୍ରମିକର ନାଯ୍ୟ ଅଂଶ ଦେଇଥିଲି ।

ଏହାପରେ ଏନ୍-ବି-ଟି ମୋତେ ତାଙ୍କର ପ୍ରକାଶିତ *ଓଡ଼ିଆ ଗଳ୍ପମାଳା* ନାମକ ବହିର ବଙ୍ଗଳା ଅନୁବାଦ କରିବାକୁ ଦେଇଥିଲେ, ମୁଁ ମଧ ଅନୁବାଦ କରିଥିଲି । ସେ ସମୟରେ ବଙ୍ଗଳା ସାପ୍ତାହିକ *'ଦେଶ'* ର ପ୍ରତିଦ୍ୱନ୍ଦ୍ୱୀ ହେଇ ବାହାରୁଥିବା ଆଉ ଗୋଟିଏ ବଙ୍ଗଳା ସାପ୍ତାହିକ *ଅମୃତ*-ରେ ମୋର ବଙ୍ଗଳା ଅନୁବାଦ ଗୁଡ଼ିକ ପ୍ରଶଂସିତ

Digitized by srujanika@gmail.com

ହେଇଥିଲା ବୋଲି କ୍ଷୀଣଭାବରେ ମନେ ପଡୁଛି, ଯଥା- *ଅମୃତେର ସନ୍ତାନ*, *ନୀଳଶୈଳ*, ଓ *ଓଡ଼ିଆ ଛୋଟଗଳ୍ପ ସଂକଳନ* ।

କିନ୍ତୁ ଏଗୁଡ଼ିକ ହେଲା ଅନ୍ୟର ଫରମାସ ମୁତାବକ କରିଥିବା କାମ, ଆପଣା ମନଲାଖି କରିଥିବା କାମର ତୃପ୍ତି ଅଲଗା, ସେ ଯେପରି ଆକାଶର ବଉଦ ପାଖକୁ ଟେକି ନିଏ । ସେ ତୃପ୍ତି ମିଳିଥିଲା ବାମାଚରଣଙ୍କ କ୍ଷୁଦ୍ରଗଳ୍ପ ଲଡୁ-ର ଇଂରାଜୀ ଅନୁବାଦ *Sweetmeat* କରି । ଉତ୍କଳ ଯୁନିଭାର୍ସିଟି ପ୍ରଫେସର, ଡ. ଯତୀନ୍ଦ୍ରମୋହନ ମହାନ୍ତି ତାଙ୍କର ଅଧ୍ୟାପକ ଜୀବନର ମୂଳ ଆଡ଼େ *Bhubaneswar Review* ବୋଲି ଗୋଟାଏ ତ୍ରୈମାସିକ ପତ୍ରିକା ବାହାର କରୁଥିଲେ, ତା'ରି ପାଇଁ ସେଇ ଇଂଗାନୁବାଦଟି କରିଥିଲି । ବହୁ ବର୍ଷ ପରେ ସାହିତ୍ୟ ଅକାଦେମି *Indian Literature* ବୋଲି ବଡ଼ ବଡ଼ ତିନି ଖଣ୍ଡ ଗ୍ରନ୍ଥ ଛପାଇଥିଲେ, ତାର ଗୋଟିଏ ଖଣ୍ଡ ଥିଲା **FICTION** ବୋଲି, ଅନ୍ୟାନ୍ୟ ନାନା ଅନୁବାଦକଙ୍କ ଅନୁବାଦ ସହିତ *Sweetmeat* ସେଥିରେ ସ୍ଥାନ ପାଇଥିଲା ।

ସେହି ପ୍ରକାର ଏବଂ ଆହୁରି ସ୍ଥାୟୀ ତୃପ୍ତି ପାଇଥିଲି 'ପରଶୁରାମ' (ରାଜଶେଖର ବସୁ, ୧୮୮୦-୧୯୬୦)-ଙ୍କ ଅସାଧାରଣ ମୃଦୁ- ହାସ୍ୟରସାତ୍ମକ ବଙ୍ଗଳା କ୍ଷୁଦ୍ରଗଳ୍ପଗୁଡ଼ିକ ମଧ୍ୟରୁ କେତେଗୁଡ଼ିକର ଇଂରାଜୀ ଅନୁବାଦ କରି - *Not All in Fun* ନାମରେ । ବଙ୍ଗଳା ସାହିତ୍ୟିକ ମହଲରେ ଧାରଣା ଥାଏ ଯେ 'ପରଶୁରାମ'ଙ୍କ ଗଳ୍ପର ଇଂରାଜୀ କରିବା ସମ୍ଭବ ନୁହେଁ । ଏଣେ ମୁଁ କେବଳ ଗୋଟିଏ ସାଧାରଣ ବି.ଏସ୍-ସି. ପାସ୍, ତେଣୁ କେହି ଛପାଇବା ପାଇଁ ରାଜି ହେଲେ ନାହିଁ । ବାଧ ହେଇ ମୁଁ ନିଜେ ଛପାଇଲି, ଯେତେ ଶସ୍ତାରେ ସମ୍ଭବ । ସାମାନ୍ୟ ମୋର ପାଣ୍ଠି, ୧୦ଟି ଗଳ୍ପ କେବଳ ଦିଆ ହେଇ ପାରିଲା । ଯାହା ହେଉ ପ୍ରାୟ ଦୁଇ ବର୍ଷ ପରେ ୧୯୮୭ରେ *The Statesman* ରେ ତା'ର ଉଚ୍ଚ ପ୍ରଶଂସାସୂଚକ ସମାଲୋଚନା ବାହାରିଲା । ପୁଣି ଆହୁରି ୬/୭ବର୍ଷ ପରେ ଅବଶେଷରେ ରାଜଶେଖରଙ୍କ ଗ୍ରନ୍ଥସତ୍ତ୍ୱାଧିକାରୀ ତାଙ୍କ ପରଲୋକଗତା ଦୌହିତ୍ରୀଙ୍କ ପୁତ୍ର ଶ୍ରୀ ଦୀପଙ୍କର ବସୁ ଗୋଟିଏ ପ୍ରକାଶକ ସ୍ଥିର କରି ଦେଇ ପାରିଲେ: **Indian Publishing House** । ତାଙ୍କ ଜରିଆରେ ୨୦୦୦

Digitized by srujanika@gmail.com

ସାଲରେ *Not All in Fun* ର ୨ୟ ସଂସ୍କରଣ ପ୍ରକାଶ ପାଇଲା । ସେଥିରେ 'ପରଶୁରାମ'ଙ୍କ ୨୨ଟି ଗଳ୍ପ ଦେଇ ପାରିଲି, ତାଙ୍କର ୯ଖଣ୍ଡ ଗଳ୍ପ ବହିରେ ଥିବା ୯୯ଟି ଗଳ୍ପରୁ ୨୧ଟି ଏବଂ ପରେ ଲେଖିଥିବା ୨ଟି ଗଳ୍ପରୁ ଗୋଟିଏ, ଏଇ ୨୨ଟି ଗଳ୍ପ । *The New Indian Express* ରେ ତାର ବି ଉଚ୍ଚ ପ୍ରଶଂସା ହେଲା ।

ମୋ ମନେ ମନେ ଏଇ *Not All in Fun* ମୋର ଜୀବନର ଶ୍ରେଷ୍ଠ କର୍ମ ଏବଂ ଆଶା ଯେ ଏହା ସେଇ ଭଳି ଭାବରେ ଗୃହୀତ ହେବ । କିନ୍ତୁ ବିକ୍ରି କାହିଁ ? ମୋର ପ୍ରକାଶକ ଛପା ହେଇଥିବା ମାତ୍ର ୫୦୦ କପିରୁ ପୁରା ୨୦୦ ବି ବିକ୍ରି କରି ପାରି ନାହାନ୍ତି ୫ବର୍ଷରେ । ପୂର୍ବରୁ ହେଇଥିବା ଚୁକ୍ତି ଅନୁସାରେ ବାକୀ କପି ଗୁଡ଼ିକ ଅଳ୍ପ ଦାମରେ ତାଙ୍କଠାରୁ ମୋତେ ଓ ଦୀପଙ୍କର ବସୁଙ୍କୁ କିଣି ନେବାକୁ ପଡ଼ିଲା । ସେତେବେଳେ ମୋତେ ୯୧ବର୍ଷ ହେଲାଣି । ସେ କପି ଗୁଡ଼ିକ କେବଳ ବସ୍ତାବନ୍ଦି ହେଇ ରହିଲା । ତା ଦେହରୁ କିଛି କିଛି ଇଆକୁ ତାକୁ ଉପହାର ଦେଇଛି । ଆଗରୁ ପ୍ରାୟ ୨୫/୨୬ ଖଣ୍ଡ ମଧ ସେମିତି ଉପହାର ସ୍ୱରୂପ ଦେଇଥିଲି ।

ମୋର ଧାରଣା- କେବଳ ଧାରଣାହିଁ - ଯେ *'ବିକାଶ'* *(VIKAS)* ଭଳି ଦିଲ୍ଲୀର କୌଣସି ପ୍ରକାଶକ ହୋଇଥିଲେ ଯଥେଷ୍ଟ ବିକ୍ରି କରି ପାରିଥାନ୍ତେ । ଗଳ୍ପଗୁଡ଼ିକୁ ଥରେ 'ବିକାଶ'କୁ ଦେଖାଇଥିଲି ମଧ, ସେ କହିଥିଲେ ଗଳ୍ପଗୁଡ଼ିକ ଟିକେ ପୁରୁଣା-କାଳିଆ ହେଇ ଯାଇଛି, ତେଣୁ - । ଏକଥା ସତ ଯେ ସେଗୁଡ଼ିକ ୧୯୨୨ରୁ ୧୯୬୦ ଭିତରେ ଲେଖା । 'ପରଶୁରାମ' ଗଳ୍ପ ତଳେ ଲେଖିବା କାଳ ନିର୍ଦ୍ଦେଶ କରୁଥିଲେ, ଅନୁବାଦରେ ମୁଁ ମଧ ତାଙ୍କର ନିର୍ଦ୍ଦେଶ କରିଥିବା କାଳର ଉଲ୍ଲେଖ କରିଛି । ସେଇଟା ସାହିତ୍ୟ-ଆଲୋଚକଙ୍କ ପାଖରେ ବାଞ୍ଛନୀୟ ହେଇଥିଲେ ବି ପ୍ରକାଶକଙ୍କୁ ଉତ୍ସାହିତ କରେ ନାହିଁ ପରା । କିନ୍ତୁ ପଢ଼ିଲେ ଜଣା ପଡ଼େ ଗଳ୍ପ ଗୁଡ଼ିକ ପ୍ରକୃତରେ କାଳୋତ୍ତୀର୍ଣ୍ଣ ।

'ପରଶୁରାମ' ପ୍ରାବନ୍ଧିକ ମଧ ଥିଲେ, ମାତ୍ର ପ୍ରବନ୍ଧଗୁଡ଼ିକ ସେ ନିଜର ରାଜଶେଖର ବସୁ ନାମରେ ହିଁ ଲେଖୁଥିଲେ । ପୁଣି *ରାମାୟଣ ସାରାନୁବାଦ* ଓ *ମହାଭାରତ ସାରାନୁବାଦ* ବୋଲି ଦୁଇଖଣ୍ଡ ଅସାଧାରଣ ବଙ୍ଗଳା ବହି ଲେଖିଥିଲେ ।

Digitized by srujanika@gmail.com

ତାଛଡ଼ା ଚଲନ୍ତିକା (ବଙ୍ଗଳାରେ ନ ନାହିଁ) ବୋଲି ଖଣ୍ଡେ ମଧମ ଆକାରର ବଙ୍ଗଳା ଅଭିଧାନ ମଧ ସଂକଳନ କରିଥିଲେ ଯେଉଁଥିରେ ଶବ୍ଦର ଅର୍ଥ ସହିତ ସେଥିରୁ ଉଦ୍ଭୂତ ବା ତା'ସହିତ ସଂଶ୍ଲିଷ୍ଟ ବାଗ୍‌ଧାରା ଦିଆ ହେଉଥିଲା, ଯାହା କି ପୂର୍ବର କୌଣସି ଅଭିଧାନରେ ଦିଆ ହେଉ ନଥିଲା । ଭଗବଦ୍‌ଗୀତାର ସରଳ ବଙ୍ଗଳା ଅନୁବାଦ ମଧ ସେ କରିଥିଲେ, ଯାହା ତାଙ୍କ ମରଣୋତ୍ତର ଭାବେ ପ୍ରକାଶିତ ହେଉଥିଲା ।

ଆଶ୍ଚର୍ଯ୍ୟ ସେ ପ୍ରକୃତରେ ଥିଲେ ଜଣେ ବିଜ୍ଞାନୀ, ରସାୟନଶାସ୍ତ୍ରବିତ୍, ଯେଉଁଥି ପାଇଁ ସେ ହେଉଥିଲେ ବେଙ୍ଗଲ କେମିକାଲ ଏଣ୍ଡ ଫର୍ମାସିଉଟିକାଲ କମ୍ପାନୀର କେମିଷ୍ଟ (ଏବଂ ପରେ ଅନ୍ୟତମ ଡିରେକ୍ଟର) । ଭାରତର **Industrial Chemistry** ରେ ସେ ଥିଲେ ଜଣେ ପ୍ରାମାଣିକ ବ୍ୟକ୍ତି ବୋଲି ମୁଁ କେଉଁଠି ପଢ଼ିଥିବାର ମନେ ପଡୁଛି ।

ମୋର ପ୍ରଥମ ଅନୁବାଦର ଆନନ୍ଦ *ମ୍ୟାରାକଟ୍ ଡୀପ୍* (ବଙ୍ଗଳା)-ର ଏ ଆପାତ ଅର୍ଥହୀନ ନାମର କିଞ୍ଚିତ୍ ବ୍ୟାଖ୍ୟା ଆବଶ୍ୟକ । 'ମ୍ୟାରାକଟ' ଅବଶ୍ୟ ଇଂରାଜ ବୈଜ୍ଞାନିକ ଡଃ ମ୍ୟାରାକଟ୍‌ଙ୍କ ନାମ ଏ କଥା ଆଗରୁ କହି ସାରିଛି । ଆଉ 'ଡୀପ୍' ମଧ ଇଂରାଜୀ **deep**, ଏ କ୍ଷେତ୍ରରେ ଅର୍ଥ 'ସମୁଦ୍ରରେ ଥିବା ଅତି ଗହୀର ସ୍ଥାନ, ଯଥା- ପ୍ରଶାନ୍ତ ମହାସାଗରରେ ଜାପାନ ଠାରୁ ପ୍ରାୟ ୩୦୦ ମାଇଲ ଦୂରରେ ରାମାପୋ ଡୀପ୍ ୩୪,୪୫୦ ଫୁଟ ଗଭୀର, ଫିଲିପାଇନ୍ସ ଦ୍ୱୀପପୁଞ୍ଜ ନିକଟରେ ଜନ୍‌ସନ୍ ଡୀପ୍ ୩୪,୪୪୦ ଫୁଟ୍, ସେଠାରୁ ପ୍ରାୟ ୬/୭ ଶହ ମାଇଲ ଦୂରରେ ଚ୍ୟାଲେଞ୍ଜାର ଡୀପ୍ ୩୬,୨୦୦ ଫୁଟ୍ । ହିମାଳୟ ପର୍ବତକୁ ନେଇ ଏଇ ସବୁ ଡୀପ୍‌ରେ ବୁଡାଇଲେ ତା ଉପରେ ଆହୁରି ମାଇଲେ ବା ତତୋଧିକ ଗଭୀର ଜଳ ରହିଥିବ ! ଆବିଷ୍କାରକଙ୍କ ନାମ ଅଥବା ଯେଉଁ ଜାହଜରୁ ଗଭୀରତା ମାପିବା ପାଇଁ ଓଳମ୍ବ ପକା ଯାଇଥାଏ ସେଇ ଜାହାଜର ନାମ ଅନୁସାରେ ଏ ଡୀପ୍‌ଗୁଡ଼ିକର ନାମ ହେଉଥାଏ । ଡଃ ମ୍ୟାରାକଟ୍ ଓ ତାଙ୍କ ସାଥୀ ଦିଜଣ ଗୋଟାଏ ଗୋଲକାକୃତି ବଡ଼ ପିଞ୍ଜରାରେ ବସି ଗୋଟିଏ ଅତି ଗଭୀର ସ୍ଥାନର କିଛି ଧାରଣା ପାଇବା ପାଇଁ ଅଗ୍ର ତଳକୁ ଓହ୍ଲାଇଥିଲେ । ପିଞ୍ଜରାଟି ଷ୍ଟିଲର ତିଆରି ଏବଂ ସମ୍ପୂର୍ଣ୍ଣ ଜଳରୋଧକ, କିନ୍ତୁ ବାହାରକୁ

Digitized by srujanika@gmail.com

ଅନାଇବା ପାଇଁ ଖୁବ୍ ମୋଟା କାଚର ଝରକା ଓ ଆଲୋକର ବନ୍ଦୋବସ୍ତ ଥାଏ ଏବଂ ଗୋଟାଏ ଜାହାଜରୁ ଶକ୍ତ ରଶିରେ ବନ୍ଧା ହେଇ ପିଞ୍ଜରାଟି ଝୁଲୁଥାଏ । କିନ୍ତୁ ସେଇ ଅତି ଗଭୀର ସ୍ଥାନରୁ ଗୋଟାଏ ଅଜଣା ଭୟଙ୍କର ସାମୁଦ୍ରିକ ଜନ୍ତୁ ଉଠି ଆସି ରଶିଟାକୁ ଅନାୟାସରେ କାଟି ଦେଲା ଏବଂ ଫଳରେ ପିଞ୍ଜରାଟା ତଳକୁ ପଡ଼ି ଯିବାକୁ ଲାଗିଲା । ଜାଗାଟା ୫ ମାଇଲ ଗଭୀର, ଯେତେବେଳେ ତିନ ମାଇଲ ହେଲାଣି ଡଃ ମ୍ୟାରାକଟ୍ ଗଭୀରତାମାପକ ଯନ୍ତ୍ରକୁ ଅନାଇ କହୁଛନ୍ତି - "ଏଣିକି ଏହାକୁ ମ୍ୟାରାକଟ୍ ଡୀପ୍ ହିଁ ବୋଲା ଯିବ ଏଥିରେ ଭୁଲ ନାହିଁ !"

ଏହା ପରେ ନାନା ଅବିଶ୍ୱାସ୍ୟ ଘଟନା ପରେ ସବୁଠାରୁ ଅବିଶ୍ୱାସ୍ୟ ସେଠାରୁ ସେମାନଙ୍କର ଉଦ୍ଧାର । ସର୍ବାପେକ୍ଷା ଆଶ୍ଚର୍ଯ୍ୟ ଏହି ଯେ କନ୍ୟାନ ଡୟେଲ ଏ ସମୁଦାୟ ଅବିଶ୍ୱାସ୍ୟ କଥାରେ ପାଠକର ପ୍ରତ୍ୟୟ ଜନ୍ମାଇ ପାରିଛନ୍ତି, ତାଙ୍କ ରଚନାର ବଳିଷ୍ଠ ଶୈଳୀ ଓ ବର୍ଣ୍ଣନାର ଜାଦୁ ଦ୍ୱାରା - ଯାହା ପଛରେ କେବଳ ବିଜ୍ଞାନ ନୁହେଁ, ଅତି ପ୍ରାଚୀନ ଯୁଗର ଇତିହାସ ବିଷୟରେ ମଧ ତାଙ୍କର ଜ୍ଞାନ । ମୋର ପରମ ବନ୍ଧୁ ଖ୍ୟାତନାମା ଓଡ଼ିଆ ଲେଖକ ବାମାଚରଣ ମିତ୍ର ମୋର ବଙ୍ଗଳାରୁ ଓଡ଼ିଆ ଅନୁବାଦ କରିଥିଲେ, ପ୍ରକାଶକ *ଗ୍ରନ୍ଥ ମନ୍ଦିର* ତାକୁ ସେଇ *'ମାରାକଟ୍ ଡୀପ୍'* ନାମରେ ହିଁ ପ୍ରକାଶ କରିଥିଲେ, ବୋଧହୁଏ ପ୍ରାୟ ୧୯୮୦ ମସିହା ପାଖାପାଖି କୌଣସି ସମୟରେ ।

କିଛି ଏଣୁ ତେଣୁ ଓଡ଼ିଆ ଅନୁବାଦ ମଧ ମୁଁ କରିଥିଲି - 'ପରଶୁରାମ'ଙ୍କ ବଙ୍ଗଳା ଗଳ୍ପରୁ ଗୋଟିଏ ଏବଂ P.G. Woodhouse ଙ୍କ ଇଂରାଜୀ ଗଳ୍ପରୁ ବୋଧହୁଏ ତିନି ଚାରୋଟି । କେବଳ 'ପରଶୁରାମ'ଙ୍କ ଗଳ୍ପଟି ଛପେଇ ଥିଲି, ଆଉ ଗୁଡ଼ିକ ଛପେଇବା ଚେଷ୍ଟା କରିନାହିଁ । ଅନୁବାଦ କରିବା ଠେଇଁ ଆନନ୍ଦ, ଅବଶ୍ୟ ଲୋକେ ପଢ଼ିଲେ ଆନନ୍ଦ ପୂରା ହୁଏ ବୋଲି କହି ହେବ । 'ପରଶୁରାମ'ଙ୍କ ଗଳ୍ପଟି ('ସ୍ମୃତିକଥା') ଛପେଇଥିଲି ଦ୍ୱିଧାରା ବୋଲି ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାର ଲେଖାଥିବା ଗୋଟିଏ ବାର୍ଷିକୀରେ (୨୦୦୪-୦୫) ।

ଅନୁବାଦର ଆନନ୍ଦ'ର ଉପସଂହାର ରୂପେ ମୋର କହିବା କଥା ଯେ 'ପରଶୁରାମ'ଙ୍କର ମାତ୍ର ୧୫/୧୬ ଟି ବଙ୍ଗଳା ଗଳ୍ପର ଇଂରାଜୀ ଅନୁବାଦ କରିବା

Digitized by srujanika@gmail.com

(ଓ ଅସଂଖ୍ୟଥର ତାର ସଂଶୋଧନ) ଏବଂ **Not All in Fun** ଶିରୋନାମରେ ସେଗୁଡ଼ିକୁ ବହି ଆକାରରେ ଛପେଇବା ପାଇଁ ପ୍ରକାଶକ-ସନ୍ଧାନରେ ଦୁନିଆ ଯାକ ଲୋକଙ୍କୁ ପତ୍ର ଲେଖିବାରେ ମୋର ୨୫ ବର୍ଷ ଅତିବାହିତ ହୋଇଥିବା ସ୍ଥଳେ ସେ ବିଷୟ ଏଇଠି ଲେଖିବାକୁ ଅଧ ପୃଷ୍ଠା ବି ଲାଗି ନାହିଁ । ଏବଂ ଅବଶେଷରେ ମାତ୍ର ୧୦ଟି ଗଳ୍ପ ଦେଇ ତାକୁ ନିଜେ ପ୍ରକାଶ କରିବା ପରେ ତାଙ୍କ ଗଳ୍ପରୁ ଆହୁରି କେତେ ଗୁଡ଼ିଏର ଇଂରାଜୀ ଅନୁବାଦ କରିବା, ପ୍ରକାଶକ ମିଳିବା ଏବଂ ଏସବୁ ସତ୍ତ୍ୱେ *କୌଣସି ବିଶେଷ କାରଣ* ଯୋଗୁଁ ପ୍ରାୟ ବର୍ଷେ କାଳ ବିପ୍ରଲବ୍ଧା ନାୟିକା ପରି ବ୍ୟାକୁଳତା ଘେନି ଠିକ୍ ସେଇ ଭାବରେ ହିଁ 'ପ୍ରୁଫ୍'କୁ ଚାହିଁ ମୋର ଦିନ ପରେ ଦିନ କଟେଇବା - ସମୁଦାୟ ପୁଣି ଆହୁରି ୧୫ ବର୍ଷ - ସେ କଥା ବି ସେଇ ଅଧ ପୃଷ୍ଠା ଭିତରେ ହିଁ ସରିଲା । "କୌଣସି ବିଶେଷ କାରଣ"ଟା କଅଣ ? ଆଉ କିଛି ନୁହେଁ, ଏକ ସମୟରେ 'ପରଶୁରାମ'ଙ୍କ ଗ୍ରନ୍ଥ ସତ୍ତ୍ୱାଧିକାରୀ ତାଙ୍କ ପ୍ରଦୌହିତ୍ର (ତାଙ୍କ ଦୌହିତ୍ରୀ -ପୁତ୍ର) କଲିକତା ପ୍ରେସିଡେନ୍ସି କଲେଜର ପରିସଂଖ୍ୟାନ ଅଧ୍ୟାପକଙ୍କ କିପରି ଏକ ଧାରଣା ଜନ୍ମିଥିଲା ଯେ ମୋର ଅନୁବାଦର ଇଂରାଜୀକୁ ସେ କିଛି କିଛି ସଂଶୋଧନ କରିବା ଆବଶ୍ୟକ - ଯା'ଫଳରେ ମୋର ପ୍ରୁଫ୍ ଦେଖା କାମ କେବଳ ଜଟିଳ ନୁହେଁ କିଛି ପରିମାଣରେ କୁଟିଳ ହେବାକୁ ପଡ଼ିଥିଲା - ପ୍ରକାଶକ ଶ୍ରୀ ରବି ଘୋଷଙ୍କ ଗୋପନ ସହାୟତାରେ, ଯେ କି ପୁଣି ଥିଲେ ତାଙ୍କରି ଜଣେ ଆତ୍ମୀୟ ! ଶେଷକୁ ତଥାପି ରହି ଯାଇଛି ଅଧ୍ୟାପକଙ୍କ କାର୍ଯ୍ୟର କିଛି କିଛି ଅତି ବ୍ୟଗ୍ର ନିଦର୍ଶନ !

◆◆◆

Digitized by srujanika@gmail.com

(୧୮)

ପିଲାଦିନ ସ୍ମୃତି - ବ୍ରାହ୍ମ ସମାଜ

କଟକର ଉତ୍କଳ ବ୍ରାହ୍ମ ସମାଜ ପୂର୍ବରୁ ମୋର ସ୍ମୃତି କଲିକତାର ସାଧାରଣ ବ୍ରାହ୍ମ ସମାଜର- ବୋଧହୁଏ ମାତ୍ର ଗୋଟାଏ ଦିନର । ପୁଣି ସେତେବେଳକୁ ମୋତେ ଖୁବ ବେଶି ହେଲେ ସାଢ଼େ ତିନି ବର୍ଷ ମାତ୍ର ହେଇଥିବ । ସେ ଦିନଟି ଥିଲା 'ଏଗାରଇ ମାଘ', ଅର୍ଥାତ୍ ମାଘ ମାସର ୧୧ ତାରିଖ, ଯେଉଁ ଦିନଟି ବ୍ରାହ୍ମ ସମାଜ ମନ୍ଦିରର ପ୍ରତିଷ୍ଠା ଦିବସ ବୋଲି ପାଳିତ ହେଇଥାଏ । ମନେପଡ଼େ ପାହାନ୍ତିଆ ବେଳୁ ବା ତା'ର ଅଳ୍ପ ପରେ ମା', ଆଉ କିଏ ଜଣେ ଏବଂ ମୁଁ ଯାଇ ସମାଜରେ ପହଞ୍ଚିଲୁ । ମାଆଙ୍କ ସହିତ ମୁଁ ଦୋ ମହଲାକୁ (ବାଲ୍‌କନି) ଉଠି ଗଲୁ ଯେଉଁଠି କେବଳ ମହିଳାଙ୍କ ଗହଳି । ସେତେ ଆଲୁଅ ନଥିଲା, ସେଥିରେ ପୁଣି ମାଆଙ୍କ ହାତରୁ କେମିତି ମୋର ହାତ ଛାଡ଼ି ଯାଇ ମୁଁ ବଡ଼ ଅସହାୟ ଭାବରେ ଏଣେ ତେଣେ 'ମା କୋଇ' 'ମା କୋଇ' ବୋଲି ବୁଲୁଥାଏ, ମହିଳାମାନେ 'ତୁମି କାର ଛେଲେ' ପଚାରିଲାରୁ କହୁଥାଏ 'ଆମି ମାଲ୍ ଛେଲେ' । ଖାସ୍ ଏଇଥି ପାଇଁ ବୋଧହୁଏ ଏତେ ଛୁଆ ବେଳର କଥା ମନେ ରହି ଯାଇଛି । ପରେ, ମାନେ ବଡ଼ ବେଳେ, କେବେ କେବେ କଲିକତା ଯାଇଥିବା ବେଳେ ଅବଶ୍ୟ ଏକାଧିକ ଥର ସେଇ 'ମାଘୋତ୍ସବ' ଉପଲକ୍ଷ୍ୟେ ସାଧାରଣ ସମାଜକୁ ଯାଇଛି । ମନେ ପଡ଼େ ଥରେ ଆଚାର୍ଯ୍ୟ ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କୁ ବ୍ରହ୍ମୋପାସନା କରିବାର ଦେଖିଛି, ଏକବାର ଗୋରା ତକ୍ ତକ୍ ଚେହେରାର ବୃଦ୍ଧ । ସେ ଥିଲେ ବଙ୍ଗଳା ମାସିକପତ୍ର *ପ୍ରବାସୀ* ଓ ଇଂରାଜୀ ମାସିକପତ୍ର *Modern Review*-ର ସୁବିଖ୍ୟାତ ସଂପାଦକ । ରବୀନ୍ଦ୍ରନାଥଙ୍କ ଯାବତ୍ କବିତା, ଗଳ୍ପ ଓ ପ୍ରବନ୍ଧ *ପ୍ରବାସୀ* ରେ ବାହାରୁଥାଏ, ଏବଂ ସେହିପରି ତାଙ୍କର ଯେତେକ ଇଂରାଜୀ ଲେଖା ମଧ *Modern Review*-ରେ । ତାଙ୍କର ଶେଷ ବୟସର ପ୍ରବନ୍ଧ - ଯେପରି ସମସ୍ତ ପୃଥିବୀକୁ ଉଦ୍ଦେଶ୍ୟ କରି - *'ସଭ୍ୟତାର ସଙ୍କଟ'* ଓ ତା'ରି ଇଂରାଜୀ ଭାଷାନ୍ତର *'Crisis of Civilization'* ଉଭୟ ମାସିକ ପତ୍ରରେ ହିଁ ମୁଁ ପଢ଼ିଛି ।

Digitized by srujanika@gmail.com

ବ୍ରାହ୍ମ ସମାଜ ବିଷୟରେ ନିତାନ୍ତ ପିଲା ଦିନର ସ୍ମୃତି ସେଇ କଲିକତା ସାଧାରଣ ସମାଜ ପରେ ଆସିକି କଟକର ଉତ୍କଳ ବ୍ରାହ୍ମସମାଜ, କାରଣ ପାଞ୍ଚ ପୂର୍ଣ୍ଣ ଛଅ ବେଳୁ ମୁଁ ମା-ବାବାଙ୍କ ସହିତ ଚାଲି ଆସିଛି କଟକକୁ- ଯାହାକି ଏ ବହିର ମୂଳ ଆଡ଼େ କହି ସାରିଛି । କଲିକତା ଭଳି ଏଠି ମଧ ବରାବର ପ୍ରତି ରବିବାର ସନ୍ଧ୍ୟାବେଳେ ବ୍ରହ୍ମୋପାସନା ଓ ବ୍ରହ୍ମସଙ୍ଗୀତ ହୁଏ ଏବଂ 'ଏଗାରଇ ମାଘ' ବା 'ମାଘୋତ୍ସବ' ଦୁଇ ତିନି ଦିନ ବା ଆହୁରି ବେଶୀ ଦିନ ଧରି ପାଳିତ ହୁଏ । ମାଘ ମାସର ୧୧ ଦିନ ସକାଳେ ବିଶେଷ ଉପାସନା ଓ ସଙ୍ଗୀତ ହେଇଥାଏ । ସେ ଦିନର ପ୍ରଥମ ସଙ୍ଗୀତଟି ନିୟମ କରି ଦିବଂଗତ ଉପେନ୍ଦ୍ରକିଶୋର ରାୟଚୌଧୁରୀଙ୍କ ଏଇ ଗୀତଟି ହେଇଥାଏ-

"ଜାଗୋ ପୁରବାସୀ, ଭଗବତ-ପ୍ରେମପିୟାସୀ"

ଏଇ ପ୍ରଥମ ଛତ୍ରଟି ଶ୍ରବଣକୁ ଆସିବା ମାତ୍ରେ ମାଘୋତ୍ସବର ମୋହମୟ ଭାବ ଆସି ଆମକୁ ସମ୍ପୂର୍ଣ୍ଣ ଆବିଷ୍ଟ କରିଥାଏ ।

ଏଇ ଉପେନ୍ଦ୍ରକିଶୋରଙ୍କ ହିଁ *ଛେଲେଦେର ରାମାୟଣ* ଓ *ଛେଲେଦେର ମହାଭାରତ* ପୁଣି *ମହାଭାରତେର* ଗଳ୍ପ, ତା'ଛଡ଼ା ଟୁନଟୁନିର ବଇ ପ୍ରଭୃତି ନିତାନ୍ତ ପିଲାଦିନୁ ଆମକୁ ମୁଗ୍ଧ କରିଥାଏ ।

ମୋର ପିଲା ଦିନେ କଟକ ସମାଜ ମନ୍ଦିରର ହତା ଭିତରେ ଯେତେ ଗେଣ୍ଡୁ ଫୁଲ (marigold) ହେଇଥାଏ ତା ବ୍ୟତୀତ ବାହାରୁ ମଧ ଫୁଲ ଆଣି ଭିକ୍ଟୋରିଆ ସ୍କୁଲର ଛାତ୍ରମାନେ 'ମାଘୋତ୍ସବ'କୁ ସମାଜ ମନ୍ଦିରକୁ ସଜାଉ - ଥିଲେ, ଆଉ ସେଇ ଫୁଲରେ ହିଁ ବଡ଼ କରି ଗୋଟାଏ ଓଁ ଲେଖୁଥିଲେ ଆଚାର୍ଯ୍ୟଙ୍କ ବେଦୀ ପଛ କାନ୍ଥ ଦେହରେ । ସେଇ ହତା ଭିତରେ ହିଁ ଗୋଟାଏ ବଡ ଗଛର ଓହଳି ପଡ଼ିଥିବା ଡାଳ ଥାଏ, ତାକୁ ଧରି ଝୁଲିବାରେ ଥାଏ ଆମେ ପିଲାମାନଙ୍କର ବିଶେଷ ଆନନ୍ଦ ।

ମାଘ ୧୧ ଦିନ ସକାଳେ ସେଇ 'ଜାଗୋ ପୁରବାସୀ' ଏବଂ ଆଉ ଗୋଟିଏ ସଙ୍ଗୀତ ହେବା ପରେ ଉପାସନା ଓ ମଧେ ମଧେ ଆହୁରି ବ୍ରହ୍ମସଙ୍ଗୀତରେ ଦୁଇ ଘଣ୍ଟା ପାଖାପାଖି ବୀତିଯାଏ । ତା'ପରେ ସମସ୍ତଙ୍କ ପାଇଁ ମୁଢ଼ି-ବୁନ୍ଦିଆ ଏବଂ ଆମେ ପିଲାମାନେ ନିଜେ ନିଜେ କରି ନେଇଥିବା ଉପରି - ଗଛ ଡାଳ ଧରି ଝୁଲିବା !

Digitized by srujanika@gmail.com

ତା'ପରେ ଦ୍ୱିପ୍ରହରେ ଭୋଜନ: ଭାତ, ମୁଗଡାଲି, ବନ୍ଧାକୋବି ତରକାରି ଆଉ ବେସନ-ବୋଳା ଫୁଲକୋବି ଭଜା, ବିଲାତୀ ବାଇଗଣ (ଟମାଟୋ) ଖଟା, ଶେଷରେ ରସଗୁଲା । ତେହିଁ ଆର ଦିନ ହେଉଥିଲା ବାଳକ-ବାଳିକା ସମ୍ମିଳନ, କିନ୍ତୁ କେତେ ବର୍ଷ ହେଇ ଗଲାଣି ଆଉ ହଉ ନାହିଁ । ସେଇଟା ହେଉଥିଲା ଉପର ବେଳା, ତିନିଟା-ଚାରିଟା ବେଳକୁ । ସେଥିରେ ଆମେ ପିଲାମାନେ କବିତା ଆବୃତ୍ତି କରୁଥିଲୁ, ଗୀତ ଗାଉଥିଲୁ, କେବେ ବା କ୍ଷୁଦ୍ର ଅଭିନୟଟିଏ ମଧ କରୁଥିଲୁ । ଶେଷକୁ ଥାଏ ଖାଇବା, ତେବେ ଆଗ ଦିନ ପରି ଭୂରି ଭୋଜନ ନ ହୋଇ ସେଦିନ ହୁଏ ଖୁରି-ଭୋଜନ, ଖୁରିରେ କରି ଶିଙ୍ଗଡ଼ା, କଚୁରି ଓ ମିଠା ଦୁଇ ପ୍ରକାରର ।

ଏହା ପରେ ଦିନେ ମହିଳା ଉତ୍ସବ ଏବଂ ଆଉ ଗୋଟିଏ ଦିନ ବ୍ରହ୍ମୋପାସନା ଆଦି ହେଇ 'ମାଘୋତ୍ସବ'ର ଶାନ୍ତିବାଚନ ହେଇ ଯାଇ ମଧ ପୁଣି ଆଉ ଗୋଟିଏ ଦିନ ଆନନ୍ଦ କରା ଯାଉଥିଲା- 'ଗାର୍ଡେନ ପାର୍ଟି' କରି । ସେଦିନ ସମସ୍ତେ କଟକ ସହର ବାହାରେ କେଉଁଠିକୁ ଯାଉଥିଲୁ । ମୋର ମନେ ପଡ଼େ ବିଶେଷ ଭାବେ ଗୋଟିଏ ଥର କଥା, ସେ ଥର ଆମେ ଯାଇଥିଲୁ ମହାନଦୀର ଗୋଟିଏ ପଠାକୁ । ସେ ସମୟରେ ଆମେ ଶୁଣିଲୁ ଯେ କେତେ ବର୍ଷ ପୂର୍ବେ ବିହାରୀ ନାୟକ ବୋଲି ଜଣେ ଅସାଧାରଣ କୌଶଳୀ ଚୋର ଥିଲା, ଜେଲଖାନାରୁ ମଧ ସେ ପଳେଇ ଯାଇ ପାରୁଥିଲା । ମହାନଦୀର ସେଇ ପଠାରେ କୁଆଡ଼େ ସେ ଲୁଚି ରହୁଥିଲା । ମୋ ପିଲା ଦିନର ସେଇ 'ଗାର୍ଡେନ ପାର୍ଟି' ସମୟରେ ବିହାରୀ ନାୟକ କଉଠି ଅଛି କଣ କରୁଛି ଏ ସବୁ ବିଷୟରେ କିଛି ଭାବୁ ନଥିଲି । ଏହାର ଅନେକ ପରେ ବଡ଼ ବେଳେ ମୁଁ ମୋର ଲେଖକ ବନ୍ଧୁବର ସୁରେନ୍ଦ୍ର ମହାନ୍ତି ଘରେ ହଠାତ୍ ବିହାରୀ ନାୟକ ଲେଖିଥିବା ତାର ଆତ୍ମଚରିତକୁ ହାବୁଡ଼ିଲି ! ଏଇଟା ବି ତାର ଗୋଟାଏ ଅସାଧାରଣତା ସେଥିରେ ସନ୍ଦେହ ନାହିଁ ।

ଏବେ ବହୁ ବର୍ଷ ବିତି ଗଲାଣି କଟକ ସମାଜରେ ଆଉ ବାଳକ-ବାଳିକା ଉତ୍ସବ, ମହିଳା ଉତ୍ସବ, ଗାର୍ଡେନ ପାର୍ଟି ଏ ସବୁ ନ ହେବାର ଏକାଧିକ କାରଣ ଥାଇ ପାରେ । ଗୋଟିଏ କାରଣ ବୋଧହୁଏ ପୁରାତନ ବ୍ରାହ୍ମ ପରିବାରମାନଙ୍କ

Digitized by srujanika@gmail.com

ବଂଶଧରମାନେ କାର୍ଯ୍ୟ ଉପଲକ୍ଷ୍ୟେ ଅନ୍ୟାନ୍ୟ ସ୍ଥାନକୁ ଚାଲି ଯାଇଥିବା, ଅନେକ ବିଲାତ ବା ଆମେରିକାକୁ ମଧ । ଅନେକ ଅବିବାହିତ ରହିବା ଅଥବା ସନ୍ତାନହୀନ ହେବା ମଧ ଗୋଟିଏ ବଡ଼ କାରଣ । ଅବସ୍ଥା ଏପରି ହେଲାଣି ଯେ ସମାଜର ସେକ୍ରେଟାରି ହେବା ପାଇଁ ଲୋକ ମିଳୁ ନାହାନ୍ତି । ବର୍ତ୍ତମାନ ସେକ୍ରେଟାରି ଶ୍ରୀ ବିକାଶଚନ୍ଦ୍ର ଦତ୍ତ ମହାଶୟ ବହୁ ବର୍ଷ ଧରି କାର୍ଯ୍ୟ କରିବା ପରେ ବାରଂବାର ସେଥିରୁ ଅବ୍ୟାହତି ମାଗିବା ସତ୍ତ୍ୱେ ତାଙ୍କ ସ୍ଥାନ ନେବା ପାଇଁ କେହି ଆଗେଇ ଆସୁ ନାହାନ୍ତି । ତାଙ୍କ ଘର ପୁଣି ସମାଜ ମନ୍ଦିର ଠାରୁ ପାଞ୍ଚ କି ଛଅ ମାଇଲ ଦୂରରେ । ରବିବାର ସନ୍ଧ୍ୟା ଉପାସନାକୁ ମଧ ଆଉ କେହି ପ୍ରାୟ ଆସିବା ଭଳି ନଥିବାରୁ ଦତ୍ତ ମହାଶୟ ତାଙ୍କର ଏ ପ୍ରବୀଣ ବୟସରେ ରବିବାର ସନ୍ଧ୍ୟା ପରିବର୍ତ୍ତେ ସକାଳେ ଆସି ନିଜେ ନିଜେ ବ୍ରହ୍ମସଙ୍ଗୀତ ଓ ବ୍ରହ୍ମୋପାସନା କରି ସାରି ଘରକୁ ଫେରନ୍ତି । କେବଳ ଏକଜିକ୍ୟୁଟିଭ୍ କମିଟି ଅଧିବେଶନ ସମୟରେ କେତେ ଜଣ ଆସନ୍ତି ଏବଂ ସମାଜ ମନ୍ଦିରର କିଛି ମରାମତି ହେରିକା ଲାଗି ଅର୍ଥ ସଂସ୍ଥାନ କରନ୍ତି । ମରାମତି ଆଦି କାର୍ଯ୍ୟରେ ତଦ୍‌ବିର କରିବା ପାଇଁ ଅବଶ୍ୟ ତାଙ୍କୁଇ ଆସିବାକୁ ପଡ଼େ । ମାତ୍ର ଦୁଇ ଚାରି ଜଣ ଯୁବା ବୟସ୍କ ଯେଉଁମାନେ ଥିଲେ ସେମାନେ ବି ବର୍ତ୍ତମାନ ପୌଢ଼ ଅବସ୍ଥାରେ ପହଞ୍ଚି ନିଜ ନିଜ ପରିବାର ଓ କାର୍ଯ୍ୟ ନେଇ ଅଧିକ ବ୍ୟାପୃତ ରହିଲେଣି, କେବଳ ମାଘୋତ୍ସବ ବେଳେ ସେମାନଙ୍କର ସାହାଯ୍ୟ ମିଳେ ଦତ୍ତ ମହାଶୟଙ୍କୁ ।

କଟକ ବ୍ରାହ୍ମସମାଜର ଅବସ୍ଥା ବିଭିନ୍ନ କାରଣରୁ ପୂର୍ବ ଭଳି ନଥିବା ସ୍ଥଳେ ବାଲେଶ୍ୱର ସମାଜର ଅବସ୍ଥା ଉତ୍ସାହବ୍ୟଞ୍ଜକ । ପ୍ରଥମରୁ ହିଁ ବାଲେଶ୍ୱରରେ ବ୍ରାହ୍ମଧର୍ମ ଗ୍ରହଣ କରିବା ଭକ୍ତମାନେ ସଂଖ୍ୟାରେ ଅଧିକ । ସେମାନଙ୍କର ଶେଷ ଦୁଇ ଜଣ ✓ ଗୋବିନ୍ଦ ପଣ୍ଡା ଏବଂ ✓ ମହେନ୍ଦ୍ର କର, ଏମାନଙ୍କ ବଂଶଧରମାନେ ଅନେକ ବାଲେଶ୍ୱରରେ ହିଁ ରହିଛନ୍ତି । ତାଙ୍କ ମଧରେ ସ୍ୱର୍ଗତ କରଙ୍କ ପୁତ୍ର ବହୁଦିନ ଯାବତ୍ ଅବସରପ୍ରାପ୍ତ ପ୍ରବୀଣ ବୟସ୍କ ଇନ୍‌ଜିନିଅର ଶ୍ରୀ ଅମରେନ୍ଦ୍ରନାଥ କର ସ୍ୱର୍ଗତ ପଣ୍ଡାଙ୍କ ନାତି-ନାତୁଣୀମାନଙ୍କୁ ଏବଂ ନିଜର ପୁତ୍ରକନ୍ୟା ମାନଙ୍କୁ ବ୍ରହ୍ମୋପାସନାରେ ଏପରି ଶିକ୍ଷିତ ଓ ବ୍ରାହ୍ମ ଧର୍ମଭାବରେ ଦୀକ୍ଷିତ କରିଛନ୍ତି ଯେ ସେଠାର ବ୍ରାହ୍ମସମାଜର ମାଘୋତ୍ସବ ଏବଂ ବାଲେଶ୍ୱର ସମାଜର ପ୍ରତିଷ୍ଠା-ଦିବସ ମଧ ବରାବର ସମାରୋହ

Digitized by srujanika@gmail.com

ସହକାରେ ପାଳିତ ହେଇ ପାରୁଛି । ସେ ସମାଜର ନାମ ନବବିଧାନ ସମାଜ, ବ୍ରହ୍ମାନନ୍ଦ କେଶବଚନ୍ଦ୍ର ଯାହାର ପ୍ରବର୍ତ୍ତନ କରିଥିଲେ । ସ୍ୱୟଂ ଅମରେନ୍ଦ୍ର କର ମହାଶୟ ଅନ୍ୟତମ ବ୍ରାହ୍ମ ଆଚାର୍ଯ୍ୟ, ପ୍ରୟୋଜନ ହେଲେ ସେ ଯେ କୌଣସି ସମାଜରେ - କଲିକତାରେ ଶୁଦ୍ଧା- ଏବଂ ପାରିବାରିକ ଉତ୍ସବ ଯଥା- ବିବାହ, ଅନ୍ନପ୍ରାଶନ, ଶ୍ରାଦ୍ଧ ପ୍ରଭୃତିରେ ମଧ ଉପାସନା କରନ୍ତି । ଏହା ବ୍ୟତୀତ ପୁରୀ ବ୍ରାହ୍ମସମାଜ, ଯାହାର ନାମ ପ୍ରେମାଶ୍ରମ, ସେଠି ମଧ ଆଚାର୍ଯ୍ୟ କର ମହାଶୟ ଗୁଡ୍ ଫ୍ରାଇଡେ ଛୁଟି ଅବସରରେ କଲିକତା ବ୍ରାହ୍ମମାନଙ୍କୁ ନେଇ ବାର୍ଷିକ ଉତ୍ସବ କରନ୍ତି । ବାଲେଶ୍ୱରର ଯୁବକ ଓ ଯୁବତୀ ବ୍ରାହ୍ମମାନେ ଏବଂ କଟକ ସମାଜର ଦି ତିନିଜଣ ବ୍ରାହ୍ମ ଯୋଗ ଦେବା ଦ୍ୱାରା ଏ ଉତ୍ସବ ଅନାୟାସରେ ସମ୍ପନ୍ନ ହେଇଥାଏ । କଟକରୁ ପ୍ରାୟ ଯାଇଥାନ୍ତି ଶ୍ରୀ ସଞ୍ଜୀବ ରାଓ, ତାଙ୍କର ଘନିଷ୍ଠ ବନ୍ଧୁ ଶ୍ରୀ ନିର୍ମଳେନ୍ଦୁ ଜୀ ଏବଂ ବର୍ତ୍ତମାନ କଟକ ସମାଜର ଏକମାତ୍ର ଆଚାର୍ଯ୍ୟ ପ୍ରଫେସର ଶ୍ରୀ ଦୀପାସ୍ୟ କୁଣ୍ଡୁ । ଉଲ୍ଲେଖନୀୟ ଯେ ସଞ୍ଜୀବ ରାଓ ହେଉଛନ୍ତି ଭକ୍ତକବି ମଧୁସୂଦନ ରାଓଙ୍କର ବୈମାତ୍ର ଭାଇ ବ୍ରାହ୍ମଧର୍ମାବଲମ୍ବୀ ଓ ବହୁବର୍ଷ ଯାବତ୍ କଟକ ବ୍ରାହ୍ମ ସମାଜର ସେକ୍ରେଟାରୀ ✓ ରଘୁନାଥ ରାଓଙ୍କ ପୌତ୍ର ଏବଂ ନିର୍ମଳେନ୍ଦୁ ଜୀ ✓ ରଘୁନାଥ ରାଓଙ୍କର ଅବ୍ରାହ୍ମ କନିଷ୍ଠ ଭାଗିନେୟ ✓ ପୂର୍ଣ୍ଣାନନ୍ଦ ଜୀଙ୍କ ପୁତ୍ର । ସଞ୍ଜୀବ ଓ ନିର୍ମଳେନ୍ଦୁ ଦୁହେଁ ହରିହର ଆତ୍ମା ବୋଲି କହି ହେବ ଏବଂ ଆଚାର୍ଯ୍ୟ ଦୀପାସ୍ୟ କୁଣ୍ଡୁ ମହାଶୟ ହେଉଛନ୍ତି ରେଭେନ୍‌ଶ' କଲେଜର ବଙ୍ଗଳା ପ୍ରଫେସର, ଆଚାର୍ଯ୍ୟ ଅମରେନ୍ଦ୍ର କରଙ୍କ ଶ୍ୟାଳକ ।

✓ ରଘୁନାଥ ରାଓଙ୍କ ଉଲ୍ଲେଖରେ ମନେପଡ଼େ ତାଙ୍କର ଅନ୍ୟତମ ଜାମାତା ଥିଲେ ଜଣେ ବ୍ରାହ୍ମ ପ୍ରଚାରକ ଶ୍ରୀଯୁକ୍ତ ମୋହିନୀମୋହନ ମିତ୍ର, ଶ୍ରୀମତୀ ସୁଶୀଳା ମିତ୍ରଙ୍କ ସ୍ୱାମୀ । ତାଙ୍କର ଗୋଟିଏ ବକ୍ତୃତାରେ ସେ କହିଥିଲେ - ସତ୍ୟ ବ୍ରୁୟାତ୍ ପ୍ରିୟଂ ବ୍ରୁୟାତ୍ ବ୍ରୁୟାତ୍ ଚ ସତ୍ୟମ୍ପ୍ରିୟମ୍ ।

ଉଲ୍ଲେଖଯୋଗ୍ୟ ଯେ ଭକ୍ତକବି ମଧୁସୂଦନ ରାଓଙ୍କର (୧୮୫୩-୧୯୧୨) ଛଅ ପୌତ୍ରଙ୍କ କାହାରି ପୁତ୍ର ସନ୍ତାନ ନାହିଁ । କେବଳ ଜଣଙ୍କର ଅର୍ଥାତ୍

Digitized by srujanika@gmail.com

ଡ. ପାର୍ଥ ରାଓଙ୍କ ଗୋଟିଏ ପୁତ୍ର ଥିଲା, ନାମ ସିଦ୍ଧାର୍ଥ । ମାତ୍ର ଅତିଶୟ ଦୁଃଖର କଥା ଯେ ମୁମ୍ବାଇରେ ପାଠ ପଢୁଥିବା ସମୟରେ ଦୈବାତ୍ ଉଚ୍ଚ ସ୍ଥାନରୁ ପତନ ଫଳରେ ତାର ଦେହାବସାନ ହେଇ ଯାଇଥିଲା । ତେଣୁ ଭକ୍ତକବିଙ୍କର ବଂଶ ରକ୍ଷା ହେଇ ପାରିନାହିଁ । ହେଲେ, ତାଙ୍କର ପୌତ୍ରୀ ଏବଂ ଦୌହିତ୍ର ଓ ଦୌହିତ୍ରୀମାନଙ୍କ ମାଧ୍ୟମରେ ତାଙ୍କର ବଂଶଧାରା ଅକ୍ଷୁଣ୍ଣ ରହିଛି ବୋଲି ଅବଶ୍ୟ କହି ହେବ । ତାଙ୍କର ଏକତମା ପୌତ୍ରୀ (ଡ. ପାର୍ଥ ରାଓଙ୍କ ସହୋଦରା ଭଗିନୀ) ✓ ସାବିତ୍ରୀ ମାଇତିଙ୍କ ପୁତ୍ର ଶ୍ରୀ ଅନୁପକୁମାର ମାଇତି କୌଣସି ଉପଲକ୍ଷେ ତାଙ୍କ ଘର ମେଦିନୀପୁର କାନ୍ଥିରୁ ଆସି ମାମୁଁ ଘର କଟକ କାଳୀଗଳିରେ ଆଚାର୍ଯ୍ୟ ଆସନରେ ବସି ଅତି ସୁନ୍ଦର ଭାଷା ଓ ଭାବ ଘେନି ଉପାସନା କରିବାର ମୁଁ ସ୍ୱକର୍ଣ୍ଣେ ଶୁଣିଛି ।

♦♦♦

(୧୯)

ବାର୍ଦ୍ଧକ୍ୟରେ ଲୋଡ଼ା - ସେବାଯତ୍ନ

ବୋଲାଯାଏ ପୁରୁଷର ଜୀବନରେ ନାରୀର ଭୂମିକା ପ୍ରଧାନତଃ ଦିଓଟି : ମାତା ଓ ଦୟିତା । ମାତ୍ର ଏକଥା ତ ଭୁଲି ହବ ନାଇ ଯେ ଜୀବନଯାକ ନାନାଭାବରେ ନାରୀର ସେବା ନେଇଥାଏ ପୁରୁଷ ? ହେଲେ ପୁରୁଷ ବି ଯେତିକି ଯାହା କରେ ତାହାକୁ ଅନ୍ତତଃ କେତେକାଂଶରେ ସେ ସେବାର ବିନିମୟ ମୂଲ୍ୟ ବୋଲି ହୁଏତ କହି ହେବ । କିନ୍ତୁ ବାର୍ଦ୍ଧକ୍ୟରେ, ତଦୁପରି ଯଦି ନିଜ ପତ୍ନୀ ଅସୁସ୍ଥ ହୋଇ ପଡ଼ିଥାନ୍ତି, ସେତେବେଳେ ପୁରୁଷ ଯେଉଁ ସେବା ପାଏ ତା' ବିନିମୟରେ ଆଉ ତାର କିଛି କରିବା ଶକ୍ତି ନ ଥାଏ । ସେହି ସେବାରେ ଯାହାଙ୍କ ପ୍ରଧାନ ଭୂମିକା ସେ ହେଲେ ପୁତ୍ରବଧୂ, ପୁରୁଷର ଜୀବନରେ ତୃତୀୟ ନାରୀ, ପୁରୁଷର ଶେଷ ଦଶାରେ ପୁଣି ଏକ ମାତା ଭାବେ, ତାର ରୋଗ ଶଯ୍ୟାରେ ଅସହାୟ ଅବସ୍ଥାରେ ଯେ ତାକୁ ଦେଖନ୍ତି ନିହାତି

Digitized by srujanika@gmail.com

ତାଙ୍କର ନିଜ ସନ୍ତାନ ବା ଝିଆ ଭଳି । ଏଇଟା ପ୍ରକୃତରେ ପୁରାପୁରି ମୋ ନିଜ କଥା ହିଁ କହିଲି !

ରୋଗରୁ ସୁସ୍ଥ ହେଇ ଉଠି ଯେତେବେଳେ ସ୍ୱାଭାବିକଭାବେ ଚଳୁଛି ସେତେବେଳେ ବି ସେ - ମୋର ବଡ଼ ବୋହୂ ସାରଦା- ମୋ ପ୍ରତି ସଦା ସତର୍କ ଦୃଷ୍ଟି ରଖିଥାନ୍ତି, ମୁଁ ନିଜେ ମୋ ଅବସ୍ଥା ଜାଣିବା ପୂର୍ବରୁ ସେ ତା' ଜାଣି ପାରନ୍ତି ଏବଂ ଯାହା କରିବାର ତା' କରନ୍ତି ବା କରିବା ପାଇଁ ବାଧ୍ୟ କରନ୍ତି । ଯଦି ହାସପାତାଲରେ ରହି ଚିକିତ୍ସା ବା ଅପାରେଶନ୍ ପ୍ରଭୃତି କରାଇବାକୁ ପଡ଼େ, ସେ ମୋ ହାସପାତାଲ ବେଡ୍ ପାଖରେ ବସି ଅନିଦ୍ରା ହୁଅନ୍ତି ।

ମୋର ବଡ଼ ପୁଅ ସୋନୁ (ବିବୁଧେନ୍ଦ୍ର) ଦୂର ସମୁଦ୍ରରେ ୨୪ ବର୍ଷ କାଳ ସମୁଦ୍ରଗାମୀ ମାଲବାହୀ ଜାହାଜରେ ରେଡିଓ ଅଫିସାର ହିସାବରେ, ବିଭିନ୍ନ ସମୟରେ ବିଭିନ୍ନ ଜାହାଜ କୋମ୍ପାନୀରେ କାମ କରିଛି । ତେଣୁ ସାରଦାଙ୍କୁ ଅଧିକାଂଶ ସମୟରେ ତାଙ୍କ ଝିଅ ସୁନନ୍ଦା ଛଡ଼ା ସୋନୁର ସାଙ୍ଗ ରମୁ (ଅମିତାଭ), ଯେକି ପୁଣି ମୋର ପରଲୋକଗତ ସାଙ୍ଗ (ପୂର୍ବୋଲ୍ଲିଖିତ ମୋର ଚେସ୍ ଗୁରୁ) କ୍ଷିତୀଶ ମିତ୍ରଙ୍କର ପୁତ୍ର, ତା'ରି ସାହାଯ୍ୟ ବେଳେବେଳେ ନେବାକୁ ପଡୁଥାଏ । ଥରେ ମୋର ସ୍ତ୍ରୀଙ୍କ ବିଶେଷ ଅସୁସ୍ଥ ଅବସ୍ଥାରେ ତାଙ୍କୁ ଆମ ଘରୁ ବହୁତ ଦୂରରେ କଳିଙ୍ଗ ହାସପାତାଲରେ ଭର୍ତ୍ତି କରିବାକୁ ପଡ଼ିଥିଲା, ଏବଂ ବଡ଼ ବୋହୂଙ୍କୁ ମଧ ସେଠାକୁ ନବାକୁ ଓ ଆଣିବାକୁ ପଡ଼ିଥିଲା । ଘରେ ସେତେବେଳେ ସାନବୋହୂ ଆଲ୍‌ପନା ଜଗିଥାନ୍ତି, ଯଦିଚ ମୋ ସାନ ପୁଅର କର୍ମସ୍ଥଳ ଥିଲା ଦୂରରେ, ଓଡ଼ିଶା ବାହାରେ, ଏବଂ ପୁଅ ନିଜେ ମଧ ତାର ଆଖିର **retina detachment** ପାଇଁ ଅବିଳମ୍ବେ ଚିକିତ୍ସା ଲାଗି ମାଡ୍ରାସ ଯିବାକୁ ପଡ଼ିଥିଲା, ସାଙ୍ଗରେ ଯାଇଥିଲେ ବଡ଼ ବୋହୂଙ୍କ ପ୍ରୌଢ଼ବୟସ୍କ ଜ୍ୟେଷ୍ଠ ଭ୍ରାତା (ଅବସରପ୍ରାପ୍ତ ଆସେମ୍ବ୍ଲିର ଜଏଣ୍ଟ ସେକ୍ରେଟାରି) ଶ୍ରୀ କ୍ରିଷ୍ଣନ୍ ପିଲ୍ଲାଇ । ଇଆର ଠିକ୍ ପରେ ପରେ ଆମ ଘର ନିକଟସ୍ଥ ହାସପାତାଲରେ ମୋର ଡାହାଣ ପଟ ହାର୍ନିଆ **(hernia)** ଅପାରେଶନ୍ କରାଇବାକୁ ପଡ଼ିଲା । ତେୟାଶୀ ବର୍ଷ ବୟସରେ ଏ ଅପାରେଶନ୍ ପାଇଁ ଆଗେ ହାର୍ଟ ପରୀକ୍ଷା କରାଇବାକୁ ପଡ଼ିଲା ଅଦୂରବର୍ତ୍ତୀ heart

Digitized by srujanika@gmail.com

centreରେ, ତା'ପରେ ହାର୍ନିଆ ଅପାରେଶନ୍ । ସବୁ ବଡ଼ବୋହୂ ସାରଦା ହିଁ କରାଇଲେ । ହାସପାତାଲରେ ନର୍ସ ଥାଇ ମଧ ରାତିରେ ମୋର ଯନ୍ତ୍ରଣା ହଉଛି କି ନାହିଁ ବୁଝିବା ପାଇଁ ବଡ଼ବୋହୂ ଅନେକ ସମୟ ପର୍ଯ୍ୟନ୍ତ ମୋ ବେଡ୍ ପାଖରେ ଜଗି ବସିଥିଲେ ।

ମୋର ନବତିପର ବୟସରେ ମୋର ଖାଇବା ଅନେକ କମି ଯାଇଥିଲେ ବି ଯେତିକି ଖାଉଛି ତା' ତୃପ୍ତିର ସହିତ ଖାଉଛି କି ନାହିଁ ସେଥିକୁ ଲକ୍ଷ୍ୟ ରଖିଥାନ୍ତି ସାରଦା । ମୋର ବେଳେବେଳେ ମନେହୁଏ ସେହି ଦିନ ମୁଁ ଯେଉଁ ବିଶେଷ ତିଅଣ ଖାଇବାକୁ ଇଚ୍ଛା କରିଥିଲି ବୋହୂ ଯେମିତି ମୋ ଭିତରେ ପଶିକି ଜାଣି ଯାଇଛନ୍ତି ।

ମୋର ବଡ଼ ପୁଅ ପ୍ରାୟ ସବୁବେଳେ ଜାହାଜରେ ରହୁଥିବା ସ୍ଥଳେ ମଝିଆ ପୁଅ ରୁପୁ (ଶୁଭଦେନ୍ଦ୍ର)ଏବଂ ସାନ ପୁଅ ହୀରୁ (ସୁମିତେନ୍ଦ୍ର) ଯେତେବେଳେ ଆମ ପାଖରେ କିମ୍ବା ପାଖାପାଖି କଉଠି ରହୁଥିଲେ ସେତେବେଳେ ମୋର କୌଣସି ବିଶେଷ ଅସୁସ୍ଥତାରେ ସାହାଯ୍ୟ ବା ରୋଗଶଯ୍ୟାରେ ସେବା କରୁଥିଲେ । ହୀରୁ ପ୍ରାୟ ପଚାଶ ବର୍ଷ ପର୍ଯ୍ୟନ୍ତ ନିଃସନ୍ତାନ ଥିବାରୁ ସେତେବେଳେ ମଧ ଦୂରରୁ ଆସି କିଛିଦିନ ପର୍ଯ୍ୟନ୍ତ ମୋ ପାଖରେ ରହି ମୋର ସେବା କରିଛି । ମୋର ମା'ଙ୍କର ଶେଷ ରୋଗ ହେଇଥିଲା ପିଠିରେ କାର୍ବାଙ୍କଲ (carbuncle) ବା ପଠା । ସେଥିରେ ଯାବତ୍ ସେବା କରିଥିଲା ରୁପୁ । ଏହାର ସାତ ବର୍ଷ ପରେ ମୋର ଗୋଟିଏ ଆଖିରେ cataract operation କରାଇବାକୁ ପଡ଼ିଲା । ସେ ସମୟରେ ରୁପୁ ତାର Msc. (Ag) ପରୀକ୍ଷା ପାଇଁ ପଢ଼ାରେ ବ୍ୟସ୍ତ ଥାଇ ମଧ capital hospitalରେ ମୋତେ ଜଗୁଥାଏ । ରମୁ ମଧ କେବେ କେବେ ଆସି ତାକୁ ସାହାଯ୍ୟ କରୁଥାଏ । ପୁଣି ଏହାର ସାତ ବର୍ଷ ପରେ ମୋର ବାଁ ପଟ ହାର୍ଣ୍ଣିଆ (harnia) ଅପାରେଶନ୍ ବେଳେ old townରେ municipal hospitalରେ ମୋର ସ୍ତ୍ରୀ ମୋତେ ଜଗୁଥିବା ସତ୍ତ୍ୱେ ରୁପୁ ନିୟମିତ ଆସି ବୁଝୁଥାଏ ।

ମାତ୍ର ବଡ଼ବୋହୂଙ୍କ ସେବା ନିଆରା, କେବଳ ମାଆର ନିଜ ଛୁଆ ପ୍ରତି ଯତ୍ନ ସହିତ ତୁଳନୀୟ, ବିଶେଷତଃ ରୋଗରେ ପଡ଼ିଥିବା ଅସହାୟ ଅବସ୍ଥାରେ

Digitized by srujanika@gmail.com

ଯେତେବେଳେ ବିଛଣାରେଇ ତାର ସମସ୍ତ କାର୍ଯ୍ୟ ସମାଧାନ କରିବାକୁ ପଡ଼େ । ଆଉ କ'ଣ କହିବି ?

ଏ ପ୍ରସଙ୍ଗରେ ଅବଶ୍ୟ ମନେପଡ଼େ ନୀରୁ ନର୍ସ କଥା । ହାସପାତାଲରେ ରୋଗୀର ସେବା କରିବା ହିଁ ତାର କର୍ମ । ଘର ପାଖ ହାସପାତାଲରେ ମୋର ହାର୍ନିଆ ଅପାରେଶନ୍ ବେଳେ ଦୁଇ ଜଣ ନର୍ସ ମୋର ସେବା କରିଥିଲେ, ତାଙ୍କ ମଧ୍ୟରୁ ସେ ଜଣେ । ତା ଛଡ଼ା ଏହାର ୫ବର୍ଷ ପରେ ଘରେ ଆସି ମୋ ସେବା କରିବାକୁ ପଡ଼ିଥିଲା ନୀରୁ ନର୍ସକୁ, ଯା' ଦ୍ୱାରା ମୋର କଠିନ ଯନ୍ତ୍ରଣାକୁ ଆରାମ ଦେଇ ପାରିଥିଲା ସେ ।

◆◆◆

(୨୦)

ପଡ଼ିଶା

ନିଜ ଘର ପାଖରେ ଆଉ ଯାହାଙ୍କୁ ବା ଯେଉଁମାନଙ୍କୁ ନେଇ ଜୀବନ ଯାପନ କରିବାକୁ ପଡ଼ିବ ସେମାନେ ସହାନୁଭୂତିଶୀଳ ହେଲେ ଜୀବନ ଯାତ୍ରା ସରଳ ହେଇଥାଏ ଏଥିରେ ସନ୍ଦେହ କଅଣ ? ପୁଣି ତା ସହିତ ସେମାନେ ଅନ୍ତତଃ କିଛି ପରିମାଣରେ ଉଦାରଚେତା ହେଇଥିଲେ ଜୀବନ ସୁଖମୟ ହୁଏ ଏହା ମଧ୍ୟ ନିଶ୍ଚିତ । ଭୁବନେଶ୍ୱର ଶହିଦନଗରରେ ଆମ ଘରର ପୂର୍ବ ଏବଂ ପଶ୍ଚିମ ଦୁଇପଟେ ଦୁଇ ପଡ଼ିଶାଙ୍କ ମଧ୍ୟରୁ ପଶ୍ଚିମ ପଟ ପଡ଼ିଶା ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ମହାଶୟ ଠିକ୍ ସେଇଆ । ୧୯୮୧ ଡିସେମ୍ବର ୧ରେ ୮୮ ବର୍ଷ ବୟସରେ ମୋର ମାଆଙ୍କ ପରଲୋକ ହେଇଗଲା ସେତେବେଳେ ଏହି ଚିନ୍ତାମଣି ବାବୁ ହିଁ ମୋର ସେଇ ଶୋକବିମୂଢ଼ ଅବସ୍ଥାରେ ପ୍ରଥମ କରି ମୋର ମାଆଙ୍କର ସତ୍କାରର ବନ୍ଦୋବସ୍ତ ଲାଗି

Digitized by srujanika@gmail.com

ସାହାଯ୍ୟର ହାତ ବଢ଼ାଇ ଦେଲେ । ସେତେବେଳେ ସକାଳ । ଆଉ କିଛିକ୍ଷଣ ଭିତରେ ଅନ୍ୟ ପଡ଼ିଶା ଓ ପରିଚିତ ବନ୍ଧୁମାନେ ମଧ ଆସିଲେ । ତା ଭିତରେ ମନେପଡ଼େ ଆହୁରି ଅନେକଟା ପଶ୍ଚିମକୁ ୩୫୭ ପ୍ଲଟରୁ ଆସିଲେ ସ୍ୱର୍ଗ ଶ୍ରୀଯୁକ୍ତ ସୁରେନ୍ଦ୍ର ଦ୍ୱିବେଦୀ, ମୋର ସୁରିଆ ଭାଇ ଯେ କି ପ୍ରକୃତରେ ମୋତେ ତାଙ୍କ ସାନ ଭାଇ ପରି ଦେଖୁଥିଲେ । ମୋର ବଡ଼ ପୁଅ ସେତେବେଳେ ଜାହାଜରେ, ତାର ରେଡିଓ ଅଫିସାର କାମରେ । ମୋର ମଝିଆ ପୁଅ ରୂପୁ ତ ମୋର ମାଆଙ୍କର ଯାବତ୍ ସେବା କରିଥିଲା । ସାନ ପୁଅ ହୀରୁ ଜେଜେମାଆଙ୍କର ଖରାପ ଅବସ୍ଥା ବୋଲି ଟେଲିଗ୍ରାମ ପାଇଲା, ତାର କର୍ମସ୍ଥାନ ଦୁର୍ଗାପୁରରେ ଦୁଇ ଦିନ ପରେ । ସେତେବେଳେ ଆମର ଫୋନ ନଥିଲା । ତେଣୁ ସେ ସତ୍କାର ଦିନ ହିଁ ଦୁର୍ଗାପୁରରୁ ହଠାତ୍ ବସ୍ ଧରି ଆସି ପହଞ୍ଚିଲା । ସମସ୍ତେ ମିଳିତ ଭାବେ ସତ୍କାର କାର୍ଯ୍ୟ ସମାଧା କଲେ ।

ଦୁଃଖ କଥା, ଚିନ୍ତାମଣି ବାବୁଙ୍କ ଭଳି ଉପକାରୀ ପଡ଼ିଶାଙ୍କ ମୁଁ କ୍ଷତି କରି ଦେଲି ମୋ ଅଜାଣତରେ । ତାଙ୍କ ପଟେ ଆମ ଜମିର ଅନତି ଉଚ୍ଚ ପ୍ରାଚୀର ତୋଳିଲା ବେଳେ ଆମ ମିସ୍ତ୍ରୀର ଭୁଲରେ ପ୍ରାଚୀରଟା ତାଙ୍କ ଜମି ଆଡ଼କୁ ବଙ୍କେଇ ଯିବା ଫଳରେ ତାଙ୍କର ଖୁବ ଅଳ୍ପ ଟିକେ ଜମି ଲୋକସାନ ହେଇଗଲା । ଏଥିରେ ସ୍ୱଭାବତଃ ଚିନ୍ତାମଣି ବାବୁ ପ୍ରଥମେ ଦୁଃଖିତ ଓ ବିରକ୍ତ ହେଲେ ଏବଂ ପରେ ଭୁଲ ଲାଗି ମୁଁ କ୍ଷମା ମାଗିଲାରୁ କ୍ଷମା ଦେଲେ । ପାଠକ-ପାଠିକାଙ୍କ ପୁଣି ମନେ ଥିବ ମୁଁ ଓ ମୋର ସ୍ତ୍ରୀଙ୍କର ବୃଦ୍ଧ ବୟସରେ ୧୯୯୭ ମସିହା ୧୫ ଜାନୁଆରୀରେ ଆମ ବିବାହର ୫୦ବର୍ଷ ପୂରିଲାରୁ କନିଷ୍ଠମାନେ **Golden Wedding** କହି ନିକଟ ବନ୍ଧୁମାନଙ୍କୁ ନିମନ୍ତ୍ରଣ କଲାବେଳକୁ ଚିନ୍ତାମଣି ବାବୁ ସସ୍ତ୍ରୀକ ଆସି କୌତୁକଛଳେ ସେ କନ୍ୟାକର୍ତ୍ତା ଓ ତାଙ୍କ ସ୍ତ୍ରୀ ବରକର୍ତ୍ତା ହେଇ ଆମର ଆଉ ଥରେ ବିବାହ ଦେଇଥିଲେ !

ଏପରି ଜଣେ ପଡ଼ିଶା ଯଦି ଥାଆନ୍ତି ଯେ କି ତାଙ୍କ ସ୍ତ୍ରୀଙ୍କ କଠିନ ଓ ଦୁରାରୋଗ୍ୟ ରୋଗ ଲାଗି ଅଶେଷ କ୍ଳେଶ ସହିଛନ୍ତି, କିନ୍ତୁ ଏପରି ନିଶବ୍ଦରେ ଯେ ଆମେ ତାଙ୍କ ପଡ଼ିଶା ହେଇ ମଧ ତାଙ୍କର ଏ ଦୁରଦୃଷ୍ଟ କଥା ଜାଣି ପାରିନାହୁଁ, ତେବେ

Digitized by srujanika@gmail.com

ସେ ଆମରି ଘର ସାମନା ପଡ଼ିଶାଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ହୃଷିକେଶ ତ୍ରିପାଠୀ । ଦିଓଟି କନ୍ୟା ଓ ଗୋଟିଏ ପୁତ୍ରର ମାତା ତାଙ୍କ ସ୍ତ୍ରୀ ଅଜାଣତରେ କ୍ୟାନସାର ବା କର୍କଟ ରୋଗରେ ପୀଡ଼ିତ ହେଇ ପଡ଼ିଲେ - ଯେମିତି ସାଧାରଣତଃ ହୋଇଥାଏ ଏଇ ଅସାଧାରଣ ରୋଗ । ଏହାର ଚିକିତ୍ସା ପାଇଁ ଅବଶେଷରେ ହୃଷି ବାବୁଙ୍କୁ ବ୍ୟବସାୟ କର୍ମ ଭୁଲି ସ୍ତ୍ରୀଙ୍କୁ ଧରି ମୁମ୍ବାଇ (ସେତେବେଳେ ବମ୍ବେ) ଯିବାକୁ ପଡ଼ିଲା । କିଛିକାଳ ପରେ ଫେରି ଆସି ସେଇ ଚିକିତ୍ସା ବା କେମୋଥେରାପି କଟକରେ ହିଁ ଚଳାଇବାକୁ ପଡ଼ିଲା । ମାତ୍ର ଜଣାଶୁଣା କଥା- ଏହାର ଅସହ୍ୟ ଯନ୍ତ୍ରଣା ସହିବା ଶକ୍ତି ଖୁବ୍ କମ ଲୋକଙ୍କର ଥାଏ । ଅବଶେଷରେ ଏଇ କେମୋଥେରାପି ବନ୍ଦ କରିବାକୁ ପଡ଼ିଲା ଏବଂ କେତେଦିନ ପରେ ତାଙ୍କୁ ମୃତ୍ୟୁ ବରଣ କରିବାକୁ ପଡ଼ିଲା ।

ହୃଷି ବାବୁଙ୍କ ହସହସ ମୁହଁ ସେହିପରି ରହିଛି । ପଡ଼ିଶାଙ୍କ ପ୍ରୟୋଜନରେ ଅବିଚଳିତ ରହିଥାଏ ତାଙ୍କର ସାହାଯ୍ୟ ଓ ସହାୟତା । ତାଙ୍କୁ ଦେଖି ଅନୁପ୍ରାଣନା ମିଳେ ତାଙ୍କ ପଡ଼ିଶାଙ୍କୁ ।

॥ ଇତି ॥

ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର

୨୦ ମେ, ୨୦୦୯

Digitized by srujanika@gmail.com

୨୦୦୯
ଲେଖକ ପରିଚୟ

ଜ୍ୟୋତିରିନ୍ଦ୍ରମୋହନ ଜୋଆର୍ଦ୍ଦାର - ପିତା କିଶୋରୀମୋହନ, ମାତା ରମଳା । ଜନ୍ମ ତାରିଖ ୧୪ ଜୁନ, ୧୯୧୪ । ଜନ୍ମସ୍ଥାନ କଲିକତା ସହର, ବଙ୍ଗଦେଶ (ଅବିଭକ୍ତ) ।

ଶିକ୍ଷା : କଟକ ରେଭେନ୍‌ଶ କଲିଜିଏଟ ସ୍କୁଲରୁ ମାଟ୍ରିକୁଲେଶନ, ୧୯୨୯ ଓ ରେଭେନ୍‌ଶ କଲେଜରୁ I.Sc., ୧୯୩୨, ପଟନା ବିଶ୍ୱବିଦ୍ୟାଳୟ, କଲିକତା ସିଟି କଲେଜରୁ B.Sc., ୧୯୩୪, କଲିକତା ବିଶ୍ୱବିଦ୍ୟାଳୟ ।

ଅଭିଜ୍ଞତା : କଟକ ଟାଉନ ଭିକ୍ଟୋରିଆ ହାଇସ୍କୁଲରେ ଦୁଇ ମାସ ପଢ଼ାଇବା ପରେ ଓଡ଼ିଶାର ସଦ୍ୟ ପ୍ରତିଷ୍ଠିତ ସ୍ୱତନ୍ତ୍ର ସରକାରଙ୍କ ସଚିବାଳୟରେ (ସେତେବେଳେ କଟକରେ) ନିଯୁକ୍ତି ୧୯୩୬ । ସଡ଼କ ଓ ପରିବହନ ମନ୍ତ୍ରୀଙ୍କ ଏକାନ୍ତ ସଚିବ ପଦରୁ ଅବସର ଗ୍ରହଣ ୧୯୬୯ ।

ଅନୁବାଦ କାର୍ଯ୍ୟ : ସଚିବାଳୟରେ କର୍ମରତ ଥାଇ ମଧ୍ୟ ଏବଂ ଅବସର ଗ୍ରହଣ ପରେ ଓଡ଼ିଆରୁ ଇଂରାଜୀ, ଓଡ଼ିଆରୁ ବଙ୍ଗଳା, ଇଂରାଜୀରୁ ବଙ୍ଗଳା ଏବଂ ବଙ୍ଗଳାରୁ ଇଂରାଜୀ ଅନୁବାଦ । ତନ୍ମଧ୍ୟେ ବିଶେଷ ଉଲ୍ଲେଖଯୋଗ୍ୟ ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ' ଓ ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳ ଶୈଳ' ବଙ୍ଗାନୁବାଦ (ଯଥାକ୍ରମେ ୧୯୭୦ ଓ ୧୯୭୬); କନାନ ଡଏଲଙ୍କ ବିଜ୍ଞାନଭିତ୍ତିକ ଓ ଅଦ୍ଭୁତ ଆଡଭେଞ୍ଚରପୂର୍ଣ୍ଣ ଇଂରାଜୀ କ୍ଷୁଦ୍ର ଉପନ୍ୟାସ "Maracot Deep" (ମାରାକଟ ଡୀପ୍)ର ବଙ୍ଗଳା ଅନୁବାଦ (୧୯୭୬); ରାଜଶେଖର ବସୁ (ଛଦ୍ମନାମ 'ପରଶୁରାମ')ଙ୍କ ୨୨ ଗୋଟି ବଙ୍ଗଳା କ୍ଷୁଦ୍ରଗଳ୍ପର ଇଂରାଜୀ ଅନୁବାଦ Not All in Fun (୨୦୦୦) ଏବଂ ଓଡ଼ିଆ ଗଳ୍ପ ଓ ପ୍ରବନ୍ଧ ଲେଖକ ବାମାଚରଣ ମିତ୍ରଙ୍କ ଏକମାତ୍ର ଉପନ୍ୟାସ 'ଚନ୍ଦ୍ର ଓ ଚମ୍ପା'ର ବଙ୍ଗଳା ଅନୁବାଦ (୨୦୦୪) ।

Digitized by srujanika@gmail.com